# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ସେପ୍ଟେମ୍ବର ୨୨/୨୦୧୯ (୨୦ ପୃଷ୍ଠା+ ଛୁଟିଦିନ) Sambalpur, Sunday, September 22 / 2019 ★★

୧୫୪ଶ ଭାଗ ୨୭୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-


**ଆଜିର ସମ୍ପାଦକୀୟ**

## ଅଭିବୃଦ୍ଧିର କାରକ

**ଆଜିର ମନ୍ତବ୍ୟ**

" ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭାଜପା-ଶିବସେନା ମେଣ୍ଟକୁ ୨୫୦ ଆସନ ମିଳିବା

–ରାମଦାସ ଅଠାୱାଲେ, କେନ୍ଦ୍ରମନ୍ତ୍ରୀ

**ମନିଲଣ୍ଡରିଂ ମାମଲା**

# ସିମ୍ପାଞ୍ଜି ଜବତ କଲା ଇଡି

**ଦେଶରେ ପ୍ରଥମ**



ନୂଆଦିଲ୍ଲୀ,୨୧।୯(ପି.ଟି.)

ବନ୍ୟଜନ୍ତୁ ଚୋରା କାରବାର କରୁଥିବା ପଶ୍ଚିମବଙ୍ଗର ଜଣେ ବ୍ୟକ୍ତିଙ୍କ ଘର ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଅଧିକାରୀମାନେ ଚଢ଼ାଉ କରି ୩ଟି ସିମ୍ପାଞ୍ଜି ଓ ଏକ ନିର୍ଦ୍ଦିଷ୍ଟ ପ୍ରଜାତିର ୪ଟି ମାଙ୍କଡ଼ ଜବତ କରିଛି। କୌଣସି ତଦନ୍ତକାରୀ ସଂସ୍ଥା ଜୀବଜନ୍ତୁ ଜବତ କରିବା ଏହା ପ୍ରଥମ ଘଟଣା। ଏକ ଗୁରୁତର ମନିଲଣ୍ଡରିଂ ମାମଲାର ତଦନ୍ତ କରୁଥିବା ଇଡି ପିଏମ୍ଏଲ୍ଏ ଆଇନରେ ଉପରୋକ୍ତ ଜୀବଜନ୍ତୁଙ୍କୁ ଜବତ କରିଛି। ଚୋରାବେପାରୀ ସେମାନଙ୍କୁ ବାହାରକୁ ନେଇଯିବା ପାଇଁ ଉଦ୍ୟମ ଚଳାଇଥିଲା। ଜୀବଜନ୍ତୁଙ୍କୁ କୋଲକାତା ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି। ଜବତ ହୋଇଥିବା ୩ ସିମ୍ପାଞ୍ଜି ☞ପୃଷ୍ଠା–୪

# ଅକ୍ଟୋବର ୨୧ରେ ବିଜେପୁର ଭୋଟ

## ଉପନିର୍ବାଚନ ପାଇଁ ବାଜିଲା ବିଗୁଲ

- ବରଗଡ଼ ଜିଲାରେ ଆଚରଣବିଧି ଲାଗୁ
- ମତଦାନ କରିବେ ୨ ଲକ୍ଷ ୩୨ ହଜାର ଭୋଟର
- ୨୮୫ ବୁଥ୍ ପାଇଁ ୧୪୦୦ କର୍ମଚାରୀ
- ୨୪ରେ ଗଣତି

ଭୁବନେଶ୍ୱର,୨୧।୯(ବ୍ୟୁରୋ)

ବିଜେପୁରବାସୀଙ୍କ ପ୍ରତୀକ୍ଷାର ଅନ୍ତ ଘଟିଛି। ଠିକ୍ ମାସକ ପରେ ଏହି ବିଧାନସଭା ଆସନରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଅକ୍ଟୋବର ୨୧ରେ ଭୋଟ ଗ୍ରହଣ ଓ ୨୪ରେ ଭୋଟ ଗଣତି କରାଯିବ। ନିର୍ବାଚନ କମିଶନ(ଇସି)ଙ୍କ ପକ୍ଷରୁ ଏନେଇ ଶନିବାର ଘୋଷଣା କରାଯାଇଛି। ଏଥିସହ ବରଗଡ ଜିଲାର ବହୁଚର୍ଚ୍ଚିତ ନିର୍ବାଚନମଣ୍ଡଳୀ ବିଜେପୁର ଉପନିର୍ବାଚନ ପାଇଁ ବିଧିବଦ୍ଧଭାବେ ବିଗୁଲ ବାଜିଛି।

ଗତ ବିଧାନସଭା ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେପୁର ଓ ତାଙ୍କ ପାରମ୍ପରିକ ହିଞ୍ଜିଳି ଆସନରୁ ବିଜୟୀ ହୋଇଥିଲେ। ନିୟମାନୁଯାୟୀ ସେ ଗୋଟିଏ ହିଞ୍ଜିଳି ଆସନକୁ ରଖି ବିଜେପୁର ବିଧାୟକ ପଦରୁ ଇସ୍ତଫା ଦେଇଥିଲେ। ମୁଖ୍ୟ ନିର୍ବାଚନ କମିଶନର(ସିଇସି) ସୁନୀଲ ଆରୋରା ଶନିବାର ଭାଜପା ଶାସିତ ମହାରାଷ୍ଟ୍ର ଓ ହରିୟାଣା ବିଧାନସଭା ପାଇଁ ତାରିଖ ଘୋଷଣା କରିଛନ୍ତି। ଏହା ସହ ୧୮ ରାଜ୍ୟର ୬୪ ଆସନରେ ଉପନିର୍ବାଚନ ଲାଗି ମଧ୍ୟ ତାରିଖ ଘୋଷଣା କରାଯାଇଛି। ଏହା ମଧ୍ୟରେ ରହିଛି ବିଜେପୁର ଉପନିର୍ବାଚନ। ସିଇସିଙ୍କ ଘୋଷଣା ପରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁରେନ୍ଦ୍ର କୁମାର ବିଜେପୁର ଉପନିର୍ବାଚନ ପରିଚାଳନା ନେଇ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା କହିଛନ୍ତି। ସୁରେନ୍ଦ୍ର କହିଛନ୍ତି ଯେ, ଚଳିତ ମାସ ୨୩ (ସୋମବାର) ଉପନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ସେହିପରି ଆସନ୍ତା ୩୦ (ସୋମବାର)ରେ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ଅକ୍ଟୋବର ୧ (ମଙ୍ଗଳବାର) ନାମାଙ୍କନ ପତ୍ର ଯାଞ୍ଚ କରାଯିବ। ସେହିଭଳି ଅକ୍ଟୋବର ୩ (ଗୁରୁବାର) ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ତାରିଖ ରଖାଯାଇଛି। ଅକ୍ଟୋବର ୨୧ (ସୋମବାର) ଭୋଟ ଗ୍ରହଣ କରାଯିବ। ଅକ୍ଟୋବର ୨୪ (ଗୁରୁବାର) ଭୋଟ ଗଣତି ହେବ। ସେହିମାସ ୨୭(ରବିବାର)ରେ ଏହି ଉପନିର୍ବାଚନ ପ୍ରକ୍ରିୟା ସମାପ୍ତ ହେବ ବୋଲି ସୁରେନ୍ଦ୍ର କହିଛନ୍ତି। ଏହି ପ୍ରକ୍ରିୟାରେ ପ୍ରାୟ ୧୪୦୦ ଅଧିକାରୀ ନିର୍ବାଚନ ପରିଚାଳନା କରିବେ।

ଇସିଙ୍କ ନିର୍ବାଚନ ତାରିଖ ଘୋଷଣା ସହ ବିଜେପୁର ସମେତ ସମଗ୍ର ବରଗଡ ଜିଲାରେ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଛି। ଏହି ଉପନିର୍ବାଚନରେ ୨୮୫ ବୁଥ୍‌ରେ ୨ ଲକ୍ଷ ୩୨ ହଜାର ୫ ଜଣ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ଭୋଟରଙ୍କ ମଧ୍ୟରେ ୧,୧୯,୯୧୬ ପୁରୁଷ, ୧,୧୨,୦୭୪ ମହିଳା ଏବଂ ୧୫ ଜଣ ତୃତୀୟ ଲିଙ୍ଗ ଭୋଟର ମତଦାନ କରିବେ ବୋଲି ସିଇଓ ସୂଚନା ଦେଇଥିଲେ। ଉଲ୍ଲେଖଯୋଗ୍ୟ, କଂଗ୍ରେସ ଟିକେଟ୍‌ରେ ବିଜେପୁରରୁ ଲଗାତର ୩ ଥର(୨୦୦୪,୨୦୦୯,୨୦୧୪) ବିଜୟୀ ହୋଇଥିବା ସୁବଳ ସାହୁଙ୍କ ୨୦୧୭ରେ ପରଲୋକ ହୋଇଥିଲା। ଏହା ପରେ ସେହି ଆସନଟି ଖାଲି ହୋଇଥିବାରୁ ୨୦୧୮ରେ ମଧ୍ୟ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ବିଜେଡି ସେହି ନିର୍ବାଚନରେ ୨୦୧୪ରେ ପରାସ୍ତ ହୋଇଥିବା ପ୍ରସନ୍ନ ଆଚାର୍ଯ୍ୟ କିମ୍ବା ଅନ୍ୟ କାହାରିକୁ ପ୍ରାର୍ଥୀ କରି ନ ଥିଲା। ସ୍ୱର୍ଗତ ସୁବଳ ସାହୁଙ୍କ ପତ୍ନୀ ରୀତା ସାହୁ ଏବଂ ସମର୍ଥକ ବିଜେଡିରେ ଯୋଗଦାନ କରିଥିଲେ। ରୀତା ବିଜେଡି ପକ୍ଷରୁ ପ୍ରାର୍ଥୀ ହୋଇଥିବା ବେଳେ ଭାଜପା ପୂର୍ବତନ ବିଜେଡି ବିଧାୟକ ଅଶୋକ ପାଣିଗ୍ରାହୀଙ୍କୁ(୨୦୦୦) ପ୍ରାର୍ଥୀ କରିଥିଲା। ହେଲେ କଂଗ୍ରେସ ଗାଇସିଲଟ୍ ବ୍ଲକ ଅଧ୍ୟକ୍ଷ ପ୍ରଣୟ ସାହୁଙ୍କୁ ପ୍ରାର୍ଥୀ କରିଥିଲା। ହେଲେ ନିର୍ବାଚନରେ ☞ପୃଷ୍ଠା–୪










# ମା' ଲଙ୍କେଶ୍ୱରୀଙ୍କ ବଡ଼ ପର୍ବ ଖଣ୍ଡାବସା



**ଶିରତକାଳୀନ କାଶତଣ୍ଡୀ ଫୁଲର ସମ୍ଭାର ପାର୍ବଣ ଋତୁର ଆଗମନ ସୂଚନା ଦେଲାଣି। ମହିଷମର୍ଦ୍ଦିନୀ ମା' ଦୁର୍ଗାଙ୍କ ପୂଜା ଅବ୍ୟବହିତ ପୂର୍ବରୁ କଳାହାଣ୍ଡି ଜିଲା ଜୁନାଗଡ ସହରରେ କେଉଁ ଆବହନ କାଳରୁ ପାଳିତ ହୋଇଆସୁଅଛି ମା' ଲଙ୍କେଶ୍ୱରୀଙ୍କ ପ୍ରସିଦ୍ଧ ଖଣ୍ଡାବସା ପର୍ବ। କଳାହାଣ୍ଡି ଜିଲାର ପୁରାତନ ରାଜଧାନୀ ଭାବେ ଜୁନାଗଡ ସହର ପରିଚିତ। ଜିଲାର ମନ୍ଦିର ମାଳିନୀ ସହର ଭାବେ ମଧ ଜୁନାଗଡ ସହରର ଖ୍ୟାତି ରହିଛି। ଛଅକୋଡି ବନ୍ଧ ଓ ନଅକୋଡି ତୋଟା ପରିବେଷ୍ଟିତ ଏହି ଐତିହାସିକ ସହରର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' ଲଙ୍କେଶ୍ୱରୀ। ମା'ଙ୍କ ବାରମାସରେ ତେରପର୍ବ ପାଳିତ ହୁଏ। ସେମଧରୁ ଖଣ୍ଡାବସା ପର୍ବ ପ୍ରସିଦ୍ଧି ହାସଲ କରିଛି।**

ରିପୋର୍ଟ -ଉତ୍ତମ କୁମାର ଦାଶ

## ଖଣ୍ଡାବସାର ନାମକରଣ

ଜୁନାଗଡ ସହର ବଙ୍ଗଳାଛକ ନିକଟରେ ଦୀର୍ଘ ଦଶନ୍ଧି ଧରି କୂଳଦେବୀ ଭାବେ ମା' ଲଙ୍କେଶ୍ୱରୀ ପୂଜିତା ହୋଇ ଆସୁଛନ୍ତି। ପୂର୍ବକାଳରେ ନାଗବଂଶୀୟ ରାଜାମାନେ ପ୍ରତିବର୍ଷ ମା' ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ପର୍ବକୁ ମହାସମାରୋହରେ ପାଳନ କରିଆସୁଥିଲେ ବୋଲି କୁହାଯାଏ। ସେବେଠାରୁ ଏହି ପରମ୍ପରା ନିରବଚ୍ଛିନ୍ନ ଭାବେ ଉତ୍ସାହ ଉଦ୍ଦୀପନା ସହ ଚାଲି ଆସୁଛି। ଅଭୟ ବରଦା, ଚତୁର୍ଭୁଜା, ପଦ୍ମାସୀନା, ମା' ଲଙ୍କେଶ୍ୱରୀ ଶକ୍ତିପୀଠାଧୀଶ୍ୱରୀ ଭାବେ ପୂଜା ପାଇଆସୁଛନ୍ତି। ଆଶ୍ୱିନ ମୂଳାଷ୍ଟମୀ ଦିନ ଦେବୀଙ୍କ ଖଣ୍ଡା ବସା ପର୍ବ ଅନୁଷ୍ଠିତ ହୁଏ। କେଉଁ ଆବହମାନ କାଳରୁ ଆମ ଦେଶରେ ଶକ୍ତି ଉପାସନାର ପରମ୍ପରା ପ୍ରଚଳିତ ହୋଇ ଆସୁଛି। ସେଥିପାଇଁ ଶାସ୍ତ୍ର ଓ ପୁରାଣରେ ଅନେକ ବିଧିବିଧାନ ମଧ ରହିଛି। ଦେବୀଙ୍କ ପୂଜା ପୂର୍ବରୁ ତାଙ୍କ ଅସ୍ତ୍ରଶସ୍ତ୍ର ପୂଜା କରିବା ମଧ ଶାସ୍ତ୍ରୀୟ ନିୟମ ରହିଛି। ଦେବୀଙ୍କ ଖଡ୍ଗ ବା ଖଣ୍ଡା ହେଉଛି ଶକ୍ତି ଓ ଶୌର୍ଯ୍ୟର ପ୍ରତୀକ। ସେଥିପାଇଁ କେଉଁ ଆବାହମାନ କାଳରୁ ରାଜାମାନେ ଦେବୀ ଉପାସନା କରିବା ସହିତ ଶକ୍ତି ଓ ଶୌର୍ଯ୍ୟର ପ୍ରତୀକ ରୂପେ ଖଣ୍ଡାକୁ ପୂଜା କରିଆସୁଛନ୍ତି। ଏହି ପର୍ବ ପୂର୍ବରୁ ଖଣ୍ଡାକୁ ବାହାର କରି ମାର୍ଜନା କରାଯାଏ ଓ ଶୁଦ୍ଧପୂତ କରି ଅକ୍ଷତ ଅରୁଆ ଚାଉଳ ଉପରେ ଥୋଇ ପୂଜାର୍ଚ୍ଚନା କରାଯାଏ। ଏହା ପରେ ଏହାକୁ ମା'ଙ୍କ ସିଂହାସନ ପାଖରେ ରଖାଯାଇଥାଏ।

## ଉତ୍ସବର ପୁରୋଧା

କଳାହାଣ୍ଡି ମହାରାଜା ହେଉଛନ୍ତି ଏହି ପର୍ବର ମୁଖ୍ୟ ପୁରୋଧା। ପର୍ବଦିନ ସେ ଭବାନୀପାଟଣା ରାଜବାଟୀରୁ ଜୁନାଗଡ ଆସି ଡାକବଙ୍ଗଳାରେ ସପରିବାର ଉପସ୍ଥିତ ରହନ୍ତି। ତାଙ୍କ ଆଗମନରେ ସ୍ୱାଗତ ପାଇଁ ବାଜି ଉଠେ ବୀରବାଦ୍ୟ ଘୁମୁରା। ଲୋକେ ତାଙ୍କୁ ବାଜା ରୋଷଣିରେ ପାଛୋଟି ଆଣନ୍ତି ଡାକବଙ୍ଗଳାକୁ। ପୂର୍ବରୁ କଳାହାଣ୍ଡି ମହାରାଜା ଜୁନାଗଡକୁ ଆସିଲେ ଏହି ପୁରାତନ ଡାକବଙ୍ଗଳାରେ ଅବସ୍ଥାନ କରୁଥିଲେ। ସେହି ପରମ୍ପରା ଅନୁସାରେ ଉତ୍ସବ ଦିନ ରାଜ ପରିବାର ଡାକବଙ୍ଗଳାରେ ରହିଥାନ୍ତି। ଲଙ୍କେଶ୍ୱରୀ ମନ୍ଦିର ନିକଟ ବୁଢାରଜା ମନ୍ଦିରରୁ ସଙ୍ଗୁଆରୀ ଖଣ୍ଡା ଓ ଲଙ୍କେଶ୍ୱରୀ ମନ୍ଦିରରୁ ପାଟଖଣ୍ଡା ଡାକବଙ୍ଗଳା ପରିସରରେ ନିର୍ମିତ ହୋଇଥିବା ଅସ୍ଥାୟୀ କୁଡିଆକୁ ପୂଜକ ଆଣିବେ। ପରେ ସ୍ୱର୍ଣ୍ଣକାର ଦୁଇଟି ଖଣ୍ଡାକୁ ମାର୍ଜନା କରିବେ। ମାର୍ଜନା ପରେ ବିବିଧ ବାଦ୍ୟ ବାଦିତ ହୋଇ ଏକ ଶୋଭାଯାତ୍ରାରେ ପୂଜାରୀ ଖଣ୍ଡାକୁ ମନ୍ଦିରରେ ପ୍ରବେଶ କରାଇବା ପରେ ମହାରାଜା ମନ୍ଦିରକୁ ଆସନ୍ତି। ସେଠାରେ ଦେବୀଙ୍କ ଖଣ୍ଡାବସା ପୂଜା ନିମିତ୍ତ ଷୋଡଶ କଳସ ସ୍ଥାପନ ପୂର୍ବକ ପଣ୍ଡିତମାନଙ୍କୁ ଯଥା ଯୋଗ୍ୟ ବରଣ କରି ପାଟଖଣ୍ଡାକୁ ଦେବୀଙ୍କ ପାର୍ଶ୍ୱରେ ଥିବା ଚାଉଳ ଉପରେ ଉପବେସନ କରାନ୍ତି। ପରେ ରୀତିନୀତି ଅନୁଯାୟୀ ପୂଜା ଆରମ୍ଭ ହୁଏ। ବାମ ଓ ଦକ୍ଷିଣ ପାର୍ଶ୍ୱରେ ସ୍ଥାପନ ପୂର୍ବକ ଶକ୍ତିପୂଜା ଓ ତନ୍ତ୍ରପୂଜା ମାଧ୍ୟମରେ ପୂଜା ପାଠ କରନ୍ତି। ପରେ ଅଖଣ୍ଡ ଓ ମହାଯୋଗ ନାମକ ଦୁଇଟି ଦୀପକୁ ପ୍ରଜ୍ୱଳନ କରନ୍ତି। ଲୋହିତ ପାଟବସ୍ତ୍ର ସୁଶୋଭିତା, ମନ୍ଦାରମାଳା ବିମଣ୍ଡିତା ଦେବୀଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରନ୍ତି। ଧୂପଦୀପ, ନୈବେଦ୍ୟ ଅର୍ପଣ ପରେ ଲଙ୍କେଶ୍ୱରୀଙ୍କ ପୂଜକ ପାଟଗଡରା ନାମକ ପଶୁ (ମେଷ) ଓ ମହାପଶୁ (ପୋଢ) ମା'ଙ୍କ ଉଦ୍ଦେଶ୍ୟରେ ବଳି ଦିଏ। ଏହାପରେ ଜନସାଧାରଣ ଆଳତି ଦର୍ଶନ କରନ୍ତି, ପୂଜା ସମାପନ ହୁଏ। ଖଣ୍ଡାବସା ସାରି ମହାରାଜା ଲଙ୍କେଶ୍ୱରୀଙ୍କ ପାର୍ଶ୍ୱଦେବତା ଶ୍ରୀ ଶ୍ରୀ ବୁଢାରଜା ଲିଙ୍ଗକୁ ପୂଜାର୍ଚ୍ଚନା ପାଇଁ ବୁଢାରଜାଙ୍କ ମନ୍ଦିରକୁ ବିଜେ କରନ୍ତି। ବୁଢା ରଜାଙ୍କ ପୂଜା ମୂଳାଷ୍ଟମୀରୁ ମହାଷ୍ଟମୀ ପର୍ଯ୍ୟନ୍ତ ହୁଏ। ଏଥିପାଇଁ ପୂଜକ, ପୂଜାରୀ, ସୁଆର, ବୋଉଦ, ଫୁଲବାଲା, ବାଜାବାଲା, ଘଣ୍ଟୁଆ, ଶଙ୍ଖୁଆ ବଂଶାନୁକ୍ରମେ ଦେବୀଙ୍କ ସେବା କରିଆସୁଛନ୍ତି।

## ଉତ୍ସବର ମାହୋଲ

ଖଣ୍ଡାବସା ରାତିରେ ହସିଉଠେ ଜୁନାଗଡ ସହର। ଜିଲାର ବିଭିନ୍ନ ଅଞ୍ଚଳ ସମେତ ଜିଲା ବାହାରୁ ଏପରିକି ରାଜ୍ୟ ବାହାରରୁ ବହୁ ଦର୍ଶକ, ଶ୍ରଦ୍ଧାଳୁ ଏହି ପର୍ବ ଦେଖିବାକୁ ଆସିଥାନ୍ତି। ଅତୀତରେ ପଡୋଶୀ ରାଜ୍ୟ ଛତିଶଗଡ ଲୋକଙ୍କ ମଧ ଏହା ପ୍ରିୟ ଉତ୍ସବ ଥିଲା। ପାର୍ବଣ ସମୟରେ ସେଠାରୁ ଅନେକ ବ୍ୟବସାୟୀ ଏଠାକୁ ଆସନ୍ତି। ଲୋକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ନୃତ୍ୟଗୀତ ପ୍ରତିଯୋଗିତା, ଘୁମୁରା ପ୍ରତିଯୋଗିତା, ଘୋଡାନାଚ, ଫୁଟବଲ ପ୍ରତିଯୋଗିତା, ନାଟକ, କୀର୍ତ୍ତନ ପରିବେଷଣ ହୋଇଥାଏ। ରବିବାର ମା'ଙ୍କ ଖଣ୍ଡାବସା ପର୍ବ ପାଳନ ହେଉଥିବାରୁ ଜୁନାଗଡ ସହର ଚଳଚଞ୍ଚଳ ହୋଇଉଠିଛି।



## ଖଣ୍ଡାବସା କବିତା



◈କିରଣମୟ ସେନାପତି

ବର୍ଷକୁ ଥରେ ହୁଏ ଜୁନାଗଡରେ
ଏ ଖଣ୍ଡାବସା ଯାତରା
ମା' ଲଙ୍କେଶ୍ୱରୀଙ୍କ ପୂଜାର୍ଚ୍ଚନା ହୁଏ
ନିଆରା ଏ ପରମ୍ପରା
ପୁରପଲ୍ଲୀ ଆଉ ସହର ମଧ୍ୟରୁ
ଭକତ ଆସନ୍ତି ଧାଇଁ
ପୋଢ ବଳି ମଧ ଦିଆଯାଏ ଏଠି
ଅଧିଷ୍ଠାତ୍ରୀ ଦେବୀ ପାଇଁ
ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ
ପୁରେ ଯେ ସାରା ସହର
ଜାକ ଜକମରେ ଦେବୀଙ୍କ ମନ୍ଦିର
ହୁଏ ଯେ ସ୍ମୃତି ମଧୁର
କଳାହାଣ୍ଡି ଜିଲାର ଐତିହ୍ୟ ଦୁର୍ଗ
ଏଇ ଜୁନାଗଡ ମାଟି
କଳା,ସଂସ୍କୃତିରେ ଉଦ୍ଭାସିତ ହୋଇ
ଉଚ୍ଚ କରେ ତା ନାଆଟି ।

ଯୁବ କବି, ଜୁନାଗଡ, କଳାହାଣ୍ଡି



ଖଣ୍ଡାବସା ଅଭିନନ୍ଦନ
ମାଁ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡି ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ହୃଦୟର ସହ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ଡବଲ କିଶୋର ନିଆଲ
ଯୋଗାଣ ସହାୟକ, ଦାସିଗାଁ ପଞ୍ଚାୟତ, ଜୁନାଗଡ଼ ବ୍ଲକ


ଖଣ୍ଡାବସା ଅଭିନନ୍ଦନ
ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡିବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ସମସ୍ତଙ୍କ ଚଲାପଥ କୁସୁମିତ ହେଉ ଏହା ହିଁ ମାଁ ଲଙ୍କେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା।
ବିଶ୍ୱନାଥ କର
ବରିଷ୍ଠ ଆଇନଜୀବୀ ତଥା ସାମାଜିକ କର୍ମୀ, ଜୁନାଗଡ଼


ଖଣ୍ଡାବସା ଅଭିନନ୍ଦନ
ମାଁ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡିବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।
ପ୍ରଶାନ୍ତ କୁମାର ପାଲୋ
ରେଞ୍ଜର, ଥୁଆମୁଲରାମପୁର, କଳାହାଣ୍ଡି


ଖଣ୍ଡାବସା ଅଭିନନ୍ଦନ
ପବିତ୍ର ଖଣ୍ଡାବସା ଅବସରରେ ଜୁନାଗଡ଼ ଉଦ୍ୟାନ ବିଭାଗ ପକ୍ଷରୁ ଜୁନାଗଡ଼ ବ୍ଲକବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ତନ୍ମୟ କୁମାର ମିଶ୍ର
ସହକାରୀ ଉଦ୍ୟାନ ଅଧିକାରୀ, ଜୁନାଗଡ଼


ଖଣ୍ଡାବସା ଅଭିନନ୍ଦନ
ଜୁନାଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡି ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।
ଲକ୍ଷ୍ମଣ କୁମାର ଶବର
ରେଞ୍ଜର, ଜୁନାଗଡ଼, କଳାହାଣ୍ଡି


ଖଣ୍ଡାବସା ଅଭିନନ୍ଦନ
ଜୁନାଗଡ଼ ଅଧିଷ୍ଠାତ୍ରୀ ଦେବୀ ମାଁ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡିବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି। ଏହି ଖଣ୍ଡାବସା ଆପଣ ସମସ୍ତଙ୍କ ପାଇଁ ସୁଖ, ସମୃଦ୍ଧି ଆଣିଦେଉ ଏହା ହିଁ ମାଁ ଲଙ୍କେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା।
ନିର୍ମଳା ସିଂହ
ସରପଞ୍ଚ, କାଲୋପଲା ପଞ୍ଚାୟତ, ଜୁନାଗଡ଼ ବ୍ଲକ


ଖଣ୍ଡାବସା ଅଭିନନ୍ଦନ
ମାଁ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡିର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି।
ଭବସିନ୍ଧୁ ମଙ୍ଗରାଜ
ଭାଜପା ଜିଲ୍ଲାପରିଷଦ ଉପାଧକ୍ଷ, କଳାହାଣ୍ଡି


ଖଣ୍ଡାବସା ଅଭିନନ୍ଦନ
ଜୁନାଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡିବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ଶର୍ମିଷ୍ଠା ମେହେର
ଭାଜପା ଜିଲ୍ଲା ପରିଷଦ ସଭ୍ୟା, ଚାରବାହାଲ ଜୋନ, ଜୁନାଗଡ଼ ବ୍ଲକ


ଖଣ୍ଡାବସା ଅଭିନନ୍ଦନ
ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡିବାସୀଙ୍କୁ ହୃଦୟର ସହ ଅଭିନନ୍ଦନ ଜଣାଉଛି। ଏହି ଖଣ୍ଡାବସା ଆପଣ ସମସ୍ତଙ୍କ ପାଇଁ ସୁଖ, ସମୃଦ୍ଧି ଆଣିଦେଉ ଏହା ହିଁ ମା' ଲଙ୍କେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା।
ସୁଧୀରା ମେହେର
ସରପଞ୍ଚ, ଚିଟୈଗୁଡା, ଜୁନାଗଡ ବ୍ଲକ

See Career Appointment on every
Wednesday & Saturday


ଖଣ୍ଡାବସା ଅଭିନନ୍ଦନ
ଜୁନାଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଓ ଦଶହରା ଅବସରରେ କଳାହାଣ୍ଡିର ସମସ୍ତ ଜନସାଧାରଣଙ୍କୁ ହୃଦୟର ସହ ଅଭିନନ୍ଦନ ଜଣାଉଛି। ମାଁ ଲଙ୍କେଶ୍ୱରୀଙ୍କ ଠାରେ ସମସ୍ତଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି।
ମନୀଷା ସାହୁ
ସଭାନେତ୍ରୀ, ଜୁନାଗଡ଼ ବ୍ଲକ ବିଜୁ ମହିଳା ଜନତା ଦଳ


ଖଣ୍ଡାବସା ଅଭିନନ୍ଦନ
ପବିତ୍ର ଖଣ୍ଡାବସା ଅବସରରେ କଳାହାଣ୍ଡି ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ଜିତେନ୍ଦ୍ର କୁମାର ଯୋଷୀ
ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଛୋରିଆଗଡ଼ ପଞ୍ଚାୟତ, ଜୁନାଗଡ଼ ବ୍ଲକ



ଖଣ୍ଡାବସା ଅଭିନନ୍ଦନ
ପବିତ୍ର ଖଣ୍ଡାବସା ଉପଲକ୍ଷେ ବଳଦିଆମାଲ ପଞ୍ଚାୟତ ପକ୍ଷରୁ କଳାହାଣ୍ଡିବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛୁ।
ଅର୍ଚ୍ଚନା ମେହେର — ସରପଞ୍ଚ
ଶିବପ୍ରସାଦ ସାହୁ — ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ


ଖଣ୍ଡାବସା ଅଭିନନ୍ଦନ
ଜୁନାଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ ଜୁନାଗଡ଼ ବ୍ଲକର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ବିକାଶ ରଞ୍ଜନ ସରାଫ
ନକଟିଗୁଡ଼ା ସମିତିସଭ୍ୟ


ଖଣ୍ଡାବସା ଅଭିନନ୍ଦନ
ଜୁନାଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଅବସରରେ କଳାହାଣ୍ଡି ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ସୁଶିଳା ଦଳପତି
ଚାରବାହାଲ ପଞ୍ଚାୟତ, ଜୁନାଗଡ଼ ବ୍ଲକ


ଖଣ୍ଡାବସା ଅଭିନନ୍ଦନ
ଜୁନାଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡିବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି।
ଆରତୀ ମାଝୀ
ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ନକଟିଗୁଡ଼ା ପଞ୍ଚାୟତ, ଜୁନାଗଡ଼ ବ୍ଲକ


ଖଣ୍ଡାବସା ଅଭିନନ୍ଦନ
ମାଁ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଅବସରରେ କଳାହାଣ୍ଡି ଜିଲ୍ଲାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ବାନାମ୍ବର ଦାଶ
ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, କଲେଇଗାଁ ପଞ୍ଚାୟତ, ଜୁନାଗଡ଼ ବ୍ଲକ

ଖଣ୍ଡାବସା ଅଭିନନ୍ଦନ
ପବିତ୍ର ଖଣ୍ଡାବସା ଅବସରରେ ଛୋରିଆଗଡ଼ ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଜୁନାଗଡ଼ ବ୍ଲକବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛୁ। ଆପଣଙ୍କ ସେବାରେ କୃଷି ଓ ଅଣକୃଷି, ଋଣ ସୁଲଭ ମୂଲ୍ୟରେ ସାର ଓ ବିହନ ବିକ୍ରୟ ତଥା ଚାଷୀଙ୍କ ଠାରୁ ସରକାରୀ ମୂଲ୍ୟରେ ଧାନ କ୍ରୟ କରାଯାଏ।
କନ୍ଦର୍ପ ମହାଲିକ — ସଭାପତି
ସୁଶାନ୍ତ କୁମାର ପଣ୍ଡା — ଭାରପ୍ରାପ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ

ମାଁ ଲଙ୍କେଶ୍ୱରୀଙ୍କ ପବିତ୍ର **ଖଣ୍ଡାବସା** ଉପଲକ୍ଷେ କଳାହାଣ୍ଡି ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛୁ।
କୁଞ୍ଜବିହାରୀ ପ୍ରଧାନ — ସରପଞ୍ଚ
କିରଣ ଚନ୍ଦ୍ର ସାହୁ — ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ
ତଳଜାରିଙ୍ଗ ପଞ୍ଚାୟତ, ଜୁନାଗଡ଼ ବ୍ଲକ୍

ଖଣ୍ଡାବସା ଅଭିନନ୍ଦନ
ପବିତ୍ର ଖଣ୍ଡାବସା ଅବସରରେ ଚିଟୈଗୁଡ଼ା ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଜୁନାଗଡ଼ ବ୍ଲକବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛୁ। ଆପଣଙ୍କ ସେବାରେ କୃଷି ଓ ଅଣକୃଷି, ଋଣ ସୁଲଭ ମୂଲ୍ୟରେ ସାର ଓ ବିହନ ବିକ୍ରୟ ତଥା ଚାଷୀଙ୍କ ଠାରୁ ସରକାରୀ ମୂଲ୍ୟରେ ଧାନ କ୍ରୟ କରାଯାଏ।
ମନୋଜ କୁମାର ମେହେର — ସଭାପତି
ଶ୍ରୀକାନ୍ତ ମେହେର — ମୁଖ୍ୟ କାର୍ଯ୍ୟନିର୍ବାହୀ


ଖଣ୍ଡାବସା ଅଭିନନ୍ଦନ
ମାଁ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ ଜୁନାଗଡ଼ ବ୍ଲକର ସମସ୍ତ ବର୍ଗର ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ସରୋଜ କୁମାର ପଣ୍ଡା
ଜୁନାଗଡ଼ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ, ହରିପୁର ରୋଡ଼, କଟକ


ଖଣ୍ଡାବସା ଅଭିନନ୍ଦନ
ମାଁ' ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଓ ଦଶହରା ଉପଲକ୍ଷେ କଳାହାଣ୍ଡିବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ସମସ୍ତଙ୍କ ଚଲାପଥ କୁସୁମିତ ହେଉ ଏହା ହିଁ ମାଁ ଲଙ୍କେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା ।
କଲ୍ୟାଣୀ ନାଏକ
ସଭାନେତ୍ରୀ, ଜିଲ୍ଲା ବିଜୁ ମହିଳା ଜନତା ଦଳ, କଳାହାଣ୍ଡି



"ରୋଗ, ଶତ୍ରୁ ଓ ଋଣ, ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବା। ପାପ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବା।
- ଶ୍ରୀଚୈତନ୍ୟ

# ଇତିହାସ ରଚିବ ଗଗନୟାନ: ଶିବନ୍

## ୨୦୨୧ ଡିସେମ୍ବରରେ ପ୍ରଥମ ମାନବଚାଳିତ ମିଶନ

■ ୯୮% ସଫଳ ହୋଇଛି ଚନ୍ଦ୍ରୟାନ-୨: ଇସ୍ରୋ ଅଧ୍ୟକ୍ଷ

■ ଚନ୍ଦ୍ରପୃଷ୍ଠର ସୂକ୍ଷ୍ମ ଫଟୋ ଉଠାଇବ ଅର୍ବିଟର

**ଭୁବନେଶ୍ୱର, ୨୧।୯(ବ୍ୟୁରୋ)**

ବର୍ତ୍ତମାନ ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ)ର ସବୁଠାରୁ ବଡ଼ ପ୍ରକଳ୍ପ ରହିଛି 'ଗଗନୟାନ'। ଚନ୍ଦ୍ରୟାନ-୨ ପରେ ଏବେ 'ଗଗନୟାନ' ଉପରେ ଧ୍ୟାନକେନ୍ଦ୍ରିତ କରାଯାଉଛି। ମହାକାଶରେ ଇତିହାସ ରଚିବାକୁ ଯାଉଛି ଭାରତ। ଭାରତୀୟ ମହାକାଶଚାରୀ ମହାକାଶ ଯିବେ। ୨୦୨୦ ଡିସେମ୍ବରରେ ପ୍ରଥମ ଓ ୨୦୨୧ ଜୁଲାଇରେ ଦ୍ୱିତୀୟ ଅନ୍‌ମ୍ୟାନ୍‌ଡ (ମାନବବିହୀନ) ମିଶନ ଏବଂ ୨୦୨୧ ଡିସେମ୍ବରରେ ପ୍ରଥମ ମ୍ୟାନ୍‌ଡ (ମାନବଚାଳିତ) ମିଶନ କରି ଭାରତ ଇତିହାସ ରଚିବ ବୋଲି ଇସ୍ରୋର ଅଧ୍ୟକ୍ଷ ଡ. କେ. ଶିବନ୍ କହିଛନ୍ତି। ଏହାଛଡ଼ା ସୂର୍ଯ୍ୟ ଉପରେ ଗବେଷଣା କରିବା ପାଇଁ ଆଦିତ୍ୟ ଏଲ୍ ୱାନ ମିଶନ ପାଇଁ କାର୍ଯ୍ୟ ଆରମ୍ଭ ହୋଇଯାଇଛି ବୋଲି ଶିବନ କହିଛନ୍ତି। ଶିବନ ଶନିବାର ଆଇଆଇଟି ଭୁବନେଶ୍ୱରର ଅଷ୍ଟମ ସମାବର୍ତ୍ତନ ଉତ୍ସବରେ ଯୋଗଦେବାକୁ ଆସିଥିବା ବେଳେ ଉପରୋକ୍ତ ସୂଚନା ଦେଇଛନ୍ତି।



ଇସ୍ରୋ ଅଧ୍ୟକ୍ଷ ଡ. କେ. ଶିବନ୍

'ଚନ୍ଦ୍ରୟାନ-୨' ସମ୍ପର୍କରେ ଶିବନ୍ ପ୍ରତିକ୍ରିୟା ରଖିଥିଲେ। ଚନ୍ଦ୍ରୟାନ-୨ ମିଶନ ଫେଲ୍ ହୋଇନି। ଏହି ଅଭିଯାନ ୯୮ ପ୍ରତିଶତ ସଫଳ ହୋଇଛି। ଏହା ଭାରତୀୟ ମହାକାଶ ବିଜ୍ଞାନରେ ସଫଳତାର ନୂଆ ପୃଷ୍ଠା ଯୋଡ଼ିଛି ବୋଲି ଶିବନ କହିଛନ୍ତି। ଅର୍ବିଟରର ୮ଟି ପେଲୋଡ ଭଲ ଭାବେ କାମ କରୁଛି। ଏହାକୁ ବ୍ୟବହାର କରି ଚନ୍ଦ୍ର ଉପରେ ବୈଜ୍ଞାନିକ ଗବେଷଣା ଆରମ୍ଭ ହେଲାଣି। ଅର୍ବିଟରର ପେଲୋଡରେ ଏଭଳି କିଛି ଟେକ୍ନୋଲୋଜି ବ୍ୟବହାର କରାଯାଇଛି, ଯାହା ବିଶ୍ୱରେ ପ୍ରଥମ। ଏଥିରେ ଲାଗିଥିବା ହାଇ ରିଜୋଲ୍ୟୁଶନ୍ କ୍ୟାମେରା ଅତି ସୂକ୍ଷ୍ମ ଭାବରେ ଚନ୍ଦ୍ରପୃଷ୍ଠର ଫଟୋ ଉତ୍ତୋଳନ କରିବ। ଅର୍ବିଟର୍‌ରେ ରହିଥିବା ଡୁଆଲ ବ୍ୟାଣ୍ଡ ସିନ୍ଥେଟିକ୍ ଅପରେଟର ରାଡାର ଚନ୍ଦ୍ରପୃଷ୍ଠର ଦକ୍ଷିଣ ମେରୁରେ ଜଳ ଅଛି କି ନାହିଁ ସେ ବିଷୟରେ ସୂଚନା ଦେଇପାରିବ। ଏବେ ଅର୍ବିଟରରେ ଥିବା ସବୁ ସାଇଣ୍ଟିଫିକ୍ ପେଲୋଡ୍ କାର୍ଯ୍ୟକ୍ଷମ ହୋଇ କାର୍ଯ୍ୟ ଆରମ୍ଭ କଲାଣି। ଚନ୍ଦ୍ରୟାନ-୨ର ଅର୍ବିଟର ଯେଉଁଭଳି ଭାବରେ ଡିଜାଇନ କରାଯାଇଥିଲା, ତାହା ୧ ବର୍ଷ ପାଇଁ କାମ କରିବ କଥା। କିନ୍ତୁ ଇସ୍ରୋର ମିଶନ ମ୍ୟାନେଜମେଣ୍ଟ ଏପରି ରହିଛି, ଯଦ୍ୱାରା ତାହା ୭ ବର୍ଷରୁ ଅଧିକ କାମ କରିବ। ଚନ୍ଦ୍ରପୃଷ୍ଠରୁ ଅନେକ ଆବିଷ୍କାର ପାଇଁ ଏହା ରାସ୍ତା ଫିଟାଇବ। ତେବେ ବିକ୍ରମ ଲ୍ୟାଣ୍ଡର ସହ ଇସ୍ରୋର ସମସ୍ତ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ଇସ୍ରୋ ଅଧ୍ୟକ୍ଷ ସୂଚନା ଦେଇଛନ୍ତି।

## କଳାପଥର ସତ୍ୟବାଦୀ ହାଇସ୍କୁଲ ପ୍ରଧାନଶିକ୍ଷକ ନିଲମ୍ବିତ

**ଅମରପାଲି, ୨୧।୯ (ଡି.ଏନ.ଏ) :** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କଳାପଥରସ୍ଥିତ ସତ୍ୟବାଦୀ ସେକେଣ୍ଡାରୀ ସ୍କୁଲର ପ୍ରଧାନଶିକ୍ଷକ କମ୍ବୁଧର ଛୁରାଙ୍କୁ ନିଲମ୍ବନ କରାଯାଇଛି। ଓଡ଼ିଶା ମାଧମିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଅନୁଯାୟୀ ତାଙ୍କୁ ନିଲମ୍ବନ କରାଯାଇଛି। ସେ ବେଆଇନ ଭାବରେ ଘରଭଡ଼ା ଉଠାଇଥିବା ଯୋଗୁ ତାଙ୍କୁ ଦୋଷୀ କରାଯାଇଛି। ତାଙ୍କ ନିଲମ୍ବନ ପରେ ରାଧେଶ୍ୟାମ ପୁରୋହିତ ଦାୟିତ୍ୱ ନେବାକୁ ନିର୍ଦ୍ଦେଶ ଦିଆଯାଇଛି ।

■ ଫେଲ୍ ଏଟିଏମ୍-ଡିଜିଟାଲ ଟ୍ରାଞ୍ଜାକ୍‌ଶନ

# ବ୍ୟାଙ୍କ-ପେମେଣ୍ଟ ୱାଲେଟ କମ୍ପାନୀ ଗଣିବେ ଦୈନିକ ୧୦୦ ଟଙ୍କା

**ମୁମ୍ବାଇ,୨୧।୯**

ଅନ୍‌ଲାଇନରେ ଡିଜିଟାଲ ଟ୍ରାଞ୍ଜାକଶନ ବିଫଳ ହେଲେ ଏବଂ ଗୋଟିଏ ଦିନ ଭିତରେ ବିବାଦର ସମାଧାନ କରା ନ ଗଲେ ସମ୍ପୃକ୍ତ ବ୍ୟାଙ୍କ/ପେମେଣ୍ଟ ୱାଲେଟ କମ୍ପାନୀ ନିଜ ଗ୍ରାହକଙ୍କୁ ଦୈନିକ ୧୦୦ ଟଙ୍କା ଲେଖାଏ ଜରିମାନା ବାବଦରେ ଫେରାଇବେ। ନୂଆ ନିୟମ ୟୁନିଫାଏଡ ପେମେଣ୍ଟସ ଇଣ୍ଟରଫେସ୍(ୟୁପିଆଇ), ଇମିଡିଏଟ ପେମେଣ୍ଟ ସିଷ୍ଟମ(ଆଇଏମ୍‌ପିଏସ୍), ଇ-ୱାଲେଟ୍ସ, କାର୍ଡ ଟୁ କାର୍ଡ ପେମେଣ୍ଟ, ନ୍ୟାଶନାଲ ଅଟୋମେଟେଡ କ୍ଲିୟରାନ୍ସ ହାଉସ(ଏନ୍‌ଏସିଏଚ୍) ଉପରେ ଲାଗୁ ହେବ। ଆର୍‌ବିଆଇ ପକ୍ଷରୁ ସମସ୍ତ ବ୍ୟାଙ୍କ, ଅପରେଟର ଓ ଅଧିକୃତ ପେମେଣ୍ଟ ସିଷ୍ଟମ୍ସକୁ ସର୍କୁଲାର ଜାରି କରି କୁହାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଷ୍ଟେକ୍‌ହୋଲ୍ଡର୍ସଙ୍କ ସହ ଆଲୋଚନା କରାଯିବା ପରେ ବିଫଳ ଟ୍ରାଞ୍ଜାକ୍‌ଶନର ଟଙ୍କା ଆକାଉଣ୍ଟଧାରୀଙ୍କ ଖାତାରେ ନ ପହଞ୍ଚିବା ନେଇ ଏକ ନିର୍ଦ୍ଦିଷ୍ଟ ସମୟସୀମା ଓ ଜରିମାନା ଧାର୍ଯ୍ୟ କରାଯାଇଛି। ଏହି ପଦକ୍ଷେପ ଯୋଗୁ ଗ୍ରାହକଙ୍କର ବ୍ୟାଙ୍କ ଉପରେ ଭରସା ବଢ଼ିବ। ଏଥିସହିତ ବିଫଳ ନେଣଦେଣର ପ୍ରକ୍ରିୟାକୁ ଏକୀକରଣ କରାଯାଇପାରିବ। ତେବେ ବିଫଳ ନେଣଦେଣ କାହାକୁ କୁହାଯିବ, ତାହା ମଧ୍ୟ ଆର୍‌ବିଆଇ ସର୍କୁଲାରରେ ଦର୍ଶାଯାଇଛି। ଯୋଗାଯୋଗ ସଂଯୋଗ, ଏଟିଏମ୍‌ରେ ନଗଦ ଅଭାବ, ଟାଇମ୍ ଆଉଟ୍ ସେସନ୍ସ, ହିତାଧିକାରୀଙ୍କ ଆକାଉଣ୍ଟକୁ କ୍ରେଡିଟ ନ ଯିବା ଆଦିକୁ ବିଫଳତା ବୋଲି ଧରାଯିବ ବୋଲି ଏଥିରେ କୁହାଯାଇଛି।

ସେହିପରି ଡିଜିଟାଲ ନେଣଦେଣ ବ୍ୟତୀତ ଆର୍‌ବିଆଇ ଅଣ ଡିଜିଟାଲ କାରବାର ଲାଗି ମଧ ସମୟସୀମା ଧାର୍ଯ୍ୟ କରିଛି। ଏଟିଏମ୍ ଓ ମାଇକ୍ରୋ ଏଟିଏମ୍‌ରେ ଟ୍ରାଞ୍ଜାକଶନ ଫେଲ୍ ହେଲେ ବିବାଦର ସମାଧାନ ପାଇଁ ସମ୍ପୃକ୍ତ ବ୍ୟାଙ୍କକୁ ୫ ଦିନ ସମୟ ମିଳିବ। ନିର୍ଦ୍ଧାରିତ ସମୟ ଭିତରେ ସମାଧାନ ନ ହେଲେ ସମ୍ପୃକ୍ତ ବ୍ୟାଙ୍କ ଦୈନିକ ୧୦୦ ଟଙ୍କା ଲେଖାଏ ଜରିମାନା ଭରଣା କରିବେ। ସେହିପରି ପଏଣ୍ଟ ଅଫ୍ ସେଲ୍ସ(କାର୍ଡ ସ୍ୱାଇପ୍ ମେଶିନ) ଏବଂ ଅନ୍‌ଲାଇନ ପେମେଣ୍ଟସ କ୍ଷେତ୍ରରେ ମଧ ୫ ଦିନର ସମୟସୀମା ଧାର୍ଯ୍ୟ କରାଯାଇଛି। ଗ୍ରାହକଙ୍କୁ ଆର୍ଥିକ କ୍ଷତିପୂରଣ ଯଥାଶୀଘ୍ର ମିଳିଯିବା ଉଚିତ। ଗ୍ରାହକଙ୍କ ପକ୍ଷରୁ ଅଭିଯୋଗ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାର ଆବଶ୍ୟକତା ନାହିଁ ବୋଲି ଆର୍‌ବିଆଇ ଦର୍ଶାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ବିବାଦର ସମାଧାନ ହୋଇ ନ ପାରିଲେ ସମ୍ପୃକ୍ତ ଗ୍ରାହକ ଆର୍‌ବିଆଇର ବ୍ୟାଙ୍କିଙ୍ଗ୍ ଅମ୍ବୁଡସମ୍ୟାନଙ୍କ ନିକଟରେ ଅଭିଯୋଗ କରିପାରିବେ ବୋଲି ସର୍କୁଲାରରେ କୁହାଯାଇଛି।


NECC NATIONAL EGG CO-ORDINATION COMMITTEE — 21.09.2019 — Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 71 | 120 | 130 |
| CTC | 71 | 120 | 130 |
| DKL | 71 | 120 | 130 |
| BDK | 72 | 122 | 132 |
| BLS | 74 | 124 | 134 |
| ANG | 71 | 120 | 130 |
| BHM | 67 | 115 | 125 |

*Conditions Apply
Eggs Retail Price- 48/-Dozen
Issued in the Interest of Consumers











ଅର୍ଥ ବଳରେ ଯେଉଁଠାରେ ନ୍ୟାୟ କିଣାଯାଏ,
ସତ୍ୟ ସେଠାରେ ଆତ୍ମଗୋପନ କରେ।
- ମହର୍ଷି ମହେଶ ଯୋଗୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ...................................


ଆଞ୍ଜେଲିନା
ପରିବାରବର୍ଗ


ଆୟୁଷ
ପରିବାରବର୍ଗ


ଅଂଶୁମାନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସାପ କାମୁଡ଼ାରେ ୨ ମହିଳା ମୃତ

ପଡିଆ, ୨୧।୯: ମାଲକାନଗିରି ଜିଲା ପଡିଆ ବ୍ଲକ ସିମିଳିବାଞ୍ଚା ପଞ୍ଚାୟତ କାପନପାଲି ଗ୍ରାମରେ ସାପକାମୁଡାରେ ୨ଜଣ ମହିଳାଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଗ୍ରାମର ନଦିଆ ମାଡିଙ୍କ ସ୍ତ୍ରୀ ଦେବେ ମାଡି ଏବଂ ସ୍ୱର୍ଗତ ଇର୍ମା ମାଡିଙ୍କ ସ୍ତ୍ରୀ ରାଏଜ ମାଡି (୫୦)। ଇର୍ମାଙ୍କ ପୁଅ ଭୀମା ମାଡି (୨୦) ମଧ୍ୟ ସାପ କାମୁଡାରେ ଗୁରୁତର ହୋଇଛନ୍ତି। ତାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଖବରରୁ ଜଣାପଡିଛି ଶୁକ୍ରବାର ରାତିରେ ଘରେ ଶୋଇଥିବାବେଳେ ଏକ ବିଷାକ୍ତ ସାପ ପ୍ରଥମେ ଭୀମାଙ୍କୁ କାମୁଡିଥିଲା। ପରେ ଦେବେ ଓ ରାଏଜଙ୍କୁ ସାପ କାମୁଡିଥିଲା।

# ଏସ୍‌ପି ଅଫିସ ପାଖରେ ବ୍ୟବସାୟୀଙ୍କୁ ଲୁଟ୍

ଫୁଲବାଣୀ ଅଫିସ, ୨୧।୯

ଫୁଲବାଣୀ ଆଦର୍ଶ ଥାନାଠାରୁ ମାତ୍ର ୩୦୦ ମିଟର ଦୂର ତଥା ଏସ୍‌ପିଙ୍କ କାର୍ଯ୍ୟାଳୟ ପାଖରେ ଶନିବାର ଜଣେ ବ୍ୟବସାୟୀ ଲୁଟ୍‌ର ଶିକାର ହୋଇଛନ୍ତି। ଦୁଇ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ବ୍ୟବସାୟୀଙ୍କ ପାଖରୁ ରୁପା ଗହଣା ଏବଂ ଟଙ୍କା ଭର୍ତ୍ତି ବ୍ୟାଗକୁ ଝାମ୍ପି ନେଇଛନ୍ତି। ବ୍ୟବସାୟୀ ଜଣକ ହେଲେ ସ୍ଥାନୀୟ ନଦୀଖଣ୍ଡି ସାହିର ପଞ୍ଚାନନ ସାହୁ । ଲୁଟ ନେଇ ଥାନାରେ ପଞ୍ଚାନନଙ୍କ ଏତଲା ପ୍ରକାରେ ପୋଲିସ ଏକ ମାମଲା ରୁଜୁ କରି ଛାନ୍‌ଭିନ ଆରମ୍ଭ କରିଛି ।

ପ୍ରତିଦିନ ଭଳି ପଞ୍ଚାନନ ଏକ ବ୍ୟାଗରେ ରୁପା ଗହଣା ଧରି ବ୍ୟବସାୟ କରିବାକୁ ସ୍କୁଟି ନେଇ ଯାଇଥିଲେ । ଅପରାହ୍ନ ପ୍ରାୟ ୧ଟା ବେଳକୁ ସେ ୫୦ ହଜାର ଟଙ୍କାର ବ୍ୟବସାୟ କରି ସାରିଥିଲେ । ଉକ୍ତ ଟଙ୍କା ଓ ଆଉ ପ୍ରାୟ ୮ କେଜି ଓଜନର ରୁପା ଗହଣା ଥିବା ବ୍ୟାଗକୁ ପଞ୍ଚାନନ ସ୍କୁଟିରେ ଓହଳାଇ କୋର୍ଟ ଛକ ଯାଇଥିଲେ। ସେଠାରେ ଗାଡିରୁ ଓହ୍ଲାଇ ୫/୬ ଫୁଟ ଦୂରରେ ଥିବା ଏକ ଦୋକାନକୁ ଯିବାବେଳେ ୨ ଯୁବକ ବାଇକରେ ଆସି ପହଞ୍ଚିଥିଲେ। ଜଣେ ଓହ୍ଲାଇ ସ୍କୁଟିରୁ ଉକ୍ତ ବ୍ୟାଗ ଝାମ୍ପି ନେଇ ସହଯୋଗୀଙ୍କ ସହ ବାଇକ୍‌ରେ ଚମ୍ପଟ ମାରିଥିଲେ। ସେଠାରେ ଉପସ୍ଥିତ ଥିବା କେତେଜଣ ଯୁବକ ଏହା ଦେଖି ବାଇକ୍‌ରେ ପିଛା କରିଥିଲେ ମଧ୍ୟ ଦୁର୍ବୃତ୍ତଙ୍କ ଟେର ପାଇ ନ ଥିଲେ । ସେମାନେ ଗୋପବନ୍ଧୁ ଛକ ଦେଇ ବୌଦ୍ଧ ରାସ୍ତାରେ ପଳାଇ ଯାଇଥିବା ପୋଲିସ ଅନୁମାନ କରୁଛି ।


ପଞ୍ଚାନନ ସାହୁ

**ସାର ପାଇଁ ଆଧାର**

# ଚାଷୀଙ୍କ ଆକାଉଣ୍ଟକୁ ଯିବ ସବ୍‌ସିଡି ଟଙ୍କା

- ଆସନ୍ତାବର୍ଷରୁ କାର୍ଯ୍ୟକାରୀ ହେବ ଡିବିଟି
- ବଢୁଛି ନକଲି ସାର ବିକ୍ରି
- ତାଲିମ ନେଉଛନ୍ତି ଡିଲର

ଭୁବନେଶ୍ୱର,୨୧।୯(ବ୍ୟୁରୋ)

ସାଧାରଣ ଖାଉଟି ବଣ୍ଟନ ବ୍ୟବସ୍ଥାରେ ଖାଦ୍ୟ ସାମଗ୍ରୀ ନେବା ଏବଂ ଧାନ ବିକିବା ପାଇଁ ଆଧାର କାର୍ଡ ସଂଯୋଗକୁ ବାଧ୍ୟତାମୂଳକ କରାଯାଇଥିବା ବେଳେ ଏବେ ଚାଷୀମାନେ କିଣୁଥିବା ସାର ରିହାତି ଲାଗି ଆଧାର ସଂଯୋଗ କରାଯିବ। ରାଜ୍ୟରେ ଆସନ୍ତାବର୍ଷରୁ ସାର କିଣିବା ପାଇଁ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର (ଡିବିଟି) ବ୍ୟବସ୍ଥା ଲାଗୁ ହେବ। ସାର ଉପରେ କେନ୍ଦ୍ର ସରକାର ଦେଉଥିବା ରିହାତି(ସବ୍‌ସିଡି) ଟଙ୍କା ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯିବ । ସାର ଯୋଗାଣରେ ହେଉଥିବା ଦୁର୍ନୀତିକୁ ରୋକିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି । ଚାଷୀଙ୍କର ଶତପ୍ରତିଶତ ଆଧାର ଲିଙ୍କ କରିବାକୁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଡିଲରମାନଙ୍କ ଠାରୁ ଚାଷୀ ସିଧାସଳଖ ସାର କିଣିବେ। ରନ୍ଧନ ଗ୍ୟାସ୍ ଭଳି ଚାଷୀଙ୍କୁ ପ୍ରଥମେ ସାରର ସମ୍ପୂର୍ଣ୍ଣ ଅର୍ଥ ଦେଇ କିଣିବାକୁ ପଡ଼ିବ। ପରେ ସବ୍‌ସିଡି କଟି ଚାଷୀଙ୍କ ଆକାଉଣ୍ଟକୁ ଯିବ । ଚାଷୀମାନେ ଡିଲରଙ୍କ ନିକଟରେ ନିଜର ଆଧାର ନମ୍ବର ଦେବାକୁ ହେବ। ଆଧାରକୁ ବ୍ୟାଙ୍କ ଆକାଉଣ୍ଟ ସହ ଲିଙ୍କ କରାଯିବ। ସାର ନେବା ବେଳେ ଚାଷୀମାନେ ପଏଣ୍ଟ ଅଫ ସେଲ୍ ମେଶିନ(ପିଓଏସ୍)ରେ ଅଙ୍ଗୁଳି ଛାପ ଦେଇ ସାର କ୍ରୟ କରିବେ। ପ୍ରତ୍ୟେକ ଚାଷୀଙ୍କୁ ରସିଦ ଦିଆଯିବ। ଏହାଛଡା କେଉଁ ଡିଲର ନିକଟରେ କେତେକ ଚାଷୀ ସାର ନେଉଛନ୍ତି ତାହା ସହଜରେ ଜଣାପଡିଯିବ। ଡିଲରଙ୍କୁ ସାର କମ୍ପାନୀଗୁଡିକ ଆବଶ୍ୟକତା ଅନୁଯାୟୀ ବିଭିନ୍ନ ପ୍ରକାର ସାର ଯୋଗାଇ ଦେବେ। କୃଷି ବିଭାଗ ପକ୍ଷରୁ ଏ ନେଇ ସାର ବିକ୍ରି କରୁଥିବା ରାଜ୍ୟରେ ଥିବା ୧୧ ହଜାର ଡିଲରଙ୍କୁ ପ୍ରଶିକ୍ଷଣ ଦେବା ଆରମ୍ଭ ହୋଇଛି। ଦୁଇଟି ପର୍ଯ୍ୟାୟରେ ସେମାନଙ୍କୁ ତାଲିମ ଦିଆଯିବ। ଆଧାର ସଂଯୋଗ ଏବଂ ପିଓଏସ୍ ମେଶିନ କିପରି ବ୍ୟବହାର ହେବ ସେ ନେଇ ତାଲିମ ଦିଆଯାଉଛି ବୋଲି କୃଷି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ଚାଷୀମାନେ ଡିଲରଙ୍କ ଠାରୁ ରିହାତି ଦରରେ ସାର ପାଉଛନ୍ତି। ଏଥିଯୋଗୁ ଅନେକ ସମୟରେ ସାରରେ ଜାଲିଆତି ହୋଇଥାଏ। ସାର ଯେଉଁମାନର ହେବା କଥା ତାହା ନ ହୋଇ ଭେଜାଲ ହୋଇଥାଏ। ଚାଷୀ ବିଲରେ ପକାଇଲେ ମଧ୍ୟ ତାହା କାମ ଦେଇ ନ ଥାଏ। ଫଳରେ ପ୍ରତ୍ୟେକ ବର୍ଷ ଜମିରେ ରାସାୟନିକ ସାର ପରିମାଣ ବଢି ବଢି ଚାଲିଛି। ୨୦୦୦ରେ ରାଜ୍ୟରେ ପ୍ରତି ହେକ୍ଟରରେ ୨୦ରୁ ୨୫ କେଜି ସାର ବ୍ୟବହାର କରାଯାଉଥିବା ବେଳେ ୨୦୧୯ରେ ପ୍ରତି ହେକ୍ଟରରେ ୬୨ରୁ ୬୩ କିଲୋ ପ୍ରୟୋଗ କରାଯାଉଛି। କେନ୍ଦ୍ର ସରକାର ଚାଷୀଙ୍କୁ ସହାୟତା କରିବାକୁ ରିହାତି ଦରରେ ସାର ଯୋଗାଇ ଦେବା ପାଇଁ ବହୁ କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ତାହାର ଫାଇଦା ଚାଷୀଙ୍କୁ ମିଳି ପାରୁ ନାହିଁ। ଏହାକୁ ଦୃଷ୍ଟିରେ ରଖି ଚାଷୀଙ୍କୁ ସିଧାସଳଖ ରିହାତି ଦେବାକୁ ଆଧାର ସଂଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

ରାଜ୍ୟ ସାର ମାନ ନିୟନ୍ତ୍ରଣ କେନ୍ଦ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ୨୦୧୨-୧୩ରେ ରାଜ୍ୟର ବିଭିନ୍ନ ଜିଲାରୁ ୧୧୫୪ ସାର ନମୁନା ସଂଗ୍ରହ କରାଯାଇଥିବା ବେଳେ ସେଥିରୁ ୩୮ଟି ନମୁନା କେନ୍ଦ୍ର ସରକାରଙ୍କ ନିର୍ଦ୍ଧାରିତ ମାନର ନ ଥିଲା। ସେହିପରି ୨୦୧୩-୧୪ରେ ୬୯, ୨୦୧୪-୧୫ରେ ୧୧୩, ୨୦୧୫-୧୬ରେ ୧୮୧, ୨୦୧୬-୧୭ରେ ୧୬୩, ୨୦୧୭-୧୮ରେ ୨୨୨ ଏବଂ ୨୩୯ଟି ନମୁନା ନିର୍ଦ୍ଧାରିତ ମାନର ନ ଥିଲା। ବିଶେଷ କରି ଗଜପତି, ଭଦ୍ରକ, ଯାଜପୁର, ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଆଦି ଜିଲାରେ ବହୁ ମାତ୍ରାରେ ନକଲି ସାର ବିକ୍ରି ହେଉଥିବା ପରୀକ୍ଷାରୁ ଜଣାପଡିଛି। ପ୍ରତ୍ୟେକ ବର୍ଷ ନକଲି ସାର ବିକ୍ରି ବୃଦ୍ଧି ପାଉଥିବା ଜଣାପଡିଛି। ଏ ବାବଦରେ କେନ୍ଦ୍ର ସରକାରଙ୍କୁ ଓଡ଼ିଶା ପାଇଁ ବାର୍ଷିକ ପ୍ରାୟ ୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କ୍ଷତି ସହିବାକୁ ପଡୁଛି। ସାର ଜାଲିଆତି ରୋକିବା ସହିତ ଡିଲର ପଏଣ୍ଟରୁ ଚାଷୀଙ୍କୁ ସାର ଯୋଗାଇ ଦେବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଯେଉଁ ଡିଲର ପଏଣ୍ଟରେ ସାର ଗୁଣବତ୍ତା ଠିକ୍ ରହିବ ନାହିଁ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୃଷି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଏକାଧାରରେ ଆପଣଙ୍କ ପାରିବାରିକ ଓ କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ବିଶେଷ ଭଲ ରହିବ। ରାଗି ଯାଇଥିବା ଅବୁଝା ବନ୍ଧୁମାନଙ୍କୁ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ, ଆନୁଷ୍ଠାନିକ କାମରେ ବ୍ୟସ୍ତତା ବୃଦ୍ଧି ପାଇବ। ଆକସ୍ମିକ ଭାବରେ ଦୂରଯାତ୍ରା କରିବାକୁ ପଡିପାରେ।

**ବୃଷ**
ଅଯାଚିତ ଭାବରେ ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି। ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। କେତେକ ସାଧାରଣ କଥାକୁ କେନ୍ଦ୍ର କରି କିମ୍ବା ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। କର୍ମକ୍ଷେତ୍ରରେ ପଦୋନ୍ନତି ଘଟିବା ସାଙ୍ଗକୁ ବ୍ୟବସାୟ ଓ ପରିବହନ ମନ୍ଦ ହେବ ନାହିଁ।

**ମିଥୁନ**
କର୍ମକ୍ଷେତ୍ରରେ ସମସ୍ତ ପ୍ରକାରର ସୁବିଧା ଥିଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ଯେତେ ଭଲ କାମ କଲେ ମଧ୍ୟ ପରିବାର ଭିତରୁ ସମାଲୋଚିତ ହେବାକୁ ପଡିବ। ଆଜି ନିକଟ ସମ୍ପର୍କୀୟମାନଙ୍କ ଦ୍ୱାରା ଭୋଗ ବିଳାସର ପ୍ରାଚୁର୍ଯ୍ୟ ପାଇବେ। ଚେଷ୍ଟା କରୁଥିବା କାମରେ ସାମାନ୍ୟ ସଫଳତା ବିଳମ୍ବରେ ପାଇବେ।

**କର୍କଟ**
ଆଜି ଆକସ୍ମିକ ଭାବରେ ଦୂରରେ ରହୁଥିବା ବନ୍ଧୁଙ୍କ ନିକଟରୁ ଆଶା କରୁଥିବା ଶୁଭ ସମ୍ବାଦ ଶୁଣି ଖୁସି ହେବେ। ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇପାରେ, କିନ୍ତୁ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। କମ୍ପାନୀ ତରଫରୁ ଆଦେଶପ୍ରାପ୍ତ ହୋଇ ଦୂରଭ୍ରମଣର ସୁବିଧା ଲାଭ କରିବେ।

**ସିଂହ**
କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜିର ଅଧିକାଂଶ ସମୟ ବିତିବ। ବ୍ୟବସାୟ ଓ ପରିବହନରେ ହଠାତ୍ କୌଣସି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ଶାରୀରିକ ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତା ପ୍ରକଟ କରିପାରନ୍ତି।

**କନ୍ୟା**
ଦୀର୍ଘ ଦିନର ଅପୂରଣୀୟ ଆଶା ମନରେ ବିଭିନ୍ନ ପ୍ରକାରର ଆଶଙ୍କା ସୃଷ୍ଟି କରିପାରେ। କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରି ସମାଲୋଚିତ ହୋଇପାରନ୍ତି। ପରକଥାରେ ପଡି ଭୁଲ୍ ମାର୍ଗର ଅନୁସରଣ କରି ଅନୁତାପ କରିବାକୁ ପଡିପାରେ। ଅର୍ଥାଭାବରୁ କୌଣସି କାମ କରିବାରେ ପଛେଇ ଯାଇପାରନ୍ତି।

**ତୁଳା**
ସାମାଜିକ କ୍ଷେତ୍ରରେ ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇଯିବେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ, ନଚେତ୍ ହଇରାଣ ହେବାକୁ ପଡିପାରେ। ସାୟାହ୍ନେ ପାରିବାରିକ ଅଶାନ୍ତି ହେତୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା**
କର୍ମକ୍ଷେତ୍ରର ବିଭିନ୍ନ ପ୍ରକାରର ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହର ସମ୍ଭାବନା ରହିଛି। ବନ୍ଧୁଙ୍କୁ ଅନୁନୟ ବିନୟ କରି ଧାର କରଜ କରି ଆବଶ୍ୟକତା ଚଳାଇ ନେବେ। କଳା, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ**
ପାରିବାରିକ କ୍ଷେତ୍ରରେ ଅସ୍ଥିରତା କର୍ମକ୍ଷେତ୍ରକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି। ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ନିଜ ନିଜର ସାଙ୍ଗସାଥୀମାନଙ୍କ ମଧ୍ୟରେ ସାମୟିକ ଅଶାନ୍ତି ଦେଖାଦେଇପାରେ। ଅଫିସ୍ କାମରେ ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ।

**ମକର**
ଆଜି ଯେଉଁ କାମ ଆରମ୍ଭ କରିବାକୁ ଯିବେ, ତାହା ଅବଶ୍ୟ ସଫଳ ହେବ। ଘରର କେତେକ ଅତ୍ୟାବଶ୍ୟକ ଜିନିଷକୁ ଆଣିବାକୁ ବାଧ୍ୟ ହେବେ। ଅପରାହ୍ନରେ କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖାଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। ରାଜନୈତିକ କ୍ଷେତ୍ରରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡିବ।

**କୁମ୍ଭ**
କର୍ମକ୍ଷେତ୍ରର ଅସଜଡା ପରିସ୍ଥିତିକୁ ସଜାଡି ନେବାର ପ୍ରୟାସ କରି ନିଶ୍ଚିତ ସଫଳତା ପାଇବେ। ଆର୍ଥିକ ସ୍ଥିତି କ୍ରମଶଃ ଦୁର୍ବଳ ରହିବା କାରଣରୁ ସାମୟିକ ଚିନ୍ତା କରିବାକୁ ପଡିବ। ଆଜି ଆନୁଷ୍ଠାନିକ କ୍ଷେତ୍ରରେ ସହଜ ଓ ସୁବିଧାରେ ହାତକୁ ନେଇଥିବା କାମଗୁଡିକ ସମ୍ପନ୍ନ ହୋଇଯିବ। ପୈତୃକ ସମ୍ପତ୍ତିକୁ କେନ୍ଦ୍ର କରି କଳହ ସୃଷ୍ଟି ହେବା ସମ୍ଭାବନା ରହିଛି।

**ମୀନ**
ପାରସ୍ପରିକ ଭୁଲ୍ ବୁଝାମଣା କାରଣରୁ ଅର୍ଥ ସମ୍ପର୍କକୁ ନେଇ ବିବାଦଗ୍ରସ୍ତ ହେବେ। ନିଜ ପରିସରରେ ନିଜର ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ। କେତେକ କ୍ଷେତ୍ରରେ ଜିଦ୍‌ଖୋର ପ୍ରବୃତ୍ତି ଯୋଗୁଁ ହଇରାଣ ହୋଇପାରନ୍ତି।

ଆଜି ଆଶ୍ୱିନ କୃଷ୍ଣପକ୍ଷ ମୂଳାଷ୍ଟମୀ ରବିବାର, ଦ୍ୱିତୀବାହନ ଓଷା, ଶ୍ରୀଦୁର୍ଗାଦେବ୍ୟାଃ ଷୋଡଶଦିନାତ୍ମକ ପୂଜାରମ୍ଭ, ବିମଳାଦେବୀଙ୍କର ମହାପୂଜାରମ୍ଭ,ସେପ୍ଟେମ୍ବର ୨୨ ତାରିଖ, ରାଶିନକ୍ଷତ୍ର, ଦିବା ଘ୧୨।୨୮ମି. ପର୍ଯ୍ୟନ୍ତ, ମୃଗଶିରା/ମିଥୁନ, ମେଷରାଶିର ଘାତବାର, ଅଷ୍ଟମୀର ଶ୍ରାଦ୍ଧ, ଦିବା ଘ୬।୨୭ମି. ଗତେ ଘ୮।୫୦ମି. ମଧ୍ୟେ, ଘ୧୨।୦୧ମି. ଗତେ ଘ୩।୧୦ମି. ମଧ୍ୟେ ଅମୃତବେଳା। ସକାଳ ଘ୮।୪୧ମି. ଗତେ ଘ୧୦।୧୧ମି. ମଧ୍ୟେ, ଘ୧।୧୧ମି. ଗତେ ଘ୨।୪୧ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୪।୦୯ମି. ଗତେ ଘ୫।୪୦ମି. ମଧ୍ୟେ ରାହୁକାଳ।

# ମଝି ରାସ୍ତାରେ ତିନି ଯୁବତୀଙ୍କ ଉତ୍ପାତ

- କାରରେ ମଦ ବୋତଲ ଦେଖି ଘେରିଗଲେ ଲୋକେ
- ଲୋକଙ୍କୁ ଗାଳିଗୁଲଜ, ଉଦ୍ଧାର କଲା ପୋଲିସ

ଭୁବନେଶ୍ୱର, (ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର ୨୧।୯ (ଡି.ଏନ୍.ଏ.)

ଶନିବାର ସକାଳେ ରାଜଧାନୀ ରାସ୍ତାରେ ଦେଖିବାକୁ ମିଳିଥିଲା ଏକ ଅସ୍ୱାଭାବିକ ଦୃଶ୍ୟ। ଲିଙ୍ଗରାଜ ଥାନା ଅନ୍ତର୍ଗତ ସାମନ୍ତରାପୁରର କପିଳେଶ୍ୱର ଗେଟ୍ ନିକଟରେ ତିନିଜଣ ବଙ୍ଗୀୟ ଯୁବତୀ ରାସ୍ତା ମଝିରେ କାର୍ ରଖି ଉତ୍ପାତ କରୁଥିଲେ। ସେମାନେ ନିଜକୁ ନିୟନ୍ତ୍ରଣ କରିବା ସ୍ଥିତିରେ ନ ଥିଲେ। ଦୁର୍ଘଟଣା ଘଟାଇବା ସହ ଲୋକଙ୍କୁ ଗାଳିଗୁଲଜ କରିଚାଲିଥିଲେ। ଲୋକେ ସେମାନଙ୍କୁ ଘେରିଯିବା ସହ ଯାଞ୍ଚ କରିବାରୁ କାର୍‌ରୁ ୮ ବିୟର ବୋତଲ ବାହାରିଥିଲା। ଏହାପରେ ଲୋକେ ଉତ୍ତେଜିତ ହୋଇ କାର୍ ଭିତରେ ସେମାନଙ୍କୁ ଅଟକ ରଖିଥିଲେ। ଫଳରେ ଅଧଘଣ୍ଟା ଧରି ରାସ୍ତା ଉପରେ ବହୁ ଗାଡ଼ିମୋଟର ଅଟକି ରହିଥିଲା। ପୋଲିସ ପହଞ୍ଚି ଦୁଇ ଯୁବତୀଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲା। ସେଠାରେ ବ୍ରେଥ୍ ଆନାଲାଇଜର ସାହାଯ୍ୟରେ ସେମାନଙ୍କ ନିଶା ମାତ୍ରାକୁ ମପା ଯାଇଥିଲା। କୌଣସି ନିଶା ପିଇ ନ ଥିବା ଜଣାପଡିବା ପରେ ପୋଲିସ ସେମାନଙ୍କୁ ଛାଡ଼ି ଦେଇଥିଲା।

ମିଳିଥିବା ସୂଚନାନୁଯାୟୀ, ଏହି ଯୁବତୀଙ୍କ ଘର ପଶ୍ଚିମବଙ୍ଗ ମେଦିନାପୁରରେ। ଏମାନେ ଶୁକ୍ରବାର ପୁରୀ ବୁଲିବାକୁ ଆସି ଧଉଳି ଅଞ୍ଚଳର ଏକ ହୋଟେଲ ରହୁଛନ୍ତି। ଶନିବାର ପୂର୍ବାହ୍ନ ୧୦ଟା ୩୦ରେ ସେମାନେ ଜଳଖିଆ ଖାଇବାକୁ ସାମନ୍ତରାପୁର କପିଳେଶ୍ୱର ଗେଟ୍ ନିକଟକୁ ଆସିଥିଲେ। ଖାଇସାରିବା ପରେ ପାଣି ବଟଲ ଧରି କାର୍‌କୁ ଯାଇଥିଲେ। ଗାଡ଼ି ବୁଲାଇବା ସମୟରେ ଜଣେ ଯୁବତୀ କାର ଡୋର୍ ଖୋଲି ଦେବାରୁ ରାସ୍ତାରେ ଯାଇଥିବା ଏକ ବାଇକ ପିଟିହୋଇଯାଇଥିଲା। ଚାଳକ ଜଣକ ଆହତ ହୋଇ ସେଠାରୁ ଚାଲିଯାଇଥିଲା। କିନ୍ତୁ ଯୁବତୀମାନେ ମଦ୍ୟପାନ କରିଥିବା ସନ୍ଦେହ କରି ଉପସ୍ଥିତ ଲୋକେ ସେମାନଙ୍କୁ ଘେରି ଯାଇ ହୋ ହଲ୍ଲା କରିଥିଲେ।

ଉତ୍ତେଜନା ଦେଖି ଡ୍ରାଇଭର ଫେରାର ହୋଇଯାଇଥିଲେ। ଥାନା ଅଧିକାରୀ ଶରତଚନ୍ଦ୍ର ପାତ୍ର କହିଛନ୍ତି, ସେମାନଙ୍କ ଗାଡିରୁ ମଦ ବୋତଲ ବାହାରିଥିଲା। କିନ୍ତୁ ମଦପାନ କରି ନ ଥିବା ପରୀକ୍ଷାରୁ ଜଣାପଡ଼ିଥିଲା। ପରିଚୟପତ୍ର ରଖାଯାଇ ସେମାନଙ୍କୁ ଛଡାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ପୂର୍ବତନ ଛାତ୍ରନେତାଙ୍କୁ ଆକ୍ରମଣ ଘଟଣା

# ୧୫ ଛାତ୍ରଙ୍କ ନାମରେ ମାମଲା

ବ୍ରହ୍ମପୁର ଅଫିସ,୨୧।୯

**ଥାନାରେ ୫ ଛାତ୍ର ଅଟକ**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଶୁକ୍ରବାର ପୂର୍ବତନ ଛାତ୍ରନେତା ଦେବାଶିଷ ମିଶ୍ରଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା । ଏହି ଘଟଣାରେ ଗୋପାଳପୁର ଥାନାରେ ୧୫ ଛାତ୍ରଙ୍କ ନାମରେ ଶନିବାର ମାମଲା ରୁଜୁ ହୋଇଛି । ସେହିପରି ଶୁକ୍ରବାର ଓ ଶନିବାର ୫ ଛାତ୍ରଙ୍କୁ ଅଟକ ରଖି ପୋଲିସ ଘଟଣାର ତଦନ୍ତ ଚଳାଇଛି । ଅନ୍ୟପକ୍ଷରେ ବିଶ୍ୱବିଦ୍ୟାଳୟରେ ସୁରକ୍ଷା ବ୍ୟବସ୍ଥା କଡାକଡି କରିବା ସହ ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିବା ଗୋପାଳପୁର ଥାନା ପକ୍ଷରୁ କୁହାଯାଇଛି ।

ଘଟଣା ପରେ ଗୋପାଳପୁର ଥାନା ନଂ ୧୦୪/୧୯ ଦଫା ୨୯୪/ ୩୨୩/ ୩୨୫/ ୩୯୨/ ୩୦୭/ ୩୪ ଆଇପିସି / ୨୫ ଏବଂ ୨୭ ଆର୍ମ୍ସ ଆକ୍ଟରେ ୧୫ ଜଣଙ୍କ ଛାତ୍ରଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ, ଶୁକ୍ରବାର ପୂର୍ବତନ ଛାତ୍ରନେତା ଦେବାଶିଷ ପିଏଚଡି ନାମଲେଖା ସମ୍ପର୍କରେ ବୁଝିବାକୁ ବିଶ୍ୱବିଦ୍ୟାଳୟକୁ ଆସିଥିଲେ। କ୍ୟାମ୍ପସରେ ଥିବା ଆନନ୍ଦ ବଜାରରେ ନିକଟରେ ତାଙ୍କୁ କେତେଜଣ ଅଣଛାତ୍ର ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ ।

ପ୍ରଥମ ପୃଷ୍ଠାରୁ...

## ଅକ୍ଟୋବର ୨୧ରେ...

ମୁଖ୍ୟ ପ୍ରତିଦ୍ୱନ୍ଦ୍ୱିତା ରୀତା-ଅଶୋକଙ୍କ ମଧ୍ୟରେ ହୋଇଥିଲା। ଏଥିରେ ରୀତା ଭାଜପା ପ୍ରାର୍ଥୀ ଅଶୋକଙ୍କୁ ୪୧ ହଜାରରୁ ଅଧିକ ଭୋଟରେ ପରାସ୍ତ କରିଥିଲେ। ଏହାର ଠିକ୍ ବର୍ଷକ ପରେ ହୋଇଥିଲା ସାଧାରଣ ନିର୍ବାଚନ। ଏଥିରେ ପ୍ରଥମଥର ପାଇଁ ମୁଖ୍ୟମନ୍ତ୍ରୀ ହିଞ୍ଜିଳି ସହ ବିଜେପୁରରେ ପ୍ରାର୍ଥୀ ହୋଇଥିଲେ। ସେ ନିଜର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ସନତ ଗଡତିଆଙ୍କୁ ବିପୁଳ ବ୍ୟବଧାନରେ ପରାସ୍ତ କରିଥିଲେ। କଂଗ୍ରେସ ପ୍ରାର୍ଥୀ ରିପୁନାଥ ସେଠ୍ ବଡ ବ୍ୟବଧାନ ସହ ତୃତୀୟ ସ୍ଥାନରେ ରହିଥିଲେ।

## ସିମ୍ପାଞ୍ଜି...

ଆଲିପୁର ଜୁଲୋଜିକାଲ ଗାର୍ଡେନରେ ଦର୍ଶକମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ଏବଂ ରାଜସ୍ୱର ଉତ୍ସ ଥିଲେ ବୋଲି ଇଡି କହିଛି। ୭ଟି ଜୀବଙ୍କ ମୂଲ୍ୟ ୮୧ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ପ୍ରତି ସିମ୍ପାଞ୍ଜିଙ୍କ ମୂଲ୍ୟ ୨୫ ଲକ୍ଷ ହୋଇଥିବାବେଳେ ଦକ୍ଷିଣ ଆମେରିକାରେ ଦେଖାଦେଉଥିବା କ୍ଷୁଦ୍ର ପ୍ରଜାତିର ମାଙ୍କଡ଼ ଦାମ୍ ୧.୫ ଲକ୍ଷ ଟଙ୍କା। ଚୋରାବେପାରୀ ସୁପ୍ରଦୀପ ଗୁହା ଏହି ବନ୍ୟଜନ୍ତୁମାନଙ୍କୁ ବେଆଇନ ଭାବେ ରଖିଥିବା ପଶ୍ଚିମବଙ୍ଗ ସରକାରଙ୍କ ଅଭିଯୋଗକ୍ରମେ ଏହି ତଦନ୍ତ କରାଯାଇଥିଲା। ତାଙ୍କ ବିରୋଧରେ ରାଜ୍ୟ ପୋଲିସ ଜାଲିଆତି ମାମଲା ରୁଜୁ କରିଛି। ସେ ଜାଲ୍ ଅନୁମତି ପତ୍ର ବ୍ୟବହାର କରି ବେଆଇନ ଭାବେ ବନ୍ୟ ଜୀବଜନ୍ତୁ ପରିବହନ କରୁଥିଲେ। ପୋଲିସ ଏତଲା ଆଧାରରେ ଇଡି ପିଏମ୍‌ଏଲ୍‌ଏରେ ମାମଲା ରୁଜୁ କରିଥିଲା। ଗୁହା ବନ୍ୟପ୍ରାଣୀ ଚୋରା କାରବାର ର୍‍ୟାକେଟ ଚଳାଇଥିବା ତଦନ୍ତରୁ ଜଣାପଡିଥିଲା। କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପାଇଁ ସେ ବହିଃଶୁଳ୍କ ବିଭାଗ ଓ ବନ୍ୟପ୍ରାଣୀ କର୍ତ୍ତୃପକ୍ଷଙ୍କ ନିକଟରେ ଭିନ୍ନ ଭିନ୍ନ ବୟାନ ରେକର୍ଡ କରାଇଥିଲେ। ସିମ୍ପାଞ୍ଜିଗୁଡିକ ଭାରତରେ ଜନ୍ମ ହୋଇଥିବାର ଜାଲ୍ ସାର୍ଟିଫିକେଟ ମଧ୍ୟ ସେ ସଂଗ୍ରହ କରିଥିଲେ।

# ଲୁହାପଥର ଉତ୍ପାଦନ ଉପରେ ପ୍ରାଥମିକତା ଦେଉ ଏନ୍‌ଏମ୍‌ଡିସି

- ହାଇଦ୍ରାବାଦସ୍ଥିତ କର୍ପୋରେଟ ଅଫିସରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୨୧।୯(ବ୍ୟୁରୋ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ହାଇଦ୍ରାବାଦସ୍ଥିତ ରାଷ୍ଟ୍ରୀୟ ଖଣିଜ ବିକାଶ ନିଗମ (ଏନ୍‌ଏମ୍‌ଡିସି)ର କର୍ପୋରେଟ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ସେଠାରେ କେନ୍ଦ୍ରମନ୍ତ୍ରୀ କମ୍ପାନୀର ମୁଖ୍ୟ ପରିଚାଳନା ଅଧିକାରୀ(ସିଇଓ), ନିର୍ଦ୍ଦେଶକ ତଥା ଅଧିକାରୀଙ୍କୁ ଭେଟି ଏନ୍‌ଏମ୍‌ଡିସି କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର କହିଛନ୍ତି ଯେ, ଭାରତର ସବୁଠୁ ବଡ ଖଣିଜ କମ୍ପାନୀ ଏନ୍‌ଏମ୍‌ଡିସିକୁ ଅଧିକରୁ ଅଧିକ ଲୁହାପଥର ଉତ୍ପାଦନ ଦିଗରେ ଗୁରୁତ୍ୱ ଦେବା ଆବଶ୍ୟକତା ରହିଛି। ଏହା ଦ୍ୱାରା ଇସ୍ପାତ ଉତ୍ପାଦନକାରୀ କମ୍ପାନୀକୁ କଞ୍ଚାମାଲ ଯୋଗାଣ ସୁନିଶ୍ଚିତ ହୋଇପାରିବା ସହ ବଜାର ଦର ନିୟନ୍ତ୍ରଣ ହେବ। ଏନ୍‌ଏମ୍‌ଡିସି ଦାୟିତ୍ୱବାନ ହୋଇ ଡିଜିଟାଲ ମାଧ୍ୟମର ଉପଯୋଗ କରି ଉତ୍ପାଦନ କରୁଛି। କାର୍ଯ୍ୟରତ ପ୍ରକଳ୍ପ ଏନ୍‌ଏମ୍‌ଡିସି ଆଇରନ୍ ଏବଂ ଷ୍ଟିଲ ପ୍ଲାଣ୍ଟ ପ୍ରକଳ୍ପକୁ ନିୟମିତ ଭାବରେ ତଦାରଖ କରିବାକୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ନିର୍ଦ୍ଦେଶ ଦେଇଥିଲେ। ଏହା ଦ୍ୱାରା କମ୍ପାନୀର ପ୍ରାଥମିକତାକୁ ପୂରଣ କରାଯାଇପାରିବ ବୋଲି ଆଶା କରାଯାଉଛି। ପରିଦର୍ଶନ ସମୟରେ ଧର୍ମେନ୍ଦ୍ର ସ୍ଲରି ପାଇପଲାଇନ ପ୍ରକଳ୍ପ ସମୀକ୍ଷା କରିଥିଲେ। ଉଲ୍ଲେଖଯୋଗ୍ୟ, ଏନ୍‌ଏମ୍‌ଡିସି କାର୍ଯ୍ୟାଳୟକୁ ଧର୍ମେନ୍ଦ୍ରଙ୍କ ଏହା ପ୍ରଥମ ଗସ୍ତ। ଏହି ସଂସ୍ଥାର ସିଇଓ କେନ୍ଦ୍ରମନ୍ତ୍ରୀଙ୍କ ସହ ବୈଠକରେ ଏନ୍‌ଏମ୍‌ଡିସିର କାର୍ଯ୍ୟକାରିତା ଉପରେ କହିବା ସହ ବିଭିନ୍ନ ପ୍ରକଳ୍ପ ନେଇ ଆଲୋଚନା କରିଥିଲେ।

**କିଛି ତଥ୍ୟ**

ପ୍ରଧାନମନ୍ତ୍ରୀ କିଷାନ ମାନଧନ ଯୋଜନାରେ ଅଦ୍ୟାବଧି ୧୬ ଲକ୍ଷ କୃଷକଙ୍କୁ ପେନଶନ ଲାଗି ପଞ୍ଜିକୃତ କରାଯାଇଛି।

– କୃଷି ମନ୍ତ୍ରଣାଳୟ



## ଜିଲା ଚିଠି
## ମାଲକାନଗିରି

# କ୍ଷତି ସହୁଛି ଚାଷୀ, ଫାଇଦାରେ ବୀମା କମ୍ପାନୀ

ଚାଷୀଙ୍କ ସମସ୍ୟା କେବେହେଲେ ସୁଧୁରୁନାହିଁ। ଋଣ, ମରୁଡ଼ି, ବନ୍ୟା ବିପ୍ରାତଜନିତ ସମସ୍ୟାରେ ଫସଲ ନଷ୍ଟ ହୋଇ ଚାଷୀ କ୍ଷତି ସହୁଛି। ସବୁ ସହି ଯାହା ଧାନ ଅମଳ କରେ ନିଜ ଚଳିବା ଲାଗି ବର୍ଷକ ପାଇଁ ରଖି ବଳକା ଧାନ ବିକ୍ରି କରିବାକୁ ସେ ସରକାରୀ ମଣ୍ଡିକୁ ଯାଏ। ସେଠାରେ ମଧ୍ୟ ସମସ୍ୟା ତା' ପିଛା ଛାଡେନି। ମିଲରମାନେ ଧାନ କିଣିବା ବେଳେ କୁଇଣ୍ଟାଲ ପିଛା ୫ରୁ ୧୦ କେଜି ଯାଏ ଧାନ କାଟିନିଅନ୍ତି। ଏହାକୁ ନେଇ ମୁହାଁମୁହିଁ ଅବସ୍ଥାକୁ ଆସି ମିଲରମାନେ ଦୀର୍ଘଦିନ ଧରି ମଣ୍ଡିରୁ ଧାନ ଉଠାନ୍ତିନାହିଁ। ଚାଷୀ ରାତିରାତି ଶୀତ କାକରରେ ପଡିରହି ମଣ୍ଡିରେ ନିଜ ଧାନ ଜଗିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଏହି ଆଦିବାସୀ ବହୁଳ ଜିଲାରେ ଚାଷୀମାନେ ଧାନ ବିକ୍ରି ପାଇଁ ଅନ୍‌ଲାଇନରେ ନାମ ପଞ୍ଜୀକୃତ କରିବା ନେଇ ସୃଷ୍ଟି ହେଉଥିବା ସମସ୍ୟା। ଅନେକ ସମୟରେ ଜିଲାରେ ଇଣ୍ଟରନେଟ ସମସ୍ୟା ଯୋଗୁ ଚାଷୀ ପଞ୍ଜୀକରଣ କରି ନ ପାରି ବାରମ୍ବାର ବିଭିନ୍ନ କାର୍ଯ୍ୟାଳୟ ଓ ଘରୋଇ ଇଣ୍ଟରନେଟ ସଂସ୍ଥାକୁ ଦୌଡି ନିରାଶ ହୋଇଥାଏ। ଫଳରେ ଶତ ପ୍ରତିଶତ ଚାଷୀ ମଣ୍ଡିରେ ସେମାନଙ୍କ ଧାନ ବିକ୍ରି ପାଇଁ ପଞ୍ଜୀକୃତ ହୋଇ ନ ପାରି ଶେଷରେ ବାଧ୍ୟହୋଇ ସେମାନେ ଦଲାଲମାନଙ୍କୁ କମ୍‌ଦରରେ ଧାନ ବିକ୍ରି କରିଥାନ୍ତି।

ଏ ତ ଗଲା ମଣ୍ଡିରେ ଧାନ ବିକ୍ରି କଥା। ମାତ୍ର ଚାଷପାଇଁ ସମବାୟ ବ୍ୟାଙ୍କରୁ ଋଣ ନେଇ ସେସମୟରେ କରିଥିବା ବୀମା କ୍ଷେତ୍ରରେ ମଧ୍ୟ ସେ ଠକେଇର ଶିକାର ହୋଇଥାଏ। ବ୍ୟାଙ୍କରୁ ଋଣ ନେବା ବେଳେ ସେ ସମୟରେ ଚାଷୀଙ୍କୁ ବୀମା କରିବା ପାଇଁ ବାଧ୍ୟ କରାଯାଉଛି। ବୀମା କମ୍ପାନୀଗୁଡିକ ଋଣ ନେଇଥିବା ଚାଷୀଙ୍କ ବୀମା ବାବଦ ଅର୍ଥ ବ୍ୟାଙ୍କରୁ ନେଇଯାଇଥାନ୍ତି। ମାତ୍ର ଚାଷୀ ବନ୍ୟା, ବାତ୍ୟା, ମରୁଡି ପରି ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ହେଲେ ବୀମା ଦ୍ୱାରା କ୍ଷତିପୂରଣ ପାଇ ନ ଥାନ୍ତି। ଏ ଦିଗରେ କୃଷି ବିଭାଗ କ୍ଷେତ୍ର କର୍ମଚାରୀମାନେ କ୍ଷତିଗ୍ରସ୍ତ ଚାଷଜମି ସମ୍ପର୍କରେ ଠିକ୍ ତଥ୍ୟ ଜିଲା ପ୍ରଶାସନକୁ ନ ଦେବା ଏବଂ ଜିଲା ପ୍ରଶାସନ କ୍ଷତିଗ୍ରସ୍ତ ଚାଷୀଙ୍କ ତାଲିକା ସରକାର ଓ ବୀମା କମ୍ପାନୀକୁ ଦେଉ ନ ଥିବାରୁ ବୀମା କମ୍ପାନୀ ଚାଷୀଙ୍କୁ କ୍ଷତିପୂରଣ ବାବଦ ଅର୍ଥ ଦେଉନାହାନ୍ତି। ଫଳରେ ବୀମା କମ୍ପାନୀ ଫାଇଦାରେ ରହୁଥିବା ବେଳେ ଚାଷୀ କିଛି ପାଏନାହିଁ। ଜିଲାରେ ୨୦୧୭-୧୮ରେ ୩ଟି ସମବାୟ ବ୍ୟାଙ୍କ ଅଧୀନରେ ଥିବା ୮ଟି ଲ୍ୟାମ୍ପ ମାଧ୍ୟମରେ ୧୭ହଜାର ୮୪୬ ଜଣ ଚାଷୀଙ୍କୁ ୬୦ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ଏହି ସମୟରେ ବୀମା ବାବଦରେ ଚାଷୀଙ୍କଠାରୁ ରଖାଯାଇଥିବା ୭୧ ଲକ୍ଷ ୫୦ ହଜାର ଟଙ୍କା ରୟାଲ ସୁନ୍ଦରମ୍ ନାମକ ବୀମା କମ୍ପାନୀ ନେଇଥିଲା। ସେହିପରି ୨୦୧୯ ଜୁଲାଇ ପର୍ଯ୍ୟନ୍ତ ଜିଲାର ୮୪୦୩ ଚାଷୀଙ୍କୁ ୨୮ କୋଟି ୧୯ ଲକ୍ଷ ୫୭ ହଜାର ଋଣ ପ୍ରଦାନ କରାଯାଇଛି। ସେଥିରୁ ବୀମା କମ୍ପାନୀ ୫୩ ଲକ୍ଷ ୮୧ ହଜାର ଟଙ୍କା ନେଇଛି। ୨ବର୍ଷରେ ବୀମା କମ୍ପାନୀ ମୋଟ ୧ କୋଟି ୨୫ ଲକ୍ଷ ୫୩ ହଜାର ଟଙ୍କା ନେଇଛି। ଏହି ୨ବର୍ଷ ମଧ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ତଥା ବନ୍ୟା ବାତ୍ୟା ଓ ଅଦିନିଆ ବର୍ଷାରେ ଚାଷୀଙ୍କ ଅନେକ ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ଗତ ଅଗଷ୍ଟ ମାସରେ ମଧ୍ୟ ଜିଲାରେ ପ୍ରବଳ ବର୍ଷା ଯୋଗୁ ୫ ଥର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ଅନେକ ଚାଷୀଙ୍କ ଜମିରେ ଧାନଚାଷ ନଷ୍ଟ ହୋଇଛି। ଏନେଇ ଜିଲା ପ୍ରଶାସନ ଜିଲାରେ ୧୧ଶହ ଏକର ଧାନଚାଷ ନଷ୍ଟ ହୋଇଥିବା ସରକାରଙ୍କୁ ରିପୋର୍ଟ ଦେଇଛନ୍ତି। ତେବେ ଏହି କ୍ଷତିଗ୍ରସ୍ତ ଚାଷୀ ବୀମା ଅର୍ଥ ପାଇବେ କି ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ଗତ ୨ବର୍ଷର କ୍ଷୟକ୍ଷତି ସମ୍ପର୍କରେ ଜିଲା ପ୍ରଶାସନ ତଥ୍ୟ ସଂଗ୍ରହ କରିନାହିଁ କିମ୍ବା ସରକାରଙ୍କୁ ରିପୋର୍ଟ ଦେଇନାହିଁ।

– ଦୁର୍ଯ୍ୟୋଧନ ପାତ୍ର





# ଖଣ୍ଡାବସା ପର୍ବ ସମ୍ପର୍କରେ ସ୍ଥାନୀୟ ବାସିନ୍ଦା ମତାମତ...



ମା' ଲଙ୍କେଶ୍ୱରୀଙ୍କ ଖଣ୍ଡାବସା କେଉଁ ଆବହମାନ କାଳରୁ ହୋଇ ଆସୁଛି। ମା'ଙ୍କ ଖଣ୍ଡାବସା ପର୍ବ ପାଇଁ ସପ୍ତାହ ପୂର୍ବରୁ ପ୍ରସ୍ତୁତ ହେବାକୁ ପଡିଥାଏ। ଆମ ସାତ ପୁରୁଷ ଏହି ମନ୍ଦିରରେ ପୂଜକ ଭାବେ କାର୍ଯ୍ୟ ତୁଲାଉ ଆସୁଛୁ। ମନ୍ଦିରର ସମସ୍ତ ରୀତିନୀତି ପ୍ରସ୍ତୁତି ଆମ ଦ୍ୱାରା ହୋଇଥାଏ।

**ଅଶ୍ୱିନ କୁମାର ପଣ୍ଡା,**
ପୂଜକ, ମା' ଲଙ୍କେଶ୍ୱରୀ ମନ୍ଦିର।



ମା'ଙ୍କ ଖଣ୍ଡାବସା ପର୍ବ ରାଜାରାଜୁଡା ଅମଳରୁ ଅନୁଷ୍ଠିତ ହୋଇଆସୁଛି। ଏହି ପର୍ବ ଜୁନାଗଡ ଇତିହାସର କିମ୍ବଦନ୍ତୀ କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ। ଖଣ୍ଡାବସା ପର୍ବ ଦିନ ଜୁନାଗଡ ସହର ଚଳଚଞ୍ଚଳ ହୋଇ ଉଠିଥାଏ। ଚାରିଆଡେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ। ଏହି ପର୍ବ ପାଇଁ ଦୂରଦୂରାନ୍ତରେ ଥିବା ବନ୍ଧୁ, କୁଣିଆ ଲୋକମାନେ ମଧ୍ୟ ଘରକୁ ଆସିଥାନ୍ତି।

**ତ୍ରିଲୋଚନ ସିଂହ ବେଲଦାର,**
ଅବସରପ୍ରାପ୍ତ ଶିକ୍ଷକ, ଜୁନାଗଡ।



ମା' ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ଉତ୍ସବ ପ୍ରତିବର୍ଷ ଧୁମ୍‌ଧାମରେ ଅନୁଷ୍ଠିତ ହୋଇଆସୁଛି। ବର୍ଷକୁ ଥରେ ଏହି ପର୍ବ ପଡୁଥିବାରୁ ପୂରା ଜୁନାଗଡବାସୀ ଏହି ପର୍ବକୁ ଅନାଇ ରହିଥାନ୍ତି। ଚାରିଆଡେ ଭକ୍ତି, ଭାବମୟ ପରିବେଶ ସୃଷ୍ଟି ହୋଇଥାଏ।

**ମୁକେଶ ଅଗ୍ରୱାଲ,**
ପୂର୍ବତନ କାଉନସିଲର ।



ମା' ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ପର୍ବ ସବୁ ପର୍ବଠୁ ନିଆରା। ଦୀର୍ଘବର୍ଷ ହେବ ମା'ଙ୍କ ଖଣ୍ଡାବସା ଉତ୍ସବରେ ଦାୟିତ୍ୱ ତୁଲାଇଆସୁଛି। ଯାହାକି ମୋ ପାଇଁ ଗର୍ବର ବିଷୟ।

**ଚନ୍ଦ୍ର ଶେଖର ତ୍ରିପାଠୀ,**
କାମଦାର, ଦେବୋତ୍ତର ବିଭାଗ।


With Best Compliments From:
M/s. GANAPATI AGRO
Sanyasi Kundamal,
Junagarh, Kalahandi

ଖଣ୍ଡାବସା ଓ ଦୁର୍ଗାପୂଜା ଓ ଉପଲକ୍ଷେ
ଆପଣ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ
Booking Open for
2019-2020
DIGITAL
Contact For all Kind of photography
Videography & drone Shoot
Cell - 9668572402
Our Youtube chennal
http/:dineshdigital

।। ଖଣ୍ଡାବସା ଅଭିନନ୍ଦନ ।।
ଜୁନାଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଅବସରରେ କଳାହାଣ୍ଡି ଜିଲ୍ଲାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ଚିତ୍ତରଞ୍ଜନ ନିଆଲ
ଯୁବ ଆଇନଜୀବୀ
ଜୁନାଗଡ଼

।। ଖଣ୍ଡାବସା ଅଭିନନ୍ଦନ ।।
ମାଁ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ ମେରିଆବନ୍ଧଲି ପଞ୍ଚାୟତ ତରଫରୁ କଳାହାଣ୍ଡି ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛୁ।
ବିପିନ ବିହାରୀ ନାଏକ
ସରପଞ୍ଚ
ଜୟନ୍ତ କୁମାର ମୁଣ୍ଡ
କାର୍ଯ୍ୟନିର୍ବାହୀ ଅଧିକାରୀ

ଖଣ୍ଡାବସା ଅଭିନନ୍ଦନ
ପବିତ୍ର ଖଣ୍ଡାବସା ଅବସରରେ ଜୁନାଗଡ କୃଷି ବିଭାଗ ପକ୍ଷରୁ ଜୁନାଗଡ ବ୍ଲକର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛୁ ।
ଗଜାନନ ସାହୁ
ସହକାରୀ କୃଷି ଅଧିକାରୀ, ଚାରବାହାଲ
ନୌକେଶ୍ୱର ନାଗ
ଜୁନାଗଡ ସହକାରୀ କୃଷି ଅଧିକାରୀ

।। ଖଣ୍ଡାବସା ଅଭିନନ୍ଦନ ।।
ପବିତ୍ର ଖଣ୍ଡାବସା ଅବସରରେ କଳାହାଣ୍ଡି ଜିଲ୍ଲାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
କାଞ୍ଚନ ବାଗ
ନାନ୍ଦୋଲ ଜୋନ୍
ଭାଜପା ଜିଲ୍ଲା ପରିଷଦ ସଭ୍ୟା

।। ଖଣ୍ଡାବସା ଅଭିନନ୍ଦନ ।।
ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡି ଜିଲ୍ଲାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ମାଁ ଲଙ୍କେଶ୍ୱରୀ ସମସ୍ତଙ୍କୁ ସୁଖ, ଶାନ୍ତିରେ ରଖନ୍ତୁ ଏହା ହିଁ ପ୍ରାର୍ଥନା।
ଡଃ. ତ୍ରିଭୁବନ ପଣ୍ଡା
ସରପଞ୍ଚ
ଦୁନ୍ଦେଲମାଲ ପଞ୍ଚାୟତ, ଜୁନାଗଡ଼

With Best Compliments From
Admission Open... Limited Seat
Shree International
PHYSICAL FITNESS CENTRE &
TAEKWONDO DOJANG
Under Kalahandi District Taekwondo Association, KDTA (Estd. 2014, Regd No- Kld 33/2018)
Regd No. 40881003068/Dt.26.08.2016
Venue: Shree Durga Nagar, Near Hotel Panchanan, Junagarh, Kalahandi, Odisha
Physical Fitness Class Timeing
Morning- 5:30 AM to 7:30 AM (Boys & Gents)
8:00 AM to 9:30 (Girls & Ladies)
Evening- 5:00 PM to 6:30 PM (Girls & Ladies)
Taekwondo Class Timeing
Evening- 5:30 PM to 7:30 PM (Girls & Boys)
100% Weight Loss GURANTEE
Power Yoga, Aerobics
Zumba, Self Defence
-Contact.-
Sandeep Ku. Sahoo, Mob- 9938832279,
Coach Abinash- 8763274488, Coach Debabrata(Papu)- 9853492252
E-mail : shreeinternational121@gmail.com

।। ଖଣ୍ଡାବସା ଅଭିନନ୍ଦନ ।।
ମାଁ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡିବାସୀ ତଥା ପଣ୍ଡରାମାଳି ସମାଜର ସମସ୍ତ ଭାଇ, ଭଉଣୀ, ମାଆ, ମାଉସୀ, ଗୁରୁଜନମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ମାଁ ଲଙ୍କେଶ୍ୱରୀ ସମସ୍ତଙ୍କୁ ସୁଖ, ଶାନ୍ତିରେ ରଖନ୍ତୁ ଏହା ହିଁ ପ୍ରାର୍ଥନା।
ଦୁର୍ଗା ପ୍ରସାଦ ନାଏକ
କଳାହାଣ୍ଡି ଜିଲ୍ଲା
ପଣ୍ଡରାମାଳି ଯୁବ ବାହିନୀ ସଭାପତି
ତଥା ସମାଜସେବୀ

।। ଖଣ୍ଡାବସା ଅଭିନନ୍ଦନ ।।
ମାଁ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଅବସରରେ କଳାହାଣ୍ଡିବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ଆପଣଙ୍କ ସେବାରେ
ମେସର୍ସ ଗଣପତି ଭାରତ ଗ୍ୟାସ୍
ଗ୍ରାମୀଣ ବିତରକ
ମୁଣ୍ଡରାଗୁଡ଼ା (ଚିଲକପୁର), ଜୁନାଗଡ଼, କଳାହାଣ୍ଡି
Bharatgas
ମେସର୍ସ ମାଳତୀ ଇଣ୍ଡିଆନ୍ ଗ୍ୟାସ୍
ଗ୍ରାମୀଣ ବିତରକ
ଚାରବାହାଲ, ଜୁନାଗଡ଼, କଳାହାଣ୍ଡି
Indane

ଖଣ୍ଡାବସା ଅଭିନନ୍ଦନ
ଜୁନାଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡି ଜିଲ୍ଲାବାସୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛୁ। ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍) ସଂଘ, ଜୁନାଗଡ଼ ବ୍ଲକ, କଳାହାଣ୍ଡି।
ସଭାପତି: ଚକ୍ରପାଣି ବାଗ, ଜି.ଆର୍.ଏସ୍., କଳିଆକୁଣ୍ଡଲ ପଞ୍ଚାୟତ
ସମ୍ପାଦକ: ଚୁମ୍ବନ ମେହେର, ଜି.ଆର୍.ଏସ୍., ନକଟିଗୁଡ଼ା ପଞ୍ଚାୟତ
ଲାବଣ୍ୟ ମାଝୀ, ଜିଆର୍‌ଏସ୍, ଆଟିଗାଁ ପଞ୍ଚାୟତ, କୁସୁମ ମଞ୍ଜରୀ ମେହେର, ଜିଆର୍‌ଏସ୍, ବଳଦିଆମାଲ ପଞ୍ଚାୟତ, ସଞ୍ଜୀବ କୁମାର ପଟ୍ଟନାୟକ, ଜିଆର୍‌ଏସ୍, ବଣିଜରା ପଞ୍ଚାୟତ, ଭାଗୀରଥି ଧଙ୍ଗଡ଼ାମାଝୀ, ଜିଆର୍‌ଏସ୍, ବାଙ୍କପଲାସ ପଞ୍ଚାୟତ, ଲକ୍ଷ୍ମୀଧର ନାଏକ, ଜିଆର୍‌ଏସ୍, ବକ୍ସିତୁଲସୀପାଲି ପଞ୍ଚାୟତ, ଦିବାଲ ଚଲାନ, ଜିଆର୍‌ଏସ୍, ଭଇଁରୀଗୁଡ଼ା ପଞ୍ଚାୟତ, ଭାଗୀରଥି ଧଙ୍ଗଡ଼ାମାଝୀ, ଜିଆର୍‌ଏସ୍, ବୁଡ଼ିଦର ପଞ୍ଚାୟତ, ଗୌତମ ଦଳପତି, ଜିଆର୍‌ଏସ୍, ଚାରବାହାଲ ପଞ୍ଚାୟତ, ନିମାଇ ଚରଣ ଦଳପତି, ଜିଆର୍‌ଏସ୍, ଚାରଭାଟି ପଞ୍ଚାୟତ, କେଶବ ନାଏକ, ଜିଆର୍‌ଏସ୍, ଛୋରିଆଗଡ଼ ପଞ୍ଚାୟତ, ସୁଶାନ୍ତ କୁମାର ମେହେର, ଜିଆର୍‌ଏସ୍, ଚିଚୈଗୁଡ଼ା ପଞ୍ଚାୟତ, ରାଜେଶ କୁମାର ବାଗ, ଜିଆର୍‌ଏସ୍, ଚିଙ୍ଗୁଡ଼ିସର ପଞ୍ଚାୟତ, ଶଶାଙ୍କ ପାଢ଼ୀ, ଜିଆର୍‌ଏସ୍, ଦାସିଗାଁ ପଞ୍ଚାୟତ, କେଦାରନାଥ ସାହୁ, ଜିଆର୍‌ଏସ୍, ଦେଦର ପଞ୍ଚାୟତ, ଦିବ୍ୟ ରଞ୍ଜନ ବେହେରା, ଜିଆର୍‌ଏସ୍, ଦୁନ୍ଦେଲମାଲ ପଞ୍ଚାୟତ, ଦୁରବିନ୍ଦ ନାଏକ, ଜିଆର୍‌ଏସ୍, ଗୌଡ଼ଛେଣ୍ଡିଆ ପଞ୍ଚାୟତ, ଦୁରବିନ୍ଦ ନାଏକ, ଜିଆର୍‌ଏସ୍, ହାବସପୁର ପଞ୍ଚାୟତ, ନବାର୍ଣ୍ଣ ପୁଝାରୀ, ଜିଆର୍‌ଏସ୍, କଲେଇ ଗାଁ ପଞ୍ଚାୟତ, ଚୁଡ଼ାମଣି ରାଉତ, ଜିଆର୍‌ଏସ୍, କାଲୋପଲା ପଞ୍ଚାୟତ, ଦୀପକ କୁମାର ପାଢ଼ୀ, ଜିଆର୍‌ଏସ୍, କେନ୍ଦୁପାଟି ପଞ୍ଚାୟତ, ଆଶୁତୋଷ ପଣ୍ଡା, ଜିଆର୍‌ଏସ୍, ମହିଚଲା ପଞ୍ଚାୟତ, ଆଲୋକ ପଣ୍ଡା, ଜିଆର୍‌ଏସ୍, ମାଲିଗୁଡ଼ା ପଞ୍ଚାୟତ, ହରି ନାରାୟଣ ମେହେର, ଜିଆର୍‌ଏସ୍, ମାଟିଗାଁ ପଞ୍ଚାୟତ, ଦିବାଲ ଚଲାନ, ଜିଆର୍‌ଏସ୍, ମେରିଆବନ୍ଧଲି ପଞ୍ଚାୟତ, ବୀରେନ୍ଦ୍ର ନାଏକ, ଜିଆର୍‌ଏସ୍, ମୁଣ୍ଡରାଗୁଡ଼ା ପଞ୍ଚାୟତ, ରାଜେଶ କୁମାର ବାଗ, ଜିଆର୍‌ଏସ୍, ନାନ୍ଦୋଲ ପଞ୍ଚାୟତ, କଲ୍ଲେଶ୍ୱର ସୁନାନୀ, ଜିଆର୍‌ଏସ୍, ପଲାସ ପଞ୍ଚାୟତ, ଚକ୍ରପାଣି ବାଗ, ଜିଆର୍‌ଏସ୍, ପିଳିକିଆ ପଞ୍ଚାୟତ, ପ୍ରବୀଣ ମଶ୍ରା, ଜିଆର୍‌ଏସ୍, ରାଜପୁର, ତୃପ୍ତି ରଞ୍ଜନ ଅଧିକାରୀ, ଜିଆର୍‌ଏସ୍, ସନ୍ନ୍ୟାସୀକୁଣ୍ଡାମାଲ ପଞ୍ଚାୟତ, ସୁରେନ୍ଦ୍ର ବାଗ, ଜିଆର୍‌ଏସ୍, ତଳଜାରିଙ୍ଗ ପଞ୍ଚାୟତ, ଲାବଣ୍ୟ ମାଝୀ, ଜିଆର୍‌ଏସ୍, ତଳମଲା ପଞ୍ଚାୟତ।

।। ଖଣ୍ଡାବସା ଅଭିନନ୍ଦନ ।।
BJP
ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡି ଜିଲ୍ଲାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ମାଁ ଲଙ୍କେଶ୍ୱରୀ ସମସ୍ତଙ୍କୁ ସୁଖ, ଶାନ୍ତିରେ ରଖନ୍ତୁ।
ରୂପେଶ କୁମାର ଜୈନ
ଭାଜପା କଳାହାଣ୍ଡି ଜିଲ୍ଲା ସମ୍ପାଦକ
ତଥା ଜିଲ୍ଲା ଯୁବ ମୋର୍ଚ୍ଚା ପ୍ରଭାରୀ

।। ଖଣ୍ଡାବସା ଅଭିନନ୍ଦନ ।।
ଜୁନାଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଅବସରରେ କଳାହାଣ୍ଡି ଜିଲ୍ଲାବାସୀଙ୍କୁ ମହିଚଲା ପଞ୍ଚାୟତ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛୁ।
ଅଜୟ କୁମାର ବେହେରା
ସରପଞ୍ଚ
ନେତ୍ରାନନ୍ଦ ସାହୁ
ପିଇଓ
ଆଶୁତୋଷ ପଣ୍ଡା
ଜି.ଆର୍.ଏସ୍.
ଶାନ୍ତନୁ କୁମାର ବଣିଆ
ଯୁଥ୍

।। ଖଣ୍ଡାବସା ଅଭିନନ୍ଦନ ।।
ମାଁ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡି ଜିଲ୍ଲାର ସମସ୍ତ ଔଷଧ ବ୍ୟବସାୟୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ନବନିର୍ବାଚିତ କମିଟିକୁ ଜୁନାଗଡ଼ ଔଷଧ ବ୍ୟବସାୟୀ ସଂଘ ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ।
ଅଶୋକ କୁମାର ରାଉତ
ଜିଲ୍ଲା ସଭାପତି
ହୃଷୀକେଶ ମିଶ୍ର
ସମ୍ପାଦକ
ବିଷ୍ଣୁ ପ୍ରସାଦ ଅଗ୍ରୱାଲ
କୋଷାଧ୍ୟକ୍ଷ
ମୁକେଶ ଅଗ୍ରୱାଲ
ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ

ପ୍ରତ୍ୟେକ ଲୋକର ନିଜବାଟରେ ଭାବିବା, ଅନୁଭବ କରିବା ଓ ପ୍ରତିକ୍ରିୟା ଦେଖାଇବାର ଅଧିକାର ରହିଛି। କାହିଁକି ତୁମେ ଭାବିବ ଯେ, ଅନ୍ୟମାନେ ତୁମେ ଯାହା କରୁଛ ତାହା କରନ୍ତୁ ଓ ତୁମରି ଭଳି ହୁଅନ୍ତୁ ? -ଶ୍ରୀମା



# ଅଭିବୃଦ୍ଧିର କାରକ



ଆକାର ପଟେଲ

ଭାରତ କିପରି ଉଚ୍ଚହାରର ଅଭିବୃଦ୍ଧି ହାସଲ କରିବ ଓ ତାକୁ ଧରିରଖି ପାରିବ ? ଉଚ୍ଚହାର କହିଲେ ବାର୍ଷିକ ୮ ପ୍ରତିଶତ ବା ତା'ଠୁ ଅଧିକ। ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାରଣ ଭାରତ ଚାହୁଁଛି ୨୦୨୫ ସୁଦ୍ଧା ଏକ ୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହେବ। ସେଠି ପହଞ୍ଚିବା ପାଇଁ ଭାରତକୁ ୯ ପ୍ରତିଶତ ହାରରେ ବଢ଼ିବାକୁ ହେବ। ଆମେ ଏବେ ୫ ପ୍ରତିଶତ ହାରରେ ବୃଦ୍ଧିପାଉଛୁ ବୋଲି ଗତ ତ୍ରିମାସୀର ତଥ୍ୟରୁ ଜଣାପଡ଼ିଛି। ତେଣୁ ୯ ପ୍ରତିଶତ ହାରରେ ବୃଦ୍ଧି ପାଇବା କ'ଣ ସମ୍ଭବ ? ଏହାର ଉତ୍ତର ହେଉଛି 'ହଁ' କାରଣ ଅନ୍ୟ ଦେଶରେ ତାହା ସମ୍ଭବ ହୋଇଛି। ଏହା ସମ୍ଭବ ବୋଲି ପ୍ରଧାନମନ୍ତ୍ରୀ ନିଶ୍ଚିତଭାବରେ ବିଶ୍ୱାସ କରୁଛନ୍ତି। କିଛିବର୍ଷ ତଳେ ସେ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିଲାବେଳେ ମୁଁ ତାଙ୍କର ଏକ ସାକ୍ଷାତ୍କାର ନେଇଥିଲି। ସେତେବେଳେ ସେ କହିଥିଲେ ଯେ ତାଙ୍କ ରାଜ୍ୟ ୧୫ ପ୍ରତିଶତ ହାରରେ ବୃଦ୍ଧି ପାଇବା ସେ ଚାହାନ୍ତି, ଯାହାଫଳରେ ଭାରତ ୧୦ ପ୍ରତିଶତ ହାରରେ ବୃଦ୍ଧି ପାଇପାରିବ।

ତେଣୁ ଉଚ୍ଚାଭିଳାଷ ତ ନିଶ୍ଚିତ ଭାବରେ ରହିଛି ଏବଂ ଆଧୁନିକ ସମୟରେ ଅତି କମ୍‌ରେ ତିନୋଟି ବୃହତ୍ ଦେଶ ନିଜର ଉଚ୍ଚାଭିଳାଷ ପୂରଣ କରିପାରିଛନ୍ତି। ପ୍ରଥମେ ମୁଁ ସୋଭିଏତ୍ ୟୁନିୟନର ନାମ ନେବି ଯଦିଚ ଏହା କେତେକ ପାଠକଙ୍କୁ ବିସ୍ମିତ କରିପାରେ। ଦ୍ୱିତୀୟ ବିଶ୍ୱଯୁଦ୍ଧରୁ ବାହାରିବା ପରେ ରୁଷିଆ ଖୁବ୍ ଗରିବ ଥିଲା। ୧୯୫୦ରୁ ୧୯୭୦ ଭିତରେ ସୋଭିଏତ୍ ଅର୍ଥନୀତି ହଠାତ୍ ଖୁବ୍ ଦ୍ରୁତଗତିରେ, ବାର୍ଷିକ ୧୦ ପ୍ରତିଶତରୁ ଅଧିକ ହାରରେ ବୃଦ୍ଧି ପାଇବାକୁ ଲାଗିଲା। ଦେଶର ଅର୍ଥନୀତି ସାମ୍ୟବାଦୀ ସରକାର ଦ୍ୱାରା ପରିଚାଳିତ ହେଲେ ସୁଦ୍ଧା ଏପରି ବିସ୍ମୟକର ଅଭିବୃଦ୍ଧି ଦେଖିବାକୁ ମିଳିଲା। ପରେ ସୋଭିଏତ୍ ୟୁନିୟନ ଭାଙ୍ଗି ଯେଉଁ ନୂତନ ରୁଷିଆ ଜନ୍ମ ନେଇଛି, ତାହା ପାଶ୍ଚାତ୍ୟ ମାନଦଣ୍ଡ ଅନୁସାରେ ଗରିବ ହେଲେ ବି ଅବଶିଷ୍ଟ ବିଶ୍ୱ ତୁଳନାରେ ଧନୀ। ଦ୍ୱିତୀୟ ବୃହତ୍ତମ ଦେଶ ଚାଇନା ବି ୧୯୯୦ ଦଶକରୁ ନିରବଚ୍ଛିନ୍ନ ଭାବେ ଅନେକ ବର୍ଷ ଧରି ଓ ତା' ପରେ ବି ବାର୍ଷିକ ୧୦ ପ୍ରତିଶତରୁ ଉଚ୍ଚହାରରେ ଅଭିବୃଦ୍ଧି ହାସଲ କରିଚାଲିଛି। ତେଣୁ ଲକ୍ଷ୍ୟ ହାସଲ ସମ୍ଭବ।

ତେବେ କଥା ହେଉଛି ଆମେ ଲକ୍ଷ୍ୟ ହାସଲ ଆଡ଼କୁ ଅଗ୍ରଗତି କଲାବେଳେ କିଏ ଆମକୁ ରୋକୁଛି। ଆମେ ଏଠାରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ କାରକ ଉପରେ ଦୃକ୍‌ପାତ କରିପାରିବା, ଯାହା ଅର୍ଥନୀତିକୁ ପରିଚାଳିତ କରୁଛି। ପ୍ରଥମଟି ହେଉଛି ଷ୍ଟେଟ୍ ବା ସରକାର ଏବଂ କେମିତି ଏହା ବିଭିନ୍ନ ନୀତି ମାଧ୍ୟମରେ ଅର୍ଥନୀତିକୁ କ୍ରିୟାଶୀଳ କରୁଛି। ନିକଟରେ ଭାରତ ସରକାର କର୍ପୋରେଟ୍‌ଗୁଡ଼ିକର ଟିକସ ହ୍ରାସ କଲେ। ଷ୍ଟକ୍ ମାର୍କେଟଗୁଡ଼ିକ ମୋଦି ସରକାରଙ୍କ ଏହି ପଦକ୍ଷେପ ସପକ୍ଷରେ ଅନୁକୂଳ ପ୍ରତିକ୍ରିୟା ପ୍ରକାଶ କଲେ ଏବଂ ଆଗାମୀ ଦିନରେ ସେମାନଙ୍କ ମଧ୍ୟରେ ଏହି ଉତ୍ସାହ ଯଦି ବଳବତ୍ତର ରହେ, ତେବେ ତାହା ଅଭିବୃଦ୍ଧିକୁ ଶକ୍ତିଶାଳୀ କରିବାରେ ସାହାଯ୍ୟ କରିବ। ସରକାର ଏପରି ସବୁ ନୀତି ନିର୍ଦ୍ଧାରଣ କରିପାରିବେ, ଯାହାଦ୍ୱାରା ଅଭିବୃଦ୍ଧି ତ୍ୱରାନ୍ୱିତ ହେବ। ତେବେ ତାହା ସରକାରଙ୍କ ଦକ୍ଷତା ଉପରେ ନିର୍ଭର କରେ। ଭାରତର ଗୋଟିଏ ସମସ୍ୟା ହେଉଛି ସରକାର ଆଇନ କରୁଛନ୍ତି, କିନ୍ତୁ ତାହାକୁ ପୂର୍ଣ୍ଣ ମାତ୍ରାରେ କାର୍ଯ୍ୟକାରୀ କରିପାରୁ ନାହାନ୍ତି। ଗୋଟିଏ ଉଦାହରଣ ହେଉଛି ଆୟକର। ଅନ୍ୟ ମଧ୍ୟମ ଆୟବର୍ଗର ଦେଶଗୁଡ଼ିକ ତୁଳନାରେ ଭାରତରେ ଆୟକର ଦେଉଥିବା ଲୋକଙ୍କ ସଂଖ୍ୟା ବହୁତ କମ୍। କାରଣ ସରକାର ସେମାନଙ୍କୁ ଆୟକର ଦେବା ପାଇଁ ମନେଇପାରୁ ନାହାନ୍ତି ବା ବାଧ୍ୟ କରିପାରୁ ନାହାନ୍ତି। ଏହା ସୁଶାସନର ଲକ୍ଷଣ ନୁହେଁ। ଦ୍ୱିତୀୟ କାରକ ହେଉଛି ଜନସମାଜ ଓ ଏହାର ମେଧା। ଅର୍ଥନୀତି ବୃଦ୍ଧି ପାଇପାରିବ ଯଦି ଲୋକମାନେ ଅଧିକ ସଞ୍ଚୟ କରିବେ ଓ ନିବେଶ କରିବେ। ତା'ପରେ ବ୍ୟକ୍ତି ଓ କର୍ପୋରେଟମାନେ ନିଜର ସମ୍ପଦକୁ ବିନିଯୋଗ କରି ବିଭିନ୍ନ ଦ୍ରବ୍ୟ ଓ ସେବା ସୃଷ୍ଟି କରିବା ଦରକାର। ମଧ୍ୟବିତ୍ତବର୍ଗର ରକ୍ଷଣଶୀଳତା ଏଥିରେ ପ୍ରତିବନ୍ଧକ ସାଜୁଛି। ଭାରତର ମଧ୍ୟବିତ୍ତବର୍ଗ ଲକ୍ଷ୍ୟ ଓ ଉଚ୍ଚାଭିଳାଷକୁ ନେଇ ନିଜ ଜୀବନର ମାର୍ଗ ଆପଣାଇଥାନ୍ତି। ସେମାନେ ଉଚ୍ଚ ପଦବୀର ସରକାରୀ ବା କର୍ପୋରେଟ ଚାକିରି ବା ବାବୁଗିରିକୁ ପସନ୍ଦ କରିଥାନ୍ତି। ତା'ପରେ ସେମାନେ ଡାକ୍ତରୀ ବା ଇଞ୍ଜିନିୟରିଂକୁ ପସନ୍ଦ କରିଥାନ୍ତି, ତାହା ବି ନିଯୁକ୍ତିଭିତ୍ତିକ। ଏହାର ବିଭିନ୍ନ କାରଣ ବିଷୟରେ ଆମେ ତର୍ଜମା କରିବା ଉଚିତ। ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାରଣ ତା' ନ ହେଲେ ଆମେ କେବଳ ଜିଡିପି ଉପରେ ଗୁରୁତ୍ୱ ଦେବା ଏବଂ ସେଥିପାଇଁ କେବଳ ବର୍ତ୍ତମାନର ସରକାରଙ୍କୁ ଦାୟୀ କରିବା, ଯାହା ଠିକ୍ ନୁହେଁ।

ଆମ ରକ୍ଷଣଶୀଳତାର ଗୋଟିଏ କାରଣ ଜାତିବାଦ। ଆମେ ଯଦି ୧୦୦ଟି ବଡ଼ ଘରୋଇ କର୍ପୋରେଟ ସଂସ୍ଥା ବା ଆଧୁନିକ ସୂଚନା ପ୍ରଯୁକ୍ତି କମ୍ପାନୀକୁ ଦେଖିବା ତେବେ ସେଥିରେ ଅଧିକାଂଶ ଦୁଇ ବା ତିନୋଟି ଛୋଟ ସମ୍ପ୍ରଦାୟର ଲୋକ ହିଁ କାମ କରୁଛନ୍ତି, ଯେପରି ଅଗ୍ରୱାଲ ବା ଗୁଜରାଟୀ ବଣିଆ। ଅନ୍ୟ ସବୁ ସମାନ ଥିବାବେଳେ ସେମାନେ ଅନ୍ୟମାନଙ୍କ ଅପେକ୍ଷା ପୁଞ୍ଜି ବୃଦ୍ଧି କରିବା ଓ ପରିଚାଳନା କରିବାରେ ଅଧିକ ଦକ୍ଷ ଥିବା ପରି ଜଣାପଡ଼ନ୍ତି। ସେମାନେ ପୁଞ୍ଜି ପରିଚାଳନାରେ ରିସ୍କ ନେବା ପାଇଁ ଅଭ୍ୟସ୍ତ ଯେଉଁଥିରେ ମେଧାର କିଛି ଭୂମିକା ନାହିଁ। ଚାଇନାରେ ଏ ସମସ୍ୟା ନାହିଁ। ଚାଇନାର ମୂଳ ସମ୍ପ୍ରଦାୟ ହେଉଛି ହାନ୍। ଏକା ହାନ୍ ସମ୍ପ୍ରଦାୟର ଚାଇନିଜ୍‌ମାନେ ଚାଇନା, ହଂକଂ, ସିଙ୍ଗାପୁର, ମାଲେସିଆ ବା ତାଇୱାନରେ ଦେଖିବାକୁ ମିଳନ୍ତି। ତେଣୁ ସେମାନଙ୍କ ଔଦ୍ୟୋଗିକ ମେଧାର ଅଭାବ ନାହିଁ, ଯାହା ଆମ ଦେଶରେ ସୀମିତ। ଆମ ଦେଶର ଆର୍ଥିକ ଅଭିବୃଦ୍ଧି କିପରି ବଢ଼ିବ ଏବଂ କେଉଁ କାରଣରୁ ତାହା ବଢ଼ିପାରୁ ନାହିଁ, ତା' ଉପରେ ଅଧିକ ବିଶ୍ଳେଷଣ କରାଯିବାର ଆବଶ୍ୟକତା ରହିଛି। କେବଳ ସରକାର ବା ତାଙ୍କ ନୀତିକୁ ଏଥିପାଇଁ ଦାୟୀ କରିବା ଠିକ୍ ନୁହେଁ।

Email: aakar.patel@gmail.com

## ୨୫ ବର୍ଷ ତଳର ଧରିତ୍ରୀ

୨୨ ସେପ୍ଟେମ୍ବର ୧୯୯୪

- ଆମେରିକା ଓ ରୁଷିଆ ମଧ୍ୟରେ ପାରମାଣବିକ ନିରାପତ୍ତା ଚୁକ୍ତିନାମା ସ୍ୱାକ୍ଷରିତ।
- ଓଡ଼ିଶା ଜିଲା ପରିଷଦ ସଂଶୋଧନ ବିଲ୍-୧୯୯୪ ବିଧାନସଭାରେ ଅନୁମୋଦନ ଲାଭ କରିଛି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | B | | | | | | | | D | | | | A | 4 |
| | 4 | | 1 | 2 | | 5 | | | A | | 6 | E | | |
| | | D | 3 | | | A | | | | | | | | |
| 2 | | | | | 4 | 3 | | | | B | | | C | 0 |
| | 6 | C | | 5 | | | B | | | 9 | | 8 | | 3 |
| 6 | | | | | | | | | | 7 | | 9 | | |
| 9 | | | 2 | | | | | | | 3 | A | | | 1 |
| | | 4 | | 1 | E | | | | 6 | C | | | | |
| | C | | 0 | A | | | 2 | 9 | B | | 1 | D | E | |
| E | | B | | | C | | | 1 | | | | | | 7 |
| | 5 | | | B | | | | | E | 4 | | | | 2 |
| | | | | | 1 | 8 | | | | 0 | B | | | E |
| | | | D | | | E | | 0 | 8 | | 2 | | 1 | 5 |
| | | | | 0 | | 2 | | B | | 1 | 7 | 3 | | |
| 4 | | | A | 8 | | | | | C | | | 0 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | B | 3 | 1 | D | 0 | 9 | 6 | 7 | A | 4 | 5 | 2 | 8 | C |
| 0 | C | 8 | 7 | 5 | 4 | E | D | 2 | 6 | 1 | B | A | 9 | 3 |
| 5 | 9 | 4 | 6 | A | E | B | 8 | C | 7 | 2 | 3 | 0 | D | 1 |
| A | 1 | 2 | 9 | B | 8 | 5 | 3 | 4 | C | D | 0 | 6 | 7 | E |
| 7 | D | 6 | C | 2 | 3 | 1 | 0 | A | E | 9 | 8 | 5 | 4 | B |
| D | 4 | 5 | E | 1 | A | C | B | 9 | 3 | 6 | 2 | 8 | 0 | 7 |
| 1 | 2 | 0 | B | 9 | C | D | E | 6 | 8 | A | 7 | 4 | 3 | 5 |
| 8 | A | C | 5 | 3 | D | 4 | 7 | 0 | 9 | B | E | 1 | 2 | 6 |
| 9 | 6 | E | 8 | 0 | 7 | A | 2 | 3 | 1 | 5 | 4 | B | C | D |
| 3 | 7 | B | 2 | 4 | 6 | 8 | 1 | 5 | D | 0 | C | 9 | E | A |
| B | 3 | 9 | 4 | 6 | 5 | 0 | C | 1 | 2 | 7 | D | E | A | 8 |
| 4 | E | D | 3 | C | 1 | 2 | A | B | 5 | 8 | 9 | 7 | 6 | 0 |
| C | 0 | 7 | A | E | 2 | 6 | 5 | 8 | 4 | 3 | 1 | D | B | 9 |
| 6 | 8 | 1 | 0 | 7 | 9 | 3 | 4 | D | B | E | A | C | 5 | 2 |
| 2 | 5 | A | D | 8 | B | 7 | 9 | E | 0 | C | 6 | 3 | 1 | 4 |

ଗତକାଲି ପ୍ରକାଶିତ ଉତ୍ତର

# ସଭିଙ୍କୁ ଧନ୍ୟବାଦ



ପ୍ରକାଶ ତ୍ରିପାଠୀ

ଏଇ କିଛିଦିନ ତଳର ଘଟଣା। ସେଦିନ ଥାଏ ରବିବାର। ଜଣେ ବନ୍ଧୁଙ୍କୁ ଆଣିବା ପାଇଁ ରେଲୱେ ଷ୍ଟେଶନ ବାହାରିଲି। ମଧ୍ୟାହ୍ନ ବାରଟା ସମୟ ହେବ। ମୁଣ୍ଡଫଟା ଖରାରେ ଦେହମୁଣ୍ଡ ପୋଡି ଯାଉଥାଏ। ଘରଠାରୁ ଷ୍ଟେଶନ ପ୍ରାୟ ଦୁଇ କିଲୋମିଟର ହେବ । ଅଳ୍ପ କିଛିବାଟ ଯାଇଛି କି ନାହିଁ ମୋଟରସାଇକେଲରେ କିଛି ତ୍ରୁଟି ଯୋଗୁ ଏହା ଅଟକିଗଲା। ଅନୁଧ୍ୟାନରୁ ଜାଣିଲି ତେଲ ବନ୍ଦ ଥିଲା। ତେଲ ସୁଇଚ୍ ଅନ୍ କରି ପୁନର୍ବାର କିକ୍ ମାରନ୍ତେ ଗାଡି ଷ୍ଟାର୍ଟ ହୋଇଗଲା ସତ, ମାତ୍ର ଜୋତାରୁ ବକ୍‌ଲିସ୍ (ଫିତା) ଛିଡିଗଲା। ଅବଶିଷ୍ଟ ରାସ୍ତା ସମ୍ପୂର୍ଣ୍ଣ ଜୋତାମନସ୍କ ହୋଇ ଯିବାକୁ ପଡିଲା। ଷ୍ଟେଶନ ନିକଟରେ ପହଞ୍ଚିବା ପରେ ଛିଣ୍ଡା ଜୋତାରେ କେମିତି ଚାଲିବି ସେଇ ଚିନ୍ତାରେ ଥାଏ। ଆଖି ମୋର ଖୋଜି ବୁଲୁଥିଲା ଜୋତା ମରାମତିକାରୀ (ମୋଚି)ଙ୍କୁ। ହଠାତ୍ ନଜର ପଡିଲା ରାସ୍ତାର ଗୋଟିଏ କଡ଼ରେ, ବଡ଼ ଛତାଟିଏ ଲଗାଇ ମଧ୍ୟବୟସ୍କ ବ୍ୟକ୍ତିଟିଏ ବସିଛନ୍ତି। ସମ୍ମୁଖରେ ଗୋଟେ କାଠ ଡାବଲ ଉପରେ ଦୁଇ ଚାରି ହଳ ଛିଣ୍ଡା ଚପଲ, କିଛି ନୂଆ ଫିତା, ଜୋତାରେ ଲାଗିବାକୁ ଥିବା କିଛି ସୋଲ୍ ଓ ପଲିଶ୍ ଡବା। ଗୋଡ ଘୋଷାରି ଘୋଷାରି ସେହି ବ୍ୟକ୍ତିଙ୍କ ନିକଟରେ ପହଞ୍ଚିଲି ଓ ଜୋତାରେ ବକ୍‌ଲିସ୍ ସିଲାଇ କରିଦେବାକୁ କହିଲି। ଲୋକଟି ପ୍ରଥମେ ଗୋଟିଏ କାର୍ଡବୋର୍ଡ ପକାଇ ଦେଇ ତା' ଉପରେ ଠିଆ ହେବାକୁ ମୋତେ ଅନୁରୋଧ କଲେ। ମୋ ପାଦର ସୁରକ୍ଷା ଚିନ୍ତା ଥିଲା ତାଙ୍କର। ମାତ୍ର ଦଶମିନିଟରେ ସିଲାଇ କରିବା ସହ ଜୋତା ପଲିଶ୍ କରି ମୋ ପାଦ ପାଖରେ ଅତି ଯତ୍ନର ସହ ସେ ରଖିଦେଲେ। ପାରିଶ୍ରମିକ ବୁଝି ତାଙ୍କ ହାତକୁ ଟଙ୍କା ବଢ଼ାଇ ଦେଲି ଓ ଧନ୍ୟବାଦ ସହ ମୋର କୃତଜ୍ଞତା ଜଣାଇଲି। କେତେ ବଡ଼ ସମସ୍ୟାରୁ ମୋତେ ସେଦିନ ସେହି ଜୋତା ମରାମତିକାରୀ ଉଦ୍ଧାର କରିଦେଲେ। ହଠାତ୍ ସେହି ଲୋକଟି ଭାବପ୍ରବଣ ହୋଇପଡିବା ମୁଁ ଲକ୍ଷ୍ୟ କଲି। ଆଖି ଛଳଛଳ କରି କହିଲେ- ସାର୍! ମୋର କାହିଁ ମନେ ପଡୁନି କାହାଠାରୁ ଧନ୍ୟବାଦଟିଏ କେବେ ପାଇଥିଲି। ହେଲେ ଆପଣଙ୍କ ତୁଣ୍ଡରୁ ଏଇ ପଦୁଟିଏ କଥା ଶୁଣି ସତେଯେମିତି ଏ ଝାଞ୍ଜି ଖରାରେ ସୁଶୀତଳ ପବନ ଝଲକାଏ ବହିଗଲା। ଅନେକ ଗରାଖ ଆସୁଛନ୍ତି। ସେମାନଙ୍କ ମଇଳା ଜୋତାକୁ ନିଜ ହାତରେ ସଫାକରି ମରାମତି କରୁଛି। ପଦୁଟିଏ ଧନ୍ୟବାଦ ବା ବକ୍‌ସିସ୍ ଦେବା ତ ଦୂରର କଥା, ମାଗିଥିବା ପାରିଶ୍ରମିକରୁ ବି ଦୁଇ ଚାରିଟଙ୍କା କାଟିକରି ଦିଅନ୍ତି। ମୂଲଚାଲ କରନ୍ତି। ଟ୍ରେନ୍ ଟାଇମ୍ ହୋଇଯାଇଥିବାରୁ ମୁଁ ବେଶି ସମୟ କଥା ହୋଇପାରି ନ ଥିଲି ସେହି ଜୋତା ମରାମତିକାରୀଙ୍କ ସହ। ହେଲେ ତାଙ୍କ ଅଭିମାନଭରା କଥା ମୋ କାନରେ ବାରମ୍ବାର ପ୍ରତିଧ୍ୱନିତ ହେଉଥିଲା ଯେ, ତାଙ୍କ ସେବା ପାଇଁ କେହି ବି ତାଙ୍କୁ ଧନ୍ୟବାଦଟିଏ ଦିଅନ୍ତି ନାହିଁ।

ଜଣଙ୍କଠାରୁ ଉପକାର, ସାହାଯ୍ୟ, ସେବା ବା ସହଯୋଗ ପାଇ ପ୍ରତିବଦଳରେ ଅନ୍ତରରୁ କୃତଜ୍ଞତାଟିଏ ପ୍ରକାଶ ନ କଲେ ଏହା ଅଶିଷ୍ଟ ହୋଇଥାଏ। ଆମେ ଆମ ଜୀବନକାଳ ମଧ୍ୟରେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତିଟି ମୁହୂର୍ତ୍ତ ଅନ୍ୟର ସହଯୋଗ ଓ ସେବାରେ କାଟିଥାଉ। ଜନ୍ମ ସମୟରେ ମଣିଷ ଛୁଆଟିଏ ଯେପରି ପରିବାର ପରିଜନଙ୍କ ସର୍ବୋତ୍କୃଷ୍ଟ ସେବାରେ ବୃଦ୍ଧିପ୍ରାପ୍ତ ହୁଏ, ସେହିପରି ପରବର୍ତ୍ତୀ ଶୈଶବ, କୈଶୋର, ଯୁବ ଓ ପ୍ରୌଢ଼ ସମୟ ବି ଅନ୍ୟମାନଙ୍କ ଉପକାର ଓ ସେବାପ୍ରାପ୍ତିରେ ଅତିବାହିତ ହୋଇଥାଏ। ଏପରି କି ମୃତ୍ୟୁ ପରେ ବି ଆମ ମରଶରୀରର ଅନ୍ତିମ କ୍ରିୟା ପାଇଁ ଅନ୍ୟର କାନ୍ଧ ଆବଶ୍ୟକ ପଡିଥାଏ। ମାତୃ-ପିତୃ ଋଣ, ଗୁରୁ ଋଣ, ବନ୍ଧୁ ଋଣ ଓ ଆହୁରି ଅନେକ ପ୍ରତ୍ୟକ୍ଷ ଓ ପରୋକ୍ଷ ଋଣ (ସମାଜ ଋଣ)ରେ ମଣିଷ ଜୀବନ ବୁଡି ରହିଥାଏ। ଏହି ସବୁ ଋଣରୁ ମୁକ୍ତି ମିଳିବା ତ ସହଜ ନୁହେଁ, ମାତ୍ର ଅନ୍ୟଠାରୁ ଜୀବନର ବିଭିନ୍ନ ସୋପାନରେ ପାଇଥିବା ସେବା ଓ ସହଯୋଗ ପ୍ରତିବଦଳରେ ନିଜର କୃତଜ୍ଞତା ପ୍ରକାଶ କରିବା ଆଦୌ କଷ୍ଟକର ନୁହେଁ। ଟିକେ ନିରିଖେଇ ଦେଖିଲେ ଜାଣିପାରିବା ପ୍ରତ୍ୟହ ଆମେ କିପରି ଅନ୍ୟର ସେବା ଓ ଉପକାରରେ ଆଗକୁ ବଢିଚାଲିଛେ, ସରସ ସୁନ୍ଦର ଜୀବନ ଜିଇ ପାରୁଛେ। ଶିରା-ପ୍ରଶିରାକୁ ଟାଣ କରି ରିକ୍ସା ଭିଡି ଭିଡି ଆମକୁ ଗନ୍ତବ୍ୟସ୍ଥଳରେ ପହଞ୍ଚାଇ ଦେଉଥିବା ରିକ୍ସାବାଲା, ମୁଣ୍ଡରେ ଇଟାପଥର ବୋହି ଆମ ପାଇଁ ସ୍ୱପ୍ନର ସୁରମ୍ୟ ଘର ନିର୍ମାଣ କରୁଥିବା ଶ୍ରମିକ, ଖରା-ବର୍ଷା-ଶୀତକୁ ଭ୍ରୂକ୍ଷେପ ନ କରି ସକାଳୁ ସକାଳୁ ଆପଣଙ୍କ ଘର ନିକଟରେ ପହଞ୍ଚି ଯାଉଥିବା କ୍ଷୀର ବାଲା, ପରିବା ବାଲା, ମାଛ ବାଲା ଓ ପେପର ବାଲା, ନିୟମିତ ଭାବେ ଆପଣଙ୍କ ଅଇଁଠାବାସନ ମାଜି, ଘରଦ୍ୱାର ଓଳାଇ ଆପଣଙ୍କ ଘରକୁ ସରସ ସୁନ୍ଦର କରୁଥିବା କାମବାଲୀ, ଆପଣଙ୍କ ଝିଅ-ପୁଅକୁ ନିରାପଦରେ ସ୍କୁଲକୁ ନବା-ଆଣିବା ତଥା ଆମ୍ଭମାନଙ୍କୁ ସମୟ-ଅସମୟରେ ନିରାପଦରେ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇ ଦେଉଥିବା ଅଟୋ, ଟ୍ୟାକ୍ସି ଓ ବସ୍‌ର କର୍ମଚାରୀମାନେ, ପ୍ରତିକୂଳ ପରିସ୍ଥିତିରେ ବି ପ୍ରକୃତି ସହ ସଂଘର୍ଷ କରି ଆମ ଖାଇବା ଥାଳିକୁ ପରିପୂର୍ଣ୍ଣ କରୁଥିବା କୃଷକ, ରକ୍ତକୁ ପାଣି ଫଟାଇ ଦିନରାତି ରାସ୍ତାଘାଟ, କୋଠାବାଡି ଗଢିବାରେ ସେବା ପ୍ରଦାନ କରୁଥିବା ମେହେନତି ମଣିଷ, ସକାଳ ହେବା ପୂର୍ବରୁ ଆମେ ଯାତାୟାତ କରୁଥିବା ରାସ୍ତାରୁ ଅଳିଆ-ଆବର୍ଜନା ଉଠାଇ ପରିଷ୍କାର କରୁଥିବା ସଫେଇ କର୍ମଚାରୀ, ଆମ୍ଭମାନଙ୍କ ସୁରକ୍ଷାରେ ନିୟୋଜିତ ଥିବା ସୁରକ୍ଷା କର୍ମଚାରୀ, ଆମ ମଇଳା ପିନ୍ଧାବସ୍ତ୍ରକୁ ସଫାକରି, ଇସ୍ତ୍ରି କରି ଦେଉଥିବା ଲଣ୍ଡ୍ରିବାଲା, ଆମକୁ ନୂଆ ନୂଆ ବେଶପୋଷାକରେ ଆକର୍ଷଣୀୟ କରୁଥିବା ଦରଜି, ଆମ ଅଯତ୍ନ କେଶ ଓ ନିଶଦାଢିକୁ ସଯତ୍ନେ ସଜାଉଥିବା ସେଲୁନ ବାଲା, ଆମ ଘରର ନଳକୂପ ଓ ପାଣି ପାଇପ ଲାଇନକୁ ନିମିଷକେ ସଜାଡି ଦେଉଥିବା ପ୍ଲମ୍ବର, ବିଦ୍ୟୁତ୍ ସରଞ୍ଜାମକୁ କାର୍ଯ୍ୟକ୍ଷମ କରି ଆମକୁ ସମୟ-ଅସମୟରେ ସେବା ପ୍ରଦାନ କରୁଥିବା ମେକାନିକ୍, ଆମକୁ ପାଠ ପଢ଼ାଇ ଶିକ୍ଷିତ ତଥା ରୋଜଗାରକ୍ଷମ କରାଇଥିବା ଶିକ୍ଷୟିତ୍ରୀ-ଶିକ୍ଷକ, ଆମ ସ୍ୱାସ୍ଥ୍ୟରକ୍ଷାରେ ସେବା ପ୍ରଦାନ କରୁଥିବା ଡାକ୍ତର ଓ ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀ, ସୁବିଧା-ଅସୁବିଧା ଓ ଭଲ-ମନ୍ଦରେ ପାଖରେ ଠିଆ ହୋଇ ସାହସ ଦେଉଥିବା ସାଙ୍ଗସାଥୀମାନଙ୍କୁ ଆମେ ଅନ୍ତରରୁ କେବେ କୃତଜ୍ଞତା ପୂର୍ବକ ଧନ୍ୟବାଦଟିଏ ଦେଇଛେ କି? ଧନ୍ୟବାଦ କେବଳ ଏକ ଶବ୍ଦ ନୁହେଁ। ନିଜ ଅନ୍ତରରେ ସୃଷ୍ଟି ହୋଇଥିବା ଶୁଦ୍ଧ ଭାବନା ପ୍ରକାଶ କରିବାର ଏହା ଏକ ବାହ୍ୟ ପ୍ରଦର୍ଶନ ଓ ସର୍ବୋତ୍କୃଷ୍ଟ ବାହାନା । ଧନ୍ୟବାଦ ପ୍ରଦାନ କେବଳ ଔପଚାରିକତା ଭିତରେ ଆବଦ୍ଧ ନ ରହି ଅନ୍ତରାତ୍ମାରୁ ନିଃସୃତ ହେଲେ ଏହାର ପ୍ରଭାବ ସୁଦୂରପ୍ରସାରୀ ହୋଇଥାଏ। ଅନ୍ୟକୁ ନିଜର କୃତଜ୍ଞତା ପ୍ରକାଶ ଦ୍ୱାରା ଯେଉଁ ସକାରାତ୍ମକ ତରଙ୍ଗ ସୃଷ୍ଟିହୁଏ, ଏଥିରେ ଉପକାର କରିଥିବା ବ୍ୟକ୍ତି, ଉପକାର ପାଇଥିବା ବ୍ୟକ୍ତି ଓ ସମୀପରେ ଉପସ୍ଥିତ ଥିବା ବ୍ୟକ୍ତିମାନେ ବି ପ୍ରଭାବିତ ହୋଇଥାନ୍ତି, ଉପକାର କରିବା ପାଇଁ ଏହା ଅଧିକରୁ ଅଧିକ ପ୍ରେରଣା ଯୋଗାଇଥାଏ। ବେଳେବେଳେ ଆମକୁ ସେବା ପ୍ରଦାନ କରୁଥିବା ମଣିଷଟିକୁ ପାରିଶ୍ରମିକ ପ୍ରଦାନ କରି ଭୁଲି ଯାଇଥାଉ ଧନ୍ୟବାଦ ଭଳି ଏକ ଛୋଟିଆ ଶବ୍ଦଟିକୁ ଉପଯୋଗ କରିବାକୁ। ଯେଉଁମାନଙ୍କ ସେବା ଓ ସହଯୋଗରେ ଆମେ ଜିଇଛେ ସେମାନେ ସମସ୍ତେ ଆମ ପାଇଁ ଜଣେ ଜଣେ ବିଶେଷ ମଣିଷ, ଆମ ପାଖରେ ଯେତେ ଧନସମ୍ପଦ ଥିଲେ ମଧ୍ୟ ଏହି ମଣିଷମାନେ ନ ଥିଲେ ଆମ ଜୀବନ ଦୁର୍ବିଷହ ହୋଇପଡନ୍ତା। ମାତ୍ର ଦୁଃଖର କଥା, ଆମ ଭିତରୁ ଅନେକ ମଣିଷ ଆମ ସେବାରେ ଆସୁଥିବା କିଛି ମଣିଷଙ୍କୁ କୃତଜ୍ଞତା ଜଣାଇବାକୁ ନିଜର ମର୍ଯ୍ୟାଦାହାନି ବୋଲି ଭାବନ୍ତି।

ଭାରତୀୟ ଦର୍ଶନ ଓ ସଂସ୍କୃତିରେ ଈଶ୍ୱରଙ୍କୁ ସର୍ବଶକ୍ତିମାନ୍ ଭାବେ ଗ୍ରହଣ କରାଯାଇଥାଏ ଏବଂ ପୃଥିବୀ, ଆକାଶ, ଅଗ୍ନି, ବାୟୁ ଓ ଜଳ ହିଁ ଏ ଜୀବଜଗତକୁ ତାଙ୍କର ଦାନ ବୋଲି ବିଚାର କରାଯାଇଥାଏ। ସେଥିପାଇଁ ପୂଜା ଓ ପ୍ରାର୍ଥନା ଜରିଆରେ ଆମେ ଈଶ୍ୱରଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥାଉ ଓ ଧନ୍ୟବାଦ ଅର୍ପଣ କରିଥାଉ। ସେହିପରି ପାଶ୍ଚାତ୍ୟ ଜଗତରେ ବି ଧନ୍ୟବାଦ ଅର୍ପଣକୁ ଉତ୍ତମ ଶିଷ୍ଟାଚାର ଭାବେ ଗ୍ରହଣ କରାଯାଇଥାଏ। ଏପରି କି କାନାଡା, ଆମେରିକା ଆଦି ରାଷ୍ଟ୍ରରେ ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟରେ ଧନ୍ୟବାଦ ଅର୍ପଣ ଉତ୍ସବ ପାଳନ କରାଯାଏ। ମଣିଷ ଜୀବନ କ୍ଷଣସ୍ଥାୟୀ, ଆର ମୁହୂର୍ତ୍ତକୁ କ'ଣ ଘଟିବ ତାହା ମଧ୍ୟ କହିହେବ ନାହିଁ। ତେଣୁ ଜୀବଦ୍ଦଶାରେ ଥାଉଁ ଥାଉଁ ଆମ ପ୍ରତି ଉପକାର, ସାହାଯ୍ୟ ଓ ସହାନୁଭୂତି ଅଜାଡି ଦେଇଥିବା ପ୍ରତ୍ୟେକ ମଣିଷକୁ ଆସନ୍ତୁ କୃତଜ୍ଞତା ଜଣାଇବା ସହ ଅନ୍ତରରୁ ଧନ୍ୟବାଦଟିଏ ଦେବା ଓ ଭବିଷ୍ୟତରେ କୃତଜ୍ଞତା ପ୍ରଦର୍ଶନରେ ଯେପରି କାର୍ପଣ୍ୟ ପ୍ରଦର୍ଶନ ନ କରୁ ସେଥିପ୍ରତି ମଧ୍ୟ ଧ୍ୟାନ ଦେବା।

ମୋ-୯୪୩୭୨୩୨୪୬୩,
ଇମେଲ-Prakas.tripathy 09@gmail

# ବାୟୁସେନାର ଦିଗ ନିର୍ଣ୍ଣାୟକ

ଭାରତୀୟ ସଶସ୍ତ୍ର ବାହିନୀର ଆକାଶବଳ ହେଉଛି ଭାରତୀୟ ବାୟୁସେନା (ଆଇଏଏଫ୍)। ଦେଶର ବାୟୁ ସୀମାର ନିରାପତ୍ତା ରକ୍ଷାକରିବା ସହ ଯୁଦ୍ଧ ବେଳେ ଶତ୍ରୁପକ୍ଷକୁ ମୁକାବିଲା କରିବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ତେଣୁ ଏହାର ନେତୃତ୍ୱ ନେଉଥିବା ବ୍ୟକ୍ତିଙ୍କ ନିର୍ଦ୍ଦେଶ ସର୍ବଦା ଗୁରୁତ୍ୱ ରଖେ। ନିକଟରେ ଆଇଏଏଫ୍‌ର ୨୬ତମ ମୁଖ୍ୟ ହେବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି ରାକେଶ କୁମାର ସିଂ ଭଦୌରିଆ। ୩୦ ସେପ୍ଟେମ୍ବରରେ ଏୟାର ଚିଫ୍ ମାର୍ଶଲ ବୀରେନ୍ଦ୍ର ସିଂ ଧନୱା ଅବସର ଗ୍ରହଣ କରିବା ପରେ ଭଦୌରିଆ ଦାୟିତ୍ୱ ଗ୍ରହଣ କରିବେ। ତେବେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)କୁ ପଠାଯାଇଥିବା ଫାଇଲ୍‌ରେ ଭଦୌରିଆଙ୍କ ନାମ ନ ଥିବାରୁ ଏହାକୁ ନେଇ ଆଇଏଏଫ୍‌ରେ ଚର୍ଚ୍ଚା ହେଉଛି। ନ୍ୟାଶନାଲ ଡିଫେନ୍ସ ଏକାଡେମୀ (ଏନ୍‌ଡିଏ) ପକ୍ଷରୁ 'ସୋର୍ଡ ଅଫ୍ ଅନର୍' ସମ୍ମାନ ପାଇଥିବା ଭଦୌରିଆ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ଅତ୍ୟନ୍ତ ପ୍ରତିଭାସମ୍ପନ୍ନ ବୋଲି କୁହାଯାଉଛି। ଫ୍ରାନ୍ସ ସହ ହୋଇଥିବା ରାଫାଲ ଚୁକ୍ତି କ୍ଷେତ୍ରରେ ଭଦୌରିଆ ମୁଖ୍ୟ ଭୂମିକା ଗ୍ରହଣ କରିଥିବାରୁ ତାଙ୍କୁ ପିଏମ୍‌ଓ ପକ୍ଷରୁ ଚୟନ କରାଯାଇଥିବା ଆଲୋଚନା ହେଉଛି। ତେଜସ୍ ଭଳି ଯୁଦ୍ଧବିମାନ ଉଡ଼ାଇବାରେ ତାଙ୍କର ଯଥେଷ୍ଟ ଅଭିଜ୍ଞତା ରହିଛି। କ୍ୟାଟ 'ଏ' ଫ୍ଲାୟିଂ ଇନ୍‌ଷ୍ଟ୍ରକ୍ଟର ମାନ୍ୟତାପ୍ରାପ୍ତ ଭଦୌରିଆଙ୍କଠାରୁ ପ୍ରଶିକ୍ଷଣ ପାଇଥିବା ବହୁ ପାଇଲଟ ଏବେ ଶୀର୍ଷକୁ ଯାଇପାରିଛନ୍ତି। ଦୁଇବର୍ଷ ଆଇଏଏଫ୍ ମୁଖ୍ୟ ଭାବେ ସେ ଦାୟିତ୍ୱ ତୁଲାଇବେ। ଭାରତୀୟ ସମ୍ବିଧାନରେ ଜମ୍ମୁ ଓ କଶ୍ମୀର ଲାଗି ଉଦ୍ଦିଷ୍ଟ ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ସମ୍ପର୍କ ବିଗିଡ଼ି ଯାଇଛି। ଏଭଳି ସ୍ଥଳେ ଏୟାର ଚିଫ୍ ମାର୍ଶାଲଙ୍କ କମାଣ୍ଡ ସର୍ବଦା ଗୁରୁତ୍ୱ ବହନ କରିବ।

## ବ୍ୟକ୍ତିତ୍ୱ



ଆର୍‌କେଏସ୍ ଭଦୌରିଆ

ଉତ୍ତରପ୍ରଦେଶ ଆଗ୍ରା ନିକଟସ୍ଥ କୋରାଥ୍‌ଠାରେ ଭଦୌରିଆ ଜନ୍ମ ଗ୍ରହଣ କରିଥିଲେ। ପୁଣେସ୍ଥିତ ଏନ୍‌ଡିଏରୁ ଡିଗ୍ରୀ ଅର୍ଜନ କରିବା ପରେ କମାଣ୍ଡ ଆଣ୍ଡ ଷ୍ଟାଫ୍ କଲେଜରୁ ମାଷ୍ଟର ଇନ୍ ଡିଫେନ୍ସ ଷ୍ଟଡିଜ୍‌ରେ ସ୍ନାତକୋତ୍ତର କରିଥିଲେ। ୧୫ ଜୁନ୍ ୧୯୮୦ରେ ସେ ଆଇଏଏଫ୍‌ରେ ଯୋଗ ଦେଇଥିଲେ। ୪,୨୫୦ ଘଣ୍ଟା ବିମାନ ଉଡ଼ାଇ ସେ ଦକ୍ଷତାର ପ୍ରମାଣ ଦେଇଛନ୍ତି। ବୃତ୍ତିଗତ ଜୀବନରେ ସେ ପରିଚାଳନା ଓ ପ୍ରଶାସନିକ କ୍ଷେତ୍ରରେ ବହୁ ମର୍ଯ୍ୟାଦାପୂର୍ଣ୍ଣ ଦାୟିତ୍ୱରେ ରହିଆସିଛନ୍ତି। ଜାଗୁଆର ସ୍କ୍ୱାଡ୍ରନ ଭାବେ ସାଉଥ୍-ୱେଷ୍ଟ ସେକ୍ଟରର କମାଣ୍ଡର, ଏୟାରକ୍ରାଫ୍ଟ ଆଣ୍ଡ ସିଷ୍ଟମ୍ ଟେଷ୍ଟିଂ ଏଷ୍ଟାବ୍ଲିଶମେଣ୍ଟର କମାଣ୍ଡିଂ ଅଫିସର, ନ୍ୟାଶନାଲ ଫ୍ଲାଇଟ୍ ଟେଷ୍ଟିଂ ସେଣ୍ଟରର ତେଜସ୍ ଏଲ୍‌ସିଏ ପ୍ରୋଜେକ୍ଟର ଚିଫ୍ ଟେଷ୍ଟ ପାଇଲଟଠାରୁ ଆରମ୍ଭ କରି ଡେପୁଟି ଚିଫ୍ ଅଫ୍ ଏୟାରଷ୍ଟାଫ୍ ରହିଆସିଛନ୍ତି।

କାର୍ଯ୍ୟ ପ୍ରତି ନିଷ୍ଠା ଆଜି ତାଙ୍କୁ ବାୟୁସେନାର ସର୍ବୋଚ୍ଚ ସ୍ଥାନରେ ବସାଇପାରିଛି। ଦୀର୍ଘ ୩୬ ବର୍ଷର କର୍ମମୟ ଜୀବନରେ ସେ ଅନେକ ପୁରସ୍କାର ଓ ସମ୍ମାନର ଅଧିକାରୀ ହୋଇପାରିଛନ୍ତି। ସେ ଜାନୁୟାରୀ ୨୦୦୨ରେ ବାୟୁସେନା ମେଡାଲ, ଜାନୁୟାରୀ ୨୦୧୩ରେ ଅତି ବିଶିଷ୍ଟ ସେବା ମେଡାଲ, ଜାନୁୟାରୀ ୨୦୧୮ରେ ପରମ ବିଶିଷ୍ଟ ସେବା ମେଡାଲ ସହ ଜାନୁୟାରୀ ୨୦୧୯ରେ ରାଷ୍ଟ୍ରପତିଙ୍କ ଏଇଡି ଡି କାମ୍ପେ ଭଳି ସମ୍ମାନ ପାଇପାରିଛନ୍ତି। ଭଦୌରିଆଙ୍କ ବ୍ୟକ୍ତିଗତ ଜୀବନ କହିଲେ ସ୍ତ୍ରୀ ଆଶା ଓ ଦୁଇ ସନ୍ତାନକୁ ନେଇ ତାଙ୍କ ସଂସାର।

-ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ନବଜାତ ଶିଶୁଙ୍କୁ ସୁସ୍ଥ ହେବା ପାଇଁ ଚେଙ୍କ ଦେବା ଭଳି ଅନ୍ଧବିଶ୍ୱାସ ବିଭିନ୍ନ ଅଞ୍ଚଳରେ ପ୍ରଚଳିତ ଥିବାବେଳେ ଉତ୍ତରପ୍ରଦେଶରେ ଦେଖିବାକୁ ମିଳେ ଆଉ ଏକ ଯନ୍ତ୍ରଣାଦାୟକ ପରମ୍ପରା। ଏଠାରେ ନବଜାତ ଶିଶୁଙ୍କୁ ଫୁଟନ୍ତା କ୍ଷୀରରେ ସ୍ନାନ କରାଯାଏ। ବାରାଣସୀ ଓ ମିରଜାପୁର ଜିଲାରେ କରହା ପୂଜନ ଅନୁଷ୍ଠିତ ହୁଏ। ଏହି ପୂଜା ବିବାହ କିମ୍ବା ଅନ୍ୟ ଶୁଭ ଅବସରରେ ପାଳନ କରାଯାଏ। ପରମ୍ପରା ଅନୁଯାୟୀ ଜଣେ ମହିଳା ଏକ ମାଟିପାତ୍ରରେ କ୍ଷୀର ଫୁଟାନ୍ତି। କ୍ଷୀର ଫୁଟିଲା ପରେ ଶିଶୁର ପିତା ଶିଶୁକୁ ଆଣି ପ୍ରଥମେ ଶିଶୁର ଗୋଡ଼କୁ ସେହି କ୍ଷୀରରେ ବୁଡ଼ାଇଦିଅନ୍ତି। ଏହାପରେ ସେହି କ୍ଷୀରକୁ ଶିଶୁର ଶରୀରରେ ଢାଳି ଦିଅନ୍ତି। ଏହାପରେ ଶିଶୁର ପିତା ନିଜେ ମଧ୍ୟ କ୍ଷୀରରେ ସ୍ନାନ କରନ୍ତି। ଏହି ସ୍ନାନ ବିଧି ସାଧାରଣତଃ ସ୍ଥାନୀୟ ମନ୍ଦିରରେ ପାଳନ କରାଯାଇଥାଏ। ଏହାକୁ ଦେଖିବା ପାଇଁ ଲୋକଙ୍କ ସମାଗମ ହୋଇଥାଏ। ମନ୍ଦିରର ପୂଜକ ସ୍ନାନ ସମୟରେ ମନ୍ତ୍ର ଉଚ୍ଚାରଣ କରନ୍ତି। ଏହି ପରମ୍ପରା ଦ୍ୱାରା ଶିଶୁର ମଙ୍ଗଳ ହେବା ସହ ଭଗବାନଙ୍କ ଆଶୀର୍ବାଦ ଲାଭ କରିଥାନ୍ତି ବୋଲି ବିଶ୍ୱାସ ରହିଛି। ଏହି ପରମ୍ପରା ଉପରେ ଉତ୍ତରପ୍ରଦେଶ ସରକାରଙ୍କ କଟକଣା ସତ୍ତ୍ୱେ ପ୍ରତିବର୍ଷ ନବରାତ୍ର ଅବସରରେ ବିଭିନ୍ନ ସ୍ଥାନରେ ଏହା ପାଳନ କରାଯାଉଛି।

### ଚିରନ୍ତନୀ

ଶତ କୋଟି ବିଶ୍ୱ କ୍ରୀଡ଼େ
ଅହରହ ଲୋମକୂପେ ତବ
ବିସ୍ମୃତି ନୁହଇ ବୁଝି
କଳ୍ପନା-ଅତୀତ ଅବୟବ! (ଶୂନ୍ୟ ଚିନ୍ତା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ରେଳରୁ କୋଇଲା ଚୋରି

ମହାଶୟ,

ଧରିତ୍ରୀରେ ପ୍ରକାଶିତ 'ରେଳରୁ କୋଇଲା ଚୋରି'କୁ ନେଇ ଅସନ୍ତୋଷ ଖବର ପଢ଼ିଲି। ଏହା ଆଂଶିକ ସତ୍ୟ ହୋଇପାରେ କିନ୍ତୁ ସମ୍ପୂର୍ଣ୍ଣ ସତ୍ୟ ନୁହେଁ। ପାରାଦୀପରୁ କଟକ ପର୍ଯ୍ୟନ୍ତ ଏପରି କି ଯେଉଁ ପର୍ଯ୍ୟନ୍ତ କୋଇଲା ଗାଡି ଯାଉଛି ଆସୁଛି, ୱାଗନରୁ ଏତେ କୋଇଲା ଗଦା ହେଉଛି ଯେ ପ୍ରତିଦିନ ଶହ ଶହ ଲୋକ ଗୋଟେଇ ଗୋଟେଇ ଥକି ଯାଉଛନ୍ତି। କମ୍ ଦରରେ ଇଟାଭାଟି ମାଲିକମାନେ ଉନ୍ନତମାନର କୋଇଲା ପାଉଛନ୍ତି। ଏହି କୋଇଲାକୁ ଯଦି ଜନସାଧାରଣ ନ ଉଠାନ୍ତେ ତା' ହେଲେ ୨/୩ ଦିନରେ ରେଳ ଧାରଣା କୋଇଲାରେ ପୋତି ହୋଇଯାଆନ୍ତା। ଏହା ବାସ୍ତବ ସତ୍ୟ କିନ୍ତୁ ଏଥିରେ ରେଳ ବିଭାଗର ଟିକେ ହେଲେ ଚିନ୍ତା ନାହିଁ। ଯଦି କେଉଁଠି କୋଇଲା ଚୋରି ହେଉଥିବ ତା' ହେଲେ ଏଥିରେ ରେଳ କର୍ମଚାରୀ ନିଶ୍ଚିତ ସମ୍ପୃକ୍ତ ଥିବେ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

### ଭିକାରିଙ୍କୁ ପୁଣି ଭିକ୍ଷାଥାଳ

ଧରିତ୍ରୀ (୧୩|୮)ର 'ଓଡ଼ିଶା କାହିଁକି.....' ଶୀର୍ଷକରେ ଲେଖକ ତାଙ୍କ ଆଲେଖ୍ୟରେ ଓଡ଼ିଶା ବିଧାନସଭା ଦୁଇଥର ସର୍ବସମ୍ମତ ପ୍ରସ୍ତାବ ଗ୍ରହଣ କରି ଓଡ଼ିଶାକୁ ସ୍ୱତନ୍ତ୍ର ଶ୍ରେଣୀ ରାଜ୍ୟ ମାନ୍ୟତା ଦେବାକୁ କେନ୍ଦ୍ର ନିକଟରେ ଦାବି ଉପସ୍ଥାପନ କରି ନାକଚ ହେବା ପରେ ପୁଣି କାହିଁକି ଏହାକୁ ଦୋହରାଯାଉଛି କହି କ୍ଷୋଭ ପ୍ରକାଶ କରିଛନ୍ତି। ବାସ୍ତବିକ ସ୍ୱାଭିମାନ ଥିବା ବ୍ୟକ୍ତି ଭିକ୍ଷାଥାଳ ଧରି କ'ଣ ଥରକୁ ଥର ନିଜର ଅସହାୟତା ପ୍ରକାଶ କରିବାକୁ ପ୍ରୟାସ କରିବ ? ଓଡ଼ିଶାର ଲୋକସଂଖ୍ୟା ୪ କୋଟି ୨୦ ଲକ୍ଷରୁ ଭିକାରି, ବାସହୀନ ଆଦିରେ ତାଲିକାଭୁକ୍ତ ହୋଇ ୩ କୋଟି ୨୬ ଲକ୍ଷ ଲୋକ ୧ ଟଙ୍କା କିଲୋ ଦରରେ ପଡି ଚାଉଳ ଖାଉଛନ୍ତି। ରାଜ୍ୟ ସରକାର ଆହୁରି ୨୫ଲକ୍ଷଙ୍କୁ ପୁଣି ଟଙ୍କିକିଆ ଚାଉଳ ଦେବା ପ୍ରୟାସରେ ପ୍ରାୟ ୧୫ ଲକ୍ଷଙ୍କୁ ଦରିଦ୍ରଶ୍ରେଣୀଭୁକ୍ତ କରିଛନ୍ତି। ଏମିତି ଦେଖିବାକୁ ଗଲେ ପ୍ରାୟ ୩ କୋଟି ୫୦ ଲକ୍ଷ ଲୋକ ଭିକ୍ଷାଥାଳ ଧରି ସାରିଛନ୍ତି। ଖଣିଜ ସମ୍ପଦରେ ଭରା ଓଡ଼ିଶା ଗରିବ ରାଜ୍ୟ ବୋଲି ଚର୍ଚ୍ଚା ହେଉଛି। ସ୍ୱାଧୀନତାର ଏତେ ବର୍ଷ ପରେ ଓଡ଼ିଶାବାସୀଙ୍କୁ ଭିକ୍ଷାଥାଳ ଧରାଇବାରେ ଦାୟୀ କିଏ ତାହା ବିଚାରଯୋଗ୍ୟ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ



## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ଉମେଶ



ପ୍ରଭାକର



ଅନାମ



ରମେଶ



ପ୍ରଦୀପ



ଗଣେଶ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

■ ଜୟଶ୍ରୀ ମିଶ୍ର ହତ୍ୟା ଘଟଣା

# ପୁଣି ଖୋଜା ହେଲା ଦେହାବଶେଷ

ସମ୍ବଲପୁର,୨୧।୯(ବ୍ୟୁରୋ)

ସମ୍ବଲପୁର ସହର ନନ୍ଦପଡାର ଜୟଶ୍ରୀ ମିଶ୍ର ହତ୍ୟାକାଣ୍ଡ ଘଟଣାର ତଦନ୍ତ ପ୍ରକ୍ରିୟା ଜାରି ରଖିଛି। ଶନିବାର ପୁଣି ଜୟଶ୍ରୀଙ୍କ ମୃତଦେହ ପୋତାଯାଇଥିବା ବଡସିଙ୍ଗାରୀ ଗ୍ରାମ ନିକଟରେ ଦେହାବଶେଷ ଖୋଜା ଯାଇଛି। ଅଧିକ କିଛି ସୁରାକ ମିଳିବା ଆଶା ନେଇ ପୁଣି ଥରେ ଏଠାରେ ମାଟି ଖୋଳା ଯାଇଥିଲା। ବୁର୍ଲା ଭିମସାରର ପ୍ରଫେସର ସତ୍ୟସାଇ ପଣ୍ଡା, ପ୍ରଫେସର ସରୋଜ ନନ୍ଦଙ୍କ ସମେତ ୪ ଜଣିଆ ଡାକ୍ତରୀ ଦଳ ଏଥିରେ ସାମିଲ ଥିଲେ। ପୂର୍ବାହ୍ନ ୯ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଜେସିବି ସାହାଯ୍ୟରେ ଆଖପାଖ ସ୍ଥାନରେ ଖୋଳା ଯାଇଥିଲା । ହେଲେ ଆଉ କିଛି ଦେହାବଶେଷ ମିଳି ନ ଥିଲା। ସଦର ଏସ୍‌ଡିପିଓ ଭବାନୀ ଶଙ୍କର ଉଦ୍‌ଗାତା ଏବଂ ଟାଉନଥାନା ଅଧିକାରୀ ରମେଶ ଚନ୍ଦ୍ର ଡୋରା ଉପସ୍ଥିତ ଥିଲେ।

୨୦୧୧ ନଭେମ୍ବର ୧୧ ତାରିଖ ନିଜ ଝିଅର ବିବାହ ନିମନ୍ତ୍ରଣ ଦେବାକୁ ଜୟଶ୍ରୀ ବଡସିଙ୍ଗାରୀ ଗ୍ରାମସ୍ଥିତ ତାଙ୍କ ସମ୍ପର୍କୀୟ ଭିଣୋଇ ବସନ୍ତ ପଣ୍ଡାଙ୍କ ଘରକୁ ଯାଇଥିଲେ। ହେଲେ ସେହିଦିନରୁ ହିଁ ସେ ନିଖୋଜ ହୋଇଯାଇଥିଲେ । ତାଙ୍କ ଝିଅ ବିଜୟିନୀ ଏହାର ଦୁଇ ଦିନ ପରେ ଟାଉନ ଥାନାରେ ମା'ଙ୍କ ନିଖୋଜ ନେଇ ଅଭିଯୋଗ କରିଥିଲେ। ହେଲେ ୨୩ ତାରିଖରେ ହତ୍ୟା ଅଭିଯୋଗ ଆଣିଥିଲେ। ସମ୍ପର୍କୀୟ ମଉସା ମା'ଙ୍କଠାରୁ ବସନ୍ତ ୧ ଲକ୍ଷ ୬୦ ହଜାର ଟଙ୍କା ନେଇଥିଲେ। ହେଲେ ଟଙ୍କା ଫେରାଉ ନ ଥିଲେ। ଏଣୁ ମା' ଟଙ୍କା ମାଗିବାରୁ ସେ ହିଁ ହତ୍ୟା କରିଛନ୍ତି ଝିଅ ବିଜୟିନୀ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ହେଲେ ଦୀର୍ଘ ୮ବର୍ଷ ବିତିଗଲା ସିନା, ପୋଲିସ ଏହି ଘଟଣାର ପର୍ଦ୍ଦାଫାଶ କରି ପାରି ନ ଥିଲା। ଏଣୁ ଗତ ଜୁଲାଇରେ ବିଜୟିନୀ କଟକସ୍ଥିତ ପୋଲିସ ମହାନିର୍ଦ୍ଦେଶକ (ଡିଜି)ଙ୍କ କାର୍ଯ୍ୟାଳୟରେ ଏହି ମାମଲାର ସ୍ଥିତି ବିଷୟରେ ଜାଣିବାକୁ ଆରଟିଆଇରେ ତଥ୍ୟ ମାଗିଥିଲେ। ଡିଜିଙ୍କ କାର୍ଯ୍ୟାଳୟରୁ ରିପୋର୍ଟ ଦେବା ପାଇଁ ସମ୍ବଲପୁର ଏସପିଙ୍କ ପାଖକୁ ନିର୍ଦ୍ଦେଶ ଆସିଥିଲା। ଏସପି ଏହି ଘଟଣାର ତଦନ୍ତ ରିପୋର୍ଟ ଦେବାକୁ ଏସ୍‌ଡିପିଓ ଉଦ୍‌ଗାତାଙ୍କୁ ଦାୟିତ୍ୱ ଦେଇଥିଲେ। ପୋଲିସ ଏକ ଟିମ୍ ଗଠନ କରି ହତ୍ୟା ଅଭିଯୋଗ ଉପରେ ତଦନ୍ତ କରିଥିଲେ। ଶେଷରେ ଅଭିଯୁକ୍ତ ବସନ୍ତଙ୍କୁ ଯୁଯୁମୁରାରୁ ଗିରଫ କରିଥିଲେ। ସେ ହିଁ ଜୟଶ୍ରୀଙ୍କୁ ହତ୍ୟା କରି ଗାଁ ନିକଟରେ ପୋତି ଦେଇଥିଲେ ବୋଲି ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଏହାପରେ ତାଙ୍କ କହିବା ଅନୁସାରେ ପୋଲିସ ଉକ୍ତ ସ୍ଥାନ ଖୋଳି କିଛି ଦେହାବଶେଷ ଉଦ୍ଧାର କରିଥିଲା। ତାହାକୁ ନେଇ ତଦନ୍ତ ଜାରି ରହିଥିବାବେଳେ ଶନିବାର ପୁଣି ଦ୍ୱିତୀୟ ଥର ପାଇଁ ଉକ୍ତ ସ୍ଥାନରୁ ମାଟି ଖୋଳା ଯାଇଥିଲା।




ସମ୍ବଲପୁର ଜିଲା ବଡସିଙ୍ଗାରୀରେ ମାଟି ଖୋଳ ଯାଉଛି ।

ନୂଆ ମୋଟର ଯାନ ଆଇନ ଲାଗୁ ପ୍ରସଙ୍ଗ

# ୩ମାସ କୋହଳକୁ ନେଇ ପ୍ରଶ୍ନ କଲେ ଓଏଚ୍ଆରସି

ଭୁବନେଶ୍ୱର, ୨୧।୯(ବ୍ୟୁରୋ)

ରାଜ୍ୟରେ ନୂଆ ମୋଟର ଯାନ ଆଇନ ଲାଗୁ ପରେ ଚାରିଆଡ଼େ ଅସନ୍ତୋଷ ପ୍ରକାଶ ପାଇବାରୁ ସରକାର ଏହାକୁ ୩ମାସ କୋହଳ କରିଛନ୍ତି। ହେଲେ ଏନେଇ ପ୍ରଶ୍ନ ଉଠାଇଛନ୍ତି ରାଜ୍ୟ ମାନବାଧିକାର କମିଶନ (ଓଏଚ୍ଆର୍‌ସି)। ଏହି ସମୟ ମଧ୍ୟରେ ଦୁର୍ଘଟଣା ଘଟିଲେ କିଏ ଦାୟୀ ରହିବେ? ସେହିଭଳି ଲାଇସେନ୍ସ,ବୀମା ନ ଥିବା ବ୍ୟକ୍ତି ୩ମାସ ଗାଡ଼ି ଚଳାଇ ପାରିବେ କି? ଡକ୍ୟୁମେଣ୍ଟ ନ ଥିବା ଗାଡ଼ି ଦୁର୍ଘଟଣା ଘଟାଇଲେ କ୍ଷତିପୂରଣ କିଏ ଦେବ ବୋଲି ଓଏଚ୍ଆର୍‌ସି ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଆଇନ କୋହଳ ହେବାପରେ ନିୟମ ଉଲ୍ଲଂଘନକାରୀଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳୁଥିବାବେଳେ ଦୁର୍ଘଟଣା ମଧ୍ୟ ବଢିଚାଲିଛି। ଟ୍ରାଫିକ କର୍ମଚାରୀମାନେ ଆକ୍ରୋଶର ଶିକାର ହେଉଛନ୍ତି। ଏପରି ପରିସ୍ଥିତି ପାଇଁ କିଏ ଦାୟୀ ରହିବେ ଓ କ୍ଷତିର ଭରଣା କିଏ କରିବେ? ସେହିଭଳି ସ୍କୁଲ୍ ପିଲାଙ୍କୁ ନେଇ ଯାଉଥିବା ଗାଡ଼ିର ନିୟମିତ ଚେକିଂ ହେଉଛି କି ନାହିଁ। ସହର ଭିତରକୁ ଭାରିଯାନ ପ୍ରବେଶ କରିବା ପାଇଁ କ'ଣ କଟକଣା ରହିଛି। କ୍ଷମତାଠାରୁ ଅଧିକ ଯାତ୍ରୀ ପରିବହନ କରୁଥିବା ଅଟୋରିକ୍ସା ନିୟମିତ ଯାଞ୍ଚ ହେଉଛି କି? ସରକାର ସମୟ ଦେଇଥିବାରୁ କାର୍ଯ୍ୟାନୁଷ୍ଠାନ ନେଇ ଉଲ୍ଲଂଘନକାରୀମାନେ ଯେଉଁ ଯୁକ୍ତି ବାଢୁଛନ୍ତି ତାହାର ଉତ୍ତର କ'ଣ ରଖିବେ? ଏଭଳି ଅନେକ ପ୍ରଶ୍ନ କରିବା ସହ ଓଏଚ୍ଆର୍‌ସି ରାଜ୍ୟ ସରକାରଙ୍କଠାରୁ ଜାଣିବାକୁ ଚାହିଁଛନ୍ତି। ରିପୋର୍ଟ ମିଳିବା ପରେ ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୧୪ରେ ହେବ ବୋଲି ସମୟ ଧାର୍ଯ୍ୟ କରାଯାଇଛି।

ଅନ୍ୟପକ୍ଷରେ କଟକ କଲେଜ ଛକରେ ଜଣେ ଛାତ୍ରୀଙ୍କ ଟ୍ରକ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣା ପାଇଁ କମିଶନ ସରକାରଙ୍କ ୩ ମାସ ନିୟମ କୋହଳକୁ ଦାୟୀ କରିଛନ୍ତି। ପରବର୍ତ୍ତୀ ଶୁଣାଣି ସୁଦ୍ଧା ସରକାର ଓ କମିଶନରେଟ ପୋଲିସକୁ ରିପୋର୍ଟ ତଲବ କରିଛନ୍ତି। ଏହାସହ ଟ୍ରାଫିକ ଡିସିପି ଯେଉଁ ସଚେତନତା କାର୍ଯ୍ୟକ୍ରମ କରୁଛନ୍ତି କମିଶନ ଏହାକୁ ପ୍ରଶଂସା କରିବା ସହ ଅନ୍ୟ ସହରରେ ଏହାକୁ ଜୋରଦାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

■ ଏହି ସମୟରେ ଦୁର୍ଘଟଣା ଘଟିଲେ କିଏ ଦାୟୀ ରହିବେ?
■ ରେଭେନ୍ସା ଛାତ୍ରୀଙ୍କ ମୃତ୍ୟୁ ମାମଲାରେ ପୋଲିସକୁ ରିପୋର୍ଟ ତଲବ

## ବିଷକ୍ରିୟାରେ ଯୁବକ ମୃତ

ବରଗଡ଼ ଅଫିସ୍,୨୧।୯: ବରଗଡ଼ ବ୍ଲକ ବରଡ଼ୋଲ ଗ୍ରାମର ଜଣେ ଯୁବକ ମୁକେଶ ନାଏକ(୨୩)ଙ୍କ ବିଷକ୍ରିୟାରେ ମୃତ୍ୟୁ ହୋଇଛି। କୌଣସି କାରଣକୁ ନେଇ ଶୁକ୍ରବାର ବିଳମ୍ବିତ ରାତ୍ରିରେ ସେ ପାରାକ୍ୱଏଟ୍ ନାମକ ବିଷ ପିଇ ଦେଇଥିଲେ ଏବଂ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ । ପରିବାର ଲୋକେ ତାଙ୍କୁ ପ୍ରଥମ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ ଏବଂ ସେଠାରୁ ବୁର୍ଲା ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କ ମୃତ୍ୟୁ ହୋଇଥିଲା। ଯୁବକ ଜଣକ ମଦମୁକ୍ତି, କୋଶଳ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିଆସୁଥିଲେ ।

## ଯୁବକଙ୍କ ଆତ୍ମହତ୍ୟା

ପାଇକମାଳ, ୨୧।୯ (ଡି.ଏନ.ଏ) ପାଇକମାଳ ଥାନା ଅନ୍ତର୍ଗତ ସାଲେପାଲି ଗ୍ରାମ ଆମ୍ବପଡାର ଜଣେ ଯୁବକ ଶନିବାର ଆତ୍ମହତ୍ୟା କରିଛନ୍ତି । ସେ ହେଲେ ନିରାକାର ସାହୁ (୨୫) । ଯୁବକ ଜଣକ ନିଜ ପ୍ୟାଣ୍ଟ କପଡା ବେଲ୍ଟକୁ ବେକରେ ବାନ୍ଧି ବରଗଛରେ ଝୁଲୁଥିବା ଦେଖିବାକୁ ମିଳିଛି। ଏ ନେଇ ପାଇକମାଳ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପଦ୍ମପୁର ପାଇଁ ପଠାଇ ଘଟଣାର ତଦନ୍ତ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ଆତ୍ମହତ୍ୟା ନା ହତ୍ୟା ଜଣାପଡିବ ବୋଲି ଏଏସଆଇ ପ୍ରକାଶ ଚନ୍ଦ୍ର ଭୋଇ କହିଛନ୍ତି ।


**NOTICE**

**Name of the student :**

1) Sai Niles, S/o- Gouri Sankar Barik, Offer Letter No.- MCI/SAS/SSC/Q347/2019 for AIIMS, New Delhi.
2) Roshni Raju, D/o- K.G. Raju, Offer Letter No.- CX/586/2734/2019 for AIIMS, New Delhi.
3) K. Kirtika Sree, S/o- Ashok Jee, Offer Letter No.- CCI/568/2019 for AIIMS, New Delhi.
4) Sweta Panda, D/o- Jayanta Panda, Offer Letter No.- MCI/SSC/Q986/2019 for AIIMS, New Delhi.

As per the resolution of Central Board of Admission Committee & M.C.C. resolution No.- CA/9864/R38M 2019 to change the date of reporting-cum counseling of U.G. Medical Session 2019 of CGNS & GNS Quota for MBBS changed to the reporting date- 23rd September 2019 to 30th September, 2019 and intimate all selected students appear their reporting-cum-counseling on dated 30th September as per their institution maintain on Provisional Admission Order.

**Sd./-**
**Deputy Director General**
**Central Board of Admission Committee**

**IN THE DEBTS RECOVERY TRIBUNAL AT CUTTACK**
**C-71, Sector-7, CDA, Cuttack- 753014 (Odisha)**
**O.A.No. 180/2019**

**Utkal Grameen Bank**
Stressed Asset Recovery Branch , Sambalpur ........ Applicant
-Versus-
**Satrughan Dhandi** & Others ........... Defendants
To,
Defendant No.1: **Satrughan Dhandi**, S/o: Ramkushal Tanty
Defendant No.2: **Sanjit Say**, S/o: Subharam Say
Defendant No.3: **Ramkushal Tanty**, S/o: Late Jhagadu Ganda
Defendant No.4: **Ramsundar Dhandi @ Ganda**, S/o: Late Kuni Ganda
Defendant No.5: **Nageswar Say**, S/o: Late Budhiar Say
All are At/PO-Lulkidihi, Ps- Talsara, Dist- Sundargarh, Pin- 770074

**Summons by Paper Publication for Showing Cause as to Why the Relief Prayed for should not be granted**

Take notice that the Applicant has instituted the aforesaid Original Application before this Tribunal for recovery of **Rs. 11,72,679.00** only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within 30 days from the date of publication or on 4th day of November, 2019 at 10.30 a.m. as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this 16th day of September, 2019.

**Sd/- Registrar, Debts Recovery Tribunal, Cuttack**





**ବାବୁ ମହଲ: ଓଲଟା ନୀତି**

ଦେଖନ୍ତୁ ଭିଡିଓ
YouTube /dharitrilive



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେଖା ସୁନ୍ଦର ବଉଳା ଗାଇ**
**ଦୁହିଁଲା ବେଳକୁ ଟୋପିଏ ନାହିଁ ।**

ଗଉଡ଼ ଗାଈ ପାଳିଥାଏ, ଦୁଧୁଆଳୀ ଗାଈ ପାଳିବା ତା'ପକ୍ଷେ ଲାଭଜନକ ହୋଇଥାଏ। ତେବେ ଦେଖିବାକୁ ସୁନ୍ଦର ହୋଇଥିବା ଗାଈ ଯଦି ଅଧିକ କ୍ଷୀର ଦେବାରେ ଅସମର୍ଥ ହୋଇଥାଏ ତା'ହେଲେ ସେ ଗାଈ ପାଳିବାରେ ଲାଭ କିଛି ରହି ନ ଥାଏ। ପରୋକ୍ଷରେ ରୂପଠାରୁ ଗୁଣ ଶ୍ରେଷ୍ଠ। ରୂପ ସୁନ୍ଦର ହୋଇଥିଲେ ମଧ୍ୟ ଗୁଣ ଯଦି ସେତେ ଭଲ ବା ଉତ୍କୃଷ୍ଟ ହୋଇ ନ ଥାଏ ତା'ହେଲେ ସେ ବ୍ୟକ୍ତି ସେତେ ଆଦର ଓ ସମ୍ମାନ ପାଇ ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଦୁଧ ଉତୁରିଲେ ଚୁଲିକୁ**
**ମଣିଷ ଉତୁରିଲେ ଗାତକୁ ।**

କ୍ଷୀର ଉତୁରିଲେ ଚୁଲିରେ ପଶିଥାଏ। ସେହିପରି ମଣିଷର ଗର୍ବ, ଅହଂକାର, ଅହମିକା ତଥା ଆସ୍ଫାଳନ ହିଁ ତାକୁ ପତନୋନ୍ମୁଖୀ କରାଇଥାଏ। ଗର୍ବ ଅଚିରେ ଖର୍ବ ହୋଇଥାଏ। ତେଣୁ ମଣିଷ ଏଥିରୁ ନିବୃତ୍ତ ରହିବା ଶୋଭନୀୟ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ


**ୟୁକୋ ବ୍ୟାଙ୍କ** | ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯ | **ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ବ୍ୟକ୍ତିମାନେ **ୟୁକୋ ବ୍ୟାଙ୍କର ବିଭିନ୍ନ ଶାଖାରେ** ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ରାଶି ପରିଶୋଧ କରିନାହାନ୍ତି। ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୧୪.୧୦.୨୦୧୯ରିଖ** ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡିକ **ତା.୧୫.୧୦.୨୦୧୯ରିଖ ଅପରାହ୍ନ ୩.୦୦ଘଟିକା** ସମୟରେ **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ୦୬.୦୮.୨୦୧୯ ସୁଦ୍ଧା ବକେୟା ପରିମାଣ | ନେଟ୍ ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ବଡମ୍ବା ଶାଖା, ଜିଲ୍ଲା: କଟକ, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀ ସୁକାନ୍ତ ଛାଟୋଇ, ଫୋନ୍ ନଂ.: ୯୮୬୧୧୪୦୮୯୪** | | |
| ୧. | **ଶ୍ରୀ ମନୋଜ ପ୍ରଧାନ,** ପିତା: ମଧୁ ପ୍ରଧାନ, ସା./ପୋ.: ରତାପାଟ, ବଡମ୍ବା, ପିନ୍-୭୫୪୦୩୧ / ୦୩୮୭୦୬୧୦୦୧୩୧୪୪ | ଟ.୧,୦୯,୬୫୬/- | ୪୫.୦୦ |
| | **ପୁରୀ ଶାଖା, ଜିଲ୍ଲା: ପୁରୀ, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀ ପ୍ରଦୀପ୍ତ କୁମାର ନନ୍ଦ, ଫୋନ୍ ନଂ.: ୯୯୩୮୫୨୫୦୧୧** | | |
| ୨. | **ଶ୍ରୀ ରଞ୍ଜିତ୍ ସ୍ୱାଇଁ,** ମାର୍ଫତ୍: ଅଭିରାମ ମାର୍କେଟିଂ, ଶ୍ରୀ ଜଗନ୍ନାଥ ମନ୍ଦିର, ଜିଲ୍ଲା: ପୁରୀ / ୦୨୯୦୦୬୧୦୦୧୯୩୬୮ | ଟ.୫୧,୯୬୬/- | ୨୪.୪୦ |
| ୩. | **ଶ୍ରୀ ମଦନ ମୋହନ ପାତ୍ର,** ପିତା: ଭୁବନେଶ୍ୱର ପାତ୍ର, ଦୋଳମଣ୍ଡପସାହି, ପେଣ୍ଟାଗାର ନିକଟ, ଜିଲ୍ଲା: ପୁରୀ / ୦୨୯୦୦୬୧୦୦୨୫୯୦୧ | ଟ.୪,୯୨,୩୯୯/- | ୨୪୦.୦୦ |
| ୪. | **ଶ୍ରୀମତୀ ରଶ୍ମିତା ଜେନା,** ସ୍ୱାମୀ: ଅମୂଲ୍ୟ ରତ୍ନ ଜେନା, ସା.: ବଘାମୁଣ୍ଡା, ନୂଆଗାଁ, ବଡଭୁଇଁ, ଜିଲ୍ଲା: ପୁରୀ / ୦୨୯୦୦୬୧୦୦୨୮୫୮୨ | ଟ.୧,୪୦,୪୯୩/- | ୬୬.୦୮୪ |
| ୫. | **ଶ୍ରୀମତୀ ସୁମିତ୍ରା ପାତ୍ର,** ସ୍ୱାମୀ: ମଦନ ମୋହନ ପାତ୍ର, ଦୋଳମଣ୍ଡପସାହି, ପେଣ୍ଟାଗାର ନିକଟ, ଜିଲ୍ଲା: ପୁରୀ / ୦୨୯୦୦୬୧୦୦୨୫୯୧୮ | ଟ.୩,୨୮,୯୮୮/- | ୧୬୦.୦୮୧ |
| | **ସୁହାଗପୁର ଶାଖା, ଜିଲ୍ଲା: ପୁରୀ, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀମତୀ ସ୍ନେହାମୟୀ ବେହୁରା, ଫୋନ୍ ନଂ.: ୯୪୩୯୭୮୫୬୪୪** | | |
| ୬. | **ଶ୍ରୀ ଆଲୋକ ଗୋଚ୍ଛାୟତ,** ପିତା: ୰ ସୁରତ ଗୋଚ୍ଛାୟତ, ସା.: ସୁହାଗପୁର, ପୋ.: ଓଥକା, ଜିଲ୍ଲା: ପୁରୀ / ୨୪୬୧୦୬୧୦୦୦୬୫୨୮ | ଟ.୨୪,୨୧୨/- | ୮.୮୦୦ |
| ୭. | **ଶ୍ରୀ ଆଲୋକ ଗୋଚ୍ଛାୟତ,** ପିତା: ୰ ସୁରତ ଗୋଚ୍ଛାୟତ, ସା.: ସୁହାଗପୁର, ପୋ.: ଓଥକା, ଜିଲ୍ଲା: ପୁରୀ / ୨୪୬୧୦୬୧୦୦୦୬୫୭୩ | ଟ.୨୬,୫୬୬/- | ୯.୦୦ |
| ୮. | **ଶ୍ରୀ ଅମରେଶ୍ୱର ରାଉତ,** ପିତା: ଫଗୁ ରାଉତ, ସା/ପୋ.: ମହାଦେବ ବସ୍ତ, ଜିଲ୍ଲା: ପୁରୀ/ ୨୪୬୧୦୬୧୦୦୦୧୧୬୫ | ଟ.୩୬,୩୨୧/- | ୧୨.୦୦ |
| ୯. | **ଶ୍ରୀ ମନୋଜ କୁମାର ରାଉତ,** ପିତା: ଚୈତନ୍ୟ ରାଉତ, ସା/ପୋ.: ମହାଦେବ ବସ୍ତ, ଜିଲ୍ଲା: ପୁରୀ/ ୨୪୬୧୦୬୧୦୦୦୭୭୪୭ | ଟ.୫୧,୪୦୯/- | ୧୭.୦୦ |
| ୧୦. | **ଶ୍ରୀ ମନୋଜ କୁମାର ରାଉତ,** ପିତା: ଚୈତନ୍ୟ ରାଉତ, ସା/ପୋ.: ମହାଦେବ ବସ୍ତ, ଜିଲ୍ଲା: ପୁରୀ / ୨୪୬୧୦୬୧୦୦୦୭୭୦୯ | ଟ.୪୫,୧୮୫/- | ୧୫.୦୦ |
| ୧୧. | **ମହମ୍ମଦ ମନୱର ଅଲ୍ଲୀ,** ପିତା: ମହମ୍ମଦ ବଦୁଦୋଜା, ସା.: ଫକିରସାହି, ପୋ.: ସୁହାଗପୁର, ଜିଲ୍ଲା: ପୁରୀ / ୨୪୬୧୦୬୧୦୦୦୪୧୧୧ | ଟ.୫୩,୭୦୯/- | ୧୭.୦୦ |
| ୧୨. | **ଶ୍ରୀମତୀ ଉର୍ମିଳା ମିଶ୍ର,** ସ୍ୱାମୀ: ଜୟନ୍ତ କୁମାର ବେହେରା, ସା.: ଦହିଖିଆ, ପୋ.: କାକଟପୁର / ୨୪୬୧୦୬୧୦୦୧୪୬୫୩ | ଟ.୩୩,୮୪୫/- | ୧୭.୦୦ |
| ୧୩. | **ଶ୍ରୀ ଦିଲ୍ଲିପ କାଣ୍ଡି,** ପିତା: ସୁରେନ୍ଦ୍ର କାଣ୍ଡି, ସା.: ଧୁମାଳ, ନୟାହାଟ, ପିନ୍-୭୫୨୧୦୭ / ୨୪୬୧୦୬୧୦୦୦୩୫୦୩ | ଟ.୧୭,୬୩୦/- | ୬.୦୦ |
| | **ରାଇକିଆ ଶାଖା, ଜିଲ୍ଲା: ଫୁଲବାଣୀ, ଶାଖା ପ୍ରବନ୍ଧକଙ୍କ ନାମ: ମହମ୍ମଦ ସଲାଉଦ୍ଦିନ୍, ଫୋନ୍ ନଂ.: ୯୮୫୩୫୪୮୫୩୫** | | |
| ୧୪. | **ଶ୍ରୀ ସାମନ୍ତ ଦିଗଲ,** ପିତା: ସଦାନନ୍ଦ ଦିଗଲ, ସା.: କୁମ୍ଭାରଖାଡି, ଥାନା: ରାଇକିଆ, ଜିଲ୍ଲା: କନ୍ଧମାଳ / ୦୮୧୦୦୬୧୦୦୦୮୦୭୨ | ଟ.୧୩,୫୨୩/- | ୧୧.୯୦୦ |
| | **ବେଗୁନିଆ ଶାଖା, ଜିଲ୍ଲା: ଖୋର୍ଦ୍ଧା, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀ ସତ୍ୟ ଶିଳାଦିତ୍ୟ କର, ଫୋନ୍ ନଂ.: ୯୫୬୧୦୭୫୪୭୦** | | |
| ୧୫. | **ଶ୍ରୀ ଭରତ ପ୍ରଧାନ,** ସା.: ଗୋଲାପାଟଣା, ପୋ.: ବେଗୁନିଆ / ୧୭୩୩୦୬୧୦୦୦୬୮୦୧ | ଟ.୧,୪୯,୩୮୨/- | ୬୪.୫ |
| ୧୬. | **ଶ୍ରୀ ଗଗନ ପ୍ରଧାନ,** ସା.: ଓସ୍ତପୁର, ପୋଡାଡିହ, ଜିଲ୍ଲା: ଖୋର୍ଦ୍ଧା / ୧୭୩୩୦୬୧୦୦୧୦୧୨୯ | ଟ.୨୯,୩୨୯/- | ୧୨.୦୦ |
| ୧୭. | **ଶ୍ରୀ କବିଚନ୍ଦ୍ର ସାହୁ,** ସା.: ସିମୋରପାଟଣା, ବେଗୁନିଆ, ଜିଲ୍ଲା: ଖୋର୍ଦ୍ଧା / ୧୭୩୩୦୬୧୦୦୦୩୮୬ | ଟ.୨୬,୭୨୨/- | ୮.୮ |
| ୧୮. | **ଶ୍ରୀ ସୁଦର୍ଶନ ପଣ୍ଡା,** ସା.: ବେଗୁନିଆ, ଖୋର୍ଦ୍ଧା / ୧୭୩୩୦୬୧୦୦୦୫୯୫୮ | ଟ.୩୮,୬୮୧/- | ୧୪ |
| | **ଏମ୍‌ସ-ସିଜୁଆ ଶାଖା, ଜିଲ୍ଲା: ଖୋର୍ଦ୍ଧା, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀ ରମାକାନ୍ତ ବେହେରା, ଫୋନ୍ ନଂ.: ୯୪୩୯୫୪୭୭୬୪** | | |
| ୧୯. | **ପ୍ରଶାନ୍ତ କୁମାର ନାୟକ,** ପିତା: ସୂର୍ଯ୍ୟମଣୀ ନାୟକ, ପ୍ଲଟ୍ ନଂ.: ୧/୧୫୧, ଫେଜ-୩, ଡୁମୁଡୁମା ଏଚ୍.ବି. କଲୋନୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା / ୩୧୮୪୦୬୧୦୦୦୩୭୨୫ | ଟ.୪୩,୮୬୦/- | ୨୪ |
| ୨୦. | **ସନ୍ତୋଷ କୁମାର ବେହେରା,** ପିତା: ଶଙ୍କର୍ଷଣ ବେହେରା, ତମାଣ୍ଡୋ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା / ୩୧୮୪୦୬୧୦୦୦୪୦୭୪ | ଟ.୯,୪୫୧/- | ୫.୫୦୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:**

୧.ବ୍ୟାଙ୍କ ଅଳଙ୍କାର/କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ।
୨.ଇଚ୍ଛୁକ ନିଲାମଧାରୀମାନେ ବ୍ୟାଙ୍କର କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରର ଯାଞ୍ଚ କରିପାରିବେ ।
**୩.ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ।**
୪.ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି(ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ।
୫.ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି **୨୪ ଘଣ୍ଟା** ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପଇଠ କରିବା ପରେ ଅଳଙ୍କାର ଗୁଡିକ ପ୍ରଦାନ କରାଯିବ ।
୬.ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ **୩୦ ଦିନ** ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ।
୭.ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ ।
୮.କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ ।

**ସ୍ଥାନ: ଭୁବନେଶ୍ୱର, ତାରିଖ: ୨୧.୦୯.୨୦୧୯** — **କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ**



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି। କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।
- ଟଲଷ୍ଟୟ୍

## ସଂକ୍ଷେପରେ

### ସ୍କୁଲ, କଲେଜସ୍ତରୀୟ ପ୍ରଶ୍ନୋତ୍ତର ପ୍ରତିଯୋଗିତା

**ସମ୍ବଲପୁର, ୨୧।୯ (ବ୍ୟୁରୋ):** ଓଡିଶା ସାଂସ୍କୃତି ସମାଜ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଉପଲକ୍ଷେ ସ୍କୁଲ ଓ କଲେଜ ସ୍ତରୀୟ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି । ସ୍ୱାଧୀନତା ସଂଗ୍ରାମ ପୀଠରେ ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରଫେସର ଶଙ୍କର ପ୍ରସାଦ ପତି ସଂଯୋଜନା କରିଥିଲେ । ଏଥିରେ ସେଣ୍ଟ ଜୋସେଫ୍ କନଭେଣ୍ଟ ସ୍କୁଲର ଆଦିତ୍ୟ ଅମ୍ଲାନ ପଣ୍ଡା ଓ ଅଜିତେଶ ଗୁରୁ ପ୍ରଥମ, ଧନୁପାଲି ଶ୍ରୀଗଣେଶ ହାଇସ୍କୁଲର ନିଲିମା ଭୋଇ ଓ ତନୁଜା ପରିଡା ଦ୍ୱିତୀୟ, କ୍ଷେତରାଜପୁର ବାଳିକା ବିଦ୍ୟାଳୟର ଆୟୁଷ ଦୀକ୍ଷିତ ଓ କ୍ରିଷ୍ଣା ସିଂ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି କଲେଜ ସ୍ତରରେ ବିକାଶ ଉଚ୍ଚତର ମାଧମିକ ସ୍କୁଲର ଶୁଭଜିତ କୁମାର ପଟେଲ ଓ ରାହୁଲ ଭୋଇ ପ୍ରଥମ, ମାନେଶ୍ୱର ମାନଧାତା ବାବା କଲେଜର ସଞ୍ଜୀବ ରଣା ଓ ଉମେଶ ଚୌଧୁରୀ ଦ୍ୱିତୀୟ, ସମଲେଶ୍ୱରୀ କଲେଜର ଚୁମକି ସାହୁ ଓ ନନ୍ଦିତା ନାୟକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ପ୍ରଶାନ୍ତ କୁମାର ପାଢୀଯୋଶୀ, ସରୋଜ ଦାଶ, ପ୍ରଫୁଲ୍ଲ ହୋତା, ବୋଧରାମ ଦାଶ, ଅଶୋକ ମିଶ୍ର, ବାବୁଲା ଷଣ୍ଢ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଶିକ୍ଷକ, ଅଭିଭାବକ ସମ୍ମିଳନୀ

**ଦେବଗଡ଼,୨୧।୯(ଡି.ଏନ.ଏ.):** ଦେବଗଡ଼ ଜିଲା ରିଆମାଳ ବ୍ଲକ ବୁଢ଼ାପାଳ ପଞ୍ଚାୟତ ସମିତି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଶିକ୍ଷକ ଓ ଅଭିଭାବକଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡିଲେଶ୍ୱର ପ୍ରଧାନଙ୍କ ଅଧକ୍ଷତାରେ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗର ନୀତିନିୟମ ବିଷୟରେ ଆଲୋଚନା କରାଯାଇଥିଲା। ଏପରି କି ଛାତ୍ରୀଛାତ୍ରଙ୍କୁ ୭୫ ଭାଗ ଉପସ୍ଥାନ ଉପରେ ଅଭିଭାବକଙ୍କୁ ଗୁରୁତ୍ୱ ଦେବାକୁ ଅବଗତ କରାଯାଇଥିଲା । ଅଭିଭାବକ ବୃନ୍ଦ ଏଥିପ୍ରତି ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଡ଼.ଭାରତ ଭୂଷଣ ନନ୍ଦ, ରୀନା ବିଶ୍ୱାଳ, ନିର୍ମଳ ଚନ୍ଦ୍ର ଦାଶ, ସଲିଳ କୁମାର ରଥ, ଅଜୟ କୁମାର ସାହୁ, ଦେବକାନ୍ତ ବେହେରା, ଜଗବନ୍ଧୁ ପ୍ରଧାନଙ୍କ ସହ ମହାବିଦ୍ୟାଳୟର ସମସ୍ତ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ। ଡ଼ ଭରତ ଭୂଷଣ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନିର୍ମଳ ଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲା ଖାଉଟି ଅଦାଲତ ପକ୍ଷରୁ ଅର୍ଥ ଦଣ୍ଡ

**ଦେବଗଡ଼,୨୧।୯(ଡି.ଏନ୍.ଏ.):** ଜିଲା ଖାଉଟି ଅଦାଲତ ପକ୍ଷରୁ ଦେବଗଡ଼ ଜିଲା ସଦର ମହକୁମାରେ ଥିବା ଜିନ୍ଦଲ ମୋଟରକୁ ଅର୍ଥ ଦଣ୍ଡାଦେଶ କରାଯାଇଛି। ଖାଉଟୀ ସୁରକ୍ଷା ଅଦାଲତ ସଭାପତି ଦୀପକ କୁମାର ମହାପାତ୍ର ମାମଲା(ନଂ.୮/୨୦୧୮)ର ବିଚାର କରି ୧ ମାସ ମଧରେ ଅର୍ଥରାଶି ୨୫,୦୦୦ ଟଙ୍କା ଓ ୭ ଦିନ ମଧରେ ଗାଡ଼ିର ଆର୍‌ସି ବହି ଏବଂ ଅନ୍ୟାନ କାଗଜପତ୍ର ଅଭିଯୋଗକାରୀଣୀ ମିନା ନାୟାରଙ୍କୁ ପ୍ରଦାନ କରିବାକୁ ଜିନ୍ଦଲ ମୋଟରକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ମୁତାବକ ମିନା ନାୟାର ତାଙ୍କ ହୋଣ୍ଡା ଏକ୍ଟିଭାକୁ କଲେଜ ରୋଡ଼ରେ ଥିବା ଜିନ୍ଦଲ ମୋଟର ଶୋ ରୁମ୍‌ରେ ବଦଳ ଦେଇ ନୂଆ ହିରୋ ଡୁଏଟ୍ ଏକ୍ସଭି ସ୍କୁଟି ନେଇଥିଲେ। ଏନେଇ ୪୨,୦୦୦ ଟଙ୍କା ହିରୋ ଫାଇନାନ୍ସ କରପୋରେସନ୍ ଲିମିଟେଡ଼ ପକ୍ଷରୁ ଫାଇନାନ୍ସ ହୋଇଥିଲା । ଅଭିଯୋଗ କାରିଣୀ ସମସ୍ତ ଟଙ୍କା ପରିଶୋଧ କରିଥିଲେ ମଧ୍ୟ ତାଙ୍କୁ ଗାଡ଼ିର ଆର୍‌ସି ବହି ଏବଂ ଗାଡ଼ି ସମ୍ବନ୍ଧ କାଗଜପତ୍ର ଦିଆଯାଇ ନ ଥିଲା। ଏ ନେଇ ମିନା ଖାଉଟି ଅଦାଲତର ଆଶ୍ରୟ ନେଇଥିଲେ। ଅଭିଯୋଗକାରିଣୀଙ୍କ ପକ୍ଷରୁ ଆଇନଜୀବୀ କ୍ଷେତ୍ରବାସୀ ମେହେର ମାମଲା ପରିଚାଳନା କରୁଥିବା ବେଳେ ଜିନ୍ଦଲ ମୋଟର ପକ୍ଷରୁ ଆଇନଜୀବୀ ଆଲୋକ ସୌରଭ ବେହେରା ମାମଲା ପରିଚାଳନା କରିଥିଲେ।

## ଫଟୋରେ ଖବର




ଶନିବାର ସମ୍ବଲପୁର ସିଡିଏମଓ ଅଫିସ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅତିଥିମାନେ।



ଶନିବାର ସମ୍ବଲପୁର ସାକ୍ଷୀପଡାଠାରେ ମହିଳାମାନେ ପୁଅ ଜିଉଁନ୍ତିଆ ପୂଜାର୍ଚ୍ଚନା କରୁଛନ୍ତି।

### ସ୍ୱାସ୍ଥ୍ୟ ସେବା ପ୍ରଦାନରେ ଅବହେଳା ଅଭିଯୋଗ

# ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉତ୍ତେଜନା

**ଦେବଗଡ଼,୨୧।୯(ଡି.ଏନ.ଏ.):** ଦେବଗଡ଼ ଜିଲା ରିଆମାଳ ବ୍ଲକ ଅଧୀନ ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଡାକ୍ତର ଚିକିତ୍ସା ସେବା ଯୋଗାଇବାରେ ଅବହେଳା କରିଥିବା ନେଇ ଶନିବାର ସ୍ୱାସ୍ଥ୍ୟ କେନ୍ଦ୍ରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ମୁତାବକ ଶନିବାର ଅପରାହ୍ଣରେ ରିଆମାଳ ଥାନା ଅଞ୍ଚଳର ବୁରୁବୁଡା(ଝରଣ) ନିକଟସ୍ଥ ୫୩ ନମ୍ବର ଜାତୀୟ ରାଜପଥରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଯୁବକମାନେ ଆହତଙ୍କୁ ଉଦ୍ଧାର କରି ଛତାବର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଦାୟିତ୍ୱରେ ଥିବା ଡାକ୍ତର ଜଣକ ଅନୁପସ୍ଥିତ ଥିବାରୁ ତାଙ୍କୁ ଡାକିବାକୁ କାର୍ଯ୍ୟରେ ଥିବା ନର୍ସଙ୍କୁ କହିଥିଲେ। ନର୍ସ ଜଣକ ଡାକ୍ତରଙ୍କ ମୋବାଇଲ ଫୋନକୁ ଯୋଗାଯୋଗ କରିଥିଲେ। ହେଲେ ଯୋଗଯୋଗ ସମ୍ଭବ ହୋଇ ନ ଥିଲା। ଫଳରେ ଯୁବକମାନେ ଡାକ୍ତରଙ୍କୁ ଡାକିବା ପାଇଁ ତାଙ୍କ ସରକାରୀ ବାସଭବନକୁ ଯାଇଥିଲେ। ହେଲେ ଡାକ୍ତର ଜଣକ ବିଭିନ୍ନ କାରଣ ଦର୍ଶାଇ ସମୟ ଗଡାଇ ଚାଲିଥିଲେ। ଏନେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପସ୍ଥିତ ଜନସାଧାରଣଙ୍କ ମଧରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଡାକ୍ତର ଜଣକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଡାକ୍ତର ଯୁବକଙ୍କ ଅବସ୍ଥା ଗୁରୁତର ଥିବା ଦର୍ଶାଇ ଅଧିକ ଚିକିତ୍ସା ପାଇଁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବାକୁ ପରାମର୍ଶ ଦେଇଥିଲେ। ଯୁବକମାନେ ୧୦୮ ଆମ୍ବୁଲାନ୍ସ ଯୋଗେ ଆହତ ଯୁବକଙ୍କୁ ଦେବଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଛତାବର ସ୍ୱାସ୍ଥ୍ୟକେନ୍ଦ୍ରର ଆବଶ୍ୟକ ଚିକିତ୍ସା ସେବା ମିଳୁ ନ ଥିବା ଦୀର୍ଘଦିନ ହେଲା ଅଭିଯୋଗ ହୋଇଆସୁଛି। ହେଲେ ବିଭାଗୀୟ କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ସାଧାରଣର ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

### ଚଢାଉ କରି କର୍ମଚାରୀ ଅଡୁଆରେ

**ଦେବଗଡ,୨୧।୯(ଡି.ଏନ.ଏ.):** ଅବକାରୀ ବିଭାଗ କର୍ମଚାରୀମାନେ କୁଣ୍ଢେଇଗୋଲା ଥାନା ଅଧୀନ ବାଘବର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ଚଢାଉ କରିଥିଲେ। ହେଲେ କର୍ମଚାରୀମାନେ ନଗଦ ୨୦ହଜାର ଟଙ୍କା, ୨ଭରି ଓଜନର ସୁନା ଅଳଙ୍କାର ଚୋରି କରିନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି କୁଣ୍ଢେଇଗୋଲା ଥାନା ପୋଲିସ ଅବକାରୀ ବିଭାଗ କର୍ମଚାରୀଙ୍କ ବିରୋଧରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ମିଳିଥିବା ସୂଚନା ମୁତାବକ, ଅଗଷ୍ଟ ୨୭ ତାରିଖରେ ଅବକାରୀ ବିଭାଗର କର୍ମଚାରୀମାନେ ବେଆଇନ ଭାବେ ମଦ ଗଚ୍ଛିତ ଥିବା ସନ୍ଦେହ କରି ବାଘବର ଗ୍ରାମର ପେଜୁ ନାଏକଙ୍କ ଘରେ ଚଢାଉ କରିଥିଲେ। ସେତିକିବେଳେ ପେଜୁ ଅସୁସ୍ଥତା ଥିବାରୁ ଅନୁଗୋଳରେ ଚିକିତ୍ସାଧିନ ଥିଲେ। ଘରେ ଏକୁଟିଆ ଥିବା ତାଙ୍କ ବୋହୁଙ୍କୁ କର୍ମଚାରୀମାନେ ଘରୁ ବାହାର କରିଦେଇଥିଲେ। ପରେ ଘରର ବିଭିନ୍ନ ସ୍ଥାନରେ କର୍ମଚାରୀମାନେ ଯାଞ୍ଚ କରି ଚାଲିଯାଇଥିଲେ। ହେଲେ ଘରେ ଥିବା ବୋହୁ ପରବର୍ତ୍ତି ସମୟରେ ଘରୁ ନଗଦ ୨୦ ହଜାର ଟଙ୍କା ଓ ୨ଭରି ସୁନା ଅଳଙ୍କାର ଚୋରି ହୋଇଥିବା ପରିବାର ଲୋକେ ଜଣାଇଥିଲେ। ପେଜୁ ସୁସ୍ଥ ହୋଇ ଘରକୁ ଫେରିବା ପରେ ଏନେଇ କୁଣ୍ଢେଇଗୋଲା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଉକ୍ତ ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

### କୀଟନାଶକ ନିରାପଦ ପ୍ରୟୋଗ ତାଲିମ ଶିବିର

**ଦେବଗଡ଼,୨୧।୯(ଡି.ଏନ.ଏ.):** ଦେବଗଡ଼ କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ତିଲେଇବଣି ବ୍ଲକ ଅଧୀନ ବଣିଆଁକିଲିଣ୍ଡା, ବଡଛାପଲ ଗ୍ରାମରେ ଶନିବାର କୀଟନାଶକ ନିରାପଦ ପ୍ରୟୋଗ ସଂକ୍ରାନ୍ତରେ କୃଷକ ସଚେତନତା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କୃଷି ଉପନିର୍ଦ୍ଦେଶକ ପ୍ରଶାନ୍ତ କୁମାର ସାହୁ, ମୃତ୍ତିକା କେମିଷ୍ଟ ଲିଙ୍ଗରାଜ ପ୍ରଧାନ, ସହକାରୀ କୃଷି ଅଧିକାରୀ ମନୋଜ ମାରାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ଶସ୍ୟ ସଂରକ୍ଷଣ ଅଧିକାରୀ ଦ୍ୱାରିକା ନାଥ ପ୍ରଧାନ ଉପସ୍ଥିତ କୃଷକମାନଙ୍କୁ କୀଟନାଶକର ନିରାପଦ ବ୍ୟବହାର ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଶିବିରରେ ପଞ୍ଚାୟତର ବିଭିନ୍ନ ଗ୍ରାମର ୫୦ଜଣ ଅଗ୍ରଣୀ ଚାଷୀ ଉପସ୍ଥିତ ରହି ତାଲିମ ନେଇଥିଲେ। ବଡଛାପଲଠାରେ ଆୟୋଜିତ ଶିବିରରେ କୃଷି ଉପନିର୍ଦ୍ଦେଶକ ସାହୁ ପଞ୍ଚାୟତର ୩୦ଜଣ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରିଥିଲେ।



ଶିବିରରେ ଉପସ୍ଥିତ ଅଧିକାରୀମାନେ।

### ଖେଳପଡିଆ ଉନ୍ନତୀକରଣ କାର୍ଯ୍ୟର ଶୁଭାରମ୍ଭ

**ସମ୍ବଲପୁର, ୨୧।୯ (ବ୍ୟୁରୋ):** ସମ୍ବଲପୁର ମନ୍ଦଲିଆ ସ୍ଥିତ କବାଡି ଖେଳ ପଡିଆ ଉନ୍ନତିକରଣ କାର୍ଯ୍ୟ ଶନିବାର ଶୁଭାରମ୍ଭ କରାଯାଇଛି। ସିଦ୍ଧାର୍ଥ ସାହାଙ୍କ ପରିଚାଳନାରେ ନଳିନୀ ପ୍ରଧାନ, ପ୍ରମୋଦ ରଥ ଅତିଥି ଭାବେ ଯୋଗ ଦେଇଥିଲେ। କ୍ଲବ ଯୁଗ୍ମ ସମ୍ପାଦକ ରାମଦାସ ପଣ୍ଡା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ସାଧାରଣ ସମ୍ପାଦକ ଉମାପତି ତ୍ରିପାଠୀ ସୂଚନା ପ୍ରଦାନ କରିଥିଲେ । ଦିଲୀପ ସାହୁ, ରାଜେଶ ସେଠ, ଭୀମ ବରାଡ, ଶ୍ରୀକାନ୍ତ ବାରିକ, ଘନ ପଟେଲ ପ୍ରମୁଖ ସାମିଲ ଥିଲେ ।

### ସଞ୍ଚାରକୁ ଅଧିକ ପ୍ରଚାରପ୍ରସାର କରିବା ଜରୁରୀ

**ସମ୍ବଲପୁର, ୨୧।୯ (ବ୍ୟୁରୋ)**

ପଞ୍ଚମ ରାଜ୍ୟସ୍ତରୀୟ ସଞ୍ଚାର ସମ୍ମିଳନୀ ଓ ସମ୍ମାନ ସମାରୋହ- ୨୦୧୯ ଶନିବାର ସମଲେଶ୍ୱରୀ ମଣ୍ଡପଠାରେ ଉଦ୍‌ଘାଟିତ ହୋଇଯାଇଛି । ଓଡିଶା ଓ ଛତିଶଗଡର ୨୫ଟି ସଞ୍ଚାର ଦଳ ସାମିଲ ହୋଇଛନ୍ତି। ପ୍ରଫେସର ମୀନକେତନ ପୁରୋହିତଙ୍କ ଅଧକ୍ଷତାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁରର ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି, ଏସ୍‌ଡିଏ ଅଧକ୍ଷ ବିଜୟ କୁମାର ମହାନ୍ତି, ଶିକ୍ଷାବିତ ଅରବିନ୍ଦ ମହାପାତ୍ର, ରେଡକ୍ରସ ସମ୍ପାଦକ ଜୟ ଜର୍ଜ, ପ୍ରଫେସର ସୁରୁବାବୁ ମେହେର, ପ୍ରଫେସର ଶଙ୍କର ପ୍ରସାଦ ପତି, ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସଚିବ ରଘୁନାଥ ମିଶ୍ର ସମ୍ମାନିତ ଅତିଥି ଥିଲେ। ଲୁପ୍ତକଳା ସଞ୍ଚାରକୁ ଅଧିକ ପ୍ରଚାରପ୍ରସାର କରିବା ଜରୁରୀ। ଏହାଦ୍ୱାରା ସଞ୍ଚାର ବାୟକ ଓ ଗାୟକମାନେ ପ୍ରତ୍ସାହିତ ହୋଇପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆୟୋଜିତ ସମର୍ପଣ ଅନୁଷ୍ଠାନ ସମ୍ପାଦକ ଭଜରାମ ମହାପାତ୍ର ସୂଚନା ପ୍ରଦାନ କରିଥିବା ବେଳେ ବୈଶମ୍ପାୟନ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସଞ୍ଚାର ବାୟକ ବାସୁଦେବ ପଶାୟତ, ସଦନ ପ୍ରଗଣିଆ, କରୁଣାକର ବାଗ, ପବିତ୍ର କରଙ୍କୁ ସମ୍ମାନିତ କରାଯାଇଥିଲା। ସରୋଜ କୁମାର ମହାପାତ୍ର ଅତିଥି ସ୍ୱାଗତ କରିଥିଲେ ।



ଶନିବାର ସମ୍ବଲପୁର ସମଲେଶ୍ୱରୀ ମଣ୍ଡପଠାରେ ଦୁଃଖନାଶକ ବେହେରା ଓ ଦଳ ସଞ୍ଚାର ପରିବେଷଣ କରୁଛନ୍ତି ।

### ମୁଁ ଆତ୍ମହତ୍ୟା କରୁଛି, ମୋ ମୃତଦେହ ନେଇଯିବ....

**ବାମରା, ୨୧।୯ (ଡି.ଏନ.ଏ.)**

ସ୍ତ୍ରୀ ଓ ଛୁଆକୁ ମାରି ଦେଇ ମୁଁ ସୁସାଇଡ୍ କରୁଛି ବାପା। ତମେ ଆସି ମୋ ମୃତଦେହ ନେଇ ଯିବ। ଜଣେ ବ୍ୟକ୍ତି ତାଙ୍କ ବାପାଙ୍କୁ ଫୋନରେ ଏଭଳି କହି ଟ୍ରେନ ସମ୍ମୁଖକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ବାମରା ରେଳ ଷ୍ଟେଶନ ଇଷ୍ଟ କ୍ୟାବିନ ପାଖ ଡୁମେରମୁଣ୍ଡା ନିକଟରେ ଜଣେ ଯୁବକ ଶନିବାର ଆତ୍ମହତ୍ୟା କରିଥିବା ନେଇ ହାୱଡା-ଏଲଟିଟି ଏକ୍ସପ୍ରେସର ଡାଇଭରଙ୍କଠାରୁ ଖବର ପାଇ ବାମରା ଜିଆରପି ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା। ହେଲେ ଠିକ୍ ସେହି ସମୟରେ ରାଉରକେଲା ଜିଆରପି ପୋଲିସ ପକ୍ଷରୁ ବାମରା ଅଞ୍ଚଳରେ ଜଣେ ଯୁବକ ଆତ୍ମହତ୍ୟା କରିବେ ବୋଲି ନିଜ ବାପାକୁ କହିଥିବା ନେଇ ଖବର ଆସିଥିଲା। ହେଲେ ଜଣେ ଯୁବକ ଆତ୍ମହତ୍ୟା କରିସାରିଥିବା ଖବର ପାଇବା ପରେ ରାଉରକେଲା ଜିଆରପି ପୋଲିସ ମଧ ଘଟଣା ସ୍ଥଳରେ ପହଞ୍ଚିଥିଲା। ପ୍ରାଥମିକ ତଦନ୍ତରୁ ଉକ୍ତ ଯୁବକ ଜଣକ ଶୁକ୍ରଜିତ ଭଞ୍ଜ (୩୩) ଓ ତାଙ୍କ ଘର ରାଉରକେଲାର ସେକ୍ଟର-୧ ଅଞ୍ଚଳରେ ପୋଲି ଜଣାପଡିଛି। ସେ ବିଶାଖାପାଟଣାଠାରେ ଭାରତୀୟ ଖାଦ୍ୟ ନିଗମ (ଏସସିଆଇ)ରେ ଚାକିରି କରୁଥିଲେ। ୩ବର୍ଷ ତଳେ ତାଙ୍କ ବିବାହ ହୋଇଛି। ଦେଢ଼ ବର୍ଷର ଶିଶୁ କନ୍ୟା ମଧ ରହିଛି ବୋଲି ଜିଆରପି ପୋଲିସ ସୂତ୍ରରୁ ଜଣାପଡିଛି। ହେଲେ ଶନିବାର ସେ ବାମରା ଅଞ୍ଚଳରେ ବୁଲାବୁଲି କରୁଥିବା କେତେକ ସ୍ଥାନୀୟ ଲୋକ କହିଛନ୍ତି । ଦିନ ୨ଟାରେ ସେ ନିଜ ବାପା ପ୍ରତାପ ଚନ୍ଦ୍ର ଭଞ୍ଜଙ୍କୁ ଫୋନ କରି କହିଥିଲେ ଯେ, ସ୍ତ୍ରୀ ଓ ଛୁଆକୁ ବିଶାଖାପାଟଣାରେ ମାରି ଦେଇ ଭଡାଘରେ ତାଲା ଦେଇ ଦେଇଛନ୍ତି। ବାମରାଠାରେ ଟ୍ରେନରେ ସୁଇସାଇଡ୍ କରୁଛନ୍ତି। ଏହା ଶୁଣି ତାଙ୍କ ବାପା ସାଙ୍ଗେ ସାଙ୍ଗେ ରାଉରକେଲା ଜିଆରପି ସହ ଯୋଗାଯୋଗ କରିଥିଲେ। ମାତ୍ର ବାମରା ଜିଆରପି ଖବର ପାଇବା ବେଳକୁ ବ୍ୟକ୍ତି ଜଣକ ଆତ୍ମହତ୍ୟା କରିସାରିଥିବା ପୋଲିସ କହିଛି । ବିବାହ ପରଠାରୁ ଶୁକ୍ରଜିତ ଓ ତାଙ୍କ ସ୍ତ୍ରୀଙ୍କ ମଧରେ କଳହ ଲାଗି ରହିଥିଲା। ସ୍ତ୍ରୀଙ୍କ ମୋବାଇଲ ଫୋନ ବର୍ତ୍ତମାନ ବନ୍ଦ ଅଛି । ବିଶାଖାପାଟଣା ପୋଲିସକୁ ଖବର ଦିଆଯାଇଛି ବୋଲି ପରିବାର ବର୍ଗ କହିଛନ୍ତି। ଘଟଣା ସ୍ଥଳରେ ବାମରା ଜିଆରପି ଫାଣ୍ଡି ଅଧିକାରୀ ତିନ୍ନୁସ ହୋରୋ, ରାଜଗାଙ୍ଗପୁର ଫାଣ୍ଡି ଅଧିକାରୀ ରମେଶ ଭଇସାଲ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ରାଜଗାଙ୍ଗପୁର ପଠାଇଛନ୍ତି। ବିଶାଖାପାଟଣା ପୋଲିସର ସୂଚନା ପରେ ଘଟଣାର ପ୍ରକୃତ ତଥ୍ୟ ପଦାକୁ ଆସିବ ବୋଲି ପୋଲିସ କହିଛି।

# ରାଜଭାଷା ସପ୍ତାହ ଉଦ୍‌ଯାପିତ

**ସମ୍ବଲପୁର, ୨୧।୯ (ବ୍ୟୁରୋ)**

ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକଙ୍କ ଅଫିସ ପରିସରରେ ରାଜଭାଷା ସପ୍ତାହ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମଣ୍ଡଳ ରେଳ ପ୍ରବନ୍ଧକ ଡ. ଜୟଦୀପ ଗୁପ୍ତା ମୁଖ୍ୟଅତିଥି, ପୂର୍ବତଟ ରେଳବାଇ ମୁଖ୍ୟ ଯାତାୟତ ପ୍ରବନ୍ଧକ ଶୈଳେନ୍ଦ୍ର କପିଳ ମୁଖ୍ୟବକ୍ତା, ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ହିନ୍ଦୀ



ବିଭାଗ ସଂଯୋଜକ ଡ. ମୁରାରୀଲାଲ ଶର୍ମା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଏଲଭିଏସଏସ ପାତ୍ରୁଡୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଭିନ୍ନ କାର୍ଯ୍ୟକ୍ରମରେ ହିନ୍ଦୀ ଭାଷାର ପ୍ରୟୋଗ ଓ ପ୍ରସାର ଉପରେ ର ଗୁରୁତ୍ୱାରୋପ କରାଯାଇଥିଲା । ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ରାଜଭାଷା ଅଧିକାରୀ ତଥା ମଣ୍ଡଳ ସଙ୍କେତ ଓ ଦୂରସଞ୍ଚାର ଯନ୍ତ୍ରୀ ସୌରଭ ମିଶ୍ର ଉତ୍ସବରେ ସଂଯୋଜନା କରିଥିଲେ ।

CLASSIFIED DISPLAY
ALL EDITION - B/W (Everyday)

| TARIFF | MORE SPACE • SAME PRICE | | | | | | | |
|---|---|---|---|---|---|---|---|---|
| | For Single Day | | For 7 Days | | For 15 Days | | For 30 days | |
| | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

TCF FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
7055758337
7298510676

BUSINESS

DEALER WANTED
At all major locations across Odisha for :-
FASTBUILD AAC BLOCKS
Mail : dealership. fastbuild@gmail.com
Mob : 9073678360

FINANCE

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ । ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

EDUCATION

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦ୍ଧରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ । ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

KUBER FINANCE
Kuber ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8146524009
8146359004

HINDUSTAN TOWER
ନାମ ନୁହେଁ କାମ କହିଥାଏ ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ ୨୦ ଲକ୍ଷ, ଭଡ଼ା 60,000 + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

ADMISSION OPEN
MAA TARA TARINI SCHOOL OF NURSING, Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi. We also offered Course (OT Technician, DMLT X-ray Technician)
Contact No: 9437425759 8280476992
Email : maataratarinison@gmail.com

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Reg. No. - U6519TN198PLC00855)
ମାର୍କଶିଟ୍. ପ୍ରପର୍ଟି. ପର୍ସନାଲ. ଗ୍ରୁପ୍. ବ୍ୟବସାୟ ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP

ଋଣ ଧମାକା
ଋଣ ପାଇବା ହେଲା ସହଜ ଦୁଇ ଘଣ୍ଟାରେ ଗୃହ ଋଣ, ବ୍ୟବସାୟ, କୁକୁଡ଼ା ପାଳନ, ପଶୁପାଳନ ଋଣ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ । ସୁଧ 1% ବାର୍ଷିକ।
ଯୋଗାଯୋଗ କରନ୍ତୁ
7079574972
7491845997
toofanfinance.in
New Ashok Nagar, East Delhi, Delhi

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



"ବଲିଉଡ୍‌ରେ ଧୀରେ ଧୀରେ ପାଦ ଥାପି ମୁଁ ଆଗକୁ ବଢୁଛି।
-କ୍ରିତି ସାନୋନ, ଅଭିନେତ୍ରୀ



# ମନ୍ଦିରରେ ରହିଛି ସମୁଦ୍ର ମନ୍ଥନରୁ ମିଳିଥିବା ଅମୃତ କଳସ

**ଜାକର୍ତ୍ତା:** ଇଣ୍ଡୋନେସିଆର ଏକ ମନ୍ଦିରରେ ସମୁଦ୍ର ମନ୍ଥନ ସମୟରେ ମିଳିଥିବା ଅମୃତ କଳସ ଥିବା କୁହାଯାଉଛି। କଂଡି ସୁକୁହ ନାମକ ଏହି ମନ୍ଦିରରେ ଏମିତି ଏକ କଳସ ରହିଛି, ଯାହା ଭିତରେ ଥିବା ଦ୍ରବ୍ୟ ହଜାର ହଜାର ବର୍ଷ ହେବ ରହିଥିଲେ ବି ଶୁଖୁ ନାହିଁ । ସେଥିପାଇଁ ତାହା ଅମୃତ ବୋଲି ଲୋକେ କହୁଛନ୍ତି। ଲୋକେ ଆହୁରି ମଧ୍ୟ ବିଶ୍ୱାସ କରନ୍ତି କି, ଏହି କଳସ ସମୁଦ୍ର ମନ୍ଥନ ସମୟରେ ହିଁ ମିଳିଥିଲା। କାରଣ ଏହାସହ ଏକ ଶିବଲିଙ୍ଗ ମଧ୍ୟ ଲାଗି ରହିଛି। ଏଠାରେ ଥିବା ଏକ ପ୍ରାଚିରରେ ମହାଭାରତର ଆଦିପର୍ବ ଅଙ୍କା ଯାଇଥିବା ଦେଖିବାକୁ ମିଳେ। ତେବେ ୨୦୧୬ରେ ପ୍ରତ୍ନତତ୍ତ୍ୱ ବିଭାଗ ଏହାର ମରାମତି କରିବା ସମୟରେ ଉକ୍ତ ପ୍ରାଚିର ମଧ୍ୟରୁ ଯାହା ମିଳିଲା, ତାହା ବିଶେଷଜ୍ଞ ଦଳକୁ ଆଶ୍ଚର୍ଯ୍ୟ କରିଦେଲା। ତେବେ ବିଶେଷଜ୍ଞ ଦଳଙ୍କୁ ଏକ ତମ୍ବାର କଳସ ମିଳିଥିଲା, ଯେଉଁଥିରେ ଏକ ଶିବଲିଙ୍ଗ ଯୋଡି ହୋଇ ରହିଥିଲା।



ଏହାକୁ ନେଇ ଗବେଷଣା କରିବା ପରେ ଜଣାପଡିଲା କି , ଏହି ତମ୍ବା କଳସକୁ ଏପରି ଢଙ୍ଗରେ ବନ୍ଦ କରାଯାଇଛି ଯାହାକୁ ଖୋଲିବା କଷ୍ଟକର। ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଲା ଯେଉଁ ପ୍ରାଚିରରୁ ଏହି କଳସ ମିଳିଲା ସେଠାରେ ସମୁଦ୍ର ମନ୍ଥନର ନକ୍ସା ମଧ୍ୟ ରହିଥିଲା। ଏହାସହ ସେଠାରେ ଖଜୁରାହୋ ଭଳି ଅର୍ଥାତ୍ କାମରେ ନିମଗ୍ନ ଥିବା ମୂର୍ତ୍ତି ମଧ୍ୟ ରହିଥିଲା। କେବଳ ଗୋଟିଏ ପ୍ରାଚିରରେ ହିଁ ମହାଭାରତର ଆଦିପର୍ବ ଲେଖାଯାଇଥିଲା। ଏହା ପାଖାପାଖି ୧୨ଶହ ଶତାବ୍ଦିର ବୋଲି କୁହାଯାଉଛି। ସେତେବେଳେ ମାଲେସିଆ ସମ୍ପୂର୍ଣ୍ଣ ହିନ୍ଦୁ ରାଷ୍ଟ୍ର ଥିଲା। ହେଲେ ୧୫ଶହ ଶତାବ୍ଦି ବେଳକୁ ଯେତେବେଳେ ଏଠାରେ ମୁସଲମାନମାନେ ରାଜତ୍ୱ ଆରମ୍ଭ କଲେ ସେତେବେଳେ ଏହି କଳସକୁ ଏଠାରେ ଲୁଚାଇ ଦିଆଯାଇଥିବା କୁହାଯାଏ।

# ମଧ୍ୟାହ୍ନଭୋଜନ ପାଚିକାରୁ କୋଟିପତି



**ନୂଆଦିଲ୍ଲୀ:** କଥାରେ ଅଛି ସମୟ ଆସିଲେ ମଣିଷର ଭାଗ୍ୟ ବଦଳିଯାଏ। ପ୍ରବଳ ଇଚ୍ଛାଶକ୍ତି, ପରିଶ୍ରମ ଓ ଇଶ୍ୱର ବିଶ୍ୱାସ ଥିଲେ ସଫଳତା ହାତ ପାହାନ୍ତାରେ ପହଞ୍ଚିବାକୁ ସମୟ ଲାଗେନି। ଏଭଳି ଏକ ଘଟଣା ଘଟିଛି ଅମରାବତୀର ଜଣେ ମହିଳାଙ୍କ କ୍ଷେତ୍ରରେ। ଏକ ସ୍କୁଲରେ ମଧ୍ୟାହ୍ନଭୋଜନ ପାଚିକା ଭାବେ କାର୍ଯ୍ୟକରୁଥିବା ବବିତା ଟାଡେ ମାସିକ ୧୫ ଶହ ଟଙ୍କା ପାଉଥିବାବେଳେ ଏବେ କୋଟିପତି ସାଜିଛନ୍ତି। 'କୌନ ବନେଗୀ କୌଟିପତି'ର ୧୧ତମ ଅଧ୍ୟାୟରେ ସେ ଦ୍ୱିତୀୟ କୋଟିପତି ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ହୋଷ୍ଟ ଅମିତାଭ୍ ବଚ୍ଚନ ତାଙ୍କୁ ଏଥିଲାଗି ଅଭିନନ୍ଦନ ଜଣାଇଛନ୍ତି। ୭ କୋଟି ଜିତିବାର କ୍ଷମତା ତାଙ୍କ ପାଖରେ ଥିଲେ ସୁଦ୍ଧା ଦ୍ୱନ୍ଦ୍ୱ ଯୋଗୁ ସେ ଚୂଡ଼ାନ୍ତ ପର୍ଯ୍ୟାୟରୁ ଓହରି ଆସିଥିଲେ। ସେ କୁହନ୍ତି, ଶେଷ ପ୍ରଶ୍ନ (କେଉଁରାଜ୍ୟର ରାଜ୍ୟପାଳ ସର୍ବାଧିକ ଥର ଦେଶର ରାଷ୍ଟ୍ରପତି ହୋଇଛନ୍ତି)ର ଉତ୍ତର 'ବିହାର' ବୋଲି ସେ ଜାଣିଥିଲେ ସୁଦ୍ଧା ଦ୍ୱନ୍ଦ୍ୱରେ ଥିଲେ। ଅମିତାଭ୍‌ଙ୍କୁ ସେ ଠିକ୍ ଉତ୍ତର କହିଥିଲେ ହେଁ ଦ୍ୱନ୍ଦ୍ୱରେ ଥିବା କାରଣରୁ କ୍ୱିଟ୍ କରିବାକୁ ଚାହୁଁଛି ବୋଲି ସେ କହିଥିଲେ। ତେଣୁ ତାଙ୍କୁ ୭ କୋଟି ଟଙ୍କା ଅଳ୍ପକେ ହାତଛଡ଼ା କରିବାକୁ ପଡ଼ିଥିଲା। କୋଟିପତି ହେବା ପରେ ଏତେ ଟଙ୍କା ପାଇ କ'ଣ କରିବ ବୋଲି ଅମିତାଭ୍‌ଙ୍କ ପ୍ରଶ୍ନର ଉତ୍ତରରେ ଟାଡେ କହିଥିଲେ, ମୋବାଇଲ କିଣିବି, ସ୍ୱାମୀଙ୍କୁ ବିଦେଶ ବୁଲାଇବି। ସତରେ କେତେ ଚମତ୍କାର। ପରିଶ୍ରମ ଓ ପ୍ରଗାଢ ଇଚ୍ଛାଶକ୍ତି ଜଣକୁ କିପରି ଉପରକୁ ନେଇଯାଏ, ଏହାଥିଲା ଏକ ଜ୍ୱଳନ୍ତ ଉଦାହରଣ।

# ମିଜାଜ୍ ନିୟନ୍ତ୍ରଣ କରୁଛି ମୋବାଇଲ୍ ବ୍ୟାଟେରି

**ଲଣ୍ଡନ:** ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାରରେ ଅନେକ କାର୍ଯ୍ୟ ଖୁବ୍ ସହଜରେ ଓ କମ୍ ସମୟ ମଧ୍ୟରେ ହୋଇପାରୁଛି। ଟେକ୍ନୋଲୋଜି ମଣିଷକୁ ନିଜ ଅକ୍ତିଆରରେ ରଖିଥିବାବେଳେ ମୋବାଇଲ ଫୋନ୍ ବ୍ୟାଟେରି ଲୋକଙ୍କ ମିଜାଜ୍‌କୁ ନିୟନ୍ତ୍ରଣ କରୁଛି ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି। ଲଣ୍ଡନ ୟୁନିଭର୍ସିଟିର ମାର୍କେଟିଂ ଗବେଷକ ଥୋମାସ୍ ରବିନସନ ଓ ଫିନ୍‌ଲାଣ୍ଡର ଅଲ୍ଟୋ ୟୁନିଭର୍ସିଟି ପକ୍ଷରୁ କରାଯାଇଥିବା ଅଧ୍ୟୟନରୁ ଜଣାପଡ଼ିଛି ଯେ, ଲୋକଙ୍କ ମନର ସ୍ଥିତି ମୋବାଇଲ ବ୍ୟାଟେରିର ଚାର୍ଜ ହିସାବରେ କାମ କରିଥାଏ। ବ୍ୟାଟେରି ଫୁଲ୍ ଚାର୍ଜ ଥିବା ଲୋକେ ଅଧିକ ସକ୍ରିୟ ରହୁଥିବା ବେଳେ କମ୍ ଚାର୍ଜ ଥିବା ଲୋକେ ଅବ୍ୟବସ୍ଥିତ ରହିଥାନ୍ତି। ଗବେଷକମାନେ ଲଣ୍ଡନର ୨୩ରୁ ୫୭ ବର୍ଷ ବୟସର ୨୨ ଜଣ ବ୍ୟକ୍ତିଙ୍କୁ ନେଇ ଏହି ଗବେଷଣା କରିଥିଲେ। ଏଥିରୁ ଜଣାପଡ଼ିଛି, ପ୍ରତିଦିନ ୬୦-୧୮୦ମିନିଟ୍ ସମୟ ଯାତ୍ରା କରୁଥିବା ବ୍ୟକ୍ତିମାନେ ମୋବାଇଲ ବ୍ୟାଟେରି ଚାର୍ଜ ହିସାବରେ ପହଞ୍ଚିବାକୁ ଚେଷ୍ଟା କରିଥାନ୍ତି। ଯଦି ଚାର୍ଜ ୫୦% ଥାଏ ତେବେ ବ୍ୟକ୍ତି ଜଣକ ଯଥାଶୀଘ୍ର ସମ୍ଭବ ଗନ୍ତବ୍ୟସ୍ଥଳରେ ପହଞ୍ଚି ବ୍ୟାଟେରୀ ଫୁଲ୍ ଚାର୍ଜ କରିବାକୁ ପସନ୍ଦ କରନ୍ତି। ଚାର୍ଜ କମ୍ ହେବା ଦ୍ୱାରା ଏହାକୁ ଜଲଦି ଚାର୍ଜ କରିବା ପାଇଁ ବ୍ୟକ୍ତି ଉତ୍ସାହିତ ହୋଇଥାନ୍ତି। ଯେଉଁମାନଙ୍କ ଫୋନ୍‌ରେ ଫୁଲ୍ ଚାର୍ଜ ଥାଏ, ସେମାନଙ୍କର ମନୋଭାବ ସକାରାତ୍ମକ ରହିଥାଏ। ସେହିପରି ବ୍ୟାଟେରି ଅଧା କିମ୍ବା ତା'ଠୁ କମ୍ ଥିଲେ ବ୍ୟକ୍ତିଙ୍କ ମନରେ ନକାରାତ୍ମକ ଭାବନା ଆସିଥାଏ। ଯେଉଁମାନଙ୍କ ମୋବାଇଲ ବ୍ୟାଟେରି ଚାର୍ଜ କମ୍ ରହିଥାଏ ସେମାନେ ସବୁବେଳେ ଅନ୍ୟମାନଙ୍କ ଉପରେ ନିର୍ଭର କରିଥାନ୍ତି ଏବଂ ନିଜ ଅସୁବିଧାକୁ ସାମନା କରିବାରେ ଅସଫଳ ହୋଇଥାନ୍ତି ବୋଲି ଗବେଷକ ରବିନସନ କହିଛନ୍ତି।




# ଧନ ସମ୍ପତ୍ତି ବଢ଼ିଲେ କମିଥାଏ ଭଲ ପାଇବା

**ଓହିଓ:** ଧନ ସମ୍ପତ୍ତି ବଢ଼ିଲେ ଭଲ ପାଇବା କମି କମି ଯାଇଥାଏ। ଉଭୟ ମହିଳା ଓ ପୁରୁଷଙ୍କ କ୍ଷେତ୍ରରେ ଏହା ଦେଖାଯାଇଥାଏ। ତେବେ ପୁରୁଷଙ୍କୁ ଏହା ଅଧିକ ପ୍ରଭାବିତ କରିଥାଏ। ଦାମ୍ପତ୍ୟ ସମ୍ପର୍କରେ ଧନୀ ତଥା ଆର୍ଥିକ ଦୃଷ୍ଟିରୁ ସକ୍ଷମ ଓ ସୁରକ୍ଷିତ ଥିବା ପୁରୁଷ ଦୀର୍ଘ ଦିନ ଧରି ବାନ୍ଧି ହୋଇ ରହିବାକୁ ପସନ୍ଦ କରି ନ ଥାନ୍ତି। ସେମାନେ ଜୀବନରେ ସାଥୀ ବଦଳାଇବାକୁ ପସନ୍ଦ କରିଥାନ୍ତି। ତେଣୁ ଦାମ୍ପତ୍ୟ ଜୀବନରେ ଭଲପାଇବାକୁ ସେମାନେ ବିଶେଷ ଗୁରୁତ୍ୱ ଦେଇ ନ ଥାନ୍ତି ବୋଲି ଓହିଓ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଅପରପକ୍ଷରେ ଆର୍ଥିକ ସ୍ୱଚ୍ଛଳ ନ ଥିବା ପୁରୁଷମାନେ ଦାମ୍ପତ୍ୟ ସମ୍ପର୍କକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି। ସେମାନଙ୍କଠାରେ ସାଥୀ ବଦଳାଇବା କଷ୍ଟକର ହୋଇଥାଏ। ଧନିକ ପୁରୁଷ ନିଜ ଜୀବନରେ ବିଳାସ ସାମଗ୍ରୀକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି।



# ୫୧ ଟଙ୍କାରେ ଝିଅ ବାହାଘର

**ରାଞ୍ଚି:** ହଜାର କି ଶହେ ନୁହେଁ ୫୧ ଟଙ୍କାରେ ଝିଅ ବାହାଘର ହେଉଛି ରାଞ୍ଚିର ପାହାଡି ମନ୍ଦିରରେ। ଏହି ମନ୍ଦିରରେ ପୂଜା କରିବା ବ୍ୟୟବହୁଳ ହୋଇଥିବାବେଳେ ବାହାଘର ପୂରା କମ୍ ଖର୍ଚ୍ଚରେ କରାଯାଉଛି। ଅନ୍ତ୍ୟୋଦୟ ଓ ଲାଲକାର୍ଡଧାରୀମାନଙ୍କୁ ଯେମିତି ସରକାରୀ ଯୋଜନାରୁ ଲାଭ ମିଳୁଛି ଠିକ ସେମିତି ପାହାଡି ମନ୍ଦିରରେ ବି ସୁବିଧା ମିଳୁଛି। ଅନ୍ତ୍ୟୋଦୟ ଓ ଲାଲକାର୍ଡଧାରୀଙ୍କ ବିବାହ ଏଠାରେ ୨୦୨ ଟଙ୍କାରେ ହୋଇଯାଉଛି। ଏଥିପାଇଁ କନ୍ୟାପକ୍ଷ ୫୧ ଓ ବର ପକ୍ଷ ୧୫୧ଟଙ୍କା ସହଯୋଗ ରାଶି ଭାବେ ଦେବାକୁ ପଡୁଛି। ସାଧାରଣବର୍ଗଙ୍କ ପାଇଁ ୭୫୧ ଟଙ୍କା ଧାର୍ଯ୍ୟ କରାଯାଇଛି, ଯେଉଁଥିରେ କନ୍ୟା ପକ୍ଷ ଦିଅନ୍ତି ୨୫୧ ଟଙ୍କା। ପାହାଡି ମନ୍ଦିର ବିକାଶ ସମିତିର ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଝାଡ଼ଖଣ୍ଡରେ ଏଭଳି ବ୍ୟବସ୍ଥା ପ୍ରଥମେ ଆରମ୍ଭ କରାଯାଇଛି।



# ପ୍ରଶ୍ନକୁ ନେଇ ଅଡୁଆରେ ସୋନାକ୍ଷୀ

**ମୁମ୍ବାଇ:** ବହୁ ଲୋକପ୍ରିୟ ଟିଭି ଶୋ କୌନ୍ ବନେଗା କରୋଡପତି(କେବିସି)ରେ ଏକ ସାଧାରଣ ପ୍ରଶ୍ନର ଉତ୍ତର ଦେଇ ନ ପାରି ଶତ୍ରୁଘ୍ନ ସିହ୍ନାଙ୍କ ତନୟା ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ସୋସିଆଲ ମିଡିଆରେ ଟ୍ରୋଲର ଶିକାର ହୋଇଛନ୍ତି। ପ୍ରଶ୍ନଟି ଯଦିଓ ଅତି ସାଧାରଣ ଓ ସରଳ ଥିଲା, କିନ୍ତୁ ସୋନାକ୍ଷୀଙ୍କ ପରିବାରର ସମସ୍ତଙ୍କ ନାମ ସହ ଏହାକୁ ଯୋଡ଼ି ସୋସିଆଲ ମିଡିଆରେ ଅନେକ ମିମ୍ସ ଦେଖିବାକୁ ମିଳିଛି। ଯେଉଁ କାରଣରୁ ଏବେ ସବୁଆଡ଼େ ସୋନାକ୍ଷୀଙ୍କ ସାଧାରଣ ଜ୍ଞାନକୁ ନେଇ ଚର୍ଚ୍ଚା। ଟ୍ରୋଲ ଏତେ କରାଗଲା ଯେ, ଶେଷରେ ଦବଙ୍ଗ୍ ଗର୍ଲ ସୋନାକ୍ଷୀ ନିଜ ପ୍ରତିକ୍ରିୟା ଦେବାକୁ ମଧ୍ୟ ବାଧ୍ୟ ହେଲେ। ପୂର୍ବରୁ ଆଲିୟା ଭଟ୍ଟଙ୍କ ଭଳି ଅନେକ ତାରକା ସର୍ବସମ୍ମୁଖରେ ନିଜ ସାଧାରଣ ଜ୍ଞାନର ପରିଚୟ ଦେଇଛନ୍ତି। ବିଗ୍ ବି ଅମିତାଭ୍ ବଚ୍ଚନଙ୍କ ଶୋ କେବିସି-୧୧ରେ ଆସିବା ସୋନାକ୍ଷୀଙ୍କୁ ମହଙ୍ଗା ପଡ଼ିଗଲା। ପୌରାଣିକ ଗାଥା ରାମାୟଣକୁ ନେଇ ଅତି ସାଧାରଣ ପ୍ରଶ୍ନର ଉତ୍ତର ଦେବାକୁ ତାଙ୍କୁ ଲାଇଫ୍ ଲାଇନ୍ ବ୍ୟବହାର କରିବାକୁ ପଡ଼ିଥିଲା। ତେବେ ବିଗ୍ ବିଙ୍କ ପ୍ରଶ୍ନ ଥିଲା, ହନୁମାନ୍ କାହା ପାଇଁ ସଞ୍ଜୀବନୀ ବୁଟି ଆଣିଥିଲେ ? ସୋନାକ୍ଷୀଙ୍କ ଉତ୍ତର ଥିଲା ରାମ। ପରେ ଏକ୍ସପର୍ଟଙ୍କ ସହାୟତାରେ ସୋନାକ୍ଷୀ ଜାଣିଲେ ଯେ ରାମ ନୁହେଁ ଅଚେତ ଲକ୍ଷ୍ମଣଙ୍କ ଚିକିତ୍ସା ପାଇଁ ହନୁମାନ ସଞ୍ଜୀବନୀ ବୁଟି ଆଣିଥିଲେ। ତେବେ ଏହି ପ୍ରଶ୍ନର ଉତ୍ତର ଦେବାରେ ଅସମର୍ଥ ସୋନାକ୍ଷୀଙ୍କ ପରିବାର ସହ ଏହା ଯୋଡ଼ି ସୋସିଆଲ ମିଡିଆରେ ତାଙ୍କୁ ପ୍ରବଳ ଟ୍ରୋଲ କରାଗଲା। କାରଣ ଜାଣିଲେ ଆପଣ ମଧ୍ୟ ନିଜ ହସକୁ ରୋକି ପାରିବେ ନାହିଁ। ସବୁଠାରୁ ମଜାଦାର ବିଷୟଟି ହେଲା, ରାମାୟଣକୁ ନେଇ ଏଭଳି ସରଳ ପ୍ରଶ୍ନର ଉତ୍ତର ଦେଇପାରି ନ ଥିବା ସୋନାକ୍ଷୀ ସିଂହ୍ନାଙ୍କ ବାପାଙ୍କ ନାମ- ଶତ୍ରୁଘ୍ନ ସିଂହ୍ନା, ଦାଦାଙ୍କ ନାମ- ରାମ ସିଂହ୍ନା, ଲକ୍ଷ୍ମଣ ସିଂହ୍ନା ଓ ଭରତ ସିଂହ୍ନା, ଭାଇଙ୍କ ନାମ- ଲବ ଓ କୁଶ ଏବଂ ତାଙ୍କ ବଙ୍ଗଳାର ନାମ ମଧ୍ୟ ରାମାୟଣ। ବାସ୍ ଏହି କାରଣରୁ ଦବଙ୍ଗ ଗର୍ଲ ସୋନାକ୍ଷୀଙ୍କୁ ସୋସିଆଲ ମିଡିଆରେ ପ୍ରବଳ ଟ୍ରୋଲ କରାଗଲା।



# କ୍ୟାନ୍‌ସର ପୀଡ଼ିତଙ୍କ ଇଚ୍ଛାଶକ୍ତି ବଢ଼ାଏ 'ରୋଜ୍ ଡେ'

**ଟରେଣ୍ଟୋ:** କାନାଡାର ୧୨ ବର୍ଷୀୟ ବାଳକ ମେଲିଣ୍ଡା ରୋଜ୍ କ୍ୟାନସର ଆକ୍ରାନ୍ତଙ୍କ ଓଠରେ ହସ ଟିକିଏ ଫୁଟାଇବା ପାଇଁ ଯେଉଁ ପ୍ରୟାସ କରିଥିଲେ, ତାହା ସ୍ମରଣୀୟ ହୋଇ ରହିଛି। ମେଲିଣ୍ଡାଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ୨୨ରେ ୱାର୍ଲ୍ଡ ରୋଜ୍ ଡେ' କ୍ୟାନ୍‌ସର ରୋଗୀଙ୍କ ପାଇଁ ପାଳନ କରାଯାଉଛି। ମେଲିଣ୍ଡାଙ୍କୁ ଅକ୍କିନସ୍ ଟ୍ୟୁମର ହୋଇଥିବା ଜଣାପଡିଥିଲା। ବ୍ଲଡ୍ କ୍ୟାନ୍‌ସରର ଏଭଳି ଅବସ୍ଥା ଖୁବ୍ କମ୍ ଦେଖାଯାଏ, ଯେଉଁଥିରେ ସେ ମାତ୍ର ଦୁଇ ସପ୍ତାହ ବଞ୍ଚିବେ ବୋଲି ଡକ୍ଟର କହିଥିଲେ। କିନ୍ତୁ ସେ ଛଅ ସପ୍ତାହ ବଞ୍ଚିଥିଲେ। ମୃତ୍ୟୁ କେତେବେଳେ ଆସିବ ତାହା ତାଙ୍କ ମନକୁ ଛୁଇଁ ନଥିଲା। କିନ୍ତୁ ସେ କୌଣସି ମୁହୂର୍ତ୍ତକୁ ବେକାର ଯିବାକୁ ନଦେଇ ଅନ୍ୟ କ୍ୟାନ୍‌ସର ରୋଗୀ ତଥା ତାଙ୍କ ଯତ୍ନ ନେଉଥିବା ବ୍ୟକ୍ତିଙ୍କ ପାଖରେ ପହଞ୍ଚି ଯାଉଥିଲେ। ସେମାନଙ୍କୁ କବିତା, ଚିଠି ଏବଂ ଇ-ମେଲ ଇତ୍ୟାଦି ଦେଇ ଖୁସି କରି ଉତ୍ସାହିତ କରିପାରିଥିଲେ। କ୍ୟାନ୍‌ସର ରୋଗୀଙ୍କ ଠାରୁ ଦୂରେଇ ନ ଯାଇ ତାଙ୍କ ସହ ସମୟ କାଟିଲେ ତାହା ରୋଗୀମାନଙ୍କ ପାଇଁ କେତେ ଯେ ଲାଭଦାୟକ ତାହା ଜଣାଇ ଦେଇଥିଲେ ମିଲିଣ୍ଡା। ଜଣଙ୍କର ପ୍ରିୟ ବ୍ୟକ୍ତି ଯଦି କ୍ୟାନ୍‌ସରରେ ପୀଡିତ ହୋଇଥିବା ଜଣାପଡେ ତେବେ ବନ୍ଧୁବାନ୍ଧବ, ପରିବାର ଲୋକ ଏବଂ ଶୁଭାକାଂକ୍ଷୀମାନେ ରୋଗୀଙ୍କ ପାଖରେ ପହଞ୍ଚିବା ଓ ସତ୍ୟକୁ ପ୍ରକାଶ କରିବା କଷ୍ଟଦାୟକ ହୋଇପଡେ। କିନ୍ତୁ ଏଭଳି କଠିନ ସମୟରେ ସେମାନଙ୍କଠାରୁ ଦୂରେଇ ରହିଲେ ରୋଗୀମାନେ ଏକୁଟିଆ ଅନୁଭବ କରନ୍ତି। ଏଣୁ ଯେତେସମ୍ଭବ ରୋଗୀଙ୍କ ପାଖରେ ରୁହନ୍ତୁ। ତାଙ୍କ ପାଖରେ ରହି ତାଙ୍କ କଥା ଶୁଣନ୍ତୁ। ସକାରାତ୍ମକ ଭାବନା ସେମାନଙ୍କ ମନରେ ଆଣନ୍ତୁ। 'ମୁଁ ଏବେ ଜଣଙ୍କୁ ଜାଣିଛି, ଯେ କି କ୍ୟାନସରରୁ ଭଲ ହୋଇଛନ୍ତି' ବୋଲି ତାଙ୍କ ପାଖରେ ପ୍ରକାଶ କଲେ ସେମାନଙ୍କ ମାନସିକ ସ୍ତରରେ ଅନେକ ପରିବର୍ତ୍ତନ ଆସିବ। 'କ୍ୟାନ୍‌ସର ଏବେ ଭଲ ହୋଇଯାଉଛି ଓ ତୁମେ ବି ଶୀଘ୍ର ଭଲ ହୋଇଯିବ'-ଏହି କଥା ଶୁଣିଲେ ସେମାନଙ୍କ ମନରେ ଏକ ଆଶା ଉଜ୍ଜୀବିତ ହେବ। କ୍ୟାନ୍‌ସରକୁ ମୁକାବିଲା କରିବା ପାଇଁ ଏକ ଦୃଢ ଇଚ୍ଛାଶକ୍ତି ଓ ମନବଳ ପୀଡିତଙ୍କଠାରେ ବୃଦ୍ଧି କରିବା ବିଶ୍ୱ ଗୋଲାପ ଦିବସର ଲକ୍ଷ୍ୟ । ଏହା କେବଳ ରୋଗୀମାନଙ୍କୁ ସହଯୋଗ କରିବା ଉଦ୍ଦେଶ୍ୟରେ ପାଳନ କରାଯାଉଛି ତାହା ନୁହେଁ, କ୍ୟାନସରକୁ କେମିତି ରୋକିହେବ ତାହା ଉପରେ ବି ଗୁରୁତ୍ୱ ଦିଆଯାଉଛି। ଗୋଲାପ ଦିବସରେ ଆୟୋଜିତ ବିଭିନ୍ନ ସଚେତନାଭିତ୍ତିକ କାର୍ଯ୍ୟକ୍ରମ ବି ସାଧାରଣ ଲୋକମାନଙ୍କୁ କ୍ୟାନସର ପ୍ରତି ସତର୍କ ରହିବା ପାଇଁ ବାର୍ତ୍ତା ଦେଇଥାଏ। ୨୦୧୮ରେ କରାଯାଇଥିବା ଏକ ଆକଳନରୁ ଜଣାପଡେ ଯେ, ବିଶ୍ୱରେ ୧.୮ କୋଟି କ୍ୟାନସର ପୀଡିତ ରହିଛନ୍ତି ଓ ଏହା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଭାରତରେ ଏବେ ୨୩ ଲକ୍ଷ କ୍ୟାନସର ପୀଡିତ ରହିଛନ୍ତି। ୨୬ ବର୍ଷ ତଳେ ଭାରତରେ କ୍ୟାନସର ରୋଗୀଙ୍କ ସଂଖ୍ୟା ଯାହାଥିଲା ତାହା ଏବେ ଦୁଇ ଗୁଣ ଟପିଗଲାଣି। ଏଭଳି ଏକ ପରିସ୍ଥିତିରେ ପୂରା ବିଶ୍ୱ ତଥା ଭାରତରେ ଗୋଲାପ ଦିବସ କ୍ୟାନସର ପୀଡିତଙ୍କ ପାଇଁ ପାଳନ କରାଯିବାର ଗୁରୁତ୍ୱ ବହନ କରେ। ଏହି ଦିବସରେ ଆମମାନଙ୍କ ସହଯୋଗ ସେମାନଙ୍କୁ ଆରାମ ଦିଏ। ଜଣା କିମ୍ବା ଅଜଣା ବ୍ୟକ୍ତିଙ୍କଠାରୁ ହାତ ତିଆରି ଗୋଲାପ,କାର୍ଡ ଓ ଉପହାର ସେମାନେ ପାଇବା ଦ୍ୱାରା ସେମାନଙ୍କ ମନ ଭାରାକ୍ରାନ୍ତ ନହୋଇ ଟିକେ ହାଲ୍‌କା ହୋଇଯାଏ। ଆମେ କ୍ୟାନସର ରୋଗୀଙ୍କ ମନବଳ ବଢାଇବା ସହ ନିଜେ କେମିତି ଏହି ରୋଗର ପଞ୍ଝାରେ ନପଡିବା ସେଥିପାଇଁ ଆମ ଜୀବନଶୈଳୀ ଉପରେ ବି ନଜର ରଖିବାକୁ ସନ୍ଦେଶ ଦିଏ ଏହି ଦିବସ। ଏଥର କ୍ୟାନସର ପୀଡିତଙ୍କ ପ୍ରତି ତାଙ୍କ ସମର୍ଥନ ଜାହିର କରିବା ପାଇଁ ଆଗକୁ ଆସିଛନ୍ତି ବଲିଉଡ ଅଭିନେତା ଅର୍ଜୁନ କପୁର। ସେ ବାନ୍ଦ୍ରା-ବଲି ସମୁଦ୍ର ସେତୁକୁ ଆଲୋକରେ ସଜାଇବାର ଯୋଜନା କରିଛନ୍ତି।





ହରିୟାଣା ବିଧାନସଭା ନିର୍ବାଚନରେ ଭାଜପା ୯୦ରୁ ୭୫ ଆସନରେ ବିଜୟୀ ହେବ।
-ମନୋହର ଲାଲ୍ ଖଟ୍ଟର, ହରିୟାଣା ମୁଖ୍ୟମନ୍ତ୍ରୀ



# ମହାରାଷ୍ଟ୍ର, ହରିୟାଣା ଭୋଟ ୨୧ରେ

ନୂଆଦିଲ୍ଲୀ,୨୧।୯
(ପି.ଟି./ଆଇଏଏନ୍ଏସ୍)

ମହାରାଷ୍ଟ୍ର ଓ ହରିୟାଣା ବିଧାନସଭା ନିର୍ବାଚନ ଅକ୍ଟୋବର ୨୧ରେ ଅନୁଷ୍ଠିତ ହେବ। ସେହିଦିନ ୧୭ ରାଜ୍ୟର ୬୪ ବିଧାନସଭା ଆସନ ଏବଂ ଗୋଟିଏ ଲୋକ ସଭା ଆସନ ପାଇଁ ଉପନିର୍ବାଚନ ମଧ୍ୟ ଅନୁଷ୍ଠିତ ହେବ ବୋଲି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ସୁନୀଲ ଆରୋରା ଶନିବାର ଘୋଷଣା କରିଛନ୍ତି। ୨୪ ତାରିଖରେ ଭୋଟଗଣତି ହୋଇ ଫଳାଫଳ ପ୍ରକାଶ ପାଇବ । ଲୋକ ସଭା ନିର୍ବାଚନ ଜିତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାଜପା ଦ୍ୱିତୀୟ ଥର କେନ୍ଦ୍ରରେ କ୍ଷମତାକୁ ଆସିବା ପରେ ଏହା ପ୍ରଥମ ବିଧାନସଭା ନିର୍ବାଚନ। ଭାଜପା ନିର୍ବାଚନ ପ୍ରଚାରରେ ଜମ୍ମୁ-କଶ୍ମୀରରୁ





ନୂଆଦିଲ୍ଲୀରେ ମୁଖ୍ୟ ନିର୍ବାଚନ କମିଶନର ସୁନୀଲ ଆରୋରା (ମଝି) ନିର୍ବାଚନ ତାରିଖ ଘୋଷଣା କରୁଛନ୍ତି।

## ୨୪ରେ ଗଣତି

ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ମୁଖ୍ୟ ପ୍ରସଙ୍ଗ କରିବ ବୋଲି କୁହାଯାଉଛି। ଉଭୟ ରାଜ୍ୟରେ ଭାଜପା ପୁଣିଥରେ କ୍ଷମତାକୁ ଫେରିବା ନେଇ ଦୃଢ଼ ଆଶାବାଦୀ ରହିଛି।

୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ଓ ୯୦ ଆସନ ବିଶିଷ୍ଟ ହରିୟାଣା ବିଧାନସଭା ନିର୍ବାଚନ ପାଇଁ ସେପ୍ଟେମ୍ବର ୨୭ରେ ବିଜ୍ଞପ୍ତି ପ୍ରକାଶ ପାଇବାକୁ ଥିବାବେଳେ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଅକ୍ଟୋବର ୪ ରହିଛି। ୫ରେ ନାମାଙ୍କନପତ୍ର ଯାଞ୍ଚ ହେବ। ପ୍ରାର୍ଥୀ ଚାହିଁଲେ ୭ ତାରିଖ ସୁଦ୍ଧା ନାମାଙ୍କନପତ୍ର ପ୍ରତ୍ୟାହାର କରିପାରିବେ ବୋଲି ସିଇସି ଆରୋରା କହିଛନ୍ତି । ମହାରାଷ୍ଟ୍ରର ୮.୯୫ କୋଟି ଭୋଟରଙ୍କ ପାଇଁ ୯୫,୪୭୩ ବୁଥ୍ ଓ ହରିୟାଣାର ୧.୮୩ କୋଟି ଭୋଟରଙ୍କ ପାଇଁ ୧୯,୪୨୫ ଭୋଟଗ୍ରହଣ କେନ୍ଦ୍ର କରାଯିବ। ହରିୟାଣା ବିଧାନସଭାର କାର୍ଯ୍ୟକାଳ ନଭେମ୍ବର ୨ ପର୍ଯ୍ୟନ୍ତ ରହିଥିବାବେଳେ ମହାରାଷ୍ଟ୍ର ବିଧାନସଭା ନଭେମ୍ବର ୯ରେ ଶେଷ ହେଉଛି।

୨୦୧୪ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭାଜପା ୧୨୨ ଏବଂ ଶିବସେନା ୬୩ ଆସନରେ ଜିତିଥିବାବେଳେ କଂଗ୍ରେସ ୪୨ ଏବଂ ଏନ୍‌ସିପି ୪୧ ଆସନରେ ବିଜୟୀ ହୋଇଥିଲା। ଅନ୍ୟ ଦଳଗୁଡ଼ିକ ୨୦ ଆସନ ହାତେଇଥିଲେ। ସେତେବେଳେ ଭାଜପା ଓ ଶିବସେନା ମଧ୍ୟରେ ଆସନ ବୁଝାମଣା ହୋଇ ନ ପାରିବାରୁ ଉଭୟ ଅଲଗା ନିର୍ବାଚନ ଲଢ଼ିଥିଲେ। ସରକାର ଗଢ଼ିବା ଲାଗି ସେମାନଙ୍କ ମଧ୍ୟରେ ନିର୍ବାଚନ ପରବର୍ତ୍ତୀ ମେଣ୍ଟ ହୋଇଥିଲା। ଏଥର ଦୁଇ ଦଳ ମଧ୍ୟରେ ମେଣ୍ଟ ପାଇଁ ଆଲୋଚନା ଜାରି ରହିଥିବାବେଳେ ଆସନ ବୁଝାମଣା ଚୂଡ଼ାନ୍ତ ହୋଇପାରି ନାହିଁ।

ସେହିପରି ୨୦୧୪ ହରିୟାଣା ବିଧାନସଭା ନିର୍ବାଚନରେ ଭାଜପାକୁ ୪୭ ଆସନ ମିଳିଥିବାବେଳେ ଇଣ୍ଡିଆନ ନ୍ୟାଶନାଲ ଲୋକ ଦଳ (ଆଇଏନ୍ଏଲ୍‌ଡି)୧୯ ଓ ଶାସକ କଂଗ୍ରେସ ଦଳ ୧୫ ଆସନରେ ଜିତିଥିଲା। ହରିୟାଣା ଜନହିତ କଂଗ୍ରେସ (ଏଚ୍‌ଜେସି)କୁ ଦୁଇଟି, ଶିରୋମଣି ଅକାଳୀ ଦଳ ଏବଂ ବହୁଜନ ସମାଜ ପାର୍ଟି (ବିଏସ୍‌ପି)କୁ ଗୋଟିଏ ଲେଖାଏ ଆସନ ମିଳିଥିବାବେଳେ ସ୍ୱାଧୀନ ପ୍ରାର୍ଥୀ ୫ଟି ଆସନରେ ବିଜୟୀ ହୋଇଥିଲେ।

ଦେଶରେ ଏକସଙ୍ଗେ ନିର୍ବାଚନ କରାଇବା ଲାଗି ଆଲୋଚନା ଚାଲିଥିବାବେଳେ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ କାହିଁକି ତାରିଖ ଘୋଷଣା କରାଗଲାନି ବୋଲି ଖବରଦାତାମାନଙ୍କ ପ୍ରଶ୍ନରେ ଆରୋରା କହିଥିଲେ, ସେଠାରେ ବିଧାନସଭା କାର୍ଯ୍ୟକାଳ ଜାନୁୟାରୀ ୯ରେ ଶେଷ ହେବ। ଯଦି ଗୃହର ନେତା ବିଧାନସଭା ଭଙ୍ଗ କରନ୍ତି ତେବେ ଆଗୁଆ ନିର୍ବାଚନ ହୋଇପାରେ। ଇସି କ'ଣ ପାଇଁ ଆଗୁଆ ନିର୍ବାଚନ କରାଇବେ ବୋଲି ସିଇସି ପ୍ରଶ୍ନ କରିଥିଲେ।

## ୬୪ ବିଧାନସଭା, ଗୋଟିଏ ଲୋକ ସଭା ଆସନ ଲାଗି ଉପନିର୍ବାଚନ ତାରିଖ ଘୋଷଣା

**ନୂଆଦିଲ୍ଲୀ,୨୧।୯(ପି.ଟି.):** ୧୭ ରାଜ୍ୟର ୬୪ ବିଧାନସଭା ଆସନ ଏବଂ ବିହାରର ସମସ୍ତିପୁର ଲୋକ ସଭା ଆସନ ଲାଗି ଅକ୍ଟୋବର ୨୧ରେ ଉପନିର୍ବାଚନ ଅନୁଷ୍ଠିତ ହୋଇ ୨୪ରେ ଭୋଟଗଣତି କରାଯିବ ବୋଲି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ସୁନୀଲ ଆରୋରା ଶନିବାର ଘୋଷଣା କରିଛନ୍ତି। କର୍ନାଟକର ୧୫ ବିଧାନସଭା ଆସନରେ ଉପନିର୍ବାଚନ ହେବାକୁ ଯାଉଛି। ଏହିସବୁ ଆସନର ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ସେହିପରି ଉତ୍ତରପ୍ରଦେଶର ୧୧ ଆସନ ମଧ୍ୟରୁ ଅଧିକାଂଶ ବିଧାୟକ ଗତ ସାଧାରଣ ନିର୍ବାଚନରେ ଲୋକ ସଭାକୁ ନିର୍ବାଚିତ ହୋଇଥିବାରୁ ସେହିସବୁ ଆସନ ଖାଲିପଡ଼ିଥିଲା। ସମସ୍ତିପୁର ଲୋକ ସଭା ଆସନର ସଦସ୍ୟ ରାମଚନ୍ଦ୍ର ପାଶ୍ୱାନଙ୍କର ଗତ ଜୁଲାଇରେ ପରଲୋକ ହେବାରୁ ସେଠାରେ ଉପନିର୍ବାଚନ ଜରୁରୀ ହୋଇପଡିଥିଲା। ତେବେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ସହ ସତାରା ଲୋକ ସଭା ଆସନ ଲାଗି ଉପନିର୍ବାଚନ ହେବନାହିଁ ବୋଲି ଆରୋରା କହିଛନ୍ତି। ସେଠାର ଏନ୍‌ସିପି ଏମ୍‌ପି ଉଦୟନରାଜେ ଭୋସଲେ ନିକଟରେ ଲୋକ ସଭାରୁ ଇସ୍ତଫା ଦେଇ ଭାଜପାରେ ଯୋଗଦେଇଥିଲେ। ସେହିପରି ପଶ୍ଚିମବଙ୍ଗ ଓ ଉତ୍ତରାଖଣ୍ଡରେ ଉପନିର୍ବାଚନ ଅନୁଷ୍ଠିତ ହେବ ନାହିଁ। ଦୁର୍ଗାପୂଜା ପାଇଁ ଉପନିର୍ବାଚନ ଘୁଞ୍ଚାଇବାକୁ ପଶ୍ଚିମବଙ୍ଗ ସରକାର ଅନୁରୋଧ କରିଥିବାବେଳେ ଉତ୍ତରାଖଣ୍ଡରେ ପଞ୍ଚାୟତ ନିର୍ବାଚନ ଚାଲିଥିବାରୁ ଉପନିର୍ବାଚନ କରାଇବା ସମ୍ଭବ ନୁହେଁ ବୋଲି ସିଇସି କହିଛନ୍ତି। ସେହିପରି ଅନ୍ୟ କେତେକ ରାଜ୍ୟରେ ନିର୍ବାଚନ ସଂକ୍ରାନ୍ତ ମାମଲା ଅଦାଲତରେ ବିଚାରାଧୀନ ଥିବାରୁ ସେଠାରେ ଉପନିର୍ବାଚନ ହେବ ନାହିଁ। ଯେଉଁ ରାଜ୍ୟଗୁଡ଼ିକରେ ବିଧାନସଭା ଉପନିର୍ବାଚନ ହେବାକୁ ଯାଉଛି ସେଗୁଡ଼ିକ ହେଲା ଅରୁଣାଚଳପ୍ରଦେଶ, ଛତିଶଗଡ, ତେଲେଙ୍ଗାନା, ମଧ୍ୟପ୍ରଦେଶ, ମେଘାଳୟ, ଓଡିଶା, ପୁଡୁଚେରୀ (ପ୍ରତ୍ୟେକରେ ଗୋଟିଏ ଆସନ), ଆସାମ (୫), ବିହାର (୫), ଗୁଜରାଟ (୪), ହିମାଚଳପ୍ରଦେଶ (୨), କେରଳ (୫), ପଞ୍ଜାବ (୪), ରାଜସ୍ଥାନ (୨), ତାମିଲନାଡୁ (୨) ଓ ସିକ୍କିମ (୩)। ଏଥିପାଇଁ ସେପ୍ଟେମ୍ବର ୨୩ରେ ବିଜ୍ଞପ୍ତି ପ୍ରକାଶ ପାଇଥିବା ଥିବାବେଳେ ସେହିଦିନଠାରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ।

# ସୁପ୍ରିମକୋର୍ଟରେ ରହିବ ସ୍ଥାୟୀ ସାମ୍ବିଧାନିକ ପୀଠ

ନୂଆଦିଲ୍ଲୀ,୨୧।୯



ପାଖାପାଖି ୭୦ ବର୍ଷର ଇତିହାସରେ ପ୍ରଥମ ଥର ପାଇଁ ସୁପ୍ରିମକୋର୍ଟରେ ସ୍ଥାୟୀ ଭାବେ ୫ ଜଣିଆ ସାମ୍ବିଧାନିକ ପୀଠ ଗଠନ ହେବାକୁ ଯାଉଛି। ଜଟିଳ ସାମ୍ବିଧାନିକ ପ୍ରଶ୍ନର ସମାଧାନ ଏବଂ ଆଇନର ବ୍ୟାଖ୍ୟା ପାଇଁ ଏହା କାର୍ଯ୍ୟ କରିବ।

୧୯୫୦ରେ ୮ ଜଣ ବିଚାରପତିଙ୍କୁ ନେଇ ସୁପ୍ରିମକୋର୍ଟ ଆରମ୍ଭ ହୋଇଥିଲା। ଏବେ ଏହାର ବିଚାରପତି ସଂଖ୍ୟା ୩୪କୁ ବୃଦ୍ଧି ପାଇଛି। ଅକ୍ଟୋବର ୧ରୁ ସ୍ଥାୟୀ ସାମ୍ବିଧାନିକ ବେଞ୍ଚ୍ ଗଠନ ଲାଗି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇଙ୍କୁ ସ୍ୱାଧୀନତା ପ୍ରଦାନ କରାଯାଇଛି। ପୂର୍ବ ବ୍ୟବସ୍ଥା ଅନୁଯାୟୀ କୌଣସି ଆଇନ ସମ୍ପର୍କିତ ପ୍ରଶ୍ନ ଗୁରୁତ୍ୱପୂର୍ଣ୍ଣ ମନେକଲେ ୨ ଜଣିଆ ଖଣ୍ଡପୀଠ ଏହାକୁ ତିନି ଜଣିଆ ଖଣ୍ଡପୀଠଙ୍କ ପାଖକୁ ପଠାଉଥିଲେ। ନିର୍ଦ୍ଦିଷ୍ଟ କେତେକ ଗୁରୁତ୍ୱପୂର୍ଣ୍ଣ ମାମଲା ସାମ୍ବିଧାନିକ ପୀଠକୁ ଯାଉଥିଲା। ପରେ ସିଜେଆଇ ମାମଲାର ଗୁରୁତ୍ୱକୁ ଅନୁଭବ କରି ଏଥିପାଇଁ ବିଚାରପତିଙ୍କୁ ନିୟୋଜିତ କରୁଥିଲେ। ତେବେ ଗତ ୩ ଦଶନ୍ଧିରେ ମୌଳିକ ଅଧିକାର ସମ୍ପର୍କିତ ମାମଲା, ଗୁରୁତ୍ୱପୂର୍ଣ୍ଣ ଜନସ୍ୱାର୍ଥ ମାମଲା ସଂଖ୍ୟା ଏତେ ବଢ଼ିଯାଇଥିଲା ଯେ ୫ ଜଣିଆ ସାମ୍ବିଧାନିକ ପୀଠ ଗଠନ ସିଜେଆଇମାନଙ୍କ ପାଇଁ ଏକପ୍ରକାର ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା।

## ୪ ହାଇକୋର୍ଟ ପାଇଁ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ନିଯୁକ୍ତ

ନୂଆଦିଲ୍ଲୀ,୨୧।୯(ପି.ଟି.)

୪ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ଦିଆଯିବା ପରେ ସେମାନଙ୍କ ସ୍ଥାନରେ ୪ ଜଣଙ୍କୁ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦିଆଯାଇଛି। ଜଷ୍ଟିସ୍ ରାଜୀବ ଶର୍ମା, ମହମ୍ମଦ ରଫିକ୍, ସି.ଭି.କେ. ଅବଦୁଲ ରହିମ୍ ଏବଂ ଧରମଚନ୍ଦ୍ ଚୌଧୁରୀଙ୍କୁ ଯଥାକ୍ରମେ ପଞ୍ଜାବ ଓ ହରିୟାଣା, ରାଜସ୍ଥାନ, କେରଳ ଏବଂ ହିମାଚଳପ୍ରଦେଶ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ନିଯୁକ୍ତ କରାଯାଇଥିବା ଆଇନ ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତିରେ କୁହାଯାଇଛି। ଦୁଇଦିନ ପୂର୍ବରୁ ଜଷ୍ଟିସ୍ କ୍ରିଷ୍ଣ ମୁରାରି, ଏସ୍.ଆର୍. ଭଟ୍ଟ, ହୃଷୀକେଶ ରାୟ ଏବଂ ଭି. ରାମସୁବ୍ରମଣ୍ୟନ୍ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ପାଇଥିଲେ।

ଅନ୍ୟପକ୍ଷରେ ସୁପ୍ରିମକୋର୍ଟ କଲେଜିୟମ୍ ଜଷ୍ଟିସ୍ ଅକିଲ କୁରେଶୀଙ୍କୁ ତ୍ରିପୁରା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦେବା ଲାଗି ସୁପାରିସ କରିଛନ୍ତି। ପୂର୍ବରୁ ତାଙ୍କୁ ମଧ୍ୟପ୍ରଦେଶ ହାଇକୋର୍ଟ ମୁଖ୍ୟ ବିଚାରପତି ନିଯୁକ୍ତି ଲାଗି ସୁପାରସ କରାଯାଇଥିଲା।

## ଘର ଖାଲିକରିବାକୁ ଚନ୍ଦ୍ରାବାବୁଙ୍କୁ ନୋଟିସ

**ହାଇଦ୍ରାବାଦ ୨୧।୯ :** ଆନ୍ଧ୍ରପ୍ରଦେଶ ସରକାରଙ୍କ ପକ୍ଷରୁ ଟିଡିପି ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ନାଇଡୁଙ୍କୁ ଅମରାବତୀସ୍ଥିତ ଭଡ଼ା ଘର ୭ ଦିନ ମଧ୍ୟରେ ଭାଙ୍ଗି ଖାଲି କରିବାକୁ ନୋଟିସ ଦିଆଯାଇଛି। ବେଆଇନ ନିର୍ମାଣକୁ ୭ ଦିନ ମଧ୍ୟରେ ଭାଙ୍ଗିବା ଲାଗି ଘର ମାଲିକ ଲିଙ୍ଗାମାନେନି ରମେଶଙ୍କ ବିରୋଧରେ ଗତ ୧୯ ତାରିଖରେ ନୋଟିସ ଜାରି କରାଯାଇଥିଲା।

### [ଇତିହାସର ଆଇନାରେ]

**ସେପ୍ଟେମ୍ବର ୨୨ର ପ୍ରମୁଖ ଘଟଣା**

୧ ୯୬୫ ସେପ୍ଟେମ୍ବର ୨୨ରେ ଭାରତ ଓ ପାକିସ୍ତାନ ମଧ୍ୟରେ କଶ୍ମୀରକୁ ନେଇ ଯୁଦ୍ଧ ହୋଇଥିଲା। ମାତ୍ର ୧୭ ଦିନର ଏହି ଯୁଦ୍ଧରେ ହଜାର ହଜାର ଲୋକ ପ୍ରାଣ ହରାଇଥିଲେ।

୨ ୦୧୩ ସେପ୍ଟେମ୍ବର ୨୨ରେ ପାକିସ୍ତାନର ପେଶାୱରସ୍ଥିତ ଏକ ଚର୍ଚ୍ଚରେ ୨ଟି ଆତ୍ମଘାତୀ ବିସ୍ଫୋରଣ ହେବା ଫଳରେ ୧୨୭ଜଣ ପ୍ରାଣ ହରାଇଥିଲେ। ଏଥିରେ ୨୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ସଂଖ୍ୟାଲଘୁ ଖ୍ରୀଷ୍ଟିଆନଙ୍କ ଉପରେ ଏହା ସବୁଠାରୁ ବଡ଼ ଆକ୍ରମଣ ଥିଲା।

## 'ଚାଇନାର ଶକ୍ତିବୃଦ୍ଧି ବିଶ୍ୱକୁ ବିପଦ'

**ୱାଶିଂଟନ,୨୧।୯(ପି.ଟି.):** ଚାଇନାର ସାମରିକ ଶକ୍ତିବୃଦ୍ଧିକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚିନ୍ତାବ୍ୟକ୍ତ କରିବା ସହ ଏହା ସାରା ବିଶ୍ୱ ପାଇଁ ବିପଦ ବୋଲି କହିଛନ୍ତି। ଏହି କମ୍ୟୁନିଷ୍ଟ ରାଷ୍ଟ୍ର ଆମେରିକାର ବୌଦ୍ଧିକ ସମ୍ପତ୍ତି ଚୋରି କରି ଏହାର ପ୍ରତିରକ୍ଷା ସାମର୍ଥ୍ୟ ବୃଦ୍ଧି କରିଛି। ଏହାକୁ ରୋକି ନ ଥିବା ଆମେରିକାର ପୂର୍ବତନ ରାଷ୍ଟ୍ରପତିମାନଙ୍କୁ ଟ୍ରମ୍ପ୍ ଦାୟୀ କରିଛନ୍ତି। ବିବାଦୀୟ ଦକ୍ଷିଣ ଚାଇନା ସାଗରରେ ଆମେରିକାର ପ୍ରବେଶକୁ ପ୍ରତିହତ କରିବା ଲାଗି ବେଜିଂ ଏହାର ପ୍ରତିରକ୍ଷା ବ୍ୟୟ ୧୫୨ ବିଲିୟନ ଡଲାରକୁ ବୃଦ୍ଧି କରିଛି। ସେମାନେ ସାମରିକ ଶକ୍ତିର ଦ୍ରୁତ ବୃଦ୍ଧି କରୁଥିବାରୁ ଏହା ବିଶ୍ୱ ପାଇଁ ବିପଜ୍ଜନକ ବୋଲି ଟ୍ରମ୍ପ୍ କହିଛନ୍ତି। ତାଙ୍କ



ସହ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ ମୋରିସନ୍ ଉପସ୍ଥିତ ଥିଲେ। ତାଙ୍କ ପୂର୍ବରୁ ଆମେରିକା ରାଷ୍ଟ୍ରପତିମାନେ ଚାଇନାକୁ ବର୍ଷକୁ ୫୦୦ ବିଲିୟନରୁ ଊର୍ଦ୍ଧ୍ୱ ଆର୍ଥିକ ସହାୟତା ଯୋଗାଉଥିଲେ। ଏଥିସହିତ ଆମେରିକାର ବୌଦ୍ଧିକ ସମ୍ପତ୍ତି ଓ ସମ୍ପତ୍ତି ଅଧିକାରକୁ ମଧ୍ୟ ବେଜିଂ ଚୋରି କରିଥିଲା। ସେ ଏଭଳି ହେବାକୁ ଦେବେନାହିଁ ବୋଲି ଟ୍ରମ୍ପ କହିଛନ୍ତି।

## ରାଜୀବ କୁମାରଙ୍କୁ ମିଳିଲାନି ଆଗୁଆ ଜାମିନ

**କୋଲକାତା,୨୧।୯(ପି.ଟି.):** କୋଲକାତାର ପୂର୍ବତନ ପୋଲିସ କମିଶନର ରାଜୀବ କୁମାରଙ୍କ ଆଗୁଆ ଜାମିନ ଆବେଦନକୁ ଆଲିପୁର ଜିଲା ଓ ଦୌରା ଅଦାଲତ ଶନିବାର ଖାରଜ କରିଦେଇଛନ୍ତି। ସାରଦା ଚିଟଫଣ୍ଡ ଦୁର୍ନୀତି ମାମଲାରେ ସମ୍ପୃକ୍ତ ରାଜୀବଙ୍କୁ ଜେରା ପାଇଁ ହାଜର ହେବା ଲାଗି ସିବିଆଇର ସମନ ସତ୍ତ୍ୱେ ସେ ଏହାକୁ ଏଡାଇ ଚାଲିଥିଲେ। ତାଙ୍କୁ ଗିରଫ କରିବା ଲାଗି ସିବିଆଇକୁ ଗିରଫ ପରୱାନା ଆବଶ୍ୟକ ନାହିଁ ବୋଲି ଅଦାଲତ କହିବା ପରେ ରାଜୀବ ଶୁକ୍ରବାର ଆଗୁଆ ଜାମିନ ପାଇଁ ଆବେଦନ କରିଥିଲେ।

## ଶିବକୁମାରଙ୍କ ଜାମିନ ଆବେଦନ ରାୟ ୨୫ରେ

ନୂଆଦିଲ୍ଲୀ,୨୧।୯(ପି.ଟି.)

କର୍ନାଟକ କଂଗ୍ରେସର ବରିଷ୍ଠ ନେତା ଡି.କେ. ଶିବକୁମାରଙ୍କ ଜାମିନ ଆବେଦନର ରାୟ ୨୫ରେ ପ୍ରକାଶ ପାଇବ। ମନିଲଣ୍ଡରିଂ ମାମଲାରେ ଗିରଫ ଶିବକୁମାର ସାକ୍ଷୀଙ୍କୁ ପ୍ରଭାବିତ କରିପାରନ୍ତି ବୋଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଶନିବାର ଦିଲ୍ଲୀର ଏକ ଅଦାଲତଙ୍କୁ କହିଥିଲା। ଇଡି ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ କେ.ଏମ୍. ନଟରାଜ ସ୍ୱତନ୍ତ୍ର ବିଚାରପତି ଅଜୟ କୁମାର କୁହାରଙ୍କ ଅଦାଲତରେ ଶିବକୁମାରଙ୍କ ଜାମିନ ଆବେଦନକୁ ବିରୋଧ କରିଥିଲେ। କେବଳ ଟିକସ ଦେଇ ଶିବକୁମାର ତାଙ୍କର ବେଆଇନ ସମ୍ପତ୍ତିକୁ ଆଇନସମ୍ମତ କରିପାରିବେ ନାହିଁ ବୋଲି ନଟରାଜ କହିଥିଲେ।



## ବାଣ ବିସ୍ଫୋରଣରେ ୬ ମୃତ



ଏଟା, ୨୧।୯(ପି.ଟି.)

ଉତ୍ତରପ୍ରଦେଶର ଏଟାସ୍ଥିତ ମିରହାଚି ପୋଲିସଷ୍ଟେଶନ ଅଞ୍ଚଳରେ ବାଣ ବିସ୍ଫୋରଣ ହେବାରୁ ୬ ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ୯ ଜଣ ଆହତ ମଧ୍ୟ ହୋଇଛନ୍ତି। ଏକ ଘରେ ବେଆଇନ ବାଣ ତିଆରି ଚାଲିଥିବାବେଳେ ଅସାବଧାନତା କାରଣରୁ ଏହା ବିସ୍ଫୋରଣ ହୋଇଥିଲା ବୋଲି ଶନିବାର ପୋଲିସ କହିଛି। ଟାକିଆର ନରେଶ ଓ ମୁନ୍ନୀଙ୍କ ଘରେ ଏହି ବିସ୍ଫୋରଣ ହୋଇଥିଲାବେଳେ ଅଞ୍ଜଳି(୧୧) ଓ ଶୀତଲ(୧୬) ନାମକ ଦୁଇ ନାବାଳିକାଙ୍କ ଘଟଣାସ୍ଥଳରେ ପ୍ରାଣହାନି ଘଟିଥିଲା। ମୋଟ ୬ ଜଣ ପ୍ରାଣ ହରାଇଥିବା ପୋଲିସ ଅଧିକାରୀ ନରେନ୍ ଦତ୍ତ ପ୍ରକାଶ କରିଛନ୍ତି। ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିବାବେଳେ ପୋଲିସ ତଦନ୍ତ ଜାରିରହିଛି।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ପାଗ ମେଘୁଆ ରହିବା ସହ ଘଡ଼ଘଡ଼ି ମାରିବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୦ | ୨୪.୪ |
| ଚାନ୍ଦବାଲି | ୩୪.୨ | ୨୬.୦ |
| କଟକ | -- | ୨୩.୦ |
| ପାରାଦ୍ୱୀପ | ୩୩.୯ | ୨୭.୬ |
| ଭୁବନେଶ୍ୱର | ୩୪.୬ | ୨୪.୭ |
| ଗୋପାଳପୁର | ୩୬.୩ | ୨୬.୫ |
| ପୁରୀ | ୩୪.୪ | ୨୭.୪ |
| ଅନୁଗୋଳ | ୩୪.୧ | ୨୦.୬ |
| ବାରିପଦା | ୩୪.୫ | ୨୫.୪ |
| ଝାରସୁଗୁଡ଼ା | ୩୪.୦ | ୨୫.୦ |
| କେନ୍ଦୁଝର | ୩୨.୮ | ୨୩.୦ |
| ସମ୍ବଲପୁର | ୩୫.୬ | ୨୪.୫ |
| ସୁନ୍ଦରଗଡ଼ | ୩୦.୫ | ୨୨.୦ |
| ହୀରାକୁଦ | ୩୪.୭ | ୨୫.୩ |
| ତାଳଚେର | -- | -- |
| ଭବାନୀପାଟଣା | ୩୨.୫ | ୨୪.୫ |
| ବଲାଙ୍ଗୀର | ୩୪.୫ | ୨୪.୫ |
| କୋରାପୁଟ | ୩୦.୬ | ୧୯.୬ |
| ଫୁଲବାଣୀ | ୩୧.୫ | -- |
| ଟିଟିଲାଗଡ଼ | ୩୫.୫ | ୨୧.୫ |
| ମାଲକାନଗିରି | ୩୩.୦ | -- |
| ସୋନପୁର | ୩୫.୨ | ୨୧.୬ |
| ଦାରିଙ୍ଗିବାଡ଼ି | ୨୯.୦ | ୧୭.୦ |

ଡିଗ୍ରୀ ସେଲ୍‌ସିୟସ୍

# ଆଜି ହାଓଡି ମୋଦି କାର୍ଯ୍ୟକ୍ରମ

ହ୍ୟୁଷ୍ଟନ୍,୨୧।୯(ଆଇଏଏନ୍ଏସ୍)





- ଯୋଗଦେବେ ୫୦ ହଜାର ପ୍ରବାସୀ ଭାରତୀୟ
- ହ୍ୟୁଷ୍ଟନରେ ବ୍ୟାପକ ପ୍ରସ୍ତୁତି

ଆମେରିକାର ଟେକ୍ସାସ୍ ପ୍ରଦେଶ ଅନ୍ତର୍ଗତ ହ୍ୟୁଷ୍ଟନ୍ ସହରରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ଅନୁଷ୍ଠିତ ହେବ 'ହାଓଡି ମୋଦି' କାର୍ଯ୍ୟକ୍ରମ। ୩ ଘଣ୍ଟା ଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଆମେରିକା କଂଗ୍ରେସ ଓ ସିନେଟ ସଦସ୍ୟଙ୍କ ସମେତ ୫୦ ହଜାର ଉତ୍ସାହୀ ପ୍ରବାସୀ ଭାରତୀୟ ଯୋଗଦେଇ ତାଙ୍କୁ ଅଭିନନ୍ଦନ ଜଣାଇବେ। ମୋଦିଙ୍କୁ ସ୍ୱାଗତ କରିବା ଲାଗି ହ୍ୟୁଷ୍ଟନ୍‌ରେ ଜୋରଦାର ପ୍ରସ୍ତୁତି ଚାଲିଛି।

ଟେକ୍ସାସ ଇଣ୍ଡିଆ ଫୋରମ୍ (ଟିଆଇଏଫ୍) ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ପାଇଁ ଭାରତୀୟ ଆମେରିକୀୟ ସମ୍ପ୍ରଦାୟ ସମସ୍ତ ପ୍ରସ୍ତୁତିରେ ଲାଗିପଡିଛନ୍ତି। ଏନ୍‌ଆର୍‌ଜି ଫୁଟ୍‌ବଲ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁଥିବା ଏହି ଐତିହାସିକ କାର୍ଯ୍ୟକ୍ରମରେ ହ୍ୟୁଷ୍ଟନ୍‌ରୁ ୧୦୦୦ରୁ ଊର୍ଦ୍ଧ୍ୱ ଗୁଜରାଟୀ ଯୋଗଦେଇ ଦାଣ୍ଡିଆ ନୃତ୍ୟ ପରିବେଷଣ କରିବେ। ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ଜଣେ ରାଷ୍ଟ୍ର ମୁଖ୍ୟଙ୍କ ପାଇଁ ଏହା ସର୍ବବୃହତ କାର୍ଯ୍ୟକ୍ରମ। ଆମେରିକାରେ ଏଭଳି କାର୍ଯ୍ୟକ୍ରମ ପୂର୍ବରୁ କେବେ ହୋଇନାହିଁ ବୋଲି ଟିଆଇଏଫ୍ ମୁଖପାତ୍ର ଗିତେଶ ଦେଶାଇ କହିଛନ୍ତି। ଏହି ମେଗା ଶୋ'ରେ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ, ଯାହାର ଶୀର୍ଷକ ରହିଛି 'ୱଭନ'। ଭାରତୀୟ ଆମେରିକୀୟ ସମ୍ପ୍ରଦାୟ କିପରି ଆମେରିକାର ଅଂଶ ପାଲଟିଲେ ତାହା ଏଥିରେ ପ୍ରଦର୍ଶିତ ହେବ। ଅଂଶଗ୍ରହଣକାରୀ କଳାକାରମାନଙ୍କୁ ନେବା ଆଣିବା ପାଇଁ ଶତାଧିକ ବସ୍ ନିୟୋଜିତ ହୋଇଛି।

ହାଓଡି ମୋଦି କାର୍ଯ୍ୟକ୍ରମ ପୂର୍ବରୁ ଶୁକ୍ରବାର ହ୍ୟୁଷ୍ଟନରେ ଏକ କାର ରାଲି ଆୟୋଜିତ ହୋଇଥିଲା। ପ୍ରଧାନମନ୍ତ୍ରୀ ସପ୍ତାହବ୍ୟାପୀ ଆମେରିକା ଗସ୍ତରେ ଯାଇ ଶନିବାର ସେଠାରେ ପହଞ୍ଚିଛନ୍ତି। ମୋଦିଙ୍କ ଗସ୍ତ ପୂର୍ବରୁ ସେଠାରେ ଇମେଲ୍ଡା ଘୂର୍ଣ୍ଣିଝଡ଼ଜନିତ ପ୍ରବଳ ବର୍ଷା ହୋଇଥିଲା। ହ୍ୟୁଷ୍ଟନ୍‌ର ଅନେକ ଅଞ୍ଚଳ ବନ୍ୟାପ୍ଲାବିତ ହୋଇଥିବାବେଳେ ୪ ଜଣଙ୍କ ମୃତ୍ୟୁ ଘଟିଛି।

# ଲକ୍ଷ୍ୟ ପଥରେ...



ଜୀବନରେ ସଫଳ ହେବାକୁ ସମସ୍ତେ ଚାହାନ୍ତି। ଏଥିପାଇଁ ଅନେକ ବାଧାବିଘ୍ନକୁ ସାମ୍ନା ବି କରିବାକୁ ପଡେ। ହେଲେ ବିଫଳତାରେ ଭାଙ୍ଗି ପଡିଲେ ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହେବା କଷ୍ଟକର ହୋଇଥାଏ। ତେଣୁ ସଫଳତା ପାଇବାକୁ ହେଲେ ମନୋବଳ ଦୃଢ଼ ରଖି ଆଗକୁ ବଢ଼ିବା ସହ କେତୋଟି ବିଷୟ ପ୍ରତି ବିଶେଷ ଦୃଷ୍ଟି ଦେବାକୁ ହୋଇଥାଏ। ଜାଣନ୍ତୁ ସେ ସମ୍ପର୍କରେ...

**ଯୋଜନା କରନ୍ତୁ :** ନିଜକୁ ଏକ ସଫଳ ବ୍ୟକ୍ତିତ୍ୱର ପରିଚୟ ଦେବା ସମସ୍ତଙ୍କର ଲକ୍ଷ୍ୟ। କିନ୍ତୁ ଏହା ସେତେବେଳେ ସମ୍ଭବ ହେବ ଯେତେବେଳେ ଆପଣ ନିଜର ବେଷ୍ଟ ପରଫରମାନ୍ସ ସାମ୍ନାକୁ ଆଣିବେ। ଆଉ ଏଥିପାଇଁ ଦରକାର ଯୋଜନା। ଅର୍ଥାତ୍ କୌଣସି ବି କାର୍ଯ୍ୟ କରିବାକୁ ହେଲେ ମନଇଚ୍ଛା ଆଗକୁ ବଢ଼ି ନ ଯାଇ ପ୍ରଥମେ ଆବଶ୍ୟକ ଜ୍ଞାନ, ଦକ୍ଷତା ହାସଲ କରନ୍ତୁ ଏବଂ ଏକ ଯୋଜନା ମୁତାବକ କାର୍ଯ୍ୟ କରି ଚାଲନ୍ତୁ। ପ୍ରଥମରୁ କୌଣସି ନକାରାତ୍ମକ ଚିନ୍ତା ମନରେ ନ ରଖି ଆଗକୁ ବଢନ୍ତୁ। କାରଣ ଏହାକୁ ଅନୁସରଣ କରି ଆଗେଇଲେ ଲକ୍ଷ୍ୟ ହାସଲ କରିବା ଅପେକ୍ଷାକୃତ ସହଜ ହୋଇଥାଏ।

**ଜିଦ୍‌କୁ ଛାଡନ୍ତୁ :** ନିଜ କଥା, ଚିନ୍ତାଧାରା ହିଁ ଠିକ୍ ବୋଲି ଅନେକଙ୍କ ମନରେ ଧାରଣ ଥାଏ। ତେଣୁ ବାସ୍ତବ କ'ଣ ଅବା ଭୁଲ୍ ଠିକ୍‌ର ବିଚାର ନ କରି ସେମାନେ ନିଜ ଜିଦ୍‌ରେ ଅଡି ବସନ୍ତି। ହେଲେ ଖରାପ୍ ଜିଦ୍ ସବୁବେଳେ ଖରାପ୍ ହିଁ କରିଥାଏ। ଏମିତିକି କେବେ କେବେ ଏହି ଜିଦ୍ ହିଁ ସଫଳତା ହାସଲ ପଥରେ ଜଟିଳ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ନିଜ ଜିଦ୍‌ରେ ଅଡି ନ ବସି ନିଜ ମାନସିକତାରେ ପରିବର୍ତ୍ତନ ଆଣନ୍ତୁ। ସବୁବେଳେ ସମସ୍ତଙ୍କଠୁ କିଛି ଶିଖିବା ଏବଂ ନୂଆ ନୂଆ କାର୍ଯ୍ୟ କରି ଲକ୍ଷ୍ୟ ହାସଲ କରିବାର ଇଚ୍ଛାଶକ୍ତି ରଖନ୍ତୁ।

**ଭୟ ଦୂରାନ୍ତୁ :** ମନରେ ଯଦି ସବୁବେଳେ ଭୟ ଜାତ ହେଲା ତେବେ ତାହା ଆଗକୁ ଆଗେଇବାରେ ବାଧକ ସାଜିଥାଏ। ତେଣୁ ଏପରି ଚିନ୍ତାଧାରାଠାରୁ ନିଜକୁ ଦୂରେଇ ରଖନ୍ତୁ। ଚେଷ୍ଟା କଲେ ଅନେକ କାର୍ଯ୍ୟରେ ସଫଳତା ମିଳିବା ଆଶା ଅଧିକ ଥାଏ। ତେଣୁ ଅସଫଳ ହେଲେ କିମ୍ବା ଅସଫଳ ହେବା ଭୟରେ କାର୍ଯ୍ୟକୁ ଛାଡ଼ି ନ ଦେଇ ବାରମ୍ବାର ଚେଷ୍ଟା ଜାରି ରଖନ୍ତୁ। ସଫଳତାର ରାସ୍ତାରେ ନାନା ବାଧା ଆସିବ, ଏହାକୁ ଅତିକ୍ରମ କରି ସଫଳତା ହାସଲ କରିବାକୁ ପଡ଼ିବ ବୋଲି ନିଜ ମନକୁ ଦୃଢ଼ କରନ୍ତୁ। ଉଦ୍ୟମ ଓ ଚେଷ୍ଟା ଜାରି ରଖିଲେ ଲକ୍ଷ୍ୟ ପଥରେ ଆଗେଇବା ଅନେକାଂଶରେ ସହଜ ହୋଇଥାଏ।






**ସଫଳତା ଏବଂ ବିଫଳତା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି। ତେଣୁ ସଫଳତାର ସ୍ୱାଦ ଚାଖିବାକୁ ହେଲେ ବିଫଳତାରେ ଭାଙ୍ଗି ନ ପଡ଼ି ଦୃଢ଼ ମନରେ ନିଜ ଲକ୍ଷ୍ୟ ପଥରେ ଆଗେଇ ଯିବା ହିଁ ବୁଦ୍ଧିମତ୍ତାର କାମ...**

**ଆଳସ୍ୟ ତ୍ୟାଗ କରନ୍ତୁ :** ଆଳସ୍ୟ କଦାପି ଆଗକୁ ବଢ଼ିବାକୁ ଦେଇ ନ ଥାଏ। କାରଣ ଏହା ହିଁ ମଣିଷର ସବୁଠୁ ବଡ଼ ଶତ୍ରୁ। ଏପରି ମନୋଭାବ ନେଇ ଆଗେଇଲେ ଅସଫଳ ହେବାର ଆଶଙ୍କା ଅଧିକ ରହିଛି। ତେଣୁ ଅଳସ୍ୟ ତ୍ୟାଗ କରି ମାନସିକତାକୁ ଯେତେ ସକାରାତ୍ମକ ରଖିବେ ତାହା ଆପଣଙ୍କ ପାଇଁ ସଫଳତାର ମାର୍ଗକୁ ସେତେ ସୁଦୃଢ଼ କରିବ।

**ଜରୁରୀ ଆତ୍ମସମୀକ୍ଷା:** ନିଜକୁ ମାନସିକ ସ୍ତରରେ ଦୃଢ଼ ରଖିବା, ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ଆତ୍ମସମୀକ୍ଷା କରିବାକୁ ଭୁଲନ୍ତୁ ନାହିଁ। କାରଣ ଅନ୍ୟ କାହାକୁ କୌଣସି ଦିଗରେ ଆଗକୁ ବଢୁଥିବାର ଦେଖି ନିଜ ସାମର୍ଥ୍ୟକୁ ନ ଚିହ୍ନି ଭାବପ୍ରବଣ ହୋଇ ଏ ଦିଗରେ ଆଗେଇ ଆସିବା ଦ୍ୱାରା ସଫଳତା ପାଇବା ସହଜ ହୁଏନି। ତେଣୁ ଆପଣ ବାସ୍ତବରେ କେଉଁ କ୍ଷେତ୍ରରେ ଆଗକୁ ବଢ଼ିବା ଲାଗି ଇଚ୍ଛୁକ ଏବଂ ଏଥିପାଇଁ କେତେ ସମର୍ଥ ସେ ନେଇ ଆତ୍ମସମୀକ୍ଷା କରିବା ପରେ ନିଷ୍ପତ୍ତି ନିଅନ୍ତୁ, ଦେଖିବେ ନିଶ୍ଚୟ ସଫଳ ହେବେ।

**ଆତ୍ମବିଶ୍ୱାସର ଅପବ୍ୟବହାର କରନ୍ତୁ ନାହିଁ:** ନିଜ ପ୍ରତି ଦୃଢ଼ ବିଶ୍ୱାସ ରଖି ଆଗେଇ ଚାଲିବା ସଫଳତାର ଚାବିକାଠି। ହେଲେ ଅନେକ ସମୟରେ ଦେଖାଯାଏ କେହିକେହି ଏହାର ଅପବ୍ୟବହାର କରି ବସନ୍ତି, ଯାହାକି ସେମାନଙ୍କ ପାଇଁ ସବୁଠୁ ବଡ଼ ଶତ୍ରୁ ପାଲଟିଯାଏ। ଅର୍ଥାତ୍ ପାଠପଢ଼ା ହେଉ ଅବା ଯେକୌଣସି କାର୍ଯ୍ୟ ଯଥା ସମୟରେ ସାରି ପାରିବାର ଦୃଢ଼ ବିଶ୍ୱାସ ବା କନ୍‌ଫିଡେନ୍ସ ମନ ଭିତରେ ରହିବା ଭଲ। ହେଲେ ଆଜି ଅଳସୁଆମୀ କରି ଶୋଇବା କିମ୍ବା ଅନ୍ୟ କିଛି କରିବା ଏବଂ କାଲି ଦୁଇଦିନର କାର୍ଯ୍ୟ ଏକା ସଙ୍ଗେ ସାରିଦେବାର ଓଭର କନ୍‌ଫିଡେନ୍ସ ଅନେକଙ୍କୁ ବିଫଳତା ଦିଗକୁ ଟାଣିନିଏ। ତେଣୁ ଲକ୍ଷ୍ୟ ହାସଲ କରିବାକୁ ହେଲେ ଓଭର କନ୍‌ଫିଡାଣ୍ଟ ହୋଇ ଆଳସ୍ୟକୁ ପ୍ରାଥମିକତା ଦେବା ପରିବର୍ତ୍ତେ ନିଜ କର୍ମ ପ୍ରତି ଯତ୍ନଶୀଳ ହୁଅନ୍ତୁ।

## ଏ ସପ୍ତାହର ପ୍ରଶ୍ନ

୧– ଗେମ୍ସ ଅଫ୍ ଥ୍ରୋନ୍ ଟିଭି ସିରିଜ୍ ଜର୍ଜ ଆର୍ ଆର୍ ମାର୍ଟିନଙ୍କ........ ଉପନ୍ୟାସ ଉପରେ ଆଧାରିତ ?
୨– ଏଭରେଷ୍ଟ ଗିରିଶୃଙ୍ଗର ଅନ୍ୟ ନାମ...... ?
୩– ମୁଖ୍ୟମନ୍ତ୍ରୀ ସେବା ସଂକଳ୍ପ ହେଲ୍ପ ଲାଇନ୍ ୧୧୦୦ ସର୍ବପ୍ରଥମେ ........ ଠାରେ କାର୍ଯ୍ୟକାରୀ କରାଯାଇଛି ?
୪– ୫ମ ଅନ୍ତର୍ଜାତୀୟ ରାମାୟଣ ମହୋତ୍ସବ ....... ଅନୁଷ୍ଠିତ ହୋଇଯାଇଛି ?
୫– ପ୍ରଥମ ହୃତ୍‌ପିଣ୍ଡ ପ୍ରତ୍ୟାରୋପଣ କରିଥିବା ଡାକ୍ତର ............ ?

## ଗତ ଥରର ଉତ୍ତର

୧ ସିକ୍କିମ୍
୨ କଦଳୀ
୩ ଭାନୁ ଆଥିୟା
୪ ଆନୀ ଫ୍ରାଙ୍କ୍
୫ ସି କୋଟିନ୍

## ଉତ୍ତର ଦାତା


ଲିପିପ୍ରଭା ବେହେରା
କଟକ


ଦେବୀଦତ୍ତ ଆଚାର୍ଯ୍ୟ
ଜଗତ୍‌ସିଂହପୁର


ସାଇ ପ୍ରସାଦ ସାହୁ
ସମ୍ବଲପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ବଲିଉଡ୍ ମ୍ୟୁଜିକ୍ ଡିରେକ୍ଟର–୨୦୧୯

୧)......ଏ. ଆର୍. ରେହମାନ୍
୨)..........ବିଶାଲ୍ ଦଦ୍‌ଲାନି
୩)..............ମୀତ୍ ବ୍ରଦର୍ସ
୪)......................ମିଥୁନ୍
୫).........ହିମେଶ୍ ରେଶମିୟା
୬)...ଶଙ୍କର–ଏହସାନ୍–ଲଏ
୭)..........ବିଶାଲ୍ ଭରଦ୍ୱାଜ
୮)..........ସାଜିଦ୍– ୱାଜିଦ୍
୯)..........ପ୍ରୀତମ୍ ଚକ୍ରବର୍ତ୍ତୀ
୧୦)...........ଅଙ୍କିତ୍ ତିୱାରୀ


ଏ. ଆର୍. ରେହମାନ୍

ୟୁଥ ଫ୍ୟାଶନ

# ଅନ୍‌ଲାଇନ୍ ଫ୍ରେଣ୍ଡଶିପ୍ କରୁଥିଲେ...



ଆଜିର ଯୁବ ଗୋଷ୍ଠୀ ଅନେକ ସମୟ ସୋସିଆଲ ମିଡିଆରେ ବ୍ୟସ୍ତ ରହୁଥିବା ଦେଖାଯାଉଛି। ଏଠାରେ ସେମାନେ ଦୈନିକ ନୂଆ ନୂଆ ବ୍ୟକ୍ତିଙ୍କ ସହ ବନ୍ଧୁତା ସ୍ଥାପନ କରିବା ସହ ଜୀବନ ସାଥୀ ମଧ୍ୟ ଚୟନ କରିଥାଆନ୍ତି। ତେବେ ସୋସିଆଲ ମିଡିଆରେ ବନ୍ଧୁତା ସ୍ଥାପନ କ୍ଷେତ୍ରରେ ଅନେକେ ଠକାମିର ଶିକାର ହେବା ମଧ୍ୟ ନଜରକୁ ଆସୁଛି। ତେଣୁ ଅନ୍‌ଲାଇନ୍ ଫ୍ରେଣ୍ଡଶିପ୍ କରୁଥିଲେ କିଛିଟା ଦିଗ ପ୍ରତି ନିହାତି ଧ୍ୟାନ ଦିଅନ୍ତୁ।

* କୌଣସି ଅଜଣା ବ୍ୟକ୍ତିଙ୍କ ଫ୍ରେଣ୍ଡ ରିକ୍ୱେଷ୍ଟ ଆକ୍‌ସେପ୍ଟ କରିବା ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ପ୍ରୋଫାଇଲ ନିଶ୍ଚୟ ଭିଜିଟ୍ କରନ୍ତୁ।
* ବ୍ୟକ୍ତିଙ୍କ ବିଭିନ୍ନ ପୋଷ୍ଟ ତଥା ଫ୍ରେଣ୍ଡ ଲିଷ୍ଟରୁ ତାଙ୍କର ମାନସିକତା ସମ୍ପର୍କରେ ଜାଣିବାକୁ ଚେଷ୍ଟା କରନ୍ତୁ।
* ଫେକ୍ ଆକାଉଣ୍ଟ ପ୍ରତି ସତର୍କ ରୁହନ୍ତୁ। ପ୍ରୋଫାଇଲ୍ ଫଟୋ ତଥା ୱାଲ ପୋଷ୍ଟରୁ ଯଦି ଆପଣଙ୍କୁ କିଛି ସନ୍ଦେହ ହୁଏ, ତେବେ କଦାପି ରିକ୍ୱେଷ୍ଟ ଆକ୍‌ସେପ୍ଟ କରନ୍ତୁ ନାହିଁ।
* ଫ୍ରେଣ୍ଡ ରିକ୍ୱେଷ୍ଟ ଆସିଥିବା ପ୍ରୋଫାଇଲରେ ଯଦି ଆପଣଙ୍କର କେହି ମ୍ୟୁଚୁଆଲ ଫ୍ରେଣ୍ଡ ଅଛନ୍ତି, ତେବେ ତାଙ୍କଠାରୁ ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ନେଇପାରିବେ।
* ରିକ୍ୱେଷ୍ଟ ଆକ୍‌ସେପ୍ଟ କରିବା ପରେ ବନ୍ଧୁଙ୍କ ସହିତ ଯଥାଶୀଘ୍ର ନିଜର ବ୍ୟକ୍ତିଗତ କଥା, ଫୋନ୍ ନମ୍ବର ଆଦି ଶେୟାର କରନ୍ତୁ ନାହିଁ।
* ଚାଟିଂ ମାଧ୍ୟମରେ ବ୍ୟକ୍ତିଙ୍କୁ ଭଲଭାବେ ଜାଣି ଏବଂ ଚିହ୍ନିଲା ପରେ ସମ୍ପର୍କକୁ ଆଗକୁ ବେଢ଼େଇବା କଥା ଚିନ୍ତା କରନ୍ତୁ।
* ଯଦି କଥାବାର୍ତ୍ତା ଭିତରେ ଆପଣଙ୍କୁ ବନ୍ଧୁଙ୍କ କଥା ସନ୍ଦେହ ଲାଗେ, ତେବେ ଯଥାଶୀଘ୍ର କଥାବାର୍ତ୍ତା ବନ୍ଦ କରିଦିଅନ୍ତୁ ଏବଂ ଯଦି ପାରୁଛନ୍ତି ବ୍ୟକ୍ତିଙ୍କୁ ଅନ୍‌ଫ୍ରେଣ୍ଡ ବା ବ୍ଲକ୍ କରି ଦିଅନ୍ତୁ।



ଯୁବ ପ୍ରତିଭା



# ଓଡ଼ିଶୀ ନୃତ୍ୟଶିଳ୍ପୀ ବବିତା

ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା ନୃତ୍ୟଗୁରୁ ଭାବେ ଶ୍ରୀକ୍ଷେତ୍ରରେ ଏକ ପରିଚିତ ନାମ ବବିତା ଦାସ। ପିଲାବେଳୁ ସଙ୍ଗୀତ ଓ ନୃତ୍ୟଶିକ୍ଷା ପ୍ରତି ତାଙ୍କର ବଢ଼ିଥିଲା ଆଗ୍ରହ। ବୟସ ବଢ଼ିବା ସହିତ ଏହା ପରିଣତ ହୋଇଥିଲା ନିଶାରେ। ତାଙ୍କଠାରେ ଏହି ପ୍ରତିଭାକୁ ଚିହ୍ନି ପାରିଥିଲେ ମାତା ମିନତି ଏବଂ ବାପା ଗଙ୍ଗାଧର ବାରିକ। ଆଉ ନୃତ୍ୟଶିକ୍ଷା ନିମନ୍ତେ ଝିଅର ନାମ ଲେଖାଇଥିଲେ ଓଡ଼ିଶୀ ନୃତ୍ୟାନୁଷ୍ଠାନ ପ୍ରଣତି କଳା ମନ୍ଦିରରେ । ସେଠାରେ ଗୁରୁ ଗୋବିନ୍ଦ ଚନ୍ଦ୍ର ପାଳଙ୍କ ଠାରୁ ଆରମ୍ଭ ହୋଇଥିଲା ତାଙ୍କ ନୃତ୍ୟଶିକ୍ଷା। ପରବର୍ତ୍ତୀ ସମୟରେ ନୃତ୍ୟଗୁରୁ ଅଶୋକ ଦାସଙ୍କ ଠାରୁ ନୃତ୍ୟଶିକ୍ଷା କରିଥିଲେ। ଓଡ଼ିଶୀରେ ସେ ପ୍ରାଚୀନ କଳାକେନ୍ଦ୍ର ଚଣ୍ଡିଗଡ ତରଫରୁ ନୃତ୍ୟ ବିଶାରଦ ଓ ନୃତ୍ୟ ଭାସ୍କର ଉପାଧି ଲାଭ କରିଛନ୍ତି। ଏଥିସହିତ ସେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ (ସ୍ୱୟଂଶାସିତ)ରୁ ଦର୍ଶନ ଶାସ୍ତ୍ରରେ ସ୍ନାତକ ଏବଂ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ, ଅଗରତାଲା ଏକଲବ୍ୟ କ୍ୟାମ୍ପସ୍‌ରୁ ଏମ୍. ଶିକ୍ଷାଶାସ୍ତ୍ରୀ ଶିକ୍ଷା ସମାପ୍ତ କରିଛନ୍ତି। ବବିତା କୁହନ୍ତି, ଥରେ ମହାପ୍ରଭୁଙ୍କ ନିକଟରେ ଗୁରୁଙ୍କ ନିର୍ଦ୍ଦେଶନାରେ ଭକ୍ତ ଓ ଭଗବାନ ନୃତ୍ୟାଭିନୟରେ ମୁଁ କୃଷ୍ଣ ଏବଂ ଗୁରୁ ଭକ୍ତ ଭୂମିକାରେ ଅଭିନୟ କରିଥିଲେ। ଏହା ମୋ ଜୀବନର ଟର୍ନିଂ ପଏଣ୍ଟ ଥିଲା। ସେହି ନୃତ୍ୟକୁ ଦର୍ଶକ ଭୂୟସୀ ପ୍ରଶଂସା କରିଥିଲେ। ଦର୍ଶକଙ୍କ ଭଲପାଇବା ପରେ ଓଡ଼ିଶୀ ନୃତ୍ୟ ପ୍ରତି ସମର୍ପଣ ଭାବ ବଢ଼ିଥିଲା। ତା' ପରଠାରୁ ଆଉ ପଛକୁ ଫେରି ଚାହିଁନି।

ଶ୍ରୀକ୍ଷେତ୍ରର ବିଭିନ୍ନ ସାଂସ୍କୃତିକ ମଞ୍ଚଠାରୁ ରାଜ୍ୟ ତଥା ରାଜ୍ୟ ବାହାରେ ନିଜର କଳା ନୈପୁଣ୍ୟତା ପ୍ରକାଶ କରି ସାଉଁଟିଛନ୍ତି ଅନେକ ପ୍ରଶଂସା। ଜଣେ ସଫଳ ଓଡ଼ିଶୀ ନୃତ୍ୟଶିଳ୍ପୀ ଭାବେ ୨୦୦୨ରେ କୋଲ୍‌କାତା ପ୍ରାଚୀନ କଳାକେନ୍ଦ୍ରରେ ସ୍ୱର୍ଣ୍ଣ ପଦକ, ୨୦୦୪ରେ ପୁରୀ ପ୍ରଣତି କଳାମନ୍ଦିର ପକ୍ଷରୁ ଶ୍ରେଷ୍ଠ ନୃତ୍ୟଶିଳ୍ପୀ ସମ୍ମାନ, ୨୦୧୧ରେ ଭୁବନେଶ୍ୱର ପୂଜ୍ୟପୂଜା ଅନୁଷ୍ଠାନ ପକ୍ଷରୁ ରାଜ୍ୟସ୍ତରୀୟ ସମ୍ମାନ, ୨୦୧୬ରେ ପୁରୀ ଶିଶୁ ମହୋତ୍ସବରେ ନୃତ୍ୟଗୁରୁ ସମ୍ମାନ; ଏଥିସହିତ ଶ୍ରୀକ୍ଷେତ୍ରଶ୍ରୀ ସମ୍ମାନ, ସମର ଫେଷ୍ଟ ଏବଂ ଗ୍ଲୋରୀଫେଷ୍ଟ ନୃତ୍ୟଗୁରୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ସେ ଓଡ଼ିଶାର ବିଭିନ୍ନ ସ୍ଥାନ ସହିତ କୋଲକାତା, ବାଙ୍ଗାଲୋର, ଦିଲ୍ଲୀ, ହାଇଦ୍ରାବାଦ, ଆନ୍ଧ୍ରପ୍ରଦେଶ, ଗୁଜରାଟ, ଅଗରତାଲା ପ୍ରଭୃତି ସ୍ଥାନରେ ଅନୁଷ୍ଠିତ ସାଂସ୍କୃତିକ ମହୋତ୍ସବରେ ଓଡ଼ିଶୀ ନୃତ୍ୟ ପରିବେଷଣ କରି ବହୁ ସୁନାମ ଅର୍ଜନ କରିଛନ୍ତି। ଜଣେ ନୃତ୍ୟ ଶିଳ୍ପୀ ହେବା ସହ ସେ ନିଜେ ଜଣେ ଓଡ଼ିଶୀ ଗୁରୁ ଭାବେ ପ୍ରଣତି କଳାମନ୍ଦିର, ସଙ୍ଗୀତ କଳା ପ୍ରତିଷ୍ଠାନ, ଲିଙ୍ଗରାଜ କଳା ନିକେତନରେ ନୃତ୍ୟ ଶିକ୍ଷାଦାନ କରିଛନ୍ତି। ବର୍ତ୍ତମାନ ନବପ୍ରତିଭା ସଙ୍ଗୀତ ଶିକ୍ଷାକେନ୍ଦ୍ର ସହିତ ପୁରୀ ସଦର ଦାମୋଦରପୁର କୋଇଲାଅଡାସ୍ଥିତ ବିନାୟକ ଶିକ୍ଷା ମନ୍ଦିରଠାରେ ଗୁରୁ ଭାବେ ଶିଶୁ କଳାକାରମାନଙ୍କୁ ନୃତ୍ୟ ଶିକ୍ଷାଦାନ କରୁଛନ୍ତି। ତେବେ ଜଣେ ନୃତ୍ୟଶିଳ୍ପୀ ଏବଂ ଗୁରୁଭାବେ ପରିଚିତା ବବିତା ନିଜ ସଫଳତା ପଛରେ ଗୁରୁଙ୍କ ପ୍ରେରଣା ଓ ପିତାମାତାଙ୍କ ଆଶୀର୍ବାଦ ରହିଥିବା କୁହନ୍ତି।

– ପ୍ରଭାତ ପାଣିଗ୍ରାହୀ

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୨୨ ସେପ୍ଟେମ୍ବର, ୨୦୧୯



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ । - ଆର.ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ବୈଦିକ କଲେଜରେ ର୍ୟାଗିଂ ଘଟଣା: ପୋଲିସ ଉପରେ ଭରସା ରଖିବାକୁ କହିଲେ ଏସ୍‌ପି

**ସମ୍ବଲପୁର,୨୧।୯(ବ୍ୟୁରୋ):** ସମ୍ବଲପୁର ଶାସନ ଥାନା ଅଧୀନ ବୈଦିକ ଇଣ୍ଟରନ୍ୟାଶନାଲ ଘରୋଇ କଲେଜର ଯୁକ୍ତ ଦୁଇ କଳା ପ୍ରଥମ ବର୍ଷ ଛାତ୍ର ଅଭିଷେକ ମିଶ୍ରଙ୍କୁ ର୍ୟାଗିଂ ଘଟଣା ପାଇଁ ଏହି କଲେଜ ବିବାଦୀୟ ହୋଇ ପଡିଛି। ଏହି ଘଟଣାରେ ଶନିବାର ଏସ୍‌ପି କନୱର ବିଶାଲ ସିଂ ଖବରଦାତା ସମ୍ମିଳନୀ ଡାକିଥିଲେ। ପୋଲିସ ତଦନ୍ତ କରୁଛି। ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ହେବ। ପାତରଅନ୍ତର ହେବନି। ଅନ୍ୟାୟ କରାଯିବନି। ଏଣୁ ପୋଲିସ ଉପରେ ଭରସା ରଖିବାକୁ ସେ ଅଭିଷେକଙ୍କ ଘର ଲୋକଙ୍କ ଉଦ୍ଦେଶ୍ୟରେ କହିଛନ୍ତି। ଶୁକ୍ରବାର ଅଭିଶେକଙ୍କ ଘର ଲୋକେ ଏସ୍‌ପିଙ୍କୁ ଭେଟିଥିଲେ। କଲେଜ ମାଲିକ ଆନନ୍ଦ ଅଗ୍ରୱାଲ ତାଙ୍କ ଦାୟିତ୍ୱ ତୁଲାଇବାରେ ଅବହେଳା କରିଛନ୍ତି। ଖବର ନ ଦେଇ ଘଟଣାକୁ ଚାପି ଦେବାକୁ ଉଦ୍ୟମ କରିଛନ୍ତି। ତେଣୁ ମାଲିକ, ଅଧକ୍ଷ ମହଦେବ ପ୍ରସାଦ ମିଶ୍ର ଏବଂ ୱାର୍ଡେନଙ୍କୁ ଗିରଫ କରାଯାଉ ବୋଲି ପରିବାର ଲୋକେ ଦାବି କରିଥିଲେ। ସେହିପରି ପୋଲିସ କରିଥିବା ତଦନ୍ତ ସନ୍ତୋଷ ଜନକ ନୁହେଁ । କଲେଜକୁ ସୁହାଇଲା ଭଳି ତଦନ୍ତ କରାଯାଇଛି ବୋଲି ମଧ ଅଭିଯୋଗ କରିଥିଲେ। ଅନ୍ୟପଟେ କଂଗ୍ରେସର ଆଶଫ ଅଲ୍ଲୀଖାନ, ଗୋବିନ୍ଦ ମିଶ୍ର, ବରୁଣ ଦେହୁରୀ, ବାବୁ ଖାନ ପ୍ରମୁଖ ଛାତ୍ର ଅଭିଷେକ ଓ ତାଙ୍କ ପରିବାରକୁ ଭେଟି ଘଟଣା ସମ୍ପର୍କରେ ପଚାରି ବୁଝିଛନ୍ତି।

### ଅସ୍ତୁରାରେ ତଣ୍ଟି କାଟି ୨ ଅଭିଯୁକ୍ତ ଗିରଫ

**ସମ୍ବଲପୁର,୨୧।୯(ବ୍ୟୁରୋ):** ସମ୍ବଲପୁର ଟାଉନ ଥାନା ସିଦ୍ଧେଶ୍ୱରବେର୍ଣ୍ଣାରେ ପୂର୍ବ ଶତ୍ରୁତାକୁ ନେଇ ଜଣେ ଯୁବକଙ୍କ ତଣ୍ଟି କାଟି ଦିଆ ଯାଇଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ବାବଲୁ ପ୍ରସାଦ ସାହୁଙ୍କୁ ଗିରଫ କରିଛି । ଏ ନେଇ ଥାନାରେ ଏକ ମାମଲା (ନଂ.୩୯୫/୧୯) ରୁଜୁ କରାଯାଇଛି। ଶୁକ୍ରବାର ବିଳମ୍ବିତ ରାତିରେ ପୂର୍ବ ଶତ୍ରୁତାକୁ ନେଇ ରୂପେଶ ସାହୁ ନାମକ ଜଣେ ଯୁବକଙ୍କୁ ବାବଲୁ ଅସ୍ତୁରାରେ ତଣ୍ଟି କାଟି ଦେଇଥିଲେ। ଆହତ ରୂପେଶଙ୍କୁ ପ୍ରଥମେ ଜିଲା ସଦର ଡାକ୍ତରଖାନା ଓ ପରେ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଏ ନେଇ ପରିବାର ବର୍ଗ ପୋଲସ ପାଖରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ ବାବଲୁଙ୍କୁ ଗିରଫ କରିଛି।

### ଆଇନ ସଚେତନତା ଶିବିର

**ସମ୍ବଲପୁର, ୨୧।୯ (ବ୍ୟୁରୋ):** ସମ୍ବଲପୁର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଶନିବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲା ଜଜ୍ ନମିତା ଦାଶଙ୍କ ଅଧକ୍ଷତାରେ ଶିବିର ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ମୃତିଲେଖା ବାରିକ, ସିଭିଲକୋର୍ଟ ରେଜିଷ୍ଟ୍ରାର ବିଶ୍ୱଜିତ ଗୌତମ, ସିନିୟର ସିଭିଲ ଜଜ୍ ସଙ୍ଗୀତା ପାଣି ଯୋଗଦେଇ ବିଭିନ୍ନ ଆଇନ ବିଷୟରେ ଆଲୋଚନା କରିଥିଲେ । ପ୍ରାଧିକରଣ ସଚିବ ଲିଲି ସେନାପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରାଧିକରଣ ପେନାଲ ଓକିଲ, ପାରାଲିଗାଲ ସ୍ୱେଚ୍ଛାସେବୀ, ପୋଲିସ ଅଧିକାରୀ ଓ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଭାଗ ନେଇଥିଲେ।

କାର୍-ବାଇକ୍ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟଣା

# ଆଲକୋହଲ ଟେଷ୍ଟ କରାଇନି ପୋଲିସ

- ମେଡିକାଲ ରିପୋର୍ଟରେ ନା, ପୋଲିସ କହୁଛି ହଁ
- ଅଭିଯୁକ୍ତଙ୍କୁ ଖସାଇବାକୁ ପୋଲିସର କ୍ଲିନ୍ ଚିଟ୍
- ରଫାଦଫା ପାଇଁ ଚାପ କିମ୍ବା ସଲାସୁତରା ସନ୍ଦେହ
- ନ୍ୟାୟ ପାଇଁ ଅପେକ୍ଷାରେ ମୃତକଙ୍କ ପରିବାର

**ସମ୍ବଲପୁର,୨୧।୯(ବ୍ୟୁରୋ)**

ସମ୍ବଲପୁର ସହରର ଅଇଁଠାପାଲି ଥାନା ଅଧୀନ ୫୫ ନମ୍ବର ଜାତୀୟ ରାଜପଥର ଦୁର୍ଗାପାଲି ନିକଟରେ ସେପ୍ଟେମ୍ବର ୧୧ ତାରିଖରେ ଘଟିଥିବା କାର-ବାଇକ୍ ଦୁଘଟଣାରେ ଦିନକୁ ଦିନ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ଅଭିଯୁକ୍ତ କାର ଚାଳକ ହର୍ଷବର୍ଦ୍ଧନ ଶେହେରୀଙ୍କ ପ୍ରତି ପୂରା ପୋଲିସ ପ୍ରଶାସନ ଦୁର୍ବଳ ହୋଇ ପଡିଛି। ତାଙ୍କୁ ଆଇନ ଜାଲରୁ ଖସାଇଦେବାକୁ ତଳଠୁ ଉପର ପର୍ଯ୍ୟନ୍ତ ପୋଲିସର ଗୋଟି ଗୋଟି କରି ସବୁ ବାବୁମାନେ ଲାଗି ପଡିଛନ୍ତି। ହେଲେ ବୁଝା ପଡୁନି ଯେ, ଦୁଇ ଦୁଇଟି ନିରୀହ ଜୀବନ ଚାଲିଯିବା ପରେ ବି ପୋଲିସ ଜଣେ କାର ଚାଳକଙ୍କ ପ୍ରତି ଏତେ ଦରଦ କ'ଣ ପାଇଁ ଦେଖାଉଛି। ଅବଶ୍ୟ ଅଭିଯୁକ୍ତ କାର ଚାଳକ ସମ୍ବଲପୁର ସହରର ଜଣେ ପ୍ରତିଷ୍ଠିତ ବ୍ୟବସାୟୀଙ୍କ ପୁଅ। ପଣ୍ଡିତ ପୁଅ ମାଙ୍କଡ଼ ମାରିଲେ ଦୋଷ ନ ଥିବା ଭଳି ତାଙ୍କ ଉପରେ କୁଆଡେ ଜଣେ ପ୍ରଭବେଶାଳୀ ମନ୍ତ୍ରୀଙ୍କ ହାତ ଅଛି। ଏଣୁ ପୋଲିସ ଚାପର ବଶବର୍ତ୍ତୀ ହୋଇ ଦୁଇ ମୃତକଙ୍କ ପରିବାରକୁ ନ୍ୟାୟ ଦେବା ବଦଳରେ ଅଭିଯୁକ୍ତଙ୍କୁ ଅନୁକମ୍ପା ଦେଖାଉଛି। ଏହାକୁ ନେଇ ସହରରେ ବୁଦ୍ଧିଜୀବୀ ଓ ସାଧାରଣ ଲୋକେ ପୋଲିସର ଅନ୍ୟାୟ କାର୍ଯ୍ୟକଳାପକୁ ନିନ୍ଦା କରୁଛନ୍ତି।

ଏହି ଦୁର୍ଘଟଣା ଯୋଗୁ ଠେମେରାର ପ୍ରଭାତ ସାହୁ ଓ ବଡମାଳର କମଳିନୀ ସାହୁଙ୍କ ସେଦିନ ମୃତ୍ୟୁ ଘଟିଥିଲା। ହେଲେ ଦୁର୍ଘଟଣା ପରେ କାର ଚାଳକ ହର୍ଷବର୍ଦ୍ଧନ ନିଜ ମୋବାଇଲରେ ଭିଡିଓ ରେକର୍ଡିଂ କରୁଥିଲେ। ଏଥିରେ ଉତ୍ୟକ୍ତ ହୋଇ ଲୋକେ କାରକୁ ପୋଡି ଦେଇଥିଲେ। ତାଙ୍କୁ ଧରି ଲୋକେ ପୋଲିସ ଜିମା ଦେଇଥିଲେ। ସେ ନିଶା ଦ୍ରବ୍ୟ ସେବନ କରି ଦ୍ରୁତ ଗତିରେ ଗାଡି ଚଳାଉଥିଲେ ବୋଲି ପୋଲିସକୁ ଲୋକେ କହିଥିଲେ । ହେଲେ ସେ ଜଣେ ପ୍ରତିଷ୍ଠିତ ବ୍ୟବସାୟୀଙ୍କ ପୁଅ ହୋଇଥିବାରୁ ସଲାସୁତରା କିମ୍ବା ରାଜନୈତିକ ଚାପ ଯୋଗୁ ପୋଲିସ ବଞ୍ଚାଇବାରେ ଆପ୍ରାଣ ଉଦ୍ୟମ କରି ସଫଳ ହୋଇଛି। ପୋଲିସ ତାଙ୍କର ଆଲକୋହଲ ପରୀକ୍ଷା କରାଇନି। ଅବଶ୍ୟ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ରିପୋର୍ଟ ଧରିତ୍ରୀକୁ ମିଳିଛି। ହେଲେ ଶରୀରରେ ଆଲକୋହାଲ ମାତ୍ରା ମାପିବାକୁ ମିଟର ନ ଥିବାରୁ ନିଶାଦ୍ରବ୍ୟ ସେବନ ଉପରେ ପରୀକ୍ଷା କରାଯାଇ ପାରି ନାହିଁ ବୋଲି ଏଥିରେ ଉଲ୍ଲେଖ ରହିଛି। ପୋଲିସ ଚାହିଁଥିଲେ ଡାକ୍ତର ତାଙ୍କ ରକ୍ତନମୁନା ନେଇ ଶରୀରରେ ଆଲକୋହଲ ଅଛି କି ନାହିଁ ତାହା ଜଣା ପଡିଥାନ୍ତା। ହେଲେ ଖସାଇ ଦେବାକୁ ପୋଲିସ ପୂରା ଯୋଜନା କରି ଲାଗି ପଡିଛି। ତେବେ ତାଙ୍କ ଆଲକୋହଲ ପରୀକ୍ଷା କରାଯାଇଛି। ରିପୋର୍ଟରେ ନେଗେଟିଭ ବାହାରିଛି ବୋଲି ଏସ୍‌ପି କନୱାର ବିଶାଲ ସିଂ ଏବଂ ଅଇଁଠାପାଲି ଥାନା ଅଧିକାରୀ ଚିନ୍ତାମଣି ପ୍ରଧାନ ବାରମ୍ବାର ଗଣମାଧମ ଆଗରେ ସୂଚନା ଦେଉଛନ୍ତି। ହେଲେ ପୋଲିସ ସତ କହୁଛି ନା ଡାକ୍ତରୀ ରିପୋର୍ଟ ସତ ତାହା ଏବେ ରହସ୍ୟ ଘେରରେ ରହିଛି ।

ସେପଟେ ମୃତ ରୋହିତ ଓ କମଳିନୀଙ୍କ ପରିବାର ନ୍ୟାୟ ପାଉ ନ ଥିବା ଅଭିଯୋଗ କରିଛନ୍ତି। ପ୍ରଭାତଙ୍କ ପରିବାରଙ୍କ କହିବା ଅନୁସାରେ ଅଭିଯୁକ୍ତଙ୍କୁ ସୁରକ୍ଷା ଦେବା ପାଇଁ ପୋଲିସ ଲାଗି ପଡିଛି। ପ୍ରଥମେ ଅନ୍ୟ ଜଣେ ଡ୍ରାଇଭରଙ୍କୁ ଥାନାକୁ ଅଣାଯାଇ ତାଙ୍କ ନାମରେ ମାମଲା ରୁଜୁ କରାଯାଇଥିଲା। ଅଭିଯୋଗ କଲାପରେ ଅଭିଯୁକ୍ତ ହର୍ଷବର୍ଦ୍ଧନଙ୍କ ନାମରେ ପୋଲିସ ମାମଲା ରୁଜୁ କରିଥିଲା। ପୋଲିସ ଠିକ୍ ଭାବେ ତଦନ୍ତ ନ କରି ଶୀଘ୍ର ଯେଭଳି ଅଭିଯୁକ୍ତ ଜାମିନ ପାଇପାରିବେ ସେଥିପାଇଁ କୋହଳ ଦଫା ଲଗାଇଛି। ଫଳରେ ଅଭିଯୁକ୍ତ ଆରାମରେ ଖସିଯିବେ । ପୋଲିସ ନିଜେ ଏତଲା ଲେଖି ମୃତକଙ୍କ ପରିବାରଠୁ ଦସ୍ତଖତ ନେଇଥିଲା। ପୁଅର ମୃତ୍ୟୁ ଖବର ପାଇ ଭାଙ୍ଗି ପଡିଥିବାରୁ ନ ଦେଖି ସେମାନେ ଦସ୍ତଖତ ଦେଇଥିଲେ। ହେଲେ ଏବେ ନ୍ୟାୟ ପାଇଁ ଲଢେଇ କରିବେ। ପୁଅ ହତ୍ୟାକରୀଙ୍କୁ ଦଣ୍ଡ ମିଳିବା ପର୍ଯ୍ୟନ୍ତ ସଂଘର୍ଷ କରିବେ ବୋଲି କହିଛନ୍ତି। ସେହିପରି ମୃତ କମଳିନୀଙ୍କ ବାପା କହିଛନ୍ତି ଯେ, ସେ ଗରିବ ହୋଇଥିବାରୁ ପୋଲିସଠାରୁ ନ୍ୟାୟ ଆଶା କରି ପାରୁ ନାହାନ୍ତି। ସେଦିନ ଘଟଣାସ୍ଥଳରେ ଉପସ୍ଥିତ ଲୋକେ ଯାହା କହୁଛନ୍ତି କାରଟି ପ୍ରାୟ ୧୨୦ ସ୍ପିଡ୍‌ରେ ଆସି ବାଇକ୍‌କୁ ଧକ୍କା ଦେଇଥିଲା। ଚାଳକ ନିଶାସକ୍ତ ଅବସ୍ଥାରେ ଥିଲେ। ଏ ନେଇ ଅଭିଯୋଗ କରିଥିଲେବିପୋଲିସତଦନ୍ତରେଅବହେଳା କରିଛି। ତେବେ ଏ ସବୁ ଅଭିଯୋଗ ନେଇ ଏସ୍‌ପି କହିଛନ୍ତି ଯେ, ପୋଲିସ ବିଭିନ୍ନ ଦିଗରେ ତଦନ୍ତ କରୁଛି । ମାମଲା ତଦନ୍ତ ପରିସରଭୁକ୍ତ ରହିଛି।

### ରାସ୍ତା ତଳକୁ ଓଲଟିଲା ହାଇୱା

**ନାକଟିଦେଉଳ,୨୧।୯(ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ନିକଟସ୍ଥ ଗୋଧିଡିପ-ଗୌଡ଼ପଡ଼ା ରାସ୍ତାରେ ଏକ ହାଇୱା (ଓଡ଼ି ୧୫ ଏଫ-୭୭୫୯) ଓଲଟି ପଡ଼ିଛି। ଗୋଧିଡିପ ଛକଠାରୁ ଗୌଡ଼ପଡ଼ାକୁ ରାସ୍ତା କାମ ହେଉଥିବାରୁ ନାଟୁଆବୁରୀ ନିକଟରେ ଭାରସାମ୍ୟ ହରାଇ ଗାଡ଼ିଟି ରାସ୍ତା ତଳକୁ ଓଲଟି ପଡ଼ିଥିଲା । ତେବେ ଏଥିରେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି।

### ହତ୍ୟା ଧମକ ଦେଇ ଯୁବକ ଗିରଫ

**ସମ୍ବଲପୁର,୨୧।୯(ବ୍ୟୁରୋ)**

ଧନୁପାଲି ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଦୁର୍ବ୍ୟବହାର ସହ ତାଙ୍କ ଭାଇଙ୍କୁ ହତ୍ୟା ଧମକ ଦିଆଯାଇଛି। ଏହି ଘଟଣାରେ ପୋଲିସ କୁଲୁଟକାନିରେ ରହୁଥିବା ପ୍ରକାଶ ଦାସ ନାମକ ଜଣେ ଯୁବକଙ୍କୁ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ କହିଛି ମହିଳାଙ୍କ ଦୋକାନ ଏକ ଦୋକାନ ରହିଛି। ଦୋକାନ ଆଗରେ ଲାଗିଥିବା ବୋର୍ଡରୁ ଫୋନ୍ ନମ୍ବର ନେଇ ଅଭିଯୁକ୍ତ ତାଙ୍କୁ ମେସେଜ୍ କରୁଥିଲେ। ହେଲେ ମହିଳାଙ୍କ ଭାଇ ତାଗିଦ କରିବାରୁ ଅଭିଯୁକ୍ତ ତାଙ୍କୁ ହତ୍ୟା ଧମକ ଦେଇଛନ୍ତି ବୋଲି ଥାନାରେ ଅଭିଯୋଗ କରିଛନ୍ତି।



ଶୁକ୍ରବାର ସଫେଇ ଅବସରରେ ସାମିଲ ହୋଇଥିବା ଭାଜପା ନେତା ଓ କର୍ମୀ।

## ଜମନକିରାରେ ଭାଜପା ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

**ଜମନକିରା, ୨୧।୯(ଡି.ଏନ୍.ଏ.)**

ଜମନକିରା ବ୍ଲକ୍ ଭାଜପା ପକ୍ଷରୁ ଶନିବାର ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅଧୀନ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜମନକିରା ବ୍ଲକ୍ ମଣ୍ଡଳ ସ୍ତରୀୟ ସଭାପତି ବୀରେନ୍ଦ୍ର ଚୌଧରୀଙ୍କ ନେତୃତ୍ୱରେ ଭାଜପା ପକ୍ଷରୁ ସ୍ଥାନୀୟ ପରିସ୍ରାଗାର, ମୁଖ୍ୟଛକ, ରାସ୍ତାଘାଟ ଆଦି ସଫେଇ କାର୍ଯ୍ୟ କରାଯାଇଥିଲା । ଏଥିରେ କୁଚିଣ୍ଡା ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ଉଦ୍ଧବ ବେହେରା, ତ୍ରିଲୋକ ପ୍ରଧାନ, ସମିତିସଭ୍ୟ ସରୋଜ ସେଠ, ସଞ୍ଜୀବ ନାଏକ, ଅଜୟ ସାହୁ, ବିକ୍ରମ ସାହୁ, ସତୁଲ୍ୟ ପଟେଲ, ନରୋତ୍ତମ ବାଘ, ହେମନ୍ତ ଦ୍ୱିବେଦୀ, ଟିଟୁ କାଲୋ, ଧୀରେନ ଗର୍ଡ଼ିଆ ପ୍ରମୁଖଙ୍କ ସମେତ ବହୁ ଭାଜପା କର୍ମୀ ସଫେଇରେ ସାମିଲ ହୋଇଥିଲେ।

## ସଂଘବଦ୍ଧ ଆକ୍ରମଣରେ ଗୋଟିଏ ପରିବାରର ୫ ଆହତ

**ସମ୍ବଲପୁର,୨୧।୯(ବ୍ୟୁରୋ)**

ସମ୍ବଲପୁର ଜିଲା ବୁର୍ଲା ଥାନା ଅଧୀନ ଗଉଡପାଲି ଗ୍ରାମରେ ଶନିବାର ସନ୍ଧ୍ୟାରେ ଗୋଟିଏ ପରିବାର ଉପରେ ସଂଘବଦ୍ଧ ଭାବେ ଆକ୍ରମଣ ହୋଇଛି। କିଛି ଦୁର୍ବୃତ୍ତ ଆସି ଭୁଜାଲି, ଛୁରିରେ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଯାଇଛନ୍ତି । ଆହତମାନେ ହେଲେ ଅଶୋକ ମେହେର, ବଳରାମ ମେହେର, ଗୋଲାପ ମେହେର।

ଅନ୍ୟ ୨ ଜଣଙ୍କ ପରିଚୟ ମିଳି ପାରିନାହିଁ । ଆହତ ମାନେ ବୁର୍ଲା ମେଡିକାଲରେ ଚିକିତ୍ସିତ ଅବସ୍ଥାରେ ଅଛନ୍ତି । ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଏହି ଘଟଣାରେ ୭/୮ ଜଣ ଦୁର୍ବୃତ୍ତ ରହିଥିଲେ । ସେମାନଙ୍କୁ ଚିହ୍ନଟ କରାଯାଇଛି । ଖୁବ ଶିଘ୍ର ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।



ଶନିବାର ସମ୍ବଲପୁର ଭୀମଭୋଇ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳାରେ ଭାଗ ନେଇଥିବା ଛାତ୍ରୀଛାତ୍ର ।

ଭୀମ ଭୋଇ ନଗରରେ ବିଜ୍ଞାନ ମେଳା

## କୁନି ବୈଜ୍ଞାନିକଙ୍କ ଜଳ, ପରିବେଶ ଚିନ୍ତା

**ସମ୍ବଲପୁର, ୨୧।୯ (ବ୍ୟୁରୋ)**

ଭୀମଭୋଇ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବିଜ୍ଞାନ ମେଳା ଓ ପ୍ରଦର୍ଶନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଦର୍ଶନୀରେ କୁନି ବୈଜ୍ଞାନିକମାନେ ଜଳ, ପରିବେଶ ଶୀର୍ଷକ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଦ୍ରୁତ ଶିଳ୍ପାୟନ ଯୋଗୁ ପୃଥିବୀ ପୃଷ୍ଠରେ ହେଉଥିବା ଅମ୍ଳବର୍ଷା, ଅମ୍ଳବର୍ଷାର କାରଣ ଓ ଏହାର ପ୍ରଭାବ, ରସାୟନ ପ୍ରତିକ୍ରିୟାର ପରିବେଶ ପ୍ରଦୂଷଣ, ସୁକ୍ଷମ ଖାଦ୍ୟ, ଜଳ ହିଁ ଜୀବନ, ଜଳ ସଂରକ୍ଷଣ, ସଜିବ ନିର୍ଜୀବ, ସାଧାରଣ ଦୁର୍ଘଟଣା ଓ ତାହାର ପ୍ରାଥମିକ ଚିକିତ୍ସା, ଦୈନନ୍ଦିନ ଜୀବନରେ ବିଜ୍ଞାନର ମୂଲ୍ୟ, ବିଦ୍ୟୁତ ଦ୍ୱାରା ଚୁମ୍ବକ ଶକ୍ତିର ପ୍ରଭାବ, ଔଷଧୀୟ ଗୁଣ ଥିବା ଉଦ୍ଭିଦ ପ୍ରଭୃତି ପ୍ରକଳ୍ପ ସାମିଲ ଥିଲା । କବିତା ପଟେଲ, ବନ୍ଦନା ପ୍ରିୟଦର୍ଶିନୀ ଦାଶ, ଶୁଭଲକ୍ଷ୍ମୀ ପତି, ସୋମ ବାଗ, ସପ୍ତାଶ୍ୱର୍ଯ୍ୟା ବାଞ୍ଜି, ପୂର୍ଣ୍ଣିମା ନାୟକ, ଅର୍ପିତା ନାୟକ, ଦିବ୍ୟଜ୍ୟୋତି ବାରିକ, ସୁନିତା ସାହୁ, ମିହିର ସୁନା, ଚିରଞ୍ଜୀବ ସାହୁ, ସୋମେଶ ନାୟକ, ଭକ୍ତରଞ୍ଜନ ମହାପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ସ୍କୁଲ ପରିଚାଳନା କମିଟି ଉପଦେଷ୍ଟା ଜୟକୃଷ୍ଣ ବେହେରାଙ୍କ ଅଧକ୍ଷତାରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ମୋତିଲାଲ ନନ୍ଦ ଅତିଥି ଭାବେ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବ ଅବସରପ୍ରାପ୍ତ ଗଙ୍ଗାଧର ମେହେର କଲେଜ ଅର୍ଥନୀତି ବିଭାଗ ମୁଖ୍ୟ ଡ. ବାଲ୍ମୀକି ଦାଶ ମୁଖ୍ୟଅତିଥି, ବି.ଏନ. ଚୌଧୁରୀ, କାଇଁଶିର ହାଇସ୍କୁଲ ପ୍ରଧାନଶିକ୍ଷକ ଧନପତି ମହାପାତ୍ର, ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ବଭ୍ରୁବାହନ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବୁଢ଼ାରଜା ହାଇସ୍କୁଲ ବିଜ୍ଞାନ ଶିକ୍ଷକ ପ୍ରଦୀପ ସାହୁ ଓ କାଇଁଶିର ହାଇସ୍କୁଲ ବିଜ୍ଞାନ ଶିକ୍ଷକ ରଜତ ପୂଜାରୀ ବିଚାରକ ଥିଲେ । ଏଥିରେ ୪୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସ୍କୁଲ ପ୍ରଧାନ ଆଚାର୍ଯ୍ୟ ବ୍ରଜମୋହନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ଗୋକୁଳି ଚନ୍ଦ୍ର ପ୍ରଧାନ, ସନ୍ତୋଷ ମିଶ୍ର, ଅନିତା ଦାଶ, ଆରତି ସାହୁ, ଗୀତାରାଣୀ ମିର୍ଦ୍ଧା, ପ୍ରିୟତମା ବାଞ୍ଜି, ମିନା ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଆଇଆଇଏମ୍‌ରେ ମାନବ ସମ୍ବଳ ନେତୃତ୍ୱ ସମ୍ମିଳନୀ

**ସମ୍ବଲପୁର,୨୧।୯(ବ୍ୟୁରୋ)**



ସମ୍ବଲପୁର ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ) ପକ୍ଷରୁ ମାନବ ସମ୍ବଳ ନେତୃତ୍ୱ ଉପରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ କମ୍ପାନୀର ଅଧିକାରୀ ଯୋଗ ଦେଇଥିଲେ। ଝାରସୁଗୁଡା ଏୟାରପୋର୍ଟ ନିର୍ଦ୍ଦେଶକ ଏସ.କେ. ଚୌହାନ ଯୋଗଦେଇ ମାନବ ସମ୍ବଳ ବିକାଶ ଉପରେ ଆଲୋଚନା କରିଥିଲେ। ଆଇଆଇଏମ ସମ୍ବଲପୁର ନିର୍ଦ୍ଦେଶକ ମହାଦେଓ ଜଶୱାଲ, ରଚନା ପଣ୍ଡା, ହିଣ୍ଡାଲ୍‌କୋର କ୍ରୀଷ୍ଣା ପାଢୀ, ସୋନିମା ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଫେସର ଦୀପ୍ତିରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଫେସର ସୁମିତା ସିନ୍ଧି, ଆରତି ସେନଗୁପ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରଶାସନ ଶୁଣିଲାନି, ଗାଁ ଲୋକେ ମିଶି ରାସ୍ତା ମରାମତି କଲେ

**ରେଙ୍ଗାଲି, ୨୧।୯ (ଡି.ଏନ.ଏ.)**

ଗାଁର ଉନ୍ନତି ହେଲେ ଦେଶ ଏବଂ ରାଜ୍ୟର ଉନ୍ନତି ହୋଇଥାଏ । ଗାଁର ଉନ୍ନତି ପାଇଁ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ କେତେକ ସରକାରୀ କର୍ମଚାରୀଙ୍କ ଉଦାସୀନତା ଯୋଗୁ ସରକାରୀ ଯୋଜନା ଗୁଡିକ ଠିକ ଭାବରେ କାର୍ଯ୍ୟକାରୀ ହୋଇପାରୁନାହିଁ। ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ କେନ୍ଦୁଟିକ୍ରା ଗ୍ରାମକୁ ଭଲ ରାସ୍ତା ନ ଥିବାରୁ ଗ୍ରାମବାସୀ ବାରମ୍ବାର ପ୍ରଶାସନକୁ ଗୁହାରି କରିଥିଲେ ମଧ ପ୍ରଶାସନ ଗ୍ରାମବାସୀଙ୍କ କଥାକୁ କର୍ଣ୍ଣପାତ କରିନି। ଶେଷରେ ଗ୍ରାମବାସୀ ନିଜର ଉଦ୍ୟମରେ ରାସ୍ତା ମରାମତି କରଛନ୍ତି। ପୁରୁଣା ରାଞ୍ଚି ରାସ୍ତାରୁ କେନ୍ଦୁଟିକ୍ରା ଗ୍ରାମକୁ ଯାଇଥିବା ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଥିଲା । ଗ୍ରାମକୁ ଯାଇଥିବା ରାସ୍ତାଟି ବର୍ଷାରେ ରାସ୍ତା ତ ନୁହେଁ କ୍ଷେତ ପରି ଦେଖାଯାଉଥିଲା । ଗ୍ରାମବାସୀ ବ୍ଲକ ଏବଂ ଜିଲା ପ୍ରଶାସକୁ ଗୁହାରି କରିଥିଲେ। ଶେଷରେ ନିରୁପାୟ ହୋଇ ଗ୍ରାମବାସୀ ନିଜ ଉଦ୍ୟମରେ ରାସ୍ତାର ମରାମତି କରଛନ୍ତି। ଏହି ରାସ୍ତା ମରାମତିରେ ଗ୍ରାମର ବିକାଶ ଭୋଇ, ମଙ୍ଗଳ ଭୋଇ, ଡିଲେଶ୍ୱର ଓରାମ, ଯୋଗୀନ୍ଦ୍ର ମିର୍ଦ୍ଧା, ସରୋଜ ମିର୍ଦ୍ଧା, ବାବୁଲୁ ମିର୍ଦ୍ଧା, ଗୋବିନ୍ଦ ଓରାମ, ନରେଶ ମିର୍ଦ୍ଧା, ଟୁଲୁ ଓରାମ, ପ୍ରଦୀପ ଭୋଇ, ଲୋଚନ ଓରାମ, ରମେଶ ମିର୍ଦ୍ଧା ଏବଂ ଜଗା ମିର୍ଦ୍ଧା ଏବଂ ଗ୍ରାମବାସୀ ସହଯୋଗ କରିଥିଲେ ।



ରାସ୍ତା ମରାମତି କରୁଥିବା ଯୁବଗୋଷ୍ଠୀ ।

## ଲମ୍ଫେଇ ଡୁଙ୍ଗୁରୀ ଜଙ୍ଗଲରେ ଅବାଧରେ ଚାଲିଛି ଗଛକଟା

**ଚିପିଲିମା, ୨୧।୯ (ଡି.ଏନ.ଏ.)**

### ଚେଇଁ ଶୋଇଛି ବନ ବିଭାଗ



ବର୍ତ୍ତମାନ ବିଭିନ୍ନ କାରଣରୁ ଜଙ୍ଗଲ କ୍ଷୟ ହେବାରେ ଲାଗିଛି। ସରକାର ବିଭିନ୍ନ ଯୋଜନାରେ ଗଛ ଲଗାଇ ଜଙ୍ଗଲ ସୃଷ୍ଟି କରିବାକୁ ସଚେତନ କରୁଛନ୍ତି । ବନ ବିଭାଗ ପ୍ରତିବର୍ଷ ବିଭିନ୍ନ ଯୋଜନାରେ ବିଭିନ୍ନ କିସମର ଗଛ ଲଗାଇ କୋଟି କୋଟି ଟଙ୍କ ଖର୍ଚ୍ଚ କରୁଛି । ହେଲେ ବନ ଅଧିକାରୀମାନଙ୍କ ଉଦାସୀନତା ତଥା ଜଙ୍ଗଲ ମାଫିଆଙ୍କ ସହ ମଧୁଚନ୍ଦ୍ରିକା ଯୋଗୁ ଜଙ୍ଗଲ ବୃଦ୍ଧି ହେବା ବଦଳରେ କ୍ଷୟ ହେବାରେ ଲାଗିଛି । ଏପରି ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଘଣ୍ଟେଶ୍ୱରୀ ନିକଟସ୍ଥ ଲମ୍ଫଇଡୁଙ୍ଗୁରୀ ସେହ୍ନାପାଲି ଜଙ୍ଗଲରେ । ଏଇ କିଛି ବର୍ଷ ମଧ୍ୟରେ କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ବିଭିନ୍ନ କିସମର ମୂଲ୍ୟବାନ ଗଛ ସବୁ ବନ ବିଭାଗ ପକ୍ଷରୁ ଲଗାଯାଇଛି। ହେଲେ ଏହି ଜଙ୍ଗଲରେ ଥିବା ପୁରୁଣା ଶାଳ ଗଛ ସବୁ ଜଙ୍ଗଲ ମାଫିଆମାନେ ବିଳମ୍ବିତ ରାତିରେ କାଟି ନେଇ ଯାଉଥିବା ଅଭିଯୋଗ ହେଉଛି । ପ୍ରାୟ ମାସେ ପୂର୍ବରୁ ଏହି ଜଙ୍ଗଲରୁ ଅନେକ ପୁରୁଣା ଶାଳ ଗଛ କେହି କାଟି ନେଇ ଯାଇଛନ୍ତି। ଗତ ୧୦ ତାରିଖ ରାତିରେ ମଧ ୧୦ରୁ ୧୫ଟି ବଡବଡ ଶାଳଗଛ କେହି କାଟି ନେଇଯାଇଥିବା ଅଭିଯୋଗ ହୋଇଛି । ଏକଦା ମହାନଦୀର ଗୋଟିଏ ପାର୍ଶ୍ୱରେ ସମ୍ବଲପୁର ସହର ଥିଲାବେଳେ ଅପର ପାର୍ଶ୍ୱରେ ଘଣ୍ଟେଶ୍ୱରୀ ନିକଟସ୍ଥ ଲମ୍ଫେଇଡୁଙ୍ଗୁରୀ ଥିଲା । ମହାନଦୀରେ ଦ୍ୱିତୀୟ ସେତୁ ଚାଉଁରପୁର ହେବାପରେ ବର୍ତ୍ତମାନ ସହରରୁ ମାତ୍ର ୫ରୁ ୭ କିମି ଦୂରରେ ଲମ୍ଫେଇଡୁଙ୍ଗୁରୀ ଅବସ୍ଥିତ। ସମ୍ବଲପୁର ସହରରୁ ମାଫିଆମାନେ ଆସି ଗଛ କାଟିନେଉଥିବା ଅନୁମାନ କରାଯାଉଛି । ନିକଟସ୍ଥ ସଚେତନ ନାଗରିକମାନେ ଏଭଳି ଅଭିଯୋଗ କରିଛନ୍ତି। ଏ ନେଇ ସଚେତନ ନାଗରିକ, ପରିବେଶ ପ୍ରେମୀଙ୍କ ମନରେ କ୍ଷୋଭ ପ୍ରକାଶ ପାଇଛି। ଗଛକଟାକୁ ରୋକା ନ ଗଲେ ଆଗାମୀ ଦିନରେ ଜଙ୍ଗଲ ପୂରା ଖାଲି ହୋଇଯିବ ବୋଲି ଅଭିଯୋଗ ହେଉଛି । ଏହି ଘଟଣାର ଉପଯୁକ୍ତ ତଦନ୍ତ କରି ଠୋସ ପଦକ୍ଷେପ ନେବାକୁ ଦାବି ହେଉଛି । ଏହି ଘଟଣାରେ ଜଙ୍ଗଲ ମାଫିଆଙ୍କ ସହ ବନ ବିଭାଗ ଅଧିକାରୀ, କର୍ମଚାରୀଙ୍କ ହାତ ଥିବା ଜନସାଧାରଣରେ ଅଭିଯୋଗ ହେଉଛି। ସ୍ଥାନୀୟ ଫରେଷ୍ଟର ପ୍ରଶାନ୍ତ ଓରାମଙ୍କୁ ପଚରାଯିବାରୁ ଘଟଣା ସମ୍ପର୍କରେ ଖବର ମିଳିଛି। ତଦନ୍ତ ମଧ ଚାଲିଛି । ରାତିରେ ଲୋକ ରଖାଯାଇ ନଜର ରଖାଯାଉଛି ବୋଲି କହିଥିଲେ ।



ରୋହିତ୍ ଶର୍ମା ଓ ମହେନ୍ଦ୍ର ସିଂ ଧୋନୀଙ୍କ ଉପସ୍ଥିତିରେ ବିରାଟ କୋହଲି ନିଜକୁ ଜଣେ ଶକ୍ତିଶାଳୀ ଅଧିନାୟକ ଭାବେ ପ୍ରମାଣିତ କରିପାରିଛନ୍ତି ।

– ଗୌତମ ଗମ୍ଭୀର, ପୂର୍ବତନ ଭାରତୀୟ ବ୍ୟାଟ୍ସମ୍ୟାନ



ବର୍ତ୍ତମାନ ସମୟରେ ଶ୍ରେଷ୍ଠ–୪ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ବିରାଟ କୋହଲି, ବାବର ଆଜମ, ଷ୍ଟିଭ ସ୍ମିଥ୍ ଓ ଜୋ ରୁଟ୍ ରହିବେ ।

–ଶାହିଦ ଆଫ୍ରିଦୀ, ପୂର୍ବତନ ପାକିସ୍ତାନ କ୍ରିକେଟର୍

## ସଂକ୍ଷେପରେ

### ଶ୍ରୀନିବାସନଙ୍କ ଝିଅ ହୋଇପାରନ୍ତି ଟିଏନ୍‌ସିଏ ମୁଖ୍ୟ

**ଚେନ୍ନାଇ,୨୧।୯:** ତାମିଲନାଡୁ କ୍ରିକେଟ ଆସୋସିଏଶନ (ଟିଏନ୍‌ସିଏ)ରେ ନିର୍ବାଚନ ଲାଗି ସୁପ୍ରିମକୋର୍ଟ ପଥ ପରିଷ୍କାର କରିଛନ୍ତି। ହେଲେ ଏଥର ମଧ୍ୟ ଟିଏନ୍‌ସିଏ ଏନ୍. ଶ୍ରୀନିବାସନଙ୍କ ନିୟନ୍ତ୍ରଣରେ ରହିବା ଏକପ୍ରକାର ନିଶ୍ଚିତ। କ୍ଲବ ପ୍ରତିନିଧିମାନେ ଶ୍ରୀନିବାସଙ୍କ ଝିଅ ରୂପା ଗୁରୁନାଥଙ୍କ ସପକ୍ଷରେ ରହିଛନ୍ତି। ଯଦି ରୂପା ଟିଏନ୍‌ସିଏର ନୂଆ ସଭାପତି ହୁଅନ୍ତି, ତେବେ ସେ ବିସିସିଆଇର ପ୍ରଥମ ରାଜ୍ୟ ଶାଖାର ମହିଳା ସଭାପତି ହେବେ। ରୂପାଙ୍କୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ି ନ ପାରେ। କୌଣସି ପକ୍ଷରୁ ଅନ୍ୟ ନାମ ସୁପାରିସ ହୋଇନାହିଁ। ମିଳିଥିବା ସୂଚନା ମୁତାବକ, ଟିଏନ୍‌ସିଏ କର୍ମକର୍ତ୍ତା ଓ କ୍ଲବମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରୂପାଙ୍କ ନାମକୁ ସଭାପତି ପାଇଁ ସୁପାରିସ କରି ଶ୍ରୀନିବାସଙ୍କ ରାଜୁତି ଜାରି ରଖିବା ଲାଗି ନିଷ୍ପତ୍ତି ହୋଇଛି। ତେବେ ରୂପା ଇଣ୍ଡିଆ ସିମେଣ୍ଟର ଡାଇରେକ୍ଟର ଭାବେ କାର୍ଯ୍ୟ କରିଛନ୍ତି। କ୍ରିକେଟ ପ୍ରଶାସନିକ କାର୍ଯ୍ୟରେ ସେ ସମ୍ପୂର୍ଣ୍ଣ ନୂଆ। ସୋମବାର ରୂପାଙ୍କ ନାମ ଘୋଷଣା ହୋଇପାରେ। ଯଦି ସବୁ କିଛି ଯୋଜନା ଅନୁଯାୟୀ ଘଟିଲା, ସେ ମଙ୍ଗଳବାର ନାମାଙ୍କନ ଦାଖଲ କରିବେ। ରୂପାଙ୍କ ସ୍ୱାମୀ ତଥା ସିଏସ୍‌କେ ମାଲିକ ଗୁରୁନାଥ ମେୟାପ୍ପାନଙ୍କ ବିରୋଧରେ ସ୍ପଟ୍ ଫିକ୍ସିଂ ଅଭିଯୋଗ ଆସିବା ପରଠାରୁ କ୍ରିକେଟ ପ୍ରଶାସନିକ କାର୍ଯ୍ୟରୁ ଦୂରେଇ ଯାଇଛନ୍ତି।

# ଦୀପକଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା

**ନୁର୍–ସୁଲତାନ (କାଜାଖସ୍ତାନ), ୨୧।୯ (ପି.ଟି.)**

ଜୁନିୟର ବିଶ୍ୱ ଚାମ୍ପିୟନ କୁସ୍ତିଯୋଦ୍ଧା ଦୀପକ ପୁନିଆ (୮୬ କିଗ୍ରା) ଏଠାରେ ଚାଲିଥିବା ବିଶ୍ୱ ରେସଲିଂ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହ ୨୦୨୦ରେ ଟୋକିଓରେ ହେବାକୁ ଥିବା ଅଲିମ୍ପିକ୍ସକୁ ମଧ୍ୟ ଯୋଗ୍ୟତା ହାସଲ କରିଛନ୍ତି। ଟୋକିଓ ଅଲିମ୍ପିକ୍ସକୁ ଟିକେଟ୍ ଅର୍ଜନ କରିବାରେ ସେ ୪ର୍ଥ ଭାରତୀୟ ରେସଲର୍ ହୋଇଛନ୍ତି। ଦୀପକଙ୍କ ପୂର୍ବରୁ ଏହି ଚାମ୍ପିୟନଶିପ୍ ଜରିଆରେ ଭିନେଶ

**୪ର୍ଥ ଭାରତୀୟ ରେସଲର୍**

ଫୋଗଟ୍, ବଜରଙ୍ଗ ପୁନିଆ ଓ ରବି ଦାହିୟା ମଧ୍ୟ ବିଶ୍ୱର ସର୍ବୋଚ୍ଚ କ୍ରୀଡ଼ା ପ୍ରତିଯୋଗିତାକୁ ଯୋଗ୍ୟତା ହାସଲ କରିସାରିଛନ୍ତି।

ଶନିବାର ଅନୁଷ୍ଠିତ ପୁରୁଷ ୮୬ କିଗ୍ରା ସେମିଫାଇନାଲ ମୁକାବିଲାରେ ଦୀପକ ୮–୨ରେ ସୁଇଜରଲାଣ୍ଡର ଷ୍ଟିଫେନ୍ ରେଇଚମୁଥ୍‌ଙ୍କୁ ପରାସ୍ତ କରିଛନ୍ତି। ଫାଇନାଲରେ ପୁନିଆଙ୍କ ଲଢ଼େଇ ୨୦୧୬ ରିଓ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ଇରାନର ହାସାନ ୟାଜଦାନିଚରାତିଙ୍କ ସହ ରବିବାର ହେବ। ହାସାନ ୨୦୧୮ ଏସିଆନ ଗେମ୍ସର ୮୬ କିଗ୍ରା ବିଭାଗରେ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପୂର୍ବରୁ ଏହି ଭାରତୀୟ ରେସଲର୍ କ୍ୱାର୍ଟର ଫାଇନାଲରେ ୭–୬ରେ କଲମ୍ବିଆର କାର୍ଲୋସ ଅର୍ଗୁରୋଙ୍କୁ ମାତ୍ ଦେଇଥିଲେ। ଦୀପକ ୨୦୧୬ରେ ଜୁନିୟର ବିଶ୍ୱ ଚାମ୍ପିୟନ ମୁକୁଟ ପିନ୍ଧିଥିଲେ। ରବିବାର ଖେଳାଯିବାକୁ ଥିବା ଫାଇନାଲରେ ଦୀପକ ଯଦି ଚାମ୍ପିୟନ ହୁଅନ୍ତି ତେବେ ୨ୟ ଭାରତୀୟ ଭାବେ ରେସଲିଂର ଏହି ସର୍ବୋଚ୍ଚ ପ୍ରତିଯୋଗିତାରେ ଚାମ୍ପିୟନ ହେବାର ସୌଭାଗ୍ୟ ଲାଭ କରିବେ। ୨୦୧୦ରେ ଏକମାତ୍ର ଭାରତୀୟ ଭାବେ ସୁଶୀଲ କୁମାର ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ୍ ଜିତିଥିଲେ। ଭାରତ ଏଥିସହ ବିଶ୍ୱ ଚାମ୍ପିୟନଶିପ୍‌ରେ ଏହାର ଶ୍ରେଷ୍ଠ ପ୍ରଦର୍ଶନ କରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବା ନିଶ୍ଚିତ ହୋଇଛି। ବର୍ତ୍ତମାନ ସୁଦ୍ଧା ଭାରତ ୪ ପଦକ ନିଶ୍ଚିତ କରିସାରିଛି। ପୂର୍ବରୁ ଫୋଗଟ୍, ବଜରଙ୍ଗ ଓ ଦାହିୟା ବ୍ରୋଞ୍ଜ ପଦକ ଜିତିସାରିଛନ୍ତି। ୨୦୧୩ ସଂସ୍କରଣରେ ଭାରତ ସର୍ବାଧିକ ୩ ପଦକ ଜିତିଥିଲା। ତେବେ ରବିବାର ଅନୁଷ୍ଠିତ ପୁରୁଷ ୬୧ କିଗ୍ରା ବିଭାଗର ବ୍ରୋଞ୍ଜ ପଦକ ଲଢ଼େଇ ମୁକାବିଲାରେ ରାହୁଲ ଆୱାରେ ୬–୧୦ରେ ଜର୍ଜିଆର ବେକ୍ ଲୋକଟାଡଜେଙ୍କ ନିକଟରୁ ହାରି ଅଳ୍ପକେ ପୋଡିୟମ ଫିନିଶ କରିବାରୁ ବଞ୍ଚିତ ହୋଇଛନ୍ତି।





ଦୀପକ ପୁନିଆ

# ଅମିତଙ୍କୁ ରୌପ୍ୟ ପଦକ

**ଏକଟେରିନବର୍ଗ(ରୁଷିଆ), ୨୧।୯(ପି.ଟି.)**

ପ୍ରଥମ ଭାରତୀୟ ବକ୍ସରଭାବେ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଥିବା ଅମିତ ପଙ୍ଘାଲ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ସେ ୫୨ କେଜି ଫାଇନାଲରେ ଅଲିମ୍ପିକ୍ ଚାମ୍ପିୟନ ଉଜ୍‌ବେକିସ୍ତାନର ଶାଖୋବିଦିନ ଜୋଇରୋଭଙ୍କଠାରୁ ହାରି ଯାଇଛନ୍ତି। ଜୋଇରୋଭ ଅଭିଜ୍ଞତାର ଉପଯୋଗ କରି ଅମିତଙ୍କୁ ୫–୦ରେ ପରାସ୍ତ କରିଥିଲେ। ତେବେ ସେ ଭାରତର ପ୍ରଥମ

**ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍**

ବକ୍ସରଭାବେ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତି ବଡ଼ ସଫଳତା ପାଇଛନ୍ତି। ଅନ୍ୟତମ ଭାରତୀୟ ମନୀଷ କୌଶିକ ୬୩ କେଜି ବିଭାଗର ସେମିଫାଇନାଲରେ ହାରି ବ୍ରୋଞ୍ଜ ପଦକ ପାଇଛନ୍ତି। ପ୍ରତିପକ୍ଷ ଡେଙ୍ଗା ଏବଂ ଶକ୍ତିଶାଳୀ ପ୍ରତିଯୋଗୀଙ୍କ ବିପକ୍ଷରେ ପଙ୍ଘାଲ ବହୁ ଚେଷ୍ଟା କରିଥିଲେ ହେଁ ଉପଯୁକ୍ତ ସ୍ଥାନରେ ପଞ୍ଚ୍ ମାରିବାରେ ବିଫଳ ହୋଇଥିଲେ। ଫଳରେ ଏହି ଏସିଆନ ଗେମ୍ସ ଏବଂ ଏସିଆନ ଚାମ୍ପିୟନଶିପ୍ ଗୋଲ୍ଡ ମେଡାଲିଷ୍ଟ ଐତିହାସିକ ସଫଳତାରୁ ବଞ୍ଚିତ ହୋଇଥିଲେ। ତେବେ ଏହି ରୌପ୍ୟ ପଦକ ତାଙ୍କ କ୍ୟାରିୟରର ସବୁଠାରୁ ବଡ଼ ସଫଳତା ବୋଲି ପରିଗଣିତ ହେଉଛି। ୨୦୧୭ ଏସିଆନ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତିବା ପରଠାରୁ ଏହି ରୋହତକ ବକ୍ସରଙ୍କୁ ରୋକିବା ପ୍ରତିପକ୍ଷଙ୍କ ପାଇଁ କଷ୍ଟକର ହୋଇ ପଡ଼ିଥିଲା। ଏହା ପୂର୍ବରୁ କୌଣସି ଭାରତୀୟ ବକ୍ସର କେବେହେଲେ ବିଶ୍ୱ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତି ନ ଥିଲେ। ଅତୀତରେ





ଏହି ମେଗା ଇଭେଣ୍ଟରେ ବିଜେନ୍ଦର ସିଂ(୨୦୦୯), ବିକାଶ କ୍ରିଷ୍ଣନ(୨୦୧୧), ଶିବା ଥାପା(୨୦୧୫) ଓ ଗୌରବ ବିଧୁରୀ(୨୦୧୭)ରେ ବ୍ରୋଞ୍ଜ ପଦକ ଜିତିବାକୁ ସକ୍ଷମ ହୋଇଥିଲେ। ଏଥର ପ୍ରତିଯୋଗିତାରେ ଭାଗ ନେଇଥିବା ୭୮ଟି ଦେଶ ମଧ୍ୟରୁ ୯ଟି ଦେଶର ପ୍ରତିଯୋଗୀ ଫାଇନାଲରେ ପ୍ରବେଶ କରିଥିଲେ ଏବଂ ଏଥିରେ ଭାରତ ଅନ୍ୟତମ ଦେଶ ଥିଲା। ଉଜ୍‌ବେକିସ୍ତାନରୁ ସର୍ବାଧିକ ୪ ବକ୍ସର ଫାଇନାଲରେ ପ୍ରବେଶ କରିଥିଲେ।

# ଗୌରବଙ୍କ କାର୍ ଦୁର୍ଘଟଣାରେ ୩ ମୃତ

**ବାରମେର (ରାଜସ୍ଥାନ), ୨୧।୯ (ପି.ଟି.)**

ଏକ ଅଭାବନୀୟ ଘଟଣାକ୍ରମରେ ଭାରତୀୟ ରାଲି ଡ୍ରାଇଭର ଗୌରବ ଗିଲ୍‌ଙ୍କ କାର୍ ଏକ ମୋଟରସାଇକେଲଙ୍କୁ ଧକ୍କା ଦେବା ଫଳରେ ୩ଜଣ ମୃତ୍ୟୁବରଣ କରିଛନ୍ତି। ଚଳିତବର୍ଷ ପ୍ରାରମ୍ଭରେ ଗୌରବ ଦେଶର ପ୍ରଥମ ମୋଟରସ୍ପୋର୍ଟ୍ସ ଡ୍ରାଇଭର ହିସାବରେ ଅର୍ଜୁନ ପୁରସ୍କାର ହାସଲ କରିଥିଲେ। ଏହି ଦୁର୍ଘଟଣାରେ ଗୌରବ ମଧ୍ୟ ଆହତ ହୋଇଛନ୍ତି ଓ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶନିବାର ଏଠାରେ ମ୍ୟାକ୍ସପେରିଏନ୍ସ ରାଲି

**ଜାତୀୟ ରାଲି ଚାମ୍ପିୟନଶିପ**

ଏଫ୍‌ଏମ୍‌ଏସ୍‌ସିଆଇ ଭାରତୀୟ ନ୍ୟାଶନାଲ ଚାମ୍ପିୟନଶିପ ରାଉଣ୍ଡ–୩ ଅବସରରେ ଏହି ଦୁର୍ଭାଗ୍ୟଜନକ ଘଟଣା ଘଟିଥିଲା।

ଏହି ଦୁର୍ଘଟଣାରେ ନରେନ୍ଦ୍ର, ତାଙ୍କ ପତ୍ନୀ ପୁଷ୍ପା ଓ ଏମାନଙ୍କ ପୁଅ ଜିତେନ୍ଦ୍ର ଘଟଣାସ୍ଥଳରେ ମୃତ୍ୟୁବରଣ କରିଛନ୍ତି। ଏହି ଘଟଣା ପରେ ରାଲିକୁ ବାତିଲ କରାଯାଇଛି। ଷ୍ଟେଜ୍–୧ରେ ଗୌରବ ଘଣ୍ଟାପ୍ରତି ୧୪୫ କି.ମି. ବେଗରେ ଗାଡି ଚଳାଉଥିଲେ। ୫ରୁ ୧୦ ମିଟର ମଧ୍ୟରେ ସେ ହଠାତ ଗାଡିକୁ ବାମ ପଟକୁ ନେଉଥିବା ବେଳେ ମୋଟରସାଇକେଲ ସହ କାରର ଧକ୍କା ହୋଇଥିଲା। ଗାଡିକୁ ରୋକିବା ପାଇଁ ଗୌରବ ଚେଷ୍ଟା କରିଥିଲେ ମଧ୍ୟ ସେ ବିଫଳ ହୋଇଥିଲେ।

ପ୍ରତିଯୋଗିତା ଚାଲୁଥିବା ବେଳେ ବ୍ୟାରିକେଡ ଭାଙ୍ଗି ରାସ୍ତା ଉପରକୁ ନ ଆସିବାକୁ ଆମେ ବାରମ୍ବାର ସତର୍କ କରାଇଥିଲେ ମଧ୍ୟ ଗାଁ ଲୋକେ ଏହାକୁ ଖରି କରୁନାହାନ୍ତି। ଯାହାଫଳରେ ଏଭଳି ଦୁର୍ଘଟଣା ଘଟୁଛି ବୋଲି ଆଇଏନ୍‌ଆରସି ପ୍ରମୋଟର ଭାମସି ମେର୍ଲା କହିଛନ୍ତି। ୧୫ ଦିନ ଆଗରୁ ରାସ୍ତା ବନ୍ଦ ହୋଇଛି ବୋଲି ଆମେ ବାରମ୍ବାର ସତର୍କ କରାଇ ଆସିଛୁ। ଫିଲ୍ଡ ମାର୍ଶାଲଙ୍କ ସହ ନରେନ୍ଦ୍ର ଯୁକ୍ତିତର୍କ କରିଥିଲେ। ଏହି ଅବସରରେ ସୁବିଧା ଦେଖି ନରେନ୍ଦ୍ର ବ୍ୟାରିକେଡ ଭାଙ୍ଗି ଟ୍ରାକ୍ ଉପରକୁ ଚାଲିଯାଇଥିଲେ। ଫଳରେ ଏହି ଦୁର୍ଘଟଣା ଘଟିଥିଲା ବୋଲି ସେ କହିଛନ୍ତି। ଅତ୍ୟଧିକ ବେଗ ଥିବାରୁ ଗୌରବ ଗାଡିକୁ ରୋକିବାରେ ବିଫଳ ହୋଇଥିଲେ। ସବୁ ପ୍ରକାର ବିହିତ ବ୍ୟବସ୍ଥା ଗ୍ରହଣ କରିଥିଲେ ମଧ୍ୟ ଏଭଳି ଦୁର୍ଘଟଣା ଘଟିବା ନିହାତି ଦୁର୍ଭାଗ୍ୟଜନକ ବୋଲି ଏଫ୍‌ଏସ୍‌ସିଆଇ ଅଧକ୍ଷ ଜେ. ପୃଥ୍ୱୀରାଜ କହିଛନ୍ତି। ନରେନ୍ଦ୍ର ଶୋକସନ୍ତପ୍ତ ପରିବାରକୁ ଆମେ ସମବେଦନା ଜଣାଉଛୁ। ପୂରା ମୋଟୋରସ୍ପୋର୍ଟ୍ସ ପରିବାର ନେରେନ୍ଦ୍ରଙ୍କ ପରିବାର ସହ ବିପଦ ବେଳେ ଛିଡ଼ା ହୋଇଛି ବୋଲି ସେ କହିଛନ୍ତି।





ଦୁର୍ଘଟଣାଗ୍ରସ୍ତ ଗୌରବଙ୍କ କାର୍।

# ଜୟଦେବ ସଭାପତି, ହିମାଂଶୁ ସମ୍ପାଦକ

**ରାଜକୋଟ,୨୧।୯(ପି.ଟି.):** ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ (ଏସ୍‌ସିଏ) ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କ୍ରିକେଟ ପ୍ରଶାସକ ନିରଞ୍ଜନ ଶାହଙ୍କ ପୁଅ ଜୟଦେବ ଶାହ ଏସ୍‌ସିଏ ସଭାପତି ରୂପେ ନିର୍ବାଚିତ ହୋଇଛନ୍ତି। ସେହିପରି ହିମାଂଶୁ ଶାହ ନୂଆ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି ବୋଲ ଶନିବାର ଆସୋସିଏଶନ ତରଫରୁ ଘୋଷଣା କରାଯାଇଛି। ନୂଆ ସଭାପତି ଜୟଦେବ ୧୨୦ଟି ପ୍ରଥମ ଶ୍ରେଣୀ କ୍ରିକେଟ ଖେଳିଛନ୍ତି ଓ ସେ ୨୦୧୮ରେ ସବୁ ଫର୍ମାଟରୁ ଅବସର ଘୋଷଣା କରିଥିଲେ। ଜୟଦେବ ସୌରାଷ୍ଟ୍ର ପାଇଁ ୧୧୦ଟି ମ୍ୟାଚ୍‌ରେ ନେତୃତ୍ୱ ନେଇଥିଲେ। ଏସ୍‌ସିଏର ନିର୍ବାଚନ ଅଧିକାରୀ ବରେଶ ସିହ୍ନା ନିର୍ବାଚିତ ଅନ୍ୟ ସଦସ୍ୟଙ୍କ ନାମ ଘୋଷଣା କରିଛନ୍ତି।

**ନିର୍ବାଚିତ ଅଧିକାରୀ:**
**ଅଧକ୍ଷ:** ଜୟଦେବ ଶାହା
**ଉପ ସଭାପତି:** ଦୀପକ ଲଖାନି
**ସମ୍ପାଦକ:** ହିମାଂଶୁ ଶାହ
**ଯୁଗ୍ମ ସମ୍ପାଦକ:** କରନ ଶାହ
**କୋଷାଧକ୍ଷ:** ଶ୍ୟାମ ରାଇଚୁରା
**ଆପେକ୍ସ କାଉନସିଲ ମେମ୍ବର:**
ନିଲେଶ ଦୋଶୀ, ଜୟବୀର ଶାହ, ବିକ୍ରାନ୍ତ ଓ୍ୱରା, ଅଭିଷେକ ତାଲାଟିଆ, ରାଜୁ ଶାହ, ଅଭିଷେକ କାମଦାର, ହିରେନ କୋଠାରି, ଚନା ମୋରି, ମିହିର ଶାହ, ମହେଶ କୋଟେଚା ଓ ହେମନ୍ତ ଶାହ।

## ଥାଇଲାଣ୍ଡ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ

# ପ୍ରମୋଦଙ୍କୁ ୨ ରୌପ୍ୟ ପଦକ

**ଭୁବନେଶ୍ୱର, ୨୧।୯(କ୍ରୀଡ଼ା ପ୍ରତିନିଧି)**

ବ୍ୟାଙ୍କକ୍‌ଠାରେ ଶନିବାର ଶେଷ ହୋଇଥିବା ଥାଇଲାଣ୍ଡ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶାର ପ୍ରମୋଦ ୨ଟି ରୌପ୍ୟ ପଦକ ପାଇଛନ୍ତି। ସିଙ୍ଗଲ୍ସ ଫାଇନାଲରେ ସେ ଅନ୍ୟତମ ଭାରତୀୟ ଖେଳାଳି ତଥା ତାଙ୍କ ଡବଲ୍ସ ପାର୍ଟନର ମନୋଜ ସରକାରଙ୍କ ବିପକ୍ଷ ମ୍ୟାଚ ଅଧାରୁ ଓହରି ଯାଇଥିଲେ। ପାଦରେ ଆଘାତ ଯୋଗୁ ସେ ୯–୧୧ରେ ପଛୁଆ ଥିବାବେଳେ ରିଟାୟର୍ଡ ହେବାକୁ ପସନ୍ଦ କରିଥିଲେ। ପୂର୍ବରୁ ଅନୁଷ୍ଠିତ ଡବଲ୍ସ ଫାଇନାଲରେ ପ୍ରମୋଦ–ମନୋଜ ଯୋଡ଼ି ଥାଇଲାଣ୍ଡର ମଙ୍ଗ୍‌ଖୋନ୍ ବୁନ୍‌ସୁନ ଏବଂ ସିରିପଙ୍ଗ ଟିମାରୋମ୍ ଯୋଡ଼ିଙ୍କଠାରୁ ୧୬–୨୧, ୨୧–୮, ୧୪–୨୧ ପଏଣ୍ଟରେ ପରାସ୍ତ ହୋଇଥିଲେ। "ଆହତ ସମସ୍ୟା ଯୋଗୁ ମୁଁ ରିସ୍କ ନେବାକୁ ଚାହିଁଲିନାହିଁ। ତେଣୁ ମନୋଜଙ୍କ ବିପକ୍ଷ ସିଙ୍ଗଲ୍ସ ଫାଇନାଲ ଅଧାରୁ ଓହରି ଯାଇଥିଲି। ତେଣୁ ରୌପ୍ୟ ପଦକ ପାଇ ମନରେ ଦୁଃଖ ନାହିଁ। ୩ ଦିନପରେ ଚାଇନା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଆରମ୍ଭ ହେବ। ତେଣୁ ବିଶ୍ରାମ ନେଇ ଚଳିତମାସ ୨୪ରୁ ୨୯ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବାକୁ ଆଶା ରଖିଛି'' ବୋଲି ପ୍ରମୋଦ ପ୍ରକାଶ କରିଛନ୍ତି। ପ୍ରମୋଦ ଏଠାରେ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ ହେଁ ଟୋକିଓ ଅଲିମ୍ପିକ୍ସ ଆଶା ଉଜ୍ଜୀବିତ ରହିଛି। କାରଣ ନିକଟ ଅତୀତରେ ଅନୁଷ୍ଠିତ ଅନ୍ତର୍ଜାତୀୟ ମ୍ୟାଚ ଗୁଡ଼ିକରେ ଭଲ ପ୍ରଦର୍ଶନ କରିଥିବାରୁ ତାଙ୍କର ପଏଣ୍ଟ ସଂଖ୍ୟା ୫୫୩୦ରେ ପହଞ୍ଚିଛି। ଯାହାକି ଅନ୍ୟ ପ୍ରତିଯୋଗୀଙ୍କଠାରୁ ସର୍ବାଧିକ। ଡାନିଏଲ ବେଥେଲ ୫୪୧୦, ମନୋଜ ସରକାର ୨୫୭୦, ଦାଇଶୁକେ ଫୁଜିହାରା ୨୪୮୦, ଉକୁନ ରୁକେଣ୍ଡି ୨୨୧୦ ଓ ବିକ୍ରମ କୁମାର ୧୪୭୦ ପଏଣ୍ଟ ସହିତ ଯଥାକ୍ରମେ ୨ୟରୁ ୬ଷ୍ଠ ସ୍ଥାନରେ ରହିଛନ୍ତି।





ପଦକ ସହ ପ୍ରମୋଦ ଭଗତ।

## କବିରଙ୍କୁ ଟାଇଟଲ



**ଭୁବନେଶ୍ୱର, ୨୧।୯(କ୍ରୀଡ଼ା ପ୍ରତିନିଧି):** ଅହମ୍ମଦାବାଦସ୍ଥିତ ର୍ୟାକେଟ ଏକାଡେମୀରେ ଅନୁଷ୍ଠିତ ଏଆରଏ-ଏଆଇଟିଏ ନ୍ୟାଶନାଲ ସିରିଜ ଟେନିସ ଟୁର୍ନାମେଣ୍ଟର ୧୮ ବର୍ଷରୁ କମ୍ ବାଳକ ବର୍ଗରେ ଓଡ଼ିଶାର କବିର ହଂସ ଟାଇଟଲ ବିଜୟୀ ହୋଇଛନ୍ତି। ଫାଇନାଲରେ କବିର ଅହମ୍ମଦାବାଦର ମୋହିତ ବୋନ୍ଦେରେଙ୍କୁ ୬-୨, ୫-୭, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ୧୬ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ୨୧ରେ ଶେଷ ହୋଇଥିଲା।

# ଚୂଡ଼ାନ୍ତ ତାଲିକା ଘୋଷଣା ଆଜି

**କଟକ ଅଫିସ,୨୧।୯**

**ଓସିଏ ନିର୍ବାଚନ**





ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ନିର୍ବାଚନର ପ୍ରାର୍ଥୀପତ୍ର ଯାଞ୍ଚ ପ୍ରକ୍ରିୟା ଶନିବାର ଶେଷ ହୋଇଛି। ଦାଖଲ ହୋଇଥିବା ୧୨ଟି ଯାକ ପ୍ରାର୍ଥୀପତ୍ର ଯାଞ୍ଚ ହୋଇଥିବା ବେଳେ କେବଳ ଗୋଟିଏ ପ୍ରାର୍ଥୀପତ୍ରକୁ ନେଇ ସମସ୍ୟା ସୃଷ୍ଟି ହୋଇଥିଲା। ପ୍ରଦୀପ ଚୌହ୍ୱାନଙ୍କ ଗୋଷ୍ଠୀ ପକ୍ଷରୁ ଉପସଭାପତି ପଦବୀ ନିମନ୍ତେ ଆବେଦନ କରିଥିବା ପ୍ରଶାନ୍ତ ପ୍ରସାଦ ପଟ୍ଟନାୟକଙ୍କ ପ୍ରାର୍ଥୀପତ୍ରରେ ତ୍ରୁଟି ରହିଛି ବୋଲି ବିପକ୍ଷ ଗୋଷ୍ଠୀ ପକ୍ଷରୁ ଅଭିଯୋଗ ହୋଇଥିଲା । ଅଭିଯୋଗ ଭିତ୍ତିହୀନ ବୋଲି ପ୍ରମାଣିତ ହେବା ପରେ ୧୨ଟି ଯାକ ପ୍ରାର୍ଥୀପତ୍ର କାଏମ ରହିଛି । ନିର୍ବାଚନ ପାଇଁ ରବିବାର ଚୂଡ଼ାନ୍ତ ପ୍ରାର୍ଥୀମାନଙ୍କ ନାମ ଘୋଷଣା କରାଯିବ । ସୋନପୁର ଜିଲାରୁ ପ୍ରତିନିଧି ହୋଇ ଆସିଥିବା ପ୍ରଶାନ୍ତ ପ୍ରସାଦ ପଟ୍ଟନାୟକ ପ୍ରଦୀପ ଚୌହ୍ୱାନଙ୍କ ଗୋଷ୍ଠୀ ପକ୍ଷରୁ ଉପସଭାପତି ପଦବୀ ନିମନ୍ତେ ଆଶାୟୀ ଅଛନ୍ତି। ତାଙ୍କ ପ୍ରାର୍ଥୀପତ୍ରରେ ସାକ୍ଷୀ ପଡ଼ିଛନ୍ତି କଟକ ସନରାଇଜ କ୍ଲବର କୋଷାଧକ୍ଷ । ଏହି ପ୍ରସଙ୍ଗକୁ ବିପକ୍ଷ ଗୋଷ୍ଠୀ ବିରୋଧ କରିଥିଲେ । ପ୍ରାର୍ଥୀ ଯେଉଁ ୟୁନିଟରୁ ପ୍ରତିନିଧି ହୋଇ ଆସିବେ ସାକ୍ଷୀ ସେହି ୟୁନିଟର ହୋଇଥିବା ଆବଶ୍ୟକ ବୋଲି ଅଭିଯୋଗ ରହିଥିଲା। ଅପରାହ୍ନରେ ପ୍ରଶାନ୍ତଙ୍କ କାଗଜପତ୍ର ଦୀର୍ଘ ସମୟ ଧରି ଯାଞ୍ଚ କରାଯାଇଥିଲା। ପ୍ରଶାନ୍ତଙ୍କ ପକ୍ଷରୁ ସମସ୍ତ କାଗଜପତ୍ର ଅପରାହ୍ନ ପ୍ରାୟ ୫ଟା ସମୟରେ ନିର୍ବାଚନ ଅଧିକାରୀ ମାଖନଲାଲ ମଜୁମଦାରଙ୍କ ନିକଟରେ ଦାଖଲ ହୋଇଥିଲା। ଦୀର୍ଘ ସମୟର ଆଲୋଚନା ପରେ ପ୍ରଶାନ୍ତଙ୍କ ପ୍ରାର୍ଥୀପତ୍ର କାଏମ ରଖାଯାଇଥିଲା ।

### ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବେ ପ୍ରଭାତ

ଆଶୀର୍ବାଦଙ୍କ ଗୋଷ୍ଠୀ ପକ୍ଷରୁ ଯୁଗ୍ମ ସମ୍ପାଦକ ପଦବୀ ନିମନ୍ତେ ୨ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ଜଣେ ହେଲେ ଝାରସୁଗୁଡ଼ା ଜିଲାର ପ୍ରତିନିଧି ମେହତାବ ଖାଁ ଓ ଅନ୍ୟ ଜଣେ ସୁନ୍ଦରଗଡ଼ ଜିଲାର ପ୍ରତିନିଧି ପ୍ରଭାତ କୁମାର ଭୋଳ। ପ୍ରଭାତ ରବିବାର ପୂର୍ବାହ୍ନରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବେ ବୋଲି ଏହି ଗୋଷ୍ଠୀ ଘୋଷଣା କରିଛି। ଯାହାଫଳରେ ଏବେ ଯୁଗ୍ମ ସମ୍ପାଦକ ପଦବୀରେ ଲଢ଼ିବେ ମେହତାବ ଖାନ । ପ୍ରଦୀପଙ୍କ ଗୋଷ୍ଠୀରୁ ପ୍ରାର୍ଥୀ ହୋଇଥିବା ଦେବଗଡ଼ ଜିଲାର ପ୍ରତିନିଧି ସୁଜିତ କୁମାର ପ୍ରଧାନଙ୍କ ସହ ମେହତାବଙ୍କ ଲଢ଼େଇ ହେବ।

### ଗୋଟିଏ ପଦବୀ ସୁରକ୍ଷିତ

ପ୍ରାର୍ଥୀପତ୍ରରେ କୌଣସି ତ୍ରୁଟି ନ ଥିବା ହେତୁ ଆଶୀର୍ବାଦ ବେହେରାଙ୍କ ଗୋଷ୍ଠୀ କେନ୍ଦ୍ରାପଡ଼ା ଜିଲାର ଶୁଭାଶିଷ ସେନାପତି ନିର୍ଦ୍ୱନ୍ଦ୍ୱରେ ଓସିଏର ଆପେକ୍ସ କାଉନସିଲ ସଦସ୍ୟ ଭାବେ ନିର୍ବାଚିତ ହେବେ । ଏଣୁ ହେବାକୁ ଥିବା ୬ଟି ପଦବୀର ନିର୍ବାଚନ ଭିତରୁ ଏବେ ଗୋଟିଏ ପଦବୀ ସୁରକ୍ଷିତ ହୋଇ ସାରିଛି ବୋଲି କୁହାଯାଇ ପାରିବ। ସଭାପତି, ଉପସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ ଓ କୋଷାଧକ୍ଷ ପଦବୀ ନିମନ୍ତେ ୨ଜଣ ଲେଖାଏ ସାମ୍ନାସାମ୍ନି ହେବେ ।

# ୨୦ ଉତ୍କୃଷ୍ଟତା କେନ୍ଦ୍ର ପ୍ରତିଷ୍ଠା ହେବ

**ନୂଆଦିଲ୍ଲୀ, ୨୧।୯ (ପି.ଟି.)**

୨୦୨୪ ପ୍ୟାରିସ ଓ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ ପୂର୍ବରୁ ଦେଶର ବିଭିନ୍ନ ସ୍ଥାନରେ ୨୦ଟି ନ୍ୟାଶନାଲ ସେଣ୍ଟର୍ସ ଅଫ୍ ଏକ୍ସଲେନ୍ସ (ଏନ୍‌ସିଇ) ବା ଜାତୀୟ ଉତ୍କୃଷ୍ଟତା କେନ୍ଦ୍ର ପ୍ରତିଷ୍ଠା କରିବାକୁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଶନିବାର ନିଷ୍ପତ୍ତି ନେଇଛି। ଏହି ଉତ୍କୃଷ୍ଟତା କେନ୍ଦ୍ରଗୁଡ଼ିକରେ ଶ୍ରେଷ୍ଠ କୋଚ୍‌ମାନେ ଆଥ୍‌ଲେଟଙ୍କ ଦକ୍ଷତା ବିକାଶ କରାଇବା ଦିଗରେ କାମ କରିବେ ବୋଲି ଜଣାପଡ଼ିଛି। ପ୍ରତି ଏନ୍‌ସିଇରେ ୪ରୁ ୬ଟି ବିଭାଗର କ୍ରୀଡ଼ାକୁ ରଖାଯିବ। ବିଭିନ୍ନ ସ୍ଥାନରେ ରହିଥିବା ସାଇ ରିଜିଓନାଲ ସେଣ୍ଟର ଗୁଡ଼ିକରେ ଚାଲିଥିବା ବିଭିନ୍ନ ଯୋଜନାରୁ ଏହା ଅଲଗା ହୋଇଯିବ। ଯେଉଁଥିରେ ଆଥ୍‌ଲେଟଙ୍କୁ ଅଲଗା ପ୍ରଶିକ୍ଷଣ, ଆହାର ଓ କିଟ୍ ମିଳିପାରିବ। ଗୋଟିଏ କ୍ୟାମ୍ପସ ପରିସରରେ ଆଥ୍‌ଲେଟଙ୍କୁ ସମାନ ସୁବିଧା ସୁଯୋଗ ମିଳିବ। ଯେଉଁ ଆଥ୍‌ଲେଟ୍‌ମାନେ ଅଲିମ୍ପିକ ପାଇଁ ଟ୍ରେନିଂ ନେବେ ସେମାନଙ୍କ ଲାଗି ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସଲେନ୍ସ ରିଜର୍ଭ ରହିବ। ତୃଣମୂଳସ୍ତରର ଆଥ୍‌ଲେଟ୍‌ମାନେ ଅନ୍ୟ ସାଇ ସେଣ୍ଟର ଗୁଡ଼ିକରେ ଟ୍ରେନିଂ ନେବେ। ପରେ ପ୍ରଦର୍ଶନକୁ ଭିତ୍ତି କରି ସେମାନଙ୍କୁ ଏନ୍‌ସିଇରେ ପ୍ରଶିକ୍ଷଣ ପାଇଁ ସୁଯୋଗ ଦିଆଯିବ। ନ୍ୟାଶନାଲ ସେଣ୍ଟର୍ ଅଫ୍ ଏକ୍ସଲେନ୍ସ ପାଇଁ ୨୦ ସାଇ ସେଣ୍ଟରକୁ ଚୟନ କରାଯାଇଛି। ସେଗୁଡ଼ିକ ହେଲା ସାଇ ସେଣ୍ଟର ପଟିଆଲା, ତ୍ରିଭେନ୍ଦ୍ରମ, ଚଣ୍ଡିଗଡ଼, ସୋନେପତ୍, ଲକ୍ଷ୍ନୌ, ଗୁଆହାଟୀ, ଇମ୍ଫାଲ, କୋଲକାତା, ଭୋପାଳ, ବେଙ୍ଗାଲୁରୁ, ମୁମ୍ବାଇ, ଗାନ୍ଧୀନଗର, ଜବାହରଲାଲ ନେହେରୁ ଷ୍ଟାଡିୟମ (ଦିଲ୍ଲୀ), ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ (ଦିଲ୍ଲୀ), ମେଜର ଧ୍ୟାନଚାନ୍ଦ ନ୍ୟାଶନାଲ ଷ୍ଟାଡିୟମ (ଦିଲ୍ଲୀ), ଡ. କର୍ନି ସିଂ ଶୁଟିଂ ରେଞ୍ଜ (ଦିଲ୍ଲୀ), ଡ. ଶ୍ୟାମ ପ୍ରସାଦ ମୁଖାର୍ଜୀ ସୁଇମିଂ ପୁଲ୍ କମ୍ପ୍ଲେକ୍ସ (ଦିଲ୍ଲୀ), ନ୍ୟାଶନାଲ ଓ୍ୱାଟର ସ୍ପୋର୍ଟ୍ସ ଏକାଡେମୀ (ଖେଲୋ ଇଣ୍ଡିଆ, ଆଲିପେଇ), ନ୍ୟାଶନାଲ ବକ୍ସିଂ ଏକାଡେମୀ (ଖେଲୋ ଇଣ୍ଡିଆ, ରୋହତକ୍) ଓ ନ୍ୟାଶନାଲ ରେସଲିଂ ଏକାଡେମୀ (ଖେଲୋ ଇଣ୍ଡିଆ,ଔରଙ୍ଗାବାଦ)।

# ପୁରୀରେ ବିଶ୍ୱର ବୃହତ୍ ବେଳାଭୂମି ସଫେଇ



ପୁରୀ ବେଳାଭୂମିରେ ଶନିବାର ଚାଲିଥିବା ସଫେଇ ଅଭିଯାନ ।

**ପୁରୀ ଅଫିସ,୨୧ା୯**

ଶନିବାର ଅନ୍ତର୍ଜାତୀୟ ବେଳାଭୂମି ସଫେଇ ଦିବସରେ ବିଶ୍ୱବାସୀଙ୍କୁ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଛି ପୁରୀ। ଜିଲାର ୧୦୦ କିମିରୁ ଊର୍ଦ୍ଧ୍ୱ ବେଳାଭୂମିକୁ ଏକାସଙ୍ଗରେ ସଫେଇ କରିଛନ୍ତି ୨୦ ହଜାରରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ। ଏହା ବିଶ୍ୱର ବୃହତ୍ ବେଳାଭୂମି ସଫେଇ ବୋଲି ପୁରୀ ଜିଲାପାଳ ବଲୱନ୍ତ ସିଂ କହିଛନ୍ତି। ଏହି ସଫେଇ ଅଭିଯାନ ପାଇଁ ଶନିବାର ସକାଳୁ ଚଳଚଞ୍ଚଳ ହୋଇପଡ଼ିଥିଲା ଜିଲାର ବ୍ରହ୍ମଗିରି ନିକଟ ଭାବକୁଣ୍ଡେଳଶ୍ୱରଠାରୁ ଅସ୍ତରଙ୍ଗ ପର୍ଯ୍ୟନ୍ତ ବେଳାଭୂମି। ୧୦୦ଟି ସ୍ଥାନରେ ପ୍ରାୟ ଦେଢ଼ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିଲା ଏହି ସଫେଇ। ଏଥିରେ ବଲିଉଡ୍ କଳାକାରଙ୍କଠାରୁ ଆରମ୍ଭ କରି ବିଦେଶୀ ପର୍ଯ୍ୟଟକ ଏବଂ ବହୁ ସେଲିବ୍ରିଟି ଯୋଗଦେଇ ବେଳାଭୂମିକୁ ସ୍ୱଚ୍ଛ, ସୁନ୍ଦର ଏବଂ ପରିବେଶକୁ ସୁରକ୍ଷିତ ରଖିବା ଲାଗି ଶପଥ ନେଇଥିଲେ। ପୁରୀ ଜିଲାରେ ୧୦୦ କିମିରୁ ଊର୍ଦ୍ଧ୍ୱ ସମୁଦ୍ର ବେଳାଭୂମି ରହିଛି। ଶନିବାର ସକାଳୁ ପୁରୀ ପୌରସଂସ୍ଥା ଅଧୀନ ୭ କିମି ବେଳାଭୂମିର ୧୭ଟି ସ୍ଥାନକୁ ମିଶାଇ ୧୦୦ ଜାଗାରେ ବିଭିନ୍ନ ବର୍ଗର ସ୍ୱେଚ୍ଛାସେବୀ ଏକାଠି ହୋଇଥିଲେ। ସକାଳ ୬ଟାରୁ ଏକାସଙ୍ଗରେ ସବୁଠି ସଫେଇ ଆରମ୍ଭ ହୋଇଥିଲା। ପୁରୀରେ ପାନ୍ଥନିବାସ ପଛପାର୍ଶ୍ୱ ବେଳାଭୂମିରେ ଆୟୋଜିତ ହୋଇଥିଲା ମେଗା ଇଭେଣ୍ଟ। ପ୍ରଥମେ ଗୋବର୍ଦ୍ଧନ ମଠର ବିଦ୍ୟାର୍ଥୀମାନେ ବେଦପାଠ କରିବା ପରେ କାର୍ଯ୍ୟକ୍ରମ ଆଗକୁ ବଢ଼ିଥିଲା। ସ୍ୱେଚ୍ଛାସେବୀମାନେ ବାଲୁକା ରାଶିରେ ନିଜ ନାଁ ଲେଖି ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ। ବିରାଟ ମାନବଶୃଙ୍ଖଳ ମାଧ୍ୟମରେ 'ମୋ ବିଚ୍-୨୦୧୯'ର ଫର୍ମେଶନ ବେଶ୍ ଚିତ୍ତାକର୍ଷକ ହୋଇଥିଲା। କାର୍ଯ୍ୟକ୍ରମର ବ୍ରାଣ୍ଡ ଆମ୍ବାସାଡର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ବାଲୁକା କଳା ମାଧ୍ୟମରେ ପ୍ଲାଷ୍ଟିକ ମୁକ୍ତ ପାଇଁ ସଚେତନ ସୃଷ୍ଟି କରିଥିଲେ। ଭଗବତୀ ବିଦ୍ୟାନିକେତନର ଷଷ୍ଠ ଶ୍ରେଣୀ ଛାତ୍ରୀ ପ୍ରିୟାଲି ପ୍ରିୟଦର୍ଶିନୀ ପ୍ରଧାନ ବେଳାଭୂମିକୁ ସ୍ୱଚ୍ଛ ରଖିବା ଏବଂ ପ୍ଲାଷ୍ଟିକ ବ୍ୟବହାର ନ କରିବା ଲାଗି ସମସ୍ତଙ୍କୁ ଶପଥ ପାଠ କରାଇଥିଲେ।

ଜିଲାପାଳ ସିଂ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବାତ୍ୟାରେ ଉଜୁଡ଼ି ଯାଇଥିବା ପୁରୀ ଆଜି ନିଜେ ଛିଡା ହୋଇ ବିଶ୍ୱକୁ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇପାରିଛି। ବାତ୍ୟା ପରେ ଜୁନ୍ ଶେଷ ସପ୍ତାହରୁ ଆରମ୍ଭ ହୋଇଥିବା ମୋ ବିଚ୍ ଅଭିଯାନ ଏକ ଆନ୍ଦୋଳନରେ ପରିଣତ ହୋଇଛି ବୋଲି ଜିଲାପାଳ କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭିଡିଓ ବାର୍ତ୍ତା ପରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ପର୍ଯ୍ୟଟନ ବିଭାଗ ସଚିବ ବିଶାଲ ଦେବ, ବଲିଉଡ୍ ଅଭିନେତ୍ରୀ ନନ୍ଦିତା ଦାସ, ଅଭିନେତା ବିଦ୍ୟୁତ୍ ଜାମୱାଲଙ୍କ ସମେତ ବହୁ ସେଲିବ୍ରିଟି ଯୋଗଦେଇ ବେଳାଭୂମି ସଫେଇ ଉପରେ ଗୁରୁତ୍ୱାରୋପ କରିଥିଲେ। ବେଳାଭୂମିକୁ ସ୍ୱଚ୍ଛ ଏବଂ ପରିଷ୍କାର ରଖିଲେ ଅଧିକ ପର୍ଯ୍ୟଟକ ଆସିବେ। ଅଧିକ ପର୍ଯ୍ୟଟକ ଆସିଲେ ରାଜ୍ୟର ଆର୍ଥିକ ମାନଦଣ୍ଡ ସୁଦୃଢ଼ ହୋଇପାରିବ ବୋଲି କହିଥିଲେ। ଏଥିରେ ଏସ୍‌ପି ଉମାଶଙ୍କର ଦାସ, ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଯୋଗଦେଇଥିଲେ। ପୁରୀ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଅଭିନେତା କୁନା ତ୍ରିପାଠୀ ଏବଂ ଅଭିନେତ୍ରୀ ସୁଲଗ୍ନା ସଂଯୋଜନା କରିଥିବାବେଳେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

■ ନର୍ସ ନୀହାରିକା ହତ୍ୟା ମାମଲା

# ପ୍ରେମିକ ହିଁ ହତ୍ୟାକାରୀ

**ଜଗତ୍‌ସିଂହପୁର ଅଫିସ,୨୧ା୯**

ନର୍ସ ନୀହାରିକା ପାତ୍ର ହତ୍ୟା ମାମଲାର ହୋଇଛି ପର୍ଦ୍ଦାଫାଶ। ଅନ୍ୟ କେହି ନୁହେଁ, ପ୍ରେମିକ କିଶୋର ଚନ୍ଦ୍ର ଆଞ୍ଚଲ ଓରଫ ରାଜା ହିଁ ଏକାକୀ ତାଙ୍କୁ ହତ୍ୟା କରିଛନ୍ତି। ରାଜା ବେରୋଜଗାର ଥିବାରୁ ବିବାହକୁ ନେଇ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସେ ନୀହାରିକାଙ୍କୁ ତଣ୍ଟିଚିପି ହତ୍ୟା କରିଥିବା ସ୍ୱୀକାର କରିଛନ୍ତି ବୋଲି ପୋଲିସ କହିଛି। ଗତ ୮ ତାରିଖ ସନ୍ଧ୍ୟା ୬ଟାରୁ ୮ଟା ମଧ୍ୟରେ କଟକ ଚାଉଳିଆଗଞ୍ଜ ଅପର୍ଣ୍ଣାନଗରସ୍ଥିତ ନିଜ ସାଙ୍ଗଙ୍କ ଭଡ଼ାଘରକୁ ନେଇ ସେ ନୀହାରିକାଙ୍କୁ ହତ୍ୟା କରିଥିଲେ। ଏହା ପରେ ମୃତଦେହ ଏକ ଅଖାରେ ଭର୍ତ୍ତି କରି ବାଇକରେ ନେଇ ନିଜ ଗାଁ ନିକଟ ନଦୀରେ ଫିଙ୍ଗି ଦେଇଥିଲେ। ରାଜା ନୀହାରିକାଙ୍କ ମୃତଦେହ ବାଇକ୍‌ରେ ନେଉଥିବାର ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ୍ ହୋଇଛି। ସେହିପରି ନର୍ସିଂହୋମ୍‌ରୁ ନୀହାରିକାଙ୍କୁ ନେଇ କିପରି ହତ୍ୟା ପରେ ବିଲୁଆଖାଇ ନଦୀରେ ଫିଙ୍ଗିଥିଲେ ତା'ର ଡେମୋ ମଧ୍ୟ ଦେଖାଇଛନ୍ତି ରାଜା। ଶନିବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀରେ ଜଗତ୍‌ସିଂହପୁର ଏସ୍‌ପି ପ୍ରକାଶ ଆର୍ ଏହି ସୂଚନା ଦେଇଛନ୍ତି। ଏସ୍‌ଡିପିଓ ପ୍ରକାଶ ପାଲ ଓ ଅନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଲେ ଯେ, ରାଜା ଆତ୍ମସମର୍ପଣ କରିନାହାନ୍ତି, ତାଙ୍କୁ ପୋଲିସ ଯୋଜନା ମୁତାବକ ହାଜିପୁର ଛକରୁ ଗିରଫ କରିଛି। ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଅଧିକ ତଦନ୍ତ ପାଇଁ ରାଜାଙ୍କୁ ୫ ଦିନିଆ ରିମାଣ୍ଡରେ ନେବାକୁ କୋର୍ଟରେ ଆବେଦନ କରାଯିବ। ପରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ଜଣାପଡିବ। ରାଜା ପିନ୍ଧିଥିବା ପୋଷାକ, ମୋବାଇଲ୍, ବାଇକ୍, ହେଲମେଟ୍ ଆଦି ଜବତ ହୋଇଛି। ଏଥିସହ ସିସିଟିଭି ଫୁଟେଜ୍, ଫୋରେନ୍‌ସିକ୍ ଲାବରେଟୋରି ରିପୋର୍ଟ ମଧ୍ୟ ସଂଗ୍ରହ କରାଯାଇଛି। ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲା ବାଲିଅନ୍ତା ଥାନା ଭିଙ୍ଗାରପୁରର ପ୍ରତିମା ପାତ୍ର ଓ ଗଗନ ପାତ୍ରଙ୍କ ଝିଅ ନୀହାରିକା ବିରିଡ଼ି ଥାନା ଅନ୍ତର୍ଗତ ହାଜିପୁରରେ ନିଜ ମାମୁଙ୍କ ଘରେ ରହି ନର୍ସିଂ ଟ୍ରେନିଂ ନେଉଥିଲେ। ସେଠାରେ ଗତ ୫ ବର୍ଷ ତଳେ ହାଜିପୁରର ରାଜାଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଟ୍ରେନିଂ ପରେ ନୀହାରିକା ରାଜେନ୍ଦ୍ରନଗରସ୍ଥିତ ଏମ୍‌ଏମ୍ ନର୍ସିଂହୋମ୍‌ରେ ନର୍ସ ଭାବେ ପାଖାପାଖି ୪ ବର୍ଷ ହେବ କାର୍ଯ୍ୟ କରୁଥିଲେ। ମାସିକ ସେ ୪ ହଜାର ଟଙ୍କା ଦରମା ପାଉଥିଲେ। ଏଥିରେ ସେ କଷ୍ଟେମଷ୍ଟେ ନିଜ ପରିବାର ଚଳାଉଥିଲେ। ରାଜା କିନ୍ତୁ ବେକାର ଥିଲେ। ଉଭୟ ପରିବାର ସେମାନଙ୍କ ପ୍ରେମ ସମ୍ପର୍କ ବିଷୟରେ ଜାଣିଥିଲେ ଓ ବିବାହ ପାଇଁ ରାଜି ଥିଲେ। କିନ୍ତୁ ରାଜାଙ୍କର ଆବଶ୍ୟକ ଘର ନ ଥିଲା। ସେଥିପାଇଁ ବିବାହ ଅଟକି ରହିଥିଲା। ରାଜା ବେକାର ଥିବାରୁ ସେମାନଙ୍କ ଭବିଷ୍ୟତକୁ ନେଇ ନୀହାରିକା ଅସନ୍ତୁଷ୍ଟ ଥିଲେ। ସେ ଚାହୁଁଥିଲେ ରାଜା କୌଣସି ସ୍ଥାନରେ ଚାକିରି କରନ୍ତୁ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ଗତ ୮ ତାରିଖ ଅପରାହ୍ନ ପ୍ରାୟ ୪ଟାରେ ରାଜା ଏମ୍‌ଏମ୍ ନର୍ସିଂହୋମ୍ ନିକଟରେ ପହଞ୍ଚି ନୀହାରିକାଙ୍କୁ ଡାକି ନେଇଥିଲେ। ସେମାନେ ରାଜାଙ୍କ ସାଙ୍ଗ ବିରିଡ଼ି ଥାନା କେନ୍ଦାଳର ସୁନୀଲ ସାହୁ ରହୁଥିବା ଚାଉଳିଆଗଞ୍ଜସ୍ଥିତ ଭଡ଼ା ଘରକୁ ଯାଇଥିଲେ। ଉକ୍ତ ଦୁଇତଳ ବିଶିଷ୍ଟ ଘରେ ସୁନୀଲ ଓ ତାଙ୍କ ଭଉଣୀ ଭଡ଼ାରେ ରହୁଥିଲେ। ତେବେ ଘଟଣାଦିନ ସେମାନେ ଗାଁରେ ଥିଲେ। ରାଜା ସୁନୀଲଙ୍କଠାରୁ ଉକ୍ତ ଘର ଚାବି ଆଣିଥିଲେ। ନୀହାରିକାଙ୍କୁ ହତ୍ୟା ପରେ ନିକଟରେ ଥିବା ଏକ ଡାଲିଚାଉଳ ଦୋକାନକୁ ଯାଇ ୫ ଟଙ୍କା ବିନିମୟରେ ଏକ ଚୋକଡ ଅଖା କିଣିଥିଲେ। ମୃତଦେହ ଏହି ଅଖାରେ ଭର୍ତ୍ତି କରି ଏକ ପ୍ଲାଷ୍ଟିକ ରଶିରେ ବାନ୍ଧି ଦେଇଥିଲେ। ପରେ ବାଇକରେ ନେଇ ନୂଆବଜାର କେନାଲ ରାସ୍ତା ଦେଇ କିଛି ବାଟ ଗଲାପରେ ଗାଁ ପାଖ ଏକ ବୁରୁଜ ନିକଟରେ ନଦୀକୁ ଫିଙ୍ଗି ଦେଇଥିଲେ। ମୃତଦେହ ପାଖାପାଖି ୨ କିଲୋମିଟର ଭାସିଯାଇଥିଲା। ଗତ ୧୭ ତାରିଖରେ ନୂଆପାରୀ ନିକଟ ବିଲୁଆଖାଇ ନଦୀପଠାରୁ ମୃତଦେହ ଉଦ୍ଧାର ହୋଇଥିଲା।

# ଉଜ୍ଜ୍ୱଳ ଭବିଷ୍ୟତ ଆଶାରେ କଶ୍ମୀରବାସୀ:ଶେଖାୱତ

**ଭୁବନେଶ୍ୱର,୨୧ା୯(ବ୍ୟୁରୋ)**

ସମ୍ବିଧାନର ଅନୁଚ୍ଛେଦ ୩୭୦ ଓ ୩୫ (ଏ) ଯେଉଁଭଳି ଲାଗୁ କରାଯାଇଥିଲା ଠିକ୍ ସେହି ଢଙ୍ଗରେ ଏହାକୁ ଉଚ୍ଛେଦ କରାଯାଇଛି। ୩୭୦ ହଟାଯିବା ପରେ କଶ୍ମୀରବାସୀ ଏକ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଶାବାଦୀ। ତେବେ ଏହି ପଦକ୍ଷେପକୁ ନେଇ କଂଗ୍ରେସ ନେତାମାନେ କିପରି ଓ କ'ଣ ମନ୍ତବ୍ୟ ରଖିବେ ସେନେଇ ଦ୍ୱନ୍ଦ୍ୱରେ ଅଛନ୍ତି ବୋଲି କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ କହିଛନ୍ତି । ଶନିବାର ଏଠାରେ ଆୟୋଜିତ ରାଜ୍ୟ ଭାଜପା ରାଷ୍ଟ୍ରୀୟ ଏକତା ଜନଜାଗରଣ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି ଯେ ମୋଦି ସରକାର କଶ୍ମୀରର ବିକାଶ ଲାଗି ସଂକଳ୍ପ ନେଇ କାର୍ଯ୍ୟ କରୁଛନ୍ତି । ଏହାର ବିକାଶ ପାଇଁ ୫୦ ହଜାର ନୂଆ ରୋଜଗାର ସୃଷ୍ଟି କରିବା ଦିଗରେ କେନ୍ଦ୍ର ସରକାର ପଦକ୍ଷେପ ନେଇଛନ୍ତି । ପ୍ରତ୍ୟେକ ଗାଁରେ ରହୁଥିବା ଗରିବ ବ୍ୟକ୍ତିଙ୍କ ପାଖରେ କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନା କିପରି ପହଞ୍ଚିବ ସେ ଦିଗରେ କାର୍ଯ୍ୟ ଚାଲିଛି । ଖୁବ କମ ଦିନରେ କଶ୍ମୀରବାସୀଙ୍କ ଘରେ ଘରେ ଶୌଚାଳୟ, ଗ୍ୟାସ ସଂଯୋଗ, ବିଜୁଳି ସଂଯୋଗ, ସ୍ୱାସ୍ଥ୍ୟସେବା ଓ ରୋଜଗାର ପହଞ୍ଚିବ । କଶ୍ମୀରବାସୀଙ୍କ ମନରେ ବିଶ୍ୱାସ ସୃଷ୍ଟି କରିବା ୧୩୦ କୋଟି ଭାରତୀୟଙ୍କ ଦାୟିତ୍ୱ । ସେଥିପାଇଁ ସମଗ୍ର ଦେଶରେ ଏହି ଜନଜାଗରଣ କାର୍ଯ୍ୟକ୍ରମ କରାଯାଇ ଦେଶବାସୀଙ୍କୁ ସଚେତନ କରାଯାଉଛି ବୋଲି ସେ କହିଛନ୍ତି । ଧାରା ୩୭୦ ଯୋଗୁ କଶ୍ମୀରରେ ରାଇଟ ଟୁ ଏଜୁକେଶନ (ଆରଟିଇ) ଆଇନ ଲାଗୁ ହେଉ ନ ଥିଲା । କେନ୍ଦ୍ର ସରକାର ଅନ୍ୟ ରାଜ୍ୟର ଲୋକଙ୍କ ପାଇଁ ମୁଣ୍ଡପିଛା ୩୬୫୦ ଟଙ୍କା ଖର୍ଚ୍ଚ କରୁଥିବା ବେଳେ କେବଳ କଶ୍ମୀରବାସୀଙ୍କ ପାଇଁ ମୁଣ୍ଡପିଛା ୧୨,୬୫୦ ଟଙ୍କା ଖର୍ଚ୍ଚ ହେଉଥିଲା। ଯାହାର ହିସାବ ମାଗିବା ପାଇଁ କେନ୍ଦ୍ର ସରକାରଙ୍କର ଅଧିକାର ନ ଥିଲା । ମହିଳା ସୁରକ୍ଷା ଆଇନ, ବାଲ୍ୟ ବିବାହ ଆଇନ, ପୋକ୍‌ସୋ ଆକ୍ଟ ସାରା ଦେଶରେ ଲାଗୁ ହୋଇଥିବା ବେଳେ କଶ୍ମୀର ଏଥିରୁ ବଞ୍ଚିତ ଥିଲା । ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ କରିଥିବା ଐତିହାସିକ ଭୁଲକୁ ମୋଦି ସରକାର ସଂଶୋଧନ କରିଛନ୍ତି ବୋଲି ଶେଖାୱତ କହିଛନ୍ତି।

୩୭୦ ଧାରା ଉଚ୍ଛେଦ ପରେ ଭାରତର ଟୁକୁଡା ଟୁକୁଡା ଗ୍ୟାଙ୍ଗକୁ ସମର୍ଥନ କରୁଥିବା ଲୋକଙ୍କୁ ବହୁତ କଷ୍ଟ ହୋଇଛି । ଏମାନଙ୍କର ପୃଷ୍ଠପୋଷକତାମାନେ ବିଚଳିତ ହୋଇପଡିଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ କହିଛନ୍ତି । ଧାରା ୩୭୦ ଓ ୩୫(ଏ) ଉଚ୍ଛେଦ ପରେ ବିଚ୍ଛିନ୍ନତାବାଦରେ ଭରିଥିବା କଶ୍ମୀର ଏକତା ଓ ଭାଇଚାରାର ଉଦାହରଣ ପାଲଟିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଗୃହମନ୍ତ୍ରୀ ଅମିତ ଶାହ ଏହି ଧାରାକୁ ଉଚ୍ଛେଦ କରି ଏକ ସ୍ୱର୍ଣ୍ଣିମ ଇତିହାସ ରଚନା କରିଛନ୍ତି ବୋଲି ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡା କହିଛନ୍ତି । ମୋଦି ସରକାର କଶ୍ମୀରବାସୀଙ୍କ ସ୍ୱାର୍ଥ ପାଇଁ ଏହି ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ସରକାରଙ୍କ ଦୃଢ ନିଷ୍ପତ୍ତି ସାରା ବିଶ୍ୱରେ ପ୍ରଶଂସନୀୟ ହୋଇପାରିଛି ବୋଲି ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା କହିଛନ୍ତି । ବସୁଧୈବ କୁଟୁମ୍ବକମ୍ ଶବ୍ଦଟି କଶ୍ମୀରରୁ ଆସିଛି। କଶ୍ମୀରର ମୂଳଦୁଆ ହିନ୍ଦୁ ଓ ବୌଦ୍ଧ ଧର୍ମରେ ମଜଭୁତ । ଏଠି ଜାତି ଓ ଧର୍ମ ଭିତରେ ପ୍ରଭେଦ ନ ଥିଲା । ଧାରା ୩୭୦ ଓ ୩୫(ଏ) ଲଗାଇ ଲୋକମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରାଯାଇଥିଲା ବୋଲି ବରିଷ୍ଠ ଖବରଦାତା ରାଜରାମ ଶତପଥୀ କହିଥିଲେ । ରାଜ୍ୟ ଭାଜପା ଜନଜାଗରଣ କାର୍ଯ୍ୟକ୍ରମରେ କଶ୍ମୀରବାସୀଙ୍କ ମନରେ ବିଶ୍ୱାସ ସୃଷ୍ଟିକରିବା ଏବଂ ଏହି ଧାରା ହଟିବା ପରେ ଏହାର ଫାଇଦା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଦେଶର ୩୫ଟି ପ୍ରମୁଖ ସ୍ଥାନ ଏବଂ ୩୭୦ଟି ଅନ୍ୟସ୍ଥାନରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଉପସଭାପତି ସମୀର ମହାନ୍ତି, ସଂପାଦକ ଯତୀନ ମହାନ୍ତି, ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ରଙ୍କ ସମେତ ବହୁ ନେତା, ଯୁବଗୋଷ୍ଠୀ ବୁଦ୍ଧିଜୀବୀ ପ୍ରମୁଖ ଯୋଗ ଦେଇଥିଲେ ।


NANDANKANAN

**NANDANKANAN ZOOLOGICAL PARK**

**Tender Notice No.: 13 of 2019-20 Date: 20.09.2019**

No.: 69-MM: Deputy Director, Nandankanan Zoological Park invites sealed tender in prescribed form from interested individuals/ firms/entrepreneurs for providing Sanitation Service to Nandankanan Zoological Park.

The last date of submission of sealed tender : **5.00 P.M. of 10.10.2019.**

Opening of sealed tender **(Technical Bid) : 11.30 A.M. of 11.10.2019.**

Detailed terms and conditions along with the tender papers will be available in the website of Nandankanan Zoological Park **(www.nandankanan.org)** from **21.09.2019**. The downloaded tender papers must be accompanied with a Bank Draft of **Rs.5900/-** (inclusive of 18% GST) in favour of Deputy Director, Nandankanan Zoological Park payable at Bhubaneswar.

**Deputy Director**

08070/11/0002/1920 **Nandankanan Zoological Park**

# ସର୍ବବୃହତ୍ ଭୋଟର ଯାଞ୍ଚ ଅଭିଯାନରେ ସାମିଲ ହୁଅନ୍ତୁ

No.: 121-D: ୧୫ ଅକ୍ଟୋବର ୨୦୧୯ ସୁଦ୍ଧା ଭୋଟର ତାଲିକାରେ ନିଜର ତଥ୍ୟ ୧୦୦% ଠିକ୍ ଥିବା ନିଶ୍ଚିତ କରନ୍ତୁ। ଆସନ୍ତା ଦୁଇ ରବିବାର ତା୨୨ ଏବଂ ୨୯ ସେପ୍ଟେମ୍ବର ରିଖ ସ୍ୱତନ୍ତ୍ର ପ୍ରଚାର ଦିବସରେ ବୁଥ୍ ସ୍ତରୀୟ ଅଧିକାରୀ (BLO) ଆପଣଙ୍କ ମତଦାନ କେନ୍ଦ୍ରରେ ଉପସ୍ଥିତ ରହିବେ। BLOଙ୍କୁ ପ୍ରମାଣପତ୍ରର ନକଲ ଦେଇ ଆପଣଙ୍କ ତଥ୍ୟ ଠିକ୍ ଥିବା ସୁନିଶ୍ଚିତ କରନ୍ତୁ। ଅନ୍‌ଲାଇନ୍‌ରେ **www.nvsp.in/Voter Helpline App Download/** ଜନସେବା କେନ୍ଦ୍ର (CSC)ରେ/ଉପଜିଲ୍ଲାପାଳ/ତହସିଲ/ବ୍ଲକ କାର୍ଯ୍ୟାଳୟରେ ଥିବା ଭୋଟର ସହାୟତା କେନ୍ଦ୍ରରେ କିମ୍ବା Toll Free ନଂ. - 1950କୁ କଲ୍ କରି ଯାଞ୍ଚ କରିପାରିବେ।

12001/11/0019/1920 **ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା**

**OFFICE OF THE PANCHAYAT SAMITI, KORAPUT, DIST.- KORAPUT**

**No.: 2012** **Dated: 20.09.19**

**PUBLIC HEARING UNDER NSAP/MGNREGS/PMAY/BPGY**

Apropos to the above subject, the Block Level Public Hearing for the year 2018-19 which will be held on 25.09.2019 at Panchayat Samiti, Koraput. Hence all the Stake Holders related to the Public Hearing may kindly visit Official website of Koraput Dist.
**www.koraput.nic.in** & DRDA, Koraput website i.e.
**http://www.drdakoraput.org**

**Sd./- Block Development Officer, Koraput**

**GOVERNMENT OF ODISHA** **No.: 377-O**

**OFFICE OF THE EXECUTIVE ENGINEER RURAL WORKS DIVISION, DEOGARH**

**E-mail ID: eerw_deogarh@yahoo.co.in**

**E-Procurement Notice**

**BID IDENTIFICATION NO. EEDGH-Online-03/2019-20**

| | | | |
|---|---|---|---|
| 1 | Name of Work | : | Road Works (14 Nos.) |
| 2 | Estimated Cost | : | Rs.4.40 Lakhs to 57.35 Lakhs |
| 3 | Mode of Submission of Tender | : | Tender shall be submitted online in **www.tenders.ori.nic.in** |
| 4 | Availability of tender for Online bidding | : | 04.10.2019, 11.00 A.M. to 14.10.2019 upto 5.00 P.M. |
| 5 | Date and time of Opening of tender | : | 16.10.2019, 11.00 A.M. |
| 6 | Other details can be seen from the website | : | **www.tenders.ori.nic.in** |
| 7 | Corrigendum/Addendum if any shall only be published in the above website. | | |

**Sd./- Pradip Kumar Mohanty**

25087/11/0002/1920 **Executive Engineer, R.W. Division, Deogarh**

# ପୌର ପରିଷଦ କାର୍ଯ୍ୟାଳୟ, ସୁନାବେଡ଼ା

**ସଂଖ୍ୟା-୫୮୮୧** **ବିଜ୍ଞାପନ** **ତା୨୧.୯.୧୯**

ଏତଦ୍ୱାରା ସୁନାବେଡ଼ା ପୌର ପରିଷଦର ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମଳ ପରିଚାଳନା (FSSM-Faecal Sludge and Septage Management) ୨୦୧୮ ଅଧିନିୟମ ସୁନାବେଡା ପୌରପରିଷଦ ଦ୍ୱାରା ଅନୁମୋଦିତ ହୋଇ ରାଜ୍ୟ ସରକାରଙ୍କ ରାଜପତ୍ର (Odisha Gazette) ଗତ ତା୦୯.୦୮.୨୦୧୯ରିଖରେ ପ୍ରକାଶିତ ହୋଇଅଛି। ଏ ସମ୍ବନ୍ଧରେ ଯଦି କାହାର ଆପତ୍ତି ଅଭିଯୋଗ ଏବଂ ପରାମର୍ଶ ଥାଏ ତେବେ ଏହି ବିଜ୍ଞାପନର ଏକ ମାସ ଯଥା (ତା ୨୧.୦୯.୨୦୧୯ରିଖ ଠାରୁ ତା୨୦.୧୦.୨୦୧୯ରିଖ) ମଧ୍ୟରେ ସେମାନଙ୍କ ଆପତ୍ତି ଅଭିଯୋଗ ଏବଂ ପରାମର୍ଶ ଲିଖିତ ଭାବରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିପାରିବେ। ନିର୍ଦ୍ଧାରିତ ସମୟ ଅତିକ୍ରାନ୍ତ ପରେ କୌଣସି ଆପତ୍ତି ଅଭିଯୋଗ ଏବଂ ପରାମର୍ଶ ଗ୍ରହଣ କରାଯିବ ନାହିଁ।

**ସ୍ୱା./- ନିର୍ବାହୀ ଅଧିକାରୀ**
**ପୌରପରିଷଦ, ସୁନାବେଡ଼ା**

# ଦୁର୍ଗପତିଙ୍କ କାର୍ଯ୍ୟାଳୟ, ପଞ୍ଚମ ଭାରତ ସଂରକ୍ଷିତ ବାହିନୀ, ବୌଦ୍ଧ

**ବିଜ୍ଞାପନ**

**କନେଷ୍ଟବଳ: ୧୮୪ ନକୁଳ ମାଝି**
**ପିତା: ଶ୍ରୀ ବନ୍ଧୁ ମାଝୀ**
**ଗ୍ରାମ: ପାଗରପାନି**
**ପୋଷ୍ଟ: ଗୋଡ଼ଫୁର୍ଲା**
**ଥାନା: ଲାଖ୍ନା**
**ଜିଲ୍ଲା: ନୂଆପଡ଼ା**

No.: 123-D: ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି, ଆପଣ ତା୨୮।୦୫।୨୦୧୯ରିଖ ଅପରାହ୍ନଠାରୁ ଠାକୁରଗଡ଼, ଜିଲ୍ଲା- ଅନଗୁଳ ଡ୍ୟୁଟି ପୋଷ୍ଟରୁ ଉପରିସ୍ଥ ଅଧିକାରୀଙ୍କ ବିନା ଅନୁମତିରେ ଫେରାର ଅଛନ୍ତି। ଆପଣ କୌଣସି ଛୁଟି ନ ନେଇ ଉକ୍ତ ଦିନଠାରୁ ଆଜି ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି। ଆପଣଙ୍କୁ ବାରମ୍ବାର ତଲବ କରିବା ସତ୍ତ୍ୱେ ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି କି ଯେ, ଆପଣ ଉଦ୍ଦେଶ୍ୟମୂଳକ ଭାବେ ଜାଣିଶୁଣି ନିଜ କାର୍ଯ୍ୟରେ ଯୋଗଦାନ କରୁନାହାନ୍ତି। ଏଣୁ ଏତାଦୃଶ କାର୍ଯ୍ୟ ଯୋଗୁଁ ଆପଣଙ୍କୁ ଯେଉଁ କାର୍ଯ୍ୟ ନିମନ୍ତେ ପୁଲିସ ବିଭାଗରେ ନିଯୁକ୍ତି କରାଯାଇଥିଲା ତାହାର ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ।

ଏଣୁ ଉକ୍ତ ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି, ଏହି ସମ୍ବାଦ ପ୍ରକାଶନର ୦୭ଦିନ ମଧ୍ୟରେ ଯଦି ଆପଣ ନିଜ କାର୍ଯ୍ୟରେ ଯୋଗଦାନ ନ କରିବେ ତେବେ ଧରି ନିଆଯିବ ଯେ ଆପଣଙ୍କର ଏହି ବିଭାଗରେ ଚାକିରି କରିବାର କୌଣସି ଉଦ୍ଦେଶ୍ୟ ନାହିଁ ଏବଂ ଆପଣଙ୍କର ଉକ୍ତ ବିନା ଅନୁମତିରେ ଗରହାଜିର ନିମନ୍ତେ ଆପଣଙ୍କ ବିରୁଦ୍ଧରେ ଏକତରଫା ଭାବେ ବିହିତ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିମ୍ନ ସ୍ୱାକ୍ଷରକାରୀ ବାଧ୍ୟ ହେବେ।

**ସ୍ୱା./- (ଶ୍ରୀ ଲକ୍ଷ୍ମୀଧର ମହାରଣା)**
**ଦୁର୍ଗପତି**
12029/11/0022/1920 **(ପଞ୍ଚମ ଭାରତ ସଂରକ୍ଷିତ ବାହିନୀ, ବୌଦ୍ଧ)**

**NOTICE**

**No.: 8291** **Date: 21.09.19**

**OFFICE OF THE CHIEF DISTRICT MEDICAL OFFICER, BARGARH**

No further contractual engagements in the position of (Staff Nurse/ADDL. ANM shall be made against advertisement No. 11810, Dated 28.12.2018. Hence, advertisement in such position as above is hereby cancelled.

**Sd./- Chief District Medical & PHO-cum-DMD, NHM, Bargarh**

**OFFICE OF THE DIRECTOR OF HANDICRAFTS & COTTAGE INDUSTRIES, ODISHA**

**BARRACK NO. - 12-A, UNIT - V, BHUBANESWAR**
**Tele/Fax: 0674-2396745, E-mail ID: dhciori@gmail.com**

**TENDER NOTICE**

No.: 19-PP: Bids in sealed cover are invited under two-bid system from reputed and experienced Manpower Service Provider for providing services 01 each of IT Professional, Marketing Professional, Programme Co-ordinator, Cluster Manager and IT Programmer for Office of the Director of Handicrafts & Cottage Industries, Odisha, Bhubaneswar. The details of the bidding process are as follows.

Bidders are required to submit the Technical and Financial Bids separately. The bids in sealed Cover-I containing "Technical Bid" and sealed Cover-II containing "Financial Bid" should be placed in a third sealed cover superscribed "Bid for Outsourcing of Manpower Services" must reach the undersigned on or before 10.10.2019 by Speed Post/Registered Post/Courier only.

The bid documents containing eligibility criteria, scope of the work, terms and conditions of the tender and draft agreement can be obtained from Establishment Section. DH&CI on any working day between 11.00 A.M. to 4.00 P.M. on payment of Rs.100/- (Rupees one hundred) only in shape of Cash.

**Complete Address for Submission of Bid:**
**Director, Handicrafts & Cottage Industries, Odisha**
**Barrack No. - 12-A, Unit-V, Bhubaneswar - 751001**
**Phone No.: 0674-2396745**

**Sd./- Director, Handicrafts & Cottage Industries, Odisha**

43002/11/0008/1920

**ODISHA STATE CIVIL SUPPLIES CORPORATION LTD., OFFICE OF THE DISTRICT MANAGER, NAYAGARH**

**OFFICE QUOTATION / TENDER CALL NOTICE**

Sealed quotations/ tenders are invited from interested reputed Travel Agencies/ Tour Operators or private individuals for providing 01(one) No. AC/ non AC Diesel driven vehicles having sitting capacity not more than ten including driver, which shall conform to the Terms and Conditions (Annexure-II) for officials use in the Office of the CSO-cum-District Manager , OSCSC Ltd., Nayagarh on monthly rent basis.

1. The vehicle must be in Road Worthy Condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, Valid Contract Carriage Permit, proof of up to date tax payment etc. which are mandatory for plying vehicle.
2. The driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport vehicle.
3. The driver should be well behave, gentle and obedient in nature.
4. A sum of Rs. 5000/- shall be deposited by the intending bidders in shape of Bank Draft drawn in favor of the District Manager, OSCSC Ltd., Nayagarh and submitted along with the tender as security deposit. After completion of tender process, the amount will be refunded to unsuccessful bidders.
5. The monthly rate of hire charges be quoted separately in the general bid information (excluding fuel and lubricants).
6. The vehicle must achieve a fuel efficiency of Indica e V2-17 Kms. TATA SUMO/ Bolero- 10 Kms. per liter.
7. The details of the make and year of manufacture of the vehicle, registration no., mileage (Kms covered per liter) and name of the driver with Driving License No. and period of validity should be specifically provided in the general bid information to be furnished with the Quotation/ Tender (Annexure-III).
8. The Quotation completed in all respect should reach the undersigned on or before 30.09.2019 up to 03:00 PM and shall be opened on 01.10.2019 at 04:00 PM both Technical Bid and Price Bid in presence of the bidders or their authorized representatives.
9. The application form of Quotation/ Tender containing General Bid information & Terms and condition for Hiring of Vehicles etc. will be available in the Office of the C.S.O-cum-District Manager, OSCSC Ltd., Nayagarh on payment of Rs. 100/- from 23.09.2019 to 30.09.2019.

**Sd./- C.S.O-cum-District Manager, OSCSC Ltd., Nayagarh**

## ସଂକ୍ଷେପରେ

### ୧୧ ଡିଜିଟ୍ ହେବ ମୋବାଇଲ ନମ୍ବର

**ନୂଆଦିଲ୍ଲୀ,୨୧-୯:** ଟେଲିକମ୍ ଅଥରିଟି ଅଫ୍ ଇଣ୍ଡିଆ(ଟ୍ରାଇ) ଦେଶରେ ମୋବାଇଲ ନମ୍ବରକୁ ବର୍ତ୍ତମାନର ୧୦ ସ୍ଥାନରେ ୧୧ ଡିଜିଟ୍(ଅଙ୍କ) କରାଯିବା ନେଇ ପରାମର୍ଶ ଲୋଡ଼ିଛି। ଜନସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଟେଲିକମ୍ ସଂଯୋଗ ଚାହିଦା ବଢ଼ୁଥିବାରୁ ଏହାକୁ ଦୃଷ୍ଟିରେ ରଖି ବିକଳ୍ପ ଆପଣାଇବାକୁ ଟ୍ରାଇ ପ୍ରସ୍ତାବ ଦେଇଛି। ଏ ସମ୍ପର୍କରେ ଟ୍ରାଇ ଏକ ଡିସ୍କଶନ ବା ଆଲୋଚନା ପତ୍ର ଜାରି କରିଛି। 'ଏକୀକୃତ ଅଙ୍କ ଯୋଜନାର ବିକାଶ' ନାମରେ ଆଲୋଚନାପତ୍ର ଜାରି କରି କୁହାଯାଇଛି ଯେ, ୧୧ ଡିଜିଟ୍ ନମ୍ବର ଯୋଜନାକୁ ଉଭୟ ମୋବାଇଲ ଓ ଲ୍ୟାଣ୍ଡଲାଇନ୍ ଫୋନ କ୍ଷେତ୍ରରେ ଲାଗୁ କରାଯିବ। ଏହି ନୂଆ ଯୋଜନା ଲାଗୁ କରିବାର କାରଣ ମଧ୍ୟ ଏଥିରେ ଦର୍ଶାଯାଇଛି। ଏଥିରେ କୁହାଯାଇଛି ଯେ, ୨୦୫୦ ସୁଦ୍ଧା ୱାର୍‌ଲେସ୍ ଫୋନ ହାର ୨୦୦ ପ୍ରତିଶତ ବଢ଼ିଲେ ଅର୍ଥାତ୍ ଜଣଙ୍କ ନିକଟରେ ଦୁଇଟି ମୋବାଇଲ ଫୋନ ରହିଲେ ଦେଶରେ ସକ୍ରିୟ ମୋବାଇଲ ଫୋନ ସଂଖ୍ୟା ୩.୨୮ ବିଲିୟନରେ ପହଞ୍ଚିବ। ବର୍ତ୍ତମାନ ଦେଶରେ ୧.୨ ବିଲିୟନ ଫୋନ ସଂଯୋଗ ରହିଛି। ୨.୧ ବିଲିୟନ ମୋବାଇଲରେ ୭,୮ ଓ ୯ରୁ ଆରମ୍ଭ ହେଉଥିବା ୧୦ ଡିଜିଟର ନମ୍ବର ସଂଯୋଗ ଦେଇହେବ। ଏଣୁ ଆଗାମୀ ଦିନରେ ୧୧ ଡିଜିଟ୍ ନମ୍ବର ଦେବାର ଆବଶ୍ୟକତା ବଢ଼ିବ ବୋଲି ଡିସ୍କଶନ ପତ୍ରରେ ଦର୍ଶାଯାଇଛି। ସୂଚନାଥାଉ କି, ଭାରତରେ ଏଥିପୂର୍ବରୁ ୧୯୯୩ ଓ ୨୦୦୩ରେ ନମ୍ବରିଂ ପ୍ଲାନ୍ସର ସମୀକ୍ଷା ହୋଇଥିଲା।

### ବ୍ୟାଙ୍କ ଠକେଇ ମାମଲା
### ଇଣ୍ଟରପୋଲ ସହାୟତାରେ ସିଏମ୍‌ଡିଙ୍କୁ ଗିରଫ କଲା ଇଡି

**ନୂଆଦିଲ୍ଲୀ,୨୧-୯:** ବହୁ କୋଟି ଟଙ୍କାର ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଅହମ୍ମଦାବାଦ୍‌ସ୍ଥିତ ଏକ କମ୍ପାନୀର ସିଏମ୍‌ଡିଙ୍କୁ ଗିରଫ କରିଛି। ପିଏମ୍‌ଏଲ୍‌ଏ ଆଇନ ଅଧୀନରେ ସାଇ ଇନ୍‌ଫୋସିଷ୍ଟମ(ଇଣ୍ଡିଆ) ଲିମିଟେଡର ଚିଫ୍ ମ୍ୟାନେଜିଂ ଡାଇରେକ୍ଟର(ସିଏମ୍‌ଡି) ସୁନୀଲ ସୁରେନ୍ଦ୍ର କୁମାର କକ୍କଡଙ୍କୁ ଇଣ୍ଟରପୋଲ ଲିବେରିଆରେ ଅଟକ ରଖିଥିଲା। କକ୍କଡ ତାଙ୍କର ଅହମ୍ମଦାବାଦ୍‌ସ୍ଥିତ କମ୍ପାନୀ ସାଇ ଇନ୍‌ଫୋସିଷ୍ଟମ ଲିମିଟେଡ, ଆଟ୍ରିମ ଇନ୍‌ଫୋକମ୍ ପ୍ରାଇଭେଟ ଲିମିଟେଡ ଏବଂ କ୍ଲିକ୍ ଟେଲିକମ୍ ପ୍ରାଇଭେଟ ଲିମିଟେଡ ଜରିଆରେ ବିଭିନ୍ନ ବ୍ୟାଙ୍କରୁ ୮୬୭.୪୩ କୋଟି ଟଙ୍କା ଋଣ ନେଇଥିଲେ। ପରେ ସେ ଏହି ଟଙ୍କାକୁ ମନି ଲଣ୍ଡରିଂ ଜରିଆରେ ବିଦେଶ ପଠାଇଥିଲେ। କକ୍କଡ ନିଜର ୩ କମ୍ପାନୀକୁ ପବ୍ଲିକ୍ ଲିମିଟେଡ କମ୍ପାନୀ ଭାବେ ପ୍ରତିଷ୍ଠିତ କରି ଜାଲିଆତି ମାଧ୍ୟମରେ ବ୍ୟାଙ୍କରୁ ଋଣ ହାସଲ କରିଥିଲେ ବୋଲି ଇଡି ଅଭିଯୋଗ କରିଛି।

### ବିତ୍ତୀୟ ନିଅଣ୍ଟ ଭରଣାର ବାଟ ବତାଇଲା ନୀତି ଆୟୋଗ

**ମୁମ୍ବାଇ,୨୧-୯:** ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶୁକ୍ରବାର କର୍ପୋରେଟ ଟିକସ ହ୍ରାସ ଘୋଷଣା କରିଛନ୍ତି। ଏହାଦ୍ୱାରା ସରକାର ରାଜସ୍ୱ ବାବଦରେ ୧.୪୫ ଲକ୍ଷ କୋଟି ଟଙ୍କା ହରାଇବେ ବୋଲି ଅନୁମାନ କରାଯାଉଛି। ଏହାର ଭରଣା କିପରି ହେବ, ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର ଶନିବାର ଏ ସମ୍ପର୍କରେ ଉପାୟ କହିଛନ୍ତି। ଏକ ଇଲେକ୍ଟ୍ରୋନିକ ମିଡିଆ ଇଭେଣ୍ଟରେ ଯୋଗଦେଇ କୁମାର କହିଛନ୍ତି ଯେ, ସ୍ୱଳ୍ପ ମାତ୍ରାରେ ନିଅଣ୍ଟ ପରିମାଣ ବଢ଼ିବ। ସେ କହିଛନ୍ତି ଯେ, ଚଳିତ ଆର୍ଥିକ ବର୍ଷ ଲାଗି ବିତ୍ତୀୟ ନିଅଣ୍ଟ ପରିମାଣକୁ ୩.୩% ମଧ୍ୟରେ ରଖିବା ଲାଗି ସରକାର ବଜେଟରେ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ତେବେ ଏହା ୪.୧%କୁ ବୃଦ୍ଧି ପାଇବ ବୋଲି ବହୁ ଅର୍ଥନୈତିକ ବିଶେଷଜ୍ଞ ମତପ୍ରକାଶ କରିଛନ୍ତି। କାରଣ ସରକାର ଜିଡିପିର ୦.୭ ପ୍ରତିଶତ ପର୍ଯ୍ୟନ୍ତ କର୍ପୋରେଟ ଟିକସ ଛାଡ଼ ଘୋଷଣା କରିଛନ୍ତି। ତେବେ ବିତ୍ତୀୟ ନିଅଣ୍ଟକୁ ନେଇ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଓ ଅର୍ଥ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଗଣ ଶୁକ୍ରବାର ଖବରଦାତା ସମ୍ମିଳନୀରେ କୌଣସି ପ୍ରଶ୍ନର ଉତ୍ତର ଦେଇ ନ ଥିଲେ। କୁମାର କହିଛନ୍ତି ଯେ, ସରକାର ଦୁଇ ପ୍ରକାର ସ୍ରୋତରୁ କ୍ଷତିକୁ ଭରଣା କରିପାରିବେ। ପ୍ରଥମତଃ କର୍ପୋରେଟ ଟିକସ ହ୍ରାସ ଦ୍ୱାରା କମ୍ପାନୀଙ୍କ କାରବାର ବଢ଼ିବା ସହିତ ସେମାନଙ୍କର ରାଜସ୍ୱ ବଢ଼ିବ। ଫଳରେ ସରକାର ପରୋକ୍ଷରେ ଅଧିକ ଟିକସ ପାଇବେ। ସେହିପରି ଅଣ-ଟିକସ ରାଜସ୍ୱ ବୃଦ୍ଧି କରିବା ସରକାରଙ୍କ ନିକଟରେ ଦ୍ୱିତୀୟ ବାଟ ରହିଛି। ସେ କହିଛନ୍ତି ଯେ,୨୪ ରାଷ୍ଟ୍ରାୟତ୍ତ କମ୍ପାନୀଙ୍କଠାରୁ ପୁଞ୍ଜି ପ୍ରତ୍ୟାହାର କରାଯିବ। ଏଥିପାଇଁ କ୍ୟାବିନେଟ ମଞ୍ଜୁରୀ ମିଳିସାରିଛି। ପୁଞ୍ଜି ପ୍ରତ୍ୟାହାରରୁ ଚଳିତବର୍ଷ ୧.୦୫ ଲକ୍ଷ କୋଟି ଟଙ୍କା ଆଦାୟ କରିବାକୁ ବଜେଟରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହାବ୍ୟତୀତ ରିଜର୍ଭ ବ୍ୟାଙ୍କଠାରୁ ଚଳିତବର୍ଷ ଅତିରିକ୍ତ ଲାଭାଂଶ ମିଳିଛି। ଏହାବ୍ୟତୀତ ପାୱାର ଟ୍ରାନ୍ସମିଶନ ଲାଇନ, ଷ୍ଟାଡିୟମ,ରେଲୱେ ଷ୍ଟାଡିୟମ, ରୋଡ୍ ଇନ୍ ଭଳି ସମ୍ପତ୍ତି ଲିଜ୍ ଅଥବା ଭଡ଼ା ସୂତ୍ରରେ ଦେଇ ସରକାର ନିଜର ଆୟ ବଢ଼ାଇବେ ବୋଲି କୁମାର କହିଛନ୍ତି।

" ଦେଶକୁ ୫ ଟ୍ରିଲିୟନ ଡଲାର ଅର୍ଥନୀତି ଭାବେ ଗଢି ତୋଳିବାକୁ ବ୍ୟାଙ୍କଗୁଡିକର ଋଣ ପ୍ରଦାନ ହାର ନିଶ୍ଚିତ ପକ୍ଷେ ୧୨% ହାରରେ ବଢିବା ଆବଶ୍ୟକ।
– ଦିନେଶ କୁମାର ଖାରା, ଏମ୍‌ଡି, ଏସ୍‌ବିଆଇ



" ଅର୍ଥନୈତିକ ଅଭିବୃଦ୍ଧି ୫%କୁ ଖସିବା ନେଇ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ। ଆଗାମୀ ତ୍ରୈମାସଗୁଡିକରେ ଅଭିବୃଦ୍ଧି ୭% ଛୁଇଁବା ନେଇ ଆଶାବାଦୀ।
– ବିବେଶ ଦେବରୟ, ଅଧ୍ୟକ୍ଷ, ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ



# ବାଣିଜ୍ୟ ଚୁକ୍ତି କରିପାରନ୍ତି ଟ୍ରମ୍ପ-ମୋଦି

ୱାଶିଂଟନ/ନୂଆଦିଲ୍ଲୀ,୨୧-୯

ଆମେରିକାର ହ୍ୟୁଷ୍ଟନରେ 'ହାଓଡି ମୋଦି' କାର୍ଯ୍ୟକ୍ରମ ପରେ ଜାତିସଂଘ ସାଧାରଣ ପରିଷଦ ବୈଠକ ବେଳେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ଏକ ସୀମିତ ବାଣିଜ୍ୟ ଚୁକ୍ତି ହୋଇପାରେ। ଦୁଇ ଦେଶ ମଧ୍ୟରେ ଏନେଇ ଆଲୋଚନା ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।

ଆମେରିକା ନିର୍ବାଚନ ପୂର୍ବରୁ ଚାଇନା ସହ ବାଣିଜ୍ୟ ଚୁକ୍ତି ପାଇଁ ଟ୍ରମ୍ପ ଆଗ୍ରହ ପ୍ରକାଶ କରିଥିଲେ। ଏଥିନେଇ ଦୁଇ ଦେଶ ମଧ୍ୟରେ ଆଲୋଚନା ଆରମ୍ଭ ହୋଇଥିଲା। ଇତିମଧ୍ୟରେ ଦୁଇ ଦେଶ ମଧ୍ୟରେ ଦୀର୍ଘ ଦିନ ହେବ ବାଣିଜ୍ୟ ଯୁଦ୍ଧ ଆରମ୍ଭ ହୋଇଯାଇଛି। ପ୍ରାପ୍ତ ସୂଚନାନୁଯାୟୀ, ଆସନ୍ତା ସପ୍ତାହରେ ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କ ସହ ଟ୍ରମ୍ପ ଏଭଳି ଏକ ବାଣିଜ୍ୟ ଚୁକ୍ତି କରିବାକୁ ଯାଉଛନ୍ତି। ଫଳରେ ଜାପାନୀ ଉତ୍ପାଦ ଉପରେ ଆମେରିକା ଶୁଳ୍କ ହ୍ରାସ କରିବ। ଅଧିକାରୀଙ୍କ କହିବାନୁଯାୟୀ, ଭାରତ ସହିତ ସୀମିତ ବାଣିଜ୍ୟ ଚୁକ୍ତି ହେବା ପରେ ଆମେରିକାର କେତେକ ଉତ୍ପାଦ ଉପରେ ଭାରତ ଶୁଳ୍କ ହ୍ରାସ କରିବ। ସେହିପରି କେତେକ ଭାରତୀୟ ଉତ୍ପାଦ ଉପରେ ଆମେରିକା ଜେନେରାଲାଇଜ୍‌ଡ ସିଷ୍ଟମ ଅଫ୍ ପ୍ରିଫରେନ୍ସେସ୍(ଜିଏସ୍‌ପି)କୁ ପୁନର୍ବାର ଲାଗୁ କରିବ। ସୂଚନାଥାଉ କି, ହାର୍ଲେ ଡାଭିଡସନ ବାଇକ୍ ଉପରେ ଭାରତ ଅଧିକ ଟାରିଫ୍ ଆଦାୟ କରୁଛି ବୋଲି ଟ୍ରମ୍ପ ଅଭିଯୋଗ କରି ଏହାକୁ ୫୦%କୁ ହ୍ରାସ କରିବା ଲାଗି ସେ ଦାବି କରୁଛନ୍ତି। ସେହିଭଳି ଭାରତ ପକ୍ଷରୁ ଜାରି କରାଯାଇଥିବା ନୂଆ ଇ-କମର୍ସ ନିୟମକୁ ନେଇ ମଧ୍ୟ ଭାରତ ସହ ଆମେରିକାର ମତବିରୋଧ ରହିଛି। ଆମାଜନ, ୱାଲମାର୍ଟ ଭଳି କମ୍ପାନୀଙ୍କ ସ୍ୱାର୍ଥକୁ ଭାରତୀୟ ଇ-କମର୍ସ ନିୟମ ବିରୁଦ୍ଧାଚରଣ କରୁଛି ବୋଲି ଟ୍ରମ୍ପ ଅଭିଯୋଗ କରିଛନ୍ତି। ସୂଚନାଥାଉ କି, ନିକଟରେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍.ଜୟଶଙ୍କର କହିଥିଲେ ଯେ, ବାଣିଜ୍ୟ ବିବାଦର ସମାଧାନ ନେଇ ଆମେରିକା ସହ ଆଲୋଚନା ଚାଲିଛି। କେତେକ ବିବାଦ ଏପରି ରହିଛି ଯାହାର ସମାଧାନ ନିକଟରେ ହୋଇପାରିବ ବୋଲି ତାଙ୍କର ଆଶା ଥିବା ଜୟଶଙ୍କର କହିଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ରାଷ୍ଟ୍ରପତି ଟ୍ରମ୍ପ ଭାରତଠାରୁ ଆମେରିକାର ଶୀର୍ଷ କମ୍ପାନୀଙ୍କ ଲାଗି ଏକ ଉନ୍ନତ ବାଣିଜ୍ୟ ସର୍ତ୍ତ ଚାହୁଁଛନ୍ତି। ଭାରତ ସହ ପୂର୍ବର ଚୁକ୍ତି ଯୋଗୁ ଆମେରିକାର ବିନିର୍ମାଣ କ୍ଷେତ୍ରରେ ଲକ୍ଷ ଲକ୍ଷ ନିଯୁକ୍ତି ଚାଲିଯାଇଛି ବୋଲି ସେ ଅଭିଯୋଗ କରିଥିଲେ। ସୂଚନାଥାଉ କି, ଗତବର୍ଷ ଆମେରିକା ସହିତ ଭାରତର ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ମାତ୍ର ୧୪୨ ବିଲିୟନ ଡଲାର ଥିଲା, ଯାହା କି ଏହାର ଚାଇନା ସହ ୭୩୭ ବିଲିୟନ ଡଲାରର ଏକ ଛୋଟ ଅଂଶବିଶେଷ ରହିଛି।

### ହାଓଡି ମୋଦି ପରେ
- ଚୁକ୍ତି ଅନୁଯାୟୀ ଦୁଇ ଦେଶ ଶୁଳ୍କ ହ୍ରାସ କରିବେ
- ହାର୍ଲେ ଡାଭିଡସନ ଶୁଳ୍କ ୫୦% ପାଇଁ ଟ୍ରମ୍ପଙ୍କ ଦାବି
- ଦୁଇ ଦେଶ ମଧ୍ୟରେ ଆଲୋଚନା ଶେଷ ପର୍ଯ୍ୟାୟରେ





# ୧୯ ଶାଖା ଖୋଲିଲା ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ

ଭୁବନେଶ୍ୱର, ୨୧-୯ (ବ୍ୟୁରୋ)

ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ (ୟୁଏସ୍‌ଏଫ୍‌ବି) ଓଡ଼ିଶାରେ ଏହାର ଉପସ୍ଥିତି ଜାହିର ଲାଗି ବିଭିନ୍ନ ଯୋଜନା ଗ୍ରହଣ କରୁଛି। ଏହି କାର୍ଯ୍ୟକ୍ରମ ମୁତାବକ ବ୍ୟାଙ୍କ ପକ୍ଷରୁ ରାଜ୍ୟରେ ୧୯ ଶାଖା ଖୋଲାଯାଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତ ସହ ଭୁବନେଶ୍ୱରରେ ବ୍ୟାଙ୍କର ନୂଆ ଶାଖା ନୟାପଲ୍ଲୀଠାରେ ଶୁଭାରମ୍ଭ ହୋଇଥିବା ଏହାର ଏମ୍‌ଡି ତଥା ସିଇଓ ଗୋବିନ୍ଦ ସିଂ ଶନିବାର ସୂଚନା ଦେଇଛନ୍ତି।

ସ୍ଥାନୀୟ ଏକ ହୋଟେଲରେ ଖବରଦାତା କାର୍ଯ୍ୟକ୍ରମରେ ସେ କହିଛନ୍ତି ଯେ, ରାଜ୍ୟରେ ସମ୍ପ୍ରସାରଣ ନେଇ କାମ କରୁଛୁ। ଆଗାମୀ ୬ ମାସ ମଧ୍ୟରେ ଆଉ ୩୦ ନୂଆ ଶାଖା ଖୋଲିବା ଲାଗି ଯୋଜନା ରଖାଯାଇଛି। ରାଜ୍ୟରେ ବ୍ୟାଙ୍କ ଅଧିକରୁ ଅଧିକ ଗ୍ରାହକଙ୍କୁ ସେବା ଯୋଗାଣ ନେଇ ଲକ୍ଷ୍ୟ ରଖିଛି। ଏହି ପଦକ୍ଷେପ ଅନ୍ତର୍ଗତ ଆଗାମୀ ୬ ମାସରେ ୧୦ ହଜାର ଗ୍ରାହକଙ୍କୁ ବ୍ୟାଙ୍କ ସହ ଯୋଡିବା ନେଇ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହାବାଦ କାରବାରକୁ ୨୦୦ କୋଟି ଟଙ୍କାରେ ପହଞ୍ଚାଇବା ଲକ୍ଷ୍ୟ ରହିଥିବା ସିଂ ପ୍ରକାଶ କରିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ, ସଞ୍ଚୟ ଖାତା ଉପରେ ୭% ସୁଧହାର ପ୍ରଦାନ କରାଯାଉଛି। ବରିଷ୍ଠ ନାଗରିକଙ୍କ କ୍ଷେତ୍ରରେ ଏହା ୯.୫%। ରିଟେଲ ଋଣ ଏବଂ ଜମାକୁ ବଢାଇବା ଦିଗରେ ପଦକ୍ଷେପ ନିଆଯାଉଛି। ସେହିଭଳି ଏମ୍‌ଏସ୍‌ଏମ୍‌ଇ ଏବଂ ମାଇକ୍ରୋଫାଇନାନ୍ସ କ୍ଷେତ୍ରକୁ ଫୋକସ୍ ଦିଆଯାଉଛି। ଗ୍ରାହକଙ୍କୁ ଋଣ ଯୋଗାଣ କ୍ଷେତ୍ରରେ ବିଭିନ୍ନ ସୁବିଧା ସୁଯୋଗ ପ୍ରଦାନ କରାଯାଉଥିବା ସେ ପ୍ରକାଶ କରିଛନ୍ତି।




# ଟୟୋଟା ୟାରିସ୍, ଗ୍ଲାଞ୍ଜାର ଗ୍ରାଣ୍ଡ ପ୍ରିମିୟର

ଭୁବନେଶ୍ୱର, ୨୧-୯ (ବ୍ୟୁରୋ)

ଟୟୋଟା କିର୍ଲୋସ୍କାର ମୋଟର୍ସ ଲିମିଟେଡର ଅଧିକୃତ ବିକ୍ରେତା ଏସ୍ପିରିଟ ଟୟୋଟା ଶୋ'ରୁମ ପକ୍ଷରୁ ନୂଆ ୟାରିସ ଏବଂ ଗ୍ଲାଞ୍ଜା ମଡେଲର ଗ୍ରାଣ୍ଡ ପ୍ରିମିୟର କାର୍ଯ୍ୟକ୍ରମ ସ୍ଥାନୀୟ ଏସ୍ପ୍ଲାନେଡ ୱାନ ମଲ୍‌ଠାରେ ଶନିବାର ଆରମ୍ଭ ହୋଇଛି। ନୂଆ ମଡେଲଗୁଡିକୁ ଗ୍ରାହକଙ୍କ ଲାଗି ୨ ଦିନ ଲାଗି ପ୍ରଦର୍ଶନ କରାଯାଉଛି। ଏହି ଦୁଇ ଯାନ ସମ୍ପର୍କରେ ଗ୍ରାହକଙ୍କୁ ଜଣାଇବା ଲାଗି ଏଭଳି ଏକ କାର୍ଯ୍ୟକ୍ରମ ଶୋ'ରୁମ ପକ୍ଷରୁ ହାତକୁ ନିଆଯାଇଛି। ଏଠାରେ ଶୋ'ରୁମ ପକ୍ଷରୁ ଗ୍ରାହକଙ୍କ ଲାଗି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଯାନ ସମ୍ପର୍କରେ ସୂଚନା ପ୍ରଦାନ ତଥା ଅନ୍ୟାନ୍ୟ ବାଣିଜ୍ୟିକ ଇନକ୍ୱାରି ନେବା ଲାଗି ଅଭିଜ୍ଞ ଟିମ୍ ଏଠାରେ ରହିଛନ୍ତି। କମ୍ପାନୀର ୟାରିସ୍ ମଡେଲର ବଜାର ଦର ୮.୬୫ ଲକ୍ଷ ଟଙ୍କା ଥିବା ବେଳେ ଗ୍ଲାଞ୍ଜାର ମୂଲ୍ୟ ୭.୨୮ ଲକ୍ଷ ଟଙ୍କା ରହିଛି। ୟାରିସ ମଡେଲ୍ ଡୁଆଲ ଟୋନ ପଏଣ୍ଟ ସ୍କିମ ସହ ଆସୁଛି। ଗ୍ରାହକମାନେ ଏଥିରେ ୩ ଅତିରିକ୍ତ ଟ୍ରିମ୍ ଲାଭ କରିପାରିବେ। ୧.୫ ଲିଟରର ପେଟ୍ରୋଲ ଇଞ୍ଜିନ ବିକଳ୍ପରେ ଆସିଥିବା ଏହି ଯାନରେ କମ୍ପାନୀ ୩ ବର୍ଷର ୱାରେଣ୍ଟି ପ୍ରଦାନ କରୁଛି। ଏହାବାଦ ୧.୨ ଲିଟରର ପେଟ୍ରୋଲ ଇଞ୍ଜିନ, ୨ ଭାରିଆଣ୍ଟ ସହ ନୂଆ ଗ୍ଲାଞ୍ଜାରେ ଗ୍ରାହକମାନେ ମାନୁଆଲ ଏବଂ ସିଭିଟି ଟ୍ରାନ୍ସମିଶନ ବିକଳ୍ପ ପାଇବେ। ଏଥିରେ ଟଚ୍ ସ୍କ୍ରିନ ଅଡିଓ, ଆଣ୍ଡ୍ରଏଡ ଅଟୋ ଆପଲ କାର ପ୍ଲେ ଆପ୍ କମ୍ପାନୀ ସ୍ଥାନିତ କରିଛି। ୩ ବର୍ଷର ୱାରେଣ୍ଟି ସହ ଏହା ଆସୁଥିବା ବେଳେ ଏହାକୁ ୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇ ପାରିବ। କାର୍ଯ୍ୟକ୍ରମ ଅବସରରେ ଏସ୍ପିରିଟ ଟୟୋଟାର ସେଲ୍‌ସ ବିଭାଗ ଜେନେରାଲ ମ୍ୟାନେଜର ସତୀର୍ଥ ନାୟକ, ସେଲ୍‌ସ ମ୍ୟାନେଜର ସରୋଜ କୁମାର, ମାର୍କେଟିଂ ମ୍ୟାନେଜର ହରିଚରଣ ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ।

# ୟେସ୍ ବ୍ୟାଙ୍କର ଶେୟାର ବିକିଲେ ରାଣା କପୁର

ନୂଆଦିଲ୍ଲୀ,୨୧-୯

ୟେସ୍ ବ୍ୟାଙ୍କର ପ୍ରମୋଟର ଗ୍ରୁପ୍ କମ୍ପାନୀ ଏବଂ ଏହାର ସହ ପ୍ରତିଷ୍ଠାତା ରାଣା କପୁର ବ୍ୟାଙ୍କର ମୋଟ୍ ୨.୭୫% ଅଂଶଧନ ବିକ୍ରି କରିଦେଇଛନ୍ତି। ଖୋଲା ବଜାରରେ ଏହାକୁ ବିକ୍ରି କରାଯାଇଛି। ମୋର୍ଗାନ କ୍ରେଡିଟ୍ସ ଶନିବାର ଏ ସମ୍ପର୍କରେ ଶେୟାର ବଜାରକୁ ଜଣାଇଛି। ଏଥିରେ ଦର୍ଶାଯାଇଛି ଯେ, ୟେସ୍ କ୍ୟାପିଟାଲ(ଇଣ୍ଡିଆ) ପ୍ରାଇଭେଟ ଲିମିଟେଡ, ମୋର୍ଗାନ କ୍ରେଡିଟ୍ସ ପ୍ରାଇଭେଟ ଲିମିଟେଡ ଓ ରାଣା କପୁରଙ୍କ ପକ୍ଷରୁ ବ୍ୟାଙ୍କର ଶେୟାର ବିକ୍ରି କରାଯାଇଛି। ପ୍ରମୋଟର ୟୁନିଟ୍ସଙ୍କ ନିକଟରେ ୟେସ୍ ବ୍ୟାଙ୍କର ୯.୬୪% ଅଂଶଧନ ରହିଥିଲା, ଯାହା ଏବେ ୬.୮୯ ପ୍ରତିଶତକୁ ଖସିଆସିଛି। ତେବେ କେତେ ମୂଲ୍ୟରେ ଏହି ଅଂଶଧନକୁ ବିକ୍ରି କରାଯାଇଛି ସେ ସମ୍ପର୍କରେ ବଜାରକୁ ସ୍ପଷ୍ଟ କିଛି କୁହାଯାଇ ନାହିଁ। ନିୟାମକୀୟ ସୂଚନାରେ କୁହାଯାଇଛି ଯେ, ଚଳିତ ମାସ ୧୮ରୁ ୨୦ମଧ୍ୟରେ ଶେୟାର ବିକ୍ରି କରାଯାଇଛି।



# ନୂଆ ଟେକ୍ନୋଲୋଜିର ଫ୍ରିଜ୍ ଆଣିବ ଭୋଲ୍‌ଟାସ୍

ଭୁବନେଶ୍ୱର, ୨୧-୯ (ବ୍ୟୁରୋ)

ଟାଟା ଗ୍ରୁପ କମ୍ପାନୀର ଫାର୍ମ ଭୋଲଟାସ ବେକୋ ପକ୍ଷରୁ ନୂଆ ଟେକ୍ନୋଲୋଜିଯୁକ୍ତ ଫ୍ରିଜ୍ ଡିସେମ୍ବରରେ ବଜାରକୁ ଆସିବ। ତୁର୍କୀ କମ୍ପାନୀ ଆର୍ସେଲିକ ସହ ମିଳିତ ହୋଇ କମ୍ପାନୀ ଏ ଦିଗରେ କାର୍ଯ୍ୟ କରୁଛି। ଏହାଦ୍ୱାରା ସଦ୍ୟତମ ପ୍ରତ୍ୟକ୍ଷ କୁଲିଂ ରେଫ୍ରିଜରେଟର ସହ ବଜାରରେ କମ୍ପାନୀ ଏହାର ସ୍ଥିତି ଦୃଢ କରିବାକୁ ଲକ୍ଷ୍ୟ ରଖିଛି। ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଡିଲରମିଟ ଅବସରରେ କମ୍ପାନୀର ପୂର୍ବାଞ୍ଚଳ ବାଣିଜ୍ୟ ମୁଖ୍ୟ ସବ୍ୟସାଚୀ ଗୁପ୍ତା କହିଛନ୍ତି ଯେ, ଡାଇରେକ୍ଟ କୁଲ ପ୍ରଡକ୍ଟର ଏକ ବଡ ବଜାର ଦେଶରେ ଥିବା ବେଳେ ଏହି କ୍ଷେତ୍ରରେ ଭଲ କାରବାର ନେଇ ଆଶା ରହିଛି। ଏହି ପ୍ରଡକ୍ଟ ଗ୍ରାହକଙ୍କୁ ଆକର୍ଷଣୀୟ ମୂଲ୍ୟରେ ଯୋଗାଇ ଦିଆଯିବ। ଉକ୍ତ ବର୍ଗରେ ଏକ ଉନ୍ନତ ବଜାର ଅଂଶ ହାସଲ ନେଇ ଲକ୍ଷ୍ୟ ରହିଛି।

ସେ କହିଛନ୍ତି ଯେ, ପାର୍ବଣ ଉପଲକ୍ଷେ ଗ୍ରାହକଙ୍କୁ ନୂଆ ଅଫର ପ୍ରଦାନ କରାଯିବ। ଆକର୍ଷଣୀୟ ୱାରେଣ୍ଟି, ଇଏମ୍‌ଆଇ ଏବଂ କ୍ୟାଶବ୍ୟାକ ସୁବିଧା ପ୍ରଦାନ କରିବାକୁ ଯୋଜନା ରହିଛି। କାର୍ଯ୍ୟକ୍ରମରେ ଭୋଲଟାସ ଲିମିଟେଡର ଶାଖା ପ୍ରବନ୍ଧକ ମାନସ କୁମାର ମଲ୍ଲିକ, ବିତରକ ପପୁ ହଂସ ଏବଂ ରାକେଶ ନାରଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।

# କେବଳ ବାଣିଜ୍ୟ ନୁହେଁ; ଗ୍ରାହକ ସମ୍ପର୍କକୁ ଦେଉ ପ୍ରାଥମିକତା

**ଗ୍ରାହକଙ୍କ ରୁଚିରେ ଏବେ ପରିବର୍ତ୍ତନ ଆସିଛି। ସେମାନେ ଏବେ ଗୁଣବତ୍ତା, ପ୍ରଡକ୍ଟ ସଲ୍ୟୁଶନ ଉପରେ ବିଶ୍ୱାସ କରୁଛନ୍ତି। ଇଲେକ୍‌ଟ୍ରୋନିକ୍ସ ପ୍ରଡକ୍ଟ ଯୋଗାଣ କ୍ଷେତ୍ରରେ ରାଜ୍ୟର ଏକ ଲୋକପ୍ରିୟ ବ୍ରାଣ୍ଡ ଭାବେ ପାତ୍ର ଇଲେକଟ୍ରୋନିକ୍ସ କାର୍ଯ୍ୟ କରୁଛି। ଏହାର ପ୍ରତିଷ୍ଠା ସହ ସଫଳ ପରିଚାଳନାର ସମସ୍ତ ଶ୍ରେୟ କୈଳାଶ ପାତ୍ରଙ୍କୁ ଯାଏ। ଗ୍ରାହକଙ୍କୁ ବ୍ରାଣ୍ଡ ସହ ଦୀର୍ଘ ସମୟ ଧରି ବାନ୍ଧି ରଖିବାରେ ପାତ୍ର ଇଲେକ୍‌ଟ୍ରୋନିକ୍ସ ଏକ ପ୍ରମୁଖ ସ୍ଥାନରେ ରହିଛି। ଶୋ'ରୁମ ପକ୍ଷରୁ ପ୍ରଦାନ କରାଯାଉଥିବା ସେବା, ପାର୍ବଣ ବଜାର ଏବଂ ଗ୍ରାହକଙ୍କ ଅଭିରୁଚି ପ୍ରସଙ୍ଗରେ ଶ୍ରୀ ପାତ୍ର ଧରିତ୍ରୀକୁ ଦେଇଥିବା ସାକ୍ଷାତ୍‌କାର...**

**ପାତ୍ର ଇଲେକ୍‌ଟ୍ରୋନିକ୍ସ କାହିଁକି ସ୍ୱତନ୍ତ୍ର?**
କେବଳ ବାଣିଜ୍ୟରେ ଆମେ ସୀମିତ ହୋଇ ରହିନାହୁଁ। ଲୋକଙ୍କୁ ସଲ୍ୟୁଶନ ପ୍ରଦାନ ଦିଗରେ କାର୍ଯ୍ୟ କରୁଛୁ। ଆମେ 'କ୍ରିଏଟିଂ ରିଲେଶନଶିପ ବିଅଣ୍ଡ ବିଜ୍‌ନେସ୍ 'ମନ୍ତ୍ର ସହ ଅଗ୍ରସର। କେବଳ ବାଣିଜ୍ୟ ନୁହେଁ ଗ୍ରାହକଙ୍କ ସହ ରହିଥିବା ଆମର ସମ୍ପର୍କକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଛୁ। ଶୋ'ରୁମ ଅଫର, ବିଭିନ୍ନ କମ୍ପାନୀ ସହ ସହଯୋଗିତା ଦ୍ୱାରା ଗ୍ରାହକଙ୍କୁ ସେବା ଯୋଗାଣ ଏବଂ ୫୦ ମାନୁଫାକ୍ଟରିଂ କମ୍ପାନୀର ପ୍ରଡକ୍ଟ ପ୍ରଦାନ କରୁଛୁ। ଫର୍ନିଚର ବର୍ଗରେ ଗୋଦ୍‌ରେଜ ଇଣ୍ଟେରିଓ,ସ୍ୱେଶଉଡ, ଜୁଆରି, ଫର୍ନିଚର କ୍ରାଫ୍ଟ, ଅର୍ବାନ ଲିଭିଂ ଭଳି ବ୍ରାଣ୍ଡ ଆମ ସହ ଯୋଡି ହୋଇଛନ୍ତି।

**ଉନ୍ନତ ସେବାକୁ ଗ୍ରାହକ ଗୁରୁତ୍ୱ ଦେଇଥାନ୍ତି। ଏହି ପ୍ରସଙ୍ଗକୁ ପାତ୍ର ଇଲେକ୍‌ଟ୍ରୋନିକ୍ସ କିଭଳି ଧ୍ୟାନରେ ରଖିଛି?**
ସେବା ଯୋଗାଣରେ ପାତ୍ର ଇଲେକ୍‌ଟ୍ରୋନିକ୍ସର ଭଲ ଟ୍ରାକ୍ ରେକର୍ଡ ରହିଛି। ବିକ୍ରି ପରବର୍ତ୍ତୀ ସେବା ଉପରେ ଅଧିକ ଧ୍ୟାନ ଦେଉ। ଗ୍ରାହକଙ୍କୁ ତ୍ୱରିତ ସେବା ଯୋଗାଣ ଲାଗି ନିଜସ୍ୱ ଉଦ୍ୟମରେ ଏକ ସର୍ଭିସ୍ ଟେଲିଫୋନ ନମ୍ବର ବା ସର୍ଭିସ୍ ଷ୍ଟେଶନ ବ୍ୟବସ୍ଥା କରାଯାଉଛି। ଗ୍ରାହକଙ୍କ ଅଭିଯୋଗର ତ୍ୱରିତ ସମାଧାନ କରିବା ଦିଗରେ କାର୍ଯ୍ୟ କରିବାକୁ ଯୋଜନା ରହିଛି। ଏଥି ଲାଗି ଏକ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଛି।

**କେତେ ଷ୍ଟୋର ସହ ସେବା ଯୋଗାଇ ଦେଉଛନ୍ତି?**
ସାରା ରାଜ୍ୟରେ ୧୮ ଷ୍ଟୋର ରହିଛି। କଟକରେ ସ୍ୱତନ୍ତ୍ର ଫର୍ନିଚର ଷ୍ଟୋର ବାଦ ବ୍ରହ୍ମପୁର, କେନ୍ଦୁଝର, ବାଲେଶ୍ୱର, ଜଗତ୍‌ସିଂହପୁର ଏବଂ ଢେଙ୍କାନାଳରେ ଥିବା ଶୋ'ରୁମ ଇଲେକଟ୍ରୋନିକ୍ସ ସାମଗ୍ରୀ ସହ ଫର୍ନିଚର ଯୋଗାଉଛୁ। ପଶ୍ଚିମ ଓଡ଼ିଶାରେ ସମ୍ବଲପୁର, ଝାରସୁଗୁଡାରେ ଫର୍ନିଚର ଏବଂ ରାଉରକେଲା, ଉତ୍ତର ଓଡ଼ିଶାରେ ବାଲେଶ୍ୱର, ବାରିପଦା ସହ ଯାଜପୁର, କଟକ, ଭୁବନେଶ୍ୱର, ଜଗତ୍‌ସିଂହପୁର, ଖୋର୍ଦ୍ଧା ଭଳି ସ୍ଥାନରେ ଷ୍ଟୋର ରହିଛି। ଚଳିତ ବର୍ଷ ପାର୍ବଣରେ କଟକର ଚାଉଳିଆଗଞ୍ଜରେ ନୂଆ ଷ୍ଟୋର ଯୋଡିବୁ। କଟକର ସିଡ଼ିଏ ଷ୍ଟୋରକୁ ଅଧିକ କଷ୍ଟମର ଫ୍ରେଣ୍ଡଲି ଏବଂ ଏକ୍ସପେରିଏନ୍ସ ଷ୍ଟୋର ଭାବେ ସଜାଇବାକୁ ଲକ୍ଷ୍ୟ ରହିଛି।

**ପୂଜା ବଜାରରେ କେଉଁ ନୂଆ ପ୍ରଡକ୍ଟ ଉପଲବ୍ଧ?**
ଚାହିଦାକୁ ନଜରରେ ରଖି କମ୍ପାନୀଗୁଡିକ ନୂଆ ପ୍ରଡକ୍ଟ ଆଣୁଛନ୍ତି। ଏବେ ନୂଆ କରି ସାମ୍‌ସଙ୍ଗ ପକ୍ଷରୁ ୮କେ ଟିଭି ଆସିଛି। ପୂର୍ବରୁ ୪କେ ଥିଲା। ଏଲ୍‌ଜି ମଧ୍ୟ ନୂଆ ଫିଚର, ହାଇଏଣ୍ଡ, ଓଲେଡ ଭଳି ପ୍ରଡକ୍ଟ ଆଣିଛି। ଦୁର୍ଗାପୂଜାର ଫୋକସ ନୂଆ ଟେକ୍ନୋଲୋଜି ପ୍ରଡକ୍ଟ ଉପରେ ରହିବ। ସମସ୍ତଙ୍କୁ ଫ୍ୟୁଚର ରେଡି କରାଇବା ଲକ୍ଷ୍ୟ ନେଇ ଆମେ ପ୍ରସ୍ତୁତ। କମ୍ପାନୀଗୁଡିକ ଚ୍ୟାଲେଞ୍ଜିଂ ପ୍ରାଇସ୍‌ରେ ଆଡଭାନ୍ସ ପ୍ରଡକ୍ଟ ପ୍ରଦାନ କରୁଛନ୍ତି।

**ଶୋ'ରୁମରେ ଫାଇନାନ୍ସ ନେଇ କିଭଳି ବ୍ୟବସ୍ଥା କରିଛନ୍ତି?**
ଫାଇନାନ୍ସ କ୍ଷେତ୍ରରେ ଗ୍ରାହକ ଯେଭଳି କୌଣସି ଅସୁବିଧା ସାମ୍ନା ନ କରନ୍ତି ତାକୁ ଧ୍ୟାନ ଦେଉଛୁ। ବର୍ତ୍ତମାନ ବଜାଜ ଫାଇନାନ୍ସ, ଏଚ୍‌ଡିଏଫ୍‌ସି ଫାଇନାନ୍ସ, ଏଚ୍‌ଡିବି, ଫାଇନଲ୍ୟାବ୍ସ, କ୍ୟାପିଟାଲ ଫାଷ୍ଟ ଭଳି ଫାଇନାନ୍ସ କମ୍ପାନୀର ସୁବିଧା ଆମର ସବୁ ଶୋ'ରୁମରେ ଉପଲବ୍ଧ। ଡେବିଟ ଏବଂ କ୍ରେଡିଟ କାର୍ଡ ଉପରେ ଇଏମ୍‌ଆଇ ରହିଛି। ୫ ମିନିଟରେ ସହଜ ଇଏମ୍‌ଆଇ ଦିଆଯାଉଛି।


କୈଳାଶ ପାତ୍ର

### ପାର୍ବଣ ଲାଗି 'ଦଶଭୁଜା' ଅଫର

ପାର୍ବଣ ଲାଗି ପ୍ରତିବର୍ଷ ଭଳି ଚଳିତ ବର୍ଷ ସ୍ୱତନ୍ତ୍ର 'ଦଶଭୁଜା' ଅଫର ଡିଜାଇନ୍ କରାଯାଇଛି। ଏଥିରେ ଗ୍ରାହକ ୧୦ ଅଫର ପାଇପାରିବେ। ଗ୍ରାହକ ୧୦ ଟଙ୍କା ଡାଉନ୍‌ପେମେଣ୍ଟରେ ସାମଗ୍ରୀ କିଣିପାରିବେ। ସେହିଭଳି ୧୦ ମାସରୁ ଊର୍ଦ୍ଧ୍ୱ ଇଏମ୍‌ଆଇ, ଜିରୋ% ଇଣ୍ଟରେଷ୍ଟ, ଡେବିଟ ଏବଂ କ୍ରେଡିଟ କାର୍ଡ ଶପିଂରେ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ କ୍ୟାଶବ୍ୟାକ, ପେଟିଏମ୍‌ରେ ପେମେଣ୍ଟରେ ୧୦%ରୁ ଊର୍ଦ୍ଧ୍ୱ କ୍ୟାଶ ବ୍ୟାକ୍, ବଛାବଛା ଫର୍ନିଚର ମଡେଲ ଉପରେ ଫ୍ଲାଟ ୧୦ ହଜାର ଟଙ୍କା ଛାଡ଼, ଦୈନିକ ଲକି ଡ୍ର ଦ୍ୱାରା ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର, ୧୦ ଘଣ୍ଟା ମଧ୍ୟରେ ହୋମ୍ ଡେଲିଭରି, ୧୦ ରେଫ୍‌ରାଲ୍ ସେଲ୍‌ସରେ ଗ୍ରାହକଙ୍କୁ ସ୍ୱତନ୍ତ୍ର ଗିଫ୍ଟ, ଗୋଟିଏ ଇନ୍‌ଭଏସ୍‌ରେ ୧୦ ସାମଗ୍ରୀ କିଣିଲେ ନିଶ୍ଚିତ ଗିଫ୍ଟ ବ୍ୟବସ୍ଥା କରାଯାଇଛି। ସେହିଭଳି କମ୍ପାନୀଗୁଡିକ ଆକର୍ଷଣୀୟ ଅଫର ଦେଉଛନ୍ତି।



" ଆମ ପାଖରେ ଏକ ଯୁବ ଦଳ ରହିଛି। କିନ୍ତୁ ଆମେ ଏଠାରେ ପାରମ୍ପରିକ ଦକ୍ଷିଣ ଆଫ୍ରିକା ଶୈଳୀରେ ଖେଳିବାକୁ ଆସିଛୁ।

–ରସି ଭାନ୍ ଡର୍ ଡୁସେନ
ଦକ୍ଷିଣ ଆଫ୍ରିକା କ୍ରିକେଟ ଉପଅଧିନାୟକ



" ଆସନ୍ତା ବର୍ଷ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ ହେବାକୁ ଥିବାରୁ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଯୁବ ଖେଳାଳିଙ୍କୁ ଅଧିକରୁ ଅଧିକ ସୁଯୋଗ ଦେବା ଆଶା।

– ଶିଖର ଧାୱନ, ଭାରତୀୟ କ୍ରିକେଟର୍

## ସଂକ୍ଷେପରେ

### ରାଜ୍ୟସ୍ତରୀୟ ଜୁନିୟର ଥ୍ରୋ ବଲ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୨୧।୯(କ୍ରୀଡ଼ା ପ୍ରତିନିଧି):** କୁଦିଆରୀସ୍ଥିତ ଯୁପି ସ୍କୁଲ ପରିସରରେ ରାଜ୍ୟସ୍ତରୀୟ ଥ୍ରୋ-ବଲ ଚାମ୍ପିୟନଶିପ୍ ଶନିବାର ଉଦ୍‌ଘାଟିତ ହୋଇଛି। ପ୍ରତିଯୋଗିତାର ବାଳିକା ବିଭାଗରେ ୧୮୦ ଓ ବାଳକରେ ୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ଅନୁଷ୍ଠିତ ବାଳକ ବିଭାଗ ମ୍ୟାଚରେ ରାଉରକେଲା ୨-୦ ସେଟ୍‌ରେ ଝାରସୁଗୁଡ଼ା, ଜଟଣୀ ୨-୦ରେ ଗଞ୍ଜାମ ଓ ପୁରୀ ୨-୦ ସେଟ୍‌ରେ ଖୋର୍ଦ୍ଧାକୁ ପରାସ୍ତ କରିଛି। ସେହିପରି ବାଳିକା ବିଭାଗ ମ୍ୟାଚରେ ଖୋର୍ଦ୍ଧା ୨-୦ରେ ଯାଜପୁର ଏବଂ ପୁରୀ ୨-୧ ସେଟ୍‌ରେ କଟକକୁ ପରାସ୍ତ କରିଛି। ପୂର୍ବତନ ପୋଲିସ କମିଶନର(ମୁମ୍ବାଇ) ଅରୂପ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସାମାଜିକ କର୍ମୀ ରୁଦ୍ରନାରାୟଣ ସାମନ୍ତରାୟ, ମାନସ ଠାଟୋଇ, ଓଡ଼ିଶାରେ ଥ୍ରୋ-ବଲ୍‌ର ପ୍ରତିଷ୍ଠାତା କୃଷ୍ଣଚନ୍ଦ୍ର ଦାସ, ସମ୍ପାଦକ ଜିତେନ୍ଦ୍ରନାଥ ଦାସ, ପରିଚାଳନା କମିଟି ଅଧକ୍ଷ ପ୍ରସନ୍ନ କୁମାର ପାଣି, ସତୀକାନ୍ତ ପଟ୍ଟନାୟକ, ସହ ସମ୍ପାଦକ ଯଶୋବନ୍ତ ପରମଗୁରୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।

### ପାକିସ୍ତାନ ଦିନିକିଆ ଦଳରେ ନୱାଜ, ଇଫ୍ତିକର

**କରାଚୀ,୨୧।୯:** ଆଗାମୀ ଶ୍ରୀଲଙ୍କା ବିପକ୍ଷ ସିରିଜ୍ ଲାଗି ଶନିବାର ପାକିସ୍ତାନ ଦଳ ଘୋଷଣା ହୋଇଯାଇଛି। ଅଲରାଉଣ୍ଡର ମହମ୍ମଦ ନୱାଜଙ୍କୁ ଦୀର୍ଘ ଦିନ ପରେ ଜାତୀୟ ଦଳକୁ ଡକରା ମିଳିଛି। ତାଙ୍କ ବ୍ୟତୀତ ୨୦୧୫ରେ ଅନ୍ତିମ ଥର ଅନ୍ତର୍ଜାତୀୟ କ୍ରିକେଟରେ ଖେଳିଥିବା ଇଫ୍ତକର ଅହମ୍ମଦ ମଧ ଦଳକୁ ଫେରିଛନ୍ତି। ଦ୍ରୁତ ବୋଲର ଶାହିନ ଆଫ୍ରିଦୀ, ହାସନ ଅଲି ଓ ମହମ୍ମଦ ହାସିନଙ୍କୁ ବାଦ୍ ଦିଆଯାଇଛି। ଆଫ୍ରିଦୀ ଏବେ ଡେଙ୍ଗୁ ଜ୍ୱରରେ ପୀଡ଼ିତ। ହାସନ ଏବେ ମଧ ଅଣ୍ଟା ସମସ୍ୟା ଦେଇ ଗତି କରୁଛନ୍ତି। ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ଚଳିତ ମାସ ୨୭ ତାରିଖରୁ ଆରମ୍ଭ ହେବ।

# ସିରିଜ ବିଜୟ ଲକ୍ଷ୍ୟରେ ଭାରତ

**ବେଙ୍ଗାଲୁରୁ, ୨୧।୯ (ପି.ଟି.)**

ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଭାରତ ଓ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ରବିବାର ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ। ଧର୍ମଶାଳାଠାରେ ଖେଳାଯିବାକୁ ଥିବା ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହେବା ପରେ ଭାରତ ଦ୍ୱିତୀୟ ମ୍ୟାଚ୍‌ରେ ବିଜୟୀ ହୋଇ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି। ଅନ୍ତିମ ମ୍ୟାଚ୍‌ରେ ବିଜୟୀ ହୋଇ ଭାରତ ୨-୦ରେ ସିରିଜ ହାତେଇବା ଲକ୍ଷ୍ୟରେ ରହିଛି। ଦ୍ୱିତୀୟ ଟି୨୦ରେ ଉଚ୍ଚକୋଟୀର ପ୍ରଦର୍ଶନ କରି ଭାରତ ବିଜୟ ହାସଲ କରିଥିଲା। ବୋଲର ଓ ଅଧିନାୟକ ବିରାଟ କୋହଲିଙ୍କ ପ୍ରଦର୍ଶନ ସହାୟତାରେ ଭାରତ ସହଜରେ ବିଜୟ ହାସଲ କରିଥିଲା। ଅନ୍ତିମ ମ୍ୟାଚ୍‌ରେ ଭାରତ ମଧ ଏହି ପ୍ରଦର୍ଶନ ଦୋହରାଇବା ଲକ୍ଷ୍ୟରେ ରହିଛି।

ଯୁବ ଖେଳାଳିଙ୍କୁ ନେଇ ଗଠିତ ଅନଭିଜ୍ଞ ଦକ୍ଷିଣ ଆଫ୍ରିକା ଦଳ ଅବଶ୍ୟ ଘରୋଇ ଭାରତ ତୁଳନାରେ ସାମାନ୍ୟ ପଛରେ ଥିବା ପରି ମନେ ହେଉଛି। ତେଣୁ ଭାରତ ଏହି ମୁକାବିଲାରେ ଫେଭରାଇଟ୍ ମନେ ହେଉଛି। ଖରାପ ଶଟ୍ ଖେଳି ବେପରୁଆ ଭାବେ ଆଉଟ୍ ହେଉଥିବା ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଗତ ମ୍ୟାଚ୍‌ରେ ମଧ ସମାନ କାରଣ ଯୋଗୁ ବିଫଳ ହୋଇଥିଲେ। ଫଳରେ ଏବେ ସେ ସମସ୍ତଙ୍କ ନଜରରେ ରହିବା ସହ ଯାଞ୍ଚ ପରିସରରେ ରହିଛନ୍ତି। ଏବେ ପନ୍ତଙ୍କୁ ନେଇ ଭିନ୍ନ ମତ ପ୍ରକାଶ ପାଇଛି। ତାଙ୍କ ଶଟ୍ ଚୟନ ଓ ସ୍ୱଭାବ ନେଇ କେତେକେ ପ୍ରଶ୍ନ ଉଠାଇଛନ୍ତି। ତାଙ୍କ ଫର୍ମରେ ମଧ ଯଥେଷ୍ଟ ଅବନତି ହୋଇଛି। ଫଳରେ ତାଙ୍କ ପ୍ରତିଭାକୁ ନେଇ ଚର୍ଚ୍ଚା ହେଉଥିବା ଚର୍ଚ୍ଚାକୁ ମଧ କେତେକେ ଅସ୍ୱୀକାର କରିବାକୁ ପଛାଇ ନାହାନ୍ତି। ଅବଶ୍ୟ ସୁନୀଲ ଗାଭାସ୍କରଙ୍କ ଭଳି କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ୨୧ ବର୍ଷୀୟ ପନ୍ତଙ୍କୁ ଉତ୍ସାହିତ କରିବା ସହ ସମର୍ଥନ କରିଛନ୍ତି। ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ ଆୟୋଜନ ହେବାକୁ ଆଉ ମାତ୍ର ବର୍ଷେ ବାକି ରହିଛି। ଏପରି ସ୍ଥଳେ ମହେନ୍ଦ୍ର ସିଂ ଧୋନୀଙ୍କୁ ବାଦ୍ ଦେଇ ଭବିଷ୍ୟତ କରିବା କଥା ଚିନ୍ତା କରିବାକୁ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଦଳ ଭଲ ପ୍ରଦର୍ଶନ କରି ବିଜୟୀ ହେଉଥିବାରୁ ପନ୍ତଙ୍କ ପ୍ରଦର୍ଶନକୁ ନେଇ ଅବଶ୍ୟ ସେତେଟା ଚର୍ଚ୍ଚା ହେଉ ନାହିଁ।

ମୋହାଲିରେ ଖେଳାଯାଇଥିବା ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ କୋହଲିଙ୍କୁ ରୋକିବାରେ ଦକ୍ଷିଣ ଆଫ୍ରିକା ବୋଲରମାନେ ବିଫଳ ହୋଇଥିଲେ। ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମ ମଧ ମୋହାଲି ଭଳି ମନେ ହେଉଥିବାରୁ କୋହଲି ପୁଣି ଥରେ କମାଲ କରିବେ ବୋଲି ଆଶା କରାଯାଉଛି। କୋହଲିଙ୍କ ପୂର୍ବରୁ ଭାରତୀୟ ଓପନିଂ ଯୋଡି ରୋହିତ ଶର୍ମା ଓ ଶିଖର ଧାୱନ୍‌ଙ୍କୁ ପୁଣି ଥରେ କମାଲ କରିବାକୁ ପଡିବ। କାଗିସୋ ରାବାଡ଼ାଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ପେସ୍ ବୋଲିଂ ଆଟାକକୁ ଏହି ଦୁଇ ବ୍ୟାଟ୍ସମ୍ୟାନ ପ୍ରତିହତ କରିବା ଜରୁରୀ ହୋଇ ପଡିଛି। ଏହି ଗ୍ରାଉଣ୍ଡ ସେତେଟା ବଡ଼ ନ ଥିବାରୁ ଏହି ଯୋଡି ଛକା ଓ ଚୌକା ବର୍ଷା କରିବା ଆଶା କରାଯାଉଛି। ମୋହାଲିରେ ରୋହିତ ବିଫଳ ହୋଇଥିବାରୁ ଏଠାରେ ବଡ଼ ସ୍କୋର କରିବେ ବୋଲି ଆଶା କରାଯାଉଛି। ପନ୍ତ ମଧ ଭଲ ପ୍ରଦର୍ଶନ କରି ସମାଲୋଚକଙ୍କୁ ଚୁପ୍ କରାଇବା ଲକ୍ଷ୍ୟରେ ରହିବେ। ମିଡଲ ଅର୍ଡରରେ ଶ୍ରେୟାସ ଆୟାରଙ୍କ ଭଳି ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନ ରହିଛନ୍ତି। ଆୟାରଙ୍କ ପରେ ଦୁଇ ଅଲରାଉଣ୍ଡ ହାର୍ଦ୍ଦିକ ପାଣ୍ଡ୍ୟା ଓ ରବୀନ୍ଦ୍ର ଜାଡେଜା ରହିଛନ୍ତି।

ଦୁଇ ନିୟମିତ ଅଭିଜ୍ଞ ଦ୍ରୁତ ବୋଲର ଯଶପ୍ରୀତ ବୁମ୍ରା ଓ ଭୁବନେଶ୍ୱର କୁମାରଙ୍କ ଅନୁପସ୍ଥିତିରେ ଦୀପକ ଚହର ଓ ନବଦୀପ ସଇନି ଅବଶ୍ୟ ଭଲ ପ୍ରଦର୍ଶନ କରିଛନ୍ତି। ଦକ୍ଷିଣ ଆଫ୍ରିକା ନୂଆ ଅଧିନାୟକ କ୍ୱିଣ୍ଟନ ଡିକକ୍‌ଙ୍କୁ ଅଧିକ ଦାୟିତ୍ୱ ସମ୍ପନ୍ନ ହୋଇ ଖେଳିବାକୁ ପଡିବ। ଡେଭିଡ ମିଲର ଓ ରିଜା ହିଣ୍ଡ୍ରିକ୍ସଙ୍କ ଭଳି ବ୍ୟାଟ୍ସମ୍ୟାନ ତାଙ୍କୁ ସହଯୋଗ କରିବେ ବୋଲି ଆଶା କରାଯାଉଛି। ଦ୍ୱିତୀୟ ମ୍ୟାଚ୍‌ରେ ଡିକକ୍ ବୋଲରମାନଙ୍କୁ ଠିକ୍ ଭାବେ ହ୍ୟାଣ୍ଡଲ କରିପାରି ନ ଥିଲେ। ଦ୍ରୁତ ବୋଲରଙ୍କୁ ଭାରତୀୟ ବ୍ୟାଟ୍ସମ୍ୟାନ ସୁନ୍ଦର ଭାବେ ଖେଳିଥିଲେ। ତେବେ ଏହା ସତ୍ତ୍ୱେ ସେ ସ୍ପିନରମାନଙ୍କୁ ଡେରିରେ ବୋଲିଂ କରିବାକୁ ସୁଯୋଗ ଦେଇଥିଲେ। ସେ ଏହି ତ୍ରୁଟି ସୁଧାରିବେ ବୋଲି ଆଶା କରାଯାଉଛି। ଦକ୍ଷିଣ ଆଫ୍ରିକା ଏହି ମ୍ୟାଚ୍ ଜିତି ଅତିକମ୍‌ରେ ସିରିଜ ଅମୀମାଂସିତ ରଖିବାକୁ ଚେଷ୍ଟା କରିବ। ଫଳରେ ରବିବାର ଏହି ମ୍ୟାଚ୍ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।



ଅଭ୍ୟାସ ସେସନ ଅବସରରେ ଶନିବାର ଭାରତୀୟ ଦଳର ଖେଳାଳିମାନେ।

■ **ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ଉପ-ଅଧିନାୟକ), ଶିଖର ଧାୱନ, ଲୋକେଶ ରାହୁଲ, ଶ୍ରେୟାସ ଆୟାର, ମନୀଷ ପାଣ୍ଡେ, ରିଷଭ ପନ୍ତ (ଉଇକେଟ କିପର), ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, କ୍ରୁନାଲ ପାଣ୍ଡ୍ୟା, ୱାଶିଂଟନ ସୁନ୍ଦର, ରାହୁଲ ଚହର, ଖଲିଲ ଅହମ୍ମଦ, ଦୀପକ ଚହର ଓ ନବଦୀପ ସଇନି।

■ **ଦକ୍ଷିଣ ଆଫ୍ରିକା ଦଳ:** କ୍ୱିଣ୍ଟନ ଡିକକ୍ (ଅଧିନାୟକ), ରାସି ଭାନଡର ଡୁସେନ (ଉପ- ଅଧିନାୟକ), ଟେମ୍ବା ବଭୁମା, ଜନିୟର ଡାଲା, ବିଜୋର୍ନ ଫର୍ଚ୍ୟୁନ, ବେଉରାନ ହେଣ୍ଡ୍ରିକ୍ସ, ରିଜା ହେଣ୍ଡ୍ରିକ୍ସ, ଡେଭିଡ ମିଲର, ଅନରିଚ ନୋର୍ଜେ, ଆଣ୍ଡିଲ ଫେଲୁକ୍ୱାୟୋ, ଡ୍ୱେନ ପ୍ରିଟୋରିୟସ, କାଗିସୋ ରାବାଡ଼ା, ତାବ୍ରେଜ ଶାମସି ଓ ଜନ-ଜନ ସ୍ମୁଟ୍ସ।

**ସମୟ: ସନ୍ଧ୍ୟା ୭ଟା, ସ୍ଥାନ: ବେଙ୍ଗାଲୁରୁ**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱାର୍କ**

### ପାକିସ୍ତାନ-ଶ୍ରୀଲଙ୍କା ସିରିଜ୍
## ଡେଭିଡ ବୁନ ମ୍ୟାଚ୍ ରେଫରି



**କରାଚୀ, ୨୧।୯:** ଆସନ୍ତା ୨୭ ତାରିଖରୁ ପାକିସ୍ତାନ ଓ ଶ୍ରୀଲଙ୍କା ମଧରେ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ଓ ଦିନିକିଆ ସିରିଜ୍ ଖେଳାଯିବ। ଏହି ସିରିଜ୍ ଲାଗି ଆଇସିସି ଅଷ୍ଟ୍ରେଲିଆର ଡେଭିଡ୍ ବୁନଙ୍କୁ ମ୍ୟାଚ୍ ରେଫରି ନିଯୁକ୍ତ କରିଛି। ଆଇସିସି ରେଫରିଙ୍କ ମଧରେ ୫୮ ବର୍ଷୀୟ ବୁନ ସବୁଠୁ ଅଭିଜ୍ଞ। ସେ ଏପର୍ଯ୍ୟନ୍ତ ୧୩୫ ଦିନିକିଆ ଓ ୫୧ ଟି୨୦ ମ୍ୟାଚ୍‌ରେ ରେଫରି ଦାୟିତ୍ୱ ସମ୍ଭାଳି ସାରିଛନ୍ତି। ସେ ଅଷ୍ଟ୍ରେଲିଆ ପାଇଁ ୧୯୮୪ରୁ ୧୯୯୬ ପର୍ଯ୍ୟନ୍ତ ୧୦୭ ଟେଷ୍ଟ ଓ ୧୮୧ ଦିନିକିଆ ଖେଳିଥିଲେ। ଆଇସିସି ପକ୍ଷରୁ ଜୋଏଲ ୱିଲସନ ଓ ମାଇକେଲ ଗଫଙ୍କୁ ସିରିଜ୍ ପରିଚାଳନା ଦାୟିତ୍ୱ ଦିଆଯାଇଛି। ଏହା ବ୍ୟତୀତ ପିସିବି ଏଲିଟ ପ୍ୟାନେଲ ଅମ୍ପାୟର ଅଲିମ ଦାରଙ୍କ ସମେତ ଏସାନ ରାଜା, ସୋଜିବ ରାଜା ଓ ଅସିଫ ୟାକୁବଙ୍କୁ ନିଯୁକ୍ତ କରିଛି। ଉଲ୍ଲେଖଥାଉ କି, ୨୦୦୯ରେ ପାକିସ୍ତାନରେ ଖେଳାଯାଇଥିବା ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ମ୍ୟାଚ୍‌ରେ ରାଜା ଅମ୍ପାୟର ଥିଲେ। ଆତଙ୍କବାଦୀ ଆକ୍ରମଣ ବେଳେ ସେ ଶ୍ରୀଲଙ୍କା ଦଳର ବସ୍‌ରେ ଥିଲେ। ଗୁଳି ତାଙ୍କ କିଡ୍‌ନୀ ଓ ବିଭିନ୍ନ ସ୍ଥାନରେ ବାଜିଥିଲା। ଏହାସତ୍ତ୍ୱେ ସେ କ୍ରିକେଟ ଫେରି ଅମ୍ପାୟରିଂ କରୁଛନ୍ତି।

**ଦକ୍ଷିଣ ଆଫ୍ରିକା-ବୋର୍ଡ ଏକାଦଶ ଦ୍ୱିତୀୟ ୱାର୍ମଅପ୍ ଆଜି**

## ପେସର, ସୁଶ୍ରୀଙ୍କ ଉପରେ ନଜର

**ସୁରଟ, ୨୧।୯:** ଦକ୍ଷିଣ ଆଫ୍ରିକା ଓ ବୋର୍ଡ ସଭାପତି ଏକାଦଶ ମଧରେ ଦ୍ୱିତୀୟ ମହିଳା ୱାର୍ମଅପ୍ କ୍ରିକେଟ ମ୍ୟାଚ ରବିବାର ଏଠାରେ ଅନୁଷ୍ଠିତ ହେବ। ପ୍ରଥମ ମ୍ୟାଚ ଖରାପ ପାଗ ଯୋଗୁ ବାତିଲ ହୋଇଥିବାବେଳେ ଦ୍ୱିତୀୟ ମ୍ୟାଚରେ ବୋର୍ଡ ଏକାଦଶର ପେସର ଏବଂ ଓଡ଼ିଶା ସ୍ପିନର ସୁଶ୍ରୀ ଦିବ୍ୟଦର୍ଶନୀଙ୍କ ଉପରେ ନଜର ରହିବ।

ଏହି ମ୍ୟାଚରେ ମୁଖ୍ୟତଃ ଦୁଇ ପେସର ପୂଜା ବସ୍ତ୍ରକାର ଓ ମାନସି ଯୋଶୀଙ୍କ ଉପରେ ନଜର ରହିବ। ଉଭୟ ଯୋଶୀ ଓ ପୂଜା ଭାରତୀୟ ଟି୨୦ ଦଳରେ ସ୍ଥାନ ପାଇଛନ୍ତି। ତେଣୁ ୱାର୍ମଅପ୍ ମ୍ୟାଚରେ ଭଲ ପ୍ରଦର୍ଶନ କଲେ ସେମାନେ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ପୂର୍ବରୁ ମୋମେଣ୍ଟମ ପାଇ ପାରିବେ। ୧୫ ବର୍ଷୀୟା ଓପନର ଶେଫାଳି ବର୍ମାଙ୍କ ଉପରେ ମଧ ନଜର ରହିବ। ଅଧିନାୟିକା ସୁଷମା ବର୍ମା ଓ ଉପଅଧିନାୟିକା ଦେବିକା ବୈଦ୍ୟ ଶ୍ରେଷ୍ଠ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚାହିଁବେ। ସୁଶ୍ରୀ ଦିବ୍ୟଦର୍ଶନୀ ଭାରତ-ଏ ଦଳରେ ସ୍ଥାନ ପାଇଛନ୍ତି। ତେଣୁ ଏଠାରେ ଭଲ ପ୍ରଦର୍ଶନ କଲେ ତାଙ୍କର ମନୋବଳ ନିଶ୍ଚିତ ଦୃଢ଼ ହୋଇପାରିବ। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ମହିଳା ଦଳ ମ୍ୟାଚ ପ୍ରାକ୍ଟିସ ପାଇଁ ବ୍ୟଗ୍ର। ପ୍ରଥମ ୱାର୍ମଅପ୍ ବାତିଲ ହୋଇ ଯାଇଥିବାରୁ ରିଜର୍ଭ ଖେଳାଳିଙ୍କୁ ପରଖି ନେବାକୁ ଏହା ହିଁ ପ୍ରକୃଷ୍ଟ ସମୟ।

## ୨ ଗୁଣ ବଢ଼ିଲା କ୍ରିକେଟରଙ୍କ ଦୈନିକ ଭତ୍ତା

**ନୂଆଦିଲ୍ଲୀ,୨୧।୯:** ପୂଜା ପୂର୍ବରୁ ଭାରତୀୟ କ୍ରିକେଟରଙ୍କୁ ସ୍ୱତନ୍ତ୍ର ଭେଟି ମିଳିଛି। କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କ୍ରିକେଟରଙ୍କ ଦୈନିକ ଭତ୍ତା ୨ ଗୁଣ ବଢ଼ାଇବାକୁ ନିଷ୍ପତ୍ତି ନେଇଛି। କ୍ରିକେଟ ପ୍ରଶାସକ କମିଟି (ସିଓଏ) ଏ ନେଇ ଘୋଷଣା କରିଛି। ବିଦେଶ ଗସ୍ତରେ ଯାଇଥିବା କ୍ରିକେଟରଙ୍କ ଭତ୍ତା ଦୁଇଗୁଣ ବଢ଼ାଯାଇଛି। ବିଦେଶ ଗସ୍ତରେ କ୍ରିକେଟରମାନେ ପୂର୍ବରୁ ଦୈନିକ ୧୨୫ ଡଲାର (୮,୮୯୯ ଟଙ୍କା)ପାଉଥିଲେ। ଏବେ ଏହା ୨୫୦ ଡଲାର (୧୭,୭୯୯ ଟଙ୍କା)କୁ ବୃଦ୍ଧି କରାଯାଇଛି। ଏଥି ସହିତ ଘରୋଇ ଅନ୍ତର୍ଜାତୀୟ ସିରିଜରେ ମଧ ଖେଳାଳିଙ୍କ ଭତ୍ତାରେ ବୃଦ୍ଧି କରାଯାଇଛି। ଘରୋଇ ସିରିଜ ପାଇଁ ଖେଳାଳିଙ୍କୁ ପ୍ରତିଦିନ ୧୦୦ ଡଲାର ପ୍ରଦାନ କରାଯାଉଥିଲା। ଡଲାର ମୂଲ୍ୟରେ ଉତ୍ଥାନ ପତନ ହେଉଥିବାରୁ ଏବେ ଖେଳାଳିଙ୍କୁ ୭୫୦୦ ଟଙ୍କା ଦିଆଯିବ। ଖେଳାଳିମାନେ ମିଳୁଥିବା ଏହି ଦୈନିକ ଭତ୍ତା ଦ୍ୱାରା ରହିବା, ଯାତ୍ରା କରିବା, ପୋଷାକ ସଫା କରିବା ପ୍ରଭୃତି କାର୍ଯ୍ୟ କରିଥାନ୍ତି। ସେହିପରି ଦଳର ସପୋର୍ଟ ଷ୍ଟାଫ୍, ଚୟନକର୍ତ୍ତାଙ୍କ ଦୈନିକ ଭତ୍ତାରେ ମଧ ବୃଦ୍ଧି କରାଯାଇଛି। ଉଲ୍ଲେଖଥାଉ କି, ଦୈନିକ ଭତ୍ତା ସହିତ ମ୍ୟାଚ ପାଉଣାର କୌଣସି ସମ୍ପର୍କ ନାହିଁ। ପ୍ରତ୍ୟେକ ଫର୍ମାଟରେ କ୍ରିକେଟରଙ୍କ ଭିନ୍ନ ଭିନ୍ନ ମ୍ୟାଚ୍ ଫି ପ୍ରଦାନ କରାଯାଇଥାଏ। ଟେଷ୍ଟ ମ୍ୟାଚ୍ ପାଇଁ ୧୫ ଲକ୍ଷ, ଦିନିକିଆ ମ୍ୟାଚ୍ ପାଇଁ ୬ ଲକ୍ଷ ଓ ଟି୨୦ ମ୍ୟାଚ୍ ପାଇଁ ୩ ଲକ୍ଷ ଟଙ୍କା ଦିଆଯାଇଥାଏ। ଯେଉଁ ଖେଳାଳି ଅନ୍ତିମ ଏକାଦଶରେ ସାମିଲ ହୋଇ ନ ଥାନ୍ତି ସେମାନଙ୍କୁ ମଧ ମ୍ୟାଚ୍ ପାଉଣା ପ୍ରଦାନ କରାଯାଇଥାଏ। ଏହା ବ୍ୟତୀତ କେନ୍ଦ୍ରୀୟ ଚୁକ୍ତି ଅନୁସାରେ କ୍ରିକେଟରମାନଙ୍କୁ ଗ୍ରେଡ ଅନୁସାରେ ଅଲଗା ଅଲଗା ପାଉଣା ପ୍ରଦାନ କରାଯାଇଥାଏ। ଏ ପ୍ଲସ୍ ଗ୍ରେଡ୍‌ରେ ସାମିଲ ଖେଳାଳିଙ୍କୁ ବର୍ଷକୁ ୭ କୋଟି, ଏ ଗ୍ରେଡରେ ସାମିଲ ଖେଳାଳିଙ୍କୁ ୫ କୋଟି, ବି ଗ୍ରେଡ୍‌ରେ ସାମିଲ ଖେଳାଳିଙ୍କୁ ୩ କୋଟି ଓ ସି ଗ୍ରେଡ୍‌ରେ ସାମିଲ ଖେଳାଳିଙ୍କୁ ୧ କୋଟି ଟଙ୍କା ପ୍ରଦାନ କରାଯାଇଥାଏ।

# ପନ୍ତଙ୍କୁ ସମର୍ଥନ କରାଯିବା ଆବଶ୍ୟକ

**ଗୌତମ ଗମ୍ଭୀର**

ସେପ୍ଟେମ୍ବର ମାସ ମୋ ପାଇଁ ସ୍ୱତନ୍ତ୍ର ଭାବେ କିଛି ମଧୁର ଭାବପ୍ରବଣତା ଆଣିଦେଇଛି। ଏହି ମାସରେ ଅର୍ଥାତ ୨୦୦୭ର ନବମ ମାସରେ ଆମେ ଆଇସିସି ଟି୨୦ ବିଶ୍ୱକପ୍ ହାସଲ କରିଥିଲୁ। ଯୁବରାଜ ସିଂ ଏହି ମେଗା ଇଭେଣ୍ଟରେ ଜବରଦସ୍ତ ପ୍ରଦର୍ଶନ କରିଥିଲେ। ଏହି ଟୁର୍ନାମେଣ୍ଟ ଓ ୨୦୧୧ ବିଶ୍ୱକପ୍‌ରେ ଯୁବରାଜ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରି ଭାରତକୁ ଚାମ୍ପିୟନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଯୁବି ପରିଧାନ କରୁଥିବା ୧୨ ନମ୍ବର ଜର୍ସିକୁ ଅବସର ଦେବା ପାଇଁ ଅବଶ୍ୟ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ କହିଛି। ଏହା କରାଯାଇଥିଲେ ତାଙ୍କ ପ୍ରତି ଏକ ବଡ଼ ସମ୍ମାନ ହୋଇଥାନ୍ତା। ଟି୨୦ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ଆମ ପାଇଁ କାମ ଦେଇଥିଲା ଓ ଏହା ଆମକୁ ବେଶ୍ ସୁହାଇଥିଲା। ଆଗକୁ କ'ଣ ହେବ ଆମେ ଜାଣି ନ ଥିଲୁ। ତେଣୁ ଭବିଷ୍ୟତ କଥା ଚିନ୍ତା ନ କରି ପରବର୍ତ୍ତୀ ବଲ୍ ଖେଳିବା ଉପରେ ଆମେ ମନୋନିବେଶ କରିଥିଲୁ। ଯୁବିଙ୍କୁ ମଧ ଗୋଟିଏ ଓଭରରେ ୬ଟି ଛକା ମାରିବାର ରହସ୍ୟ ବିଷୟରେ ପଚାରିଥିଲି। ଏମିତି ହୋଇଗଲା ବୋଲି ସେ କହିଥିଲେ।

ଯୁବି ଏହାକୁ ସହଜରେ ଗ୍ରହଣ କରି ନେଇଥିଲେ ବୋଲି କୁହନ୍ତି। ନିର୍ଭୀକ କ୍ରିକେଟ ଖେଳିବା ସହ ସେ ସ୍ପଷ୍ଟ ଆଭିମୁଖ୍ୟ ନେଇ ପଡିଆକୁ ଓହ୍ଲାଉଥିଲେ। ବଲର ଯୋଗ୍ୟତା ତଥା ମେରିଟ୍ ନେଇ ସେ ଖେଳୁଥିଲେ। ଟେଷ୍ଟରେ ଗୋଟିଏ ଇନିଂସରେ ଅନିଲ କୁମ୍ବଲେଙ୍କ ୧୦ ଉଇକେଟ ହାସଲ ଓ ଗୋଟିଏ ଓଭରରେ ଯୁବିଙ୍କ ୬ ଛକା ରେକର୍ଡର ପୁନରାବୃତ୍ତି ହେବା ପ୍ରାୟ ଅସମ୍ଭବ ବୋଲି କୁହାଯାଇପାରେ। ଯୁବି ଓ କୁମ୍ବଲେ ହେଉଛନ୍ତି ପ୍ରକୃତରେ କିମ୍ବଦନ୍ତୀ କ୍ରିକେଟର। ଭାରତୀୟ କ୍ରିକେଟ ପାଇଁ ଯୁବରାଜ, ହରଭଜନ ସିଂ, ଭିଭିଏସ୍ ଲକ୍ଷ୍ମଣ, ସଚିନ ତେନ୍ଦୁଲକର, ଅନିଲ କୁମ୍ବଲେଙ୍କ ଅବଦାନ ଅତୁଳନୀୟ। ଏହି କ୍ରିକେଟରମାନେ ଭାରତୀୟ କ୍ରିକେଟକୁ ଆଗକୁ ନେଇ ପାରିବେ।

ଯୁଜବେନ୍ଦ୍ର ଚହଲ, ୱାଶିଂଟନ ସୁନ୍ଦର ଓ କୁଲଦୀପ ଯାଦବଙ୍କୁ କୁମ୍ବଲେ ଓ ହରଭଜନ ଭଲ ଗାଇଡ୍ କରିପାରିବେ। ଏବେ ରିଷଭ ପନ୍ତ ନିର୍ଭୀକ କ୍ରିକେଟ ଖେଳି ସମାଲୋଚିତ ହେଉଛନ୍ତି। ତେଣୁ ଯୁବି ତାଙ୍କୁ କାହିଁକି ଗାଇଡ କରିପାରିବେ ନାହିଁ। ଟେଷ୍ଟରେ ମଧ ଯୁବି ଦିନିକିଆ ଭଳି ସଫଳ ହୋଇପାରିଥାନ୍ତେ। ଇନିଂସ କିପରି ଗଢ଼ିବାକୁ ହୁଏ ତାହା ଯୁବିଙ୍କୁ ଭଲ ଭାବେ ଜଣା। ସେ ଏ ନେଇ ପନ୍ତଙ୍କୁ ଭଲଭାବେ ବୁଝାଇ ପାରିବେ। ନିକଟରେ ଅବସର ଗ୍ରହଣ କରିଥିବା କ୍ରିକେଟରମାନେ ଯୁବ ଖେଳାଳିଙ୍କୁ ଗାଇଡ କରିପାରିବେ। କାରଣ ସେମାନେ କିଛି ଦିନ ତଳେ ଡ୍ରେସିଂ ରୁମ୍ ଶେୟାର କରୁଥିଲେ। ପୁଣି ଯୁବି ଓ ପନ୍ତଙ୍କ ଭଳି ଖେଳାଳିଙ୍କ ମଧ ବୟସର ତାରତମ୍ୟ କମ୍ ହୋଇଥିବାରୁ ଏହା ବେଶ୍ କାମରେ ଆସିବ।

ବ୍ୟକ୍ତିଗତ ଭାବେ ପନ୍ତଙ୍କ ଅପେକ୍ଷା ସଞ୍ଜୁ ସାମସନଙ୍କୁ ଉଇକେଟକିପର ବ୍ୟାଟ୍ସମ୍ୟାନ ଭାବେ ଅଧିକ ସମର୍ଥନ କରେ। ତେବେ ଟିମ୍ ମ୍ୟାନେଜମେଣ୍ଟ 'ଫିୟରଲେସ୍ ଟୁ କେୟାରଲେସ' ଭଳି ଶବ୍ଦ ବ୍ୟବହାର କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ପନ୍ତଙ୍କୁ ନେଇ ଟିମ୍ ମ୍ୟାନେଜମେଣ୍ଟ ଆଭିମୁଖ୍ୟ ଗ୍ରହଣ କରୁଛି ତାହା ନୈରାଶ୍ୟଜନକ। ଏଭଳି ଭାବେ କୌଣସି ଯୁବ ଖେଳାଳିଙ୍କୁ ହ୍ୟାଣ୍ଡଲ କରାଯାଏ ନାହିଁ। ପନ୍ତ ଉପଯୋଗୀ କ୍ରିକେଟ ଖେଳନ୍ତୁ ସମସ୍ତେ ଏହା ଚାହାନ୍ତି। ଏ ଭଳି ମନ୍ତବ୍ୟ ପନ୍ତଙ୍କୁ ସ୍ୱାଭାବିକ କ୍ରିକେଟ ଖେଳିବାକୁ ସୁଯୋଗ ଦେବନାହିଁ। ଏବେ ସେ ରନ ସଂଗ୍ରହ କରି କିପରି ଦଳରେ ତିଷ୍ଠି ରହିବେ ସେ ନେଇ ଖେଳିବେ। ତେଣୁ ପନ୍ତଙ୍କ ଉପରେ ଚାପ ପ୍ରୟୋଗ ନ କରି ତାଙ୍କୁ ସ୍ୱାଭାବିକ କ୍ରିକେଟ ଖେଳିବା ପାଇଁ ଉତ୍ସାହିତ କରାଯିବା ଆବଶ୍ୟକ।

ଅନ୍ତିମ ଟି୨୦ରେ ଭାରତ ପୁଣି ବିଜୟୀ ହେଉ। ବାଙ୍ଗାଲୋର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ ଏକ ଭଲ ଉଇକେଟ। ବ୍ୟାଟ୍ସମ୍ୟାନଙ୍କୁ ଅତ୍ୟଧିକ ସୁହାଉଥିବା ଉଇକେଟ ଦର୍ଶକଙ୍କ ପାଇଁ ସେତେଟା ଉପଭୋଗ୍ୟ ହେବ ନାହିଁ। ଏହି ମ୍ୟାଚ୍ ପନ୍ତଙ୍କ ପାଇଁ ଶେଷ ସୁଯୋଗ ବୋଲି କୁହାଯିବା ନିହାତି ଦୁର୍ଭାଗ୍ୟଜନକ।

*(ଗେମ୍‌ପ୍ଲାନ/ ଦୀନେଶ ଚୋପ୍ରା ମିଡିଆ)*




**ନୂତନ ଯାନ କ୍ରୟ କରୁଥିବା ବ୍ୟକ୍ତି ଏବଂ ମୋଟରଯାନ ଡିଲରମାନେ ଧ୍ୟାନ ଦିଅନ୍ତୁ**

ମୋଟରଯାନ ଆଇନ୍‌ର ୧୯୮୮ର ଧାରା ୪୧(୬) **provision** ଅନୁଯାୟୀ ଡିଲରମାନେ ନୂତନ ଯାନ ବିକ୍ରୟ କରିବା ସମୟରେ କ୍ରେତାଙ୍କୁ **High Security Registration Plate** ରେ ସ୍ଥାୟୀ ରେଜିଷ୍ଟ୍ରେସନ ନମ୍ବର ଲେଖା ନଥାଇ ଗାଡ଼ି ହସ୍ତାନ୍ତର କରିପାରିବେ ନାହିଁ। ଏହା ଆଇନତଃ ଦଣ୍ଡନୀୟ ଅଟେ। ଖିଲାପକାରି ଡିଲରଙ୍କୁ ମୋଟରଯାନ ଆଇନ୍‌ର ଧାରା ୧୯୨ ଏବଂ ୧୯୨(**B**) ଅନୁଯାୟୀ ଦଣ୍ଡିତ କରିବାର ପ୍ରାବଧାନ ରହିଅଛି। ଏହା ବ୍ୟତିତ ସମ୍ପୃକ୍ତ ଡିଲରଙ୍କ **Trade Certificate** ରଦ୍ଦ କରାଯାଇପାରେ।

ଜନସାଧାରଣଙ୍କୁ ଅନୁରୋଧ କରାଯାଉଅଛି କି, ସେମାନେ ନୂତନ ଯାନ କ୍ରୟ କରୁଥିଲେ, **High Security Registration Plate** ରେ ସ୍ଥାୟୀ ରେଜିଷ୍ଟ୍ରେସନ ନମ୍ବର ଲେଖା ନଥାଇ ନୂତନ ଯାନର ଡେଲିଭରି ନିଅନ୍ତୁ ନାହିଁ। ରେଜିଷ୍ଟ୍ରେସନ ନମ୍ବର ନଥାଇ ଗାଡ଼ି ବ୍ୟବହାର କଲେ ଖିଲାପକାରୀଙ୍କୁ ମୋଟରଯାନ ଆଇନ୍‌ର ଧାରା ୧୯୨ ଅନୁଯାୟୀ ସର୍ବାଧିକ ୧୦୦୦୦ ଟଙ୍କା ଜୋରିମାନା କିମ୍ବା ଏକ ବର୍ଷ ଜେଲ୍ କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ କରାଯାଇପାରେ।



For updates and alerts, follow us on
OdishaSTA
STAOdisha



ପରିବହନ ଆୟୁକ୍ତ, ଓଡ଼ିଶା

# ଲୋକଙ୍କ ଦ୍ୱାରଦେଶରେ ଆଇନସେବା

- ସୁବର୍ଣ୍ଣପୁରରେ ବିଶାଳ ଆଇନ ସେବା ଶିବିର
- ୨୪୮୨ ହିତାଧିକାରୀଙ୍କୁ ମିଳିଲା ସହାୟତା
- ପ୍ରତିଷ୍ଠା ହେବ ସ୍ଥାୟୀ ଲୋକ ଅଦାଲତ

ସୋନପୁର,୨୧।୯(ନି.ପ୍ର.)

ସୁବର୍ଣ୍ଣପୁର ଭୀମଭୋଇ କଳା ମଣ୍ଡପରେ ବିଶାଳ ଆଇନ ସେବା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଓଡିଶା ନ୍ୟାୟାଳୟର ନ୍ୟାୟମୂର୍ତ୍ତୀ ତଥା ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧକ୍ଷା ସଞ୍ଜୁ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସୁଶ୍ରୀ ପଣ୍ଡା ତାଙ୍କ ବକ୍ତବ୍ୟରେ ଭାରତ ଭଳି ଏକ ଜନମଙ୍ଗଳ ରାଷ୍ଟ୍ରରେ ଆଇନ ସେବା ଏବେ ଲୋକଙ୍କ ଦ୍ୱାର ଦେଶରେ ପହଞ୍ଚି ପାରିଛି ବୋଲି କହିଥିଲେ। ଜନସଚେତନତା ପାଇଁ ରାଜ୍ୟର ୧୮ଟି ଜିଲାରେ ଏଭଳି ଶିବିର ଆୟୋଜନ କରାଯାଇଛି। ସୁବର୍ଣ୍ଣପୁରରେ ଖୁବ୍‌ଶୀଘ୍ର ଏକ ସ୍ଥାୟୀ ଲୋକ ଅଦାଲତ ପ୍ରତିଷ୍ଠା ହେବ। ଲୋକେ ତ୍ୱରିତ ନ୍ୟାୟ ପାଇପାରିବେ ବୋଲି ସୁଶ୍ରୀ ପଣ୍ଡା କହିଥିଲେ। ଓଡିଶା ନ୍ୟାୟାଳୟର ନ୍ୟାୟମୂର୍ତ୍ତୀ ତଥା ରାଜ୍ୟ ଆଇନ ସେବା କମିଟି ଅଧକ୍ଷ ଚିତ୍ତରଞ୍ଜନ ଦାଶ ଅନ୍ୟତମ ଅତିଥିଭାବେ ଯୋଗଦେଇ ସମାଜର ତଳସ୍ତରରେ ଥିବା ଲୋକଙ୍କ


ଶିବିରରେ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଉଛି।

ନିକଟରେ ଆଇନ ସେବା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ପହଞ୍ଚିବା ଉଚିତ୍ ବୋଲି କହିଥିଲେ। ଓଡିଶା ନ୍ୟାୟାଳୟର ନ୍ୟାୟମୂର୍ତ୍ତୀ ପ୍ରମଥ ପଟ୍ଟନାୟକ ଆଇନ ସେବା ମିଳିବା ଜନସାଧାରଣଙ୍କ ମୌଳିକ ଅଧିକାର। ଗରିବ, ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକେ ମାଗଣାରେ ଆଇନ ସେବା ପାଇପାରିବେ ବୋଲି କହିଥିଲେ। ରାଜ୍ୟ ଆଇନସେବା ପ୍ରାଧିକରଣର ସଦସ୍ୟ ସଚିବ ଦେବାଶିଷ ନାୟକ ଆଇନସେବା ପ୍ରାଧିକରଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ଜିଲା ଦୌରାଜଜ୍ ରାଜ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରି ସମସ୍ତଙ୍କ ସହଯୋଗରେ ଗତ ୨୫ତାରିଖରେ ଜିଲାରେ ୨ ଲକ୍ଷ ୭୨ ହଜାର ବୃକ୍ଷରୋପଣ ପରେ ପୁଣି ଏଭଳି ଏକ ସଫଳ ଶିବିର ଆୟୋଜନ ହୋଇ ପାରି ଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ବର୍ତ୍ତମାନ ସମୟ ବଦଳିଛି। ପ୍ରଶାସନ ଲୋକଙ୍କ ନିକଟରେ ପହଞ୍ଚୁଛି। ଜନସାଧାରଣ ବିଭିନ୍ନ ସରକାରୀ ଯୋଜନାରୁ ଲାଭ ଉଠାନ୍ତୁ। ଏସ୍‌ପି ଦେବୀପ୍ରସାଦ ମିଶ୍ର ଓ ଅତିରିକ୍ତ ଜିଲାପାଳ ତଥା ଜିଲା ଆଇନ ସେବା ପ୍ରାଧିକରଣର ନୋଡାଲ ଅଫିସର ଶରତ ଚନ୍ଦ୍ର ପଣ୍ଡା ବକ୍ତବ୍ୟ ରଖିଥିଲେ। ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦକ ସୀମା ତ୍ରିପାଠୀ ଓ ପ୍ରଦ୍ୟୁମ୍ନ ସାହୁ ସଭା ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ଯୋଜନାରେ ୨୪୮୨ଜଣ ହିତାଧିକାରୀଙ୍କୁ ଜିଲା ପ୍ରଶାସନ ପକ୍ଷରୁ ନାୟମୂର୍ତ୍ତୀ ସହାୟତା ରାଶି ବଣ୍ଟନ କରିଥିଲା। ଏସ୍‌ପିଙ୍କ ପକ୍ଷରୁ ପ୍ରଦତ୍ତ ୭୪୪ ବରିଷ୍ଠ ନାଗରିକଙ୍କୁ ପ୍ରଥମ ଥର ପାଇଁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଟାଉନ ହଲ ପରିସରରେ କୃତ୍ରିମ ଅଙ୍ଗ ପ୍ରତ୍ୟଙ୍ଗ ପ୍ରତିରୋପଣ ଶିବିର ଅନୁଷ୍ଠିତ ହୋଇଥିଲା। ୪୭ ଜଣ ଭିନ୍ନକ୍ଷମଙ୍କୁ କୃତ୍ରିମ ଅଙ୍ଗ ପ୍ରତ୍ୟଙ୍ଗ, ପକ୍ଷାଘାତ ଚୌକି ଓ ସ୍ୱତନ୍ତ୍ର ଜୋତା ପ୍ରଦାନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ, ପେନସନ ଯୋଜନା, ମମତା ଯୋଜନା, ଶିକ୍ଷା ସହାୟତା, ନିର୍ମାଣ ଶ୍ରମିକ ଯୋଜନା ଓ ମିଶନ ଶକ୍ତି ଯୋଜନାରେ ସହାୟତା ପ୍ରଦାନ କରାଯାଇଥିଲା। ଏଡିଜେ ମାନସ ପଣ୍ଡା, ସିଜେଏମ ମାନସ ରଞ୍ଜନ ରଥ, ରେଜିଷ୍ଟ୍ରାର ସୁବ୍ରତ କୁମାର ଆଚାର୍ଯ୍ୟ, ଏସଡିଜେଏମ ସୁକାନ୍ତ କିଶୋର ଜେନା, ଜେଏମଏଫସି ଅଙ୍କିତା ଶର୍ମା, ପ୍ରତ୍ୟାଶା ରାୟ ଓ ପ୍ରିୟଦର୍ଶନୀ ରାୟଙ୍କ ସମେତ ଡିଏଫଓ ସୁଶାନ୍ତ କୁମାର ସାମନ୍ତରାୟ, ସୋନପୁର ବିଡିଓ ରବିନ୍ଦ୍ର କୁମାର ପଟେଲ, ତହସିଲଦାର ଅରବିନ୍ଦ ବେହେରା ଓ ମ୍ୟୁନିସିପାଲିଟି ଇଓ ଜଗଦୀଶ ମହାନନ୍ଦ ସହଯୋଗ କରିଥିଲେ।

## ୫ ଲକ୍ଷ ଟଙ୍କା ନେଇ ଆର୍‌ଆଇ ଗାଏବ, ଥାନାରେ ଅଭିଯୋଗ

**ଭେଡ଼େନ,୨୧।୯(ଡ଼ି.ଏନ.ଏ):** ବରଗଡ଼ ଜିଲା ଭେଡ଼େନ ତହସିଲ ଅନ୍ତର୍ଗତ ଚିଚିଣ୍ଡା ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ରୋଜିପମା ପଟେଲ ଆଦାୟ ହୋଇଥିବା ସରକାରୀ ରାଜସ୍ୱ ୪ ଲକ୍ଷ ୯୭ ହଜାର ଟଙ୍କା ନେଇ ଗତ ୧୭ ତାରିଖରୁ ଗାଏବ ହୋଇ ଯାଇଛନ୍ତି। ତାଙ୍କର କୌଣସି ଖବର ମିଳୁନାହିଁ। ଏ ନେଇ ଶନିବାର ସନ୍ଧ୍ୟାରେ ଭେଡ଼େନ ତହସିଲଦାର ସୀମା ସବିତା କୁଲୁ ଭେଡ଼େନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ ସମ୍ପୃକ୍ତ ଆର୍‌ଆଇ ବିଭିନ୍ନ ସୂତ୍ରରୁ ଉକ୍ତ ଅର୍ଥରାଶି ଆଦାୟ କରିଥିଲେ ମଧ ତାକୁ ତହସିଲ ଅଫିସରେ ଜମା କରି ନ ଥିଲେ । ତେବେ ଗତ ୧୭ ତାରିଖରୁ ତାଙ୍କର କୌଣସି ପତ୍ତା ମିଳୁ ନ ଥିବା ବେଳେ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇନାହିଁ। ଅଭିଯୋଗ ପାଇବା ପରେ ଥାନା ଅଧିକାରୀ ହେମନ୍ତ ରାଓ ବରଗଡ଼ ଏସଡ଼ିପିଓ ଏବଂ ଏସ୍‌ପିଙ୍କ ସହ ଆଲୋଚନା କରିଛନ୍ତି। ଖବର ଲେଖା ହେବା (ରାତି ୮ଟା ୩୦) ସୁଦ୍ଧା ଏ ସମ୍ପର୍କରେ ମାମଲା ରୁଜୁ ହୋଇନାହିଁ ।

ଶ୍ରୀରାମ ରକ୍ଷା କବଚ
ଜୀବନର ଯେ କୌଣସି ସମସ୍ୟାର ସମାଧାନ ପାଇଁ ବହୁ ପରୀକ୍ଷିତ ଶ୍ରୀରାମ ରକ୍ଷା କବଚ ନୀତି ନିୟମରେ ଧାରଣ କରନ୍ତୁ। ପ୍ରାପ୍ତି ପାଇଁ ଯୋଗାଯୋଗ କରନ୍ତୁ:
ଶ୍ରୀ ରବି ମିଶ୍ର, ଜ୍ୟୋତିର୍ବିଦ୍
ତାରିଣୀ ବିହାର, କୁମ୍ଭାରସାହି, ବିଡ଼ାନାସୀ, କଟକ – ୧୪
ମୋ: ୯୪୩୯୧୪୯୯୭୫
ପ୍ରତ୍ୟେକ ବୁଧବାର ମାଗଣା ଜାତକ ବିଚାର କରାଯାଏ।

- ଚିକିତ୍ସା ଲାଗି ଟଁକା ଅଭାବ୍

## ମେଲାନୋଭା ରୋଗ୍‌ରେ ପୀଡ଼ିତ ତୁଲେଶ୍ୱରୀ

**ଭବାନୀପାଟଣା, ୨୧।୯ (ଡି.ଏନ୍.ଏ.)**

ଅଜନା ରୋଗ୍‌ରେ ସଁଥିଲି ହେଉଛେ ୩ ବଛର୍‌ର ଗୁଟେ ନିଷ୍ପାପ ଛୁଆ। ଉନିଆ ଛୁଆକର ଲେଖେଁ ସେ ଖେଲାବୁଲା କରୁଛେ। ହେଲେ ଦିନୁଦିନ୍‌କେ କେହେନ୍‌ସି ଗୁଟେ ଅଜନା ରୋଗ୍ ତାର ଦିହେ ଚହଟି ଚହଟି ଯାଉଛେ। ଇଥିର ଲାଗି ମା'ବାପ୍ ସବୁବେଲେ ଚିନ୍‌ତାରେ ରହିଛନ୍। ହେଲେ ଅଭାବ ଅନାଟନ ଲାଗି ଝିଁର ଉଚ ଚିକିଛା କରାବାକେ ସେମାନେ ସକ୍ଷମ ନୁହେ। ସୂଚନା ଅନ୍‌ସାରେ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲ ପଁଚେତ୍ ଅଧୀନ ମଙ୍ଗଳପୁର ଗାଁର ସେନାପତି ରଣାକଁର ଝିଁ ତୁଲେଶ୍ୱରୀ ରଣା(୩)। ତୁଲେଶ୍ୱରୀର ଜନମ୍ ବେଲେ ତାକର ଜଂଘେ ଗୁଟେ ଛୁଟିଆ କଲା ଜାଇ ଥିଲା। ସେ ସମିଆରେ ପରିବାର ଲୋକ୍ ଇଟାକେ ଜନମ୍ ଦାଗ୍ ଭାବିଥିଲେ। ହେଲେ ତୁଲେଶ୍ୱରୀର ବଏସ୍ ବଢ଼ବାର ସଂଗେ ଜାଇ ବଢ଼ତେଲ


ମେଲାନୋଭା ରୋଗ୍‌ରେ ପୀଡ଼ିତ ତୁଲେଶ୍ୱରୀ।

ଯାଉଛେ। ଏହେଦେ ତୁଲେଶ୍ୱରୀକେ ୩ ବଛର ୩ ମାସ୍ ହେଲାବେଲେ କଲା ଜାଇ ତାକର ଆଁଠୁରୁ ପେଟ୍ ତକ୍ ଚହଟି ଗଲାନ। ଇଆଡ଼େ ପିଠି ତଲେ ଗୁଟେ ଆବୁ ହେଇଛେ। ଝିଁର ଏନ୍‌ତା ଅବସ୍‌ତା ଦେଖି ଗରିବ୍ ମା'ବାପ୍ ପାସର ଡାକ୍‌ତରଖାନାକେ ନେଇ ଦେଖେଇଥିଲେ। ଡାକ୍‌ତରକଁର ପରାମର୍ଶ୍ ହିସାବେ ଝିଁକେ ଜିଲା ମୁଖିଆ ଡାକ୍‌ତରଖାନାରେ ନେଇ ଦେଖାଲେ। ତୁଲେଶ୍ୱରୀକୁଁ ଡାକ୍‌ତରକଁର କହେବାର ହିସାବେ ଉଷୋକଷା ବି ଖୁଆଲେ, ହେଲେ କିଛି ଲାଭ୍ ନାଇଁହେଲା। ଇଆଡ଼େ ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ସେନାପତି ରଣା କୁଲିମଜୁରି କରି କୁଟୁମ ପୁଷୁଛନ୍। ଏନ୍‌ତାଥି ଘରେ ସବୁବେଲେ ଅଭାବ ଅନାଟନ ଲାଗି ରହିଛେ। ଯେନ୍‌ଥିରଲାଗି ସେ ଝିଁର ଉଚ ଚିକିଛା କରେଇ ନାଇଁ ପାରବାର। ଇ ବାବ୍‌ଦେ ଚପ୍ରିଆ ସିଏଚ୍‌ସିର ଡା.ଚମ୍ପକ ମେହେରକୁଁ ପଚରାଲାରୁ ଛୁଆଟା ମେଲାନୋଭା ରୋଗ୍‌ରେ ପୀଡ଼ିତ ଅଛେ, ରୋଗ୍‌ଟା ଜେନେଟିକ ଆଏ। ଚିକିଛା ଲାଗି ମୁଇଁ ଜିଲା ମୁଖିଆ ଡାକ୍‌ତରଖାନାକେ ପଠେଇଥିଲି। ଇ ରୋଗ୍‌ର ଚିକିଛା ଇଠାନେ ସମ୍ଭବ ନୁହେ ବଲି ସେ କହିଥିଲେ।












Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି। କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।

- ଟଲଷ୍ଟୟ



## ସଂକ୍ଷେପରେ

### ପଞ୍ଚାୟତ ସମିତି ଜୁନିୟର କଲେଜରେ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର

ଉଲୁଣ୍ଡା, ୨୧।୯(ଡି.ଏନ.ଏ.): ଉଲୁଣ୍ଡା ସଦରଠାରେ ଥିବା ପଞ୍ଚାୟତ ସମିତି ଜୁନିୟର କଲେଜରେ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ରମାକାନ୍ତ ବିଶି ଓ ଯୁବ ରେଡକ୍ରସ କାଉନସେଲର ଶିବ ନାରାୟଣ ମହାକୁରଙ୍କ ତତ୍ତ୍ୱାବଧାନକ୍ରମେ ଅନୁଷ୍ଠିତ ଏହି ଶିବିରରେ ଆୟୁଷ ଡାକ୍ତର ଅରୁଣ କୁମାର ଦାସ, ଫାର୍ମାସିଷ୍ଟ ପ୍ରଭୁଦତ ପୁରୋହିତ, ଷ୍ଟାଫନର୍ସ ଆଭାରାଣୀ ପର୍ଡିଆ ଯୋଗଦେଇ କଲେଜର ପ୍ରାୟ ଶହେ ଜଣ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅଧ୍ୟାପକ ମହାଦୀପ ପୁରୋହିତ, ଭକ୍ତନାଥ ପଣ୍ଡା, ସୁକଦେବ ଝାଙ୍କର, ସରୋଜ ପାଣ୍ଡିଆ, ନିରଞ୍ଜନ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ଯକ୍ଷ୍ମାରୋଗ ଚିହ୍ନଟ ପ୍ରଶିକ୍ଷଣ ଶିବିର

ଉଲୁଣ୍ଡା, ୨୧।୯(ଡି.ଏନ.ଏ.): ଉଲୁଣ୍ଡା ସଦର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯକ୍ଷ୍ମାରୋଗ ଚିହ୍ନଟ ପ୍ରଶିକ୍ଷଣ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ମାଝିଗୌରୀ ପାତ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ଶିବିରକୁ ମେଡିକାଲ ଅଫିସର ଆସୁତୋଷ ମିଶ୍ର ଉଦ୍‌ଘାଟନ କରିଥିଲେ। ପରେ ଯକ୍ଷ୍ମାରୋଗକୁ କିପରି ଭାବରେ ଚିହ୍ନଟ କରାଯିବ ତାହା ଉପରେ ଉପସ୍ଥିତ ଆଶାକର୍ମୀ, ସ୍ୱାସ୍ଥକର୍ମୀ ତଥା ଅନ୍ୟାନ୍ୟ ଶବିରାର୍ଥୀଙ୍କୁ ବୁଝାଇଥିଲେ। ବିପିଏମ ମହେନ୍ଦ୍ର କୁମାର ମିଶ୍ର ସଂଯୋଜନା କରିଥିବା ବେଳେ କୁମଦ ବଲ୍ଲବ ନାଏକ ଉପସ୍ଥିତ ଥିଲେ।

### ଗାଁ ରାସ୍ତା ସଫେଇ କଲେ ଯୁବଗୋଷ୍ଠୀ

ଡୁଙ୍ଗୁରିପାଲି, ୨୧।୯(ଡି.ଏନ୍.ଏ.): ଡୁଙ୍ଗୁରିପାଲି ବ୍ଲକ ସୁନାପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପହଣ୍ଡି ଗ୍ରାମ୍ୟରାସ୍ତା ଅଳିଆ ଆବର୍ଜନାରେ ଭରି ଯାଇଥିଲା। ବାରମ୍ବାର କହିଲେ ମଧ ପଞ୍ଚାୟତ କର୍ତ୍ତୃପକ୍ଷ କିମ୍ବା ଗାଁ କଲ୍ୟାଣ ସମିତି ଏହାକୁ ସଫେଇ କରୁ ନ ଥିଲା। ଶନିବାର ଗାଁର କେତେକ ଯୁବକ ଏହି ଆବର୍ଜନାକୁ ସଫା କରିଛନ୍ତି। ସମିତି ସଭ୍ୟ ସୁଶାନ୍ତ କୁମାର ପଧାନଙ୍କ ନେତୃତ୍ୱରେ ଲକ୍ଷା ପଧାନ, ୱାର୍ଡସଭ୍ୟ ଲଳିତ ପଧାନ, ଆନନ୍ଦ ଭୂଏ, ସୁକାନ୍ତ ବଢେଇ, ରାହୁଲ ଭୂଏ, ଅଲେଖ ପଧାନ, ବାରୁ ଗୁରୁ, ଆନନ୍ଦ ପଧାନ, ଲିଙ୍ଗରାଜ ଭୂଏ ଓ ପଞ୍ଚା ପଧାନ ସକାଳୁ ସଫେଇରେ ଲାଗି ପଡିଥିଲେ।

ଚୂଡାଖାଇ ଡଙ୍ଗର ଲୋକମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

# ଅକ୍ଟୋବର ୧୦ରୁ ତିନିଦିନିଆ ମହୋତ୍ସବ

ତରଭା ୨୧।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ସହରଠାରୁ ସାତ କିଲୋମିଟର ଦୂରରେ ରହିଛି ଚୂଡାଖାଇ ପାହାଡ । ଏହାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଁ ଗତବର୍ଷ ପାହାଡ ପାଦଦେଶରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସରକାର ଚୂଡାଖାଇ ପାହାଡକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେଇଥିବା ଜଣାପଡିବା ପରେ ମହୋତ୍ସବ ପାଳନ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଏଥିପାଇଁ ଶନିବାର ତରଭା ବ୍ଲକ ସଭାଗୃହରେ ବିଡିଓ ନିହାର ରଞ୍ଜନ କହଁରଙ୍କ ଆବାହକତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଚୂଡାଖାଇ ପାହାଡ ଉନ୍ନୟନ କମିଟିର କାର୍ଯ୍ୟକାରୀ ସଭାପତି ଦଶରଥ ସାହୁ ଅଧ୍ୟକ୍ଷତା କରିଥିଲେ । ପ୍ରଥମେ ବିଡିଓ କହଁର ସଭାର ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଚୂଡାଖାଇ ପାହାଡକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେଇଥିବା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରିଥିଲେ। ଏହି ଉପଲକ୍ଷେ ଆସନ୍ତା ଅକ୍ଟୋବର ୧୦ରୁ ୧୨ତାରିଖ ପର୍ଯ୍ୟନ୍ତ ଚୂଡାଖାଇ ପାଦଦେଶରେ ଚୂଡାଖାଇ ଡଙ୍ଗର ଲୋକ ମହୋତ୍ସବ କରାଯିବ ବୋଲି ପ୍ରକାଶ କରିବା ସହିତ ସମସ୍ତଙ୍କର ମତ ଲୋଡିଥିଲେ । ଚୂଡାଖାଇ ପାହାଡ ଉନ୍ନୟନ କମିଟି କାର୍ଯ୍ୟକାରୀ ସଭାପତି ସାହୁ ମହୋତ୍ସବର ସଫଳତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ଅତିରିକ୍ତ ତହସିଲଦାର କ୍ଷୀରୋଦ ବିହାରୀ ଭରତ ନାଗ, ଆଇଆଇସି ଡୋଳାମଣି ଭୋଇ, ଡ.ରମେଶ ପତ୍ରୀ, ଫାୟାର ଅଫିସର ସୁଧାକର ନାୟକ,ବରିଷ୍ଠ ନାଗରିକ ନାରାୟଣ ପ୍ରସାଦ ପାଣିଗ୍ରାହୀ, ପୂର୍ବତନ ନଗରପାଳ ଶୈଳେନ୍ଦ୍ର ସାହୁ, ନାଗରିକ କମିଟି ସଭାପତି ହରିବନ୍ଧୁ ପାଣିଗ୍ରାହୀ, ଶ୍ରୀହରି ବିଦ୍ୟାନିକେତନର ମ୍ୟାନେଜିଙ୍ଗ ଡାଇରେକ୍ଟର ରାଜେଶ ମେହେର, ଶିବପ୍ରସାଦ କହଁର, ଦେବେନ୍ଦ୍ର ନାଏକ, ମାନସ ମର୍ମଜ୍ଞ ପଙ୍କଜ ସାହୁ, ଆଦିବାସୀ ସଂଘ ସମ୍ପାଦକ କପୁରଚନ୍ଦ ଭୋଇ, ଲକ୍ଷେଘର ଗଣ୍ଡାସମାଜ ସଭାପତି ସୁରେନ୍ଦ୍ର ଛତ୍ରିଆ ପ୍ରମୁଖ ଉପସ୍ଥିତ ରହି ମହୋତ୍ସବ ଆୟୋଜନ ନେଇ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁଆ ସମିତି ସଭ୍ୟ ହେମନ୍ତ ମାଝୀ, ଉଲୁଣ୍ଡା ସମିତି ସଭ୍ୟ ବର୍ମେଶ ବାରିକ, ଉଲୁଣ୍ଡା ସରପଞ୍ଚ ଦୟାନିଧି ସୁନା, ସାମାଜିକ କର୍ମୀ ମନଭଞ୍ଜନ ମିଶ୍ର ଓ ରାଜକୁମାର ମାହାଣା,ଆକାଶ ସାହୁ, ଏବିଇଓ ଅଞ୍ଜନ ଚୌଧୁରୀ, ଅଶ୍ୱିନୀ ବିଶି, ଗଦିଦାର କୁଅଁର, ଅକ୍ଷୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ସ୍ଥାନୀୟ ଲୋକକଳାକୁ ଅଗ୍ରାଧିକାର ଦେବା ପାଇଁ ମତପ୍ରକାଶ ପାଇଥିଲା । ଏହି ଉପଲକ୍ଷେ ଅର୍ଥକମିଟି, ସାଂସ୍କୃତିକ କମିଟି, ଆଲୋଚନା ଚକ୍ର କମିଟି, ନିମନ୍ତ୍ରଣ କମିଟି ସହ ବିଭିନ୍ନ କମିଟି ମାନ ଗଠନ କରାଯାଇଥିଲା । ଏହି ଉପଲକ୍ଷେ ୧୦ତାରିଖ କଳସ ଶୋଭାଯାତ୍ରା ସହ ଶୁଭସ୍ତମ୍ଭ ସ୍ଥାପନ କରାଯିବ । ୧୧ ଓ ୧୨ ତାରିଖ ଦୁଇଦିନ ଆଲୋଚନାଚକ୍ର ଓ ସଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ଲୋକକଳା ସଂସ୍କୃତିର ଅବଦାନ ଥିବା ଜଣେ ଜଣେ କଳାକାରଙ୍କ ନାମରେ ଉକ୍ତମଞ୍ଚ ପ୍ରତ୍ୟେକ ଦିନ ନାମିତ କରିବାପାଇଁ ପ୍ରସ୍ତାବ ହେଇଥିଲା। ଲୁକ୍କାୟିତ କଳାକାରଙ୍କୁ ସମ୍ମାନିତ କରିବା ଏକ ଫଟୋ ମ୍ୟାଗାଜିନ, ବନୀକରଣ, ମୁହୁରୀ, ଘୁମୁରା, ଢାପ ଓ ଢୋଲ ପ୍ରତିଯୋଗିତା ଏବଂ ଚୂଡାଖାଇ ଉପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା କରିବା ପାଇଁ ପ୍ରସ୍ତାବ ଦେଇଥିଲେ।



ମୁର୍ଷୁଣ୍ଡୀ ଗଜଲକ୍ଷ୍ମୀ ପୂଜା କମିଟି ସଦସ୍ୟମାନେ ଗୋପାଳ ପଣ୍ଡାଙ୍କୁ ମୁରାସୁର ବରଣ କରୁଛନ୍ତି ।

## ମୁର୍ଷୁଣ୍ଡୀ ଗଜଲକ୍ଷ୍ମୀ ପୂଜା ପାଇଁ ମୁରାସୁର ବରଣ

ଅମରପାଲି, ୨୧।୯ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡୀଠାରେ ହେବାକୁ ଥିବା ୩୨ତମ ଗଜଲକ୍ଷ୍ମୀ ପୂଜା ଆସନ୍ତା ୧୩ ତାରିଖରୁ ୨୧ତାରିଖ ପର୍ଯ୍ୟନ୍ତ ହେବ। ଏହି ଅବସରରେ ପ୍ରତ୍ୟହ ସନ୍ଧ୍ୟାରେ ମୁରାସୁରରାଜ ହେବ । ଏଥିରେ ମୁରାସୁର ଭୂମିକାରେ ଅର୍ନ୍ତଡା, ବିନିକାର ଗୋପାଳ ପଣ୍ଡା ଅଭିନୟ କରିବେ। ଏହିକ୍ରମରେ ବିଧିମତେ ଗଜଲକ୍ଷ୍ମୀ ପୂଜା କମିଟି ତାଙ୍କୁ ମୁରାସୁର ବରଣ କରିଛି । ନଡିଆ, ମିଠା, ଫୁଲ, ଫଳ ଓ ଅଙ୍ଗବସ୍ତ୍ର ଦେଇ ଯଥାରୀତି ବରଣ କରାଯାଇଛି। ପୂଜାକମିଟି ସଭାପତି ଲବ କୁମାର ସାହୁଙ୍କ ତତ୍ତ୍ୱାବଧାନରେ କମିଟିର ଉପଦେଷ୍ଟା ତଥା ପୂର୍ବତନ ଜିଲାପରିଷଦ ରାଜଗୋପାଳ ପାଣିଗ୍ରାହୀ, ଉପସଭାପତି ଧନଞ୍ଜୟ ସାହୁ, ସମ୍ପାଦକ ତ୍ରୟଞ୍ଜିବ ମିଶ୍ର, ସହସମ୍ପାଦକ ବିଦ୍ୟାଧର ଝୁର୍ଡିଆ, କୋଷାଧ୍ୟକ୍ଷ ସତ୍ୟମୋହନ ବେଦପାଣୀଙ୍କ ସମେତ ବଳରାମ ପଧାନ, ଗୋପିନାଥ ପଧାନ, ଆଦିତ୍ୟ ସାହୁ, ସନ୍ତୋଷ ସମର୍ଥ, ବନ୍ତ ସିଂ, ଶ୍ରୀକର ପଧାନ, ଅରବିନ୍ଦ ପଧାନ, ଶ୍ୟାମ ନନ୍ଦ, ସୁନୀଲ ପଧାନ, ସତ୍ୟବ୍ରତ ଦ୍ୱାରୀ, ଶାନ୍ତନୁ ଖେତୀ ପ୍ରମୁଖ ସଦସ୍ୟ ମୁରାସୁର ବରଣ ବେଳେ ଉପସ୍ଥିତ ଥିଲେ। ଚଳିତ ବର୍ଷ ପୂଜାକୁ ଆକର୍ଷଣୀୟ କରିବା ପାଇଁ କଳସ ଶୋଭାଯାତ୍ରା ହେବ। ଦିନବେଳେ ରାମାୟଣ ପାରାୟଣ ହେବ। ସନ୍ଧ୍ୟାରେ ମୁରାସୁର ରାଜ, ଅପେରା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସ୍ଥିରୀକୃତ ହୋଇଛି ।





ଶିବିରର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିଗଣ ।

ଯୁବ ରେଡକ୍ରସ ଶିକ୍ଷା, ତାଲିମ ଶିବିର ଉଦ୍‌ଘାଟିତ

## ୧୪୦ ସ୍ୱେଚ୍ଛାସେବୀଙ୍କ ଅଂଶଗ୍ରହଣ

ଅମରପାଲି, ୨୧।୯(ଡି.ଏନ.ଏ.)

ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା କଲେଜରେ ଜିଲାସ୍ତରୀୟ ଯୁବ ରେଡକ୍ରସ ଶିକ୍ଷା ଓ ତାଲିମ ଶିବିର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ସୋନପୁର କଲେଜ ଅଧ୍ୟକ୍ଷ ତଥା ଜିଲା ଯୁବ ରେଡକ୍ରସ ସଭାପତି ଡ. ତରୁଣ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉକ୍ତ ଶିବିରକୁ ଉଦ୍‌ଘାଟନ କରିଥିଲେ। ସୁବଳୟା କଲେଜ ଅଧ୍ୟକ୍ଷ ତଥା ଶିବିରର ନିର୍ଦ୍ଦେଶକ ଭୋଳାନାଥ କର୍ମୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଜିଲା ରେଡକ୍ରସର ଉପସଭାପତି ଡ. ସତ୍ୟନାରାୟଣ ହୋତା ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ସେ ନିଜ ବକ୍ତବ୍ୟରେ ଛାତ୍ରୀଛାତ୍ରମାନଙ୍କୁ ସେବା ମନୋଭାବ ନେଇ କାର୍ଯ୍ୟ କଲେ ଆତ୍ମସନ୍ତୋଷ ମିଳିଥାଏ ବୋଲି କହିଥିଲେ। ତେଣୁ ସର୍ବଦା ସେବା ମନୋବୃତ୍ତିରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସୁବଳୟା ଯୁବ ରେଡକ୍ରସର ପରାମର୍ଶଦାତା ଅଧ୍ୟାପକ ରମାକାନ୍ତ ପୁରୋହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲା ଯୁବରେଡକ୍ରସ ସଂଯୋଜକ ଉମାକାନ୍ତ ନାଗ ବାର୍ଷିକ ବିବରଣୀ ପଠନ ଓ ଧନ୍ୟବାଦ ଅର୍ପଣ କରିଥିଲେ । ତିନି ଦିନ ଧରି ହେବାକୁ ଥିବା ଏହି ଶିବିର ସୋମବାର ଉଦ୍‌ଯାପିତ ହେବ । ଶିବିରରେ ଜିଲାର ପ୍ରତି କଲେଜରୁ ତିନି ଜଣ ସ୍ୱେଚ୍ଛାସେବୀ ରେଡକ୍ରସ ଓ ଜଣେ ଲେଖାଏଁ ଅଧ୍ୟାପକଙ୍କ ହିସାବରେ ଜିଲାରେ ଥିବା ମୋଟ ୩୫ଟି କଲେଜରୁ ୧୪୦ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରୁଛନ୍ତି ।

## ଏଇଏସ୍ କଲେଜରେ ଶିକ୍ଷକ, ଅଭିଭାବକ ବୈଠକ

ତରଭା ୨୧।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ଏଇଏସ ମହାବିଦ୍ୟାଳୟ ପରିସରରେ ଶିକ୍ଷକ ଓ ଅଭିଭାବକମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । କଲେଜର ଭାରପ୍ରାପ୍ତ ଅଧକ୍ଷା ସଂଯୁକ୍ତା ବାଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରଶାସନିକ ଅଧିକାରୀ ଅଧାପିକା ମିନତୀ ମିଶ୍ରଙ୍କ ସମେତ ସମସ୍ତ ଅଧାପିକାଅଧାପକ ଯୋଗଦେଇଥିଲେ। ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ ୭୫ପ୍ରତିଶତ ଉପସ୍ଥାନ ପ୍ରତ୍ୟେକ ଛାତ୍ରୀଛାତ୍ରମାନଙ୍କ ପାଇଁ ବାଧ୍ୟତାମୂଳକ ହେବାର ବିଷୟରେ ଅଭିଭାବଙ୍କୁ ଅବଗତ କରାଯାଇଥିଲା। ଅଧାପକ ଅନୋଜ କୁମାର ଭୁକ୍ତା କଲେଜରେ ଶୈକ୍ଷିକ ବାତାବରଣରେ ଅଭିଭାବକମାନଙ୍କ ମଧ୍ୟ ଭୂମିକା ରହିଛି ବୋଲି ତାଙ୍କର ବକ୍ତବ୍ୟରେ ପ୍ରକାଶ କରିଥିଲେ । ଶେଷରେ ଅଧପିକା ମିଶ୍ର ସମସ୍ତଙ୍କ ଧନ୍ୟବାଦ ଅର୍ପଣ କରିଥିଲେ।

## ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ପ୍ରତିଯୋଗିତା

ସୋନପୁର,୨୧।୯(ନି.ପ୍ର.)

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ବ୍ଲକସ୍ତରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି । ସୋନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସହରର ମଝିପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟସ୍ତରରେ ଅନୁଷ୍ଠିତ ପ୍ରବନ୍ଧ, ଚିତ୍ରାଙ୍କନ, କୁଇଜ୍ ଓ ବକ୍ତୃତା ପ୍ରତିଯୋଗିତାରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଫକୀର ଚରଣ ଭୋଇ ଓ ଚିତ୍ତରଞ୍ଜନ ମେହେର ଯୋଗଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାକୁ ବ୍ଲକର ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ତଥା ଶିକ୍ଷୟିତ୍ରୀ, ଶିକ୍ଷକମାନେ ପରିଚାଳନା କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସୋନପୁର ବିଡିଓ ରବିନ୍ଦ୍ର କୁମାର ପଟେଲ ପୁରସ୍କାର ବିତରଣ କରିବା ସହ ଗାନ୍ଧୀଙ୍କ ନୀତି, ଆଦର୍ଶର ସାମ୍ପ୍ରତିକ ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ ପ୍ରାଥମିକସ୍ତରରେ ଶିବାନୀ ମହାରଣା, ଉଚ୍ଚ ପ୍ରାଥମିକସ୍ତରରେ ରଶ୍ମିତା ନାଏକ, ଉଚ୍ଚ ବିଦ୍ୟାଳୟ ସ୍ତରରେ ପ୍ରତିମା ପାତ୍ର, ଚିତ୍ରାଙ୍କନରେ ପ୍ରାଥମିକ ସ୍ତରରେ ସନ୍ତୋଷିନୀ ଭୁଏ, ଉଚ୍ଚ ପ୍ରାଥମିକସ୍ତରରେ ଭଜମନ ଦାଶ, ଉଚ୍ଚ ବିଦ୍ୟାଳୟ ସ୍ତରରେ ରୋହିଣୀ ନାଏକ, କୁଇଜ୍‌ରେ ପ୍ରାଥମିକ ସ୍ତରରେ ନିହାରିକା କୁମ୍ଭାର, ଉଚ୍ଚ ପ୍ରାଥମିକ ସ୍ତରରେ ବାବୁଲାଲ ସାହୁ, ଉଚ୍ଚ ବିଦ୍ୟାଳୟ ସ୍ତରରେ ପ୍ରତିପ୍ରଜ୍ଞା ପୂଝାରୀ, ପ୍ରବନ୍ଧରେ ପ୍ରାଥମିକସ୍ତରରେ ନତାଶା ପଧାନ, ଉଚ୍ଚ ପ୍ରାଥମିକସ୍ତରରେ ଯଶୋଦା ଖେତି ଓ ଉଚ୍ଚ ବିଦ୍ୟାଳୟସ୍ତରରେ ଜଗା ବେହେରା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ।

# ବିଜେପୁର: ପ୍ରାର୍ଥୀ ଚୟନ ଉପରେ ନଜର

ଭୁବନେଶ୍ୱର,୨୧।୯(ବ୍ୟୁରୋ)

ବିଜେପୁର ଉପନିର୍ବାଚନ ପାଇଁ ତାରିଖ ଘୋଷଣା ପରେ ରାଜନୈତିକ ଦଳଗୁଡିକ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ଏହି ଆସନକୁ ଶେଷ ୨ ନିର୍ବାଚନରେ ଜିତିଥିବା ବିଜେଡି ପକ୍ଷରୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି। ଅନୁରୂପ ଭାବେ ଭାଜପା ମଧ ଉପନିର୍ବାଚନ ପାଇଁ ପାଗ ଭିଡିଛି। ଏକଦା ବିଜେପୁରକୁ କଂଗ୍ରେସର ଗଡ଼ କୁହାଯାଉଥିଲା। ହେଲେ କଂଗ୍ରେସର ପୂର୍ବତନ ବିଧାୟକ ସ୍ୱର୍ଗତ ସୁବଳ ସାହୁଙ୍କ ପତ୍ନୀ ରୀତା ସାହୁ ଏବଂ ସମର୍ଥକ ବିଜେଡିରେ ସାମିଲ ହେବା ପରେ କଂଗ୍ରେସ ପୂର୍ବ ରାଜନୈତିକ ଗୁରୁତ୍ୱ ହରାଇଛି। ତେଣୁ ଏହି ଉପନିର୍ବାଚନରେ ବିଜୟ ଅପେକ୍ଷା କଂଗ୍ରେସ ସମ୍ମାନଜନକ ଭୋଟ ପାଇବା ଚ୍ୟାଲେଞ୍ଜ ସଦୃଶ ହୋଇଛି। ଅନୁରୂପ ଭାବେ କ୍ଷମତାରେ ଥିବାରୁ ବିଜେଡି ପାଇଁ ଏହି ଆସନଟି ସମ୍ମାନର ପ୍ରଶ୍ନ ପାଲଟିଛି। ସେହିଭଳି ପ୍ରଥମଥର ପାଇଁ ରାଜ୍ୟରେ ମୁଖ୍ୟ ବିରୋଧୀ ଦଳ ମାନ୍ୟତା ପାଇଥିବା ଭାଜପା ପଶ୍ଚିମ ଓଡ଼ିଶାର ସବୁ ଲୋକ ସଭା ଆସନରେ ବିଜୟୀ ହୋଇଥିଲା। ହେଲେ ବିଧାନସଭାରେ ଆଖିଦୃଶିଆ ପ୍ରଦର୍ଶନ କରି ପାରି ନ ଥିଲା। ତେଣୁ ଏହି ପରମ୍ପରାକୁ ବଦଳାଇବା ଲକ୍ଷ୍ୟ ନେଇ ଉପନିର୍ବାଚନକୁ ଦଳ ଓହ୍ଲାଇବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

ନିକଟରେ ବିଜେଡି ପକ୍ଷରୁ ୪ ବରିଷ୍ଠ ନେତାଙ୍କୁ ନେଇ ଏକ ନିର୍ବାଚନ ପରିଚାଳନା କମିଟି ଗଠନ କରାଯାଇଥିଲା। ଏଥିରେ ମନ୍ତ୍ରୀ ସୁଶାନ୍ତ ସିଂ, ନିରଞ୍ଜନ ପୂଜାରୀ, ବଲାଙ୍ଗୀର ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ ଏବଂ ବ୍ରହ୍ମଗିରି ପୂର୍ବତନ ବିଧାୟକ ସଞ୍ଜୟ ଦାସବର୍ମାଙ୍କୁ ସ୍ଥାନ ଦିଆଯାଇଥିଲା। ବିଜେଡି ଶୀର୍ଷ ନେତୃତ୍ୱର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କମିଟି ମୁଖ୍ୟତଃ ନିର୍ବାଚନ ପରିଚାଳନା କରିବ। ବିଜେଡି ପକ୍ଷରୁ କାହାକୁ ପ୍ରାର୍ଥୀ କରାଯିବ, ତାହାକୁ ନେଇ ସବୁ ମହଲରେ ଉତ୍କଣ୍ଠା ରହିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ୨୦୧୮ ପରି ରୀତା ସାହୁଙ୍କ ଉପରେ ପୁନଶ୍ଚ ଆସ୍ଥା ପ୍ରକଟ କରୁଛନ୍ତି ନା ଅନ୍ୟ କାହାରିକୁ ପ୍ରାର୍ଥୀ କରୁଛନ୍ତି, ସେନେଇ ଚର୍ଚ୍ଚା ଜୋର ଧରିଛି। ରୀତାଙ୍କୁ ବାଦ୍ ଦେଲେ ସେହି ଆସନ ପାଇଁ ଭାଜପା ଛାଡି ଆସିଥିବା ସୁବାସ ଚୌହାନ, କଂଗ୍ରେସରୁ ଆସିଥିବା ପ୍ରଣୟ ସାହୁ, ପୂର୍ବରୁ ପ୍ରାର୍ଥୀ ହୋଇଥିବା ପ୍ରଭାତ ଆଦିତ୍ୟ ମିଶ୍ର ଏବଂ ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ନାଁକୁ ନେଇ ଚର୍ଚ୍ଚା ହେଉଛି। ହେଲେ ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ସୁବାସ ଚୌହାନଙ୍କୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ କରାଯାଇଛି। ତେଣୁ ତାଙ୍କ ପ୍ରାର୍ଥିତ୍ୱକୁ ନେଇ ସମ୍ଭାବନା ହ୍ରାସ ପାଇଛି। ଅନୁରୂପ ଭାବେ ପ୍ରଭାତ ଆଦିତ୍ୟ ମିଶ୍ରଙ୍କୁ ମଧ ଏପିକଲ୍ ଅଧ୍ୟକ୍ଷ କରାଯାଇଛି। ପ୍ରଣୟଙ୍କୁ ବଡ ପଦବୀ ମିଳି ନ ଥିଲେ ବି ତାଙ୍କ ସଙ୍ଗଠନ ମୁଖ୍ୟତଃ ଗାଇସିଲଟ୍ ବ୍ଲକରେ ସୀମିତ । ତେଣୁ ପୁନର୍ବାର ରୀତାଙ୍କ ପ୍ରାର୍ଥିତ୍ୱ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଅନୁରୂପ ଭାବେ ରାଜ୍ୟ ସଭା ସଦସ୍ୟ ଥିବା ସତ୍ତ୍ୱେ ପ୍ରସନ୍ନଙ୍କୁ ବରଗଡ ଲୋକ ସଭା ଆସନରୁ ପ୍ରାର୍ଥୀ କରାଯାଇଥିଲା। ତେଣୁ ବିଜେଡି ସଭାପତି କାହାକୁ ପ୍ରାର୍ଥୀ ଘୋଷଣା କରୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିଛି। ଉପନିର୍ବାଚନକୁ ନେଇ ବିଜେଡି ଜିଲା ପର୍ଯ୍ୟବେକ୍ଷକ ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି ଯେ, ଚଳିତ ମାସ ଶେଷସୁଦ୍ଧା ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯିବ। ଦଳ ନିର୍ବାଚନ ପାଇଁ ପ୍ରସ୍ତୁତ ରହିଛି। ପୂର୍ବ ୨ ଥର ଭଳି ବିଜେପୁରବାସୀ ପୁନର୍ବାର ବିଜେଡି ଉପରେ ଆସ୍ଥା ପ୍ରକଟ କରିବେ ବୋଲି ମଲ୍ଲିକ କହିଛନ୍ତି।

ସେହିଭଳି ଭାଜପା ପକ୍ଷରୁ ପ୍ରାର୍ଥୀ ହେବା ନେଇ ମଧ ଏକାଧିକ ଆଶାୟୀ ରହିଛନ୍ତି। ଗତଥର ପ୍ରାର୍ଥୀ ହୋଇଥିବା ସନତ ଗଡତିଆଙ୍କ ସହ ପ୍ରଦୀପ ପୁରୋହିତଙ୍କ ନାଁ ମଧ ଶୁଣାଯାଉଛି। ଚଳିତ ଥର ପଦ୍ମପୁରରୁ ପରାସ୍ତ ହେବା ପରେ ବିଜେପୁର ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଆଗ୍ରହ ଥିବା ପ୍ରଦୀପ ଗଣମାଧ୍ୟମରେ କହିସାରିଛନ୍ତି। ଜିଲା ପରିଷଦ ଅଧ୍ୟକ୍ଷ ମୁକ୍ତା ସାହୁ ମଧ ଭାଜପା ପ୍ରାର୍ଥୀ ହେବା ପାଇଁ ଚେଷ୍ଟା କରୁଥିବା ଜଣାପଡିଛି। ଭାଜପା ସଭାପତି ବସନ୍ତ ପଣ୍ଡା କହିଛନ୍ତି ଯେ, ବିଜେପୁର ନିର୍ବାଚନରେ ଭାଜପା ନିଶ୍ଚୟ ବିଜୟୀ ହେବ। ଦଳ ପକ୍ଷରୁ ପ୍ରାର୍ଥୀ ଚୂଡାନ୍ତ ସରିଛି, କେବଳ ଘୋଷଣା ବାକି ରହିଥିବା ବସନ୍ତ ସୂଚନା ଦେଇଛନ୍ତି। କଂଗ୍ରେସ ମଧ ପ୍ରାର୍ଥୀ ଚୂଡାନ୍ତ କରିବା ପାଇଁ ଏକ କମିଟି ଗଠନ କରିଛି। ୨୪ କିମ୍ବା ୨୫ ସୁଦ୍ଧା ଏହି କମିଟି ପ୍ରାର୍ଥୀଙ୍କ ନାମ ପିସିସିକୁ ପ୍ରଦାନ କରିବ। ଏହା ପରେ ଦଳ ପକ୍ଷରୁ ନାଁ ଘୋଷଣା କରାଯିବ ବୋଲି ଜଣାପଡିଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ବିଜେପୁର ଦାୟିତ୍ୱ ନେବେ ବୋଲି କହି ବିଜୟୀ ହେଲେ, ଜିତିବା ପରେ ଆସନ ଛାଡିଦେଲେ। ସେ ବିଜେପୁର ପାଇଁ କ'ଣ କରିଛନ୍ତି, ତାହାର ହିସାବ କଂଗ୍ରେସ ମାଗିବ। ଏତଦ୍‌ବ୍ୟତୀତ କୃଷି, ଜଳସେଚନ ପରି ଅନେକ ନିର୍ବାଚନୀ ପ୍ରସଙ୍ଗ ରହିଥିବା ନିରଞ୍ଜନ କହିଛନ୍ତି। କଂଗ୍ରେସ ପକ୍ଷରୁ ରିପୁନାଥ ସେଠ୍ ନିଜେ କିମ୍ବା ତାଙ୍କ ପରିବାରରୁ କାହାକୁ ପ୍ରାର୍ଥୀ କରିବାକୁ ଆଗ୍ରହୀ ଥିବା ଜଣାପଡିଛି। କିଶୋର ମେହେର ମଧ କଂଗ୍ରେସ ଟିକେଟ୍ ପାଇଁ ଆଶାୟୀ ଥିବା ଜଣାପଡିଛି।

CLASSIFIED DISPLAY
MORE SPACE • SAME PRICE

TARIFF (GST 5%)

| For Single Day 6x4 | For Single Day 12x4 | For 7 Days 6x4 | For 7 Days 12x4 | For 15 Days 6x4 | For 15 Days 12x4 | For 30 days 6x4 | For 30 days 12x4 |
|---|---|---|---|---|---|---|---|
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TCF FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
7055758337
7298510676

BUSINESS

DEALER WANTED
At all major locations across Odisha for :-
FASTBUILD AAC BLOCKS
Mail : dealership. fastbuild@gmail.com
Mob : 9073678360

FINANCE

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ ।
ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

EDUCATION

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ । ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

KUBER FINANCE
Kuber ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8146524009
8146359004

HINDUSTAN TOWER
ନାମ ନୁହେଁ କାମ କହିଥାଏ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ ୨୦ ଲକ୍ଷ, ଭଡ଼ା 60,000 + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Reg. No. - U6519TN198PLC00855)
ମାର୍କଶିଟ୍. ପ୍ରପର୍ଟି. ପର୍ସନାଲ. ଗ୍ରୁପ୍. ବ୍ୟବସାୟ ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP

ଋଣ ଧମାକା
ଋଣ ପାଇବା ହେଲା ସହଜ ଦୁଇ ଘଣ୍ଟାରେ ଗୃହ ଋଣ, ବ୍ୟବସାୟ, କୁକୁଡ଼ା ପାଳନ, ପଶୁପାଳନ ଋଣ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ । ସୁଧ 1% ବାର୍ଷିକ।
ଯୋଗାଯୋଗ କରନ୍ତୁ
7079574972
7491845997
toofanfinance.in
New Ashok Nagar, East Delhi, Delhi

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର । -ଏଡ୍‌ୱର୍ଥ



## ସଂକ୍ଷେପରେ

### ବୁଲା ଗୋରୁଙ୍କ ଯୋଗୁ ବଢୁଛି ଟ୍ରାଫିକ ସମସ୍ୟା

ପଦ୍ମପୁର, ୨୧।୯ (ଡି.ଏନ.ଏ)

ପଦ୍ମପୁର ସହରର ବିଭିନ୍ନ ରାସ୍ତାରେ ବୁଲା ଗୋରୁ ପଲ ପଲ ହୋଇ ଶୋଇ ରହୁଥିବା ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ଗୋରୁପଲ ମଝି ରାସ୍ତାରେ ଶୋଇ ରହୁଥିବାରୁ ଗାଡି ଚାଳକମାନେ ବାରମ୍ବାର ହର୍ନ ବଜାଇଲେ ମଧ ଉଠନ୍ତି ନାହିଁ । ଗାଡିରୁ ଓହ୍ଲାଇ ଏମାନଙ୍କୁ ବାଡି ସାହାଯ୍ୟରେ ଘଉଡାଇ ଗାଡି ନେବାକୁ ପଡିଥାଏ। ଏପରି ସମସ୍ୟା ଦିନରାତି ଦେଖାଦେଉଥିବାରୁ ଉକ୍ତ ରାସ୍ତାରେ ଯାନବାହନ ନେବା କଷ୍ଟକର ହୋଇପଡୁଛି। ଏହି ଗୋରୁପଲ ରାତି ହେଲେ ସହର ପାର୍ଶ୍ୱରେ ଥିବା ଜମିକୁ ଯାଇ ଧାନ ଖାଇଥାନ୍ତି । ଏଥିପାଇଁ ଚାଷୀଙ୍କ ଚିନ୍ତା ମଧ ବଢ଼ିଯାଏ। ଚାଷୀମାନେ ପ୍ରତିବର୍ଷ ଏପରି ସମୟରେ ବୁଲା ଗାଈଗୋରୁଙ୍କ ଉପଦ୍ରବରୁ ଚାଷକୁ ରକ୍ଷା କରିବା ପାଇଁ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥାନ୍ତି। ଉକ୍ତ ଗାଈ ଗୋରୁଙ୍କୁ କାଞ୍ଜିଆହୁଦାକୁ ନେବା କିମ୍ବା ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଚାଷୀମାନେ ଦାବି କରନ୍ତି । ଏ ସମ୍ପର୍କରେ ଏନଏସି ତରଫରୁ ମଧ ଡାକବାଜି ଯନ୍ତ୍ର ମାଧମରେ ଗୋରୁ ମାଲିକମାନଙ୍କୁ ନିଜ ନିଜ ଗାଈଗୋରୁଙ୍କୁ ଘରକୁ ନେବାକୁ ତାଗିଦ କରାଯାଏ । କିନ୍ତୁ ଗୋରୁ ମାଲିକମାନଙ୍କ ଏଥିପ୍ରତି ଭୃକ୍ଷେପ କରୁନାହାନ୍ତି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।

### ଭାଜପାର ରକ୍ତଦାନ ଶିବିର

ଗାଇସିଲେଟ, ୨୧।୯ (ଡି.ଏନ.ଏ)

ଗାଇସିଲେଟ ବ୍ଲକ ଅନ୍ତର୍ଗତ ତାଲପାଲି ଡାକ୍ତରଖାନାରେ ଭାଜପା ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ମୋଟ ୨୨ଜଣ ରକ୍ତଦାନ କରିଥିଲେ । ଏଥିରେ ଭାଜପାର ବରିଷ୍ଠ ନେତା ସନତ କୁମାର ତନସନା ମୁଖ୍ୟଅତିଥି, ଜିଲା ଉପ ସଭାପତି ପ୍ରବୀଣ କୁମାର ପାଣିଗ୍ରାହୀ, ଜିଲା ପରିଷଦ ଉପାଧକ୍ଷ ମଦନ ଦୀପ, ସଭ୍ୟା ସସ୍ମିତା ତନସନା, ଘନଶ୍ୟାମ ସାହୁ, ମିଡିଆ ସେଲ ପ୍ରଭାରୀ ଝସକେତନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପଦ୍ମପୁର ଉପଖଣ୍ଡ ଡାକ୍ତରଖାନା ରକ୍ତ ଭଣ୍ଡାରରୁ ସଂଗ୍ରାମ କେଶରୀ ମହନ୍ତ, ଦୀପକ ସାହୁ, ହିତେଶ ସାହୁ, ଜିତେନ୍ଦ୍ର ଗୁଲା ରକ୍ତ ସଂଗ୍ରହ କରିଥିଲେ । ଶେଷରେ ବିକାଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ବିନ୍ଧ୍ୟବାସିନୀ ଦେବୀଙ୍କ ନୂତନ ମଣ୍ଡପ ପ୍ରତିଷ୍ଠା

ପାଇକମାଳ, ୨୧।୯ (ଡି.ଏନ.ଏ)

ପାଇକମାଳର ନୃସିଂହନାଥ ମନ୍ଦିର ବସଷ୍ଟାଣ୍ଡ ନିକଟସ୍ଥ ବିନ୍ଧ୍ୟବାସିନୀ ମନ୍ଦିରରେ ଶନିବାର ବିନ୍ଧ୍ୟବାସିନୀ ଦେବୀଙ୍କ ନୂତନ ମଣ୍ଡପ ପ୍ରତିଷ୍ଠା ହୋଇଯାଇଛି। ପାଇକମାଳର ଦେବୀ ପୂଜକ ଜୟନ୍ତୀ ପୂଝାରୀ ଓ ତାଙ୍କ ସ୍ୱାମୀ ଦନାର ବରିହା ପୂଜା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ପଣ୍ଡିତ ରଙ୍କମଣି ଦେବତା ଓ ଲିଙ୍ଗରାଜ ତ୍ରିପାଠୀ ପୂଜାର୍ଚ୍ଚନା କରି ମଣ୍ଡପ ପ୍ରତିଷ୍ଠା କରିଥିଲେ। ଦେବୀଙ୍କ ନିର୍ଦ୍ଦେଶ ପାଇ ନୂତନ ପୀଠ ନିର୍ମାଣ କରି ମଣ୍ଡପ ପ୍ରତିଷ୍ଠା କରାଯାଇଛି ବୋଲି ପୂଜକ ପୂଝାରୀ ଜଣାଇଛନ୍ତି ।

# ଧାନ କିଣାବିକା ଦୁର୍ନୀତି ତଦନ୍ତ ଶିଥିଳ

ବରଗଡ଼ ଅଫିସ୍,୨୧।୯



ଆପ୍ ପ୍ରତିନିଧି ଦଳ ବରଗଡ଼ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

- ଅର୍ଥନୈତିକ ଅପରାଧ ଶାଖା ତଦନ୍ତ ଦାବିକଲା ଆପ୍
- ବିଳମ୍ବିତ ତଦନ୍ତକୁ ନେଇ ସାଧାରଣରେ ନାନା ସନ୍ଦେହ
- ଦୁର୍ନୀତିରୁ ଖସିଯିବାକୁ ଏବେ ବି ଚାଲିଛି ଉଦ୍ୟମ

ବରଗଡ଼ ଜିଲା ତୋରା ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ)ରେ ଚାଷୀ ପରିଚୟ ପତ୍ର ଜାଲିଆତି କରି ଗତ ରବିରତୁ ଧାନ ସଂଗ୍ରହ ସମୟରେ ଧାନ କିଣାବିକା ହେବା ଏବଂ ସେଭଳି ଅନିୟମିତତାରେ କ୍ରୟଧାନର ପ୍ରାପ୍ୟରାଶି କେତେକ ଚାଷୀଙ୍କ ଆକାଉଣ୍ଟରେ ଜମା ହେବା ଘଟଣା ପଦାକୁ ଆସିବା ପରେ ଏହା ଜିଲାବ୍ୟାପୀ ଆଲୋଡ଼ନ ଖେଳାଇ ଦେଇଛି। ଘଟଣାଟି ପ୍ରାୟ ମାସେ ତଳୁ ଲୋକଲୋଚନକୁ ଆସିଛି ଏବଂ ଏ ନେଇ ଧରିତ୍ରୀରେ ତଥ୍ୟ ସମ୍ବଳିତ ଖବର ପ୍ରକାଶ ପାଇବା ପରେ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ମାତ୍ର ତଦନ୍ତ ଆଳରେ ସମୟ ଗଡୁଛି। ଫଳରେ ଏହି ଜାଲିଆତି ଘଟଣାରେ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ନେଇ ସାଧାରଣରେ ସନ୍ଦେହ ବଢ଼ିବାରେ ଲାଗିଛି। ଏ ସମ୍ପର୍କରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ କହିଛନ୍ତି, ସେହି ଘଟଣାର ତଦନ୍ତ ପାଇଁ ଏକ କମିଟି ଗଠନ କରାଯାଇଛି। ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ତଦନ୍ତ ରିପୋର୍ଟ ମିଳିବା ପରେ ତାକୁ ତର୍ଜମା କରି ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ।

ଅପରପକ୍ଷେ ବିଭାଗୀୟ ତଥା ପ୍ରଶାସନିକ ତଦନ୍ତ ବଦଳରେ ଏହି ଜାଲିଆତି ଘଟଣାର ତଦନ୍ତ ଦାୟିତ୍ୱ ଅର୍ଥନୈତିକ ଅପରାଧ ଶାଖାକୁ ଦେବା ପାଇଁ ଆମ ଆଦମୀ ପାର୍ଟି(ଆପ୍) ବରଗଡ଼ ଜିଲା ଶାଖା ଦାବି କରିଛି। ଏହି ପରିପ୍ରେକ୍ଷୀରେ ଶନିବାର ଆପ୍‌ର ଏକ ପ୍ରତିନିଧି ଦଳ ଜିଲାପାଳ ପ୍ରଧାନଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଦଳ ଅଭିଯୋଗ କରିଛି, ତୋରା ପ୍ୟାକ୍ସରେ ହୋଇଥିବା ଧାନ କିଣାବିକା ଅନିୟମିତତାରେ ରାଜସ୍ୱ, ସମବାୟ, ଯୋଗାଣ ଆଦି ବିଭାଗର ହାତ ରହିଛି। ଏଭଳି ଅନିୟମିତତା କେବଳ ତୋରା ପ୍ୟାକ୍ସରେ ସୀମିତ ରହି ନାହିଁ। ଅନ୍ୟ କେତେକ ପ୍ୟାକ୍ସରେ ସେଭଳି ଜାଲିଆତି କରାଯାଇଛି ଏବଂ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଛି। ଫଳରେ ଉକ୍ତ ଧାନ କିଣାବିକା ଜାଲିଆତି ଘଟଣାର ତଦନ୍ତ ଅର୍ଥନୈତିକ ଅପରାଧ ଶାଖା ଦ୍ୱାରା କରିବା ପାଇଁ ଆପ୍‌ର ଜିଲା ଆବାହକ ଭବାନୀ ପ୍ରସାଦ ସାହୁ, ରମେଶ କୁମାର ପତି, ପବିତ୍ର ଦେହେରୀ, ଅସିତ୍ ସାହୁ, ମହମ୍ମଦ ଅଲିମ, ମେରିୟମ ବାର୍ଲା ପ୍ରମୁଖ ଦାବି କରିଛନ୍ତି ।

ଏହି ଜାଲିଆତି ଘଟଣାରେ ଉପରୋକ୍ତ ବିଭାଗ ଗୁଡ଼ିକର ତଳୁ ଉପର ପର୍ଯ୍ୟନ୍ତ କେତେକ ଅଧିକାରୀ, କର୍ମଚାରୀଙ୍କ ସମେତ ମିଲର୍ସ ଓ ବେପାରୀଙ୍କ ସମ୍ପୃକ୍ତି ଦିନକୁ ଦିନ ସ୍ପଷ୍ଟ ହେବାରେ ଲାଗିଛି। ମାତ୍ର ଏଭଳି ଏକ ମହାଦୁର୍ନୀତି ଉପରେ ପ୍ରଶାସନ ପକ୍ଷରୁ କିଭଳି କାର୍ଯ୍ୟାନୁଷ୍ଠାନ ନିଆଯାଉଛି, ତାହା ଦେଖିବାକୁ ବାକି ରହିଛି । ତେବେ ଏ ନେଇ ଜିଲା ଯୋଗାଣ ଅଧିକାରୀ ଶ୍ରୀକର ମାଝି, ଅତିରିକ୍ତ ସମବାୟ ନିବନ୍ଧକ ଭକ୍ତବନ୍ଧୁ ସାହୁ ଏପର୍ଯ୍ୟନ୍ତ ତାଙ୍କ ପାଖକୁ ତଦନ୍ତ ରିପୋର୍ଟ ହସ୍ତଗତ ହୋଇ ନ ଥିବା କହିଛନ୍ତି। ତଦନ୍ତକାରୀ ଟିମ୍‌ରେ ଥିବା ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଡି.ସି. ଭେସ୍ରା ତଦନ୍ତ ସାରିବାକୁ ଆଉ ଟିକିଏ ବାକି ଥିବା ପ୍ରକାଶ କହିଛନ୍ତି ।

# ନିର୍ଭୁଲ୍ ତଥ୍ୟ ଦେବାକୁ ଜିଲାପାଳଙ୍କ ପରାମର୍ଶ

ବରଗଡ଼ ଅଫିସ୍,୨୧।୯

ଭାରତ ସରକାରଙ୍କ ଅନୁମୋଦନ କ୍ରମେ ଗତ ମାସ ୨୬ ତାରିଖରୁ ଆମ ରାଜ୍ୟର ସମସ୍ତ ଜିଲାରେ ସପ୍ତମ ଅର୍ଥନୈତିକ ଗଣନା ଆରମ୍ଭ ହୋଇଛି। ବରଗଡ଼ ଜିଲାରେ ମଧ୍ୟ ଏହି ଅଭିଯାନ ଚାଲିଛି। ଏହି କାର୍ଯ୍ୟକ୍ରମରେ ନିୟୋଜିତ ଗଣନାକାରୀ, ପର୍ଯ୍ୟବେକ୍ଷକମାନେ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ପ୍ରତ୍ୟେକ ଗୃହକୁ ଯାଇ ସେଠାରେ କାର୍ଯ୍ୟ କରୁଛନ୍ତି। ସେମାନେ ଅର୍ଥନୈତିକ କ୍ରିୟାକଳାପର ବିଶଦ ବିବରଣୀ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ମୋବାଇଲ ଆପ୍ ମାଧ୍ୟମରେ ସଂଗ୍ରହ କରୁଛନ୍ତି। ସମସ୍ତ ଗଣନାକାରୀ, ପର୍ଯ୍ୟବେକ୍ଷକମାନଙ୍କୁ ପରିଚୟପତ୍ର ମଧ୍ୟ ପ୍ରଦାନ କରାଯାଇଛି । ସେହି ତଥ୍ୟ ଦ୍ୱାରା ଦେଶର ଶିଳ୍ପ, ସେବା, ବାଣିଜ୍ୟ ଆଦିର ସାମଗ୍ରିକ ଅଭିବୃଦ୍ଧି ଓ ବିକାଶ ନିମନ୍ତେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଦ୍ୱାରା ଯୋଜନା ପ୍ରଣୟନ କରୁଥିବାବେଳେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ବିଭାଗ ଓ ନୀତି ଆୟୋଗ ମଧ୍ୟ ବ୍ୟବହାର କରିଥାନ୍ତି । ଫଳରେ ଗଣନାକାରୀ ପଚାରୁଥିବା ସମସ୍ତ ତଥ୍ୟକୁ ସଠିକ୍ ଓ ନିର୍ଭୁଲ ଭାବେ ପ୍ରଦାନ କରିବାକୁ ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ସମସ୍ତଙ୍କୁ ଅନୁରୋଧ କରିଛନ୍ତି । ଉଲ୍ଲେଖନୀୟ, ବ୍ୟକ୍ତି ବିଶେଷ, ଶିଳ୍ପ, ଆର୍ଥିକ ତଥା ବାଣିଜ୍ୟିକ ଅନୁଷ୍ଠାନରୁ ସଂଗ୍ରହ କରାଯାଉଥିବା ତଥ୍ୟ ସମ୍ପୂର୍ଣ୍ଣ ଗୋପନ ରଖାଯିବ ଏବଂ ପରିସଂଖ୍ୟାନ ଭିତ୍ତିକ ବିଶ୍ଳେଷଣ କରାଯାଇ ପୂର୍ଣ୍ଣାଙ୍ଗ ତଥ୍ୟ ପ୍ରସ୍ତୁତ ହେବ ।

# ରାଣାପ୍ରତାପ ସ୍କୁଲରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ବରଗଡ଼ ଅଫିସ୍,୨୧।୯

ବରଗଡ଼ ରାଣାପ୍ରତାପ ସ୍କୁଲରେ ଶନିବାର ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍କୁଲ ପରିସର ସଫେଇ କରାଯାଇଥିବା ବେଳେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୁଖ ଏଥିରେ ସାମିଲ ଥିଲେ । ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱଚ୍ଛତା ପକ୍ଷ ପାଳନର ଆଭିମୁଖ୍ୟ ଉପରେ ସୂଚନା ଦିଆଯାଇଥିଲା । ଛାତ୍ରୀଛାତ୍ର ସ୍ୱଚ୍ଛତା ପାଇଁ ସଂକଳ୍ପ ନେଇଥିଲେ । ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସାହୁ ଛାତ୍ରୀଛାତ୍ରଙ୍କୁ ହାତଧୁଆ ଦିବସଠାରୁ ଆରମ୍ଭ କରି ସ୍କୁଲ ପରିସର ସଫେଇ ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟକ୍ରମ ଉପରେ ବିଭିନ୍ନ ପରାମର୍ଶ ଦେଇଥିଲେ ।



ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀମାନେ ସ୍କୁଲ ପରିସର ସଫେଇ କରୁଛନ୍ତି ।

# ମହାତ୍ମା ଗାନ୍ଧୀ ଥିଲେ ସ୍ଥିତପ୍ରଜ୍ଞ

ଅତାବିରା,୨୧।୯(ଡି.ଏନ.ଏ)

ଅତାବିରା ବ୍ଲକ ଅନ୍ତର୍ଗତ ଲରମ୍ବା କଲେଜରେ ଶନିବାର ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ସମାରୋହ ପାଳିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ଡଃ ନରେନ୍ଦ୍ର କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡଃ କାମଦେବ ସାହୁ ମୁଖ୍ୟଅତିଥି, ଡଃ ଦିଲୀପ କୁମାର ପଣ୍ଡା ମୁଖ୍ୟବକ୍ତା, ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଜାତିର ଜନକ ମହାତ୍ମାଗାନ୍ଧୀ ସ୍ଥିତପ୍ରଜ୍ଞ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଗାନ୍ଧିଜୀଙ୍କ ଉପରେ



ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରୁଛନ୍ତି ।

ଆଧାରିତ ପ୍ରବନ୍ଧ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ହୋଇଥିଲା ଏବଂ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଅଧ୍ୟାପକ ଡଃ ଅଜିତ କୁମାର ନାଥ ସ୍ୱାଗତ ଭାଷଣ ଓ ପ୍ରଫେସର ଡଃ ଦିଗାମ୍ବର ଚାନ୍ଦ ପରିଚୟ ପ୍ରଦାନ କରିଥିଲେ । ସେହିପରି ଶରତ ପୂଜାରୀ ସାଂସ୍କୃତିକ କଳା ପରିଷଦର ସଭ୍ୟ ପ୍ରମୋଦ ଚନ୍ଦ୍ର ସେଠ, ପବିତ୍ର କୁମାର ମାହାଣାଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଡଃ ପ୍ରମୋଦ କୁମାର ଭୋଇ, ମନୋରଞ୍ଜନ ତ୍ରିପାଠୀ, ଗଣେଶ ସିଂ, ଡଃ ଅମୃତା ସାମନ୍ତରାୟ, ବସନ୍ତ କୁମାର ପ୍ରଧାନ, ସରୋଜ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ ।

# ଗାଁକୁ ନାହିଁ ସବୁଦିନିଆ ରାସ୍ତା

ତଳଗାଁ,୨୧।୯(ଡି.ଏନ.ଏ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ନୂତନ ଗ୍ରାମପଞ୍ଚାୟତ ମହାଲିକପଡାର ପାହାଡ ଓ ଦୁର୍ଗମ ଅଞ୍ଚଳ ସାତଖଣ୍ଡ, କୁଟିବାରି, ହିଞ୍ଜାଳ ଓ ଧାଡିଆମ୍ବକୁ ଭଲ ରାସ୍ତା ନାହିଁ । ଗ୍ରାମବାସୀ ରାସ୍ତା ପାଇଁ ଦାବି କରିଆସୁଥିବାବେଳେ ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ । ଏଠାକାର ଗରିବ ହିତାଧିକାରୀମାନେ ପିଡିଏସ ସାମଗ୍ରୀ ଆଣିବା ପାଇଁ ଦୁର୍ଗମ ରାସ୍ତା ଦେଇ କୁଶଙ୍ଗ ପଞ୍ଚାୟତକୁ ଆସିଥାନ୍ତି। ରାସ୍ତା ନ ଥିବାରୁ ଯାତାୟତ ପାଇଁ ଟ୍ରାକ୍ଟର ଏକମାତ୍ର ମାଧ୍ୟମ । ପଞ୍ଚାୟତକୁ ପିଡିଏସ ସାମଗ୍ରୀ ଆଣିବାକୁ ଗଲେ ଗ୍ରାମବାସୀ ଟ୍ରାକ୍ଟର ଭଡା କରି ଏକାଠି ଆସନ୍ତି। ପଞ୍ଚାୟତରୁ ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ଟ୍ରାକ୍ଟରରେ ଲଦି ତାହା ଉପରେ ଲୋକମାନେ ବସି ଅସୁରକ୍ଷିତ ଭାବେ ଯାତ୍ରା କରିଥାନ୍ତି । ସେହିପରି ବୃଦ୍ଧାବୃଦ୍ଧମାନେ ଭତ୍ତା ଆଣିଯିବାକୁ ଟ୍ରାକ୍ଟର ଉପରେ ହିଁ ନିର୍ଭର କରିଥାନ୍ତି। ଏହି ଅଞ୍ଚଳର ହିତାଧିକାରୀମାନେ ଯାହା ବି ପିଡିଏସ ସାମଗ୍ରୀ କିମ୍ବା ଭତ୍ତା ପାଉଛନ୍ତି ସେଥିରୁ ବହୁ ଅର୍ଥ ତାଙ୍କର ଯିବା ଆସିବାରେ ଚାଲିଯାଉଛି । ତେଣୁ ଯେପର୍ଯ୍ୟନ୍ତ ଏହି ଅଞ୍ଚଳକୁ ରାସ୍ତା ନିର୍ମାଣ ହୋଇନାହିଁ ପ୍ରଶାସନ ଉକ୍ତ ଗ୍ରାମଗୁଡିକୁ ସରକାରୀ କର୍ମଚାରୀଙ୍କୁ ପଠାଇ ଭତ୍ତା ଟଙ୍କା ଓ ପିଡିଏସ ସାମଗ୍ରୀ ବାଣ୍ଟିବା ପାଇଁ ଗ୍ରାମର ବିରୁପାକ୍ଷ ପ୍ରଧାନ, ସତ୍ୟବାଦୀ ମଲ୍ଲିକ, ସୁରେନ୍ଦ୍ର ମଲ୍ଲିକ, ନିରଞ୍ଜନ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି ।

# ପୂର୍ବତନ ମନ୍ତ୍ରୀ ନଟବର ପ୍ରଧାନଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ବୌଦ୍ଧ,୨୧।୯(ସ୍ୱ.ପ୍ର)

ପୂର୍ବତନ ମନ୍ତ୍ରୀ ତଥା ବୌଦ୍ଧ ମାଟିର ଗର୍ବ ଓ ଗୌରବ ନଟବର ପ୍ରଧାନଙ୍କ ୩୬ତମ ଶ୍ରାଦ୍ଧ ବାର୍ଷିକୀ ବୌଦ୍ଧଠାରେ ଶନିବାର ପାଳିତ ହୋଇଛି। ନଟବର ପ୍ରଧାନ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମିଟି ସଭାପତି ବରିଷ୍ଠ ଆଇନଜୀବୀ ଅଚ୍ୟୁତାନନ୍ଦ ମିଶ୍ର ଓ ସମ୍ପାଦକ ତାରେଣୀ ମହାପାତ୍ରଙ୍କ ନେତୃତ୍ୱରେ କମିଟିର ସଦସ୍ୟ, ବୁଦ୍ଧିଜୀବୀ ଓ ବିଜେଡିର ନେତାମାନେ ଯୋଗଦେଇ ଏନଏସି ଛକଠାରେ ସ୍ଥାପିତ ନଟବରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହାପରେ କମିଟି ପକ୍ଷରୁ ଜିଲା ମୁଖ୍ୟଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବୌଦ୍ଧ ବିଧାୟକ ତଥା ସ୍ୱର୍ଗତ ଟନବର ପ୍ରଧାନଙ୍କ ଜାମାତା ପ୍ରଦୀପ କୁମାର ଅମାତ ସାମିଲ ହୋଇଥିଲେ । ଶ୍ରାଦ୍ଧବାର୍ଷିକୀ ପାଳନରେ ଯୁବ ବିଜେଡି ଜୋନାଲ ସଭାପତି ଅଶୋକ କୁମାର ସାହୁ, ବରିଷ୍ଠ ନାଗରିକ ମଞ୍ଚର ସଭାପତି ଅଖିଳଚାନ୍ଦ ମହାପାତ୍ର, ବଣିକ ସଂଘ ସଭାପତି ସୁବାସ ଚନ୍ଦ୍ର ସାହୁ, ଜିଲା ଟ୍ରକ ମାଲିକ ସଂଘ ସଭାପତି ଶିବ ପ୍ରସାଦ ମିଶ୍ର, ପୂର୍ବତନ ନଗରପାଳ ନିବାସ ଚନ୍ଦ୍ର ଦାନୀ, ଜିଲା ଉନ୍ନୟନ ପରିଷଦ ସଭାପତି ଚିତ୍ତରଞ୍ଜନ ଦାସ, ହରଭଙ୍ଗା ବ୍ଲକ ଅଧକ୍ଷ ବିଶ୍ୱଜିତ ମିଶ୍ର, ବରିଷ୍ଠ ଆଇନଜୀବୀ ଧୂରୀଣ କୁମାର ଦେହୁରୀ, ବସନ୍ତ ସ୍ୱାଇଁ ଓ ମାନସ ପୁରୋହିତ ପ୍ରମୁଖ ଯୋଗ ଦେଇଥିଲେ ।



ପୂର୍ବତନ ମନ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉପସ୍ଥିତ ବୁଦ୍ଧିଜୀବୀ।

# ଆହାର କେନ୍ଦ୍ରରେ ଭୋଜନ କଲେ ମନ୍ତ୍ରୀ

ବିଜେପୁର,୨୧।୯(ଡି.ଏନ.ଏ)

ବରଗଡ଼ ଜିଲା ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଆହାର କେନ୍ଦ୍ରରେ ଗ୍ରାମ୍ୟ ଉନ୍ନୟନ ଓ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ଶନିବାର ଭୋଜନ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ମନ୍ତ୍ରୀ ଭୋଜନ କରିବା ସମୟରେ ତାଙ୍କ ସହିତ ବିଜେଡ଼ି ଜିଲା ଉପସଭାପତି ଜନାର୍ଦ୍ଦନ ପାଣିଗ୍ରାହୀ, ବଳଭଦ୍ର ପ୍ରଧାନ, ଚିନ୍ତାମଣି ସାହୁ, ଦେବାନନ୍ଦ ଗଡ଼ତିଆ, ଦିବ୍ୟ ସିଂ ପ୍ରମୁଖ ଉପସ୍ଥିତ ଥିଲେ । ଗତ କିଛିଦିନ ତଳେ ବରଗଡ଼ ସହରସ୍ଥିତ ଆହାର କେନ୍ଦ୍ରରେ ସେ ଭୋଜନ କରିଥିଲେ ।



ଆହାର କେନ୍ଦ୍ରରେ ମନ୍ତ୍ରୀ ସୁଶାନ୍ତ ସିଂ ଭୋଜନ କରୁଛନ୍ତି ।

- ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନାଗାର ଉଦ୍‌ଘାଟିତ

# ଇଚ୍ଛାଶକ୍ତି ଥିଲେ ଲକ୍ଷ୍ୟ ହାସଲ କରିହେବ

ସୋହେଲା,୨୧।୯(ଡି.ଏନ.ଏ)

ସୋହେଲା ସରକାରୀ ଉଚ୍ଚ ବିଦ୍ୟାଳୟର ନବନିର୍ମିତ ସିଭି ରମଣ ବିଜ୍ଞାନାଗାରକୁ ଶନିବାର ପଶ୍ଚିମ ଓଡିଶାର ଯୁବ ବୈଜ୍ଞାନିକ ଶେଷ କିସାନ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ପ୍ରଧାନ ଶିକ୍ଷକ ହେମସାଗର ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି କିସାନ କହିଲେ, ଯେତେ ଖରାପ ପରିସ୍ଥିତି ଥିଲେ ମଧ୍ୟ ନିଜର ଦୃଢ ମନୋବଳ, ଇଚ୍ଛାଶକ୍ତି ଥିଲେ ସମସ୍ତ ଲକ୍ଷ୍ୟ ହାସଲ କରିହେବ । ବାଲ୍ୟାବସ୍ଥାରୁ ବୈଜ୍ଞାନିକ ହେବା ପର୍ଯ୍ୟନ୍ତ ନିଜର ଅନୁଭୂତି ପ୍ରକାଶ କରି ଉପସ୍ଥିତ ଛାତ୍ରମାନଙ୍କୁ ପାଠପଢାରେ ଧ୍ୟାନଦେବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲା ବିଜ୍ଞାନ ନିରୀକ୍ଷକ ମନୋଜ କୁମାର ସାହୁ, ମୋ ସ୍କୁଲ ଅଭିଯାନ ସଭାପତି ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗିରିଜା ଶଙ୍କର ଆଚାର୍ଯ୍ୟ, ସୋହେଲା



ବିଜ୍ଞାନାଗାର ଉଦ୍‌ଘାଟନୀ ସଭାରେ ମଞ୍ଚାସୀନ ଅତିଥି ।

ସବଟ୍ରେଜେରୀ ଅଧିକାରୀ ସଚ୍ଚିଦାନନ୍ଦ ସାହୁ ମଞ୍ଚାସୀନ ଥିଲେ। ଶିକ୍ଷକ ପ୍ରିୟଦର୍ଶୀ ସେନାପତି କାର୍ଯ୍ୟକ୍ରମ ସଂଯୋଜନା, ସଂସ୍କୃତ ଶିକ୍ଷକ ମହେନ୍ଦ୍ର କୁମାର ବାରିକ ଅତିଥି ପରିଚୟ ଏବଂ ସହକାରୀ ଶିକ୍ଷକ ଆଦିତ୍ୟ କୁମାର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ବୈଜ୍ଞାନିକ ଶେଷ କିସାନଙ୍କୁ ବିଦ୍ୟାଳୟର ଛାତ୍ରମାନଙ୍କ ଦ୍ୱାରା ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଶିକ୍ଷକ ସରୋଜ କୁମାର ରାୟ, ରାଜୀବ କାଶେର, ମହିମା ସାହୁ, ଅନୁରାଧା ସ୍ୱାଇଁ, ରଶ୍ମିତା ଦଲେଇ, ଆଦିତ୍ୟ ନାରାୟଣ ପାଢୀ, ରୋଶନ କୁମାର ଭୋଇ, ପ୍ରଫୁଲ୍ଲ କୁମାର ବାଗ, ପ୍ରେମନାଥ ବାରିକ ପ୍ରମୁଖ ସହଯୋଗ କରିଥିଲେ ।

# ଦ୍ରୁତ ଗାଡ଼ିଚାଳନାକୁ ଲଗାମ ନାହିଁ

ପଦ୍ମପୁର, ୨୧।୯ (ଡି.ଏନ.ଏ)

ବର୍ତ୍ତମାନ ସହରର ବିଭିନ୍ନ ରାସ୍ତାରେ ନିଶାଖୋର ଯୁବକଙ୍କ ଦ୍ୱାରା ଦ୍ରୁତ ଗାଡିଚାଳନା ଯୋଗୁ ଜନସାଧାରଣଙ୍କ ମନରେ ଭୟ ସଞ୍ଚାର ହେଉଛି। ଏହି ଯୁବକମାନେ ରାସ୍ତାରେ ଯିବା ସମୟରେ ବାଇକକୁ ଅଧିକ ଶବ୍ଦ ସହ ଦ୍ରୁତଗତିରେ ଚଳାଉଛନ୍ତି । ଫଳରେ ଉକ୍ତ ରାସ୍ତାରେ ଯାଉଥିବା ପଥଚାରୀ ତଥା ଅନ୍ୟାନ୍ୟ ବାଇକ ଆରୋହୀ ଭୟଭୀତ ହୋଇ ପଡୁଛନ୍ତି । ଏଥିପାଇଁ ଅନେକ ସମୟରେ ଦୁର୍ଘଟଣା ମଧ ହେଉଛି। ଏହି ନିଶାଖୋର ବାଇକ ଚାଳକଙ୍କ ମଧରେ ଅନେକ ନାବାଳକ ମଧ ରହିଛନ୍ତି। ସରକାରଙ୍କ ଦ୍ୱାରା ଲାଗୁ କରାଯାଇଥିବା ମୋଟରଯାନ ଆଇନ ଏମାନଙ୍କୁ କାଟୁ କରୁନି । ଏପରି ଗାଡି ଚାଳକଙ୍କୁ ଦୃଢ଼ହସ୍ତରେ ଦମନ କରିବାକୁ ଦାବି ହେଉଛି ।

# ଫୁଟବଲ: ଖୁଣ୍ଟପାଲି ତୁରୁଙ୍ଗା, କନବାର ବିଜୟୀ

ବରଗଡ଼ ଅଫିସ୍,୨୧।୯

ବରଗଡ଼ ବ୍ଲକ ଖୁଣ୍ଟପାଲିର ତ୍ରିରଙ୍ଗା କ୍ଲବ ପକ୍ଷରୁ ଚାଲିଥିବା ତ୍ରିରଙ୍ଗା କପ୍ ଫୁଟବଲ ପ୍ରତିଯୋଗିତାର ଶନିବାର ମ୍ୟାଚ ଗୁଡ଼ିକରେ ଖୁଣ୍ଟପାଲି ତୁରୁଙ୍ଗା ଓ କନବାର ପ୍ରତିପକ୍ଷକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ଖୁଣ୍ଟପାଲି ତୁରୁଙ୍ଗା ଓ କୁମ୍ଭାରୀ ମଧ୍ୟରେ ପ୍ରଥମ ମ୍ୟାଚ ହୋଇଥିଲା । ମ୍ୟାଚର ନିର୍ଦ୍ଧାରିତ ସମୟ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରିପାରି ନ ଥିଲେ । ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା ଏବଂ ଏଥିରେ ଖୁଣ୍ଟପାଲି ତୁରୁଙ୍ଗା ବିଜୟୀ ହୋଇଥିଲା । ସେହିପରି ବରଗଡ଼ ଓ କନବାର ମଧ୍ୟରେ ଦ୍ୱିତୀୟ ମ୍ୟାଚ ହୋଇଥିଲା । ଏଥିରେ କନବାର ପ୍ରତିପକ୍ଷ ବରଗଡ଼କୁ ୨-୦ ଗୋଲରେ ହରାଇଥିଲା । ଅନୀଲ ବାଗ, ଶ୍ୟାମପ୍ରସାଦ ବିଶି, ଅରକ୍ଷିତ ପ୍ରଧାନ, ଉମେଶ ପ୍ରଧାନ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ । ଯୁବ ସୈନିକ ପ୍ରମୋଦ ବେହେରା ମୁଖ୍ୟଅତିଥି ଏବଂ ରାଜକୁମାର ବନଛୋର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।



ଅତିଥିଙ୍କ ଗହଣରେ ଖେଳାଳିମାନେ ।



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି। କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।

- ଟଲଷ୍ଟୟ



# ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ଦାବିରେ ଓଷ୍ଟା ପକ୍ଷରୁ ଧାରଣା

**ବଲାଙ୍ଗୀର ଅଫିସ, ୨୧।୯**

ଜିଲାର ବିପର୍ଯ୍ୟସ୍ତ ଶିକ୍ଷାବ୍ୟବସ୍ଥାର ପ୍ରତିବାଦ ଏବଂ ଗୁଣାତ୍ମକ ଶିକ୍ଷାବ୍ୟବସ୍ଥା ଦାବିରେ ଶନିବାର ଓଷ୍ଟା ବଲାଙ୍ଗୀର ପକ୍ଷରୁ ରାଲି ଓ ଧାରଣା ଅନୁଷ୍ଠିତ ହୋଇଥିଲା। ବାରମ୍ବାର ଶିକ୍ଷା ଅଧିକାରୀ ଅବଗତ କରିବା ସତ୍ତ୍ୱେ କୌଣସି ସୁଫଳ ନ ମିଳିବା ଯୋଗୁ ବାଧହୋଇ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ତଥା ଅନ୍ୟାନ୍ୟ ସ୍ଥାନୀୟ ଦାବିଗୁଡିକ ନେଇ ଓଷ୍ଟା ପକ୍ଷାରୁ ରାଲି ସହ ଧାରଣା ଦିଆଯାଇଥିଲା। ରାଲି ଠିକାଦାରପଡ଼ା ସ୍କୁଲ ସମ୍ମୁଖରୁ ବାହାରି ଡିଇଓ ଅଫିସରେ ପହଞ୍ଚିଥିଲା। ସେଠାରେ ଓଷ୍ଟା କର୍ମକର୍ତ୍ତା ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶିକ୍ଷକ ଅଭାବରୁ ପାଠପଢ଼ା ବ୍ୟାହତ ହେଉଛି। ଏଭଳି ସମୟରେ ଡିଇଓ ଅଫିସକୁ ଶିକ୍ଷକମାନଙ୍କୁ ବର୍ଷ ବର୍ଷ ପାଇଁ ଡେପୁଟେସନରେ ଆଣି ସେମାନଙ୍କୁ କିରାଣି କାର୍ଯ୍ୟରେ ଲଗାଯାଉଛି ବୋଲି ଓଷ୍ଟା ଜିଲା ସଭାପତି ଛାୟାକାନ୍ତ ସାହୁ ଅଭିଯୋଗ କରିଥିଲେ। ପ୍ରଥମ ଶ୍ରେଣୀ ଛାତ୍ରୀଙ୍କ ବୋର୍ଡ ପରୀକ୍ଷା ପ୍ରସାହନକୁ ବନ୍ଦ କରିଦିଆଯାଇଥିବା ତଥା ଠିକଣା ସମୟରେ ବିଦ୍ୟାଳୟ ପରିଦର୍ଶନ ଓ ଉପଯୁକ୍ତ ରିପୋର୍ଟ ପ୍ରଦାନ ନ କରିବା ନେଇ ଜିଲା ସମ୍ପାଦକ କୁଶଧ୍ୱଜ ସାହୁ କ୍ଷୋଭ ପ୍ରକାଶ କରିଥିଲେ । ରାଜ୍ୟରେ ଅତିଥି ଶିକ୍ଷକଙ୍କ ନିଯୁକ୍ତି ହେଉଥିବାବେଳେ ବଲାଙ୍ଗୀର ଜିଲାରେ ଏହାକୁ ଉପେକ୍ଷା କରାଯାଉଛି। ଫଳରେ ବହୁ ଛାତ୍ରୀଛାତ୍ର ଶିକ୍ଷାଲାଭରୁ ବଞ୍ଚିତ ହେଉଛନ୍ତି । ସପ୍ତମ ବେତନର ୬୦ ପ୍ରତିଶତ ଅବସର ନେଇଥିବା ଶିକ୍ଷକ ଓ କର୍ମଚାରୀଙ୍କୁ ଦେବା ପାଇଁ ସରକାରୀ ଆଦେଶ ଥିଲେ ମଧ୍ୟ ଉଦ୍ଦେଶ୍ୟମୂଳକ ଭାବରେ ଏହା ପ୍ରଦାନ କରାଯାଉନାହିଁ ବୋଲି ରାଜ୍ୟ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ କହିଥିଲେ। ବିଭିନ୍ନ ବିଭାଗୀୟ କାମରେ ମଧ୍ୟ ଗୁରୁତର ଅବହେଳା କରାଯାଉଛି। ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀଙ୍କ ସର୍ଭିସ ବୁକ୍‌ରେ ଉଦ୍ଦେଶ୍ୟମୂଳକ ଭାବେ ଦସ୍ତଖତ କରାଯାଉନାହିଁ। ଫଳରେ ଶିକ୍ଷକମାନେ ହଇରାଣ ହରକତ ହେଉଛନ୍ତି ବୋଲି ରାଜ୍ୟ ସମ୍ପାଦକ ପ୍ରକାଶଚନ୍ଦ୍ର ମହାନ୍ତି କହିଥିଲେ। ଛାତ୍ରୀଛାତ୍ରଙ୍କଠାରୁ ସଂଗ୍ରହ ହେଉଥିବା ସବ୍‌ସିଡାଏରୀ ଫିର ଖର୍ଚ୍ଚକୁ ନେଇ ଶ୍ୱେତପତ୍ର ପ୍ରକାଶ କରାଯାଉ ବୋଲି ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ସତ୍ୟନାରାୟଣ ତ୍ରିପାଠୀ କହିଥିଲେ। ନୂତନ ଗ୍ରାଣ୍ଟ ସ୍କୁଲର ଚତୁର୍ଥ କର୍ମଚାରୀଙ୍କ ଗ୍ରେଡ ପେ ୧୩୦୦ରୁ ୧୫୦୦ ବୃଦ୍ଧି ହୋଇଥିବା ବେଳେ ଏହାକୁ ୨୦୧୨ରୁ ଲାଗୁ ନ କରି ୨୦୧୮ରୁ ମନମୁଖୀ ଭାବେ ପ୍ରଦାନ କରାଯାଉଛି। ଏଭଳି ଆର୍ଥିକ ଦୁର୍ନୀତିରେ ଲିପ୍ତ ବିଭାଗୀୟ ମୁଖ୍ୟଙ୍କୁ ଏଥିରୁ ନିବୃତ୍ତ କରିବାକୁ ଦାବି କରାଯାଇଥିଲା। ଜିଲାରେ ବର୍ତ୍ତମାନ ମାଧ୍ୟମିକ ଶିକ୍ଷା ବିପର୍ଯ୍ୟସ୍ତ ବୋଲି ଅଭିଯୋଗ କରାଯାଇଥିଲା। ଏନେଇ ଶିକ୍ଷକ ସମାଜ ବାଧହୋଇ ରାଜରାସ୍ତାକୁ ଓହ୍ଲାଇଛି ବୋଲି କୁହାଯାଇଥିଲା। ଆଗାମୀ ଦିନରେ ସମସ୍ୟାଗୁଡ଼ିକୁ ଦୂର କରିବା ଦିଗରେ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ ନ କଲେ ଅସନ୍ତୋଷ ବ୍ୟାପକ ରୂପ ନେଇ ଜନଆନ୍ଦୋଳନର ଖିଅ ଧରିବ ବୋଲି ଯୁଗ୍ମ ସମ୍ପାଦକ ଅକ୍ଷୟ କୁମାର ମିଶ୍ର ଓ ବିନାୟକ ପରିଡା ଚେତାବନୀ ଦେଇଥିଲେ। ବିକ୍ଷୋଭ ସଭାରେ ପୂର୍ବତନ ସଭାପତି ପୁରନ୍ଦର ଦାଶ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସୁଧାଂଶୁ ଶେଖର ବାବୁ, ଜଳନ୍ଦର ମହାକୁର, ତାରାକାନ୍ତ ମିଶ୍ର, ଅବନୀ କୁମାର ତ୍ରିପାଠୀ, ସଞ୍ଜୀବ ହୋତା, ଶଙ୍କର ମିଶ୍ର, ଦିଲୀପ ନାଏକ, ଶୁଭେନ୍ଦୁ ମହାନ୍ତି, କୃଷ୍ଣଚନ୍ଦ୍ର ବାରିକ, ସାରଥୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା ସଭାସ୍ଥଳକୁ ଆସି ଆସନ୍ତା ୨ ମାସ ମଧ୍ୟରେ ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବ ;ପା ଫଳରେ ଆସନ୍ତା ଦୁଇ ମାସ ପାଇଁ ଆନ୍ଦୋଳନକୁ ସ୍ଥଗିତ କରାଯାଇଥିବା ସୂଚନା ଦିଆଯାଇଛି।




ବଲାଙ୍ଗୀର ଓଷ୍ଟା ପକ୍ଷରୁ ରାଲିରେ ଡିଇଓ ଅଫିସ ଅଭିମୁଖେ ଯାଉଛନ୍ତି।

## ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ବଣ୍ଟନ

**ଅମରପାଲି, ୨୧।୯ (ଡି.ଏନ.ଏ)**

ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲାତୁରପେଟ ସରକାରୀ ୟୁପି ସ୍କୁଲରେ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଛି । ସଂଗଠନ ସଭାପତି ନବାରୁଣ ଦେବଦତ୍ତ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୀରମହାରାଜପୁର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଇନ୍ଦ୍ରଜିତ ପରୁଆ ମୁଖ୍ୟ ଅତିଥିଭାବେ ଯୋଗଦେଇ ପାଠ୍ୟ ଉପକରଣ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ମିଶ୍ର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ବହି, ଖାତା, ବଲପେନ ଆଦି ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା । ଅନୁଷ୍ଠାନର ଶୁଭେନ୍ଦୁ କୁମାର ଚାନ୍ଦ, ସରୋଜ ନାୟକ, ଦୁବରାଜ ଦାଶ, ଟିଟୁ ପଣ୍ଡା, ଅମିତ କୁମାର ପଧାନ, ସିଦ୍ଧାର୍ଥ ପାତ୍ର, ରବିନାରାୟଣ ହୋତା, ଅଜିତ କୁମାର ନାୟକ, ସୁରେଶ ପଣ୍ଡା ପ୍ରିୟବ୍ରତ ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ। ସଂଗଠନର ସମ୍ପାଦକ ପ୍ରକାଶ କୁମାର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ସଂକ୍ଷେପରେ

### ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ବିଜ୍ଞାନ ଶିକ୍ଷକ କର୍ମଶାଳା

**ବଲାଙ୍ଗୀର ଅଫିସ,୨୧।୯:** ସ୍ଥାନୀୟ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସଭାଗୃହରେ ୨୭ତମ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ଜିଲାସ୍ତରୀୟ ବିଜ୍ଞାନ ଶିକ୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିଶୁ ବିଜ୍ଞାନ କଂଗ୍ରେସ ଏକାଡେମିକ କୋର୍ଡିନେଟର ଶିକ୍ଷାବିତ୍ ସନାତନ ଠାକୁର, ଜିଲା ବିଜ୍ଞାନ ତତ୍ତ୍ୱାବଧାରକ ନୀଳମଣି ପଟେଲ, ଶିଶୁ ବିଜ୍ଞାନ କଂଗ୍ରେସ ଜିଲା ସଂଯୋଜକ ଆନନ୍ଦ ବଡପଣ୍ଡା ଯୋଗ ଦେଇଥିଲେ । ଶିକ୍ଷକ ସରୋଜ ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଜିଲା ସଂଯୋଜକ ବଡପଣ୍ଡା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିବା ସହ ଜିଲାସ୍ତରୀୟ ଶିଶୁ ବିଜ୍ଞାନ କଂଗ୍ରେସରେ ଗବେଷଣାମୂଳକ ପ୍ରକଳ୍ପ ବିଷୟରେ ଆଲୋଚନା କରିଥିଲେ। ଜିଲା ବିଜ୍ଞାନ ତତ୍ତ୍ୱାବଧାରକ ପଟେଲ ଜିଲାର ବିଜ୍ଞାନ କାର୍ଯ୍ୟକ୍ରମରେ କିପରି ଅଧିକରୁ ଅଧିକ ଶିଶୁ ବିଜ୍ଞାନୀ ଯୋଗଦେବେ ସେନେଇ ସୂଚନା ଦେଇଥିଲେ। ଚଳିତ ବର୍ଷର ମୁଖ୍ୟ ବିଷୟ ଏକ ସ୍ୱଚ୍ଛ, ସବୁଜ ଓ ସୁସ୍ଥ ରାଷ୍ଟ୍ର ଗଠନ ସକାଶେ ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା ଓ ନବ ଅନ୍ୱେଷଣର ୫ଟି ଉପବିଷୟ ଉପରେ କିପରି ପ୍ରକଳ୍ପ ପ୍ରସ୍ତୁତ କରିବେ ସେ ବିଷୟରେ ଶିକ୍ଷାବିତ୍ ଠାକୁର, ବିଜ୍ଞାନ ଶିକ୍ଷକ ଶିବ ତ୍ରିପାଠୀ, ଦିଲୀପ ଧଳ ଓ ରାମଗୋପାଳ ଖମାରୀ ଶର୍ମା ଆଲେଚନା କରିଥିଲେ। ଶିକ୍ଷୟିତ୍ରୀ ଜସ୍ମିନ୍ ଜଲି ଗତ ବର୍ଷର ଜାତୀୟସ୍ତରର ପ୍ରତିଯୋଗିତାରେ ଭାଗ ନେଇଥିବା ବିଦ୍ୟାଳୟର ଶିଶୁ ବିଜ୍ଞାନୀ ଶ୍ରେୟାରାଣୀ ଦାଶଙ୍କ ପ୍ରକଳ୍ପ ପ୍ରସ୍ତୁତି ବିଷୟରେ ବର୍ଣ୍ଣନା କରିଥିଲେ। ୧୦ରୁ ୧୩ ବର୍ଷ ଜୁନିୟର ବିଭାଗ ଓ ୧୪ରୁ ୧୭ ବର୍ଷ ଶିଶୁ ବିଜ୍ଞାନୀମାନେ ସିନିୟର ବିଭାଗରେ ଅର୍ନ୍ତଭୁକ୍ତ ହୋଇପାରିବେ ସେନେଇ ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଅନ୍‌ଲାଇନ୍ ମାଧ୍ୟମରେ ପଞ୍ଜୀକରଣ କରି ଜିଲାସ୍ତରୀୟ, ରାଜ୍ୟସ୍ତରୀୟ ଓ ଜାତୀୟସ୍ତରୀୟ ଶିଶୁ ବିଜ୍ଞାନ କଂଗ୍ରେସ ପ୍ରତିଯୋଗିତାର ପ୍ରକଳ୍ପ ଉପସ୍ଥାପନ କରିପାରିବେ ବୋଲି କହିଥିଲେ । ଶେଷରେ ଶର୍ମିଷ୍ଠାରାଣୀ ହୋତା ଧନ୍ୟବାଦ ଦେଇଥିଲେ।

**ଆଜି କ'ଣ କେଉଁଠି**

ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ଦଶମ ଶ୍ରେଣୀ ଛାତ୍ରୀ ଅପହରଣ ଘଟଣା

# ରାଜ୍ୟ ବାହାରୁ ଛାତ୍ରୀଙ୍କୁ ଉଦ୍ଧାର କଲା ପୋଲିସ, ଯୁବକ ଗିରଫ

**ଦେଓଗାଁ,୨୧।୯(ଡି.ଏନ୍.ଏ.)**

ଦେଓଗାଁ ବ୍ଲକ ଜରାସିଂହା ଅଞ୍ଚଳର ଏକ ସ୍କୁଲରୁ ନାବାଳିକା ଛାତ୍ରୀଙ୍କୁ ଅପହରଣ ଘଟଣାର ୨ମାସ ପରେ ଦେଓଗାଁ ପୋଲିସ ରାଜ୍ୟବାହାରୁ ଛାତ୍ରୀଙ୍କୁ ଉଦ୍ଧାର କରିଛି। ଅନ୍ୟପକ୍ଷେ ପୋଲିସ ଛାତ୍ରୀଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ହେଲେ ଛାତ୍ରୀଙ୍କୁ ଅପହରଣ କରିଥିବା ଅଭିଯୋଗରେ ପୋଲିସ ତରଭାର ସଞ୍ଜୀବ ମେହେରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୋଗ ମୁତାବକ, ଜରାସିଂହା ଅଞ୍ଚଳର ନାବାଳିକା ଛାତ୍ରୀ ଗତ ଜୁଲାଇ ୧୭ ତାରିଖରେ ସ୍କୁଲକୁ ଯାଇଥିଲେ। ହେଲେ ପରବର୍ତ୍ତି ସମୟରେ ଛାତ୍ରୀ ଜଣକ ସ୍କୁଲରେ ନ ଥିବା ଜଣାପଡିଥିଲା। ଏନେଇ ସ୍କୁଲ ପ୍ରଧାନ ଶିକ୍ଷକ ଛାତ୍ରୀଙ୍କ ବାପାଙ୍କୁ ଡାକି ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ପରିବାର ଲୋକେ ସ୍ଥାନୀୟ ଲୋକଙ୍କ ସହାୟତାରେ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲେ। ହେଲେ ଛାତ୍ରୀଙ୍କ କୌଣସି ପତ୍ତା ପାଇ ନ ଥିଲେ। ଏନେଇ ଛାତ୍ରୀଙ୍କ ବାପା ଦେଓଗାଁ ଥାନାରେ ଏକ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା (ନଂ.୧୩/୧୯) ରୁଜୁକରି ତଦନ୍ତ କରିଥିଲା। ତଦନ୍ତ ପରେ ପୋଲିସ ରାଜ୍ୟ ବାହାରୁ ଛାତ୍ରୀଙ୍କୁ ଉଦ୍ଧାର କରିଥିଲା। ହେଲେ ଅଭିଯୋଗକୁ ଭିତ୍ତି କରି ପୋଲିସ ସଞ୍ଜୀବଙ୍କୁ ଗିରଫ କରି କୋର୍ଟ ଚଲାଣ କରିଛି।

# ବିଜୁ ଯୁବବାହିନୀ ପକ୍ଷରୁ ସବୁଜ ବନାନୀ କାର୍ଯ୍ୟକ୍ରମ

**ବଲାଙ୍ଗୀର ଅଫିସ, ୨୧।୯**

ବଲାଙ୍ଗୀର ବିଜୁ ଯୁବବାହିନୀ ପକ୍ଷରୁ ସ୍ଥାନୀୟ ହାଟପଦାପଡ଼ାରେ ସବୁଜ ବନାନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମା' ମେଟାକାନୀ ମନ୍ଦିର କମିଟି ସଭାପତି ଲୋଟସ ଷଡଙ୍ଗୀଙ୍କ ନେତୃତ୍ୱରେ ୭ ନମ୍ବର ୱାର୍ଡର ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଯୁଗେଳେଶ୍ୱରୀ ଦାସ, ବିଜୁ ଯୁବବାହିନୀ ଜିଲା ସଂଯୋଜକ ରାଜେନ୍ଦ୍ର ଝାଙ୍କର, ପ୍ରୋଗ୍ରାମ ଅଫିସର ବଂଶୀଧର ମେହେର, ପୌର ସଂଯୋଜକ ପ୍ରତ୍ୟୁଷ ଯୋଶୀ ଯୋଗ ଦେଇଥିଲେ। ବିଜୁ ଯୁବବାହିନୀ ସଦସ୍ୟଙ୍କ ସହ ସାମିଲ ହୋଇ ହାଟପଦାପଡ଼ାର ଅଧିବାସୀମାନେ ଖାଲି ସ୍ଥାନରେ ଚାରାରୋପଣ କରି ଏହାର ରକ୍ଷଣାବେକ୍ଷଣ କରିବା ସହ ଏହାକୁ ପୌଷ୍ୟ ଭାବେ ଗ୍ରହଣ କରିଥିଲେ। ଚାରାରୋପଣର ଆବଶ୍ୟକତା ସମ୍ପର୍କରେ ଷଡଙ୍ଗୀ ଲୋକଙ୍କୁ ଅବଗତ କରିଥିଲେ। ବିଜୁ ଯୁବବାହିନୀ ପକ୍ଷରୁ ଆୟୋଜିତ ସବୁଜ ବନାନୀ କାର୍ଯ୍ୟକ୍ରମରେ ଚାରାରୋପଣ କରି ଜନସାଧାରଣଙ୍କୁ ପରିବେଶ ସୁରକ୍ଷା, ବୃକ୍ଷର ଭୂମିକା ଉପରେ ଏକ ନିଆରା କାର୍ଯ୍ୟକ୍ରମ କରାଯାଇଥିଲା । ମୁଖ୍ୟଅତିଥି ଦାସ ସେଠାରେ ଚୋରାରୋପଣ କରିଥିଲେ। କାର୍ଯ୍ୟକ୍ରମରେ ଗରିଧାରୀ ଶତପଥୀ, ହରିବଂଶ ମିଶ୍ର, ପ୍ରହଲ୍ଲାଦ ପ୍ରଧାନ, ବୈକୁଣ୍ଠ ଖୁଣ୍ଟିଆ, ବିଭୁଦତ୍ତ ଗୁରୁ, ଶ୍ରୀବତ୍ସ ମିଶ୍ର, ବଦ୍ରି ମିଶ୍ର, ଋଷି ଗୁରୁ, ଶାନ୍ତନୁ ମିଶ୍ର, ନାରାୟଣ ପାଢୀ, ପ୍ରଭାକର ମିଶ୍ର, ଶରତ ତ୍ରିପାଠୀ, ହରିଶଙ୍କର ମିଶ୍ର, ପ୍ରଦୀପ ଷଡଙ୍ଗୀ, ପ୍ରଦୀପ ବାବୁ, ଶରତ ପୂଜାରୀ, ମୁରଲୀଧାରୀ ପତି, ବିଶ୍ୱାମିତ୍ର ସାହୁ, ସଚ୍ଚିଦାନନ୍ଦ ମିଶ୍ର, ବେଡା ଦାଶ, ଅରୁଣା ମେହେର, ସୁରୁ ମହାଲିଙ୍ଗ, ଅମୂଲି ନାଥ, ଶାନ୍ତି ସ୍ୱାଇଁ, ଭାନୁ ସାହୁ, ଜଗନ୍ନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ବଲାଙ୍ଗୀର ହାଟପଦାପଡ଼ାରେ ବିଜୁ ଯୁବବାହିନୀ ପକ୍ଷରୁ ଅନୁଷ୍ଠିତ ସବୁଜ ବନାନୀ କାର୍ଯ୍ୟକ୍ରମ।

# ମୁର୍ଷୁଣ୍ଡୀ ଗଜଲକ୍ଷ୍ମୀ ପୂଜା ପାଇଁ ମୁରାସୁର ବରଣ

**ଅମରପାଲି, ୨୧।୯ (ଡି.ଏନ.ଏ.)**

ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡୀଠାରେ ହେବାକୁ ଥିବା ୩୭ତମ ଗଜଲକ୍ଷ୍ମୀ ପୂଜା ଆସନ୍ତା ୧୩ ତାରିଖରୁ ୨୧ତାରିଖ ପର୍ଯ୍ୟନ୍ତ ହେବ। ଏହି ଅବସରରେ ପ୍ରତ୍ୟହ ସନ୍ଧ୍ୟାରେ ମୁରାସୁରରାଜ ହେବ । ଏଥିରେ ମୁରାସୁର ଭୂମିକାରେ ଅର୍ନ୍ତଡା, ବିନିକାର ଗୋପାଳ ପଣ୍ଡା ଅଭିନୟ କରିବେ। ଏହିକ୍ରମରେ ବିଧିମତେ ଗଜଲକ୍ଷ୍ମୀ ପୂଜା କମିଟି ତାଙ୍କୁ ମୁରାସୁର ବରଣ କରିଛି । ନଡିଆ, ମିଠା, ଫୁଲ, ଫଳ ଓ ଅଙ୍ଗବସ୍ତ୍ର ଦେଇ ଯଥାରୀତି ବରଣ କରାଯାଇଛି। ପୂଜାକମିଟି ସଭାପତି ଲବ କୁମାର ସାହୁଙ୍କ ତତ୍ତ୍ୱାବଧାନରେ କମିଟିର ଉପଦେଷ୍ଟା ତଥା ପୂର୍ବତନ ଜିଲାପରିଷଦ ରାଜଗୋପାଳ ପାଣିଗ୍ରାହୀ, ଉପସଭାପତି ଧନଞ୍ଜୟ ସାହୁ, ସମ୍ପାଦକ ତ୍ର୍ୟମ୍ବକେଶ୍ୱର ମିଶ୍ର, ସହସମ୍ପାଦକ ବିଦ୍ୟାଧର ଖୁର୍ଡିଆ, କୋଷାଧ୍ୟକ୍ଷ ସତ୍ୟମୋହନ ବେଦପାଣୀଙ୍କ ସମେତ ବଳରାମ ପଧାନ, ଗୋପିନାଥ ପଧାନ, ଆଦିତ୍ୟ ସାହୁ, ସନ୍ତୋଷ ସମର୍ଥ, ବନ୍ତ ସିଂ, ଶ୍ରୀକର ପଧାନ, ଅରବିନ୍ଦ ପଧାନ, ଶ୍ୟାମ ନନ୍ଦ, ସୁନୀଲ ପଧାନ, ସତ୍ୟବ୍ରତ ଦ୍ୱାରୀ, ଶାନ୍ତନୁ ଖେତୀ ପ୍ରମୁଖ ସଦସ୍ୟ ମୁରାସୁର ବରଣ ବେଳେ ଉପସ୍ଥିତ ଥିଲେ। ଚଳିତ ବର୍ଷ ପୂଜାକୁ ଆକର୍ଷଣୀୟ କରିବା ପାଇଁ କଳସ ଶୋଭାଯାତ୍ରା ହେବ। ପ୍ରତ୍ୟେହ ଦିନବେଳେ ରାମାୟଣ ପାରାୟଣ ହେବ। ସନ୍ଧ୍ୟାରେ ମୁରାସୁର ରାଜ, ଅପେରା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର ସ୍ଥିରୀକୃତ ହୋଇଛି ।



ମୁର୍ଷୁଣ୍ଡୀ ଗଜଲକ୍ଷ୍ମୀ ପୂଜା କମିଟିର ସଦସ୍ୟମାନେ ଗୋପାଳ ପଣ୍ଡାଙ୍କୁ ମୁରାସୁର ବରଣ କରୁଛନ୍ତି ।

# ମାହାଲିଆ ବିଦ୍ୟୁତ୍ ସଂଯୋଗରୁ ବଁଚିତ୍ ନଅଗାଁ(କ)ବାସୀ

**ଲୋଇସିଂହା,୨୧।୯(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(କ) ଗାଁରେ ସରକାରକଁର ମାହାଲିଆ ବିଦ୍ୟୁତ୍ ସଂଯୋଗ ସେବା ବାଟବନା ହେଇଛେ। ଗଲା ୧୫ ତାରିଖ୍ ବିଦ୍ୟୁତ୍ ସଂଯୋଗରୁ ବାଦ୍ ପଡ଼ିଥିବାର ଅନେକ ଗରିବ୍ ପରିବାର ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ଭେଟି ଗୁହାରି କରବାର ସଂଗେ ଗୁଟେ ଦାବିପତର ଦେଇଛନ୍। ଇ ଦିଗେ ପରଶାସନ ପଦକ୍ଷେପ ନାଇଁ ନେଲେ ଆଏବାର ଦିନେ ଉଲ୍‌ଗୁଲାନକେ ଉତିରମୁ ବଲି ହିତାଧିକାରୀମାନେ ଚେତାବନୀ ଦେଇଛନ୍।

ସୂଚନା ଅନ୍‌ସାରେ କେନ୍ଦ୍ର ଆର ରାଏଜ୍ ସରକାର ଭିନେ ଭିନେ ଯୋଜନାରେ ଗରିବ୍‌ଦୁଖିଙ୍କୁ ମାହାଲିଆ ବିଦ୍ୟୁତ୍ ସଂଯୋଗ ଯୁଗେଇ ଦେବାର ବେବସ୍ତା କରିଛନ୍। ଇ ଯୋଜନାମାନ କାଯ୍‌କାରୀ ହେଇ ଅନେକ ଗାଁଗଁଡ଼ାରେ ବିଦ୍ୟୁତ୍ ସଂଯୋଗ ଦିଆଗଲାନ। ହେଲେ ଆଗଲପୁର ବ୍ଲକ ନଅଗାଁ(କ)ରେ ଇ ଯୋଜନା ବାଟବନା ହେଇଥିବାର ଜନାପଡ଼ିଛେ। ଗାଁରେ ବଡ଼ଭାଗି ଚାଷୀ ଆର ଗରିବ୍ ଶ୍ରେଣୀର ଲୋକ୍ ବାସ କରୁଛନ୍। ବହୁତ୍ ଦିନ୍ ଆଗ୍‌ରୁ ଗାଁରେ ଗରିବ୍‌ଦୁଖିଙ୍କୁ ବିଦ୍ୟୁତ୍ ସଂଯୋଗ ଦେବାର ଲାଗି କାମ୍ ଆରମ୍ ହେଇଛେ। ବିଦ୍ୟୁତ୍ ଖୁଁଟା ରୁପାଯାଇ ଘରେ ଘରେ ମିଟର, ବୋର୍ଡ ଲଗାସରିଛେ। ହେଲେ ଦୁଖର କଥା ବିଦ୍ୟୁତ୍ ସଂଯୋଗ ନାଇଁ ଦିଆଯିବାର। ବିଭାଗୀୟ ଅଧିକାରୀ ଆର ଠିକାଦାରକଁର ଆଁତରିକତା ଅଭାବୁ ଗାଁର ଅନେକ ପରିବାର ବିଦ୍ୟୁତ୍ ସଂଯୋଗରୁ ବଁଚିତ୍ ହେଉଥିବାର ଅଭିଯୋଗ କରିଛନ୍। ସେନ୍‌ତା ବିଦ୍ୟୁତ୍ ସଂଯୋଗରୁ ବଁଚିତ୍ ହିତାଧିକାରୀମାନେ ଥାନୀଅ ନେତାକରନୁ ବିଭାଗୀୟ ଅଧିକାରୀ ତକ୍ ଗୁହାରି କରି ନିରାଶ ହେଇଛନ୍। ଯେନ୍‌ଥିରଲାଗି ଗାଁର ଅନେକ ଗରିବ୍ ଛାତ୍ରୀଛାତ୍ର ରାଏତ୍‌ବେଲି ପାଠ୍‌ପଢ଼ାରୁ ବଁଚିତ୍ ହେବାର ସଂଗେ ନାନା ପରକାର ଘରୋଇ ସମସିଆ ଦେଖା ଦେଉଥିବାର ସେମାନେ ଅଭିଯୋଗ କରିଛନ୍। ଜିଲାପାଳ ଘଟନାର ତଦଁତ୍ କରି ପଦକ୍ଷେପ ନେବାକେ ହିତାଧିକାରୀମାନେ ଦାବିପତରରେ ଜନେଇଛନ୍।

**CLASSIFIED DISPLAY**

ALL EDITION - B/W (Everyday)

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

**TCF FINANCE**
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
7055758337
7298510676

BUSINESS

**DEALER WANTED**
At all major locations across Odisha for :-
FASTBUILD AAC BLOCKS
Mail : dealership.fastbuild@gmail.com
Mob : 9073678360

FINANCE

**Shinghania Tower**
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ ।
ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

**TIRUPATI FINANCE**
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ ।
ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

**KUBER FINANCE**
Kuber ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8146524009
8146359004

EDUCATION

**HINDUSTAN TOWER**
ନାମ ନୁହେଁ କାମ କହିଥାଏ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ ୨୦ ଲକ୍ଷ, ଭଡ଼ା 60,000 + ବାଇକ୍ ।
20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

**ADMISSION OPEN**
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**CAPITAL FINANCE LTD.**
(Reg. No. - U6519TN198PLC00855)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP

**ଋଣ ଧମାକା**
ଋଣ ପାଇବା ହେଲା ସହଜ
ଦୁଇ ଘଣ୍ଟାରେ ଗୃହ ଋଣ, ବ୍ୟବସାୟ, କୁକୁଡ଼ା ପାଳନ, ପଶୁପାଳନ ଋଣ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ । ସୁଧ 1% ବାର୍ଷିକ।
ଯୋଗାଯୋଗ କରନ୍ତୁ
7079574972
7491845997
toofanfinance.in
New Ashok Nagar, East Delhi, Delhi

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



"ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।
- ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ଅଜଣା ମହିଳାଙ୍କ ମୃତଦେହ ଉଦ୍ଧାର

ସିନାପାଲି, ୨୧।୯ (ଡି.ଏନ.ଏ.)- ନୂଆପଡା ଜିଲା ସିନାପାଲିସ୍ଥିତ କେନ୍ଦୁମୁଣ୍ଡା ଧୁଙ୍ଗିଆମୁଣ୍ଡା ଜଙ୍ଗଲରେ ଦୀର୍ଘ ୩ ଦିନ ଧରି ଜଣେ ଅଜଣା ମହିଳାଙ୍କ ମୃତହେଦ ପଡି ରହିଥିଲା। ଏ ନେଇ ଖବର ପ୍ରକାଶ ପାଇବା ପରେ ଶନିବାର ପ୍ରଶାସନ ତରଫରୁ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ମୃତଦେହ ଉଦ୍ଧାର କରାଯାଇଛି। ସକାଳେ ପୋଲିସ ପ୍ରଶାସନ ଓ ସ୍ଥାନୀୟ ତହସିଲଦାର କପିଳ ଦେବ ସାହୁଙ୍କ ସମେତ ସିନାପାଲି ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତରଙ୍କ ସହ ଏକ ଟିମ୍ ସେଠାରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିବା ଜଣାପଡିଛି। ମୃତକ ମହିଳା ଜଣକ ଛତିଶଗଡ ରାଜ୍ୟର ବୋଲି ତଦନ୍ତ ବେଳେ ଜଣାପଡିଥିଲା । ହେଲେ ତାଙ୍କର ଠିକ୍ ପରିଚୟ ମିଳି ନାହିଁ। ସେଠାରେ ଶବ ସତ୍କାର କରିବା ସହ ସିନାପାଲି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୦୧୯ ) ରୁଜୁ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

### ଯୁବକଙ୍କ ମୃତଦେହ ଚାଷଜମିରୁ ଉଦ୍ଧାର

କୋକସରା,୨୧।୯ (ଡି.ଏନ.ଏ.)- କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ପଞ୍ଚାୟତ ବୋବରିଆ ଗ୍ରାମର ବିବାହିତ ଯୁବକ ବଳଭଦ୍ର ମାଝି (୪୮)ଙ୍କ ମୃତଦେହ ଶନିବାର ବୋବରିଆ ରାସ୍ତା କଡରେ ଥିବା ଏକ ବିଲ ମଧରେ ମୁହଁମାଡି ପଡିଥିବା ଅବସ୍ଥାରେ ଉଦ୍ଧାର କରାଯାଇଛି। ସୂଚନା ଅନୁସାରେ ବଳଭଦ୍ର କୋକସରା ବ୍ଲକରେ ଥିବା ଆଧାର ସଂଯୋଗ କେନ୍ଦ୍ରକୁ ଆସୁଥିବା ଲୋକମାନଙ୍କ ଦରଖାସ୍ତ ଫର୍ମ ପୂରଣ କରି ନିଜର ପରିବାର ପ୍ରତିପୋଷଣ କରୁଥିଲେ। ଶୁକ୍ରବାର ମଧ ସେ ଆସି ସନ୍ଧ୍ୟାରେ ଘର ଫେରୁଥିବା ବାଟରେ ସାଇକେଲରୁ ପଡିଯାଇ ରାସ୍ତା କଡର ଏକ ଚାଷ ଜମିରେ ପଡିଯାଇଥିଲେ। ଜମିରେ ପାଣି ରହିଥିବାରୁ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଥିବା ନେଇ ମୃତଙ୍କ ଭାଇ ଭବାନୀ ମାଝି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବୋବରିଆ ରାସ୍ତା କଡରେ ଥିବା ଏକ ବିଲ ମଧରେ ମୁହଁମାଡି ଜଣେ ଯୁବକ ପଡିଥିଲେ । ସ୍ଥାନୀୟ ଲୋକମାନେ ଏହା ଦେଖି ଯୁବକଙ୍କ ପରିବାରକୁ ଖବର ଦେଇଥିଲେ। ପରେ ପୋଲିସକୁ ଏ ନେଇ ଲିଖିତ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ଯୁବକଙ୍କ ମୃତଦେହ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିଲେ। କୋକସରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ତଦନ୍ତକାରୀ ଅଧିକାରୀ ସୂଚନା ଦେଇଛନ୍ତି ।

### ଖଡ଼ିଆଳ, ବୋଡେନ, ସିନାପାଲିରେ ସ୍ୱାସ୍ଥ୍ୟ ସମସ୍ୟା ବେହାଲ

# ଜିଲାପାଳଙ୍କୁ ଭେଟିଲା ଦଳିତ ଅଧିକାର ମଞ୍ଚ

ନୂଆପଡ଼ା ଅଫିସ,୨୧।୯

ନୂଆପଡ଼ା ଜିଲାର ଖଡିଆଳ, ବୋଡେନ ଏବଂ ସିନାପାଲି ବ୍ଲକ ଅଞ୍ଚଳରେ ସରକାରୀ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡିଛି । ସରକାରଙ୍କ ତରଫରୁ ବିଭିନ୍ନ ଯୋଜନାରେ ମୁକ୍ତ ଚିକିତ୍ସା ବ୍ୟବସ୍ଥା କରୁଥିଲେ ମଧ୍ୟ ସରକାରୀ ଉଦାସୀନତା ଯୋଗୁ ସୁବିଧା ଉପଲବ୍ଧ ହୋଇପାରୁନାହିଁ। ଏହା ଉପରେ ଲୋକେ ବାରମ୍ବାର ଅଧିକାରୀ, ନେତାମାନଙ୍କୁ ଜଣାଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଶେଷରେ ଜିଲା ଦଳିତ ଅଧିକାର ମଞ୍ଚ ନୂଆପଡା ଆସି ଜିଲାପାଳଙ୍କୁ ଭେଟି ଏହାର ସମାଧାନ ପାଇଁ ଜଣାଇଛନ୍ତି ।

ଶନିବାର ଅପରାହ୍ନରେ ଦଳିତ ଅଧିକାର ମଞ୍ଚର ଜିଲା ସଭାପତି କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ନୂଆପଡା ଆସି ଜିଲାପାଳଙ୍କୁ ଭେଟିଥିଲେ। ତାଙ୍କୁ ଦାବିପତ୍ର ପ୍ରଦାନ କରିଥିବା ବେଳେ ସ୍ୱାସ୍ଥ୍ୟ ସମସ୍ୟା ନେଇ ଆଲୋଚନା କରିଥିଲେ। ଜିଲାପାଳ ଏହା ଉପରେ ଦୃଷ୍ଟି ଦେଇ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଦାବିପତ୍ର ଅନୁଯାୟୀ ଖଡିଆଳ ସରକାରୀ ହସ୍ପିଟାଲ ଜିଲାର ଏକ ବଡ ହସ୍ପିଟାଲ । ଏହା ଉପରେ ଲକ୍ଷାଧିକ ଲୋକ ନିର୍ଭର କରିଥାନ୍ତି । ହେଲେ ଏଠାରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନାହାନ୍ତି। ଏଠାରେ ମୋଟ ୫ଜଣ ଡାକ୍ତର ଆବଶ୍ୟକ ଥିବାବେଳେ ଅଛନ୍ତି ମାତ୍ର ୨ଜଣ ଡାକ୍ତର । ବ୍ଲଡ ବ୍ୟାଙ୍କ, ଶୁଦ୍ଧ ପାନୀୟ ଜଳ, ଶୌଚାଳୟ, ଡିଜିଟାଲ ଏକ୍ସରେ ବ୍ୟବସ୍ଥା ନ ଥିବାବେଳେ ଚକ୍ଷୁ ବିଭାଗ, ଶଲ୍ୟ ବିଶେଷଜ୍ଞ ପଦବୀ ଖାଲି ପଡିଛି । ଏହିଭଳି ସିନାପାଲି ଏବଂ ବୋଡେନ ହସ୍ପିଟାଲରେ ମଧ୍ୟ ଆବଶ୍ୟକ ସଂଖ୍ୟକ ଡାକ୍ତର ନ ଥିବାବେଳେ ଆନୁଷଙ୍ଗିକ ବ୍ୟବସ୍ଥା ନାହିଁ । ବିଭିନ୍ନ ସମୟରେ ଡାକ୍ତରଖାନାଗୁଡିକରେ ଗରିବ ଗର୍ଭବତୀମାନେ ଛୁଆ ଜନ୍ମ କରିବାକୁ ଲାଞ୍ଚ ଦେଇ ଶୋଷିତ ହେଉଥିବା ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷେ ଖଡିଆଳ ନିକଟସ୍ଥ ଚନାବେଡାଠାରେ ଏକ ବୃହତ ହସ୍ପିଟାଲ ବିଲଡିଂ ନିର୍ମାଣ କାମ ଆରମ୍ଭ ହୋଇଛି । ହେଲେ ବହୁ ବର୍ଷ ପରେ ମଧ୍ୟ ତାହା ଶେଷ ହୋଇପାରୁନାହିଁ । ବିଭିନ୍ନ କାରଣକୁ ନେଇ ଅଟକି ରହିଛି । ଏହା ଉପରେ ପ୍ରଶାସନ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ କରିବା ଜରୁରୀ ହୋଇପଡିଛି । ଜିଲାପାଳ ଏସବୁ ଉପରେ ତୁରନ୍ତ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ କରିବାକୁ ମଞ୍ଚ ଦାବି କରିଛି । ଏହା ଉପରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାଇ ଦିଆଯାଇଛି । ଏହା ଉପରେ ପ୍ରଶାସନ କିପରି ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଲା ।



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଦଳିତ ଅଧିକାର ମଞ୍ଚର କର୍ମକର୍ତ୍ତାମାନେ ।

**ଆଗକୁ ଆନ୍ଦୋଳନ ଚେତାବନୀ**

# ୧୫୦ତମ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ପ୍ରତିଯୋଗିତା

ବୋଡେନ,୨୧।୯ (ଡି.ଏନ.ଏ.)

ସ୍ଥାନୀୟ ବୋଡେନ ଆଶ୍ରମ ହାଇସ୍କୁଲ ପରିସରରେ ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ଉପଲକ୍ଷେ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ବୋଡେନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଇନ୍ଦ୍ରମଣି ପାଣିଗ୍ରାହୀଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଜୁ ପଟ୍ଟନାୟକ କଲେଜ ଅଧକ୍ଷ ହେମନ୍ତ ମୁଣ୍ଡ, ମୁଖ୍ୟବକ୍ତା ଭାବେ ଓଡିଆ ବିଭାଗ ଅଧ୍ୟାପକ ରବିରଞ୍ଜନ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ କିଶୋର କୁମାର କର୍ଣ୍ଣ, ସତ୍ୟପ୍ରିୟ ପଣ୍ଡା, ହରିସିଂ ମାଝି, ସୁଶାନ୍ତ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ଏବିଇଓ ରାଧାରମଣ ଯୋଶି ଓ ସିଆରସିସି ବୈଷ୍ଣବ ଦୁରିଆ ମଞ୍ଚ ପରିଚାଳନା କରିଥିଲେ । ପ୍ରବନ୍ଧ, ଚିତ୍ରାଙ୍କନ, ଦେଶାତ୍ମକ ସଙ୍ଗୀତ, ଏସଏ, କୁଇଜ ତଥା ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାରେ ପ୍ରାୟ ୨୦୦ ଛାତ୍ରୀଛାତ୍ର ଅଶଂ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସିଆରସିସି ଗଜରାଜ ବୈଠାରୁ, ନରେନ୍ଦ୍ର ନାଗ, ଚଣ୍ଡିରାମ ବାଗ, ସଂଯୋଗ କୁମାର ବାଗ, ନବବସନ୍ତ ଯୋଷୀ, ସଞ୍ଜୀୟ କୁମାର ଯୋଷୀ, କର୍ଣ୍ଣ ଶବର, ଲକ୍ଷ୍ମଣ ଜାଲ ଓ ସମସ୍ତ ଶିକ୍ଷା ବିଭାଗ କର୍ମଚାରୀ ସହଯୋଗ କରିଥିଲେ।


ସଡ଼କ ସୁରକ୍ଷା ନେଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ବାହାରିଥିବା ସଚେତନତା ଶୋଭାଯାତ୍ରା ।

# ସିନାପାଲି କଲେଜରେ ଅଭିଭାବକ ସମ୍ମିଳନୀ

ସିନାପାଲି,୨୧।୯ (ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି କଲେଜରେ ଅଭିଭାକମାନଙ୍କୁ ନେଇ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ସିନାପାଲି କଲେଜ ସମସ୍ତ ଅଭିଭାକଅଭିଭାବିକାମାନଙ୍କୁ ନେଇ ଅନୁଷ୍ଠିତ ଏହି ସମ୍ମିଳନୀରେ କଲେଜ ଅଧକ୍ଷ ମୋହନ ସାହୁ ଅଧକ୍ଷତା କରିଥିଲେ । ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ହୋଇଥିବା ଏହି ସମ୍ମିଳନୀରେ ଅଭିଭାବକ, କଲେଜ ଅଧାପକ, ଛାତ୍ରୀଛାତ୍ରମାନଙ୍କ ମଧରେ ସୁସମ୍ପର୍କ ଭାବେ ଆଦାନ ପ୍ରଦାନରେ ସମନ୍ୱୟ ରହିଲେ ଶିକ୍ଷାର ବିକାଶ ବେଶ୍ ସୁଦୃଢ ହୋଇପାରିବା ବୋଲି ମତବ୍ୟକ୍ତ କରିଥିଲେ। ସମ୍ମିଳନୀରେ ପ୍ରଥମେ ବାଗଦେବୀ ସରସ୍ୱତୀଙ୍କ ଫଟୋଚିତ୍ରେ ମାଲ୍ୟାଅର୍ପଣ ଓ ଦୀପ ପ୍ରଜ୍ୱଳନ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ସୁସମ୍ପର୍କ ଓ ସମନ୍ୱୟକୁ ନେଇ ଅଧାପକମାନେ ଅଭିଭାବକମାନଙ୍କୁ ସୁଚାରୁ ରୂପେ ବୁଝାଇଥିଲେ। କଲେଜ ଅଧାପକ କ୍ଷେତ୍ରମୋହନ ଦୁରିଆ, ବ୍ରଜମୋହନ ଧାକଡ, ପ୍ରଶାନ୍ତ କୁମାର ପଣ୍ଡା, ପ୍ରତୁଳ ପଣ୍ଡା ଉପସ୍ଥିତ ରହି ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। କଲେଜ ଅଧାପକ ଉଦୟନାଥ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ତ୍ରିଲୋଚନ ମାଝି ଓ ଗୋଦାବରୀଶ ନାଏକ ଅଭିଭାବକମାନେ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସିନାପାଲି ଅଞ୍ଚଳର ବିଭିନ୍ନ ଗାଁରୁ ପ୍ରାୟ ୨ ଶହ ଅଭିଭାବକ ଯୋଗଦାନ କରିଥିଲେ। ଫଟୋ: ଅଭିଭାବକ ସମ୍ମିଳନୀରେ ମଞ୍ଚାସୀନ ଅତିଥି ।



ଅଭିଭାବକ ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

### ବୋଡେନରେ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ବୋଡେନ,୨୧।୯(ଡି.ଏନ.ଏ.)

ନୂଆପଡ଼ା ଜିଲା ବୋଡେନରେ ସାର୍ବଜନୀନ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ ସ୍ଥାନୀୟ ଦୁର୍ଗା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂତନ କମିଟି ସଭାପତି ଭାବେ ରାଜକୁମାର ନାଗ, ସମ୍ପାଦକ ନୃପରାଜ ତାଣ୍ଡି, କୋଷାଧକ୍ଷ ସଞ୍ଜୀୟ କୁମାର ଅଗ୍ରୱାଲ, ସହସମ୍ପାଦକ ରାଜ କୁମାର ଅଗ୍ରୱାଲ ପ୍ରମୁଖଙ୍କୁ ମନୋନିତ କରାଯାଇଥିଲା । ଏଠାରେ ଉଦେଚନ ନାଗ, ମୋଟୁ ଦଣ୍ଡସେନା, ସୁରେନ୍ଦ୍ର ମହାନନ୍ଦ, ଓଙ୍କାର ମାଝି, ସୌଦାଗର ସାହୁ, ସତ୍ୟ ଦଣ୍ଡସେନା, ଶୁଶିଲ କୁମାର ଅଗ୍ରୱାଲ, ଲୋକନାଥ ରାଉତ ପ୍ରମୁଖଙ୍କ ସହ ବୋଡେନର ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

# ସଡ଼କ ସୁରକ୍ଷା ନେଇ ସଚେତନତା ଶୋଭାଯାତ୍ରା

ବୋଡେନ,୨୧।୯ (ଡି.ଏନ.ଏ.)

ନୂଆପଡା ଜିଲା ବୋଡେନ ପୋଲିସ ପକ୍ଷରୁ ଶନିବାର ସଡକ ସୁରକ୍ଷା ସମ୍ପର୍କରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବୋଡେନ ଥାନା ଅଧିକାରୀ ସରୋଜ କୁମାର ମଲ୍ଲିଙ୍କ ନେତୃତ୍ୱରେ ବୋଡେନ ହାଇସ୍କୁଲ ଓ କଲେଜ ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ବୋଡେନ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଶୋଭଯାତ୍ରାରେ ଯାଇଥିଲେ । ଏହି ରାଲିରେ ବୋଡେନ ସରପଞ୍ଚ ନୃପରାଜ ତାଣ୍ଡି, ସମିତି ସଭ୍ୟ ସୌଦାଗର ସାହୁ, ସଚେତନ ନାଗରିକ ମଞ୍ଚ ସମ୍ପାଦକ ପର୍ଶୁରାମ ସେଠୀ, ବିଜୁ ପଟ୍ଟନାୟକ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟାପକ କିଶୋର କୁମାର କର୍ଣ୍ଣ ଓ ପୋଲିସ କର୍ମଚାରୀ ପ୍ରମୁଖ ଯୋଗଦାନ କରିଥିଲେ। ଏହା ପରେ ବୋଡେନ ଥାନା ଅଧିକାରୀ ଥାନା ପରିସରରେ ସଡକ ସୁରକ୍ଷା ଉପରେ ସମସ୍ତଙ୍କୁ ବୁଝାଇଥିଲେ । ବିନା ହେଲମେଟରେ ଦୁଇ ଚକିଆ ଗାଡି ଚଲାନ୍ତୁ ନାହିଁ, ଗାଡି ଚଳାଇବା ବେଳେ ଫୋନ ବ୍ୟବହାର କରିବା ନାହିଁ, ମଦପିଇ ଗାଡି ଚଲାନ୍ତୁ ନାହିଁ, ଦୁଇ ଚକିଆ ଗାଡିରେ ଦୁଇ ଜଣରୁ ଅଧିକ ବସନ୍ତୁ ନାହିଁ, ଚାରିଚକିଆ ଗାଡି ଚାଳକ ଓ ଯାତ୍ରୀ ସିଟ ବେଲ୍ଟ ବାନ୍ଧିବା ସଦା ସର୍ବଦା ଗାଡିରେ ଡ୍ରାଇଭିଂ ଓ ଇନସୁରାନ୍ସ କାଗଜପତ୍ର ପାଖରେ ରଖିବାକୁ ଲୋକଙ୍କୁ ବୁଝାଇଥିଲେ।

# କୋମନା ବ୍ଲକରେ ରକ୍ତଦାନ ସଚେତନତା କାର୍ଯ୍ୟକ୍ରମ

କୋମନା,୨୧।୯ (ଡି.ଏନ.ଏ.)

ନୂଆପଡା ଜିଲା କୋମନା ବ୍ଲକସ୍ଥିତ ରାଜୀବ ସେବା କେନ୍ଦ୍ରରେ ବ୍ଲକସ୍ତରୀୟ ରକ୍ତଦାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରକ୍ତ ଭଣ୍ଡାର ଇନଚାର୍ଜ ଅଧିକାରୀ ଡାକ୍ତର ଅନନ୍ତ ପଟ୍ଟନାୟକ, ଡିଏସଓ ଡାକ୍ତର ବିଭୁ ମିଶ୍ର, ବିଡିଓ ଶ୍ୟାମଲ କୁମାର ରାୟ, ଏବିଡିଓ ଦେବାଶିଷ ସିହ୍ନା, ଜିଲା ଯୁବା ବାହିନୀ ସଂଜୋଜକ ମୁକେଶ ଜୋଷୀ ପ୍ରମୁଖ ଉପସ୍ଥିତ ଥିଲେ।

ଏହି କାର୍ଯ୍ୟକ୍ରମରେ ବ୍ଲକ ସମସ୍ତ ପଞ୍ଚାୟତ ବିଜୁ ଯୁବା ବାହିନୀ ଓ ନେହେରୁ ଯୁବକ ସଂଘ ସଭ୍ୟମାନେ ଭାଗ ନେଇଥିଲେ। ଉପସ୍ଥିତ ସ୍ୱେଚ୍ଛାସେବୀମାନଙ୍କୁ ସଚେତନତା କ୍ୟାମ୍ପରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ଜୀବନ ବଞ୍ଚାଇବାକୁ ଆହ୍ୱାନ କରାଯାଇଥିଲା । ନୂଆପଡା ଜିଲାରେ ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଦେଖା ଦେଇଥିବାରୁ ଏଭଳି କ୍ୟାମ୍ପ ମାଧ୍ୟମରେ ସଚେତନ କରି ରକ୍ତ ସଂଗ୍ରହ କରିବାକୁ ସ୍ଥିର କରାଯାଇଛି। ବିପିମ ମିଥୁନ କୁମାର ତାଣ୍ଡି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ତେଜରାଜ ବେହେରା, ଜିତିନ୍ଦ୍ର ଆଡବଙ୍ଗ ଓ ନାଗ ସାର ପ୍ରମୁଖ ସହଯୋଗ କରିଥିଲେ।

# ନବୋଦୟ ସ୍କୁଲ ବୁଲିଲେ ଜିଲାପାଳ

ନୂଆପଡା ଅଫିସ/ତରବୋଡ, ୨୧।୯ (ଡି.ଏନ.ଏ.)

ନୂଆପଡା ଜିଲାର ଏକମାତ୍ର ତରବୋଡସ୍ଥିତ ନବୋଦୟ ବିଦ୍ୟାଳୟରେ ଅନେକ ସମସ୍ୟା ରହିଛି। ଏ ନେଇ ବିଭିନ୍ନ ସମୟରେ ଛାତ୍ରୀଛାତ୍ର ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଶନିବାର ଖୋଦ ଜିଲାପାଳ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ନେଇ ଏଠାରେ ପହଞ୍ଚିଥିଲେ। ଏଠାରେ ସବୁ ପରିସରକୁ ବୁଲି ଦେଖିଥିବାବେଳେ ଏଠାରେ ଆୟୋଜିତ ପରିଚାଳନା କମିଟି ବୈଠକରେ ଯୋଗଦେଇଥିଲେ। କର୍ମଚାରୀ ଏବଂ ଅବିଭାବକଙ୍କ ସହ ବସି ଆଲୋଚନା କରିଥିଲେ। ଏହି ଅବସରରେ ଚାରା ରୋପଣ କାର୍ଯ୍ୟକ୍ରମ କରିଥିବାରୁ ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି । ଜିଲାପାଳ ମଧୁସ୍ମିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷା ଶାନ୍ତି ମହାନ୍ତି, ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଭୋଇ, ଜିଲା ମୁଖ୍ୟ ଚିକିତ୍ସାଳୟ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା.ପି.କେ.ବି ପଟ୍ଟନାୟକ, ପିଡବ୍ଲ୍ୟୁଡି ଏସଡିଓ କ୍ଷୀରଧର କନ୍ଦପାଣୀ, ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ, ଡ. ଶିବ ପ୍ରସାଦ ବେହେରା, କଳାହାଣ୍ଡି ଏମପିଙ୍କ ପ୍ରତିନିଧି ସୁରେଶ କୁମାର ଅଗ୍ରୱାଲ, ଅର୍ଜୁନ ଜଗତ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ବିଦ୍ୟାଳୟର ମେସ ପରିଚାଳନା, ପାଠପଢା, ସ୍ୱାସ୍ଥ୍ୟ ସମସ୍ୟା, ଏନଏସଏସ, ଖେଳ କୁଦ, ବିଜ୍ଞାନ ବିକାଶ ନିଧି, ସୁରକ୍ଷା ବ୍ୟବସ୍ଥା, ପାନୀୟ ଜଳ, ବିଜୁଳି, ରାସ୍ତା ଉପରେ ବିଷଦ ଭାବେ ଆଲୋଚନା ହୋଇଥିଲା । ଏହି ଅବସରରେ ବିଦ୍ୟାଳୟ ଅଭିଭାବକମାନେ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ସେ ସବୁ ଉପରେ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ସାହୁ ପ୍ରତିଶ୍ରୁତି ଦେଇଥିଲେ। ଶେଷ ପର୍ଯ୍ୟାୟରେ ଅତିଥିମାନେ ବିଦ୍ୟାଳୟ କ୍ୟାମ୍ପସରେ ଚାରାରୋପଣ କରିଥିଲେ। ଏଥିରେ ବିଦ୍ୟାଳୟ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକମାନେ ସହଯୋଗ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ମହାନ୍ତି ଧନ୍ୟବାଦ ଜ୍ଞାପନ କରିଥିଲେ ।

- କର୍ମଚାରୀଙ୍କ ସହ ବୈଠକ କଲେ
- ପରିସରରେ ଚାରା ଲଗାଇଲେ



ବିଦ୍ୟାଳୟ ପରିଦର୍ଶନ ବେଳେ କର୍ମଚାରୀ, କର୍ମକର୍ତ୍ତାଙ୍କ ସହ ଜିଲାପାଳ ମଧୁସ୍ମିତା ସାହୁ ।


**CLASSIFIED DISPLAY**

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

**TCF FINANCE**
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ। 0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
7055758337
7298510676

BUSINESS

**DEALER WANTED**
At all major locations across Odisha for :-
FASTBUILD AAC BLOCKS
Mail : dealership.fastbuild@gmail.com
Mob : 9073678360

FINANCE

**Shinghania Tower**
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ । ଅଗ୍ରିମ ୬୦ ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

EDUCATION

**TIRUPATI FINANCE**
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ । ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

**KUBER FINANCE**
Kuber ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8146524009
8146359004

**HINDUSTAN TOWER**
ନାମ ନୁହେଁ କାମ କହିଥାଏ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ଫ୍ଲଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ ୨୦ ଲକ୍ଷ, ଭଡ଼ା 60,000 + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

**ADMISSION OPEN**
MAA TARA TARINI SCHOOL OF NURSING, Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi. We also offered Course (OT Technician, DMLT X-ray Technician)
Contact No: 9437425759, 8280476992
Email : maataratarinison@gmail.com

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**CAPITAL FINANCE LTD.**
(Reg. No. - U6519TN198PLC00855)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP

**ଋଣ ଧମାକା**
ଋଣ ପାଇବା ହେଲା ସହଜ ଦୁଇ ଘଣ୍ଟାରେ ଗୃହ ଋଣ, ବ୍ୟବସାୟ, କୁକୁଡ଼ା ପାଳନ, ପଶୁପାଳନ ଋଣ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ । ସୁଧ 1% ବାର୍ଷିକ।
ଯୋଗାଯୋଗ କରନ୍ତୁ
7079574972
7491845997
toofanfinance.in
New Ashok Nagar, East Delhi, Delhi


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସହାନୁଭୂତି ପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ କେବେହେଲେ ବ୍ୟର୍ଥ ହୁଏ ନାହିଁ।

- ଈଶ୍ୱରଚନ୍ଦ୍ର ବିଦ୍ୟାସାଗର



## ସଂକ୍ଷେପରେ

### କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା ସଭା

**ଲୋଇସିଂହା,୨୧।୯(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା କଲେଜର ବିଜ୍ଞାନ ବିଭାଗ ଯୁକ୍ତ ୩ ପ୍ରଥମ ବର୍ଷର ନବାଗତ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ବିଭାଗ ପ୍ରକୋଷ୍ଠରେ ଆୟୋଜିତ ଉତ୍ସବରେ ଅଧ୍ୟକ୍ଷ ତ୍ରିବିକ୍ରମ ଦାଶ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ବିବେକାନନ୍ଦ ମିଶ୍ର, ଡେମୋନଷ୍ଟେଟର ସମୀର ଦାନୀ ଛାତ୍ରୀଛତ୍ରମାନଙ୍କୁ କଲେଜର ନିୟମ ମାନି ଶାନ୍ତି ଶୃଙ୍ଖଳାର ସହ ପଢିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

### ଲାଠୋରରେ ପ୍ଲାଷ୍ଟିକ ଅଣ୍ଡା, ଲୋକେ ଆତଙ୍କିତ

**ଲାଠୋର୨୧।୯(ଡି.ଏନ.ଏ.):** ଦିନକୁ ଦିନ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ସହ ଖାଦ୍ୟ ପଦାର୍ଥକୁ ମୁନାଫାଖୋର ବ୍ୟବସାୟୀମାନେ ନକଲି କରି ଲୋକଙ୍କ ଜୀବନ ସହ ଖେଳ ଖେଳୁଛନ୍ତି। ହେଲେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ନିକଟରେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିରେ ନକଲି ଔଷଧ, ନକଲି ଶାକମ୍ପୁ ବିକ୍ରି ହେଉଥିବା ଖବର ଚର୍ଚ୍ଚାର ବିଷୟ ହୋଇଥିଲା। ଏପରି ସ୍ଥିତିରେ ଲାଠୋର ଗ୍ରାମରେ ନକଲି ପ୍ଲାଷ୍ଟିକ ଅଣ୍ଡା ବିକ୍ରି ହେଉଥିବା ଅଭିଯୋଗ ହେଉଛି। ୩ ଦିନ ତଳେ ଲାଠୋରରେ ରହୁଥିବା ଏକ ଗୋଟିଏ ପରିବାର ଗ୍ରାମର ଏକ ଦୋକାନରୁ ୨୦ଟଙ୍କା ଦେଇ ୫ଟି ଅଣ୍ଡା କିଣି ଘରକୁ ଆଣିଥିଲେ। ପରିବାର ଲୋକେ ଅଣ୍ଡାକୁ ସିଝାଇ ଖୋଲପା ଛଡାଇବା ବେଳେ ୪ଟି ଅଣ୍ଡାରୁ ଛାଡି ଯାଇଥିଲା। ହେଲେ ଗୋଟିଏ ଅଣ୍ଡାର ଖୋଲପା କଛାଡି ନ ଥିଲା। ଏନେଇ ପରିବାର ଲୋକେ ସନ୍ଦେହ କରି ଅଣ୍ଡାକୁ ତଳେ କଚାଡି ଭାଙ୍ଗି ଥିଲେ। ହେଲେ ଅଣ୍ଡାର କୌଣସି ଗନ୍ଧ ଆସି ନ ଥିଲା। ଏପରି କି ପରସ୍ତ ହୋଇ ଖୋଲପାଆିଉଥିଲା। ଏନେଇ ପରିବାର ଲୋକେ ଭୟରେ ଅଣ୍ଡା ଖାଇ ନ ଥିଲେ। ସରକାର ବିଦ୍ୟାଳୟ ଏବଂ ଅଙ୍ଗନୱାଡି କେନ୍ଦ୍ରର ଛାତ୍ରୀଛାତ୍ରମାନଙ୍କୁ ଅଣ୍ଡା ଯୋଗାଇ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ନକଲି ପ୍ଲାଷ୍ଟିକ ଅଣ୍ଡା ମିଳୁଥିବା ଜାଣି ଗ୍ରାମବାସୀ ପିଲାଙ୍କୁ ଅଣ୍ଡା ନ ଖାଇବାକୁ ପରାମର୍ଶ ଦେଉଥିବା ଜଣାପଡିଛି। ଜିଲା ପ୍ରଶାସନ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

### ଶିକାଛିଡା, ସିନ୍‌ଖମନ୍ ଅଞ୍ଚଳରେ ଭାଲୁ ଆତଙ୍କ

**ବଲାଙ୍ଗୀର ଅଫିସ, ୨୧।୯:** ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ସିନ୍‌ଖମନ ଓ ଶିକାଛିଡା ଗାଁରେ କିଛିଦିନ ହେଲା ଏକ ଭାଲୁ ଉପଦ୍ରବ ଦେଖାଯାଇଛି। ୨ ଦିନ ତଳେ ଭାଲୁଟି ଶିକାଛିଡାର ଗୋବିନ୍ଦ ଚରଣ ଦାସଙ୍କୁ ଆକ୍ରମଣ କରିଥିବା ଜଣାପଡିଛି। ଗାଁର ବାଦୀକଟାକୁ ଶୌଚ ପାଇ ଯାଇଥିବାବେଳେ ଗୋବିନ୍ଦ ଭାଲୁ ହାବୁଡରେ ପଡିଥିବା କୁହାଯାଇଛି। ହେଲେ ସେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। କିଛିଦିନ ହେଲା ନିକଟସ୍ଥ ଜଙ୍ଗଲରୁ ଭାଲୁଟି ଚାଲି ଆସି ଶିକାଛିଡା ଓ ସିନ୍‌ଖମନ ଗାଁରେ ବୁଲୁଥିବାରୁ ଲୋକେ ଆତଙ୍କିତ ହୋଇପଡିଛନ୍ତି। ଏନେଇ ଡିଏଫ୍‌ଓ ସମୀର ଶତପଥୀଙ୍କୁ ପଚାରିବାରୁ ଅଞ୍ଚଳରେ ଭାଲୁଟି ବୁଲୁଥିବା ନେଇ ବନବିଭାଗ ପାଖରେ ସୂଚନା ରହିଛି। ତେବେ କାହାକୁ ଆକ୍ରମଣ କରଥିବା ସୂଚନା ନ ଥିଲା। ଆଗକୁ ଉଚିତ୍ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ବ୍ୟାଙ୍କ ଛାତ ଭୁଶୁଡିଲା, ମହିଳା ଗୁରୁତର ଅଳ୍ପକେ ବର୍ତ୍ତିଲେ ଶିଶୁପୁତ୍ର



**ବଲାଙ୍ଗୀର ଅଫିସ, ୨୧।୯:** ଶନିବାର ଅପରାହ୍ନ ପ୍ରାୟ ସାଢ଼େ ୫ଟା ସମୟରେ ବଲାଙ୍ଗୀର କାନାରା ବ୍ୟାଙ୍କ ଛାତ ଭୁଶୁଡି ପଡିଥିଲା। ଏଥିରେ ସୁମୁଖୀ ଦୀପ(୨୬) ନାମକ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ତାଙ୍କ ୩ ବର୍ଷର ଶିଶୁପୁତ୍ର ଉପରେ ଛାତର ସିମେଣ୍ଟ ପଡିଥିଲେ ମଧ ସେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଆହତ ମହିଳା ଜଣକ ପୁଇଁତଲା ବ୍ଲକ ଜାମଗାଁ ପଞ୍ଚାୟତର ନୂଆପାଲି ନିବାସୀ ବୋଲି ଜଣାପଡିଛି। ଶନିବାର ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ସଦସ୍ୟମାନେ କାନାରା ବ୍ୟାଙ୍କ ଆସିଥିଲେ। କାମ ସାରି ବ୍ୟାଙ୍କରୁ ବାହାରୁଥିବା ବେଳେ ବ୍ୟାଙ୍କ ଛାତ ଭୁଶୁଡି ସୁମୁଖୀ ଓ ତାଙ୍କ ଶିଶୁପୁତ୍ରଙ୍କ ଉପରେ ପଡିଯାଇଥିଲା। ଏଥିରେ ସୁମୁଖୀଙ୍କ ମୁଣ୍ଡ ଫାଟି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ତାଙ୍କୁ ତୁରନ୍ତ ଭୀମଭୋଇ ମେଡିକାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

---

କୋସଲ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ସାଙ୍ଗଠନିକ ସଭା

# ‘ବନ୍ୟାରେ ବାରିହେଲା ସରକାରଙ୍କ ଆଞ୍ଚଳିକ ବୈଷମ୍ୟ ନୀତି’

**ବଲାଙ୍ଗୀର ଅଫିସ, ୨୧।୯**



ବଲାଙ୍ଗୀର ଏମ୍‌ବି ଧର୍ମଶାଳାଠାରେ ଅନୁଷ୍ଠିତ କୋସଲ ରାଜ୍ୟ ସମନ୍ୱୟ ସମିତି ବୈଠକ।

- ସେପ୍ଟେମ୍ବର ୩୦ରେ ବଲାଙ୍ଗୀରରେ ହେବ ଗଣଧାରଣା
- ୧ ହଜାର କୋଟି ଟଙ୍କାର ବନ୍ୟା ସହାୟତା ଦାବି

କୋସଲ ରାଜ୍ୟ ସମନ୍ୱୟ ସମିତି ବଲାଙ୍ଗୀର ଲୋକସଭା ମଣ୍ଡଳ ଜୋନ ପକ୍ଷରୁ ଶନିବାର ସ୍ଥାନୀୟ ଏମ୍‌ବି ଧର୍ମଶାଳାଠାରେ ଏକ ସାଂଗଠନିକ ସଭା ଅନୁଷ୍ଠିତ ହୋଇଥିଲା। ସଙ୍ଗଠକ ବିକ୍ରମାନନ୍ଦ ବହିଦାର, ଆଦିବାସୀ ନେତା ବ୍ରଜକିଶୋର ସିଂ ଭୋଇଙ୍କ ଆବାହକତ୍ୱରେ ଏବଂ ସମିତି କେନ୍ଦ୍ରୀୟ ଉପାଧ୍ୟକ୍ଷ ମନୋରଞ୍ଜନ ସାହୁଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ସଭାରେ ବଲାଙ୍ଗୀର ଜୋନର ଶତାଧିକ କୋସଲବାଦୀ ସଙ୍ଗଠକ ଯୋଗଦେଇ କୋସଲ ଆନ୍ଦୋଳନର ଭବିଷ୍ୟତ ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ସମନ୍ୱୟ ସମିତି ସଂଯୋଜକ ଶରତ କୁମାର ହୋତା ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଥମ ଅଧିବେଶନରେ ସମିତି କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ ମିଶ୍ର ସ୍ୱତନ୍ତ୍ର କୋସଲ ପ୍ରଦେଶ ଆନ୍ଦୋଳନକୁ ଅଧିକ ପ୍ରଭାବଶାଳୀ କରିବା ସହ ଏହାର ଭବିଷ୍ୟତ ରୂପରେଖ ଉପରେ କହିଥିଲେ। ଚକ୍ରାନ୍ତକାରୀଙ୍କ ପ୍ରରୋଚନାରେ ପଡି ଯେଉଁମାନେ କୋସଲ ଆନ୍ଦୋଳନକୁ ବିଭାଜିତ କରିବାକୁ ଚେଷ୍ଟା କରୁଛନ୍ତି ସେମାନଙ୍କୁ ସମୁଚିତ ଜବାବ ଦେବା ପାଇଁ ସେ ଆହ୍ୱାନ ଦେଇଥିଲେ। କିଛିଦିନ ତଳେ କୋସଲାଞ୍ଚଳରେ ଦେଖାଦେଇଥିବା ପ୍ରଳୟଙ୍କରୀ ବନ୍ୟାକୁ ନେଇ ସରକାର କୌଣସି ଆର୍ଥିକ ସହାୟତା ଘୋଷଣା ନ କରିବା ସରକାରଙ୍କ ଆଞ୍ଚଳିକ ବୈଷମ୍ୟର ନିଦର୍ଶନ ବୋଲି ମିଶ୍ର କହିଥିଲେ। ଏହାକୁ ନେଇ ସରକାରଙ୍କୁ ତୀବ୍ର ନିନ୍ଦା କରିଥିଲେ। ବୈଠକରେ ୧ ହଜାର କୋଟି ଟଙ୍କାର ବନ୍ୟା ସହାୟତା ଦାବି କରି ସେପ୍ଟେମ୍ବର ୩୦ ତାରିଖରେ ସମିତି ପକ୍ଷରୁ ବଲାଙ୍ଗୀରରେ ଗଣଧାରଣା ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିବା ସୂଚନା ଦିଆଯାଇଥିଲା। ଡିସେମ୍ବର ଶେଷ ସୁଦ୍ଧା ସମସ୍ତ ବ୍ଲକରେ ନୂତନ କମିଟି ଗଠନ, ମହିଳା ଓ ଯୁବ ସଙ୍ଗଠନକୁ ପୁନର୍ଗଠନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଖୁବ୍ ଶୀଘ୍ର କୋସଲ ମହାବନ୍ଦ ପାଇଁ ତାରିଖ ନିର୍ଦ୍ଧାରଣ କରିବାକୁ କେନ୍ଦ୍ରୀୟ କମିଟିକୁ ଅନୁରୋଧ କରାଯାଇଥିଲା। ସଭାରେ ଯୁଥ୍ ଆକ୍ସନ କମିଟି ସଭାପତି ବିନୋଦ କାଲସାଏ, ନାରୀନେତ୍ରୀ ନିରୁପମା ଉଦ୍‌ଗାତା, ବୌଦ୍ଧ ଜିଲାର ସୁବେଦାର ଲଳିତ କୁମାର ସାହୁ ମଞ୍ଚାସୀନ ହୋଇଥିଲେ। ଆଦିବାସୀ ନେତା ନିରଞ୍ଜନ ବିଶି, ଶିକ୍ଷାବିତ୍ ପ୍ରଫେସର ପ୍ରମୋଦ ବାଗ, ସୋନପୁର ଜିଲାର ପରମେଶ୍ୱର ଦେହୁରୀ, ସଦାନନ୍ଦ ଭଗତ, ଅବସରପ୍ରାପ୍ତ ସୈନିକ ସଂଘ ସମ୍ପାଦକ ପ୍ରତାପ ଚନ୍ଦ୍ର ରଥ, ଆଗଲପୁରର ହିତାଂଶୁ ସାହୁ, ଜିଲା ଗଣ୍ଡ ସମାଜ ସଭାପତି ଶ୍ୟାମସୁନ୍ଦର ଭୋଇ, ଲାଲମୋହନ ନାଗ, ଦେଓଗାଁର ଦେବରାଜ ସାହୁ, ସୁବଳ ରଣା, ଡା. ଶଶିଭୂଷଣ ସାହୁ, ମିତ୍ରଭାନୁ ବାରିକ, ପାଟଣାଗଡର ଜୀବନ କୁମାର ଭୋଇ, ପୁଇଁନ୍ତଲା ବ୍ଲକର ପ୍ରସନ୍ନ ନେଗୀ, ଅମ୍ବରୀଶ ରାଉତ, ସଚ୍ଚିଦାନନ୍ଦ ନାଥ, ରିଲୁ ରଥ, ଡୋଳାମଣି ପଧାନ, ସୁରଥ ପଟେଲ, ପ୍ରୀତମ ଠାକୁର ଆଲୋଚନାରେ ସୁଚିନ୍ତିତ ମତାମତ ଦେଇଥିଲେ। ସଭାରେ ଏକ ୩୯ ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ଏଥିରେ ଶରତ କୁମାର ହୋତାଙ୍କୁ ଜୋନାଲ ସଂଯୋଜକ ଭାବେ ମନୋନୀତ କରାଯାଇଥିବା ବେଳେ ରବିଶଙ୍କର ମିଶ୍ର, କିଶୋର ହୋତା, ଶ୍ୟାମସୁନ୍ଦର ଭୋଇ, ବିକାଶ ପାଢୀଙ୍କୁ ଜୋନ ଯୁଗ୍ମ ସଂଯୋଜକ, ରଣରାଜ ସିଂଦେଓଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ସଭାରେ ବିଭିନ୍ନ ଜିଲାରୁ ଆସିଥିବା ପ୍ରତିନିଧି ଯୋଗ ଦେଇଥିଲେ।

### ଛାତ୍ରୀଙ୍କୁ କମେଣ୍ଟ ମାରିବା ମହଙ୍ଗା ପଡ଼ିଲା

**ଲୋଇସିଂହା,୨୧।୯(ଡି.ଏନ.ଏ.)**

ଶନିବାର ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ ଯୋଗୀସର୍ଡା ଗ୍ରାମର ଜୈନେକ କଲେଜ ଛାତ୍ରୀଙ୍କୁ କମେଣ୍ଟ ମାରିବା ଘଟଣା ଯୁବକଙ୍କୁ ମହଙ୍ଗା ସାବ୍ୟସ୍ତ ହୋଇଛି। ଛାତ୍ରୀଙ୍କ ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ଲୋଇସିଂହା ପୋଲିସ ଘଟଣାରେସମ୍ପୃକ୍ତ ଯୁବକଙ୍କୁ ଥାନାରେ ଅଟକ ରଖିଥିଲା। ଶନିବାର ସନ୍ଧ୍ୟାରେ ଥାନାରେ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇ ସମସ୍ୟାର ସମାଧାନ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ଯୋଗୀସର୍ଡା ଗ୍ରାମର ୨ ଜଣ ଛାତ୍ରୀ ଲୋଇସିଂହା କଲେଜରୁ ଅପରାହ୍ନରେ ଘରକୁ ଫେରୁଥିଲେ। ସେତିକିବେଳେ ଲୁହୁରାପାଲି ଗ୍ରାମର ଜଣେ ଯୁବକ ଜଣେ ଛାତ୍ରୀଙ୍କୁ କମେଣ୍ଟ ମାରିଥିଲେ। ଏନେଇ ଛାତ୍ରୀ ଜଣକ ସମ୍ପର୍କୀୟଙ୍କୁ ଜଣାଇଥିଲେ। ଛାତ୍ରୀଙ୍କ ସମ୍ପର୍କୀୟ ଯୁବକଙ୍କୁ ଧରି ଲୋଇସିଂହା ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଯୁବକଙ୍କୁ ପୋଲିସ ଜିମା ଦେଇଥିଲେ। ଯୁବକ ଜଣକ ଯବାନ ବୋଲି ଜଣାପଡିଥିଲା। ସେ ଛୁଟିରେ ଗାଁକୁ ଆସିଥିଲେ।

## ଅସହାୟ ଜନକଙ୍କ ପାଖରେ ପହଞ୍ଚିଲା ପ୍ରଶାସନ

**ଖପ୍ରାଖୋଲ,୨୧।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହରାପଦର ପଞ୍ଚାୟତ ଡମନିମାଲ ଗାଁର ଅସହାୟ ବିଧବା ମହିଳା ଜନକ ବେହେରାଙ୍କ ପାଖରେ ପହଞ୍ଚିଛି ପ୍ରଶାସନ। ବିଡିଓ ତରଣୀ ସୁନା ଗାଁରେ ପହଞ୍ଚି ଜନକଙ୍କୁ ଭେଟି ଘଟଣା ସଂକ୍ରାନ୍ତରେ ପଚାରି ବୁଝିଥିଲେ। ଏପରି କି ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ଦେବା ସହ ଏନଏଫବିଏସ ଯୋଜନାରେ ୨୦ ହଜାର ଟଙ୍କା ଦେବାର ପ୍ରତିଶ୍ରୁତି ଦେଇଥିଲେ। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମଞ୍ଜୁର ହୋଇଥିଲେ ମଧ ତିଆରି କରିବା ପାଇଁ ସକ୍ଷମ ନ ଥିବାରୁ ଆବଶ୍ୟକ ସହାୟତା ଯୋଗାଇଦେଇ ତିଆରି କରିବାକୁ ବିଡିଓ ସୁନା କହିଥିଲେ। ଏପରି କି ଝିଅ, ପୁଅଙ୍କ ପାଠ ପଢା ପାଇଁ ନିକଟ ସ୍କୁଲରେ ନାମ ଲେଖାଇବାକୁ ବ୍ୟବସ୍ଥା କରିବାକୁ ବିଡିଓ ସୁନା କହିଥିଲେ। ସୂଚନା ଯୋଗ୍ୟ ୧୭ ତାରିଖ ଧରିତ୍ରୀରେ ସୁଖ ଛଡେଇ ନେଲା ଦଇବ, ବାସ ହରା କଲା ଲଘୁଚାପ ବର୍ଷା ଶୀର୍ଷକ ଖବର ଏକ ଖବର ପ୍ରକାଶିତ ହୋଇଥିଲା। ଏନେଇ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଅନ୍ୟପକ୍ଷେ ବିଧବା ଜନକଙ୍କ ସ୍ୱାମୀ ନେପାଲ ବେହେରା(୪୨)ଙ୍କ ମାସେ ତଳେ ମୃତ୍ୟୁ ଘଟିଥିଲା। ଏନେଇ ଜନକ ଘରକୁ ମୁଖିଆଙ୍କୁ ହରାଇ ହତାଶ ହୋଇପଡିଥିବା ବେଳେ ଲଘୁଚାପ ଜନିତ ଲଗାଣ ବର୍ଷାରେ ଘର ଭାଙ୍ଗି ଯାଇଥିଲା। ଏନେଇ ସେ ସମ୍ପୂର୍ଣ୍ଣ ଅସହାୟ ହୋଇପଡିଥିଲେ। ଏପରି କି ଅର୍ଥ ଅଭାବରୁ ଝିଅ ପୁଅ ବିଦ୍ୟାଳୟକୁ ଯାଉ ନ ଥିବା ଜଣାଯାଇଛି।

## ଡିଗ୍ରୀ ମହାବିଦ୍ୟାଳୟରେ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମାରୋହ




ମୁରିବାହାଲ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟର ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥି।

**ମୁରିବାହାଲ, ୨୧।୯ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟର ନୂତନ ଛାତ୍ରୀଛାତ୍ରଙ୍କୁ କଲେଜ ପକ୍ଷରୁ ଶୁକ୍ରବାର କଲେଜ ପରିସରରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ କଲେଜ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅଧ୍ୟକ୍ଷ ସରୋଜ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସଭାରେ ଅଧ୍ୟାପକ ଗୁଣ ସାଗର ମେହେର, ପୂର୍ଣ୍ଣଚନ୍ଦ୍ର ପଧାନ, ସୋମଦତ୍ତ ହୋତା, ସାଂସ୍କୃତିକ ସଂଯୋଜକ ଅଧ୍ୟାପକ ଦିଲୀପ କୁମାର ପଶାୟତ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ଶିକ୍ଷା ବର୍ଷରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ଦାୟିତ୍ୱ, କର୍ତ୍ତବ୍ୟ ତଥା ଆଗାମୀ ଦିନରେ ଶିକ୍ଷା ପ୍ରତି ଗୁରୁତ୍ୱ ଦେବା ଉପରେ ମତବ୍ୟକ୍ତ କରିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କଲେଜର ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଛାତ୍ରୀ ଭାଗ୍ୟବତୀ ଛୁରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ର ସୋମନାଥ ବଡଜେନା ଧନ୍ୟବାଦ ଅର୍ପଣ କରିଥିଲେ।

### ଚୂଡାନ୍ତ ପର୍ଯ୍ୟାୟରେ ଜରାସିଂହା ପାଟଖଣ୍ଡା ଯାତ୍ରା

**ଦେଓଗାଁ,୨୧।୯(ଡି.ଏନ.ଏ.)**

ଦେଓଗାଁ ବ୍ଲକ ଅଧୀନ ଜରାସିଂହାରେ ଅନୁଷ୍ଠିତ ହେବାକୁ ଥିବା ପାଟଖଣ୍ଡା ଯାତ୍ରା ପାଇଁ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ସ୍ଥାନୀୟ ବିଏନ୍‌ଏଏ ଅନୁଷ୍ଠାନ ଓ ଗ୍ରାମ୍ୟ ଉନ୍ନୟନ କମିଟି ପରିଚାଳନାରେ ଏହାକୁ ଥିବା ଯାତ୍ରା ପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ ସହ କାର୍ଯ୍ୟସୂଚୀ ନିର୍ଘଣ୍ଟ ହୋଇଛି। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ୨୨ ତାରିଖରେ ଖଣ୍ଡାବସା, ୨୮ରେ ଉଜ୍ଜଗୁଡିପୂଜା ଆରମ୍ଭ, ଅକ୍ଟୋବର ୪ରେ ପାଟସିନ୍ଦୁର ଆଣିବା ପାଇଁ ବିଦାୟ ସମ୍ବର୍ଦ୍ଧନା ଉତ୍ସବ, ୫ରେ ରାଜବାଟୀ ପୂଜା ଓ ଦେବତାଙ୍କ ପାଲିଙ୍କିରେ ବିଶ୍ରାମ, ୬ରେ ଖଣ୍ଡାସ୍ନାନ ଓ ପାଟସିନ୍ଦୁର ବରଣ, ୭ତାରିଖରେ ଦେଝାର ପୂଜାସ୍ଥଳୀରେ ସନ୍ଧ୍ୟା ୭.୫୪ରେ କାଳିଶି ଆବିର୍ଭାବ ଓ ମାନସୀକଧାରୀଙ୍କୁ ଆଶିର୍ବାଦ ପ୍ରଦାନ, ୮ରେ ଉଜ୍ଜବାହାଲି ମହାଖଳା ଯାତ୍ରା ଓ ବଉରାପିଟାକୁ ଆଗମନ, ୯ରେ ନିଶିପୂଜା, ଲିଙ୍ଗାବରଣ ପୂଜା ଓ ସନ୍ଧିପୂଜା,୧୦ରେ ବଉରାପିଟାରୁ ନିଶିଗୁଡିକୁ ଆଗମନ ଓ ରାତି ସାଢେ ୯ଟାରେ ନିଶିଗୁଡି ଯାତ୍ରା, ୧୧ତାରିଖ ଅପରାହ୍ନ ୩ଟା ୩୯ମିନିଟରୁ ଦେବତାଙ୍କ ବାହୁଡା ବିଜୟ ପରେ ୧୩ ତାରିଖରେ ଅଷ୍ଟମଙ୍ଗଳା ସହ ଯାତ୍ରା ସମାପନ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଚଳିତ ବର୍ଷ ମୁଖ୍ୟ ସେବାୟତ ଭାବେ ସନ୍ତୋଷ କୁମାର ଥନାପତି, ମୁଖ୍ୟ ସେବକ ଜମିଦାର ଦୁର୍ଗା ପ୍ରସାଦ ସିଂ ଦେଓ, ପଣ୍ଡିତ ଅସିତ କୁମାର ତ୍ରିପାଠୀ, ଆଲୋକ ତ୍ରିପାଠୀ ରହିଥିବା ବିଏନ୍‌ଏଏ ସଂଘ ସଭାପତି ସୁନ୍ଦରମଣି ଦଣ୍ଡସେନା ସୂଚନା ଦେଇଛନ୍ତି।

## ନକଲି ସାର୍ଟିଫିକେଟ ଦେଇ ଚାକିରି

**ଗୁଡ଼ଭେଲା,୨୧।୯(ଡି.ଏନ୍.ଏ.)**

**ସିଆର୍‌ସିଙ୍କୁ ଗିରଫ ଦାବି**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକରେ ନକଲି ଆଦିବାସୀ(ଏସଟି) ସାର୍ଟିଫିକେଟ ଦେଇ ଚାକିରି କରୁଥିବା ଜଣେ ସିଆର୍‌ସିଙ୍କୁ ଗିରଫ କରିବା ନେଇ ଶନିବାର ଆଦିବାସୀ ସଂଘ ରାଜ୍ୟ ମହାସଚିବ ନିରଞ୍ଜନ ବିଶି ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛନ୍ତି। ଆଦିବାସୀ ସଂଘ ରାଜ୍ୟ ମହାସଚିବ ବିଶି କହିଛନ୍ତି, ସୂଚନା ଅଧିକାର କର୍ମୀ ନୀଳମଣି ଜୋଷୀ ଆର୍‌ଟିଆଇରେ ଜଣେ ସିଆର୍‌ସିଙ୍କ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ତଥ୍ୟ ମାଗିଥିଲେ। ଆର୍‌ଟିଆଇର ତଥ୍ୟ ମୁତାବକ ସିଆର୍‌ସି ଜଣକ ଓବିସି ବର୍ଗର ଅଟନ୍ତି। ଜାଲ ଏସ୍‌ଟି ଜାତି ପ୍ରମାଣ ପତ୍ର ଦେଇ ୧୯୯୭-୧୯୯୮ରେ ଏସ୍‌ଟି କୋଟାରେ ବିଏଡ଼ରେ ନାମ ଲେଖାଇବାରେ ସକ୍ଷମ ହୋଇଥିଲେ। ଉକ୍ତ ସାର୍ଟିଫିକେଟ ପାଇବା ପରେ ଓବିସି କୋଟାରେ ଶିକ୍ଷକ ଚାକିରି ପାଇଥିଲେ। ବର୍ତ୍ତମାନ ସେ ସିଆର୍‌ସି ଭାବେ କାର୍ଯ୍ୟରତ ଥିବା ଆରଟିଆଇ ତଥ୍ୟରୁ ଜାଣି ସୂଚନା ଅଧିକାର କର୍ମୀ ଜୋଷୀ ବଲାଙ୍ଗୀର ଜିଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଶୁକ୍ରବାର ଅଭିଯୋଗ କରିଥିଲେ। ଏନେଇ ସୂଚନା ଅଧିକାର କର୍ମୀ ଯୋଷୀଙ୍କୁ ପଚାରିବାରୁ ସେ କହିଥିଲେ ଯେ, ସେ ବ୍ୟକ୍ତିଗତ ଭାବେ ସିଆର୍‌ସିଙ୍କୁ ଜାଣି ନାହାନ୍ତି। ଆର୍‌ଟିଆଇରେ ମାଗିଥିବା ତଥ୍ୟ ଅନୁଯାୟୀ ସାର୍ଟିଫିକେଟ ଜାଲିଆତି ହୋଇଥିବାରୁ ତାଙ୍କୁ ସରକାରଙ୍କ ସମ୍ମୁଖକୁ ଆଣିବାକୁ ଚେଷ୍ଟା କରିଛି। ଏନେଇ ଗୁଡଭେଲା ବ୍ଲକ ଶିକ୍ଷା ଅଧିକାରୀ ଅଖିଳ ଦୀପଙ୍କୁ ପଚାରିବାରୁ ଏହି ଖବର ପାଇଛି। ଘଟଣାର ତଦନ୍ତ କରି ଆଇନ ଅନୁଯାୟୀ ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏନେଇ ସିଆରସିସି ଜଣଙ୍କୁ ପଚାରିବାରୁ ଏହା ମୋ ବିରୋଧରେ ଏକ ଷଡଯନ୍ତ୍ର। ଅଭିଯୋଗକୁ ସେ ଖଣ୍ଡନ କରିଥିଲେ। ଏନେଇ ଆଦିବାସୀ ସଂଘ ରାଜ୍ୟ ମହାସଚିବ ବିଶିଙ୍କୁ ପଚାରିବାରୁ ବିଇଡି ସାର୍ଟିଫିକେଟରେ ଏସ୍‌ଟି ଥିବା ବେଳେ ଓବିସି କୋଟାରେ ଚାକିରି ପାଇଁ ଆବେଦନ କରିବା କିପରି ବିଭାଗୀୟ କର୍ମଚାରୀମାନେ ଜାଣିପାରିଲେ ନାହିଁ ବୋଲି ପ୍ରଶ୍ନ କରିଥିଲେ।

ନଅଗାଁ(ଖ) ପ୍ୟାକ୍ସ

## ଚାଷୀଙ୍କୁ ମିଳୁନି, ୟୁରିଆ ସାର ବାହାରେ ବିକ୍ରି

**ଲୋଇସିଂହା,୨୧।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ)ସ୍ଥିତ ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ)ରେ ଚାଷୀଙ୍କୁ ୟୁରିଆ ସାର ମିଳୁ ନ ଥିବା ବେଳେ ବାହାରେ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ ସ୍ଥାନୀୟ ଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଅଭିଯୋଗ ମୁତାବକ, ପ୍ୟାକ୍ସର ସମ୍ପାଦକ ଭାବେ ପ୍ରୀତମ ମିଶ୍ର ନିୟୋଜିତ ଅଛନ୍ତି। ହେଲେ ସେ ବିଭିନ୍ନ ସମୟରେ କାର୍ଯ୍ୟାଳୟରେ ରହୁ ନାହାନ୍ତି। କାର୍ଯ୍ୟାଳୟର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ସବୁ କାମ ବୁଝୁଛନ୍ତି। ବର୍ତ୍ତମାନ ଧାନ ଚାଷରେ ଦ୍ୱିତୀୟ ଥର ୟୁରିଆ ସାର ପ୍ରୟୋଗ କରିବା ସମୟ ହୋଇଛି। ଏନେଇ ଚାଷୀମାନେ ୟୁରିଆ ସାର ପାଇଁ ସମିତିକୁ ବାରମ୍ବାର ଦୌଡୁଛନ୍ତି। ହେଲେ ସମିତି ପକ୍ଷରୁ ସାର ମହଜୁଦ ରହିଛି ମିଳିବ କହି ଚାଷୀଙ୍କୁ ଆଶ୍ୱାସନା ଦିଆଯାଉଛି। ହେଲେ ପରବର୍ତ୍ତୀ ସମୟରେ ଚାଷୀମାନେ ସମିତିକୁ ଗଲେ ସମ୍ପାଦକଙ୍କୁ ସାକ୍ଷାତ କରିପାରୁ ନାହାନ୍ତି। ଫଳରେ ଚାଷୀଙ୍କୁ ସାର ମିଳିପାରୁ ନାହିଁ। ଚାଷୀମାନେ ବାଧ୍ୟ ହୋଇ ବଜାରରୁ ଚଢାଦରରେ ସାର କିଣି ଶୋଷଣର ଶିକାର ହେଉଥିବା ଅଭିଯୋଗ ହୋଇଛି। ଏନେଇ ସମ୍ପାଦକ ମିଶ୍ରଙ୍କୁ ପଚାରିବାରୁ ହାତ ଭାଙ୍ଗି ଯାଇଥିବାରୁ ଛୁଟିରେ ଥିଲି। ସାର ବିକ୍ରି କରିବାକୁ ଜଣେ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଅଭିଯୋଗ ପାଇ ଘଟଣାର ଅନୁସନ୍ଧାନ କରିଥିଲି। ଏମ୍‌ଆର୍ କାଟି ଚାଷୀଙ୍କୁ ସାର ଦିଆଯାଇଛି। କେଉଁ ଚାଷୀ ସାର ନେଇ ବାହାରେ ବିକ୍ରି କରିବେ ସେନେଇ କଣ କରିବୁ ବୋଲି କହିଥିଲେ। ଅନ୍ୟପକ୍ଷେ ଜିଲା ପ୍ରଶାସନ, କୃଷି ବିଭାଗ ଏବଂ ବିଭାଗୀୟ ଉଚ୍ଚ ଅଧିକାରୀ ଘଟଣାର ତଦନ୍ତ କରିବାକୁ ଚାଷୀମାନେ ଦାବି କରିଛନ୍ତି।

ଚିକିତ୍ସା ଲାଗି ଟଁକା ଅଭାବ୍

## ମୁରତୁ ସଂଗେ ଯୁଝୁଛନ୍ ଶତ୍ରୁଘନ ବୁଢ଼େକ

**ମୁରିବାହାଲ, ୨୧।୯ (ଡି.ଏନ.ଏ)**





ଅଜନା ରୋଗ୍‌ରେ ଖଟେ ପଡ଼ିଛନ୍ ଶତ୍ରୁଘନ ବୁଢ଼େକ (ବାମ)। ଅଜନା ରୋଗ୍‌ରେ ପୀଡ଼ିତ ଜୟନ୍ତୀ ବିନ୍ଧାଣୀ।

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଇଛାପଡ଼ା ପଁଚେତ୍ ଅଧୀନ ସର୍ଗୁଲ ଗାଁର ଶତ୍ରୁଘନ ବଢ଼େଇ(୪୫)। ଆଏଜ୍‌କେ ପାଖାପାଖି ୩ ବଛର ହେଲା କେହେନ୍‌ସି ଗୁଟେ ଅଜନା ରୋଗ୍‌ରେ ପଡ଼ି ସେ ମୁରତୁ ସଂଗେ ଯୁଝୁଛନ୍। ସେ ଝନେ ନିହାତି ଗରିବ୍ ଲୋକ୍ ହେଇଥିଲାବେଲେ ଚିକିଛା ଅଭାବୁ ଭଗବାନ ଭରସାରେ ଘରେ ପଡ଼ିରହିଛନ୍।

ସୂଚନା ଅନ୍‌ସାରେ ସର୍ଗୁଲ ଗାଁର ଶତ୍ରୁଘନ ବଢ଼େଇ ଝନେ ନିହାତି ଗରିବ୍ ଲୋକ୍। ଫିଦିନ କୁଲିମଜୁରି କରି କୁଟୁମ ପୁଷୁଥିଲେ। ହେଲେ ୩ ବଛର ତଲେ କେହେନ୍‌ସି ଗୁଟେ ଅଜନା ରୋଗ୍ ଲାଗି ତାକର ଗୋଡ଼ହାତ୍ କାମ୍ ନାଇଁକଲା। ଆସର ପାସର ଡାକ୍ତରଖାନରେ ଦେଖେଇ ନିରାଶ ହେଲେ। ଚିକିଛା ଅଭାବୁ ଦିନୁଦିନ୍‌କେ ଅବସ୍ତା ବେଶି ବିଗଡ଼ିବାକେ ଲାଗ୍‌ଲା। ଏହେଦେ ସେ ଅକରମା ହେଇ ଭଗବାନ ଭରସାରେ ଖଟେ ପଡ଼ିରହିଛନ୍। ଏନ୍‌ତାଥି ମାଏକିନା ସୁରୁବାଲି ବୁଢ଼େକ ତାକର ସେବା ଯତନ୍ କରୁଛନ୍। ଅଭାବ ଅନାଟନ ଲାଗି ଶତ୍ରୁଘନକଁର ଉଚ ଚିକିଛା କରେଇ ନାଇଁପାରବାର। ଏହେଦେ ଘରର ଜିନିଷପାତି ବିକି ସୁରୁମାଲି ଆପ୍‌ନେର ଚିକିଛା କରାବାର ସଂଗେ ପରିବାର ଚଲଉଛନ୍। ଇଆଡ଼େ ସରକାରୀ ସାହାଯ୍ କହେଲେ ପଁଚେତ୍‌ରୁ ମାସିକ୍ ମିଲୁଥିବାର ୧୦ କେ.ଜି. ଚାଉଲ ନ ଦମ୍ପତିକଁର ସାହାଭରସା ପାଲଟିଛେ। ସେନ୍‌ତା ଇ ଦମ୍ପତି ଗୁଟେ ଝାଟିମାଟିର କୁରିଆରେ ବଡ଼ା ଗୁଲଗୁଲା ହେଇ ଜୀବନ୍ ବିତଉଥିବାର ଦେଖିବାକେ ମିଲିଛେ। ସେନ୍‌ତା ଇ ଗାଁର ଜୟନ୍ତୀ ବିନ୍ଧାଣୀ ବି ଆଏଜ୍‌କେ ୧୨ ବଛର ହେଲା କେହେନ୍‌ସି ଗୁଟେ ଅଜନା ରୋଗ୍‌ରେ ପୀଡ଼ିତ ଅଛନ୍। ରୋଗ୍ ପରଭାବରେ ହରମେଶା ତାକର ଗୋଡ଼ହାତ, ଦିହିମୁଡ଼ ଥରୁଛେ। ଯେନ୍‌ଥିରଲାଗି ସେ କେହେନ୍‌ସି କାମ୍‌ବୁତା କରି ନାଇଁପାରବାର। ବିନ୍ଧାଣୀ ପରିବାର ବି ନିହାତି ଗରିବ୍ ହେଇଥିଲାବେଲେ ପଁଚେତ୍‌ରୁ ମାସିକ ମିଲୁଥିବାର ୩୦ କେ.ଜି. ଚାଉଲ ତାକର ସାହାଭରସା ପାଲଟିଛେ। ଅଭାବ ଅନାଟନ ଲାଗି ଜୟନ୍ତୀ ତାକର ରୋଗ୍‌ର ଚିକିଛା କରେଇ ନାଇଁପାରବାର। ଜିଲା ପରଶାସନ ଉଭଏ ଗରିବ ପରିବାର ଉପରେ ଦୁରୁଷ୍‌ଟି ଦେଇ ଚିକିଛା ସାହାଯ୍ ସଂଗେ ବାକି ସରକାରୀ ସାହାଯ୍ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍।



ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।

- ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ପୁଅଜିଉଁନ୍ତିଆ ପାଇଁ ଫଳ ଦର ଆକାଶଛୁଆଁ

**ରିଷିଡା, ୨୧।୯ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ରିଷିଡା ଶନିବାର ହାଟ ପାଳି ଥିଲା । କେତେକ ଅଞ୍ଚଳରେ ଶନିବାର ଏବଂ ଆଉ କେତେକ ଅଞ୍ଚଳରେ ରବିବାର ପୁଅଜିଉଁନ୍ତିଆ ପାଳନ କରାଯିବ । ପୁଅଙ୍କ ଶୁଭ ମନାସି ମା'ମାନେ ଉପବାସ ରହି ପୁଅଜିଉଁନ୍ତିଆ ପାଳନ କରନ୍ତି । ଏହି ପୂଜା କରିବା ପାଇଁ ବିଭିନ୍ନ ଫଳ ଲାଗିଥାଏ । ଏଥିପାଇଁ ଫଳ ଦର ଆକାଶ ଛୁଆଁ ହୋଇଛି। ହାଟରେ ପ୍ରାୟ ୧୦ଟି ଫଳ ଦୋକାନ ଖୋଲିଥିଲା । ନଡିଆ ଗୋଟା ୨୦ ରୁ ୨୫ ଟଙ୍କା, ଗୋଟା ପ୍ରତି ସେଓ ୧୦ ଟଙ୍କା, କରମଙ୍ଗା ୫ ଟଙ୍କା, କମଳା ୫ ଟଙ୍କା, କନ୍ଦମୂଳ ୩ ଟଙ୍କା, କଦଳୀ ଡଜନ ପ୍ରତି ୪୦ ଟଙ୍କା ବିକ୍ରି ହୋଇଥିଲା ।

### ରିଷିଡ଼ା ଦୁର୍ଗାପୂଜା ପାଇଁ କାର୍ଯ୍ୟକ୍ରମ

**ରିଷିଡା,୨୧।୯(ଡି.ଏନ.ଏ.)-** କଳାହାଣ୍ଡି ଜିଲା ରିଷିଡା ରେ ସାର୍ବଜନୀନ ଦୁର୍ଗା ପୂଜା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ରହିଛି । ବିଭିନ୍ନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥାକ୍ରମେ ଷଷ୍ଠୀରେ ବିଲ୍ୱ ବରଣ,ସପ୍ତମୀରେ ସମ୍ବଲପୁରୀ ଦଣ୍ଡନୃତ୍ୟ, ଅଷ୍ଟମୀରେ ଡ୍ୟାନ୍ସ ଧମାକା, ନବମୀରେ ବୈଠକି କୀର୍ତ୍ତନ, ଦଶମୀରେ ମିକ୍ସର ରାମଲୀଳା ଓ ରାବଣ ପୋଡ଼ି କାର୍ଯ୍ୟକ୍ରମ ରହିଛି । ଚଳିତ ବର୍ଷ ପୂଜା ରେ ଆକର୍ଷଣୀୟ କରାଯିବ ।

### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ତୁଣ୍ଡଲା,୨୧।୯(ଡି.ଏନ.ଏ.)-** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ଓ ହାତୀଖୋଜ କ୍ଲଷ୍ଟରସ୍ତର ଶିକ୍ଷକ ସଂଘ ପକ୍ଷରୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା କୁଲେରଗୁଞ୍ଜା ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟ ସଭାପତି ଧନଞ୍ଜୟ ରଣାଙ୍କ ସଭାପତିତ୍ୱ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୌର ଚନ୍ଦ୍ର ସାହୁଙ୍କୁ ବିଦ୍ୟାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ସିଆରସିସି ଦୀନବନ୍ଧୁ ସାହୁ, ହାତୀଖୋଜ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଟିକ ଚନ୍ଦ୍ର ପଧାନ, ତାଲଭଅଁରା ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ହର୍ଷବର୍ଦ୍ଧନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ସେ ଦୀର୍ଘ ୧୬ ବର୍ଷ ଧରି କୁଲେରଗୁଞ୍ଜା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରି ଅବସର ଗ୍ରହଣ କରିବା ସମୟରେ ଉକ୍ତ ଆଖପାଖ ଗ୍ରାମରେ ତଥା ଉଭୟ କ୍ଲଷ୍ଟରରେ ଶୋକର ଛାୟା ଖେଳି ଯାଇଥିଲା।

ମା' ମାଣିକେଶ୍ୱରୀଙ୍କ ଛତର ଯାତ୍ରାରେ ପଶୁବଳି ବନ୍ଦ ପାଇଁ ପଦକ୍ଷେପ

# ସଚେତନ କରିବ ପୋଲିସ ପ୍ରଶାସନ

**ଭବାନୀପାଟଣା,୨୧।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲାର ଇଷ୍ଟଦେବୀ ମା' ମାଣିକେଶ୍ୱରୀଙ୍କ ଛତର ଯାତ୍ରା ଅକ୍ଟୋବର ୬ ତାରିଖ ରବିବାର ମହାସମାରୋହରେ ଅନୁଷ୍ଠିତ ହେବ । ପୋଲିସ ପ୍ରଶାସନ ତରଫରୁ କିପରି ଛତରଯାତ୍ରା ଓ ଦୁର୍ଗାପୂଜା ଶାନ୍ତି ଶୃଙ୍ଖଳାରେ ଅନୁଷ୍ଠିତ ହେବା ସହିତ ଛତ୍ରଯାତ୍ରା ସମୟରେ ଯେପରି ନିରୀହ ପଶୁପକ୍ଷୀଙ୍କୁ ବଳି ଦିଆ ନ ଯିବ ସେଥି ପାଇଁ ପୋଲିସ ପ୍ରଶାସନ ତରଫରୁ ଜନସାଧାରଣଙ୍କୁ ସଚେତନ ହେବା ପାଇଁ ନିବେଦନ କରିବା ସହିତ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି। ଶନିବାର ଜିଲା ପୋଲିସ କାର୍ଯ୍ୟାଳୟରେ କଳାହାଣ୍ଡି ଏସପି ବାତୁଲା ଗଙ୍ଗାଧରଙ୍କ ଅଧ୍ୟକ୍ଷତାରେ ଛତ୍ରଯାତ୍ରା ଓ ସହରର ବିଭିନ୍ନ ସ୍ଥାନରେ ହେଉଥିବା ଦୁର୍ଗା ପୂଜା କିପରି ଶାନ୍ତିଶୃଙ୍ଖଳାର ସହିତ ଅନୁଷ୍ଠିତ ହେବ ତାହା ଉପରେ ଆଲୋଚନା ହୋଇଥିଲା। ବୈଠକରେ ଭବାନୀପାଟଣା ସହରର ପିସ୍ କମିଟି ସଦସ୍ୟ, ବିଭିନ୍ନ ବର୍ଗର ବୁଦ୍ଧିଜୀବୀ, ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା, ସହରର ବିଭିନ୍ନ ପୂଜା ଓ ସାଂସ୍କୃତିକ ଦଳର କର୍ମକର୍ତ୍ତାଙ୍କ ସମେତ ଅତିରିକ୍ତ ଏସପି, ଭବାନୀପାଟଣା ଟାଉନ ଥାନା, ସଦର ଥାନା ଆଇଆଇସି ଏବଂ ପୋଲିସ ଅଧିକାରୀମାନେ ଯୋଗଦେଇଥିଲେ। ଚଳିତବର୍ଷ ଛତର ଯାତ୍ରା ଦେଖିବା ପାଇଁ କଳାହାଣ୍ଡି ଜିଲା ସମେତ ରାଜ୍ୟର ବିଭିନ୍ନ ପ୍ରାନ୍ତ ଓ ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ରହିଛି । ଭବାନୀପାଟଣା ସହରରେ କଡାକଡି ଭାବେ ସୁରକ୍ଷା କରିବା ସହିତ ଟ୍ରାଫିକ୍ ବ୍ୟବସ୍ଥାର ନିୟନ୍ତ୍ରଣ କରିବା, ଛତ୍ରଯାତ୍ରାରେ ନିରୀହ ପଶୁପକ୍ଷୀଙ୍କୁ ଯେପରି ବଳି ନ ଦିଆଯାଏ ସେଥିପାଇଁ ଜନସଚେତନତା ସୃଷ୍ଟି କରିବା ସହିତ ଛତରଯାତ୍ରା ସାଂସ୍କୃତିକ ଦଳଗୁଡିକ ଯେପରି ଶୃଙ୍ଖଳିତ ଭାବେ ନିଜର କାର୍ଯ୍ୟ କରିବେ ତାହା ଉପରେ ଆଲୋଚନା କରାଯାଇଥିଲା।




ଜିଲା ପୋଲିସ କାର୍ଯ୍ୟାଳୟରେ ଏସ୍‌ପି ବାତୁଲା ଗଙ୍ଗାଧର ସୂଚନା ଦେଉଛନ୍ତି ।




ପୂର୍ତ୍ତ ବିଭାଗର କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କ ସହ ଶିଶୁ ମନ୍ଦିର ଛକଠାରୁ ପ୍ଲାଷ୍ଟିକମୁକ୍ତ ପାଇଁ ସଚେତନତା ଶୋଭାଯାତ୍ରାରେ ବାହାରୁଛନ୍ତି।

# ପୂର୍ତ୍ତ ବିଭାଗ ପକ୍ଷରୁ ପ୍ଲାଷ୍ଟିକମୁକ୍ତ ପାଇଁ ସଚେତନତା ଅଭିଯାନ

**କର୍ଲାମୁଣ୍ଡା,୨୧।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରଠାରେ ପୂର୍ତ୍ତ ବିଭାଗ ପକ୍ଷରୁ ଶନିବାର ପ୍ଲାଷ୍ଟିକ ମୁକ୍ତ ପାଇଁ ସଚେତନ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପ୍ଲାକାର୍ଡ ଓ ବ୍ୟାନର ଧରି ବିଭାଗୀୟ କର୍ମଚାରୀଙ୍କ ସମେତ ସ୍ଥାନୀୟ ଯୁବସ୍ୱେଚ୍ଛା ସେବୀମାନେ ସାମିଲ ହୋଇ କର୍ଲାମୁଣ୍ଡା ଶିଶୁ ମନ୍ଦିର ଛକଠାରୁ ଆମ୍ବା କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇ ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର ନ କରିବା ଉପରେ ସଚେତନ ସୃଷ୍ଟି କରିଥିଲେ। ଏଥିରେ ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଭୁବନେଶ୍ୱର ଶବର, ସହକାରୀ ଯନ୍ତ୍ରୀ ରାଜ କିଶୋର ପାତ୍ର, କନିଷ୍ଠଯନ୍ତ୍ରୀ ଚକ୍ରଧର ବେହେରା, ସାମାଜିକ କର୍ମୀ ଶିବଲାଲ କେଡିଆ, ରିଷିଡା ନାଏବ ସରପଞ୍ଚ କୈଳାସ ପାତ୍ର, ଘନଶ୍ୟାମ ସାହୁ, ମିତ୍ରଭାନୁ ସାହୁ, ବିନୋଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ରିଷିଡାଠାରେ ମଧ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ସଚେତନ ଓ ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି।

ଭବାନୀପାଟଣା ଦ୍ୱିତୀୟ ଟାଉନ ଫୁଟବଲ ଲିଗ୍ ସପ୍ତମ ଦିବସ

# ଷ୍ଟାର ଇଲେଭେନ୍-ଇଭିନିଂ କ୍ଲବ ମ୍ୟାଚ୍ ଡ୍ର

**ଭବାନୀପାଟଣା,୨୧।୯ (ଡି.ଏନ.ଏ.)**

ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ କଳାହାଣ୍ଡି କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଭବାନୀପାଟଣା ଦ୍ୱିତୀୟ ଟାଉନ ଫୁଟବଲ ଲିଗ୍ ଶନିବାର ସପ୍ତମ ମ୍ୟାଚ୍ ଷ୍ଟାର ଇଲେଭେନ୍ ବନାମ ଇଭିନିଂ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ କେହି କାହାକୁ ଗୋଲ ଦେଇ ପାରି ନ ଥିବାରୁ ମ୍ୟାଚ୍ ଡ୍ର ହୋଇଥିଲା । ଫଳରେ ଉଭୟ ଦଳକୁ ୧-୧ ପଏଣ୍ଟ ଦିଆଯାଇଥିଲା। ସପ୍ତମ ଦିବସର ମ୍ୟାଚ୍‌ରେ ଅତିଥି ଭାବେ କ୍ରୀଡା ସଂଗଠକ ତଥା ବିଶିଷ୍ଟ କ୍ରିଡାବିତ୍ କିଶୋର ଚନ୍ଦ୍ର ସାହୁ ଯୋଗଦେଇଥିଲେ। ମ୍ୟାଚ୍ ଆନ୍ତର୍ଜାତୀୟ ଫୁଟବଲ ର୍‌ୟାଫେରି ନବିନ ନାଏକ, ଦେବେନ୍ଦ୍ର ରାଉତ, ଅଶୋକ କୁମାର ବାଗ, ମହମ୍ମଦ ଅବଦୁଲ କାଦର ପ୍ରମୁଖ ଖେଳ ପରିଚାଳନା କରିଥିଲେ। ମ୍ୟାଚ୍‌ରେ କ୍ରୀଡା ସଂସ୍ଥା ସମ୍ପାଦକ ତଥା ଓଡିଶା ଆଥୋଲେଟିକ୍ ଆସୋସିଏଶନ୍ ସଭାପତି ଜଗମୋହନ ପଟ୍ଟନାୟକ ଓ ଉପସଭାପତି ସୁରେନ୍ଦ୍ର ନାଥ ତ୍ରିପାଠୀ, ସହସମ୍ପାଦକ ସୁନିଲ କୁମାର ବେହେରା, ଫୁଟବଲ ସେକ୍ରେଟେରି କାଦର ଖାନ, ଆଥେଲେଟିକ୍ ସେକ୍ରେଟେରି ସମ୍ମୁ ରାଉତ, ଆଇପିଇ ମହେନ୍ଦ୍ର ପଣ୍ଡା, ଜିଲାର ଭେଟେରାନ ଫୁଟବଲ ଖେଳାଳି ନଳିନୀ ମୁଣ୍ଡ, ଜଳେଶ୍ୱର ଗଉଡ, କିଶୋର ସାହୁ, ଅର୍ଜୁନ ନାଏକ, ଧିରେନ ପଟ୍ଟନାୟକ, ରାଜିବ ସାହୁ, ସନ୍ତୋଷ ପ୍ରଧାନ, ଭିକାରୀ ଚରଣ ମିଶ୍ର, ଝୁନୁ ପଣ୍ଡା, ଅଶୋକ ପଟ୍ଟନାୟକ ଓ ଚକ୍ରଧର ସେଠୀ ସହଯୋଗ କରିଥିଲେ। ରବିବାର ଅଷ୍ଟମ ମ୍ୟାଚ୍ କ୍ରୀଡା ଛାତ୍ରାବାସ ବନାମ ଇଣ୍ଡିଆନ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ।



ଅତିଥିଙ୍କ ସହ ଉଭୟ ଦଳର ଖେଳାଳି।

### ମଦ ପିଇ ଗାଡ଼ି ଚଳାଇବା ଅଭିଯୋଗରେ ୨ କୋର୍ଟ ଚାଲାଣ

**କୋକସରା,୨୧।୯ (ଡି.ଏନ.ଏ.)**

ଗତ ୧ ତାରିଖଠାରୁ ନୂଆମୋଟର ଯାନ ନିୟମ ରାଜ୍ୟରେ କଡାକଡି ଭାବେ ଲାଗୁ କରାଯାଇଛି। କୋକସରା ପୋଲିସ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ଶିବ ମନ୍ଦିର ଛକ ନିକଟରେ ଦୁଇ ଚକିଆ ଗାଡି ଚାଳକମାନଙ୍କୁ ଅଟକାଇ ହେଲମେଟ ପନ୍ଧି ଗାଡି ଚଳାଇବା ପାଇଁ ସଚେତନ କରିବା ସହ ମଦ ପିଇ ଗାଡି ଚଳାଉଥିବା ଡ୍ରାଇଭରମାନଙ୍କୁ ଅଟକାଇ ତଦନ୍ତ କରୁଥିଲେ । ଏହି ସମୟରେ ୨ ଜଣ ବାଇକ ଚାଳକଙ୍କୁ ମଦ ପିଇ ଗାଡି ଚଳାଇବା ଅଭିଯୋଗରେ ପୋଲିସ ଗିରଫ କରିଛି। ସେମାନଙ୍କୁ ୧୦ ହଜାର ଲେଖାଏଁ ଜରିମାନା କାଟିଥିବା ବେଳେ ସେମାନେ ତାହା ଦେବାରେ ଅସମର୍ଥ ହେବାରୁ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି । ସେମାନେ କାଉଡୋଳା ଗ୍ରାମର ସୁରେଶ ସରାବୁ ଓ ରେଙ୍ଗାଲପାଲି ପଞ୍ଚାୟତ ଶବରପଡାର ପଦ୍ମଲୋଚନ ଶବର । ନିଶାଶକ୍ତ ଅବସ୍ଥାରେ ଗାଡି ଚାଳାଉଥିବାରୁ ପୋଲିସ ଗିରଫ କରି ମୋଟର ଯାନ ନିୟମ ଧାରା ଅନୁସାରେ କୋର୍ଟ ଚାଲାଣ କରିବା ଥାନା ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି ।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**କୋକସରା,୨୧।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା ପକ୍ଷରୁ ଥାନା ଅଧିକାରୀ ପୁଷ୍ପାଞ୍ଜଳି ନେଗୀଙ୍କ ନେତୃତରେ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ବୁଢାରାଜ ମନ୍ଦିର ନିକଟରୁ ସ୍କୁଲ ଛାତ୍ରୀଛାତ୍ର, ଜନପ୍ରତିନିଧି ଓ ସେଚେତନ ଗ୍ରାମବାସୀ ଯୋଗଦେଇ ଏକ ଶୋଭାଯାତ୍ରାରେ ବାହାରି ହାତରେ ପ୍ଲାକାର୍ଡ ଧରି ସଚେତନତା ବାର୍ତ୍ତା ଦେବା ସହ ଟ୍ରାଫିକ ନିୟମ ମାନି ଗାଡି ଚଳାଇବା ପାଇଁ ଲୋକଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଆମପଣି ସରପଞ୍ଚ ଟିକେନ୍ଦ୍ର ଧଙ୍ଗଡାମାଝି, ସାମାଜିକ କର୍ମୀ ଜିତେନ୍ଦ୍ର ପଣ୍ଡାଙ୍କ ସମେତ ପୋଲିସ ଓ ଆଇଆରବି ଯବାନମାନେ ସାମିଲ ଥିଲେ ।



ସଡ଼କ ସୁରକ୍ଷା ନେଇ ସଚେତନତା ଶୋଭାଯାତ୍ରା ।

# ଗୋଲାମୁଣ୍ଡା କେନ୍ଦ୍ରୀୟ ପ୍ରାଥମିକ ବିଦ୍ୟାଳୟରେ ଚାରାରୋପଣ

**ଗୋଲାମୁଣ୍ଡା,୨୧।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ସଦର ମହକୁମାସ୍ଥିତ ସରକାରୀ କେନ୍ଦ୍ରୀୟ ପ୍ରାଥମିକ ବିଦ୍ୟଳୟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ରୋପଣ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୀବନ୍ତ ମୁଣ୍ଡ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କିଷାନ ସଂଘ ସଭାପତି ସାଉଲ ମଙ୍ଗରାଜ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଚାରା ରୋପଣ ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ପରିସରେ ଅମୃତ ମଣ୍ଡା, ଆମ୍ବ, ଚାକୁଣ୍ଡା, ଦେବଦାରୁ, ଲିମ୍ବ, ଶାଗୁଆନ ସହିତ ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜଳନଧର ଚଲାନ, ଗଗନ ବିହାରି ମୁଣ୍ଡ, ଗରିବ ସୁନାନି, ପୂର୍ଣ୍ଣଚନ୍ଦ୍ର ପୂଝାରୀଙ୍କ ସମେତ ବିଦ୍ୟାଳୟ ଶିକ୍ଷକ ପ୍ରମୁଖ ସାମିଲ ହୋଇଥିଲେ।

ଜିଲା ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଜରୁରୀ ବୈଠକ

# ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

**ଭବାନୀପାଟଣା,୨୧।୯ (ଡି.ଏନ.ଏ.)**

ଭବାନୀପାଟଣାସ୍ଥିତ କର୍ମଚାରୀ ଭବନଠାରେ ଶନିବାର ସନ୍ଧ୍ୟାରେ ଭାବଗ୍ରାହୀ ନାୟକଙ୍କ ସଭାପତିତ୍ୱରେ ଜିଲା ୪ର୍ଥ କର୍ମଚାରୀ ସଂଘ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପଦେଷ୍ଟା ରୂପକେଶର ଦଳାଇ, ଅଶୋକ କୁମାର ନାଏକ, ଅମଲା ସଂଘ ସଭାପତି ସୁକାନ୍ତ ମହାପାତ୍ର, ୪ର୍ଥ ଶ୍ରେଣୀ ସଂଘ ଉପସଭାପତି ବିଶ୍ୱନାଥ ବାଗ, ସହ ସମ୍ପାଦକ ଡମ୍ବରୁଧର ବାଗ, କୋଷାଧ୍ୟକ୍ଷ ବିଶ୍ୱନାଥ ମୁଣ୍ଡ ଏବଂ ସଂଘ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ସଂଘ ସମ୍ପାଦକ ଶୁକଦେବ ମାଝି ସପ୍ତମ ବେତନ ମୁତାବକ ଘରଭଡା ଓ ତା.୧/୧/୨୦୧୬ରିଖଠାରୁ ବକେୟା ଥିବା ଶତକଡା ୬୦ % ଦରମା ତୁରନ୍ତ ପ୍ରଦାନ କରିବା ପାଇଁ ସ୍ଥିର କରାଯାଇଥିଲା। ଯଦି ଏହା ପୂରଣ ନ ହେଲେ ଭବିଷ୍ୟତରେ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସରକାରଙ୍କ ନୀୟମ ମୁତାବକ ୪ର୍ଥ ଶ୍ରେଣୀ କର୍ମଚାରୀ ୧୦ ବର୍ଷ ଚାକିରୀ ଓ ୧୦ମ ପାସ କରିଥିଲେ, ଖାଲିଥିବା କନିଷ୍ଠ ସହାୟକ ପଦବୀରୁ ଶତକଡା ୧୦% ପଦୋନ୍ନତି ଦେବା କଥା । କିନ୍ତୁ ଜିଲାରେ ଗତ ୨୦୦୪ଠାରୁ ଆଜି ପର୍ଯ୍ୟନ୍ତ ଦିଆଯାଇନାହିଁ । ଏଥିପାଇଁ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଜିଲା ପ୍ରଶାସନ ଏଥି ପ୍ରତି ତୁରନ୍ତ ପଦକ୍ଷେପ ନେବା ପାଇଁ ସଭାପତି ଜଣାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ସମ୍ପାଦକ ଶୁକଦେବ ମାଝିଁ ଧନ୍ୟବାଦ ଦେଇଥିଲେ ।



ବୈଠକରେ ଯୋଗ ଦେଇଥିବା କର୍ମକର୍ତ୍ତାମାନେ।

ସମସ୍ୟା ଘେରରେ କେରବାଣ୍ଡି ଗ୍ରାମ

# ଦୁଃଖ ଦେଉଛି ପ୍ରେଞ୍ଜୋ ନଦୀ

■ ବର୍ଷାଦିନରେ ବିଚ୍ଛିନ୍ନାଞ୍ଚଳ ଜୀବନ କାଟୁଛନ୍ତି

**ସେରଗଡ,୨୧।୯ (ଡି.ଏନ.ଏ.)**

ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ଅନେକ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚରେ ଅନେକ ରାସ୍ତା, ପୋଲ ନିର୍ମାଣ କରୁଛନ୍ତି । ମାତ୍ର ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ଅବହେଳିତ ଆଦିବାସୀ ବହୁଳ ଅଞ୍ଚଳଗୁଡିକରେ ଏଯାଏଁ ଶିକ୍ଷା, ସ୍ୱାସ୍ଥ୍ୟ ଗମନାଗମନ ପାଇଁ ରାସ୍ତା ସୁବ୍ୟବସ୍ଥା ହୋଇପାରି ନାହିଁ । ଫଳରେ ବିଚ୍ଛିନ୍ନାଞ୍ଚଳ ପରି ଜୀବନ ବିତାଉଛନ୍ତି କଳାହାଣ୍ଡି ଜିଲା ନର୍ଲା ବ୍ଲକ କେରବାଣ୍ଡି ଗ୍ରାମବାସୀ। ନର୍ଲା ବ୍ଲକଠାରୁ ମାତ୍ର ୧୨ କି.ମି. ଦୂର କୁର୍ମେଲ ପଞ୍ଚାୟତ ରାଜସ୍ୱ ଗ୍ରାମ କେରବାଣ୍ଡି । ଆଦିବାସୀ ବହୁଳ ଏହି ଗାଁରେ ପ୍ରାୟ ୨୦୦ ପରିବାରର ହଜାରୁ ଊର୍ଦ୍ଧ୍ୱ ଲୋକେ ବାସ କରନ୍ତି। ଏହି ଗାଁକୁ ଯିବାକୁ ହେଲେ ଆର୍‌ଡି ରାସ୍ତା ଉପରେ ବୋହି ଯାଉଥିବା ପ୍ରେଞ୍ଜୋ ନଦୀ ପାରି ହୋଇ ଅଣଓସାରିଆ ରାସ୍ତାରେ ଯିବାକୁ ପଡିଥାଏ । ଏ ପର୍ଯ୍ୟନ୍ତ ଏହି ଗାଁକୁ ସବୁ ଦିନିଆ ରାସ୍ତା ଓ ପ୍ରେଞ୍ଜୋ ନଦୀରେ ପୋଲ ନିର୍ମାଣ ହୋଇ ନ ଥିବାରୁ ଅସୁବିଧା ଭୋଗ କରୁଛନ୍ତି ବୋଲି ଅଭିଯୋଗ କରୁଛନ୍ତି ଗ୍ରାମବାସୀ । ବର୍ଷା ଦିନର କଥା ନ କହିବା ଭଲ । ନଦୀରେ ପୋଲ ନ ଥିବାରୁ ବର୍ଷା ଚାରି ମାସ ହାତବାନ୍ଧି ବସିରହନ୍ତି ଗାଁ ଲୋକେ। ସ୍କୁଲ, କଲେଜ ଛାତ୍ରୀଛାତ୍ରମାନଙ୍କୁ ଏହି ସମୟରେ ଶିକ୍ଷାରୁ ବଞ୍ଚିତ ହୋଇ ଘରେ ବସିରହିଥାନ୍ତି । ଏହି ସମୟରେ ଗର୍ଭବତୀ ତଥା ରୋଗୀମାନଙ୍କୁ ବଢ଼ି ପାଣିରେ ଖଟ ସାହାଯ୍ୟରେ ନଦୀ ପାର କରିବାକୁ ପଡ଼ିଥାଏ ।

କେରବାଣ୍ଡି ଗ୍ରାମବାସୀ ମୁଖ୍ୟତଃ ଚାଷବାସ ଓ କୁଲିମଜୁରୀ କରି ଜୀବିକା ନିର୍ବାହ କରିଥାନ୍ତି । ଏହି ପ୍ରେଞ୍ଜୋ ପୋଲ ନ ଥିବାରୁ ବର୍ଷା ଚାରି ମାସ ବାହାରକୁ କୁଲି ମଜୁରି କିମ୍ବା ପଞ୍ଚାୟତରୁ ଚାଉଳ, ଭତ୍ତା, କିରୋସିନ ଆଣିବାକୁ ଯାଇପାରନ୍ତି ନାହିଁ କିମ୍ବା ବ୍ଲକ, ଜିଲା କିମ୍ବା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇପାରୁ ନ ଥିବା ଗ୍ରାମବାସୀ ଅଭଯୋଗ କରନ୍ତି। ଏ ସମ୍ପର୍କରେ ବିଡିଓଙ୍କଠାରୁ ଜିଲାପାଳ ଏବଂ ନେତାଙ୍କଠାରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଗ୍ରାମବାସୀ କ୍ଷୋଭର ସହିତ ପ୍ରକାଶ କରିଛନ୍ତି । ତୁରନ୍ତ ଏହି ନଦୀ ଉପରେ ପୋଲଟିଏ ନିର୍ମାଣ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଓ ପ୍ରଶାସନଠାରେ ଅଭିଯୋଗ କରିଛନ୍ତି । ଉକ୍ତ ସମସ୍ୟାକୁ ନେଇ କଳାହାଣ୍ଡି ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ଶ୍ରୀଚନ୍ଦନଙ୍କୁ ପଚାରିବାରୁ ସେ କହିଥିଲେ ଏହି କେରବାଣ୍ଡି ଗ୍ରାମର ସମସ୍ୟା ଆମେ ଅବଗତ ଅଛୁ, ଆଗାମୀ ଦିନରେ ପ୍ରୋଜେକ୍ଟ ଅଫିସରଙ୍କୁ ଜଣାଇ ଏହି ନଦୀ ଉପରେ ପୋଲ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।



ଜଣେ ରୋଗୀଙ୍କୁ ଖଟିଆରେ ପ୍ରେଞ୍ଜୋ ନଦୀ ପାର କରୁଛନ୍ତି।

## ଗ୍ରାମବାସୀ ଯାହା କୁହନ୍ତି...

"ଆମ ଗାଁକୁ ଯିବା ଆସିବା ପାଇଁ ପ୍ରେଞ୍ଜୋ ନଦୀ ଉପରେ ସରକାର ପୋଲଟିଏ ନିର୍ମାଣ କଲେ ଆମେ ଉପକୃତ ହେବୁ । ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ରାସ୍ତାଘାଟ, ପୋଲ ଲାଗି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ଏହା ଏକ ପରିତାପର ବିଷୟ ।

- **କିରଣ ଚନ୍ଦ୍ର ନାଏକ**



"ଆମେ ବିଡିଓ, କଲେକ୍ଟର, ମନ୍ତ୍ରୀମାନଙ୍କୁ ଦୀର୍ଘ ବର୍ଷ ହେଲା କହି ଆସୁଛୁ, କିନ୍ତୁ ଆମ କଥା କୌଣସି ନେତା କି ପ୍ରଶାସନ ଅଧିକାରୀ ଶୁଣୁ ନାହାନ୍ତି ।

- **ସଙ୍ଗୀତା ମାଝି, ୱାର୍ଡମେମ୍ବର, କେରବାଣ୍ଡି**



"ଆମେ ପ୍ରେଞ୍ଜୋ ନଦୀ ଯୋଗୁ ବର୍ଷା ଦିନରେ ପଞ୍ଚାୟତ, ବ୍ଲକ ତଥା ଡାକ୍ତରଖାନା କିମ୍ବା କୁଲିମଜୁରି ପାଇଁ ବାହାରକୁ ଯାଇପାରୁ ନାହୁଁ । ବହୁକଷ୍ଟରେ ଆମେ ଜୀବନ ଯାପନ କରୁଛି । ଏଥିପ୍ରତି ସରକାର ଦୃଷ୍ଟିଦେବା ଆବଶ୍ୟକ।

- **ସାଧବୀ ନାଏକ**



"ମୁଁ ନର୍ଲ କଲେଜରେ ଯୁକ୍ତ ୨ରେ ନାମ ଲେଖାଇଛି । କିନ୍ତୁ ନଦୀରେ ପାଣି ଯୋଗୁଁ ବର୍ଷା ୪ ମାସ କଲେଜ ଯାଇ ନ ପାରି ଶିକ୍ଷାରୁ ବଞ୍ଚିତ ହେଉଛି।

- **ଦଉଳ ମାଝି, କଲେଜ ଛାତ୍ର**



"ମୁଁ କେରବାଣ୍ଡି ଗ୍ରାମର ସମସ୍ୟା ବିଷୟରେ ଅବଗତ ଅଛି । ପ୍ରୋଜେକ୍ଟ ଅଫିସରଙ୍କୁ ଜଣାଇ ଖୁବ୍‌ଶୀଘ୍ର ଏହି ପ୍ରେଞ୍ଜୋ ନଦୀରେ ପୋଲଟିଏ ନିର୍ମାଣ କରାଯିବ ।

- **ଶରତ ଚନ୍ଦ୍ର ଶ୍ରୀଚନ୍ଦନ, କଳାହାଣ୍ଡି ଅତିରିକ୍ତ ଜିଲାପାଳ**



DHARITRI
ସମ୍ବଲପୁର, ରବିବାର, ୨୨ ସେପ୍ଟେମ୍ବର, ୨୦୧୯



ଭୁଲ୍‌ଟା ବୁଝିବା ମାତ୍ରେ ଲଜ୍ଜିତ ହୋଇଯିବା ଭଳି ସଦ୍‌ଗୁଣ ଆଉ କିଛି ନାହିଁ । -ଡାୟୋଜିନିସ୍



## ସଂକ୍ଷେପରେ

### କାଳିଆ ଯୋଜନା ମାଧ୍ୟମରେ ଭୋଟ କିଣିଥିବା ବିଜେଡି ସରକାର ଇସ୍ତଫା ଦିଅ : କେଜେଡି

ରାଉରକେଲା ଅଫିସ, ୨୧।୯

କାଳିଆ ଯୋଜନାକୁ ନିର୍ବାଚନ ପୂର୍ବରୁ ତରବରିଆ ଭାବେ ଲାଗୁ କରି ଖୋଲାଖୋଲି ଭାବେ ଭୋଟ କିଣିଥିବା ବିଜେଡି ସରକାର ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି କୋସଲ ଜନତା ଦଳର ରାଜ୍ୟ ସଭାପତି ବୈଦ୍ୟନାଥ ମିଶ୍ର ଦାବି କରିଛନ୍ତି। ପ୍ରାୟ ୨୦ ଲକ୍ଷ ଅଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇ ରାଜ୍ୟ ରାଜକୋଷକୁ ଯେଭଳି ଲୁଟ୍ କରାଯାଇଛି, ତା'ର ନିଛକ ଉଦାହରଣ ଅନ୍ୟତ୍ର ଦେଖିବାକୁ ମିଳିବ ନାହିଁ। ଏହାର ନିରପେକ୍ଷ ତଦନ୍ତ ହେବା ଦରକାର। କାଳିଆ ଯୋଜନାରେ ଦୁର୍ନୀତି ପ୍ରମାଣ ଥିବାରୁ ବିଜୁ ଜନତା ଦଳ ଯେ ଏକ ଦୁର୍ନୀତିଗ୍ରସ୍ତ ସରକାର ତାହା ପ୍ରମାଣିତ। ଅର୍ଥ ଲୋଭ ଦେଖାଇ ଗତ ନିର୍ବାଚନରେ ଭୋଟ କିଣିଥିବା ଏ ସରକାର ବିରୋଧରେ ଯେଉଁ ଅଭିଯୋଗ ଆସିଛି ଓ ଦିନକୁ ଦିନ ଅଯୋଗ୍ୟ ହିତାଧିକାରୀଙ୍କ ସଂଖ୍ୟା ଯେପରି ଭାବେ ବଢ଼ିବାରେ ଲାଗିଛି ତାହା ଅତ୍ୟନ୍ତ ଉଦ୍‌ବେଗଜନକ। ବିଜେଡିକୁ କେନ୍ଦ୍ରୀୟ ସମର୍ଥନ ମିଳୁଥିବାରୁ ଏମାନେ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ। ବିଜେଡିର ସମର୍ଥନ ଆଳରେ କେନ୍ଦ୍ର ଓଡ଼ିଶା ସରକାରଙ୍କ ବିଭିନ୍ନ ଦୁର୍ନୀତିକୁ ଘଣ୍ଟ ଘୋଡ଼ାଉଥିବା ମଧ୍ୟ ସ୍ପଷ୍ଟ ହୋଇଗଲାଣି। ଏ ଦୁଇ ଦଳ ଓଡ଼ିଶାବାସୀଙ୍କୁ ଆଉ ବେଶୀ ଦିନ ଭୁଆଁ ବୁଲାଇ ରଖିପାରିବେ ନାହିଁ। କାଳିଆ ଯୋଜନାକୁ ନେଇ ଏକ ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରିବା ସହ ତଦନ୍ତ ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ହେଉ ବୋଲି କେଜେଡି ରାଜ୍ୟ କାର୍ଯ୍ୟାଳୟ ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତିରେ ବୈଦ୍ୟନାଥ ମିଶ୍ର କହିଛନ୍ତି।

■ ମିଳୁନି ମୌଳିକ ସେବା ସୁବିଧା

# ପ୍ରଶାସନ ବିରୋଧରେ କୋଏଲନଗର ବାସିନ୍ଦାଙ୍କ ବିକ୍ଷୋଭ

ରାଉରକେଲା ଅଫିସ,୨୧।୯

ଷ୍ଟିଲସିଟିର ବିଦ୍ୟାନଗରୀ ଭାବେ ଜଣାଶୁଣା କୋଏଲନଗର ସମସ୍ୟା ନେଇ ଶନିବାର ସ୍ଥାନୀୟ ବାସିନ୍ଦା ବିକ୍ଷୋଭ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ଚରମ ଅବହେଳା କିପରି କଲୋନୀ ବାସିନ୍ଦାଙ୍କୁ ଦୁର୍ଦ୍ଦଶା ଭିତରକୁ ଠେଲି ଦେଇଛି ସେ ନେଇ ବରିଷ୍ଠ ନାଗରିକ ଚିନ୍ତା ପ୍ରକଟ କରିଛନ୍ତି। ଏ ନେଇ ଭାଜପା ମଣ୍ଡଳ ପକ୍ଷରୁ ଦିଲ୍ଲୀପ ଦାସଙ୍କ ନେତୃତ୍ୱରେ ରାସ୍ତା ପାର୍ଶ୍ୱରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶତାଧିକ ନାଗରିକ ଉପସ୍ଥିତ ରହି ଭୋଗୁଥିବା ଅବସ୍ଥା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସ୍ଥାନୀୟ ବାସିନ୍ଦା ବିପିନ ମହାନ୍ତି କହିଥିଲେ ଯେ, ବିପର୍ଯ୍ୟସ୍ତ ସ୍ୱେରେଜ ବ୍ୟବସ୍ଥା ଯୋଗୁ ଅନେକ ବାସିନ୍ଦାଙ୍କ ଘର ଭିତରେ ଆବର୍ଜନା ପାଣି ଲହଡି ମାରୁଛି। ଏ ନେଇ ଯେତେ ଦରଖାସ୍ତ ଦେଲେ ବି କେହି କର୍ଣ୍ଣପାତ କରୁ ନାହାନ୍ତି। କେବଳ ଏହାକୁ ମହାନଗର ସ୍ମାର୍ଟ ସିଟି କୁହାଯାଉଛି। ବାସ୍ତବରେ ସ୍ଥିତି ସେଭଳି ନାହିଁ। କଲୋନୀ ସାରା ପୁତିଗନ୍ଧମୟ ପରିସ୍ଥିତି ସୃଷ୍ଟି ହୋଇଛି। ଏବେ ସୁନ୍ଦରଗଡ ଜିଲାରେ ଡେଙ୍ଗୁ ବ୍ୟାପିବା ପରେ କଲୋନୀବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି ବୋଲି ମହାନ୍ତି ଅଭିଯୋଗ କରିଥିଲେ। ବରିଷ୍ଠ ନାଗରିକ ନାରାୟଣ ସାମଲ କହିଛନ୍ତି



କୋଏଲନଗର ଏବି କଲୋନୀ ଛକରେ ସ୍ଥାନୀୟ ବାସିନ୍ଦା ଆରଏମସି କର୍ତ୍ତୃପକ୍ଷଙ୍କ ବିରୋଧରେ ରାସ୍ତା ରୋକ କରିଛନ୍ତି।

ଯେ, ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ଅବହେଳା ଚରମରେ ପହଞ୍ଚିଲାଣି। ୧୯୮୪ରୁ ଏଠାରେ ଲୋକେ ବସବାସ କରି ରହୁଥିବା ବେଳେ ସେ ସମୟରେ ମଧ୍ୟ ଏଭଳି ଦୁର୍ଦ୍ଦଶା ଦେଖାଯାଇ ନ ଥିଲା। ନା ଖୁଣ୍ଟରେ ବତୀ ଜଳୁଛି ନା ନାଳ ନର୍ଦ୍ଦମା ସଫେଇ କରାଯାଉଛି। ସବୁ କଥାରେ କେବଳ ଅବହେଳା ଦେଖୁଛନ୍ତି ବୋଲି ସାମଲ ପ୍ରକାଶ କରିଥିଲେ। ଦିଲ୍ଲୀପ ପଟ୍ଟନାୟକ କହିଥିଲେ ଯେ, ୮୦ ଦଶକରେ ବହୁ ଅବସରପ୍ରାପ୍ତ କର୍ମଚାରୀ ନିଜ ପେଟ କାଟି ଘର ଖଣ୍ଡେ ନେଇଥିଲେ। ଭାବିଥିଲେ ଏଠାରେ ସମସ୍ତ ମୌଳିକ ସେବା ସୁବିଧା ଉପଲବ୍ଧ ହେବ। ସହର ଯେତିକି ଆଧୁନିକତା ଆଡକୁ ଗତି କରୁଛି ଏହି କଲୋନୀ ବାସିନ୍ଦାଙ୍କ ଅବସ୍ଥା ସେତେ ଖରାପ ହେବାରେ ଲାଗିଛି। ଏଠାକାର ବହୁ ପୁରୁଣା ସ୍ୱେରେଜ ସିଷ୍ଟମ ଆଉ କାମ କରୁନି। ଆବର୍ଜନା ଜଳ ନିଷ୍କାସିତ ହୋଇ ନ ପାରି ରାସ୍ତାରେ ଭାସୁଛି। ଅନେକ ବାସିନ୍ଦାଙ୍କ ଘରେ ରୋଷେଇବାସ ବନ୍ଦ ହୋଇ ଯାଉଛି। ଆରଏମସି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ନିବେଦନ ସତ୍ତ୍ୱେ କିଛି ଫଳ ମିଳୁନି। ରାସ୍ତା ଅବସ୍ଥା ଏତେ ଶୋଚନୀୟ ନ କହିବା ଭଲ। ଏପରି ଅବସ୍ଥାରେ କାହିଁକି ଉଚ୍ଚ ହାରରେ ହୋଲ୍ଡିଂ ଟ୍ୟାକ୍ସ ଆଦାୟ କରାଯିବ ସେ ନେଇ ପଟ୍ଟନାୟକ ପ୍ରଶ୍ନ ଉଠାଇଛନ୍ତି। ଭଜପା ନେତା ତଥା ପୂର୍ବତନ ନଗରପାଳ ନିହାର ରାୟ ଅଭିଯୋଗ କରିଥିଲେ ଯେ ବିଭାଗୀୟ ଅଧିକାରୀ ଜାଣିଶୁଣି ଏଭଳି ଅବହେଳା ପ୍ରଦର୍ଶନ କରୁଛନ୍ତି। ଟେଣ୍ଡର ଡକାଯିବ, ଠିକାଦାର ମିଳୁ ନାହାନ୍ତି ଏଭଳି ନାନା ଅବାନ୍ତର ଯୁକ୍ତି ଦେଖାଇ ଲୋକ ସମୟସ୍ୟାକୁ ପଛକୁ ଠେଲି ଦିଆଯାଉଛି। ଏଠାରେ ବାସବାସ କରୁଥିବା ୨୨ ଶହ ପରିବାର ଆଜି ମୌଳିକ ସେବା ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ନୂଆ ସ୍ୱେରେଜ ଲାଇନ କାମ ନେଇ କର୍ତ୍ତୃପକ୍ଷଙ୍କ ମନରେ ଆଗ୍ରହ ନାହିଁ। ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ କେବେ ହେବ ସେନେଇ ସନ୍ଦେହ ଲାଗି ରହିଛି। ଲୋକେ ଆଉ କେତେ ଅବହେଳାର ଶିକାର ହେବେ। ଏଣୁ ଲଢେଇ ଏଥର ନିର୍ଣ୍ଣାୟକ ହେବ ବୋଲି ରାୟ ଏଥିରେ ପ୍ରକାଶ କରିଥିଲେ। ଆବାହକ ଦିଲ୍ଲୀପ ଦାସ କହିଥିଲେ ଆମେ ଏହି ବୈଠକ କର୍ତ୍ତୃପକ୍ଷଙ୍କୁ କେବଳ ଚେତାଇ ଦେବାକୁ। ଆଗାମି ଦିନରେ ମିଳିତ ଲଢେଇ କରିବାକୁ କେହି ପଛଘୁଞ୍ଚା ଦେବେନି। ଏଣୁ ବେଳହୁଁ କଲୋନୀବାସୀଙ୍କ ସମସ୍ୟା ଦୂର କରାଯାଉ ବୋଲି ଦାସ ଦାବି କରିଛନ୍ତି। ପ୍ରାରମ୍ଭରେ କୋଏଲନଗର ଏବି କଲୋନୀ ଛକରେ ରାସ୍ତା ରୋକ କରି ସ୍ଥାନୀୟ ବାସିନ୍ଦା ଆରଏମସି କର୍ତ୍ତୃପକ୍ଷଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ।

## ଦୀପିକା ହସ୍ତ କର୍ଘା ପ୍ରଶିକ୍ଷାର୍ଥୀଙ୍କୁ ସାର୍ଟିଫିକେଟ ପ୍ରଦାନ

ରାଉରକେଲା ଅଫିସ, ୨୧।୯

ଗୁରୁବାର ଦୀପିକା ମହିଳା ଜାଗୃତି ସଂସ୍ଥାରେ ଆୟୋଜିତ ଉତ୍ସବରେ ଦୀପିକା ହସ୍ତ କର୍ଘାର ପ୍ରଶିକ୍ଷାର୍ଥୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ଦୀପିକା ମହିଳା ସଂଘତିର ଅଧ୍ୟକ୍ଷା ରାକା ଚଟ୍ଟରାଜ ହ୍ୟାଣ୍ଡଲୁମ ବୟନରେ ଦେଢ଼ବର୍ଷ ପ୍ରଶିକ୍ଷଣ ସମ୍ପୂର୍ଣ୍ଣ କରିଥିବା ପ୍ରଶିକ୍ଷାର୍ଥୀଙ୍କୁ ପ୍ରଦାନ କରିଥିଲେ। ଏଥିରେ ସଂଘତିର ଉପାଧ୍ୟକ୍ଷା ସୁମନ ଲତା, ଅନୁରାଧା ବାନାର୍ଜୀ, ମିନାକ୍ଷୀ ମହାପାତ୍ର, ସିଏସଆର ବିଭାଗର ଡିଜିଏମ ଏମ.ଆପ୍ପାରାଓ, ଏଜିଏମ ମୁନମୁନ ମିତ୍ରା ଏବଂ ସଂଘତି ପରିଚାଳନା ପରିଷଦର ସଦସ୍ୟ ଉପସ୍ଥିତ ଥିଲେ। ଆର୍‌ଏସ୍‌ପିର ସିଏସ୍‌ଆର୍ ଯୋଜନାରେ ସ୍ଥାପିତ ଦୀପିକା ହସ୍ତ କର୍ଘା ଏକ ହ୍ୟାଣ୍ଡଲୁମ ବୟନ କେନ୍ଦ୍ର। ଏହାକୁ ଦୀପିକା ମହିଳା ସଂଘତି ପରିଚାଳନା କରୁଛି। ସମାଜରେ ଆର୍ଥିକ ଦୁର୍ବଳ ଥିବା ଗ୍ରାମୀଣ ମହିଳାଙ୍କୁ ହ୍ୟାଣ୍ଡଲୁମ ବୟନ କଳା କୌଶଳ ପ୍ରଶିକ୍ଷଣ ସହ ସୂତା ଗୁଡ଼ାଇବା, ମର୍ଡ ପ୍ରଦାନ, ରଙ୍ଗ ପ୍ରଲେପ ସହ ବେଡସିଟ ଓ ଶାଢ଼ୀର ଡିଜାଇନ ପ୍ରସ୍ତୁତି ବିଷୟରେ ପ୍ରଶିକ୍ଷିତ କରାଯାଉଛି। ଏହି ବୟନ କେନ୍ଦ୍ରରେ ବର୍ତ୍ତମାନ ଯାଏ ୮୧ଜଣ ମହିଳା ଏହି ପ୍ରଶିକ୍ଷଣ ସମ୍ପୂର୍ଣ୍ଣ କରି ସାରିଲେଣି। ମହିଳା ମାନଙ୍କୁ ଆର୍ଥିକ ସଶକ୍ତିକରଣ ଦିଗରେ ଅଗ୍ରସର ହେବା ପାଇଁ ଦୀପିକା ହସ୍ତ କର୍ଘା ନିଃସନ୍ଦେହରେ ଆବଶ୍ୟକୀୟ ଦକ୍ଷତା ଓ ଜ୍ଞାନ ପ୍ରଦାନ କରୁଛି।

# ଆର୍‌ଏସ୍‌ପି ପରିସରରେ ସଡ଼କ ସୁରକ୍ଷା ସଚେତନତା ଅଭିଯାନ

ରାଉରକେଲା ଅଫିସ, ୨୧।୯

ରାଉରକେଲା ଇସ୍ପାତ କାରଖାନା ପରିସରରେ ସଡ଼କ ଦୁର୍ଘଟଣାକୁ ଏଡ଼ାଇବା ପାଇଁ ଆର୍‌ଏସ୍‌ପିର ବିଭିନ୍ନ ବିଭାଗ ପକ୍ଷରୁ ବ୍ୟାପକ ସଡ଼କ ସୁରକ୍ଷା ସଚେତନତା ଅଭିଯାନ ଗ୍ରହଣ କରାଯାଇଛି। ଏସ୍‌ଏମ୍‌ଏସ୍ ବିଭାଗର ଜିଏମ୍ ଏସ୍. ମାନଝୀଙ୍କ ନେତୃତ୍ୱରେ ବିଭାଗର ସମସ୍ତ କର୍ମଚାରୀ ଡିଜାଇନ ବିଭାଗ ନିକଟରେ ହାତରେ ପ୍ଲାକାର୍ଡ ଧରି କାରଖାନା ପରିସରରେ ଗାଡିର ଗତି ୨୦କିମି ମଧ୍ୟରେ ରଖିବାକୁ କର୍ମଚାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ପ୍ଲେଟ ମିଲ ବିଭାଗର ଜିଏମ୍ ଡି.ଦତ୍ତାଙ୍କ ନେତୃତ୍ୱରେ କର୍ମଚାରୀ ଓ ଅଧିକାରୀ ମାନଙ୍କ ଦ୍ୱାରା କାରଖାନାର ବିଭିନ୍ନ ସ୍ତାନରେ ଅନୁରୂପ ଭାବେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏଥିରେ ଡିଜିଏମ୍ ମେକାନିକାଲ ଇ.ଓରାମ, ଡିଜିଏମ୍ ଅପରେସନ ନୀଳମଣି ମହାପାତ୍ର, ଡିଜିଏମ୍ ଇଲେକ୍ଟ୍ରିକାଲ ଡି. ସରକାର ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ବିଭାଗର ଏଜିଏମ୍ ପି.କେ. କଙ୍ଗାରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପାଇପ ପ୍ଲାଣ୍ଟ ବିଭାଗ ଡିଜିଏମ୍ ଇନ ଚାର୍ଜ ଜି.ସିଂଙ୍କ ନେତୃତ୍ୱରେ ଅଧିକାରୀ ଓ କର୍ମଚାରୀମାନେ ବିଭିନ୍ନ ସ୍ଥାନରେ ଅନ୍ୟ ଏକ ସଡ଼କ ସୁରକ୍ଷା ସଚେତନତା ଅଭିଯାନ ଆୟୋଜନ କରିଥିଲେ। ଏମାନେ ପ୍ଲାକାର୍ଡ଼ ଧରି ସଚେତନତା ସୃଷ୍ଟି କରିଥିଲେ। ସେହିପରି ଟ୍ରାଫିକ ଓ କଞ୍ଚାମାଲ ବିଭାଗରେ ଡିଜିଏମ୍ ଇନଚାର୍ଜ ଏ.କେ. ବେହେରାଙ୍କ ନେତୃତ୍ୱରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆର୍‌ଏସ୍‌ପି ସିଇଓ ଦୀପକ ଚଟ୍ଟରାଜଙ୍କ ମାର୍ଗଦର୍ଶନରେ ହେଉଥିବା ବ୍ୟାପକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ କାର୍ଯ୍ୟ ବିଭାଗର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଗୌତମ ବାନାର୍ଜୀ ବ୍ୟକ୍ତିଗତ ଭାବେ ଏହି ଅଭିଯାନର ନେତୃତ୍ୱ ନେବା ସହିତ ଘଣ୍ଟା ପ୍ରତି ୨୦କିମି ବେଗରେ ଗାଡି ଚଳାଚଳ କରିବା ସହ ହେଲମେଟ ପିନ୍ଧିବାକୁ କର୍ମଚାରୀଙ୍କୁ ସଚେତନ କରୁଛନ୍ତି।



ଆର୍‌ଏସ୍‌ପି କାରଖାନା ପରିସରରେ ଅଧିକାରୀମାନେ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ଦେଉଛନ୍ତି।

## କର୍ପୋରେଟ ଟେକ୍ସ ହ୍ରାସ : ସେଲ ଅଧ୍ୟକ୍ଷଙ୍କ ପ୍ରତିକ୍ରିୟା

ରାଉରକେଲା ଅଫିସ, ୨୧।୯

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଦେଶରେ ସୃଷ୍ଟି ହୋଇଥିବା ମାନ୍ଦାବସ୍ଥାକୁ ନଜରରେ ରଖି କର୍ପୋରେଟ ଟିକସ ହାର ହ୍ରାସ କରିଛନ୍ତି। ଏହି ଟିକସ ହାର ହ୍ରାସକୁ ନେଇ ସେଲ ଅଧ୍ୟକ୍ଷ ଅନୀଲ ଚୌଧୁରୀ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଅଭିହିତ କରିଛନ୍ତି। ଏହାସହ କେନ୍ଦ୍ର ସରକାରଙ୍କ ଟିକସ ହ୍ରାସ ନିଷ୍ପତ୍ତି ଏବଂ ଅନ୍ୟାନ୍ୟ ପ୍ରୟାସ ଯୋଗୁ ଦେଶରେ ଅର୍ଥନୈତିକ କାର୍ଯ୍ୟଧାରାକୁ ସୁଦୃଢ଼ କରିବା ବୋଲି କହିଛନ୍ତି। ଏପରିକି ନୂତନ ପ୍ରକଳ୍ପ ପାଇଁ ପୁଞ୍ଜିନିବେଶ ଆଣିବା ଠାରୁ ଆରମ୍ଭ କରି ରୋଜଗାର ସୁଯୋଗରେ ଉନ୍ନତି, ନିର୍ମାଣର ଅଭିବୃଦ୍ଧି କରିବ ବୋଲି ଚୌଧୁରୀ କହିଛନ୍ତି।

# ସରକାରଙ୍କ ଗୁରୁଦ୍ୱାରା ଦଖଲ ନିଷ୍ପତ୍ତିକୁ ଶିଖ୍ ସମ୍ପ୍ରଦାୟ ଗ୍ରହଣ କରିପାରିବନି

ରାଉରକେଲା ଅଫିସ,୨୧।୯

ରାଜ୍ୟରେ ରହିଥିବା ୫୦ରୁ ଅଧିକ ଗୁରୁଦ୍ୱାରାକୁ ସରକାର ନିଜ ଅଧୀନକୁ ନେବା ଜଣା ପଡିବା ପରେ ଶିଖ୍ ସଂପ୍ରଦାୟଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଶନିବାର ରାଉରକେଲା ଗୁରୁଦ୍ୱାରା ସିଂ ସଭା ପକ୍ଷରୁ ଅତିରକ୍ତ ଜିଲାପାଳ ଯେଦୁଲ୍ଲା ବିଜୟଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ଏଥିରେ କୁହାଯାଇଛି ଯେ ସରକାରଙ୍କ ନିଷ୍ପତ୍ତିକୁ କେବେ ଶିଖ୍ ସଂପ୍ରଦାୟ ଗ୍ରହଣ କରି ପାରିବ ନାହିଁ। ରାଜ୍ୟରେ ରହିଥିବା ଗୁରୁଦ୍ୱାରା ଗୁଡିକ ଦୀର୍ଘ ବର୍ଷ ହେବ ନିଜ ଧାର୍ମିକ ଭାବଧାରାକୁ ବଜାୟ ରଖିଛି। ଏଥିସହ ବିଭିନ୍ନ ସାମାଜିକ କାର୍ଯ୍ୟ କରି ଆସୁଛି। କେବେ ବିଶୃଙ୍ଖଳା ସୃଷ୍ଟି ହେବା ନଜିର ନାହିଁ। ନିଜ ଆର୍ଥିକ ବ୍ୟବସ୍ଥାରେ ଗୁରୁଦ୍ୱାରାଗୁଡିକ ପରିଚାଳିତ ହେଉଛି। କେଉଁ ପରିସ୍ଥିତିରେ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି ତାହା ବିସ୍ମିତ କରିଛି। ଏହା ରାଜ୍ୟରେ ବସବାସ କରୁଥିବା ଶିଖ୍ ସଂପ୍ରଦାୟ ମଧ୍ୟରେ ଚିନ୍ତା ପ୍ରକାଶ ପାଇଛି। ସରକାର ନିଜ ନିଷ୍ପତ୍ତିରୁ ନ ଓହରିଲେ ଶିଖ୍ ସଂପ୍ରଦାୟର ସର୍ବୋଚ୍ଚ ସଂସ୍ଥା ଆକାଲ ତଖତ ତଥା ଶିରୋମଣି ଗୁରୁଦ୍ୱାରା ପ୍ରବନ୍ଧନ କମିଟିକୁ ଅବଗତ କରାଯିବ ବୋଲି କୁହାଯାଇଛି। ନିର୍ମଳ ସିଂ, ବଳଦେବ ସିଂ, ସୁଲକ୍ଷଣ ସିଂ, ହରବଂଶ ସିଂ, ରଂଜିତ ସିଂ ଓ ତେଜିନ୍ଦର ସିଂ ପ୍ରମୁଖ ଅତିରକ୍ତ ଜିଲାପାଳଙ୍କୁ ଭେଟିଥିଲେ।



ଶିଖ୍ ସମ୍ପ୍ରଦାୟ ରାଉରକେଲା ଅତିରିକ୍ତ ଜିଲାପାଳଙ୍କୁ ସାକ୍ଷାତ କରିବା ଅବସରରେ।

# ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ, ଦେଶୀ ମଦ ଜବତ, ୩ ଗିରଫ

ରାଉରକେଲା ଅଫିସ, ୨୧।୯

ସୁନ୍ଦରଗଡ଼ ଜିଲା ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ରାଉରକେଲା ଅବକାରୀ ବିଭାଗର ଅଧିକାରୀମାନେ ସହରର ପାନପୋଷ, ମଧୁସୂଦନପାଲି ଓ ଝିରପାଣି ଅଞ୍ଚଳରେ ଚଢ଼ାଉ କରି ସହ ଦେଶୀ ରନ୍ଧା ମଦ, ପାଉଚ ମଦ ଜବତ କରିଛି। ଏହାସହ ଅବକାରୀ ପୋଲିସ ଜଣେ ମହିଳାଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ ପାନପୋଷର ଉମେଶ ସାହୁଙ୍କ ଘରୁ ୬୦୦ ଦେଶୀ ମହୁଲି ଭାଟି ପାଉଚ ମଦଜବତ କରିଛି। ଏହାସହ ମଧୁସୁଦନପାଲିର ବୁଇ ସାଗରଙ୍କ ଘରେ ଚଢ଼ାଉ କରି ୮ଲିଟର ଦେଶୀ ରନ୍ଧାମଦ ଏବଂ ଝିରପାଣି ର ବୁଧୁଆ ଲାକ୍ରାଙ୍କ ଘରୁ ୧୨ଲିଟର ଦେଶୀ ରନ୍ଧାମଦ ଜବତ କରିଛି। ଏହି ଘଟଣାରେ ଅବକାରୀ ପୋଲିସ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରିବା ସହ ଏକ ମାମଲା ରୁଜୁ କରି କୋର୍ଟଚାଲାଣ କରିଛି।



ମହା ସହ ୩ ଅଭିଯୁକ୍ତ।

# ବିଜ୍ଞାନମେଳା ଓ ହସ୍ତଶିଳ୍ପ ପ୍ରଦର୍ଶନୀ

ରାଉରକେଲା ଅଫିସ, ୨୧।୯

ରାଉରକେଲା ସହରର ସେକ୍ଟର-୧ରେ ଥିବା ନୀଳମାଧବ ବିଦ୍ୟାମନ୍ଦିର ପରିସରରେ ଶନିବାର ବିଜ୍ଞାନ ମେଳା ଓ ହସ୍ତଶିଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଦାନ ଶିକ୍ଷକ ବିଜୟାନନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବିଜ୍ଞାନମୋଳରେ ଡିଏଭି ଉଚ୍ଚ ବିଦ୍ୟାଳୟର ଶିକ୍ଷକ ରସାନନ୍ଦ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ଛାତ୍ରୀଛାତ୍ରଙ୍କ ବିଜ୍ଞାନ ପ୍ରତି ଆଗ୍ରହ ଦେଖି ପ୍ରଶଂସା କରିଥିଲେ। ପ୍ରଗତି ବିଦ୍ୟାମନ୍ଦିର ଜଗଦାର ବିଜ୍ଞାନ ଶିକ୍ଷକ ଅରବିନ୍ଦ ପାତ୍ର ବିଚାରକ ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବୈଜ୍ଞାନିକ ଚିନ୍ତାଧାରାରେ ଅନୁଶାସିତ ହେବା ଓ ମାନବ ସମାଜର କଲ୍ୟାଣରେ ବିଜ୍ଞାନ ବ୍ୟବହାର ଉପରେ ପରାମର୍ଶ ଦେବା ସହ ପ୍ରକଳ୍ପ ଗୁଡ଼ିକର ମୁଲ୍ୟାଙ୍କନ କରିଥିଲେ। ଶିକ୍ଷକ ରୁଦ୍ରନାରାୟଣ ବେହୁରିଆ, ଶିକ୍ଷୟିତ୍ରୀ ସୁସ୍ମିତା ଭୁୟାଁ, କଳ୍ପନା ସ୍ୱାଇଁ, ପ୍ରିୟଙ୍କା ଦାସ, ମୋହିନୀ ଜେନା, ସବିତା ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ମାନେ ୫୪ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏହାସହ ପ୍ରମୋଦିନୀ ମହାନ୍ତି, ମେରୀ ସାହୁ, ସୁଜାତା ଦାସ, ମିନାକ୍ଷୀ ଦେଙ୍କ ତତ୍ତ୍ୱାବଧାନରେ ୪୦ଟି ହସ୍ତଶିଳ୍ପ ପ୍ରଦର୍ଶନ କରାଯାଇଥିଲା।



ନୀଳମାଧବ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ବିଜ୍ଞାନମେଳାରେ ବିଚାରକ ମାନେ ଛାତ୍ରୀଛାତ୍ରଙ୍କ ପ୍ରକଳ୍ପ ଦେଖୁଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TCF FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
7055758337
7298510676

BUSINESS

DEALER WANTED
At all major locations across Odisha for :-
FASTBUILD AAC BLOCKS
Mail : dealership. fastbuild@gmail.com
Mob : 9073678360

FINANCE

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ। ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

EDUCATION

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦରେ ଦିଆଯାଉଛି। ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ। ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

KUBER FINANCE
Kuber ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ। ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8146524009
8146359004

HINDUSTAN TOWER
ନାମ ନୁହେଁ କାମ କହିଥାଏ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ ୨0 ଲକ୍ଷ, ଭଡ଼ା 60,000 + ବାଇକ୍। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Reg. No. - U6519TN198PLC00855)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ। 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP

ଋଣ ଧମାକା
ଋଣ ପାଇବା ହେଲା ସହଜ
ଦୁଇ ଘଣ୍ଟାରେ ଗୃହ ଋଣ, ବ୍ୟବସାୟ, କୁକୁଡ଼ା ପାଳନ, ପଶୁପାଳନ ଋଣ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ। ସୁଧ 1% ବାର୍ଷିକ।
ଯୋଗାଯୋଗ କରନ୍ତୁ
7079574972
7491845997
toofanfinance.in
New Ashok Nagar, East Delhi, Delhi

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।
- ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ



### ଟଙ୍କିକିଆ ଚାଉଳରେ ଅନିୟମିତତା

ହେମଗିର, ୨୧।୯ (ଡି.ଏନ.ଏ)- ସରକାର ଗରିବ ଲୋକଙ୍କୁ ଟଙ୍କାକିଆ ଚାଉଳ ଯୋଜନାରେ ଉତ୍ତମମାନର ଚାଉଳ ଯୋଗାଇଥିବା ବେଳେ ସେମାନଙ୍କୁ ପୋକରା, ଖରାପ ଚାଉଳ ମିଳୁଥିବାର ଦୃଶ୍ୟ ସାମନାକୁ ଆସିଛି। ଏପରି ଏକ ଘଟଣା ଦେଖିବାକୁ ମିଳିଛି ହେମଗିର ବ୍ଲକର ଟପରିଆ ପଞ୍ଚାୟତରେ। ସେଠାରେ ପଞ୍ଚାୟତ ତରଫରୁ ହିତାଧିକାରୀଙ୍କୁ ପାଣିରେ ଭିଜି ଫିମ୍ପି ମାରିଥିବା ଚାଉଳ ବସ୍ତା ଢ଼ାଳି ସେଥିରୁ କିଛି ଲୋକଙ୍କୁ ଦିଆଯାଉଥିଲା। ଲୋକେ ତାକୁ ପ୍ରତିବାଦ କଲେ ଆମେ କଣ ଘରୁ ଆଣି ଦେବୁ ବୋଲି ଉତ୍ତର ମିଳୁଥିଲା । ସରକାର କୋଟି କୋଟି ଟଙ୍କା ସବସିଡି ଦେଇ ଲୋକଙ୍କୁ ଏକ ଟଙ୍କାରେ କେଜିଏ ଚାଉଳ ଯୋଗାଉଛନ୍ତି। କିନ୍ତୁ ଏଥିରେ ସମ୍ପୃକ୍ତ ଠିକାଦାର, କିଛି ନ୍ୟସ୍ତସ୍ୱାର୍ଥ ଅଧିକାରୀ ଯୋଗ ଜବରଦସ୍ତ ଲୋକଙ୍କୁ ଦେଉଥିବା ଅଭିଯୋଗ ହେଉଛି। ଏନେଇ ଟପରିଆ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ (ଇଓ) ସଂଗ୍ରାମ ସିଂଙ୍କୁ ପଚାରିବାରୁ ସେ ଚାଉଳ ବସ୍ତା ଭିଜି ଯାଇଛି। ଆମେ ଲୋକଙ୍କୁ ସେଥିରୁ ଦେଉଛୁ କହିଥିଲେ। ଏନେଇ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଲୋକଙ୍କ କହିବା ଅନୁଯାୟୀ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ଓ ଠିକ ଭାବେ ପଞ୍ଚାୟତରେ ରହୁ ନ ଥିବାରୁ ଚାଉଳ, ଗହମ, କିରୋସିନ ଠିକ ଭାବରେ ଓ ଉତ୍ତମମାନର ମିଳିପାରୁ ନାହିଁ । ତେଣୁ ସରକାର ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି ।

ଆଦିବାସୀ ମହିଳା କର୍ମଚାରୀଙ୍କୁ ନିର୍ଯାତନା ଘଟଣା

# ଚାପ ପରେ କାର୍ଯ୍ୟାନୁଷ୍ଠାନ

ରାଜଗାଙ୍ଗପୁର, ୨୧।୯ (ଡି.ଏନ.ଏ)

**ସରବତୀ ଦେବୀ ମହିଳା ମହାବିଦ୍ୟାଳୟ**

- **ଦୁଇ ଅଭିଯୁକ୍ତଙ୍କ ବିରୋଧରେ ଏଟ୍ରୋସିଟି ଧାରା ଲଗାଇଲା ପୋଲିସ**
- **ଅଧ୍ୟାପକ, ଆକାଉଣ୍ଟାଣ୍ଟ ନିଲମ୍ବିତ, ଅଧ୍ୟକ୍ଷଙ୍କ ବଦଳି କଲା ପ୍ରଶାସନ**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରସ୍ଥିତ ସରବତୀ ଦେବୀ ମହିଳା ମହାବିଦ୍ୟାଳୟରେ ଜନୈକା ଆଦିବାସୀ ମହିଳା କର୍ମଚାରୀଙ୍କୁ ଶାରୀରିକ, ମାନସିକ ନିର୍ଯାତନା ଦିଆଯାଇଥିବା ନେଇ ରାଜଗାଙ୍ଗପୁର ଥାନାରେ ଅଭିଯୋଗ ହୋଇଥିଲା। ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପୋଲିସ ଅବହେଳା କରିଥିଲା। ବିଭିନ୍ନ ଆଡୁ ଚାପ ପଡ଼ିବା ପରେ ପୋଲିସ ଦୁଇ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ୩୫୧, ୩୨୩, ୨୯୪, ୩୪ ଓ ଏଟ୍ରୋସିଟି ଦଫା ଲଗାଇ ମାମଲା ରୁଜୁ କରିଛି। ଦୁଇ ଅଭିଯୁକ୍ତ ମହାବିଦ୍ୟାଳୟର ଅଧ୍ୟାପକ ସପନ ପଣ୍ଡା, ଆକାଉଣ୍ଟାଣ୍ଟ ପାନୁ ପାଇକରାୟଙ୍କୁ ନିଲମ୍ବିତ କରାଯାଇଛି। ଅଧ୍ୟକ୍ଷଙ୍କୁ ବଦଳି କରାଯାଇଥିବା ଜଣାପଡିଛି। ପ୍ରକାଶ ଯେ, ମହିଳା ବିଦ୍ୟାଳୟରେ କାର୍ଯ୍ୟରତ ଜନୈକା ଚତୁର୍ଥ ଶ୍ରେଣୀ ମହିଳା କର୍ମଚାରୀଙ୍କୁ ବହୁ ଦିନରୁ ଅଧ୍ୟାପକ ଓ ଆକାଉଣ୍ଟାଣ୍ଟ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହିତ ଶାରୀରିକ ସମ୍ପର୍କ ପାଇଁ ଚାପ ପ୍ରୟୋଗ କରିଆସୁଥିଲେ। ଏ ସମ୍ପର୍କରେ ମହିଳା କର୍ମଚାରୀ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ମୌଖିକ ଅଭିଯୋଗ କରିଥିଲେ। ହେଲେ ସେ କୌଣସି ପଦକ୍ଷେପ ନେଉ ନ ଥିଲେ। ଓଲଟା ଅଭିଯୋଗକାରୀ ମହିଳାଙ୍କୁ ଧମକ ଚମକ ଦେଇ ଆସୁଥିଲେ। ମହିଳା କର୍ମଚାରୀଙ୍କ ଉପରେ ଅତ୍ୟାଚାର ସୀମା ଟପିବା ପରେ ସେ ସୁନ୍ଦରଗଡ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଘଟଣାକୁ ଚପାଇ ଦେବା ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରୟାସ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଏହି ଘଟଣାକୁ ଚପାଇ ଦେବା ପାଇଁ ଘଟଣାକୁ ଲୋକଲୋଚନକୁ ଆଣିଥିବା କେତେକ ଗଣମାଧ୍ୟମ ପ୍ରତିନିଧିଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଏସ୍‌ପିଙ୍କ ପାଖରେ ଅଭିଯୋଗ କଲା ପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ୨୦ ତାରିଖରେ ମହିଳା ଜଣଙ୍କ ରାଜଗାଙ୍ଗପୁର ଭାଜପା ମହିଳା ମୋର୍ଚ୍ଚା କର୍ମକର୍ତ୍ତାଙ୍କ ସହାୟତାରେ ପୁଣି ରାଜଗାଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ରାଜଗାଙ୍ଗପୁର ଥାନା ଅଧିକାରୀ ଗୋକୁଳାନନ୍ଦ ସାହୁ ଅଭିଯୁକ୍ତ ପାନୁ ଓ ସପନଙ୍କ ନାମରେ ଏକ ମାମଲା (ନଂ. ୨୬୬।୨୦୧୯) ରୁଜୁ କରିଛି। ଏଥି ସହିତ ଜିଲାପ୍ରଶାସନ ପକ୍ଷରୁ ଆକାଉଣ୍ଟାଣ୍ଟ ପାନୁ ପାଇକରାୟ ଓ ଅଧ୍ୟାପକ ସପନ ପଣ୍ଡାଙ୍କୁ ନିଲମ୍ବିତ କରିବା ସହିତ ଅଧ୍ୟକ୍ଷଙ୍କୁ ଅନ୍ୟତ୍ର ବଦଳି କରିଥିବା ଜଣାପଡିଛି। କେତେକ ଗଣମାଧ୍ୟମ ପ୍ରତିନିଧି ଏହି ଘଟଣାକୁ ଲୋକଲୋଚନକୁ ଆଣିଥିବା ବେଳେ ସେମାନଙ୍କ ବିରୋଧରେ ଅଧ୍ୟକ୍ଷ କରିଥିବା ମିଥ୍ୟା ଅଭିଯୋଗକୁ ସାଧାରଣରେ ନାପସନ୍ଦ କରାଯାଇଛି। ଗଣମାଧ୍ୟମ ପ୍ରତିନିଧିଙ୍କ ବିରୋଧରେ ହୋଇଥିବା ଅଭିଯୋଗର ସରଜମିନ ତଦନ୍ତ କରିବା ପାଇଁ ଦାବି ହୋଇଛି।



ମହିଳାଙ୍କ ସମେତ ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

# ରାସ୍ତା ମରାମତି ଦାବିରେ ମହିଳାଙ୍କ ରାସ୍ତା ଅବରୋଧ

ଲହୁଣୀପଡା, ୨୧।୯ (ଡି.ଏନ.ଏ)

ଲହୁଣୀପଡା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ଗୁଡ଼ିଆଲି ଛକରେ ଶନିବାର ଅପରାହ୍ନରେ ରାସ୍ତା ମରାମତି ଏବଂ ଧୂଳି ନ ଉଡିବା ପାଇଁ ପାଣି ପକାଇବା ଦାବିରେ ଗ୍ରାମର ମହିଳାମାନେ ରାସ୍ତା ଅବରୋଧ କରିଥିଲେ। ଫଳରେ ପ୍ରଶାସନ ପହଞ୍ଚି ପାଣି ପକାଇବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ଲହୁଣୀପଡାଠାରୁ ରାଜାମୁଣ୍ଡା ବାଇପାସ ପର୍ଯ୍ୟନ୍ତ ଗୋଟିଏ ରାସ୍ତା ଯାହାକି ହଜାର ହଜାର ଗାଡି ଦୈନିକ ଯାତାୟତ କରିଥାନ୍ତି। କୋଇଡା ଖଣି ଅଞ୍ଚଳରୁ ଲୁହାପଥର ବୋଝେଇ କରି ଏବଂ ବୋଝେଇ ପାଇଁ ଯାଉଥିବା ଗାଡିଗୁଡିକ ଭାୟା କାଲଟା କିମ୍ବା ବରସୁଆଁ ଦେଇ ଯିବା ଆସିବା କରୁଥିଲେ ମଧ୍ୟ ଲହଣୀପଡାଠାରେ ପହଞ୍ଚି ଥାନ୍ତି ଏବଂ ରାଜାମୁଣ୍ଡା ବାଇପାସ ପର୍ଯ୍ୟନ୍ତ ଦୈନିକ ହଜାର ହଜାର ଗାଡି ଚଳପ୍ରଚଳ କରିଥାନ୍ତି । ଫଳରେ ଲହଣୀପଡାଠାରୁ ରାଜାମୁଣ୍ଡା ରାସ୍ତାଟି ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ସ୍ଥାନୀୟ ଲୋକମାନେ ଏହାର ପ୍ରତିବାଦରେ ତଥା ରାସ୍ତା ମରାମତି କରିବା ପର୍ଯ୍ୟନ୍ତ ପାଣି ପକାଇବା ଏବଂ ଦ୍ରୁତଗତିରେ ଗାଡି ଚାଳନାକୁ ନିୟନ୍ତ୍ରଣ କରିବା ପାଇଁ ଗୁଡ଼ିଆଲି ମହିଳାମାନେ ଥାନାରେ ଏବଂ ରାଜାମୁଣ୍ଡା ଦୋକାନୀମାନେ ରାଜାମୁଣ୍ଡା ସରପଞ୍ଚଙ୍କୁ ଅଭିଯୋଗକରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଫଳରେ ଲୋକଙ୍କ ମନରେ ଅସନ୍ତୋଷ ଦେଖାଦେଇଥିଲା। ଯାହାକି ଶନିବାର ଅପରାହ୍ନରେ ମହିଳାମାନେ ଗୁଡ଼ିଆଲି ଛକରେ ରାସ୍ତା ଅବରୋଧ କରି ବସିଥିଲେ। ଲହୁଣୀପଡା ଥାନା ଅଧିକାରୀ ଲକ୍ଷ୍ମୀନାରାୟଣ ମାରାଣ୍ଡି, ତହସିଲଦାର ଆଲୋକ କୁମାର ଦେହୁରୀ, ଅତିରିକ୍ତ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ରାସ୍ତା ମରାମତି ହେବା ପର୍ଯ୍ୟନ୍ତ ନିୟମିତ ପାଣି ପକାଇବା, ଗାଡିଗୁଡିକର ଗତି ନିୟନ୍ତ୍ରଣ କରିବା ପାଇଁ ସ୍ପିଡ ବ୍ରେକର ବ୍ୟବସ୍ଥା କରାଯିବାର ପ୍ରତିଶ୍ରୁତି ପାଇବାରୁ ଏବଂ ପାଣି ପଡିବାରୁ ଲୋକମାନେ ଆନ୍ଦୋଳନରୁ ପ୍ରତ୍ୟାହାର କରିଥିଲେ ।

# ଜିଲା ଫୁଟବଲ ଚାମ୍ପିୟନଶିପ ୧୪ତମ ଦିବସ

ସୁନ୍ଦରଗଡ଼, ୨୧।୯ (ଡି.ଏନ୍.ଏ)

ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଚାଲିଥିବା ଜିଲା ଫୁଟବଲ ଚାମ୍ପିୟନଶିପ୍‌ର ୧୪ତମ ଦିବସରେ ସ୍ଥାନୀୟ ବିଧାୟିକା କୁସୁମ ଟେଟେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ପ୍ରଥମ ମ୍ୟାଚ୍ ଗୋପବନ୍ଧୁ କ୍ଲବ ଗାଇଯୋର ସହିତ ଆକ୍ସନ କ୍ଲବ ସୁନ୍ଦରଗଡ ମଧ୍ୟରେ କ୍ୱାଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପେନାଲିଟୀ ସୁଟ ଆଉଟ ମାଧ୍ୟମରେ ଆକ୍ସନ କ୍ଲବ ସୁନ୍ଦରଗଡ ୪-୨ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଏସଟି କ୍ଲବ ଟାଙ୍ଗରମୁଣ୍ଡା ସହିତ ନିଉ ଜେନେରେସନ କ୍ଲବ କିଞ୍ଜିରିକେଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସଟି କ୍ଲବ ଦଳ ୩-୧ ଗୋଲରେ କିଞ୍ଜିରିକେଲାକୁ ପରାସ୍ତ କରି କ୍ୱାଟର ଫାଇନାଲକୁ ଉନ୍ନୀତ ହୋଇଛି।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

# ଦନ୍ତାହାତୀ ଘରଭାଙ୍ଗିଲେ, ଧାନ ଖାଇଲେ

ଲହୁଣୀପଡା, ୨୧।୯ (ଡି.ଏନ.ଏ)

ଲହୁଣୀପଡା ବ୍ଲକ ଅନ୍ତର୍ଗତ ବଡପୁରୁଣାପାଣି ପଞ୍ଚାୟତ ଓ ଦର୍ଜିଂ ପଞ୍ଚାୟତର କେତେକ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଦୁଇଟି ଦନ୍ତାହାତୀ ଉପଦ୍ରବ କରିଥିଲେ। ଲୋକମାନେ ଆତଙ୍କିତ ଅବସ୍ଥାରେ ଥିବା ବେଳେ ଲୋକଙ୍କର ଘର ଭାଙ୍ଗିବା ସହିତ ଧାନ ଚାଉଳଖାଇ ନଷ୍ଟ କରିଦେଇଥିବା ଜଣାଯାଇଛି। ଘରର ବାସନକୁସନଗୁଡିକୁ ମାଡିଦଳି ନଷ୍ଟ କରି ଦେଇଛନ୍ତି। ଲୋକମାନେ ଭୟଭୀତ ହୋଇ ରାତି ଅନିଦ୍ରା ହୋଇଥିବା ବେଳେ ବନ କର୍ମଚାରୀ ଓ ଭିଏସଏସ ସଦସ୍ୟମାନେ ହାତୀଙ୍କୁ ଘଉଡାଇବା ପାଇଁ ନାକେଦମ ହୋଇଥିବା ଜଣାଯାଇଛି।



ହାତୀ ନଷ୍ଟ କରିଥିବା ଫସଲ।

# ବିଭିନ୍ନ ପ୍ରସଙ୍ଗ ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲା ନାଗରିକ କମିଟି

ସୁନ୍ଦରଗଡ଼, ୨୧।୯ (ଡି.ଏନ୍.ଏ)

ପଞ୍ଚାୟତିରାଜ, ଆଇନ୍, ନଗର ଉନ୍ନୟନ, ଜଳ ଯୋଗାଣ ବିଭାଗ ମନ୍ତ୍ରୀ ପ୍ରତାପ ଜେନାଙ୍କ ସୁନ୍ଦରଗଡ ଗସ୍ତ ଅବସରରେ ଶନିବାର ସ୍ଥାନୀୟ ନାଗରିକ କମିଟିର ଏକ ପ୍ରତିନିଧି ମଣ୍ଡଳୀ ସାର୍କିଟ ହାଉସ ଠାରେ ତାଙ୍କୁ ସାକ୍ଷାତ କରିଥିଲେ। ମନ୍ତ୍ରୀ ଜେନା ପ୍ରଗତି ମଣ୍ଡପରେ ହୋଇଥିବା ସମୀକ୍ଷା ବୈଠକକୁ ନାଗରିକ କମିଟିର ସଦସ୍ୟ ମାନଙ୍କୁ ଡାକି ସମସ୍ତ ଜିଲାସ୍ତରୀୟ ଅଧିକାରୀଙ୍କ ଉପସ୍ଥିତିରେ କମିଟିର ସଦସ୍ୟଙ୍କ ଠାରୁ ବିଭିନ୍ନ ପ୍ରସଙ୍ଗ ଶୁଣି ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପରେ ସେଠାରେ ଉପସ୍ଥିତ ଥିବା ଜିଲାପାଳ ଓ ବିଧାୟକଙ୍କ ସମ୍ମୁଖରେ ଉପସ୍ଥିତ ଥିବା ସରକାରୀ ଅଧିକାରୀଙ୍କ ସହିତ ସମସ୍ତ ବିଷୟରେ ଆଲୋଚନା କରିଥିଲେ। ନାଗରିକ କମିଟିର ସଭାପତି ଅଶୋକ କୁମାର ଦାଶ ଦାବିପତ୍ର ପ୍ରଦାନ କରିବା ସହ ନାଗରିକ କମିଟିକୁ ଆଲୋଚନା ପାଇଁ ଡାକିଥିବାରୁ ଧନ୍ୟବାଦ ଦେଇଥିଲେ। ଦୀର୍ଘଦିନର ଏକ ପ୍ରମୁଖ ତଥା ନ୍ୟାର୍ଯ୍ୟ ଦାବି ମଧ୍ୟରେ ସୁନ୍ଦରଗଡ ଜିଲା ସଦର ମହକୁମା ହୋଇଥିବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ସୁନ୍ଦରଗଡ ଉନ୍ନୟନ ପ୍ରାଧିକରଣ ଗଠନ ହୋଇପାରିନାହିଁ। ଏପର୍ଯ୍ୟନ୍ତ ଏହା ରାଉରକେଲା ଉନ୍ନୟନ ପ୍ରାଧିକରଣ ଅଧୀନରେ ରହିଛି। ରାଉରକେଲା ଉନ୍ନୟନ ପ୍ରାଧିକରଣ ଏଠାରୁ ବହୁତ ଫାଇଦା ନେଉଥିବା ସ୍ଥଳେ ଏଠାକାର ଉନ୍ନୟନପ୍ରତି ଆଖିଦୃଶିଆ ଧ୍ୟାନ ଦେଉନାହାନ୍ତି। ଅନ୍ୟ ଏକ ପ୍ରମୁଖ ସମସ୍ୟା ଖରାଦିନେ ସହରବାସୀ କିଭଳି ଭୟଙ୍କର ଜଳକଷ୍ଟର ଶିକାର ହୋଇଥାଆନ୍ତି ସେ ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ମନ୍ତ୍ରୀ ଜିଲାପାଳଙ୍କ ସହିତ ଆଲୋଚନାକରି ଇବ ନଦୀର କୋପସିଂହା ଠାରେ ଖୁବ୍‌ଶୀଘ୍ର ଏକ ବ୍ୟାରେଜ ନିର୍ମାଣ କରିବାର ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ସହର ମଧ୍ୟରେ ବର୍ତ୍ତମାନ ପାନୀୟଜଳ ଯୋଗାଣ ପାଇଁ ବିଛା ହେଉଥିବା ପାଇପ୍ କାର୍ଯ୍ୟ କରୁଥିବା ଠିକାସଂସ୍ଥା ବିଭିନ୍ନ ସ୍ଥାନରେ ରାସ୍ତାକୁ ଖୋଳିଦେଇ ମାସ ମାସ ଖାଲଖମା ଗୁଡିକ ପୋତୁ ନ ଥିବାରୁ ବିଭିନ୍ନ ସମୟରେ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ମନ୍ତ୍ରୀ ସବୁ ବିଷୟରେ ପୌର ଅଧିକାରୀ ଓ ଜିଲାପାଳଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ନାଗରିକ କମିଟିର କାର୍ଯ୍ୟକାରୀ ସଭାପତି ସିଦ୍ଧାନ୍ତ କୁମାର ପଣ୍ଡା, ସମ୍ପାଦକ ଧର୍ମେଶ ପଟେଲ, ଉପସଭାପତି ହରଜେନ୍ଦ୍ର ସିଂ, ଅମିତାଭ ଯୋଶୀ, ବେଣୁମାଧବ ତ୍ରିପାଠୀ, ନୀଳମାଧବ ସାହାଣୀ, ସୁମନ୍ତ ପଣ୍ଡା, ସୁରେନ୍ଦ୍ର ସ୍ୱର୍ଣ୍ଣକାର, ଡା. ନାରାୟଣ ନାଏକ, ପ୍ରଦୀପ ସିଂ, କାଳୀପଦ ସାମଲ, ଟୁନା ସାହୁ, ପ୍ରଣବସିଂ, ଅସୀତ ରାୟ ଓ ଗଣେଶ ନାଏକ, ଅଜିତ ପ୍ରସାଦ, ସୁମନ୍ତ ସାହୁ ପ୍ରମୁଖ ଆଲୋଚନା ବେଳେ ଉପସ୍ଥିତ ଥିଲେ।

# ଡାଲମିଆ ସିମେଣ୍ଟ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ରାଜଗାଙ୍ଗପୁର, ୨୧।୯ (ଡି.ଏନ.ଏ)

ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡର ସାମାଜିକ ଦାୟିତ୍ୱବୋଧ ବିଭାଗ (ସିଏସ୍ଆର) ତରଫରୁ କୁମାରକେଲା ଗ୍ରାମ ପରିସରରେ ଏକ ସାମୂହିକ ବୃକ୍ଷରୋପଣ ଅନୁଷ୍ଠିତ ହୋଇଥିଲା। ଏଥିରେ ୨ହଜାର ବୃକ୍ଷରୋପଣ କରାଯାଇଥି। ଚଳିତ ଆର୍ଥିକ ବର୍ଷରେ ଡାଲମିଆ ସିମେଣ୍ଟ ୨୫ ହଜାର ବୃକ୍ଷରୋପଣ କରିବାର ଯୋଜନା ରଖିଥିବା ବେଳେ କମ୍ପାନୀ ତରଫରୁ ଅଦ୍ୟାବଧି ୨୯ ହଜାର ଚାରା ରୋପଣ କରାଯାଇ ସାରିଲାଣି। ଏହି କାର୍ଯ୍ୟକ୍ରମରେ ଡାଲମିଆ ସିମେଣ୍ଟ ଭାରତ ଲିମିଟେଡର ପୂର୍ବାଞ୍ଚଳ ଉତ୍ପାଦନ ମୁଖ୍ୟ ସୁନୀଲ କୁମାର ଗୁପ୍ତା, ରାଜଗାଙ୍ଗପୁର କାରଖାନା ମୁଖ୍ୟ ଲୋକେଶ କୁମାର ବାହେତି, ସାମାଜିକ ଦାୟୀତ୍ୱବୋଧ ବିଭାଗର ସିନିରୟ ଜିଏମ ଡ. ନୀଳାଦ୍ରି ପାଢ଼ୀ, ସଙ୍ଗମ ମହିଳା ମଣ୍ଡଳର ସଭାନେତ୍ରୀ ସୁନିତା ଗୁପ୍ତା ଏବଂ ବିଭିନ୍ନ ବିଭାଗର କର୍ମଚାରୀ ବୃନ୍ଦ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ଏହି ଅବସରରେ ଗ୍ରାମବାସୀଙ୍କୁ ବୃକ୍ଷର ଉପକାରିତା ତଥା ପରିବେଶକୁ ପରିଚ୍ଛନ୍ନ ରଖିବାର ଉପାଦେୟତା ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା ।

ଏଥିରେ କୁମାରକେଲା ଗ୍ରାମର ପୂର୍ବତନ କାଉନସିଲର୍ ପଦ୍ମିନୀ ଗାଡତିଆ, ପ୍ରସିଡେଣ୍ଟ ଜଗନ୍ନାଥ ମନ୍ଦିର କମିଟି ବୃନ୍ଦାବନ ଗାଡତିଅ,୧୦୦ରୁ ଅଧିକ ଗ୍ରାମବାସୀ, କୁମାର କେଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମିଶ୍ର, ଛାତ୍ରୀଛାତ୍ର, ଏସଏଚଜି ଗ୍ରୁପର ମହିଳାମାନେ ଏବଂ ସଙ୍ଗମ ମହିଳା ମଣ୍ଡଳର ସଦସ୍ୟାମାନେ ଉପସ୍ଥିତ ଥିଲେ । ଡାଲମିଆ ସିମେଣ୍ଟ ସିଏସଆର ବିଭାଗର ଶିବ ନାରାୟଣ ପରିଜା ଏବଂ କୁମାରକେଲା ଗ୍ରାମବାସୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା ।



ସଙ୍ଗମ ମହିଳା ମଣ୍ଡଳର ସଦସ୍ୟାମାନଙ୍କ ଉପସ୍ଥିତିରେ ବୃକ୍ଷରୋପଣ କରାଯାଉଛି।

# ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ

ସୁନ୍ଦରଗଡ, ୨୧।୯ (ଡି.ଏନ୍.ଏ)



ପ୍ରଗତି ମଣ୍ଡପଠାରେ ସମୀକ୍ଷା ବୈଠକରେ ଯୋଗଦେଇଥିବା ମନ୍ତ୍ରୀଙ୍କ ସହ ଅନ୍ୟମାନେ।

- **ରାଜ୍ୟ ପଞ୍ଚାୟତିରାଜ, ଆଇନ୍, ନଗର ଉନ୍ନୟନ ବିଭାଗ ମନ୍ତ୍ରୀଙ୍କ ସୁନ୍ଦରଗଡ ଗସ୍ତ**
- **ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଭିତ୍ତିପ୍ରସ୍ତର ସ୍ଥାପନ ସହ ସମୀକ୍ଷା ବୈଠକରେ ଯୋଗଦାନ**

୨୦୨୪ ସୁଦ୍ଧା ରାଜ୍ୟର ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ। ସୁନ୍ଦରଗଡ ଜିଲାରେ ସ୍ୱତନ୍ତ୍ର ଭାବେ ନିର୍ଦ୍ଧାରିତ ସମୟ ପୂର୍ବରୁ ଏହି କାର୍ଯ୍ୟ ଶେଷ କରିବା ପାଇଁ ରାଜ୍ୟ ସରକାର ଯୋଜନା କରିଛନ୍ତି ବୋଲି ରାଜ୍ୟ ପଞ୍ଚାୟତିରାଜ, ଆଇନ୍, ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ପ୍ରକାଶ କରିଛନ୍ତି। ମନ୍ତ୍ରୀ ଜେନା ଶନିବାର ୨ଦିନିଆ ସୁନ୍ଦରଗଡ ଜିଲା ଗସ୍ତରେ ଆସି ଏଠାରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅପରାହ୍ନରେ ସ୍ଥାନୀୟ ପ୍ରଗତି ମଣ୍ଡପଠାରେ ଏକ ଉଚ୍ଚତର ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ପଞ୍ଚାୟତିରାଜ, ନଗର ଉନ୍ନୟନ ଓ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଜିଲାର ୧୭ଟି ବ୍ଲକ ଓ ସୁନ୍ଦରଗଡ, ରାଜଗାଙ୍ଗପୁର, ବୀରମିତ୍ରପୁର ୩ଟି ପୌରପାଳିକା ସମେତ ରାଉରକେଲା ମହାନଗର ନିଗମରେ ଜନସାଧାରଣଙ୍କୁ ଅଗ୍ରାଧିକାର ଭିତ୍ତିରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ଜିଲାର ଅପହଞ୍ଚ ଇଲାକାରେ କିଭଳି ଜଳଯୋଗାଣ ବ୍ୟବସ୍ଥା ହେଉଛି ସେ ସମ୍ପର୍କରେ ମନ୍ତ୍ରୀ ବିଭାଗୀୟ ନିର୍ବାହୀ ଯନ୍ତ୍ରୀମାନଙ୍କ ଠାରୁ ସବିଶେଷ ତଥ୍ୟ ଜାଣିବାକୁ ଚାହିଁଥିଲେ। ଜିଲାରେ ସୌରପ୍ରକଳ୍ପ ମାଧ୍ୟମରେ ସ୍ଥାପିତ ପାନୀୟ ଜଳ ଯୋଗାଣ ପ୍ରକଳ୍ପଗୁଡିକ ଠିକ୍ ଭାବେ କାର୍ଯ୍ୟକ୍ଷମ ହେଉ ନ ଥିବା ନେଇ ମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିଥିଲେ। ରାଜ୍ୟ ସରକାରଙ୍କ ମେଗା ପାନୀୟ ଜଳ ପ୍ରକଳ୍ପ ବର୍ତ୍ତମାନ ସୁଦ୍ଧା ଜିଲାର ରାଜଗାଙ୍ଗପୁର ଓ କୁତ୍ରା ବ୍ଲକରେ ଆରମ୍ଭ ହୋଇ ନଥିବା ନେଇ ବୈଠକରେ ରାଜଗାଙ୍ଗପୁରର ପୂର୍ବତନ ବିଧାୟକ ମଙ୍ଗଳା କିଷାନ ଅଭିଯୋଗ କରିଥିଲେ । ହେଲେ ଏହି ୨ଟି ବ୍ଲକରେ ଜମି ବିବାଦ ଯୋଗୁ ଏହି ପ୍ରକଳ୍ପ କାର୍ଯ୍ୟ ଅଟକି ଥିବା ଓ ଖୁବଶୀଘ୍ର ଏହାର ସମାଧାନ ହେବା ପରେ ସେଠାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ ବୋଲି ସମ୍ପୃକ୍ତ ବିଭାଗ ପକ୍ଷରୁ କୁହାଯାଇଥିଲା। ସେହିପରି ଖଣି ପ୍ରଭାବିତ ୮ଟି ବ୍ଲକରେ ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ କହିଥିଲେ। ଜିଲାରେ ନଳକୂପ ଜରିଆରେ ଅପହଞ୍ଚ ଇଲାକାରେ ପାନୀୟ ଜଳ ବ୍ୟବସ୍ଥା ମଧ୍ୟ ନିଅଣ୍ଟିଆ ହୋଇଥିବାରୁ ଅଧିକ ନଳକୂପ ଖନନ ନେଇ ଜିଲା ପରିଷଦ ସଭାପତି ଏମା ଏକ୍କା ଦାବି କରିଥିଲେ । ବିଜୁ ପକ୍କା ଘର ଓ ଆବାସ ଯୋଜନାରେ ହିତାଧିକାରୀମାନଙ୍କୁ କିଭଳି ଘର ଯୋଗାଇ ଦିଆଯିବ ସେ ସମ୍ପର୍କରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ଭୂମିହୀନ ଓ ବସ୍ତି ବାସିନ୍ଦାଙ୍କ ଥଇଥାନ, ଜଳ ଯୋଗାଣ ସମସ୍ୟାର ସମାଧାନ ପାଇଁ ଥିବା ସରକାରୀ ଯୋଜନା ଗୁଡିକର କାର୍ଯ୍ୟକାରିତା ଦିଗରେ ବିଭାଗର ଅଧିକାରୀମାନେ ଗୁରୁତ୍ୱ ଦେଇ କାର୍ଯ୍ୟକରିବାକୁ ଆହ୍ୱାନ ଦେଇଥିଲେ। ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ ଟପ୍ପୋ ସୁନ୍ଦରଗଡ ସହରରେ ଇବ ନଦୀରେ ରିଙ୍ଗ ରୋଡ କାର୍ଯ୍ୟ, ଜିଲାର ଗ୍ରାମାଞ୍ଚଳ ଓ ସହରାଞ୍ଚରେ ପାନୀୟ ଜଳ ବ୍ୟବସ୍ଥା, ଉଠା ବ୍ୟବସାୟୀଙ୍କ ଥଇଥାନ ଆଦି ପାଇଁ ଦାବି କରିଥିଲେ । ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ବର୍ଷା ଓ ହାତୀ ଉପଦ୍ରବ ଯୋଗୁ ଘରଦ୍ୱାର ଭାଙ୍ଗୁଥିବା ,ଗରିବ ,ଅସହାୟ ଲୋକମାନଙ୍କୁ ବାସଗୃହ ଯୋଗାଇ ଦେବା ପାଇଁ ଦାବି କରିଥିଲେ । ତଳସରା ବିଧାୟକ ଭବାନୀ ଭୋଇ ତଳସରା ନିର୍ବାଚନ ମଣ୍ଡଳୀରେ ଗ୍ରାମ୍ୟ ଜଳ ଯୋଗାଣ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଥିବା ନେଇ ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ, ରାଜଗାଙ୍ଗପୁର ବିଧାୟକ ଡ. ରାଜେନ ଏକ୍କା, ଜିଲାପାଳ ନିଖିଲ ପବନ କଲ୍ୟାଣ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧ୍ୟକ୍ଷ, ସନ୍ତୋଷ ଅମାତ, ଷ୍ଟିଫେନ ସୋରେଙ୍ଗ, ଟାଙ୍ଗରପାଲି ବ୍ଲକ ଅଧ୍ୟକ୍ଷ ଜଟିଆ ମୁଣ୍ଡା, ହେମଗିର ବ୍ଲକ ଅଧ୍ୟକ୍ଷା ସୁଧାରାଣୀ ରାଉଡିଆ ମଧ୍ୟ ଉପସ୍ଥିତ ଥିଲେ। ବୈଠକରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ । ସଦର ବ୍ଲକର ଭେଡାବାହାଲ ଓ କିରେଇ ଠାରେ ନବନିର୍ମିତ ମିଶନଶକ୍ତି ଗୃହ, ସୁନ୍ଦରଗଡ ସହର ଶଙ୍କରା ଠାରେ କଲ୍ୟାଣ ଭବନ, ଇବ୍ ନଗରରେ ମିଶନ ଶକ୍ତିଗୃହର ଭିତ୍ତିପ୍ରସ୍ତର, ଲୁହୁରାଢିପା ନୂଆଁ ବସ ଷ୍ଟାଣ୍ଡରେ ବସ୍ ଟର୍ମିନାଲ ଓ କଲ୍ୟାଣମଣ୍ଡପ ନିର୍ମାଣ ନିମନ୍ତେ ଭିତ୍ତି ପ୍ରସ୍ତର ସ୍ଥାପନ ,ବନ୍ଧପାଲିସ୍ଥିତ ଭିନ୍ନକ୍ଷମ ସାର୍ଥକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହର ଉଦଘାଟନ କରିଥିଲେ। ସୁନ୍ଦରଗଡ ବିଜୁ ଜନତା ଦଳ ତରଫରୁ ବରିଷ୍ଠ ନେତା ଜନ୍ମେଜୟ ମହାପାତ୍ର, ହରଜେନ୍ଦ୍ର ସିଂ, ଜୟନାରାୟଣ ତ୍ରିପାଠୀ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ସୁମନ୍ତ ସାହୁ, ରାଜ୍ୟ ଯୁବ ବିଜୁ ଜନତାଦଳର ସାଧାରଣ ସମ୍ପାଦକ ସୁମନ୍ତ କୁମାର ପଣ୍ଡା, ବିଜୁ ଛାତ୍ର ଜନତା ପଶ୍ଚିମାଞ୍ଚଳ ଜୋନ ସଭାପତି ବୈକୁଣ୍ଠ ନାଏକ, ଜିଲା ଆଇନଜୀବୀ ସାମୁଖ୍ୟର ଅଶୋକ କୁମାର ସ୍ୱାଇଁ, ସଦର ବ୍ଲକ ଉପାଧ୍ୟକ୍ଷ ଅଶ୍ୱିନୀ ନାଏକ, ଅମରୀଶ ପଣ୍ଡା ପ୍ରମୁଖ ଦଳୀୟ ନେତୃବୃନ୍ଦ ଓ କର୍ମୀମାନେ ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।